# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୧୯ (୨୦ ପୃଷ୍ଠା) Sambalpur, Friday, September 13 / 2019 ★★

୧୫ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଟେଷ୍ଟ ଦଳରେ ଶୁବମନ ଗିଲ୍

ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଲାଗି ପଞ୍ଜାବ ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ପ୍ରଥମ ଥର ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି।

୧୮

୧୫

## 'ଖାଲି ପିଲି'ରେ ଅନନ୍ୟା ପାଣ୍ଡେ

ଇଶାନ୍ ଓ ଅନନ୍ୟା ପାଣ୍ଡେ ଅଭିନୀତ ଫିଲ୍ମ 'ଖାଲି ପିଲି'ର ଶୁଟିଂ ଆରମ୍ଭ ହୋଇଛି। ଫିଲ୍ମର ସଫଳତା ନେଇ ନିର୍ମାତା ଅଲି ଆବାସ୍ ଜାଫର୍ ବେଶ୍ ଆଶାବାଦୀ।



# ପିଓକେ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ,୧୨।୯(ପି.ଟି./ଆଇଏଏନ୍ଏସ୍)

■ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା

■ ନିର୍ଦ୍ଦେଶ ମିଳିଲେ ଫେରାଇଆଣିବୁ: ସେନାମୁଖ୍ୟ

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)କୁ ଭାରତକୁ ଫେରାଇ ଆଣିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏଥିଲାଗି ଭାରତୀୟ ସେନା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇରହିଛି। ଏନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ସରକାରଙ୍କ ନିଷ୍ପତ୍ତି ମିଳିବା ମାତ୍ରେ ପାକିସ୍ତାନ ପଞ୍ଝାରୁ ପିଓକେକୁ ଛଡ଼ାଇଅଣାଯିବ ବୋଲି ଗୁରୁବାର ସ୍ଥଳ ସେନାମୁଖ୍ୟ ଜେନେରାଲ ବିପିନ୍ ରାୱତ୍ ସ୍ପଷ୍ଟ କରିଛନ୍ତି। ଫଳରେ ପିଓକେ ହାତରୁ ଖସିଯିବା ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ଭୟ ଓ ଆଶଙ୍କା ଏବେ ଦୃଢ଼ୀଭୂତ ହେବାରେ ଲାଗିଛି। ପିଓକେକୁ ଫେରାଇଆଣି ଭାରତର ଅଂଶ ଭାବେ ମାନଚିତ୍ରରେ ସ୍ଥାନିତ କରିବା କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ କାର୍ଯ୍ୟସୂଚୀ ବୋଲି ବୁଧବାର ମୋଦି ସରକାରଙ୍କ ୧୦୦ ଦିନର ସଫଳତା ନେଇ ଗଣମାଧ୍ୟମକୁ ଅବଗତ କରାଇବାବେଳେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ। ଖବରଦାତାଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଗୁରୁବାର ଜେନେରାଲ ରାୱତ୍ କହିଛନ୍ତି, ପିଓକେ ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ସରକାରଙ୍କ ନିର୍ଦ୍ଦେଶକୁ ସଂସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବେ। ସେନା ସବୁ ପ୍ରକାର ପଦକ୍ଷେପ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ସେହିପରି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଜମ୍ମୁ-କଶ୍ମୀରକୁ ଭାରତର ଏକ ରାଜ୍ୟ ଭାବେ ଜାତିସଂଘ ମାନବାଧିକାର ପରିଷଦ ଅଧିବେଶନରେ କହିବା ନେଇ ରାୱତ୍‌ଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିଲା। ରାୱତ୍ କହିଛନ୍ତି, ଏହି ବାସ୍ତବତାକୁ ପାକିସ୍ତାନ ସ୍ୱୀକାର କରିଥିବାରୁ ଆମେ ଖୁସି। ଅନୁଚ୍ଛେଦ ୩୭୦ ହଟାଯିବା ନିଷ୍ପତ୍ତି ଜମ୍ମୁ-କଶ୍ମୀର ହିତରେ ନିଆଯାଇଛି। ସେଠାରେ ଯାହାକିଛି ଚାଲିଛି ସେସବୁ କଶ୍ମୀରୀଙ୍କ ପାଇଁ ବୋଲି ଉପତ୍ୟକାବାସୀ ହୃଦୟଙ୍ଗମ କରିବା ଆବଶ୍ୟକ।

## ଆଜି ପିଓକେ ଯିବେ ଇମ୍ରାନ୍



**ଇସ୍‌ଲାମାବାଦ,୧୨।୯(ପି.ଟି.):** ପିଓକେକୁ ନେଇ ଛାନିଆ ହୋଇଯାଇଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ସେଠାକାର ରାଜଧାନୀ ମୁଜାଫରାବାଦ ଗସ୍ତ କରିବେ। ସେ ସେଠାରେ ସମ୍ବୋଧନ ବେଳେ କଶ୍ମୀର ସମ୍ପର୍କିତ ଏକ 'ନୀତି ବିବୃତି' ଜାରି କରିବେ ବୋଲି ଗୁରୁବାର ଇସ୍‌ଲାମାବାଦ ପକ୍ଷରୁ କୁହାଯାଉଛି। ପାକିସ୍ତାନ ବହିର୍ବ୍ୟାପାର ମୁଖପାତ୍ର ମହମ୍ମଦ ଫୈଜାଲ ଗଣମାଧ୍ୟମକୁ କହିଛନ୍ତି, କଶ୍ମୀର ପ୍ରସଙ୍ଗର ବୈଧତା ଅନ୍ତର୍ଜାତୀୟ ଆଇନ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଏହାର ସମାଧାନ ପାଇଁ ପାକିସ୍ତାନ ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହେଁ। ମଧ୍ୟସ୍ଥତା ପାଇଁ ଭାରତ ପ୍ରସ୍ତୁତ ନୁହେଁ, କିନ୍ତୁ ଆମେ ପ୍ରସ୍ତୁତ। ଆଲୋଚନା ମାଧ୍ୟମରେ ହିଁ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଶୁକ୍ରବାର ମୁଜାଫରାବାଦ ଯାଇ କଶ୍ମୀର ପ୍ରସଙ୍ଗରେ ନୀତି ସ୍ପଷ୍ଟ କରିବେ ବୋଲି କହିଛନ୍ତି। ସେହିପରି କଶ୍ମୀରୀମାନଙ୍କ ଦୁର୍ଦ୍ଦଶାକୁ ବିଶ୍ୱର ସବୁ ମଞ୍ଚରେ ଉଠାଇ ସେମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ ଜାରି ରହିବ। କଶ୍ମୀରୀଙ୍କ ଆତ୍ମନିର୍ଦ୍ଧାରଣ ଅଧିକାର ପାଇଁ ନୈତିକ, ରାଜନୈତିକ ଓ କୂଟନୈତିକ ସମର୍ଥନ ଦେବା ବଜାୟ ରଖାଯିବ ବୋଲି ଜେନେଭାରେ ଶେଷ ହୋଇଥିବା ଜାତିସଂଘ ମାନବାଧିକାର ପରିଷଦ ଅଧିବେଶନରୁ ଫେରିବା ପରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗୁରୁବାର ଇସ୍‌ଲାମାବାଦ ବିମାନବନ୍ଦରରେ କହିଛନ୍ତି।

## ୩୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ



**ସୋରଡା,୧୨।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲା ବଡଗଡ଼ ପୋଲିସ ଗୁରୁବାର ଏକ ବଡଧରଣର ଗଞ୍ଜେଇ ଚୋରାଚାଲାଣ ଉଦ୍ୟମ ପଣ୍ଡ କରିଛି। ଯାଞ୍ଚବେଳେ ୪୦୭ ଟ୍ରକ୍, ପିକ୍‌ଅପ୍, ବୋଲେରୋ ଓ ଏକ କାରରୁ ପାଖାପାଖି ୩୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଅଞ୍ଚଳର ମାନୁଆଲ ମଣ୍ଡଳ, ଜାକବ ମାଝି, ମହେଶ ଗମାଙ୍ଗ, ସିନ୍ଧୁ ଗମାଙ୍ଗ ବୋଲି ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।। ପ୍ରକାଶ ଯେ, ଗୁରୁବାର ଭୋରରେ ବଡଗଡ ଥାନା ଅଞ୍ଚଳଦେଇ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେବ ବୋଲି ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଆକାଶନଗର ଅଞ୍ଚଳରେ ପୋଲିସ ବ୍ଲକିଂ କରି ଯାନବାହନ ଯାଞ୍ଚ ଚଳାଇଥିଲା। ଯାଞ୍ଚବେଳେ ଏକ ୪୦୭ ଟ୍ରକ୍ (ନଂ.ଓଆର୍୦୭ଟି-୦୧୨୫), ଏକ ପିକ୍ ଅପ୍ ଭ୍ୟାନ୍ (ନଂ.ଓଆର୍୦୭ଏନ୍-୦୮୪୯), କାର (ନଂ.ଓଡି୦୭ୱାଇ-୪୧୦୦) ଓ ବୋଲେରୋ (ନଂ-ଓଡି୨୦-୫୮୩୪)ରୁ ବିପୁଳ ପରିମାଣର ଗଞ୍ଜେଇ ବସ୍ତା ମିଳିଥିଲା। ଜବତ ଗାଡିଗୁଡ଼ିକୁ ଥାନାକୁ ଆଣି ସେଥିରେ ଥିବା ଗଞ୍ଜେଇ ବସ୍ତାଗୁଡ଼ିକୁ ସୋରଡା ଅତିରିକ୍ତ ତହସିଲଦାର କୋରେଶୁ କୁମାର ଜାନିଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଓଜନ ପରେ ପାଖାପାଖି ୩୫ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା। ଏହାର ଆନୁମାନିକ ମୂଲ୍ୟ ଦେଢ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କହିଥିଲେ ଆସିକା ଏସ୍‌ଡିପିଓ ପ୍ରଧାନ। ନଂ.୧୯୬/୧୯ରେ ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ବଡଗଡ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି।



**ଆସୁଛି ଶରତ, ହସୁଛି କାଶତଣ୍ଡୀ:** ପୁରୀ ମଙ୍ଗଳାହାଟ ବାଇପାସ୍ ରାସ୍ତାପାର୍ଶ୍ୱରୁ ୭ କି.ମି. ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଛି ଶ୍ରୀମନ୍ଦିର। (ଫଟୋ: ଅନିଲ କୁମାର ସାହୁ)

# ପୋଲିସ ଭ୍ୟାନ୍ ଧକ୍କାରେ ଅଜା ନାତି ମୃତ

ସୋନପୁର,୧୨।୯(ନି.ପ୍ର.)

■ଯୁକ୍ତ ୩ରେ ଆଡମିଶନ ପାଇଁ ସୋନପୁର ଆସୁଥିଲେ

■୧୪ କଏଦୀକୁ ନେଇ କୋର୍ଟ ଆସୁଥିଲା ପୋଲିସ ଭ୍ୟାନ୍

■ନିମ୍ନମାନର ହେଲମେଟ୍ ଜୀବନ ବଞ୍ଚାଇପାରିଲା ନାହିଁ

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ସୋନପୁର ଥାନା ଅର୍ଜୁନପୁର ଛକରେ ଗୁରୁବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ସୁବର୍ଣ୍ଣପୁର ପୋଲିସ ଭ୍ୟାନ୍ ଧକ୍କାରେ ସମ୍ପର୍କୀୟ ଅଜା ନାତିଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ବଲାଙ୍ଗୀର ଜିଲା ତୁଷୁରା ଥାନା ଚାଣ୍ଡିପଦର ଗ୍ରାମର ଜଳନ୍ଧର ବୁଡେକ(୫୫) ଓ ତାଙ୍କ ସମ୍ପର୍କୀୟ ନାତି ତଥା ତୁଷୁରା ଥାନା ସନ୍ଧିସରା ଗ୍ରାମର ଦେବେନ୍ଦ୍ର ମଲ୍ଲିକ(୧୮)। ଦେବେନ୍ଦ୍ର ସୋନପୁର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ଗୁରୁବାର ଆଡମିଶନ ନେଇ ଥାଆନ୍ତେ। ସେଥିପାଇଁ ଜଳନ୍ଧର ଓ ଦେବେନ୍ଦ୍ର ଏକ ବାଇକ୍ (ନଂ. ଓଡି୦୩ସି-୭୯୨୮)ରେ ସୋନପୁର ଅଭିମୁଖେ ଆସୁଥିଲେ। ଏହି ସମୟରେ ସୋନପୁର ଉପକାରାଗାରରୁ ୧୪ଜଣ ବିଚାରାଧୀନ କଏଦୀଙ୍କୁ ନେଇ ରାମପୁର ଜେଏମ୍ଏଫ୍‌ସି କୋର୍ଟ ଅଭିମୁଖେ ଯାଉଥିବା ପୋଲିସ ଭ୍ୟାନ୍ (ନଂ .ଓଡି୦୫ଜେଡ୍-୩୩୦୧) ସମ୍ମୁଖ ପଟୁ ଜଳନ୍ଧରଙ୍କ ବାଇକ୍‌କୁ ଜୋରରେ ଧକ୍କା ଦେଇଥିଲା । ଫଳରେ ବାଇକ୍ ସହ ଜଳନ୍ଧର ଓ ଦେବେନ୍ଦ୍ର ରାସ୍ତା ଉପରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା । ବାଇକ୍ ଆରୋହୀ ହେଲମେଟ୍ ପିନ୍ଧି ଥିଲେ। ହେଲେ ହେଲମେଟ୍‌ଟି ଭାଙ୍ଗି ଚୂରମାର ହୋଇଯାଇଥିଲା । ନିମ୍ନମାନ ହେଲ୍‌ମେଟ୍ ଯୋଗୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଲା ବୋଲି ଅନୁମାନ କରାଯାଉଛି । ସୂଚନା ପାଇ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆଣ୍ଟୋନି ତିର୍କୀ, ଡିଏସ୍‌ପି ହେମସାଗର ଭୋଇ ଓ ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ଦ୍ୱୟଙ୍କୁ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଭ୍ୟାନ୍ ରାମପୁର ନ ଯାଇ ପୁଣି ସୋନପୁର ଫେରି ଆସିଥିଲା। ସମସ୍ତ କଏଦୀଙ୍କୁ କାରାଗାର ଭିତରକୁ ନିଆଯିବା ପରେ ଭ୍ୟାନ୍ ଡ୍ରାଇଭର ଭ୍ୟାନ୍ ସହିତ ସୋନପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛି। ଆସିଷ୍ଟାଣ୍ଟ ଡ୍ରାଇଭର ବାବୁଲି ସେଠୀଙ୍କୁ ଗିରଫ ☞ପୃଷ୍ଠା-୪





ଭ୍ୟାନ୍ ଧକ୍କାରେ ଭାଙ୍ଗିରୁଜି ଯାଇଥିବା ବାଇକ୍ । ଦୁର୍ଘଟଣା ଘଟାଇଥିବା ଜବତ ପୋଲିସ ଭ୍ୟାନ ।

# ଓରେରାକୁ ଚକମା ଦେଉଛନ୍ତି ଅସାଧୁ ବିଲ୍‌ଡର

ଭୁବନେଶ୍ୱର,୧୨।୯(ବ୍ୟୁରୋ)

■ ଚାଷୀ, ଜମି ମାଲିକଙ୍କୁ ମୋହରା କରି ଚାଲିଛି ବେଆଇନ ଜମି ରେଜିଷ୍ଟ୍ରି

■ ବାର୍ଷିକ ୩ ହଜାର କୋଟି ରାଜସ୍ୱ କ୍ଷତି

■ ଓରେରା ଚକ୍ରବ୍ୟୂହରେ ଫସିଛନ୍ତି ପଞ୍ଜୀକୃତ ଡେଭଲପର

■ ଅନୁମୋଦନ ଅପେକ୍ଷାରେ ୪୧୮ ପ୍ରୋଜେକ୍ଟ

■ ତଦନ୍ତ ନିର୍ଦ୍ଦେଶ ଦେଇ ନଗର ଉନ୍ନୟନ ବିଭାଗ ଚୁପ୍

■ ଓଡ଼ିଶା ରିୟଲ ଇଷ୍ଟେଟ ବ୍ୟବସାୟ ଉପରେ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ

ଘର କିମ୍ବା ଜମି କିଣୁଥିବା ବ୍ୟକ୍ତି ଅନେକ ସମୟରେ ଅସାଧୁ ପ୍ରମୋଟର ଓ ରିୟଲ ଇଷ୍ଟେଟ ମାଲିକଙ୍କର ଶୋଷଣର ଶିକାର ହେଉଥିଲେ। ଗ୍ରାହକମାନଙ୍କୁ ସେମାନଙ୍କଠାରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ) ଆଇନ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହାର ବର୍ଷକ ପରେ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ) ରୁଲ୍ସ-୨୦୧୭ କାର୍ଯ୍ୟକାରୀ କଲେ। ଅସାଧୁ ବିଲଡର ଏବଂ ରିୟଲ ଇଷ୍ଟେଟ୍ ମାଲିକଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ଓରେରା) ଗଠନ କରିଛନ୍ତି। ଏଥିସହିତ ରିୟଲ ଇଷ୍ଟେଟ୍ ଟ୍ରିବ୍ୟୁନାଲ ମଧ୍ୟ ଗଠନ କରାଯାଇଛି। ଏହି ଦୁଇଟି ସଂସ୍ଥାର ପ୍ରଶାସନିକ ଖର୍ଚ୍ଚ ବାବଦରେ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଓରେରା ଗଠନ ହେବାର ୨ ବର୍ଷ ପୂରି ଗଲାଣି। ବେଆଇନ ବିଲ୍‌ଡରଙ୍କ ଉପରେ ଅଙ୍କୁଶ ଲଗାଇବା ପରିବର୍ତ୍ତେ ପୂର୍ଣ୍ଣ କ୍ଷମତା ଦିଆଯାଇ ନ ଥିବାରୁ ଅସହାୟ ଅବସ୍ଥାରେ ରହିଛି। ଅସାଧୁ ବିଲ୍‌ଡରମାନେ ଓରେରାକୁ ଚକମା ଦେଇ ନିଜର କଳା କାରନାମା ଅବାଧରେ ଚଳାଇଥିବା ବେଳେ ପଞ୍ଜୀକୃତ ହୋଇଥିବା ରିୟଲ ଇଷ୍ଟେଟ ଓ ଡେଭଲପରମାନେ ଫସି ଯାଇଛନ୍ତି। ଅସାଧୁ ବିଲ୍‌ଡରମାନେ ପୂର୍ବରୁ ଚଳାଇ ଆସୁଥିବା ଜମିବାଡ଼ି ବ୍ୟବସାୟକୁ ବନ୍ଦ କରି ଜମି ମାଲିକ ଓ ଚାଷୀଙ୍କୁ ମୋହରା ବନାଇ ଅବାଧରେ ବହୁ କୋଟି ଟଙ୍କାର ବ୍ୟବସାୟ କରି ଚାଲିଛନ୍ତି। ଚତୁରତାର ସହିତ ଚାଷୀମାନଙ୍କୁ କିଛି ଟଙ୍କା ଦେଇ ଜମି ହାତେଇ ନେଉଛନ୍ତି। ଜମି ମାଲିକଙ୍କ ଜରିଆରେ କିଣା ବିକା ଚଳାଇଛନ୍ତି। ଏହି କାର୍ଯ୍ୟରେ ଜମି ଖରିଦ୍ ବିକ୍ରି ପଞ୍ଜୀକରଣ ଦାୟିତ୍ୱରେ ଥିବା ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର ଓ ସବ୍‌ରେଜିଷ୍ଟ୍ରାରମାନଙ୍କର ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ଓରେରା ନାମରେ ଜାଲ୍ ଫି ୧୫ରୁ ୨୫ ହଜାର ଟଙ୍କା ଆଦାୟ କରି ଶହ ଶହ ବେଆଇନ ଜମିକୁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲେ-ଆଉଟ ଅନୁମୋଦନ ବିନା ରେଜିଷ୍ଟ୍ରି କରାଯାଉଛି। ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର) ମଧ୍ୟ ଏହାକୁ ଅଣଦେଖା କରି ଚାଲିଛନ୍ତି। ରାଜ୍ୟରେ ଗତ ୨ ବର୍ଷ ହେବ କେତେ ଜମି ବିକ୍ରି ହୋଇଛି ତାହାର ତାଲିକା ଓରେରା ପକ୍ଷରୁ ଆଇଜିଆରଙ୍କୁ ବାରମ୍ବାର ମଗାଯାଉଥିଲେ ମଧ୍ୟ ଦିଆଯାଉନାହିଁ। ନିକଟରେ ଆଇଜିଆର, ସବ୍‌ରେଜିଷ୍ଟ୍ରାର ଓ ଓରେରା କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୈଠକ ହୋଇଥିଲେ ମଧ୍ୟ ବେଆଇନ ଜମି ରେଜିଷ୍ଟ୍ରି କାର୍ଯ୍ୟରେ ଅଙ୍କୁଶ ଲାଗିବା ପରିବର୍ତ୍ତେ ବଢି ଚାଲିଛି। ସବ୍‌ରେଜିଷ୍ଟ୍ରାରମାନଙ୍କୁ ଓରେରା ଗାଇଡ୍‌ଲାଇନ ଦିଆଯାଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଉଛି। ଅଭିଯୋଗ ମିଳିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ☞ପୃଷ୍ଠା-୪

ନିରଞ୍ଜନଙ୍କ ନିଦ ହଜାଇ ଦିଆଯିବ: ଇତୀଶ

........୩........

ବିଏସ୍ଏଫ୍ ଆଇଜି ହେଲେ ହର୍‌ମିନ୍ଦର ପାଲ

........୩........

### ଆଜିର ସମ୍ପାଦକୀୟ

ଅର୍ଥନୀତିକୁ ଝଟ୍‌କା

### ଆଜିର ମନ୍ତବ୍ୟ

" କଶ୍ମୀରକୁ ନେଇ ପାକିସ୍ତାନର ରାଜନୀତୀକରଣକୁ ଜାତିସଂଘ ମାନବାଧିକାର ପରିଷଦ ପ୍ରତ୍ୟାଖ୍ୟାନ କରିଛି।

– ରବୀଶ କୁମାର, ବହିର୍ବ୍ୟାପାର ମୁଖପାତ୍ର

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଇଣ୍ଡିଆ ଇଙ୍କର ରାଜସ୍ୱ ଅଭିବୃଦ୍ଧି ୧୧ ତ୍ରୈମାସର ସର୍ବନିମ୍ନ ସ୍ତର ୫.୭%କୁ ଖସିଛି।

– ଇକ୍ରା ରେଟିଂସ୍


NATIONAL EGG CO-ORDINATION COMMITTEE 12.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 64 | 111 | 121 |
| BHM | 60 | 106 | 116 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


## ଟାଇମ୍ସ ହାୟର ଏଜୁକେଶନ ୟୁନିଭର୍ସିଟି ର‌୍ୟାଙ୍କିଙ୍ଗ୍

# ଶ୍ରେଷ୍ଠ ୩୦୦ରେ ଭାରତର ସ୍ଥାନ ନାହିଁ

ନୂଆଦିଲ୍ଲୀ, ୧୨।୯ (ପି.ଟି.)

ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତ କେତେ ଆଗୁଆ ତାହା ସଦ୍ୟ ପ୍ରକାଶିତ ଟାଇମ୍ସ ହାୟର ଏଜୁକେଶନ ୟୁନିଭର୍ସିଟି ର‌୍ୟାଙ୍କିଙ୍ଗ୍‌ରୁ ସ୍ପଷ୍ଟ ବାରିହୋଇ ପଡୁଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ୩୦୦ ର‌୍ୟାଙ୍କ ମଧ୍ୟରେ ଭାରତର କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହାନ୍ତି। ୨୦୧୨ ପରଠାରୁ ପ୍ରଥମ ଥର ଲାଗି ଭାରତର କୌଣସି ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୩୦୦ ର‌୍ୟାଙ୍କରେ ସ୍ଥାନ ପାଇ ନ ଥିବା ଜଣାପଡ଼ିଛି। ତେବେ ଶ୍ରେଷ୍ଠ ୫୦୦ ମଧ୍ୟରେ ଭାରତର ୫ ଆଇଆଇଟି, ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଆଇଆଇଟି ରୋପଡ୍, ଆଇଆଇଟି ଇନ୍ଦୋର, ଆଇଆଇଟି ବମ୍ବେ, ଆଇଆଇଟି ଦିଲ୍ଲୀ, ଆଇଆଇଟି ଖଡ଼ଗପୁର ସହ ବାଙ୍ଗାଲୋର ଆଇଆଇଏସ୍‌ସି ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ପ୍ରଶସ୍ତ କରିଛନ୍ତି। ଏନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍ରିୟାଲ୍ ନିଶଙ୍କ ଟୁଇଟ୍ କରି ଏହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ଆଇଆଇଟି ଗାନ୍ଧୀନଗର ଶ୍ରେଷ୍ଠ ୬୦୦ରେ ସ୍ଥାନ ପାଇଛି। ଭାରତରେ ପ୍ରଚୁର ☞ପୃଷ୍ଠା-୪

## ଔଦ୍ୟୋଗିକ ଉତ୍ପାଦନ ହ୍ରାସ

# ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି

ନୂଆଦିଲ୍ଲୀ,୧୨-୯

ଦେଶର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଔଦ୍ୟୋଗିକ ଉତ୍ପାଦନ ଆଣିଛି ଖୁସିଖବର। ଜୁଲାଇରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଭିବୃଦ୍ଧି ହାର ୪.୩%କୁ ବୃଦ୍ଧି ପାଇଛି, ଯାହାକି ଜୁନ୍‌ରେ ଏହା ମାତ୍ର ୧.୨% ରହିଥିଲା। ଏହାକୁ ଦୃଷ୍ଟିରେ ରଖିଲେ ଜୁଲାଇରେ ଉତ୍ପାଦନ ବଢ଼ିଛି ବୋଲି କହିବାକୁ ହେବ। ତେବେ ବାର୍ଷିକ ଆଧାରକୁ ଦେଖିଲେ ନିରାଶ ହେବାକୁ ପଡିବ। ଗତବର୍ଷ ଏହି ସମୟରେ ଏହା ୬.୫% ରହିଥିଲା। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଚଳିତବର୍ଷ ଏପ୍ରିଲ-ଜୁଲାଇ ମଧ୍ୟରେ ଔଦ୍ୟୋଗିକ ଉତ୍ପାଦନ ୩.୩% ରହିଛି, ଯାହା କି ବର୍ଷକ ପୂର୍ବରୁ ଏହି ସମୟରେ ୫.୪% ରହିଥିଲା। ଆଲୋଚ୍ୟ ମାସରେ ମାନୁଫାକ୍‌ଚରିଂ ସେକ୍ଟରରେ ଅଭିବୃଦ୍ଧି ୪.୨% ରହିଛି, ଯାହା କି ଗତବର୍ଷର ଏହି ସମୟରେ ୭% ରହିଥିଲା। ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ(ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଜୁଲାଇରେ ମାନୁଫାକ୍‌ଚରିଂ ଉତ୍ପାଦନ ହାର ୪.୨% ଥିଲା। ବର୍ଷକ ପୂର୍ବେ ଏହା ୭% ରହିଥିଲା। ଆଲୋଚ୍ୟ ମାସରେ ବିଜୁଳି ଉତ୍ପାଦନ ୪.୮%, ଖଣି ଖନନ କ୍ଷେତ୍ରରେ ଉତ୍ପାଦନ ୪.୯%କୁ ବୃଦ୍ଧି ପାଇଛି, ଯାହା କି ବର୍ଷକ ପୂର୍ବରୁ ୩.୪% ରହିଥିଲା। ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ଜୁଲାଇରେ ୭.୧% କୁ ବୃଦ୍ଧି ପାଇଛି, ଯାହା କି ଗତବର୍ଷ ଏହି ସମୟରେ ୨.୩% ବୃଦ୍ଧି ଦେଖାଯାଇଥିଲା। ନିର୍ମାଣ କ୍ଷେତ୍ରରେ ୨.୧% ଅଭିବୃଦ୍ଧି ହୋଇଥିବା ବେଳେ ବିନିର୍ମାଣ କ୍ଷେତ୍ରର ୨୩ ମଧ୍ୟରୁ ୧୨ କ୍ଷେତ୍ରରେ ଜୁଲାଇରେ ଅଭିବୃଦ୍ଧି ହାସଲ ହୋଇଛି।

ଅନ୍ୟପକ୍ଷରେ ଖାଦ୍ୟପଦାର୍ଥ ଦରବୃଦ୍ଧି କାରଣରୁ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୩.୨୧% ରହିଛି, ଯାହା କି ଗତବର୍ଷର ଏହି ସମୟରେ ୩.୧୫% ଥିଲା। ଏହା ୧୦ ମାସରେ ସର୍ବାଧିକ। ୨୦୧୮ ଅକ୍ଟୋବରରେ ଏହା ୩.୩୮% ରହିଥିଲା। ତେବେ ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ୪%ର ଲକ୍ଷ୍ୟ ମଧ୍ୟରେ ରହିଛି। ଫୁଡ୍ ବାସ୍କେଟରେ ମୁଦ୍ରାସ୍ଫୀତି ହାର ୨.୯୯%ରେ ପହଞ୍ଚିଯାଇଛି। ଜୁଲାଇରେ ଏହା ୨.୩୬% ଥିଲା ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି। ମାଂସ ଓ ମାଛ ଦର ବୃଦ୍ଧି କ୍ଷେତ୍ରରେ ୮.୫୧%, ଡାଲି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦରବୃଦ୍ଧି ୬.୯୪%, ପନିପରିବା ଦର ୬.୯% ବଢ଼ିଛି।

## ଏଲ୍‌ପିଜି ପ୍ଲାଣ୍ଟରେ ନିଆଁଲାଗି ୩ ଗୁରୁତର

ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡର ଉନାଓରେ ଥିବା ଏଲ୍‌ପିଜି ପ୍ଲାଣ୍ଟରେ ନିଆଁଲାଗି ୩ ଜଣ ଗୁରୁତର ହୋଇଛନ୍ତି। ପ୍ଲାଣ୍ଟଠାରୁ ଦେଢ଼ କିଲୋମିଟର ମଧ୍ୟରେ ଥିବା ଲୋକମାନଙ୍କୁ ଘରଛାଡ଼ି ନିରାପଦ ସ୍ଥାନକୁ ପଳାଇଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଘଟଣାସ୍ଥଳକୁ ଜିଲାପାଳ ଦେବେନ୍ଦ୍ର କୁମାର ପାଣ୍ଡେ ଓ ଏସ୍‌ପି ଏମ୍.ପି. ବର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯାଇଛନ୍ତି।



## ସଂକ୍ଷେପରେ

### ଚିଦାମ୍ବରମଙ୍କୁ ଘର ଖାଦ୍ୟ ମନା

**ନୂଆଦିଲ୍ଲୀ,୧୨।୯(ଆଇଏଏନ୍‌ଏସ୍):** ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରେ ଥିବା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଘରରନ୍ଧା ଖାଦ୍ୟ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ଅନୁମତି ଦେଇନାହାନ୍ତି। ଜେଲ୍‌ର ସବୁ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ସମାନ ବୋଲି ଜଷ୍ଟିସ୍ ସୁରେଶ କୁମାର କୈଟ ଗୁରୁବାର କହିଛନ୍ତି। ଜେଲ୍‌ରେ ଥିବା ତାଙ୍କ ମହକିଲଙ୍କୁ ୭୪ ବର୍ଷ ହୋଇଥିବାରୁ ତାଙ୍କୁ ଘରରନ୍ଧା ଖାଦ୍ୟ ପାଇଁ ଅନୁମତି ଦେବାକୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଏହାର ଜବାବରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ତାଙ୍କଠାରୁ ବୟସ୍କ ରାଜନୈତିକ ବନ୍ଦୀ ଓମ୍ ପ୍ରକାଶ ଚୌଟାଲା ଅଛନ୍ତି। ତେଣୁ କାହାକୁ ବାଛବିଚାର କରାଯାଇପାରିବ ନାହିଁ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଚିଦାମ୍ବରମଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ବେଳେ ଏଭଳି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

### ଶିବସେନାକୁ ୧୦୬ ଆସନ ଯାଚିଲା ଭାଜପା

**ମୁମ୍ବାଇ,୧୨।୯(ପି.ଟି.):** ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ଶେଷ ଆଡ଼କୁ ହେବାକୁ ଥିବାବେଳେ ଏଥିପାଇଁ ଶାସକ ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ଲାଗି ଆଲୋଚନା ଆରମ୍ଭ ହୋଇଛି। ଭାଜପା ସହଯୋଗୀ ଦଳକୁ ୧୦୬ଟି ଆସନ ଯାଚିଥିବା ଜଣାପଡିଛି। ତେବେ ଶିବସେନା ଏଥିରେ ସନ୍ତୁଷ୍ଟ ନାହିଁ। ୧୨୦ରୁ କମ୍ ଆସନ ଗ୍ରହଣ କରିବାକୁ ଉଦ୍ଧବ ଠାକରେଙ୍କ ଦଳ ଚାହୁଁ ନ ଥିବା ଏକ ସୂତ୍ରରୁ ଜଣାପଡିଛି। ଅନ୍ୟତମ ସହଯୋଗୀ ଜନ ସ୍ୱରାଜ୍ୟ ଶକ୍ତି ପାର୍ଟି ୪ ଆସନରେ ଲଢ଼ିବା ପାଇଁ ରାଜି ହୋଇଛି। ଗତ ଥର ଭାଜପା ଓ ଶିବସେନା ଅଲଗା ନିର୍ବାଚନ ଲଢ଼ିଥିଲେ। ଭାଜପା ୧୨୨ ଓ ଶିବସେନା ୬୩ ଆସନରେ ବିଜୟୀ ହୋଇଥିଲା। ଅନ୍ୟ ସହଯୋଗୀ ଦଳ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ, ଶିବ ସଂଗ୍ରାମ ଏବଂ ରାଷ୍ଟ୍ରୀୟ ସମାଜ ପାର୍ଟି ସହ ଆସନ ବୁଝାମଣା ନେଇ ଆଲୋଚନା ଜାରି ରହିଛି। ଏହି ଦଳଗୁଡ଼ିକର ପ୍ରାର୍ଥୀ ଭାଜପା ଚିହ୍ନରେ ଲଢ଼ିବା ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି।

### ୨ କେଜି ସୁନା ଚାଲାଣବେଳେ ଆଫଗାନ ନାଗରିକ ଗିରଫ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଆଫଗାନ ଯାତ୍ରୀଙ୍କୁ ଗିରଫ କରାଯାଇଛି। ସେ ଜୋତାରେ ୨ କିଲୋଗ୍ରାମ ସୁନା ଲୁଚାଇ ଆଣିଥିଲେ। ଏହାର ଦାମ୍ ୭୨ ଲକ୍ଷ ୯୦ ହଜାର ଟଙ୍କା ବୋଲି ବହିଃଶୁଳ୍କ ଅଧିକାରୀ କହିଛନ୍ତି। କାବୁଲରୁ ଆସିଥିବା ଏହି ବ୍ୟକ୍ତି ଜଣକୁ ବିମାନବନ୍ଦରର ୩ ନମ୍ବର ଟର୍ମିନାଲରେ ବହିଃଶୁଳ୍କ ବିଭାଗ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ଜୋତାରୁ ୨ କିଲୋ ୧୯ ଗ୍ରାମ ଓଜନର ସୁନା ମିଳିଥିଲା। ଏହି ସୁନାକୁ ଜବତ କରାଯାଇଛି।

# ଲଦାଖରେ ଭାରତ-ଚାଇନା ସେନା ମୁହାଁମୁହିଁ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

- ପାଙ୍ଗୋଙ୍ଗ୍ ହ୍ରଦକୂଳରେ ପାଟ୍ରୋଲିଂ ବେଳେ ପ୍ରଶ୍ନ ଉଠାଇଲା ପିଏଲ୍‌ଏ
- ଭାରତୀୟ ଯବାନ ଗୁରୁତ୍ୱ ନ ଦେବାରୁ ହାତାହାତି ହେଲେ
- ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନା ପରେ ସମାଧାନ



ଲଦାଖରେ ଭାରତ-ଚାଇନା ସେନା ପୁଣି ମୁହାଁମୁହିଁ ହୋଇଛନ୍ତି। ପାଙ୍ଗୋଙ୍ଗ୍ ହ୍ରଦ କୂଳର ଉତ୍ତର ଭାଗରେ ବୁଧବାର ଭାରତୀୟ ଯବାନମାନେ ପାଟ୍ରୋଲିଂ କରୁଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସେମାନଙ୍କ ଉପସ୍ଥିତିକୁ ନେଇ ଆପତ୍ତି ଉଠାଇଥିଲା। ଏହାକୁ ନେଇ ଦୁଇ ସେନା ମଧ୍ୟରେ ହାତାହାତି ହୋଇଥିଲା। ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନା ପରେ ବିବାଦର ସମାଧାନ ହୋଇଥିଲା। ବିବାଦ ପରେ ସୀମାରେ ଯବାନଙ୍କ ସଂଖ୍ୟା ବଢ଼ାଇ ଦିଆଯାଇଥିବା ସେନା ପକ୍ଷରୁ ଗୁରୁବାର କୁହାଯାଇଛି।

ମିଳିଥିବା ସୂଚନାନୁସାରେ ଭାରତୀୟ ଯବାନମାନେ ବୁଧବାର ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ପାଟ୍ରୋଲିଂ କରୁଥିଲେ, ଯାହାର ଦୁଇ-ତୃତୀୟାଂଶ ଭାଗ ଚାଇନା ନିୟନ୍ତ୍ରଣରେ ରହିଛି। ଏହି ସମୟରେ ପିଏଲ୍‌ଏ ସୈନ୍ୟମାନଙ୍କ ସହ ସେମାନେ ସାମ୍ନାସାମ୍ନି ହୋଇଥିଲେ। ପିଏଲ୍‌ଏ ସୈନ୍ୟ ସେଠାରେ ଭାରତୀୟ ଯବାନଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯବାନମାନେ ଏହାକୁ ଖାତିର କରି ନ ଥିଲେ। ଫଳରେ ଦୁଇଦେଶର ସାମରିକ ବଳ ମଧ୍ୟରେ ହାତାହାତି ହୋଇଥିଲା। ଏହାକୁ ନେଇ ଉଭୟ ପଟୁ ଅଧିକ ସଂଖ୍ୟକ ସୈନ୍ୟଙ୍କୁ ମୁତୟନ କରାଯାଇଥିଲା। ଉଭୟ ପଟୁ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଦୁଇଦେଶ ମଧ୍ୟରେ ସୀମା ସ୍ପଷ୍ଟ ନିର୍ଦ୍ଧାରିତ ହୋଇ ନ ଥିବାରୁ ଏହାକୁ ନେଇ ବିଭେଦ ଯୋଗୁ ଏପରି ସ୍ଥିତି ଉପୁଜିଥିବା କୁହାଯାଉଛି। ଭାରତ-ଚାଇନାର ସେନା ଓ ବାୟୁସେନା ମଧ୍ୟରେ ହେବାକୁ ଥିବା ପ୍ରଥମ ମିଳିତ ସମରାଭ୍ୟାସର ମାସକ ପୂର୍ବରୁ ଏଭଳି ବିବାଦ ଦେଖାଦେଇଛି। ଅକ୍ଟୋବରରେ ହେବାକୁ ଥିବା ଯୁଦ୍ଧାଭ୍ୟାସରେ ମାଉଣ୍ଟେନ ଷ୍ଟ୍ରାଇକ୍ କର୍ପ୍ସର ୫,୦୦୦ରୁ ଊର୍ଦ୍ଧ୍ୱ ଯବାନ ସାମିଲ ହେବେ। ପ୍ରକାଶ ଯେ, ଭାରତ-ଚାଇନା ମଧ୍ୟରେ ରହିଥିବା ପ୍ରାୟ ୪,୦୦୦ କି.ମି. ବିସ୍ତୃତ (ବିଶ୍ୱର ନବମ ଦୀର୍ଘତମ) ସୀମାକୁ ନେଇ ଦୁଇଦେଶ ମଧ୍ୟରେ ବିବାଦ ଲାଗିରହିଛି। ଚାଇନା ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ଲଦାଖର ଅଂଶ ବୋଲି କହୁଥିବାବେଳେ ୧୯୬୨ରୁ ଚାଇନା ଅଧିକୃତ ଅକ୍ସାଇ ଚୀନକୁ ଭାରତ ନିଜର ବୋଲି ଦାବି କରୁଛି। ୨୦୧୭ରେ ଭୁଟାନର ଅନୁରୋଧକ୍ରମେ ଭାରତୀୟ ସେନା ଡୋକ୍‌ଲାମରେ ଚାଇନାର ଏକ ବିବାଦୀୟ ରାସ୍ତା ନିର୍ମାଣକୁ ବିରୋଧ କରିଥିଲା। ଏହାକୁ ନେଇ ଭାରତ-ଚାଇନା ମଧ୍ୟରେ ପ୍ରାୟ ତିନିମାସ ଧରି ଚରମ ଉତ୍ତେଜନା ଦେଖାଦେଇଥିଲା।

# କୃଷକଙ୍କୁ ମିଳିବ ୩୦୦୦ ପେନ୍‌ସନ

**ରାଞ୍ଚି,୧୨।୯(ପି.ଟି.)**



- ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନା ଶୁଭାରମ୍ଭ
- କ୍ଷୁଦ୍ର ବ୍ୟବସାୟୀ ଓ ଆତ୍ମନିଯୁକ୍ତ ବ୍ୟକ୍ତି ଉପକୃତ ହେବେ
- ଦୁର୍ନୀତି, ଆତଙ୍କବାଦ ନିୟନ୍ତ୍ରିତ ହୋଇଛି: ମୋଦି

କୃଷକ, କ୍ଷୁଦ୍ର ବ୍ୟବସାୟୀ ଓ ଆତ୍ମନିଯୁକ୍ତ ବ୍ୟକ୍ତିମାନଙ୍କ ଲାଗି ବହୁପ୍ରତୀକ୍ଷିତ ପେନ୍‌ସନ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିଠାରେ ଶୁଭାରମ୍ଭ କରିଛନ୍ତି। 'ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନା'ରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ୬୦ ବର୍ଷ ହେବା ପରେ ମାସିକ ୩୦୦୦ ଟଙ୍କା ପେନ୍‌ସନ ମିଳିବ। ଯେଉଁ କୃଷକମାନଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ସେମାନେ ଏହି ଯୋଜନା ପାଇଁ ଆବେଦନ କରିପାରିବେ। ସେହିପରି କ୍ଷୁଦ୍ର ବ୍ୟବସାୟୀ ଓ ଦୋକାନୀମାନଙ୍କୁ ପେନସନ ପ୍ରଦାନ ପାଇଁ 'ପ୍ରଧାନମନ୍ତ୍ରୀ ଲଘୁ ବ୍ୟାପାରୀ ମାନ ଧନ ଯୋଜନା' ଏବଂ ଆତ୍ମନିଯୁକ୍ତ ବ୍ୟକ୍ତିଙ୍କ ଲାଗି 'ସ୍ୱରୋଜଗାର' ପେନ୍‌ସନ ଯୋଜନା ଶୁଭାରମ୍ଭ କରାଯାଇଛି। ଏହି ସମସ୍ତ ଯୋଜନାରେ ଆବେଦନର ବୟସସୀମା ୧୮ରୁ ୪୦ ବର୍ଷ ରଖାଯାଇଛି ଓ ସେମାନେ ୬୦ ବର୍ଷ ବୟସରେ ପହଞ୍ଚିବା ପରେ ମାସିକ ୩୦୦୦ ଟଙ୍କା ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ଏଥିସହିତ ଝାଡ଼ଖଣ୍ଡ ବିଧାନସଭାର ନୂଆ ବିଲ୍ଡିଂ ଓ ଏକ ମଲ୍ଟି-ମୋଡାଲ କାର୍ଗୋ ଟର୍ମିନାଲକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। କୁଟେ ଗ୍ରାମରେ ନିର୍ମିତ ତିନି ମହଲା ବିଶିଷ୍ଟ ନୂଆ ବିଧାନସଭା ବିଲ୍ଡିଂ ନିର୍ମାଣରେ ୪୬୫ କୋଟି ଟଙ୍କା ବ୍ୟୟ ହୋଇଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡ ସଚିବାଳୟର ନୂଆ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନ୍‌ଲାଇନରେ ଦେଶରେ ୪୬୨ ଏକଲବ୍ୟ ମଡେଲ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଏନ୍‌ଡିଏ ଦ୍ୱିତୀୟ ପାଳି ସରକାର ଦେଶରୁ ଦୁର୍ନୀତି ହ୍ରାସ କରିବା ସହ ଆତଙ୍କବାଦକୁ କାବୁ କରିବା ଏବଂ ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ବିକାଶର ଉଚ୍ଚ ସୋପାନକୁ ନେଇଯିବା ଲାଗି ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସରକାର ପ୍ରଥମ ୧୦୦ ଦିନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ୧୦୦ ଦିନରେ ଦେଶ ତାଙ୍କ ମନ୍ତ୍ରଣାଳୟର ଦ୍ରୁତ କାର୍ଯ୍ୟକ୍ରମର କେବଳ ଟ୍ରେଲର ଦେଖିଛି, ପୂରା ଚଳଚ୍ଚିତ୍ର ଦେଖିବାକୁ ବାକି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଆକ୍ଷେପ କରି ମୋଦି କହିଥିଲେ, ଦୁର୍ନୀତି ଦୂର କରିବା ପାଇଁ ତାଙ୍କ ସରକାର ସଂକଳ୍ପବଦ୍ଧ। ନିଜକୁ ଆଇନ ଅଦାଲତରୁ ଊର୍ଦ୍ଧ୍ୱରେ ବୋଲି ଭାବୁଥିବା ବ୍ୟକ୍ତି ଏବେ ଜାମିନ ପାଇଁ କୋର୍ଟଙ୍କ ଶରଣାପନ୍ନ ଓ ଅନ୍ୟ କେତେଜଣ ଜେଲ୍ ଯାଇଛନ୍ତି। ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଚିଦାମ୍ବରମ ଏବେ ତିହାର ଜେଲ୍‌ରେ ଅଛନ୍ତି।

ମୁସଲମାନଙ୍କ ମର୍ଯ୍ୟାଦାର ସୁରକ୍ଷା ପାଇଁ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇବା ସହ ଏଥିପାଇଁ ପାର୍ଲାମେଣ୍ଟର ପ୍ରଥମ ଅଧିବେଶନରେ ତିନି ତଲାକ ବିଲ୍ ଗୃହୀତ ହୋଇଥିବା କହିଥିଲେ। ଝାଡ଼ଖଣ୍ଡରେ ରଘୁବର ଦାସ ସରକାର ଗତ ୫ ବର୍ଷ ମଧ୍ୟରେ ସ୍ୱଚ୍ଛତା ଆଣିବା ଦିଗରେ ସମସ୍ତ ପ୍ରୟାସ କରିଥିବାରୁ ମୋଦି ଉଚ୍ଚ ପ୍ରଶଂସା କରିଥିଲେ। ଆୟୁଷ୍ମାନଥ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାରେ ଦେଶର ୪୪ ଲକ୍ଷ ଲୋକ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ କୋଟିରୁ ଊର୍ଦ୍ଧ୍ୱ ଘର ନିର୍ମାଣ ହୋଇଥିବାବେଳେ ଆଉ ୨ କୋଟି ନିର୍ମାଣାଧୀନ ରହିଛି। ଏହା ବ୍ୟତୀତ ଦେଶରେ ୧୦ କୋଟି ଶୌଚାଳୟ ନିର୍ମାଣ ହେବା ସହ ୮ କୋଟି ପରିବାରକୁ ମାଗଣାରେ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ।

### ଶିବକୁମାରଙ୍କ ଝିଅଙ୍କୁ ଇଡି ଜେରା



**ନୂଆଦିଲ୍ଲୀ,୧୨।୯(ପି.ଟି.)**

ମନିଲଣ୍ଡରିଂ ମାମଲାରେ କର୍ଣ୍ଣାଟକ କଂଗ୍ରେସର ଟାଣୁଆ ନେତା ଡି.କେ. ଶିବକୁମାରଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୭ ଘଣ୍ଟା ଜେରା କରିଛି। ୨୨ ବର୍ଷୀୟା ମ୍ୟାନେଜମେଣ୍ଟ ସ୍ନାତକ ଐଶ୍ୱର୍ଯ୍ୟା ଇଡିଙ୍କ ନୂଆଦିଲ୍ଲୀ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଶିବକୁମାର ଉପସ୍ଥାପନ କରିଥିବା ଦସ୍ତାବିଜ ଓ ୨୦୧୭ରେ ସେ ଝିଅଙ୍କ ସହ ସିଙ୍ଗାପୁର ଯାଇଥିବା ଇଡିଙ୍କୁ କହିଥିବାରୁ ଏନେଇ ଐଶ୍ୱର୍ଯ୍ୟାଙ୍କୁ ଅଧିକାରୀମାନେ ପ୍ରଶ୍ନ କରିଥିବା ଜଣାପଡିଛି। ଶିବକୁମାରଙ୍କ ପରିଚାଳିତ ଶିକ୍ଷା ନ୍ୟାସରେ ଐଶ୍ୱର୍ଯ୍ୟା ଜଣେ ଟ୍ରଷ୍ଟି ଅଛନ୍ତି। ଏହି ଟ୍ରଷ୍ଟ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛି ଏବଂ ଅନେକ ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ କଲେଜ ଏହା ଅଧୀନରେ କାର୍ଯ୍ୟ କରୁଛି। ଗତ ୩ ତାରିଖରେ ଶିବକୁମାର ଗିରଫ ହୋଇ ଇଡି ହାଜତରେ ଅଛନ୍ତି।



ଚିକ୍‌ମାଗାଲୁରର ଶୃଙ୍ଗେରୀ ଶାରଦାମ୍ବା ମନ୍ଦିରରେ ହାତୀଙ୍କ ଆଶୀର୍ବାଦ ନେଉଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା।

### ଲାଞ୍ଚ ଯାଚି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀ ଗିରଫ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ଲାଞ୍ଚ ଯାଚିବା ଅଭିଯୋଗରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ସେକ୍‌ସନ ଅଫିସରଙ୍କୁ ସିବିଆଇ ଗୁରୁବାର ଗିରଫ କରିଛି। ଏକ ମାମଲାକୁ ପ୍ରଭାବିତ କରିବା ପାଇଁ ଧୀରଜ ସିଂ ନାମକ ଏହି ଅଧିକାରୀ ସିବିଆଇର ଜଣେ ବରିଷ୍ଠ ଅଫିସରଙ୍କୁ ୧୬ ଲକ୍ଷ ଟଙ୍କା ଲାଞ୍ଚ ଯାଚୁଥିଲେ। ଏହି ସମୟରେ ସିବିଆଇ ତାଙ୍କୁ ଟଙ୍କା ସହ ଧରିଥିଲା। ଧୀରଜ ଆଇପିଏସ୍ ଅଫିସର ଚୟନ ଲାଗି ତାଲିକା ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ ଥିଲେ।

### ୩ ଜୈଶ୍ ଆତଙ୍କବାଦୀ ଗିରଫ

**ଜମ୍ମୁ,୧୨।୯(ପି.ଟି.)**



**ଟ୍ରକ୍‌ରେ ନେଉଥିଲେ ବିପୁଳ ଅସ୍ତ୍ରଶସ୍ତ୍ର**

ଏକ କାର୍ଡବୋର୍ଡ ବୋଝେଇ ଟ୍ରକ୍‌ରେ ବିପୁଳ ଅସ୍ତ୍ରଶସ୍ତ୍ର ନେଇ ଯାଉଥିବାବେଳେ ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଗୁରୁବାର ୩ ଜୈଶ୍ ଆତଙ୍କବାଦୀ ଧରାପଡ଼ିଛନ୍ତି। ସକାଳ ୮ଟାରେ ଜମ୍ମୁ-ପଠାନକୋଟ ଜାତୀୟ ରାଜପଥରେ ଯାଞ୍ଚବେଳେ ସେମାନଙ୍କୁ ଗିରଫ କରାଯାଇଛି। ଏହାସହ ଆତଙ୍କବାଦୀଙ୍କ ଏକ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ ହୋଇଥିବା ପୋଲିସ କହିଛି। ଗିରଫ ଉବୈଦ୍-ଉଲ୍-ଇସ୍‌ଲାମ ପୁଲୱାମାର ରାଜପୋରା ଅଞ୍ଚଳର ହୋଇଥିବାବେଳେ ଜହାଁଗିର ଅହମ୍ମଦ ପରାୟ ବଡ଼ଗାମର ପୋଖେରପୋରା ଅଞ୍ଚଳର। ସେହିପରି ସବିଲ ଅହମ୍ମଦ ବାବା ହେଉଛନ୍ତି ପୁଲୱାମାର ଅଘଲାର କାଣ୍ଡି ନିବାସୀ। ସେମାନେ ଉପତ୍ୟକାରେ ଆକ୍ରମଣ କରି ଅସ୍ଥିରତା ସୃଷ୍ଟି ପାଇଁ ପଞ୍ଜାବର ବାମ୍ୟାଲରୁ ଅସ୍ତ୍ରନେଇ ଫେରୁଥିଲେ। ଉକ୍ତ ଟ୍ରକ୍‌ରୁ ୪ଟି ଏକେ-୫୬ ଓ ଦୁଇଟି ଏକେ-୪୭ ରାଇଫଲ ସହ ଗୁଳିଗୋଳା ଏବଂ ୧୧ ହଜାର ଟଙ୍କା ଜବତ ହୋଇଛି।

# ହାଫିଜ୍‌ଙ୍କ ପାଇଁ ଖର୍ଚ୍ଚ କରିଛୁ କୋଟି କୋଟି ଟଙ୍କା

**ଇସ୍‌ଲାମାବାଦ,୧୨।୯**

**ସତ ମାନିଲା ପାକ୍**




ଅକଳରେ ପଡ଼ି ଶେଷରେ ସତ ମାନିଛି ପାକିସ୍ତାନ। ବମ୍ବେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ତାଙ୍କ ସଙ୍ଗଠନ ଜମାତ୍-ଉଦ୍-ଦାୱା (ଜେୟୁଡି) ପଛରେ ପାକିସ୍ତାନ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ସେଠାକାର ସ୍ୱରାଷ୍ଟ୍ରମନ୍ତ୍ରୀ ଐଜାଜ୍ ଅହମ୍ମଦ ସ୍ୱୀକାର କରିଛନ୍ତି।

ପାକିସ୍ତାନର ଘରୋଇ ଟିଭି ଚ୍ୟାନେଲ 'ହମ୍ ନ୍ୟୁଜ୍'ର ଏକ ଆଲୋଚନାରେ ଭାଗନେଇ ଐଜାଜ୍ କହିଛନ୍ତି, ଆତଙ୍କବାଦୀ ହାଫିଜ୍ ସୟିଦଙ୍କ ନିଷିଦ୍ଧ ଘୋଷିତ ଜେୟୁଡି ପଛରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଆତଙ୍କବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ସେ ଯୁକ୍ତି ବାଢ଼ିଛନ୍ତି। ପ୍ରକାଶ ଯେ, ଭାରତର ନୂଆ ଆତଙ୍କବାଦ ନିରୋଧୀ ଆଇନ ଅନୁସାରେ ହାଫିଜ୍‌ଙ୍କ ସମେତ ଜେଇଏମ୍ ମୁଖ୍ୟ ମାସୁଦ ଆଝାର ଓ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କୁ ନୂଆଦିଲ୍ଲୀ ନିକଟରେ ଆତଙ୍କବାଦୀ ଘୋଷଣା କରିଛି। ଏହା ପୂର୍ବରୁ ଆମେରିକା ଓ ଜାତିସଂଘ ମଧ୍ୟ ହାଫିଜ୍‌ଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିସାରିଛନ୍ତି।

# କୁଳଭୂଷଣଙ୍କୁ ଆଉ ମିଳିବନି ଆଇନଗତ ସହାୟତା

**ଇସ୍‌ଲାମାବାଦ,୧୨।୯(ପି.ଟି.)**



ପାକିସ୍ତାନର ଜେଲରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଦ୍ୱିତୀୟ ଥର ପାଇଁ ଆଇନଗତ ସହାୟତା ଦେବାକୁ ମନାକରିଦେଇଛି ଇସ୍‌ଲାମାବାଦ। ଆଉ ଥରେ କନ୍‌ସୁଲାର ଆକ୍‌ସେସ୍ ପାଇଁ କୌଣସି ଯୋଜନା ନାହିଁ ବୋଲି ଗୁରୁବାର ପାକିସ୍ତାନ ବହିର୍ବ୍ୟାପାର ମୁଖପାତ୍ର ମହମ୍ମଦ ଫୈଜାଲ କହିଛନ୍ତି। ୪୯ ବର୍ଷୀୟ କୁଳଭୂଷଣଙ୍କୁ ୨୦୧୭ ଏପ୍ରିଲରେ ପାକିସ୍ତାନୀ ସାମରିକ ଅଦାଲତ ଗୁପ୍ତଚର ବୃତ୍ତି ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଦେଇଛି। ଭାରତ ଏହାକୁ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ଚ୍ୟାଲେଞ୍ଜ କରିବା ପରେ ରାୟ ଉପରେ ରୋକ ଲାଗିଛି। ଆଇସିଜେଙ୍କ ନିର୍ଦ୍ଦେଶକ୍ରମେ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗୌରବ ଅହଲୁୱାଲିଆ କୁଳଭୂଷଣଙ୍କୁ ଗତ ୨ ତାରିଖରେ ଭେଟି ୨ ଘଣ୍ଟା ଧରି କଥା ହୋଇଥିଲେ।

## ମାନ୍ଦାବସ୍ଥାକୁ ନେଇ ଭାଜପା ଉପରେ ବର୍ଷିଲେ ସୋନିଆ

# ଜନାଦେଶର ଦୁରୁପଯୋଗ ବିପଜ୍ଜନକ

**ନୂଆଦିଲ୍ଲୀ,୧୨।୯(ପି.ଟି.)**



କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ।

**ସରକାରଙ୍କ ଆର୍ଥିକ ନୀତି ବିରୋଧରେ ଆନ୍ଦୋଳନ କରିବ କଂଗ୍ରେସ**

ଦେଶରେ ଗୁରୁତର ଆର୍ଥିକ ମାନ୍ଦାବସ୍ଥାକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜନାଦେଶକୁ ଭାଜପା ସରକାର ବିପଜ୍ଜନକ ଭାବେ ଦୁରୁପଯୋଗ କରୁଥିବା ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ଆର୍ଥିକ ନୀତି ବିରୋଧରେ ଅକ୍ଟୋବର ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ଘୋଷଣା କରିଛି। ସୋନିଆଙ୍କ ଅଧ୍ୟକ୍ଷତାରେ ଏଆଇସିସି ମୁଖ୍ୟାଳୟରେ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଦଳୀୟ ନେତାମାନଙ୍କୁ ଉଦ୍‌ବୋଧନ ଦେଇ ସୋନିଆ କହିଥିଲେ, କଂଗ୍ରେସର ସଂକଳ୍ପ ଓ ନମନୀୟତାର ପରୀକ୍ଷା କରୁଛି ଭାଜପା ସରକାର। ଏହାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ଭାଜପାର ଅସଲ ମୁଖା ଖୋଲିବାକୁ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷା ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଥିଲେ।

ନରେନ୍ଦ୍ର ମୋଦି ସରକାରରେ ଗଣତନ୍ତ୍ର ବିପଦରେ ବୋଲି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଲାଗି ଯୋଜନା ଚୂଡ଼ାନ୍ତ କରିବା ଲାଗି ଅନୁଷ୍ଠିତ ବୈଠକରେ ସୋନିଆ କହିଛନ୍ତି। ବୈଠକରେ ସାରାଦେଶରୁ ଦଳର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଏଆଇସିସି ସାଧାରଣ ସମ୍ପାଦକ, ବିଭିନ୍ନ ରାଜ୍ୟର ପ୍ରଭାରୀ, କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା ପ୍ରମୁଖ। ତେବେ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୈଠକରେ ଉପସ୍ଥିତ ନ ଥିଲେ।

ଦେଶ ଏବେ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଜନସାଧାରଣଙ୍କ ଦୃଷ୍ଟି ଏଡାଇବା ପାଇଁ ମୋଦି ସରକାର ଅଭୂତପୂର୍ବ ପ୍ରତିଶୋଧମୂଳକ ରାଜନୀତି କରୁଛନ୍ତି। ଏହା ବିରୋଧରେ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ସୋନିଆ ନିର୍ଦ୍ଦେଶ ଦେଇଥିଲେ। ଗୁରୁତର ମାନ୍ଦାବସ୍ଥା ସମ୍ପର୍କରେ ମନମୋହନ ସିଂ ଉଦ୍‌ବୋଧନ ଦେଇଥିଲେ। ଆର୍ଥିକ ମାନ୍ଦାବସ୍ଥା ସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ସେପ୍ଟେମ୍ବର ୨୦ରୁ ୩୦ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ପ୍ରଦେଶ କଂଗ୍ରେସ କମିଟି ପ୍ରତିନିଧିମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଦଳୀୟ ମୁଖପାତ୍ର ଆର୍.ପି.ଏନ୍. ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଅକ୍ଟୋବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପଦଯାତ୍ରା କରିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। – ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ୭ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାଛଡା ଝାଡଖଣ୍ଡ ଏବଂ ଓଡିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ଅନୁଗୋଳ, ଦେବଗଡ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ତେବେ ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, କୋରାପୁଟ, ବରଗଡ, ବଲାଙ୍ଗୀର, ସୋନପୁର ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୪ ତାରିଖ ଯାଏ ପଶ୍ଚିମ ଏବଂ ଉତ୍ତର ଓଡିଶାରେ ବର୍ଷା ପରିମାଣ ବୃଦ୍ଧିପାଇବ। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡାରେ ସର୍ବାଧିକ ୧୩୪.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୪୩.୮, ପାରାଦୀପ ୧୪.୮, ବାରିପଦା ୪୧.୬, ଭୁବନେଶ୍ୱର ୪୦.୮, ସମ୍ବଲପୁର ୩୯.୯, ସୁନ୍ଦରଗଡ ୧୦୦, ହୀରାକୁଦ ୪୧.୩, ତାଳଚେର ୧୯, ଚାନ୍ଦବାଲି ୧୭.୪, ବଲାଙ୍ଗୀର ୨୮ ଏବଂ କୋରାପୁଟରେ ୧୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ସ୍ୱପ୍ନେନ୍ଦୁ ଡିଜିଟାଲ, ଅର୍ଥନୈତିକ ଜ୍ଞାନକୌଶଳ ଉପଦେଷ୍ଟା

ଭୁବନେଶ୍ୱର, ୧୨।୯(ବ୍ୟୁରୋ): ରାଜ୍ୟ ସରକାର ଗୁରୁବାର ସ୍ୱପ୍ନେନ୍ଦୁ ମହାନ୍ତିଙ୍କୁ ଡିଜିଟାଲ ଓ ଅର୍ଥନୈତିକ ଜ୍ଞାନକୌଶଳ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏଥିସହିତ ସ୍ୱପ୍ନେନ୍ଦୁଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ସ୍ୱପ୍ନେନ୍ଦୁ ରାଜ୍ୟ ପ୍ରଶାସନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧୀୟ ପ୍ରତିକ୍ରିୟା ସଂଗ୍ରହ କରି ବିଭାଗୀୟ ମନ୍ତ୍ରୀଙ୍କ ଜରିଆରେ ସମ୍ପୃକ୍ତ ବିଭାଗକୁ ଦେବେ। ସେହିପରି ଯୋଜନାର ଠିକ୍ କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀମାନଙ୍କୁ ଆବଶ୍ୟକ ସ୍ଥଳେ ପ୍ରସ୍ତାବ ଦେବେ। ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଲୋକାଭିମୁଖୀ ଯୋଜନାଗୁଡିକ ସ୍ୱପ୍ନେନ୍ଦୁଙ୍କ ପ୍ରଚେଷ୍ଟାରେ ଅଧିକ କ୍ରିୟାଶୀଳ ଓ ଫଳପ୍ରସୂ ହେବ ବୋଲି ଆଶା କରାଯାଉଛି।




# ବିଏସ୍ଏଫ୍ ଆଇଜି ହେଲେ ହର୍ମିନ୍ଦର ପାଲ

## 'ମାଓବାଦୀ ମୁକାବିଲା ପାଇଁ ନୂଆ ରଣନୀତି ହେବ'



**ଭୁବନେଶ୍ୱର,୧୨।୯(ବ୍ୟୁରୋ):** ବିଏସ୍ଏଫ୍ ଓଡିଶା ଫ୍ରଣ୍ଟିୟର କମାଣ୍ଡର(ଆଇଜି) ଭାବେ ନୂଆ ନିଯୁକ୍ତି ପାଇଛନ୍ତି ୧୯୮୪ ବ୍ୟାଚ୍ ବିଏସ୍ଏଫ୍ କ୍ୟାଡର ଅଫିସର ହର୍ମିନ୍ଦର ପାଲ। ଖୋର୍ଦ୍ଧାସ୍ଥିତ ବିଏସ୍ଏଫ୍ ମୁଖ୍ୟାଳୟରେ ଗୁରୁବାର ପୂର୍ବତନ ଆଇଜି ଅଶ୍ୱିନୀ କୁମାର ସିଂହଙ୍କଠାରୁ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ସେ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ ଦମନ ଅପରେଶନରେ ପାଲ ସଫଳତା ହାସଲ କରିଛନ୍ତି। ଏ କ୍ଷେତ୍ରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଦାୟିତ୍ୱ ଗ୍ରହଣ ପରେ ଆଇଜି ପାଲ୍ କହିଲେ, ରାଜ୍ୟରେ ଲାଗି ରହିଥିବା ଆତଙ୍କବାଦୀ ଉପଦ୍ରବ ହ୍ରାସ କରିବା ମୋ ପାଇଁ ବଡ଼ ଚ୍ୟାଲେଞ୍ଜ। ସେହିଭଳି ଦେଶରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ରହୁଛି। ଏଭଳି କ୍ଷେତ୍ରରେ ଯେଉଁ ଗୁରୁ ଦାୟିତ୍ୱ ମିଳିଛି ରାଜ୍ୟ ସରକାରଙ୍କ ସହଯୋଗରେ ଆଗକୁ ନେବେ ବୋଲି ସେ କହିଛନ୍ତି। ବିଶେଷକରି ମାଓବାଦୀ ଦମନ ସହ ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଓଡିଶାରେ ମାଓବାଦୀ କାର୍ଯ୍ୟକଳାପ ରୋକିବାରେ ୧୦ ହଜାର ବିଏସ୍ଏଫ୍ ଯବାନ ମୁତୟନ ରହିଛନ୍ତି। ମାଲକାନଗିରି ଓ କୋରାପୁଟ ଜିଲାରେ ଅଧିକ ମୁତୟନ କରାଯାଇଛି। ସୀମାବର୍ତ୍ତୀ ଅଞ୍ଚଳରେ ମାଓବାଦୀଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସେମାନେ ଓଡ଼ିଶା ଜଙ୍ଗଲ ଭିତରକୁ ପଶିବାର ଆଶଙ୍କା ରହିଛି। ତେଣୁ ସେମାନଙ୍କୁ ମୁକାବିଲା କରିବା ପାଇଁ ନୂଆ ରଣନୀତି ପ୍ରସ୍ତୁତ କରିବା ସହ ସ୍ୱାଭିମାନ ଅଞ୍ଚଳରେ ବିଏସ୍ଏଫ୍‌ର ଅଧିକ କ୍ୟାମ୍ପ ଖୋଲିବା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ପାଲ୍ କହିଛନ୍ତି।

## ■ ଜଳ ଜୀବନ ମିଶନ କର୍ମଶାଳା ଉଦ୍‌ଯାପିତ

# ୨୦୨୪ ସୁଦ୍ଧା ପ୍ରତି ଘରକୁ ପାଇପ ଯୋଗେ ପାନୀୟଜଳ

### ଭୂତଳ ଜଳସ୍ତର ହ୍ରାସ ଭାରତ ପାଇଁ ସମସ୍ୟା



କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଏବଂ ଅନ୍ୟମାନେ।

**ପୁରୀ ଅଫିସ,୧୨।୯**

ବର୍ତ୍ତମାନ ସୁଦ୍ଧା ଭାରତର ସାଢେ ୧୮ ପ୍ରତିଶତ ପରିବାରକୁ ପାଇପ ଯୋଗେ ପାନୀୟଜଳ ପହଞ୍ଚି ପାରିଛି। ଆଗାମୀ ସାଢେ ୪ ବର୍ଷ ମଧ୍ୟରେ ଏହାକୁ ୪ ଗୁଣା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ ୨୦୨୪ ସୁଦ୍ଧା ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟଜଳ ପହଞ୍ଚାଯିବ ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି।

ସ୍ଥାନୀୟ ମେ' ଫେୟାର ହୋଟେଲରେ ଅନୁଷ୍ଠିତ ଦୁଇଦିନିଆ ଜଳଜୀବନ ମିଶନ କର୍ମଶାଳାର ଗୁରୁବାର ଉଦ୍‌ଯାପନୀ ଦିବସରେ କେନ୍ଦ୍ରମନ୍ତ୍ରୀ ସିଂ ଏବଂ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ଶେଖାୱତ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ଲାଗି କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ପ୍ରତି ଗାଁକୁ ସଡ଼କ, ବିଦ୍ୟୁତ୍ ଯୋଗାଣ ସହ ପ୍ରତ୍ୟେକ ପରିବାରକୁ ଘର, ଶୌଚାଳୟ, ଗ୍ୟାସ୍ ଆଦି ସୁବିଧା ଯୋଗାଇଦେବା କାର୍ଯ୍ୟ ଜାରି ରହିଛି। ତେବେ ସବୁଠୁ ଅଧିକ ଜରୁରୀ ଆବଶ୍ୟକତା ହେଉଛି ପାନୀୟଜଳ। ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ପାନୀୟଜଳ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଜଳଜୀବନ ମିଶନ ଘୋଷଣା କରିଥିଲେ। ଏହାକୁ କିପରି ସୁନିଶ୍ଚିତ କରାଯିବ ସେଥିଲାଗି କାର୍ଯ୍ୟ ଆରମ୍ଭ ହୋଇଛି।

ତେବେ ଏହି ମିଶନକୁ ସଫଳ କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଜନସାଧାରଣ ଏହାଦ୍ୱାରା ଉପକୃତ ହୋଇପାରିବେ। କିନ୍ତୁ ଭୂତଳ ଜଳସ୍ତର ହ୍ରାସ ଭାରତ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଦ୍ରୁତଗତିରେ ଜଳସ୍ତର ହ୍ରାସ ପାଉଛି। ତେଣୁ ଭୂତଳ ଜଳସ୍ତରକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବାକୁ ହେବ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଭୂତଳ ଜଳସ୍ତରକୁ ସୁରକ୍ଷିତ ରଖିବା ସହ ଭୂତଳ ଜଳକୁ ରିଚାର୍ଜ କରିବାକୁ ହେବ। କେନ୍ଦ୍ରମନ୍ତ୍ରୀ ରାଜସ୍ଥାନର ଉଦାହରଣ ଦେଇ କହିଥିଲେ, ସେଠାକାର ସରକାରଙ୍କ ଉଦ୍ୟମ ଫଳରେ ଭୂତଳ ଜଳସ୍ତର ୫ ଫୁଟ ବୃଦ୍ଧି ପାଇଛି। ତେଣୁ ଜଳ ଉତ୍ସର ସୁରକ୍ଷା ଉପରେ ସମସ୍ତେ ଗୁରୁତ୍ୱ ଦେବା ଦରକାର। ଏଥିସହ ପାରମ୍ପରିକ ଭୂତଳ ଜଳର ସଂରକ୍ଷଣ ଓ ରିଚାର୍ଜ, ବର୍ଷାଜଳ ସଂରକ୍ଷଣ ଓ ପରିଚାଳନା, ବନୀକରଣ ଏବଂ ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏ ସବୁ ପ୍ରତି ଧ୍ୟାନ ଦେଲେ ପ୍ରତ୍ୟେକ ପରିବାର ପାଖରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶେଖାୱତ ମତ ରଖିଥିଲେ। ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, କେନ୍ଦ୍ର ସରକାର ଅଧିକ ଅନୁଦାନ ଦେଲେ ବସୁଧା ଯୋଜନା ମାଧ୍ୟମରେ ରାଜ୍ୟରେ ପାଇପ ଜଳ ଯୋଗାଣ ତ୍ୱରାନ୍ୱିତ ହୋଇପାରିବ। ତଥାପି ରାଜ୍ୟ ସରକାର ଏ ଦିଗରେ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି। ଜଳ ଜୀବନ ମିଶନକୁ ସଫଳ କରିବା ଲାଗି ୫ଟି ଆଞ୍ଚଳିକ କର୍ମଶାଳାର ଆୟୋଜନ କରାଯାଇଛି। ପ୍ରଥମ କର୍ମଶାଳା ଗତ ୩ ଓ ୪ତାରିଖରେ ଚଣ୍ଡିଗଡ଼ରେ ହୋଇଥିବା ବେଳେ ପୁରୀଠାରେ ପୂର୍ବାଞ୍ଚଳ କର୍ମଶାଳା ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ସମେତ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ରାଜସ୍ଥାନ, ଆଣ୍ଡାମାନ ଏବଂ ନିକୋବର ସରକାରଙ୍କ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ସାମାଜିକ କର୍ମୀ ଏବଂ ଅନ୍ୟ ଅଂଶୀଦାରମାନେ ସାମିଲ ହୋଇଥିଲେ।

# ମୃତ ନଦୀଗୁଡ଼ିକର ପୁନରୁଦ୍ଧାର କରାଯିବ

## ପ୍ରାକୃତିକ ନଳା ଉପରେ ଘର ତିଆରି ସମସ୍ୟା ଆଣିଛି: ମନ୍ତ୍ରୀ

**ପୁରୀ ଅଫିସ, ୧୨।୯**

ଦେଶରେ ଜଳ ଜୀବନ ମିଶନ ଯୋଜନା ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ଘରେ ପିଇବା ପାଣି ପହଞ୍ଚାଇବା ଲାଗି ରାଜ୍ୟ ସରକାର 'ବସୁଧା' ଯୋଜନା ଆରମ୍ଭ କରିସାରିଛନ୍ତି। ଏହି ଯୋଜନା ଆରମ୍ଭ ପୂର୍ବରୁ ଅର୍ଥାତ୍ ୨ବର୍ଷ ପୂର୍ବେ ରାଜ୍ୟର ୪୦ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିଲା। ବସୁଧା ଆରମ୍ଭ ହେବା ପରେ ୮ପ୍ରତିଶତ ବୃଦ୍ଧି ପାଇ ୪୮ପ୍ରତିଶତ ଲୋକଙ୍କୁ ଏହି ସୁବିଧା ଦିଆଯାଇପାରୁଛି। ଏଥିପାଇଁ ଯେଉଁ ଯୋଜନା କରାଯାଇଛି ତାହା ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୬୫ ପ୍ରତିଶତ ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ସ୍ଥାନୀୟ ମେ' ଫେୟାର ହୋଟେଲରେ ଚାଲିଥିବା ଜଳ ଜୀବନ ମିଶନର ଉଦ୍‌ଯାପନୀ ସମାରୋହରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ମନ୍ତ୍ରୀ ଜେନା କହିଛନ୍ତି, ୨୦୨୪ ସୁଦ୍ଧା ଓଡ଼ିଶାର ପ୍ରତି ଗାଁରେ ପାଇପ ଯୋଗେ ପାନୀୟ ଜଳ ପହଞ୍ଚାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଅତ୍ୟନ୍ତ ଜରୁରୀ। ରାଜ୍ୟ ବଜେଟରେ ଏଥିପାଇଁ ୩ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ କେନ୍ଦ୍ର ସରକାର ମାତ୍ର ୩୦୦ କୋଟି ଟଙ୍କା ଦେଉଛନ୍ତି। ରାଜ୍ୟର ସବୁ ଗାଁର ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦେବା ଲାଗି ଆମେ ଚାହୁଁଛୁ। କେନ୍ଦ୍ର ସରକାର ଜଳ ଜୀବନ ମିଶନ ଜରିଆରେ ଅଧିକ ଆର୍ଥିକ ସହାୟତା ପ୍ରଦାନ କଲେ ଏହାକୁ ଆମେ ସଫଳ କରିପାରିବୁ। ପୁରୀର ଭୂତଳ ଜଳ ସଂରକ୍ଷଣ ସମ୍ପର୍କରେ ମନ୍ତ୍ରୀ କହିଥିଲେ, ପୁରୀ ଆଖପାଖ ଅଞ୍ଚଳରେ ଥିବା ମୃତ ନଦୀ (ଡେଡ୍ ରିଭର)ଗୁଡ଼ିକୁ ପୁନରୁଦ୍ଧାର କରାଯିବ। ଏହା ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ଲାଗି ପଦକ୍ଷେପ ନିଆଯିବ। ପୁରୀର ଡ୍ରେନେଜ ଏବଂ ସ୍ୱେରେଜ ଡିଭିଜନ ପାଇଁ ସମନ୍ୱିତ ଯୋଜନା କରାଯାଉଛି। ୫୦/୧୦୦ ବର୍ଷ ପୂର୍ବରୁ କେତେକ ପ୍ରାକୃତିକ ନଳା ଥିଲା, ଯେଉଁଥିରେ ବର୍ଷା ହେଲେ ପାଣି ନିଷ୍କାସିତ ହୋଇଯାଉଥିଲା। କିନ୍ତୁ ଏହି ପ୍ରାକୃତିକ ନଳାକୁ ଜବରଦଖଲ କରି ତାହା ଉପରେ ଘର କରିଦିଆଯାଇଛି। ଏଥିପାଇଁ ବଡ଼ ସମସ୍ୟା ହେଉଛି। ଏହାକୁ ଦୃଷ୍ଟିରେ ରଖି ସହରର ଡ୍ରେନେଜ ବ୍ୟବସ୍ଥାକୁ କିପରି ଉନ୍ନତ କରାଯାଇପାରିବ ସେଥିପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି। ପୁରୀରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ତେଣୁ ନଈ ପାଣିକୁ କିପରି ଲୋକମାନଙ୍କୁ ଯୋଗାଇ ଦିଆଯିବ ସେଥିଲାଗି ପ୍ରତି ବ୍ଲକରେ ମେଗା ପ୍ରୋଜେକ୍ଟ କରାଯାଉଛି ବୋଲି ମନ୍ତ୍ରୀ ଜେନା କହିଥିଲେ।

# ନିରଞ୍ଜନଙ୍କ ନିଦ ହଜାଇ ଦିଆଯିବ: ଇତିଶ

## ■ କଂଗ୍ରେସରେ ବିରୋଧ ଯିଏ ମଧ କରିପାରିବ: ଜିତେନ୍ଦ୍ର

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଗତ କିଛି ମାସ ହେଲା ରାଜ୍ୟ କଂଗ୍ରେସର ସାଂଗଠନିକ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇଯାଇଛି। ଦଳୀୟ ରାଜ୍ୟ କାର୍ଯ୍ୟାଳୟ କଥା ନେତାମାନେ ଭୁଲି ଗଲେଣି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପଦ ବଜାୟ ରଖିଥିଲେ ମଧ୍ୟ ଦୀର୍ଘଦିନ ହେବ ଚୁପ୍ ବସିପଡ଼ିଛନ୍ତି। ଦେଖିବାକୁ ଗଲେ କଂଗ୍ରେସ କାର୍ଯ୍ୟକ୍ରମ ଏକ ପ୍ରକାର ସୁପ୍ତ ଥିବାବେଳେ ଗୁରୁବାର ପିସିସି ସଭାପତିଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ଆବାହକ ଇତିଶ ପ୍ରଧାନ କଡା ସମାଲୋଚନା କରିଛନ୍ତି। ଇତିଶ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ନିରଞ୍ଜନଙ୍କ ନିଦ ହଜାଇ ଦିଆଯିବ। ଦିଲ୍ଲୀରୁ ଫେରିବାପରେ ତାଙ୍କୁ ରାଜ୍ୟରେ ପୂରାଇ ଦିଆଯିବନାହିଁ। ନିଜ ଭାଇଙ୍କୁ ମଧ୍ୟସ୍ଥ କରି ଦଳକୁ ସମ୍ପୂର୍ଣ୍ଣ ବିକ୍ରି କରିଦେଇଛନ୍ତି। ଦଳକୁ ନେଇ ବେପାର ଚଳାଇଛନ୍ତି, ହେଲେ ଏହାକୁ ସହ୍ୟ କରାଯିବନାହିଁ। ବିଜେଡିକୁ ଜିତାଇବା ସକାଶେ ଭିତିରି ବୁଝାମଣା କରି କଂଗ୍ରେସକୁ ରାସ୍ତାରେ ବସାଇଛନ୍ତି। ତାଙ୍କଠାରୁ ଦଳ ବହୁତ କିଛି ଆଶା ରଖିଥିଲା। ମାତ୍ର ପାରିବାରିକ ସ୍ୱାର୍ଥ ସାଧନ ସକାଶେ ଦଳର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲେ। ପିସିସି ସଭାପତିଙ୍କ ଏଭଳି କାର୍ଯ୍ୟକୁ ସହ୍ୟ କରାଯିବ ନାହିଁ ବୋଲି ଇତିଶ କହିଛନ୍ତି। ଅନ୍ୟପଟେ ବିଦେଶରୁ ଫେରି ନିରଞ୍ଜନ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇଛନ୍ତି।

ଇତିଶଙ୍କ ଅଭିଯୋଗ ଉପରେ ନିରଞ୍ଜନଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ କହିଛନ୍ତି, ବିରୋଧ ଯିଏ ମଧ କରିପାରିବ। ଆମେ କାହାରି ସ୍ୱର ଦବାଇବା ଠିକ୍ ହେବନାହିଁ। ଭାଜପାରେ ଯେମିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧ କିଏ ସ୍ୱର ଉଠାଇଲେ ତା' ବିରୋଧରେ ବଡଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଉଛି, କଂଗ୍ରେସରେ ସେମିତି ହୁଏନାହିଁ। ହେଲେ ଦଳରେ ଗୋଟେ ଅନୁଶାସନ ରହିଛି। ଏପରି ଗଣମାଧ୍ୟମ ସାମ୍ନାରେ ଆସି କହିବା ଠିକ୍ ନୁହେଁ। ଦଳର ବ୍ୟବସ୍ଥା ଭିତରେ ଅଭିଯୋଗ କରିବା ଠିକ୍ ହେବ। ସିଏ କ'ଣ କହିଛନ୍ତି ତାକୁ ଅନୁଧ୍ୟାନ କରାଯିବା ପରେ କାର୍ଯ୍ୟାନୁଷ୍ଠାନ କଥା ଠିକ୍ କରାଯିବ ବୋଲି ଜିତେନ୍ଦ୍ର କହିଛନ୍ତି।

# ପିଲାଙ୍କୁ ଦିଆଯିବ ଅହିଂସା ମନ୍ତ୍ର

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ପିଲାଙ୍କୁ ଗାନ୍ଧୀଙ୍କ ଅହିଂସା ମନ୍ତ୍ର ଦିଆଯିବ। ରାଜ୍ୟର ୬୨ଲକ୍ଷ ପିଲାଙ୍କୁ ଅହିଂସା ବାବଦରେ ଶିକ୍ଷା ଦିଆଯିବ। ରାଜ୍ୟର ସବୁ ସ୍କୁଲ, ବ୍ଲକ ଓ ଜିଲାସ୍ତରରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନେଇ କୁଇଜ୍, ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ଚଳିତମାସ ୧୬ରୁ ୧୮ ଯାଏ ସ୍କୁଲ ସ୍ତରରେ, ୨୩ ଓ ୨୪ରେ ବ୍ଲକ ସ୍ତରରେ ଏବଂ ୨୭ ଓ ୨୮ରେ ଜିଲା ସ୍ତରରେ ଏହି ପ୍ରତିଯୋଗିତା ହେବ। କୃତୀ ଛାତ୍ରୀଛାତ୍ରଙ୍କୁ ଅକ୍ଟୋବର ୨ରେ ପୁରସ୍କୃତ କରାଯିବ। ଏନେଇ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଘୋଷଣା କରିଛି।

ଆଜିର ଦିନରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ପ୍ରାସଙ୍ଗିକତା ସବୁଠୁ ବେଶି। ଅହିଂସା ଶବ୍ଦ ସହ ଦେଶର ସ୍ୱାଧୀନତା ଓତଃପ୍ରୋତଃ ଭାବେ ଜଡ଼ିତ। ମହାତ୍ମା ଗାନ୍ଧୀଙ୍କ ଅହିଂସା ମନ୍ତ୍ର ଯୋଗୁ ଭାରତ ଦାସତ୍ୱରୁ ମୁକ୍ତ ହୋଇଥିଲା। ତେଣୁ ଛାତ୍ରୀଛାତ୍ରମାନେ ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହୁଅନ୍ତୁ ବୋଲି ଗଣଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅକ୍ଟୋବର ୨ରେ ସାରା ଦେଶରେ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରାଯିବ। ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ମନ୍ତ୍ର ବିଷୟରେ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟଗୁଡ଼ିକରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, କ୍ଷୁଦ୍ର ନାଟକ ପ୍ରତିଯୋଗିତା କରାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

## ■ଆଇଆଇଏମ୍ ସ୍ଥାୟୀ କୋଠା ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷରିତ

# ପ୍ରଥମ ପର୍ଯ୍ୟାୟ ଖର୍ଚ୍ଚ ୪୦୧ କୋଟି

**ସମ୍ବଲପୁର, ୧୨।୯ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ୍ ସ୍ଥାୟୀ କୋଠା ନିର୍ମାଣ ପାଇଁ ଗୁରୁବାର ଚୁକ୍ତି ସ୍ୱାକ୍ଷର ହୋଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜସୱାଲ ଓ ଏନ୍‌ବିସିସି ଜେନେରାଲ ମ୍ୟାନେଜର ଇଂ. ଏ.କେ.ସୋମଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର ହୋଇଥିବା ୪୦୧ କୋଟି ଟଙ୍କାର କାମ ଆରମ୍ଭ କରାଯିବ । ଆଜିଠାରୁ ଡ୍ରଇଂ, ଡିଜାଇନ ପାଇଁ ପ୍ରଥମ ୬ମାସ ଓ ତା'ପରେ ୨୪ ମାସ ସିଭିଲ କାମ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଆଇଆଇଏମ୍ ପରିସରକୁ ପ୍ରଦୂଷଣମୁକ୍ତ କରାଯିବ ବୋଲି ନିର୍ଦ୍ଦେଶକ ଜସୱାଲ କହିଛନ୍ତି। ଆଇଆଇଏମ୍ ଭିତରେ ବ୍ୟାଟେରି ଚାଳିତ ଗାଡି ବ୍ୟବହାର କରାଯିବ । ଅନ୍ୟ ଗାଡିକୁ ଭିତରକୁ ପ୍ରବେଶ କରି ଦିଆଯିବ ନାହିଁ । ପରିସର ଭିତରେ ଗଛ ଲଗାଇ ସବୁଜ ସୁନ୍ଦର କରାଯିବ। ଶତପ୍ରତିଶତ ସୋଲାର ଲାଇଟ ବ୍ୟବହାର କରାଯିବାକୁ ସ୍ଥିର କରାଯାଇଛି। କୋଣାର୍କ ମନ୍ଦିର ଭଳି ଐତିହାସିକ ସ୍ଥାନଗୁଡିକ ସହ ପଶ୍ଚିମ ଓଡିଶାର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ବିଭିନ୍ନ ଚିତ୍ର ଓ ନିର୍ମାଣ କାମ ସ୍ଥାନିତ କରାଯିବ। ଫଳରେ ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଜାଣିପାରିବେ ବୋଲି ସେ କହିଛନ୍ତି ।




ସମ୍ବଲପୁର ଆଇଆଇଏମ୍ ପରିସରରେ ନିର୍ଦ୍ଦେଶକ ଓ ଏନବିସିସିଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଉଛି।

- ■୩୦ ମାସରେ ନିର୍ମାଣ କାମ ସରିବ
- ■ପ୍ରଦୂଷଣମୁକ୍ତ ହେବ ପରିସର
- ■କ୍ୟାମ୍ପସକୁ କୌଣସି ଗାଡ଼ି ପଶି ପାରିବନି
- ■କେବଳ ବ୍ୟାଟେରି ଚାଳିତ ଗାଡ଼ି ଗଡ଼ିବ
- ■ଶତ ପ୍ରତିଶତ ସୋଲାର ଲାଇଟ ଲାଗିବ

ସୂଚନାଯୋଗ୍ୟ, ନାନା ବାଦବିବାଦ ପରେ ଶେଷରେ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା କରିବାକୁ ସ୍ଥିର କରାଯାଇଥିଲା। ପ୍ରଥମେ ଅସ୍ଥାୟୀ କୋଠାରେ ଏହି ଅନୁଷ୍ଠାନ ତାର କାର୍ଯ୍ୟ ଆରମ୍ଭ କରିଥିଲା । ଅନେକ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଦେଶର ଅନ୍ୟତମ ଅନୁଷ୍ଠାନ ଭାବେ ଏବେ ଆଇଆଇଏମ୍ ପରିଗଣିତ ହେଉଛି। ଚଳିତବର୍ଷ ୫୦ ପ୍ରତିଶତରୁ ଅଧିକ ଛାତ୍ରୀ ନାମ ଲେଖାଇଛନ୍ତି, ଯାହାକି ଆଇଆଇଏମ୍ ପାଇଁ ଗୌରବ। ବିଗତ ବର୍ଷରେ ପାଠପଢ଼ି ଏଠାରୁ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଛନ୍ତି । ତେଣୁ ଏହି କୋଠା ନିର୍ମାଣ ସଂପୂର୍ଣ୍ଣ ହେଲେ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀଙ୍କ ପାଇଁ ସୁବିଧା ହେବ। ପାଠପଢ଼ାରେ ମଧ ଆହୁରି ଉନ୍ନତ ହେବ। ତେଣୁ ଧାର୍ଯ୍ୟ ସମୟ ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶକ ଜସୱାଲ ଏନବିସିସି ଇଂ. ସୋମଙ୍କୁ ଅନୁରୋଧ କରିଛନ୍ତି। ସୋମ ମଧ କହିଛନ୍ତି, କମ୍ପାନୀ ପକ୍ଷରୁ ଶିକ୍ଷାନୁଷ୍ଠାନ ଗୁଡିକ ନିର୍ମାଣ କରିବାରେ ଅଭିଜ୍ଞତା ରହିଛି। ବିଶାଖାପାଟଣା ଓ ରାଞ୍ଚିରେ ପ୍ରକଳ୍ପ କାମ ଚାଲିଛି । ସମ୍ବଲପୁର ଆଇଆଇଏମ୍ ନିର୍ମାଣ ମଧ ଧାର୍ଯ୍ୟ ଲକ୍ଷ୍ୟ ଭିତରେ ସଂପୂର୍ଣ୍ଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନିକ କୋଠା, କ୍ଲାସ ରୁମ୍, କମ୍ୟୁନିଟି ସେଣ୍ଟର, କ୍ଲବ, ମିଟିଂ ହଲ୍, ଲାଇବ୍ରେରି, ଛାତ୍ରୀଛାତ୍ର ନିବାସ, ଅଧ୍ୟାପକ ଓ କର୍ମଚାରୀଙ୍କ କ୍ୱାର୍ଟର୍ସ ସହ କାନ୍ଥ ନିର୍ମାଣ ପାଇଁ ଲକ୍ଷ୍ୟ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ କାମ କରାଯିବ ବୋଲି ସେ କହିଛନ୍ତି।

## ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (PUCC) ସମ୍ବନ୍ଧରେ ଗାଡ଼ିମାଲିକଙ୍କ ପାଇଁ ସୂଚନା

ଏତଦ୍ୱାରା ସମସ୍ତ ନାଗରିକ, ଗାଡ଼ି ମାଲିକ ତଥା ଡ୍ରାଇଭରମାନଙ୍କୁ ଜଣାଇ ଦିଆଯାଉଛି ଯେ :

୧. ପଞ୍ଜିକରଣ ତାରିଖ ଠାରୁ ଏକ ବର୍ଷ ମଧ୍ୟରେ କୌଣସି ଗାଡ଼ି ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (PUCC) ଆବଶ୍ୟକ ନାହିଁ ।
୨. ସମସ୍ତ ପ୍ରକାର ଇଲେକ୍ଟ୍ରି ଯାନ ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରର ଆବଶ୍ୟକତା ନାହିଁ ।
୩. ପଞ୍ଜିକରଣର ଏକ ବର୍ଷ ପରେ ଅନ୍ୟ ସମସ୍ତ ପ୍ରକାରର ଯାନ ଯଥା ଦୁଇ ଚକିଆ, ତିନି ଚକିଆ, ଚାରି ଚକିଆ, ଟ୍ରାକ୍ଟର, ହାଲୁକା ଯାନ, ମଧ୍ୟମ ଓ ଭାରି ଯାନ ଇତ୍ୟାଦି ଚଳାଇବା ପାଇଁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ ଅଟେ ।
୪. BS-IV ନିୟମ ଅନୁପାଳନ କରୁଥିବା ଗାଡ଼ିଗୁଡ଼ିକ ପାଇଁ ଜାରି କରାଯାଇଥିବା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଏକ ବର୍ଷ ଯାଏଁ ଓ ଅନ୍ୟାନ୍ୟ ଗାଡ଼ି ପାଇଁ ଛଅ ମାସ ପାଇଁ ବୈଧ ରହିବ ।
୫. ଗାଡ଼ିର ପ୍ରଦୂଷଣ ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିବା ଦେୟ ନିମ୍ନରେ ପ୍ରଦାନ କରାଗଲା ।

| କ୍ରନଂ | ଯାନର ପ୍ରକାର | ଦେୟ (ଜିଏସଟିକୁ ଛାଡ଼ି) |
|---|---|---|
| ୦୧ | ଦୁଇ ଓ ତିନି ଚକିଆ ଯାନ | ୬୦ ଟଙ୍କା |
| ୦୨ | ହାଲକା ମୋଟର ଯାନ | ୧୦୦ ଟଙ୍କା |
| ୦୩ | ମଧ୍ୟମ ଓ ଭାରି ମୋଟର ଯାନ | ୧୫୦ ଟଙ୍କା |

ପରିବହନ କମିଶନର, ଓଡ଼ିଶା

ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ପ୍ରଦ୍ୟୁଷଣ ଯାଞ୍ଚ କେନ୍ଦ୍ର ଗୁଡ଼ିକର ସୂଚୀ www.orissatransport.nic.in / www.odishatransport.gov.in ଉପଲବ୍ଧ ଅଛି ।




ପ୍ରଦୂଷଣମୁକ୍ତ ସମାଜ ଆମର ଲକ୍ଷ୍ୟ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୩ ସେପ୍ଟେମ୍ବର, ୨୦୧୯



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...............................



ଦେବେଶ
ପରିବାରବର୍ଗ



ରିଓ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ବାଲେଶ୍ୱର ସ୍ୱାସ୍ଥ୍ୟବିକାଶ ସମିତିର ପ୍ରଥମ ବୈଠକ

# ‘ଏଫ୍‌ଏମ୍ ମେଡିକାଲ କଲେଜ ସମସ୍ୟାର ସମାଧାନ ହେବ’





ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଆରଡିସି ଅନିଲ ସାମଲଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧୨।୯

ବାଲେଶ୍ୱରରେ ସ୍ୱାସ୍ଥ୍ୟସେବାକୁ ନେଇ ପ୍ରଥମ ସ୍ୱାସ୍ଥ୍ୟ ବିକାଶ ସମିତି ସାଧାରଣ ବୈଠକ ଗୁରୁବାର କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆରଡିସି ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ବାଲେଶ୍ୱରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତେବେ ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି।

ବୈଠକରେ ଫକୀର ମୋହନ ମେଡିକାଲ କଲେଜ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଫଳରେ ଏହି ଡାକ୍ତରଖାନାରୁ ଲୋକମାନେ ଠିକ୍ ଭାବେ ସେବା ପାଇପାରୁନାହାନ୍ତି। ଜିଲାବାସୀ ଚିକିତ୍ସା ପାଇଁ କଟକ ଆସିବା ସହ ଅସୁବିଧାରେ ପଡୁଛନ୍ତି। ତେଣୁ ଖୁବ୍‌ଶୀଘ୍ର ଏହି ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେବାର ସମୟ ଆସିଛି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି। କେବଳ ମେଡିକାଲ କଲେଜ ନୁହେଁ ବରଂ ଜିଲାରେ ମୋଟ୍ ୩୦୦ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ଏବେ ୧୮୦ ଜଣ ଅଛନ୍ତି। ଡାକ୍ତର ପଦବୀ ପୂରଣ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ସହ ଫକୀର ମୋହନ ମେଡିକାଲର ରୂପରେଖ ବଦଳାଇବାକୁ ଉଦ୍ୟମ ହେବ ବୋଲି ସେ କହିଛନ୍ତି। ଏହି ମେଡିକାଲ କଲେଜର ଷ୍ଟାଫ ସମସ୍ୟା, ପାରାମେଡିକାଲ କର୍ମଚାରୀ, ଆବଶ୍ୟକ ଭିତ୍ତିଭୂମି ନ ଥିବାବେଳେ ଏହାର ବିକାଶ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମେଡିକାଲରେ ରୋଗୀମାନଙ୍କୁ କିଭଳି ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ, ନିରକ୍ଷର ରୋଗୀମାନଙ୍କ ପାଇଁ ହେଲ୍ପ ଡେସ୍କ କରାଯାଇ ସେମାନଙ୍କ ରୋଗ ମୁତାବକ ବିଭାଗକୁ ପରାମର୍ଶ ଦିଆଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିକାଶ ସମିତିର ନିୟମାବଳୀ ପାଠ କରାଯିବା ସହ ବ୍ୟୟ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଅନ୍ୟପକ୍ଷରେ ଏହି ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ଅଲଗା ଥିବାରୁ ଡାକ୍ତରୀ ଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ପ୍ରାକ୍ଟିକାଲ କରିବାରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସରକାରଙ୍କ ସମସ୍ତ ଅନୁଦାନ ମେଡିକାଲ ପାଇଁ ଖର୍ଚ୍ଚ କରାଯାଉଥିବାରୁ ମେଡ଼ିକାଲ କଲେଜ ଅବହେଳିତ ହେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି। ତେବେ ଡାକ୍ତରଖାନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ପରିସର ଅପରିଷ୍କାର ହୋଇଥିବାବେଳେ ଏଠାରେ ସଂକ୍ରମଣର ଆଶଙ୍କା ରହିଛି। ଆବଶ୍ୟକ ସଫେଇ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ବୈଠକରେ ବାଲେଶ୍ୱର ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଫକୀରମୋହନ ମେଡିକାଲ କଲେଜର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ବାଳକ ମୃତ

ଛେଣ୍ଡିପଦା,୧୨।୯(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡାରେ ଗୁରୁବାର ଜଣେ ୮ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଛି। ମୃତକ କିଶୋରନଗର ବ୍ଲକ ମକାମୁଣ୍ଡା ଗ୍ରାମର ସିପୁନ ପଧାନ ବୋଲି ଜଣାପଡିଛି। ସିପୁନ ତାଙ୍କ ମାମୁ ଘର ଛେଣ୍ଡିପଦା ଥାନା କିସିଣ୍ଡାରେ ରହି ପାଠ ପଢୁଥିଲେ। ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ତାଙ୍କ ମୁଣ୍ଡକୁ ଏକ ଚିତି ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ଏମଭି-୯୬ ପୋଲ ଉପରେ ୪ ଫୁଟ ବନ୍ୟାଜଳ ପ୍ରବାହିତ

କାଲିମେଲା/ଏମଭି-୭୯, ୧୨।୯(ଡି.ଏନ.ଏ)

ମାଲାକନଗିରି ଜିଲା କାଲିମେଲା ବ୍ଲକ ଅଞ୍ଚଳରେ ଗୁରୁବାର ପ୍ରବଳବର୍ଷା ହୋଇଛି। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବ୍ଲକ ଅନ୍ତର୍ଗତ ମାଲକାନଗିରି-ମୋଟୁ ଜାତୀୟ ରାଜପଥର ଏମଭି-୯୬ ପୋଲ ଉପରେ ୪ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି-ମୋଟୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । କାଲିମେଲାରୁ ଏମଭି-୭୯ ମୋଟୁ ଆଦି ସ୍ଥାନକୁ ଗାଡିମୋଟର ଚଳାଚଳ ବନ୍ଦ ରହିଛି। ସକାଳ ୧୨ଟା ପରଠାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଓ ଜନସାଧାରଣ ଅଟକି ରହିଥିବା ଦେଖିବାକୁ ମିଳିଛି। ଏଥିସହ ବିଭିନ୍ନ ନାଳ ଓ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ଅନେକ ଚାଷଜମିରେ ବନ୍ୟା ଜଳ ମାଡିଯାଇଛି। କାଲିମେଲା ବ୍ଲକରେ ୯୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହାକୁ ମିଶାଇ କାଲିମେଲା ବ୍ଲକରେ ୬ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇସାରିଲାଣି। ପୋଟେରୁ, କାଙ୍ଗୁରୁକୋଣ୍ଡା,ଏମଭି-୯୦,ଏମଭି-୯୬, କନ୍ୟାଶ୍ରମ ନିକଟରେ ଥିବା ପୋଲଗୁଡିକର ଉଚ୍ଚତା କମ ହୋଇଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହେଉଛି।

ପ୍ରଥମ ପୃଷ୍ଠାରୁ...

## ଓରେରାକୁ ଚକମା ଦେଉଛନ୍ତି...

ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ପଞ୍ଜୀକରଣର ତଦନ୍ତ ସୀମିତ ରହିଥିବା ବେଳେ ବିଲ୍‌ଡରମାନେ ଲୁଚିଛପି ନିଜର କଳା ବ୍ୟବସାୟ ଚାଲୁ ରଖିଛନ୍ତି।

ଅନ୍ୟପକ୍ଷରେ ସଚ୍ଚୋଟ ଉପାୟରେ ନିଜର ବ୍ୟବସାୟ କରିବାକୁ ପାଦ କାଢିଥିବା ପଞ୍ଜୀକୃତ ରିୟଲ ଇଷ୍ଟେଟ ଏବଂ ଡେଭଲପରମାନେ ଓରେରାର ଚକ୍ରବ୍ୟୂହରେ ଫସିଯାଇଛନ୍ତି। ଓରେରା ଗାଇଡ ଲାଇନରୁ ସାମାନ୍ୟ ବିଚ୍ୟୁତି ହେବା ମାତ୍ରେ ପ୍ରକଳ୍ପକୁ ଫୋପାଡ଼ି ଦିଆଯାଉଛି। ଅନ୍‌ଲାଇନ ଆବେଦନ ଡେଭଲପରଙ୍କ ସମସ୍ୟାକୁ ଆହୁରି ବଢାଇଦେଇଛି। ସଫ୍ଟୱେର ସମସ୍ୟା ଯୋଗୁ ମାସ ମାସ ଧରି ପ୍ରକଳ୍ପ ଅନୁମୋଦନ ନ ହୋଇ ପଡ଼ିରହୁଛି। ଆଇନଗତ ସମସ୍ୟା ଯୋଗୁ ପ୍ରକଳ୍ପ ଅନୁମୋଦନ ହେବାରେ ସମସ୍ୟା ରହୁଥିବା ଓରେରା ପକ୍ଷରୁ କୁହାଯାଉଛି। ଓରେରାରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୭ ମେ ୧ ତାରିଖରୁ ୨୦୧୯ ସେପ୍ଟେମ୍ବର ୧୨ ତାରିଖ ମଧ୍ୟରେ ମୋଟ ୭୨୬ଟି ପ୍ରକଳ୍ପ ଅନୁମୋଦନ ପାଇଁ ଆବେଦନ କରାଯାଇଛି। ସେଥିରୁ ମାତ୍ର ୩୦୮ଟି ଅନୁମୋଦନ ହୋଇଛି। ଗ୍ରାମାଞ୍ଚଳରେ ଗଢି ଉଠିଥିବା ତଥା ବିଡିଓ ଏବଂ ସରପଞ୍ଚଙ୍କ ଦ୍ୱାରା ଅନୁମୋଦିତ ୧୪୬ଟି ଆବାସିକ, ବ୍ୟବସାୟିକ ପ୍ରକଳ୍ପ ପାଇଁ କୌଣସି ଗାଇଡ୍‌ଲାଇନ ନ ଥିବାରୁ ତାହା ତ୍ରିଶଙ୍କୁ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପ ଗୁଡ଼ିକରେ ନିର୍ମିତ ୨୨,୩୩୩ଟି ଆବାସିକ ଗୃହ ଗ୍ରାହକଙ୍କ ନାମରେ ପଞ୍ଜୀକୃତ ହୋଇପାରୁନାହିଁ। କୋଟି କୋଟି ଟଙ୍କା ପୁଞ୍ଜି ନିବେଶ କରିଥିବା ଡେଭଲପରମାନେ ସେମାନଙ୍କ ଆପାର୍ଟମେଣ୍ଟକୁ ବିକ୍ରି କରିପାରୁନାହାନ୍ତି। ଦେଶରେ ଆର୍ଥିକ ମାନ୍ଦାବସ୍ଥା ଚାଲିଥିବା ବେଳେ ରାଜ୍ୟରେ ପଞ୍ଜୀକୃତ ରିୟଲ ଇଷ୍ଟେଟ୍‌ରେ କର୍ମଚାରୀ ଛଟେଇ ହେବା ସହ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ରାଜ୍ୟରେ ପ୍ରାୟ ୩୫୦ ଅସାଧୁ ବିଲ୍‌ଡର ଚାଷୀଙ୍କ ଆଢୁଆଳରେ ରହି ଏଭଳି କଳାକାରନାମା ଚଳାଇଛନ୍ତି। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ବାର୍ଷିକ ପ୍ରାୟ ୩ ହଜାର କୋଟି କ୍ଷତି ସହିବାକୁ ପଡୁଛି। ଆଇଜିଆର କିମ୍ବା ସବ୍‌ରେଜିଷ୍ଟ୍ରାରମାନଙ୍କର ସହଯୋଗ ମିଳୁ ନ ଥିବାରୁ ଅସାଧୁ କାରବାର ରୋକାଯାଇ ପାରୁନାହିଁ। ପ୍ରକଳ୍ପ ଅନୁମୋଦନ ପାଇଁ ଆସିଲେ ଓରେରା ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରିବ। ଏହାକୁ ଦୃଷ୍ଟିରେ ରଖି ଆବାସିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୫ ଟଙ୍କା ସର୍ବାଧିକ ୨ଲକ୍ଷ ୫୦ ହଜାର ଟଙ୍କା, ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୧୦ ଟଙ୍କା ସର୍ବାଧିକ ୫ ଲକ୍ଷ ଏବଂ ଉଭୟ ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ପାଇଁ ପ୍ରତି ବର୍ଗମିଟରକୁ ୭ ଟଙ୍କା ସର୍ବାଧିକ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ବେଆଇନ ଜମି କାରବାର ଯୋଗୁ ପ୍ରକଳ୍ପ ଆୟରୁ ଓରେରା ନିଜ ଖର୍ଚ୍ଚ ତୁଲାଇବା ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ମଧ୍ୟ ଧୂଳିସାତ୍ ହେଉଛି। ଅନ୍ୟପକ୍ଷରେ ରିୟଲ ଇଷ୍ଟେଟ ଆଇନର ଭିତରେ ରହି ସରକାରଙ୍କୁ ଟିକସ ଦେଉଥିବା ବିଲ୍‌ଡରମାନେ ମଧ୍ୟ ଏହି ବ୍ୟବସାୟରୁ ମୁହଁ ମୋଡ଼ିବା ଆରମ୍ଭ କଲେଣି। ଯେଉଁ କେତେକ ତିଷ୍ଠି ରହିଛନ୍ତି ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେଉଥିବାରୁ ସାଂଘାତିକ ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ସରକାର ଏ ଦିଗରେ ତୁରନ୍ତ ଧ୍ୟାନ ନ ଦେଲେ ରିୟଲ ଇଷ୍ଟେଟ୍ ବ୍ୟବସାୟ ଅନ୍ଧକାରମୟ ହେବ ବୋଲି ରିୟଲ ଇଷ୍ଟେଟ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ବେଆଇନ ଜମି ବିକ୍ରି କରିବା ଉପରେ କଟକଣା ନ ଲଗାଇଲେ ଅସାଧୁ ବିଲ୍‌ଡରଙ୍କର କଳାକାରବାରକୁ ରୋକାଯାଇପାରିବ ନାହିଁ ବୋଲି ଓରେରାର ଜଣେ ଅଧିକାରୀ କହିଛନ୍ତି।

## ଶ୍ରେଷ୍ଠ ୩୦୦ରେ...

ଦକ୍ଷତାସମ୍ପନ୍ନ ପ୍ରତିଭା ରହିଛି। ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କଲାଭଳି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱୀମାନେ ଢେର୍ ଆଗୁଆ ରହିବା ସହ ଗବେଷଣାକୁ ଗୁରୁତ୍ୱ ଦେଉଛନ୍ତି। ଭାରତରେ ଉଚ୍ଚଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଶ୍ରେଷ୍ଠ ୩୦୦ରେ ସ୍ଥାନ ନ ମିଳିବା ପରିତାପର ବିଷୟ ବୋଲି ର୍‍ୟାଙ୍କିଙ୍ଗ୍ ଏଡିଟର ଇଲି ବୋଥ୍‌ୱେଲ ପ୍ରକାଶ କରିଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ବିଶ୍ୱର ସବୁଠାରୁ ଶ୍ରେଷ୍ଠ ସମ୍ମାନଜନକ ଶିକ୍ଷା ର୍‍ୟାଙ୍କିଙ୍ଗ୍‌ଭାବେ ଜଣାଶୁଣା। ବିଶ୍ୱର ୯୨ ଦେଶର ୧,୩୯୬ ଉଚ୍ଚ ଶିକ୍ଷାନୁଷ୍ଠାନର ର୍‍ୟାଙ୍କ ଏହା ପ୍ରସ୍ତୁତ କରିଥାଏ। ଏଥିରେ ଶିକ୍ଷାଦାନ, ଗବେଷଣା, ଜ୍ଞାନ ସ୍ଥାନାନ୍ତରଣ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ସହ ବିଭିନ୍ନ ୧୩ଟି କ୍ଷେତ୍ରରେ ଉଚ୍ଚତର ଗବେଷଣାକୁ ଗୁରୁତ୍ୱ ଦିଆଯାଇଥାଏ। ଚଳିତ ବର୍ଷ ମଧ୍ୟ ଅକ୍ସଫୋର୍ଡ ୟୁନିଭର୍ସିଟି ଲଗାତର ଚତୁର୍ଥ ଥର ଲାଗି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ସଫଳ ହୋଇଛି। ଆମେରିକାର ୬୦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୨୦୦ରେ ସ୍ଥାନ ପାଇଥିବାବେଳେ କାଲିଫର୍ଣ୍ଣିଆର ୧୦ ଏଥିରେ ଅଛନ୍ତି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ତୃତୀୟରୁ ଦ୍ୱିତୀୟ ସ୍ଥାନକୁ ଆସିଥିବାବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଯାଇଛି। ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମେନ୍‌ଲାଣ୍ଡ ଚାଇନା ସଫଳତା ପାଇଛି।

## ପୋଲିସ ଭ୍ୟାନ୍...

କରିବା ସହିତ ଦୁର୍ଘଟଣା ଘଟାଇଥିବା ଭ୍ୟାନ୍‌କୁ ପୋଲିସ ଜବତ କରିଛି। ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଭ୍ୟାନ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଥିବାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନା ପରିସରରେ ପୋଲିସ ଟିମ୍ ମୁତୟନ ହୋଇଥିଲେ। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତକଙ୍କ ସମ୍ପର୍କୀୟମାନେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ଜିଲା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ଏବଂ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତି ନେବେ। ଅ-ନାମାକ୍ଷର ବ୍ୟକ୍ତି ଅବହେଳା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବତିକ୍ରମ ଦେଖା ଦେଇପାରେ। ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ ନାହିଁ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ।

**ବୃଷ** ଆଜିର ଜୀବନଯାତ୍ରା ବ-ନାମାକ୍ଷର ବ୍ୟକ୍ତି ସକାଶେ ବ୍ୟୟ ବହୁଳ ହୋଇପାରେ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ କ୍ଷେତ୍ରରେ ଆଶଙ୍କା ଓ ଉଦ୍‌ବେଗ ସୃଷ୍ଟି କରିପାରେ। ବନ୍ଧୁଙ୍କ ଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଳା ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଘ-ନାମାକ୍ଷର ବ୍ୟକ୍ତି ଶିକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କୁ ପ୍ରଶଂସା କରି ପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ।।

**କର୍କଟ** ଆପଣ ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ । କିନ୍ତୁ ଡ-ନାମାକ୍ଷର ବ୍ୟକ୍ତିଙ୍କ ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ସିଂହ** ମ-ନାମାକ୍ଷର ବ୍ୟକ୍ତିଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରି ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସହକର୍ମୀ କିମ୍ବା ପାଖ ପଡୋଶୀମାନେ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବେ।

**କନ୍ୟା** ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟା ମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। ପୂ-ନାମାକ୍ଷର ବ୍ୟକ୍ତିମାନେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡି ପାରନ୍ତି। ସମ୍ପର୍କୀୟ ଭାଇଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପାଇଁ ଚିନ୍ତା କରିବେ।

**ତୁଳା** ତ-ନାମାକ୍ଷର ବ୍ୟକ୍ତିଙ୍କ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଅତୀତର କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିବାର ଆଶଙ୍କା ରହିଛି। ଆଜିପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କୀୟ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ବହୁତ ଦିନରୁ ଅଟକି ରହିଥିବା କାମଟି ଉପରିସ୍ଥଙ୍କର ସୌଜନ୍ୟରୁ ହୋଇଯିବ। ନ-ନାମାକ୍ଷର ବ୍ୟକ୍ତି ଦୃଢ଼ ପଦକ୍ଷେପ ନେଇ ବକେୟା ଅର୍ଥ ଆଦାୟ କରିପାରନ୍ତି। କ୍ରୟବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ଏବଂ ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ** ଆଜି ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହି ପାରନ୍ତି। ଭୂ-ନାମାକ୍ଷର ବ୍ୟକ୍ତି କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହୋଇ ଉଠିବ।

**ମକର** ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇପାରେ। ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ଖ-ନାମାକ୍ଷର ବ୍ୟକ୍ତି ମୁହଁ ଖୋଲିଲେ ପାଖ ପଡୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ମେଳରେ ଦିନଟି ଭଲରେ କଟିବ । କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ।

**କୁମ୍ଭ** ଶ-ନାମାକ୍ଷର ବ୍ୟକ୍ତିଙ୍କର ମନୋବଳ ବୃଦ୍ଧି ପାଇବା କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖା ଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବ।

**ମୀନ** ଦ-ନାମାକ୍ଷର ବ୍ୟକ୍ତିଙ୍କର ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ହାତକୁ ନେଇଥିବା କାମ ଅଟକି ରହିବ ନାହିଁ। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ଆନୁଷ୍ଠାନିକ କିମ୍ବା ସାମାଜିକ କାମରେ ଖର୍ଚ୍ଚଣି ବଢିଯିବ।

ଆଜି ଭାଦ୍ରବ ପୂର୍ଣ୍ଣିମା ଶୁକ୍ରବାର, ଇନ୍ଦ୍ରୋତ୍ସବ, ସେପ୍ଟେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ଦିବା ଘ୬।୫୩ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୨୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୩ମି. ଗତେ ଘ୮।୨୫ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୧ମି. ଗତେ ଘ୧୧।୪୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

1500sqft. gharabari plot 30ft wideroad 2km before Xavier University, Bhubaneswar for sale 9937162220. D-66188

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ **possession** ଥାଇ **plot sqft. 399/-**ରେ ମିଳୁଅଛି। **9090963952.** D-66774

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

Gharabari plot at Atala near Hanspal Square, Bhubaneswar 30’ wideroad, electricity, immediate registration / possession, boundary. 9438419823, 9437286655. D-67062

ଭୁବନେଶ୍ୱର ସୁନ୍ଦରପଦା **Xavier University** ପଛପଟରେ **Immediate registration & Possession** ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। **Contact: 8249292535.** D-66780

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ୍ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

Shop on rent of 12ft x 20ft with partitions and furniture at New Care Hospital Road, Chandrasekharpur, Bhubaneswar. 9937000624, 9438080874. D-66959

Prime location single room attach bath, kitchen, Lewis road, Bhubaneswar. 9861124451. D-67230

Prime location 1000sqft office / godown, Lewi road, Bhubaneswar. 9861124451. D-67231

3BHK near Bhagwan Tower, Canal road, Shanti Nagar, Jharpada, Bhubaneswar. Contact: 9885043645. D-67229

**1200sqft full furnished commercial office space for rent, 1st floor Bomikhal CTC Road, Bhubaneswar. Contact: 09880193309, 7411536937.** D-67385

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ’ରୁମ୍ ଭଡ଼ାଦିଆଯିବା। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

**ACCOMMODATION**

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Ayurvedic herbal body massage trend therapist. Mob: 8018246332. D-66961

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

Kajal ayurvedic massage club fully relaxed by smart lady, home service available. 9937637219. D-66960

**BUSINESS**

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**AFFIDAVIT**

By virtue of an affidavit before Notary Public Nayagarh, I have changed my name as Indrajit instead of Inderjit. So further I will be known as Indrajit Singh Chawla for all purposes. D-67704



## ଜିଲ୍ଲା ଚିଠି
### ବୌଦ୍ଧ

## ମହାନଦୀ କୂଳରେ ଜଳକଷ୍ଟ

ବୌଦ୍ଧ ସହର ମହାନଦୀ କୂଳରେ ଅବସ୍ଥିତ। ହେଲେ ସହରବାସୀ ଭଲରେ ପାନୀୟ ଜଳ ଗରାଏ ପାଇବାରୁ ବଞ୍ଚିତ। ବୌଦ୍ଧ ସହରର ଲୋକ ସଂଖ୍ୟା ୨୨ ହଜାରରୁ ଅଧିକ। ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସହର ପାନୀୟଜଳ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସହରବାସୀଙ୍କ ପାଇଁ ଦୈନିକ ୩୫ ଲକ୍ଷ ଲିଟର ପାନୀୟଜଳର ଆବଶ୍ୟକତା ରହିଛି। ହେଲେ ବର୍ତ୍ତମାନର ଭିତ୍ତିଭୂମିରେ ମାତ୍ର ୨୪ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଉଥିବା ବିଭାଗ କହିଛି। ପୂର୍ବରୁ ଦୈନିକ ଦୁଇଓଳି ଦୁଇଘଣ୍ଟା ଲେଖାଏଁ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଥିଲା। ବର୍ତ୍ତମାନ ଉପଭୋକ୍ତାଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଦୈନିକ ଗୋଟିଏ ଓଳି ମାତ୍ର ଦେଢ ଘଣ୍ଟା ପାନୀୟଜଳ ଯୋଗାଣ କରାଯାଉଛି। ଫଳରେ ଅନେକ ପରିବାର ଆବଶ୍ୟକତା ମୁତାବକ ପାଣି ପାଇପାରୁ ନାହାନ୍ତି। ସେମାନଙ୍କୁ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି। ସହରରେ ୧୯୩୯ ପାଇପ ଜଳ ସଂଯୋଗ ଦିଆଯାଇଛି। ସେଥିମଧ୍ୟରୁ ୬୬ ସରକାରୀ କାର୍ଯ୍ୟାଳୟ, ୧୬୩ ସରକାରୀ ବାସଭବନ, ୧୬୯୧ ଘରୋଇ ସଂଯୋଗ ରହିଥିବା ବେଳେ ୧୯ଟି ବ୍ୟବସାୟିକ ସଂଯୋଗ ରହିଛି। ଏହାବ୍ୟତୀତ ୧୯୦ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଲୋକମାନଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ତେବେ ଅଧିକାଂଶ ଲୋକ ବିଭାଗୀୟ କର୍ମଚାରୀଙ୍କୁ ଧରାଧରି କରି ବେଆଇନ ଭାବେ ପାନୀୟଜଳ ସଂଯୋଗ ନେଇଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଏହାକୁ ନେଇ କୌଣସି ତଥ୍ୟ ନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାବ୍ୟତୀତ ପାଇପ ଲାଇନରେ ମୋଟର ଲଗାଇ ଅଧିକ ପାଣି ଟଣାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ଶେଷମୁଣ୍ଡ ପର୍ଯ୍ୟନ୍ତ ପାନୀୟଜଳ ପହଞ୍ଚି ପାରୁନାହିଁ। ମୋଟର ଲଗାଇ ପାଣି ଟାଣୁଥିବା ଉପଭୋକ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଚୁପ୍ ବସିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସହରରେ ବହୁ ସଂଖ୍ୟକ ବ୍ୟବସାୟିକ ପ୍ରତିଷ୍ଠାନ ଥିଲେ ମଧ୍ୟ ମାତ୍ର ୧୯ଜଣ ଉପଭୋକ୍ତା ବ୍ୟବସାୟିକ ସଂଯୋଗ ନେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ବେଆଇନ ସଂଯୋଗ ନେଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ସବୁ ଜାଣି ଚୁପ୍ ରହିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏପଟେ ପାନୀୟଜଳ ପାଇଁ ସରକାରୀ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ସାଧାରଣ ଉପଭୋକ୍ତାମାନଙ୍କୁ ବିଭିନ୍ନ କଟକଣା କରି ଦୈନିକ ମାତ୍ର ଦେଢ ଘଣ୍ଟା ପାନୀୟ ଜଳ ଯୋଗାଇ ଦିଆଯାଉଛି। ସହରରେ ତିନୋଟି ଓଭରହେଡ ଟାଙ୍କି ନିର୍ମାଣ ହୋଇଛି। ବର୍ଷ ତମାମ ପାଇପ ଲାଇନ ବିଛାଇବା କାର୍ଯ୍ୟ ଚାଲିଛି। ପ୍ରାୟ ୧୦ବର୍ଷ ହେଲା ଅନୁଦାନ ଆସି କାର୍ଯ୍ୟ ଚାଲିଥିଲେ ମଧ୍ୟ ଜଳ ବିଶୁଦ୍ଧୀକରଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ମହାନଦୀ କୂଳରେ ଥାଇ ମଧ୍ୟ ବୌଦ୍ଧବାସୀ ପାନୀୟଜଳ ସଙ୍କଟର ଶିକାର ହେଉଛନ୍ତି।

– ଅଜିତ କୁମାର ବାରିକ

## ଅନ୍‌ଲାଇନ ସେବା ପାଇଁ ଜନସେବା କେନ୍ଦ୍ରକୁ ଗୁରୁତ୍ୱ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଲୋକମାନଙ୍କୁ ସହଜରେ ବିଭିନ୍ନ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଏବେ ଅନ୍‌ଲାଇନ୍ ବ୍ୟବସ୍ଥାକୁ ସରଳୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ପୂର୍ବରୁ ଯେଉଁ ସବୁ ଯୋଜନାଗୁଡ଼ିକ ସମ୍ପୃକ୍ତ ବିଭାଗ ମାଧ୍ୟମରେ ଅନ୍‌ଲାଇନ୍‌ରେ କରାଯାଉଥିଲା ତାହା ଏବେ ଜନସେବା କେନ୍ଦ୍ରରେ କରାଯିବ। ଉଦାହରଣ ସ୍ୱରୂପ ଗାଡ଼ି ଲାଇସେନ୍ସଟିଏ କରିବା ପାଇଁ ଲୋକଙ୍କୁ ଅନ୍‌ଲାଇନ(ବାହନ ୱେବ୍‌ସାଇଟ୍) ଜରିଆରେ ଆବେଦନ କରିବାକୁ ପଡୁଛି। ହେଲେ ଅଧିକାଂଶ ଲୋକ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। କେବଳ ଅଶିକ୍ଷିତ ଲୋକେ ନୁହନ୍ତି ବରଂ ପଢାପଢି କରି ମଧ୍ୟ ଅନେକ ଅନ୍‌ଲାଇନ ବ୍ୟବସ୍ଥା ସମ୍ପର୍କରେ ଜ୍ଞାତ ନୁହଁନ୍ତି। ଫଳରେ ଲାଇସେନ୍ସ ଆବେଦନ ପାଇଁ ଅନେକଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ବହୁସମୟରେ ଲୋକମାନେ ଦଲାଲ୍‌ମାନଙ୍କ ଉପରେ ନିର୍ଭରଶୀଳ ହୋଇ ଠକେଇର ମଧ୍ୟ ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଲୋକଙ୍କୁ ସହଜରେ ଅନ୍‌ଲାଇନ ବ୍ୟବସ୍ଥା ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉଥିବା ପରିବହନ ବିଭାଗର ଜନୈକ ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଲାଇସେନ୍ସ ଆଣିବା ପୂର୍ବରୁ ଲୋକଙ୍କୁ ପ୍ରଥମେ ଲର୍ନିଂର ଆବଶ୍ୟକତା ପଡ଼ିଥାଏ। ତେଣୁ ଲୋକେ ପ୍ରଥମେ ଲର୍ନିଂ ପାଇଁ ବିଭାଗ ନିକଟରେ ଆବେଦନ କରିଥାଆନ୍ତି। ଏଥିପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଏହି କାର୍ଯ୍ୟ ପଞ୍ଚାୟତସ୍ତରରେ ଥିବା ଜନସେବା କେନ୍ଦ୍ର ହାତକୁ ଟେକିଦେବା ପାଇଁ ପରିବହନ ବିଭାଗ ଚିନ୍ତା କରିଛି। ହେଲେ ଜନସେବା କେନ୍ଦ୍ରଗୁଡିକ ସେତେଟା ବଡ଼ ଧରଣର ନୁହେଁ, ଯେଉଁଥିଲାଗି ଏସବୁ କାର୍ଯ୍ୟ କରାଯାଇପାରିବ। ରାଜ୍ୟରେ ମୋଟ ୬,୭୯୮ ଗ୍ରାମପଞ୍ଚାୟତ ରହିଛି। ସରକାରଙ୍କ ବିଭିନ୍ନ ଯୋଜନା ଲାଗି ଆବଶ୍ୟକତା ପଡୁଥିବା ବିଭିନ୍ନ କାର୍ଯ୍ୟ ସୁବିଧାରେ କରିବା ସକାଶେ ପଞ୍ଚାୟତସ୍ତରରେ ଜନସେବା କେନ୍ଦ୍ର ଖୋଲାଯାଇଥିଲା।କେନ୍ଦ୍ର ସରକାରଙ୍କ ଅନୁଦାନରେ ଖୋଲାଯାଇଥିବା ଏହି କେନ୍ଦ୍ରଗୁଡିକ କିନ୍ତୁ ସବୁ ପଞ୍ଚାୟତରେ ନାହିଁ। ମିଳିଥିବା ସୂଚନା ମୁତାବକ ମାତ୍ର ୩,୮୦୦ ପଞ୍ଚାୟତରେ ଏହି କେନ୍ଦ୍ର ଚାଲୁ ରହିଛି। କେନ୍ଦ୍ର ସରକାର ଏହି କେନ୍ଦ୍ର ଲାଗି ଯେଉଁ ଅର୍ଥ ଦେଉଥିଲେ ତାହା ବନ୍ଦ କରିଦେବା ଫଳରେ ଏହି ବ୍ୟବସ୍ଥା ଦୁର୍ବଳ ହୋଇଯାଇଛି। ହେଲେ ରାଜ୍ୟ ସରକାର ଏବେ ନିଜ ପାଣ୍ଠିରେ ଜନସେବା କେନ୍ଦ୍ର ଖୋଲିବା ପାଇଁ ଚିନ୍ତା କରୁଛନ୍ତି। ପ୍ରତ୍ୟେକ ଜନସେବା କେନ୍ଦ୍ରରେ ଲୋକେ ଲାଇସେନ୍ସ ପାଇଁ ଆବେଦନ କରିଲେ ସେମାନଙ୍କୁ କେତେ ଟଙ୍କା ଦେଲେ ଠିକ୍ ହେବ ସେନେଇ ପରିବହନ ବିଭାଗ ପକ୍ଷରୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇଟି) ବିଭାଗଠାରୁ ପରାମର୍ଶ ଲୋଡ଼ାଯାଇଛି। ଏନେଇ ଆଇଟି ବିଭାଗକୁ ପରିବହନ ବିଭାଗ ଚିଠି ଦେବାସହ ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରି ଜଣାଇବା ପାଇଁ ନିବେଦନ ମଧ୍ୟ କରିଛି। ଏନେଇ କେନ୍ଦ୍ର ସରକାରଙ୍କ (ଏନ୍‌ଆଇସି) ନ୍ୟାଶନାଲ ଇନ୍‌ଫରମେଶନ ସେଣ୍ଟରକୁ ମଧ୍ୟ ଚିଠି ଦ୍ୱାରା ଜଣାଇ ଦିଆଯିବ।

ଆଇଟି ବିଭାଗ ସଚିବ ମନୋଜ ମିଶ୍ରଙ୍କ କହିବାନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ର ଦ୍ୱାରା ଲୋକଙ୍କୁ ବହୁତଗୁଡ଼ିଏ ସେବା ଅନ୍‌ଲାଇନ୍ ମାଧ୍ୟମରେ ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହା ବିଶେଷକରି ଜନସେବା କେନ୍ଦ୍ର ମାଧ୍ୟମରେ କରିବାକୁ ଯୋଜନା ଚାଲିଛି। ତେବେ କେନ୍ଦ୍ର ସରକାରଙ୍କ ଅନୁଦାନରେ ଖୋଲିଥିବା ଜନସେବା କେନ୍ଦ୍ର ପାଇଁ ପାଣ୍ଠି ବନ୍ଦ ହେବାପରେ ଅନେକ ବନ୍ଦ ହୋଇଯାଇଛି। ଆଗକୁ ରାଜ୍ୟ ସରକାରଙ୍କ ପାଣ୍ଠିରେ ଜନସେବା କେନ୍ଦ୍ର ଅଧିକରୁ ଅଧିକ ଖୋଲିବାର ବ୍ୟବସ୍ଥା କରାଯିବ। କେବଳ ଲାଇସେନ୍ସ କଥା ନୁହେଁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଯାହା ଅନ୍‌ଲାଇନରେ କରିବାକୁ ପଡିବ ସେସବୁ ଜନସେବା କେନ୍ଦ୍ରରେ କରିବାକୁ ଯୋଜନା ଚାଲିଛି ବୋଲି ମିଶ୍ର କହିଛନ୍ତି।




**ନୂଆଖାଇ ଜୁହାର**

ବନ୍ୟା ହେଲା, ହଇରାଣ ହଉଛୁଁ ତଥାପି ନୂଆ ଖାଏମା।
ନୂଆଖାଇ ଉପଲକ୍ଷେ ସବୁ ସିଆନ୍ ସୁଜନ୍ ମାନ୍‌କେ ଆମର୍
ଜୁହାର୍। ଆର ବନ୍ୟା ବାଗିର ଦୁରଦଶା ନାଇଁ ହଉ। ମାଁ ତାର୍
ପନତ୍ କାନିଥି ସବ୍‌କୁ ଭଲ୍‌ରେ ରଖିଥାଉ– ଇଟା ଆମର୍ ବିନ୍‌ତି।

**ନାରାୟଣ ପ୍ରସାଦ ମିଶ୍ର**
**ସମ୍ପାଦକ, ସାଇଟ୍ କଲେଜ୍, ସଦାଇପାଲି**



**ଫର୍ମ ନଂ. ଆଇଏନ୍‌ସି-୨୫ଏ**

**ସର୍ବସାଧାରଣ କମ୍ପାନୀକୁ ଘରୋଇ କମ୍ପାନୀରେ ପରିବର୍ତ୍ତନ ସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞାପନ**

ଆଞ୍ଚଳିକ ନିର୍ଦ୍ଦେଶକ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ
କମ୍ପାନୀ ଅଧିନିୟମ, ୨୦୧୩, କମ୍ପାନୀ ଅଧିନିୟମ, ୨୦୧୩ର ସେକ୍ସନ୍ ୧୪ ଏବଂ କମ୍ପାନୀ (ଗଠନ) ନିୟମାବଳୀ, ୨୦୧୪ର ନିୟମ ୪୧ ମାମଲାରେ
ଏବଂ
ମେସର୍ସ ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ୍, ପଞ୍ଜୀକୃତ କାର୍ଯ୍ୟାଳୟ – ପ୍ଲଟ୍ ନଂ.-୩୮, ଗ୍ରାମ- କିରାରାମ୍ପା, ପୋ- ବନ୍ଧବାହାଲ, ତହସିଲ- ଲଖନପୁର, ଝାରସୁଗୁଡ଼ା, ଓଡ଼ିଶା – ୭୬୮୨୧୧ ମାମଲାରେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀୟ ଅଧିନିୟମ, ୨୦୧୩ର ସେକ୍ସନ୍ ୧୪ ସହିତ ପଠନପୂର୍ବକ ଉପରଦର୍ଶିତ ନିୟମାବଳୀ ଅଧୀନରେ କମ୍ପାନୀ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ଚାହୁଁଛି ଏବଂ ତା୦୯।୦୯।୨୦୧୯ରିଖରେ ଅନୁଷ୍ଠିତ ସ୍ୱତନ୍ତ୍ର ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ ଏହାକୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିବର୍ତ୍ତନ କରିବାକୁ ଇଚ୍ଛୁକ, ଯାହାଦ୍ୱାରା କମ୍ପାନୀ ଏପରି ପରିବର୍ତ୍ତନକୁ ଲାଗୁ କରିବାରେ ସକ୍ଷମ ହେବ।

ପ୍ରସ୍ତାବିତ କମ୍ପାନୀର ପରିବର୍ତ୍ତନ/ସ୍ଥିତି ଦ୍ୱାରା ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ନିଜ ଆପତ୍ତିକୁ ସ୍ୱାର୍ଥର ପ୍ରକୃତି ଏବଂ ବିରୋଧର କାରଣ ଦର୍ଶାଇ ଏକ ସତ୍ୟପାଠ ସହିତ ଏହି ନୋଟିସ ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ଆଞ୍ଚଳିକ ନିର୍ଦ୍ଦେଶକ, କୋଲକାତା, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ. ସି. ବୋଷ ରୋଡ୍, କୋଲକାତାଙ୍କ ନିକଟକୁ ତଥା ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀକୁ ତାହାର ପଞ୍ଜୀକୃତ ଠିକଣାରେ ପଠାଇବେ କିମ୍ବା ପଠାଇବାର ବ୍ୟବସ୍ଥା କରିବେ।

ଆବେଦନକାରୀ ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ୍ ପାଇଁ ଏବଂ ତରଫରୁ
ସ୍ୱା/- ପବନ କୁମାର ଅଗ୍ରୱାଲ
ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୧୬୧୯୭
ଠିକଣା: ୭, ହିଲ୍ସ କଲୋନୀ ଆର୍/୫ କ୍ରାନ୍ତି ନଗର ଜୈନ ମନ୍ଦିର ନିକଟ, ବିଳାସପୁର (ଛତିଶଗଡ଼) ୪୯୫୦୦୧
ତାରିଖ: ୦୯।୦୯।୨୦୧୯
ସ୍ଥାନ: ଝାରସୁଗୁଡ଼ା


## ■ଚାରା ବିଲ୍ ପାଇଁ ୧୮ ଶହ ଟଙ୍କା ଲାଞ୍ଚ
## ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗିରଫ

**ବଡମ୍ବା,୧୨।୯(ଡି.ଏନ୍.ଏ.)**

କଟକ ଜିଲା ବଡମ୍ବା ଉଦ୍ୟାନ କୃଷି କାର୍ଯ୍ୟାଳୟରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜଗମୋହନ ଦେବତା ଗୁରୁବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଚାରା ପାଇଁ ୧୦ ହଜାର ଟଙ୍କାର ବିଲ୍ କରାଇଦେବାକୁ କହି ସେ ୧୮ଶହ ଟଙ୍କା ଲାଞ୍ଚ ନେଉଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୩୨/୧୯) ରୁଜୁ ହୋଇଛି । ଜଗମୋହନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ବିରଞ୍ଚି ରାଉତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୮ରେ କୃଷି ବିଭାଗରୁ କାଜୁ ଓ ଅନ୍ୟାନ୍ୟ ଚାରା ନେଇଥିଲେ। ତାହାର ମଷ୍ଟରରୋଲ୍ ପ୍ରସ୍ତୁତି ତଥା ବିଲ୍ କରାଇଦେବା ପାଇଁ ଜଗମୋହନ ୧୮ଶହ ଟଙ୍କା ଲାଞ୍ଚ ମାଗିଥିଲେ । ଟଙ୍କା ନ ଦେଲେ ବିଲ୍ ହୋଇପାରିବ ନାହିଁ ବୋଲି କହି ସେ ବିଭିନ୍ନ ସମୟରେ ରାଉତଙ୍କୁ ହଇରାଣ କରୁଥିଲେ । ଏହାକୁ ନେଇ ରାଉତ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ରାଉତ ସହକାରୀ କୃଷି ଅଧିକାରୀ ଜଗମୋହନଙ୍କୁ ଲାଞ୍ଚ ଟଙ୍କା ପ୍ରଦାନ କରିଥିଲେ। ସେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏହାପରେ ତାଙ୍କ ବୀରବରପୁରସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା । ସେଠାରୁ ନଗଦ ୭୧,୯୦୦ ଟଙ୍କା, ବ୍ୟାଙ୍କ ପାସବୁକ୍ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଜବତ କରାଯାଇଛି। ଭିଜିଲାନ୍ସ ଡିଏସ୍‌ପି. ବେଣୁଧର ନାୟକ ଚଢ଼ାଉର ନେତୃତ୍ୱ ନେଇଥିଲେ। ଏଥିରେ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାମଲ, ଅନୁପମା ସାହୁ ଓ ସବ୍‌ଇନ୍ସପେକ୍ଟର ଅରୁଣ ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।


**UTKAL UNIVERSITY**
VANI VIHAR, BHUBANESWAR - 751004
ODISHA, INDIA

No. DRS/RUSA-1041-2016 (Equipment)/25237/2019 dated the 11 September 2019

**INDICATIVE NOTICE INVITING TENDER**

Two bid sealed tenders are invited from manufacturing firms / authorized dealers having VAT / GST clearance, PAN / TAN certificate for supply, installation and commissioning of the different scientific instruments / equipment for Central Instrumentation Facilities (CIF) and different post-graduate departments and Centres of Excellence (CoEs) of Utkal University by **18 October 2019 at 4.00 PM**. The tender document and details of terms and conditions can be downloaded from the University website **www.utkaluniversity.nic.in** from **11 September 2019 at 6.00 PM**. The date and time of pre-bidding and opening the technical bid are **23 September 2019 at 3.00 PM**. and **19 October 2019 at 3.00 PM** in the Syndicate Hall, Utkal University. The authority reserves the right to accept / negotiate / reject any or all the tenders and modify the conditions / specification at any stage without assigning any reason thereof.

Sd/- REGISTRAR


## ତେଲନଦୀରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**କଣ୍ଟାମାଳ,୧୨।୯(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ରେଙ୍ଗାଲି ପଞ୍ଚାୟତ ଦେଇ ବହିଯାଇଥିବା ତେଲନଦୀର କମଘାଟଠାରେ ଗୁରୁବାର ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ବୁଧବାର ସନ୍ଧ୍ୟାରେ ଗ୍ରାମର ମହିଳାମାନେ ଶୌଚ ପାଇଁ ଯାଇଥିବାବେଳେ ନଦୀକୂଳ ଗଛରେ ପାଣିକୁ ଲାଗି ପଲିଥିନ ଓ କପଡା ଗୁଡା ହୋଇଥିବା ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ତାକୁ ଉଦ୍ଧାର କରି କଣ୍ଟାମାଳ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ପଠାଇଛି। ମୃତଦେହ ଗଳିତ ଅବସ୍ଥାରେ ଥିବା ନେଇ ପୋଲିସ ସୂଚନା ଦେଇଛି। ପୋଲିସ ଏ ନେଇ କଣ୍ଟାମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।


**Government College (Auto), Angul**
www.gaca.nic.in

**Admission Notice: 2019-20**

The College offers 5-Year I-MBA, 2-Yr. MBA (LE) & 2-Yr. M.Com. (F&C) Self-Financing (PPP Mode) Courses and Applications are invited for Admission into the following Courses for the Session 2019-20

| Course | Annual Fee | Eligibility |
|---|---|---|
| 5-Yr. I-MBA | Rs. 15,000/- | +2 in Any Stream with 40% |
| 2-Yr. MBA (Lateral entry) | Rs. 50,000/- | +3 in Any Stream with 40% |
| 2-Year M.Com. (Finance & Control) | Rs. 22,500/- | |

Scholarship: Available for eligible SC, ST, OBC & Minority category.

The Application form can be obtained from the College on all working days on payment of Rs. 100/- and the form duly filled in all respect should reach the Principal on or before 16.09.2019. PRINCIPAL

Phone: 06764-237370
I-MBA: 9437374360, MBA (LE): 9853590609, M.Com.(F&C): 9040717438


# CLASSIFIED DISPLAY


**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY**
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575



**ସମସ୍ତ ସମସ୍ୟାରୁ ମୁକ୍ତି ପାଇବାର ଅବ୍ୟର୍ଥ ରାମବାଣ ଉପାୟ!**




ଶାସ୍ତ୍ରାନୁଯାୟୀ ଲକ୍ଷେ ପଚିଶ ହଜାର ମନ୍ତ୍ର ଦ୍ୱାରା ସିଦ୍ଧ କରାଯାଇଥିବା "ଶ୍ରୀ ଲକ୍ଷ୍ମୀ ବୃଦ୍ଧି ମହାକବଚ"କୁ ପୂଜା ସମୟରେ ପିନ୍ଧିବା ଦ୍ୱାରା ସମସ୍ତ ଅଟକି ରହିଥିବା କିମ୍ବା ବିଗିଡ଼ି ଯାଇଥିବା କାମ ପୂରା ହୁଏ ଏବଂ ଋଣ, ଧନ ଅଭାବ, ଚାକିରି-ବ୍ୟବସାୟର ସମସ୍ତ ସମସ୍ୟା ଦୂର ହୋଇ ଆକସ୍ମିକ ଧନ-ସମ୍ପତ୍ତି ପ୍ରାପ୍ତ ହୁଏ । ଶତ୍ରୁ ବାଧା, ପାରିବାରିକ କଳହ, ଦୃଷ୍ଟି-ଦୋଷ, ରୋଗ ଇତ୍ୟାଦିରେ ସଫଳତା ପ୍ରାପ୍ତ ହୋଇ ଆପଣଙ୍କ ଜୀବନ ଧନ-ସମ୍ପତ୍ତି, ସମ୍ପନ୍ନତା, ଐଶ୍ୱର୍ଯ୍ୟ ତଥା ଖୁସିରେ ପରିପୂର୍ଣ୍ଣ ହୋଇଯାଏ ।
ଡାକ ଖର୍ଚ୍ଚ ଛାଡ଼, ଡେଲିଭରୀ ପାଇବା ପରେ ପେମେଣ୍ଟ କରନ୍ତୁ।
ଲାଭ ଓ ସନ୍ତୁଷ୍ଟି ନ ହେଲେ 1 ବର୍ଷ ପରେ ଧନରାଶି ଫେରସ୍ତର ଗ୍ୟାରେଣ୍ଟି
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଟିକା ପର୍ଯ୍ୟନ୍ତ।



**ଆଜି କ'ଣ କେଉଁଠି**

**ଦେବଗଡ଼**
■ଭାଗବତ ଜନ୍ମ ଉତ୍ସବ ଅଧିବାସ, କଳସ ଯାତ୍ରା, କୁଟୁରାପଶି ଗ୍ରାମ, ଅପରାହ୍ନ ୪ଟା।

**ବୌଦ୍ଧ**
■ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଆରମ୍ଭ, ବୌଦ୍ଧ କଚେରୀ ଖେଳପଡିଆ, ସକାଳ ୭ଟା।

**ଭେଡେନ**
■ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ରଞ୍ଜିତା ଷ୍ଟାଡିୟମ, ଅପରାହ୍ନ ୨ଟା।

**ବିଜେପୁର**
■ଅନନ୍ତ ବ୍ରତ ମହୋତ୍ସବରେ ୧୪ପ୍ରକାର ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ, ଉପରପଡା, ରାତି ୮ଟା।

**ସୁନ୍ଦରଗଡ**
■ବ୍ରାହ୍ମଣ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସିଭିକ ସେଣ୍ଟର, ସନ୍ଧ୍ୟା ୬ଟା।

**ସମ୍ବଲପୁର**
■କୁଲତା ସମାଜର କାର୍ଯ୍ୟକାରୀ ବୈଠକ, ଦାନୀପାଲି ରଣେଶ୍ୱର ରାମଚଣ୍ଡୀ ପୀଠ, ଅପରାହ୍ନ ସାଢ଼େ ୪ଟା ।



**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount




**Audizone Speech & Hearing Clinic**

| BHUBANESWAR | | | CUTTACK | KORAPUT |
|---|---|---|---|---|
| Baramunda | Saheed Nagar | Jaydev Vihar | Link Road | In front of S.L.N Medical |
| 9777806331 | 6371045707 | 6372287878 | 7381770531 | 6372307123 |



**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841


## କାଠ ବୋଝେଇ ଭ୍ୟାନ୍ ଜବତ

**ରୂପ୍‌ସା, ୧୨।୯(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ନିକଟରୁ ବୁଧବାର ରାତିରେ ପୋଲିସ ଏକ ଚୋରା କାଠ ବୋଝେଇ ଭ୍ୟାନ୍ (ନଂ. ଡବ୍ଲ୍ୟୁବି-୧୧ଡି-୦୯୩୭) ଜବତ କରିଛି। ଗୁରୁବାର ପୋଲିସ କାଠ ଓ ଭ୍ୟାନକୁ ବନବିଭାଗକୁ ହସ୍ତାନ୍ତର କରିଛି। ଫରେଷ୍ଟର ବିବେକାନନ୍ଦ ଜେନା ତଦନ୍ତ ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗ ଅଞ୍ଚଳର ଭ୍ୟାନ୍‌ର ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖାଯାଇଛି।


ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ

| DIPLOMA PROGRAMME | CERTIFICATE PROGRAMME |
|---|---|
| GNM (Nursing) | MEDICAL LAB TECH. |
| ANM (Nursing) | X-RAY TECH |
| DMRT (X-Ray) | O.T TECH |
| DMLT (Pathology) | WARD TECH |
| | DIALYSIS TECH |
| ELIGIBILITY : +2 PASS | ELIGIBILITY : MATRIC PASS |



ପାରା ମେଡିକାଲ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)



**LEARN CCTV** ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment



**INSTALLATION & NETWORKING**
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
**SECURE TECHNICAL INSTITUTE** Patia Square Bhubaneswar
7064320000, 9583171111



**ତା. 15.10.2019 ରିଖ ଠାରୁ ଝାରସୁଗୁଡ଼ା ଷ୍ଟେସନ ପରିବର୍ତ୍ତେ ଝାରସୁଗୁଡ଼ା-ଇବ୍ ଷ୍ଟେସନ ପଥ ଦେଇ ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ**

| ଟ୍ରେନ୍ ନଂ. | ଠାରୁ-ପର୍ଯ୍ୟନ୍ତ | ଯାତ୍ରା ଆରମ୍ଭ କରୁଥିବା ଷ୍ଟେସନରୁ ଟ୍ରେନ୍‌ଗୁଡ଼ିକର ପ୍ରାରମ୍ଭିକ ତାରିଖ | କାର୍ଯ୍ୟକାରୀ ତାରିଖଠାରୁ ଝାରସୁଗୁଡ଼ା ରୋଡ଼ ଅତିକ୍ରମ |
|---|---|---|---|
| 22909 | ଭାଲସାଡ୍-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ | 17.10.2019 (ଗୁରୁବାର) | 19.10.2019 (ଶନିବାର) |
| 22910 | ପୁରୀ-ଭାଲସାଡ୍ ସାପ୍ତାହିକ ଏକ୍ସପ୍ରେସ୍ | 20.10.2019 (ରବିବାର) | 20.10.2019 (ରବିବାର) |
| 20813 | ପୁରୀ-ଯୋଧପୁର ସାପ୍ତାହିକ ଏକ୍ସପ୍ରେସ୍ | 16.10.2019 (ବୁଧବାର) | 16.10.2019 (ବୁଧବାର) |
| 20814 | ଯୋଧପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ | 19.10.2019 (ଶନିବାର) | 21.10.2019 (ସୋମବାର) |
| 14709 | ବିକାନେର୍-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ | 20.10.2019 (ରବିବାର) | 22.10.2019 (ମଙ୍ଗଳବାର) |
| 14710 | ପୁରୀ-ବିକାନେର୍ ସାପ୍ତାହିକ ଏକ୍ସପ୍ରେସ୍ | 16.10.2019 (ବୁଧବାର) | 16.10.2019 (ବୁଧବାର) |
| 12879 | ଲୋକମାନ୍ୟ ତିଲକ୍-ଭୁବନେଶ୍ୱର ଦ୍ୱି - ସାପ୍ତାହିକ ଏକ୍ସପ୍ରେସ୍ | 16.10.2019 (ବୁଧବାର) | 16.10.2019 (ବୁଧବାର) |
| 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ୍ ଦ୍ୱି - ସାପ୍ତାହିକ ଏକ୍ସପ୍ରେସ୍ | 17.10.2019 (ଗୁରୁବାର) | 17.10.2019 (ଗୁରୁବାର) |
| 22865 | ଲୋକମାନ୍ୟ ତିଲକ୍-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ | 17.10.2019 (ଗୁରୁବାର) | 17.10.2019 (ଗୁରୁବାର) |
| 22866 | ପୁରୀ-ଲୋକମାନ୍ୟ ତିଲକ୍ ସାପ୍ତାହିକ ଏକ୍ସପ୍ରେସ୍ | 15.10.2019 (ମଙ୍ଗଳବାର) | 15.10.2019 (ମଙ୍ଗଳବାର) |

ଝାରସୁଗୁଡ଼ା ରୋଡ଼ ଠାରେ ରହଣି ସହିତ ଝାରସୁଗୁଡ଼ା ପରିବର୍ତ୍ତେ ଝାରସୁଗୁଡ଼ା ରୋଡ଼-ଇବ୍ ଷ୍ଟେସନ ପଥ ଦେଇ ମାର୍ଗ ପରିବର୍ତ୍ତନ ପରେ ସଂଶୋଧିତ ସମୟସୂଚୀ ନିମ୍ନାନୁଯାୟୀ ହେବ:

| ପ୍ରଚଳିତ ସମୟସୂଚୀ | | | ↓ ଷ୍ଟେସନ | ସଂଶୋଧିତ ସମୟସୂଚୀ | | |
|---|---|---|---|---|---|---|
| 20814 14709 | 22909 | 12879 22865 | | 20814 14709 | 22909 | 12879 22865 |
| 00.38/00.40 | 00.38/00.40 | --- | ବ୍ରଜରାଜନଗର | 00.38/00.40 | 00.38/00.40 | --- |
| 01.20/01.40 | 01.20/01.40 | 23.35/23.55 | ଝାରସୁଗୁଡ଼ା | --- | --- | --- |
| 01.46/Thro | 01.46/Thro | 00.01/Thro | ଝାରସୁଗୁଡ଼ା ରୋଡ଼ | 01.15/01.20 | 01.15/01.20 | 23.25/23.30 |
| 02.25/02.45 | 02.55/03.00 | 00.40/01.00 | ସମ୍ବଲପୁର/ ସମ୍ବଲପୁର ସିଟି | 02.15/02.35 | 02.30/02.35 | 00.30/00.50 |

| ପ୍ରଚଳିତ ସମୟସୂଚୀ | | | ଷ୍ଟେସନ ↑ | ସଂଶୋଧିତ ସମୟସୂଚୀ | | |
|---|---|---|---|---|---|---|
| 12880 22866 14710 | 22910 | 20813 | | 12880 22866 14710 | 22910 | 20813 |
| 12.30/12.50 | 12.20/12.25 | 22.05/22.25 | ସମ୍ବଲପୁର/ ସମ୍ବଲପୁର ସିଟି | 12.25/12.45 | 12.20/12.25 | 22.00/22.20 |
| 13.30/Thro | 13.30/Thro | 23.15/Thro | ଝାରସୁଗୁଡ଼ା ରୋଡ଼ | 13.40/13.45 | 13.40/13.45 | 23.30/23.35 |
| 13.45/14.05 | 13.35/13.55 | 23.25/23.45 | ଝାରସୁଗୁଡ଼ା | --- | --- | --- |
| --- | --- | 23.53/23.55 | ବ୍ରଜରାଜନଗର | --- | --- | 23.53/23.55 |



**ପୂର୍ବ ତଟ ରେଳପଥ**
PR-363/K/19-20

ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ- ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। -ଶ୍ରୀଅରବିନ୍ଦ

# ଅର୍ଥନୀତିକୁ ଝଟକା

ମୋଟର ଯାନ ସଂଶୋଧନ ଅଧିନିୟମ, ୨୦୧୯ ଅନୁଯାୟୀ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଓ ଚଢ଼ା ଜରିମାନା ଆଦାୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ନିୟମ ଖିଲାପକାରୀ ବାଟକୁ ଆସିବେ ଓ ସଡ଼କ ଦୁର୍ଘଟଣା ହ୍ରାସ ପାଇବ। ହେଲେ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ପ୍ରଭାବ କେତେକାଂଶରେ ଗାଡ଼ି କିଣାବିକାରେ ପଡ଼ିପାରେ, ଯାହାକି ବର୍ତ୍ତମାନର ମାନ୍ଦା ସମୟରେ ଅର୍ଥନୀତି ପାଇଁ ଏକ ଦୋହରା ଝଟକା ସଦୃଶ ହୋଇପାରେ। ଭାରତରେ ୧୧୯ ବିଲିୟନ ଡଲାରର ଅଟୋମୋବାଇଲ ଶିଳ୍ପ ପ୍ରତ୍ୟକ୍ଷ ବା ପରୋକ୍ଷରେ ୩୭ ନିୟୁତ ଲୋକଙ୍କୁ ଦାନାପାଣି ଯୋଗାଇଥାଏ ଏବଂ ଏହା ଦେଶର ଜିଡିପିକୁ ୭.୧ ପ୍ରତିଶତ ଓ ନିର୍ମାଣ ଶିଳ୍ପର ଜିଡିପିକୁ ୪୯ ପ୍ରତିଶତ ଯୋଗଦାନ ଦେଇଥାଏ। ବର୍ତ୍ତମାନ ଅଟୋମାବାଇଲ କ୍ଷେତ୍ରରେ ଦେଖାଯାଇଥିବା ଅବନତି ଯୋଗୁ ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ଯଥେଷ୍ଟ ବୃଦ୍ଧି ପାଇଛି। ଗତ ଅଗଷ୍ଟ ମାସରେ ଗାଡ଼ି ବିକ୍ରି ୨୩.୫ ପ୍ରତିଶତ ହ୍ରାସ ପାଇଛି। ୧୯୯୭-୯୮ରେ ଭାରତର ଗାଡ଼ି ନିର୍ମାତା ସଂଘ (ଏସ୍ଆଇଏଏମ୍) ପ୍ରତିଷ୍ଠା ପରଠାରୁ କୌଣସି ବର୍ଷ ଗୋଟିଏ ମାସରେ ଏପରି ଅବସ୍ଥା କେବେ ଆସି ନ ଥିଲା। ୨୦୧୯ ଅଗଷ୍ଟ ମାସରେ ମୋଟ ୧୮,୨୧,୪୯୦ଟି ଗାଡ଼ି ବିକ୍ରି ହୋଇଥିବା ବେଳେ ଗତବର୍ଷ ଏହି ମାସରେ ୨୩,୮୨,୪୩୬ଟି ଗାଡ଼ି ବିକ୍ରି ହୋଇଥିଲା। ଗତ ମେ ମାସରେ ୨୦,୮୬,୩୫୮ଟି ଗାଡ଼ି ବିକ୍ରି ହୋଇଥିବା ବେଳେ ତାହା ପରଠାରୁ ପ୍ରତିମାସରେ ଗାଡ଼ି ବିକ୍ରି ସଂଖ୍ୟା ହ୍ରାସ ପାଇଚାଲିଛି। ୨୦୧୮ ଡିସେମ୍ବର ମାସରୁ ଗାଡ଼ି ବିକ୍ରିରେ କେବଳ ହ୍ରାସ ଘଟିଚାଲିଛି ଓ ସେଥିରେ କୌଣସି ଉନ୍ନତି ଆସିନାହିଁ। ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଗାଡ଼ି ବିକ୍ରିରେ ୧୫.୯ ପ୍ରତିଶତ ହ୍ରାସ ପାଇ ମୋଟ ୯୭,୩୨,୦୪୦ଟି ଗାଡ଼ି ବିକ୍ରି ହୋଇଛି। ଯାତ୍ରୀବାହୀ ଗାଡ଼ି ବିକ୍ରି ୨୩.୫୪ ପ୍ରତିଶତ ହ୍ରାସ ପାଇ ୧୧,୦୯,୯୩୦ଟି ଗାଡ଼ି ବିକ୍ରି ହୋଇଥିବା ବେଳେ ବାଣିଜ୍ୟିକ ବା ମାଲବାହୀ ଗାଡ଼ି ବିକ୍ରି ୧୯ ପ୍ରତିଶତ ହ୍ରାସ ପାଇ ୩,୧୭,୦୬୧ଟି ଗାଡ଼ି ବିକ୍ରି ହୋଇଛି ଏବଂ ଦୁଇଚକିଆ ଗାଡ଼ି ୧୫,୧୪,୧୯୬ଟି ବିକ୍ରି ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪.୮୫ ପ୍ରତିଶତ କମ୍। କମ୍ପାନୀଗୁଡ଼ିକର ଗୋଦାମରେ ବିଭିନ୍ନ ପ୍ରକାର ଗଚ୍ଛିତ ଗାଡ଼ି ସଂଖ୍ୟା ଯଥେଷ୍ଟ ଅଧିକ ରହିଥିବା ବେଳେ ଏନ୍‌ବିଏଫ୍‌ସି (ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ)ରେ ଦେଖାଯାଇଥିବା ସଂକଟ, ବ୍ୟାଙ୍କଗୁଡ଼ିକ ପାଖରେ ଚଳନ୍ତି ପୁଞ୍ଜି କମ୍ ରହିବା, ସାମଗ୍ରିକ ଆର୍ଥିକ

## ଆଜିର ଅର୍ଥନୀତି

ମାନ୍ଦାବସ୍ଥା ଏବଂ ଖାଉଟିମାନଙ୍କ ନିମ୍ନ ମାନସିକତା ଯୋଗୁ ଗାଡ଼ି ବିକ୍ରି ଉପରେ ପ୍ରତିକୂଳ ପ୍ରଭାବ ପଡ଼ୁଛି। ବର୍ତ୍ତମାନ ଯେଉଁ ଧାରା ଦେଖିବାକୁ ମିଳୁଛି, ସେଥିରୁ ମନେହେଉଛି ଆଗକୁ ଆସୁଥିବା ପାର୍ବଣ ଋତୁରେ ଗାଡ଼ି ବିକ୍ରିରେ ବିଶେଷ ଉନ୍ନତି ହେବାର ସମ୍ଭାବନା ନାହିଁ।

ବର୍ତ୍ତମାନ ସଂଶୋଧିତ ମୋଟର ଯାନ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇ ବଡ଼ ଅଙ୍କର ଜରିମାନା ଆଦାୟ କରାଯାଉଥିବାରୁ ବହୁ ଲୋକ ହୁଏତ ବ୍ୟକ୍ତିଗତ ଗାଡ଼ି ଛାଡ଼ି ସର୍ବସାଧାରଣ ଯାନରେ ଯିବା ଆସିବା କରିବାକୁ ବାଧ୍ୟ ହେବେ। ଏହି ଆଇନକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥାଗୁଡ଼ିକ ଏବେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୦୦୦ ଟଙ୍କାରୁ ଆରମ୍ଭ କରି ୪୭,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରୁଛନ୍ତି। ଦୁଇଦିନ ତଳେ ରାଜସ୍ଥାନର ଜଣେ ଟ୍ରକ୍ ଡ୍ରାଇଭର ଉପରେ ଦିଲ୍ଲୀରେ ୧ ଲକ୍ଷ ୪୧ ହଜାର ଟଙ୍କା ଜରିମାନା ଲଗାଯାଇଛି। ଅଧିକ ଓଜନର ମାଲ ପରିବହନ କରୁଥିବା ଅଭିଯୋଗରେ ତାଙ୍କୁ ଦିଲ୍ଲୀ ପରିବହନ ବିଭାଗ କର୍ମକର୍ତ୍ତାଙ୍କ ଦ୍ୱାରା ଧରାଯାଇଥିଲା। ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଏପରି ମାତ୍ରାଧିକ ଜରିମାନା ଲଗାଗଲେ ତାହା ବ୍ୟକ୍ତିଗତ ଗାଡ଼ି ବ୍ୟବହାରକାରୀମାନଙ୍କୁ ଆବଶ୍ୟକ ସବୁ କାଗଜପତ୍ର ଠିକ୍‌ଠାକ୍ ନ ଥାଇ ରାସ୍ତାକୁ ଗାଡ଼ି ବାହାର କରିବାକୁ ଦୁଇଥର ଚିନ୍ତା କରିବାକୁ ବାଧ୍ୟ କରିବ। ବିଭିନ୍ନ କାଗଜପତ୍ର ଯୋଗାଡ଼ କରିବାର ଯେଉଁ ଜଟିଳ ପ୍ରକ୍ରିୟା ରହିଛି, ତାହା ଲୋକମାନଙ୍କୁ କାଗଜପତ୍ର ଯୋଗାଡ଼ କରି ନ ପାରି ମୋଟା ଅଙ୍କର ଜରିମାନା ଗଣିବା ଅପେକ୍ଷା ସର୍ବସାଧାରଣ ଯାନରେ ଯିବାକୁ ଉତ୍ସାହିତ କରିବ। କାଗଜପତ୍ର ଝମେଲା ଛଡ଼ା ନୂଆ ଆଇନ ଅନୁସାରେ କୌଣସି ଦମ୍ପତି ତାଙ୍କ ପିଲାକୁ ଦୁଇଚକିଆ ଯାନରେ ବସାଇ ନେଇପାରିବେ ନାହିଁ କାରଣ ଏହି ଆଇନ ଅନୁସାରେ ଦୁଇରୁ ଅଧିକ ଲୋକ ବାଇକ୍‌ରେ ଯାଇପାରିବେ ନାହିଁ। ଯଦି ନିଜ ପିଲାକୁ ସାଙ୍ଗରେ ନେଇପାରିବେ ନାହିଁ, ତା'ହେଲେ ଘରେ ଗୋଟିଏ ମୋଟରସାଇକେଲ ଥାଇ କି ଲାଭ ବୋଲି ଲୋକେ ଅନୁଭବ କରିବେ। ରାସ୍ତାରେ ଏବେ ଗାଡ଼ିର ଗହଳଚହଳ କମିବାର ଦେଖାଯାଉଛି ଓ ରାସ୍ତା ଫାଙ୍କା ଫାଙ୍କା ଲାଗୁଛି ଏବଂ ଏହି ଧାରା ଯଦି ଜାରି ରହେ ତେବେ ମୋଟରସାଇକେଲ ଓ ଚାରିଚକିଆ ଯାନର ଚାହିଦା ଆହୁରି କମିଯିବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର କହିଛନ୍ତି ଯେ, ଓଲା ଓ ଉବରର ପ୍ରଚଳନ ଯୋଗୁ ଗାଡ଼ି ବିକ୍ରି ହ୍ରାସ ପାଇଛି, ଯାହାଫଳରେ ଅଟୋମୋବାଇଲ ତଥା ସାଧାରଣ ଅର୍ଥନୀତି କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ଏହା ଏକ ଅସ୍ଥାୟୀ ପର୍ଯ୍ୟାୟ ଏବଂ ଏହି ଅବସ୍ଥା ଦୁଇ ଚାରିମାସରୁ ଅଧିକ ରହିବ ନାହିଁ। ତେବେ ସେ ଯାହା ହେଉ ନା କାହିଁକି ସଂଶୋଧିତ ମୋଟର ଯାନ ଆଇନ ଅଟୋମୋବାଇଲ ଶିଳ୍ପକୁ ମାନ୍ଦାବସ୍ଥାରୁ ମୁକୁଳାଇବାରେ ବାଧା ଓ ବିଳମ୍ବ ସୃଷ୍ଟି କରିପାରେ, ଯାହା ଏହି କ୍ଷେତ୍ର ପାଇଁ ଏକ ଦୋହରା ଝଟକା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | 8 | | | | 6 | | E | | 7 | | | |
| | | | 3 | | | 1 | | | 4 | | B | | | 8 |
| B | | | | | | D | 3 | 5 | C | 2 | 9 | 6 | | |
| | | | | | | | | | 5 | 3 | | | 0 | E |
| | | A | | 6 | | | | 0 | | | | C | | |
| | 7 | | | | | 0 | | | | | 8 | E | | |
| C | B | 6 | | | | | | 3 | 1 | | E | A | | |
| 2 | | | | 4 | | | | | 6 | A | | | 7 | |
| 1 | 0 | | 6 | | | | C | D | 9 | | 5 | | | |
| | | 8 | C | 1 | | | 5 | | | D | 4 | 2 | | |
| 0 | | | D | | | A | 7 | 4 | | | | 8 | | |
| | | | 0 | | E | 3 | | | 7 | | | | 1 | |
| | | | | 9 | 1 | 5 | 2 | 6 | | | | | | 4 |
| | | | B | C | | | E | | 3 | | 6 | | 9 | |
| | | 4 | | | 2 | | | B | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | C | A | 7 | B | 1 | 2 | 5 | 8 | D | 3 | E | 6 | 0 |
| 8 | B | 6 | 4 | 5 | 0 | 9 | C | E | 1 | 7 | A | D | 3 | 2 |
| 3 | 1 | E | 6 | D | 8 | 0 | B | A | 2 | C | 9 | 5 | 4 | 7 |
| 2 | 5 | 7 | 9 | 3 | 1 | D | 4 | 6 | 0 | E | B | C | 8 | A |
| A | 0 | D | 2 | E | C | 8 | 3 | 7 | 5 | 4 | 6 | 9 | 1 | B |
| 9 | 2 | 5 | B | C | A | 7 | 6 | 3 | D | 1 | E | 8 | 0 | 4 |
| 6 | D | 4 | 8 | 0 | 9 | B | E | 1 | 7 | 3 | 5 | 2 | A | C |
| 7 | 8 | A | 5 | 2 | 3 | 4 | 9 | D | 6 | 0 | C | B | E | 1 |
| E | C | 0 | 7 | 1 | D | 5 | A | 2 | B | 8 | 4 | 3 | 9 | 6 |
| B | 3 | 1 | E | 6 | 4 | C | 8 | 0 | A | 9 | 2 | 7 | 5 | D |
| 5 | E | 9 | 1 | B | 7 | 3 | D | C | 4 | A | 0 | 6 | 2 | 8 |
| D | A | 3 | 0 | 8 | 6 | E | 7 | 9 | C | 2 | 1 | 4 | B | 5 |
| 0 | 6 | 8 | C | 9 | 5 | 2 | 1 | 4 | 3 | B | 7 | A | D | E |
| 1 | 7 | B | 3 | 4 | 2 | A | 5 | 8 | E | 6 | D | 0 | C | 9 |
| C | 4 | 2 | D | A | E | 6 | 0 | B | 9 | 5 | 8 | 1 | 7 | 3 |

ଗତକାଲିର ଉତ୍ତର

# ଓଡ଼ିଆ ଜାତିର ଜୀବନ ବେଦ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗ୍ରନ୍ଥସ୍ରଷ୍ଟାଙ୍କ ଜୟନ୍ତୀ ପାଳନ ହେବାର ବିଧି ବିଶ୍ୱବ୍ୟାପୀ ପ୍ରଚଳିତ। ମାତ୍ର ଓଡ଼ିଆ ଭାଗବତକୁ ଛାଡ଼ିଦେଲେ ପୃଥିବୀରେ ପ୍ରାୟ ଏମିତି କୌଣସି ଗ୍ରନ୍ଥ ନାହିଁ, ଯାହାର ଜନ୍ମ ଦିବସ ଅତି ଭକ୍ତି ଓ ଶ୍ରଦ୍ଧାର ସହିତ ପାଳନ କରାଯାଏ ପୁରପଲ୍ଲୀରେ।

ଆମ ପୁରାଣ ଶାସ୍ତ୍ର ଭିତରେ ଭାଗବତ ଶ୍ରେଷ୍ଠ। ସେଥିପାଇଁ ତାହା ମହାପୁରାଣ। ଏହି ମହାପୁରାଣର ମୂଳ ସଂସ୍କୃତ ରଚୟିତା ହେଉଛନ୍ତି ବ୍ୟାସଦେବ। ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ତା'ର ସରଳ ଭାବାନୁବାଦ କରିଛନ୍ତି, ଯେଉଁ ଅନୁପମ ଅନୁସୃଜନରେ ରହିଛି ଆପଣା ଭାବ, ଭାଷା ଓ ବିଷୟ ବିନ୍ୟାସର ମୌଳିକତା। ଏଥି ସହିତ ମୂଳ ସଂସ୍କୃତ ଭାଗବତର ଶ୍ରୀକୃଷ୍ଣ ବା ବିଷ୍ଣୁଙ୍କର ପର୍ଯ୍ୟାୟବାଚୀ ଭାବରେ ଓଡ଼ିଆ ଭାଗବତରେ ବାରମ୍ବାର ଉଲ୍ଲେଖ ହୋଇଛି ଶ୍ରୀଜଗନ୍ନାଥଙ୍କ ନାମ। (ନମସ୍ତେ ପ୍ରଭୁ ଜଗନ୍ନାଥ, ଯାର ଶରୀରୁ ଏ ଜଗତ।) ମହାପ୍ରଭୁ ଶ୍ରୀଜଗନ୍ନାଥ ସର୍ବମୟ ଓ ସର୍ବମାନ୍ୟ। ତାଙ୍କର ସର୍ବମାନ୍ୟତା ପ୍ରତିପାଦନ କ୍ଷେତ୍ରରେ ଭାଗବତ ଟୁଙ୍ଗି ପରମ୍ପରାର ଭୂମିକା ଅବର୍ଣ୍ଣନୀୟ। ଏହି ଟୁଙ୍ଗି ପରମ୍ପରାର ଜନକ ହେଉଛନ୍ତି ଅତିବଡ଼ୀ ଜଗନ୍ନାଥ ଦାସ। ସେ ତାଙ୍କ ଭାଗବତ ଗ୍ରନ୍ଥ ସହିତ ଶ୍ରୀଜଗନ୍ନାଥଙ୍କ ଲାବଣ୍ୟ ବିଗ୍ରହକୁ ସମନ୍ୱିତ କରି ବସେଇ ଦେଲେ ଭାଗବତ ଟୁଙ୍ଗିରେ। ଫଳରେ ମହାପ୍ରଭୁଙ୍କ ବାଙ୍ମୟ ମୂର୍ତ୍ତିଜ୍ଞାନରେ ଭାଗବତ ପୋଥି ପୂଜା ପାଇବା ସହିତ ଭାଗବତ ଟୁଙ୍ଗି ପାଲଟିଗଲା ଏକ ଊର୍ଦ୍ଧ୍ୱଗ ଆଧ୍ୟାତ୍ମିକ ଚେତନା ଓ ସାମାଜିକ ସଂହତିର ପ୍ରାଣକେନ୍ଦ୍ର। ଭାଗବତ ପାଠକରି କେବଳ ଆଧ୍ୟାତ୍ମିକପ୍ରାଣ ହୋଇନି, ଏକ ଦାର୍ଶନିକ ଜାତିରେ ପରିଣତ ହୋଇପାରିଛି ଓଡ଼ିଆ ଜାତି।

ପଞ୍ଚଦଶ ଶତାବ୍ଦୀରେ ମାଟିର ମହାକବି ସାରଳା ଦାସ ସଂସ୍କୃତ ଭାଷାର ଅଖଣ୍ଡ ପ୍ରଭାବରୁ ଓଡ଼ିଆ ଭାଷାକୁ ମୁକ୍ତ କରିବା ନିମନ୍ତେ ପ୍ରତିଷ୍ଠିତ ପରମ୍ପରା ବିରୋଧରେ ସ୍ୱର ଉତ୍ତୋଳନ ପୂର୍ବକ ରଚନା କରିଥିଲେ ବିପୁଳାୟତନ ବିଶିଷ୍ଟ ଗ୍ରନ୍ଥ 'ମହାଭାରତ'। ତା'ର ଶହେବର୍ଷ ପରେ ଆତ୍ମପ୍ରକାଶ କରିଥିବା ଓଡ଼ିଆ ଭାଗବତ ଥିଲା ଓଡ଼ିଆ ସାହିତ୍ୟର ଅଦ୍ୱିତୀୟ ତତ୍ତ୍ୱମୟ ସର୍ଜନା, ଯାହାର ସରଳ ସାବଲୀଳ ଭାଷା ଓ ଭାବ ତଥା ମୌଳିକ ଉପମା ସାଧାରଣ ଜନତାଙ୍କ ବୋଧଗମ୍ୟ ହେବା ସହିତ ଏଥିରେ ପ୍ରବୋଧିତ ହେଲେ ସବୁ ବର୍ଗର ପାଠକ। ମାତ୍ର କବିଙ୍କର ଏହି ସଫଳତାକୁ ନେଇ ଆଦୌ ଖୁସି ହୋଇପାରି ନ ଥିଲେ ତତ୍କାଳୀନ ଧର୍ମ ବେପାରୀମାନେ। ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ସେମାନେ ଓଡ଼ିଆର ଏହି ଆନୁବାଦିକ ବିସ୍ମୟକୁ 'ତେଲି ଭାଗବତ' ବୋଲି ଅଭିହିତ କରିବା ସହିତ କବିଙ୍କ ନିନ୍ଦାଗାନ କରିଥିଲେ ପ୍ରକାଶ୍ୟରେ। ଏଭଳି ବିରୋଧ ସତ୍ତ୍ୱେ କବିଙ୍କ ତତ୍ତ୍ୱମୟ ଆଧ୍ୟାତ୍ମିକ ସାର ସଂଗ୍ରହ ହେଲା ଏକ ସାଂସ୍କୃତିକ ଆନ୍ଦୋଳନର ଆଧାର। ଅନ୍ଧାର ଭବବନ୍ଧ ଅପସାରଣ ନ୍ୟାୟରେ ଖୋଲିଦେଲା ଲକ୍ଷଲକ୍ଷ ନିରକ୍ଷର ଜନତାଙ୍କ ଆଖି। ଆଦର ଓ ଆଧ୍ୟାତ୍ମିକତାର ଉଲ୍ଲାସ ମଧ୍ୟରେ ବିଶାଳ ଓଡ୍ରଖଣ୍ଡରେ ଦକ୍ଷିଣରୁ ଉତ୍ତର ଯାଏ ପ୍ରବାହିତ ହେଲା

## ଭାଗବତ ଜନ୍ମ ଉପଲକ୍ଷେ

ଭାଗବତର ଭବ୍ୟ ଭାବ। ଏହାକୁ ଆହୁରି ଋଦ୍ଧିମନ୍ତ କରିଦେଲା ଶ୍ରୀଚୈତନ୍ୟଦେବଙ୍କ ଅତିବଡ଼ୀ ମନ୍ତ୍ର। ବାସ୍ତବରେ ଏହା ଏତେ ଲୋକପ୍ରିୟ ହେଲା ଯେ ସାରା ଓଡ଼ିଶାର ଘରେ ଘରେ ପ୍ରତିଷ୍ଠା ହେଲା ଭାଗବତ ଗାଦି। ଗାଁ-ଗାଁରେ ଗଢ଼ି ଉଠିଲା ଭାଗବତ ଟୁଙ୍ଗି।

ଭାଗବତ ଟୁଙ୍ଗି ଗୋଟେ ଗୋବରଲିପା ନୁଆଁଣିଆ ଚାଳଘର, ଅଥଚ ଏକ ଆଧ୍ୟାତ୍ମିକ ଉତ୍ତରଣ ଓ ସାମାଜିକ ସଂହତିର ପ୍ରାଣକେନ୍ଦ୍ର। ଶାନ୍ତି ଓ ସମର୍ପଣର ପବିତ୍ର ସ୍ଥଳ। ସଞ୍ଜ ନଇଁଲେ ଏଠି ଜଳିଉଠେ ପୋଲାଙ୍ଗ ତେଲର ଦୀପ। ଗୋସେଇଁଙ୍କ କଣ୍ଠରୁ ଭାସିଆସେ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...' ଆଦି ପଦ ପଂକ୍ତିର ସୁଲଳିତ ଆବୃତ୍ତି। ତେଲଲୁଣର ସଂସାର ଭିତରୁ ବାହାରି ଏଠିକି ଧାଇଁ ଆସେ କର୍ମକ୍ଳାନ୍ତ ମଣିଷ। ପିଲାଠାରୁ ବୁଢ଼ା ଯାଏ ସମସ୍ତଙ୍କ ଭିଡ଼ ଜମେ ଭାଗବତ ଟୁଙ୍ଗିରେ। ସରଳ ଭାବ ଓ ଭାଷାର ସମୁଚିତ ରସାୟନ ତଥା ନବାକ୍ଷରୀ ବୃତ୍ତ ଓ ଗୁଜ୍ଜର ରାଗର ଅନୁକରଣରେ ଭକ୍ତ ହୁଏ ସମ୍ମୋହିତ। ନିରକ୍ଷର ଜନତା ବି ଶୁଣି ଶୁଣି ମନେ ରଖେ ଭାଗବତର ଅମୃତବାଣୀ।

ଭାଗବତର କଥାବସ୍ତୁ ହେଉଛି ଶ୍ରୀକୃଷ୍ଣଙ୍କ ଅଲୌକିକ ଲୀଳା ଓ କୀର୍ତ୍ତିରାଜି। ଏଥିରେ ଅନେକ କାହାଣୀର ଅବତାରଣା ହୋଇଛି ଯାହାର ମୂଳଲକ୍ଷ୍ୟ ନିଗୂଢ଼ ଧର୍ମତତ୍ତ୍ୱର ସହଜ ବିଶ୍ଳେଷଣ। ତା'ର ପ୍ରତ୍ୟେକ ପଦ ଶୁଦ୍ଧ ଜୀବନଚର୍ଯ୍ୟାର ଏକ ଏକ ମନ୍ତ୍ର, ଯେଉଁ ମନ୍ତ୍ରର ଭକ୍ତି, ଶକ୍ତି ଓ ଶ୍ରଦ୍ଧାଶୀଳ ଅନୁରକ୍ତି ନେଇ ଜନତା ଯୋଡ଼େ ଜଗନ୍ନାଥ ମହାପ୍ରଭୁଙ୍କ ସହ ସମ୍ପର୍କ। ସାମାଜିକ ରୀତି, ନୀତି, ପର୍ବପର୍ବାଣି, ଜନ୍ମଜାତକ, ବିବାହବ୍ରତ ଆଦିରେ ଖୋଜା ହୁଅନ୍ତି ସର୍ବମଙ୍ଗଳ ଜଗନ୍ନାଥ। ସେହି ମହାପ୍ରଭୁଙ୍କର ପ୍ରତୀକ ହେଉଛି ଭାଗବତ ପୋଥି। ଏଥିରେ ଭଗବାନଙ୍କ ଲୀଳା ବର୍ଣ୍ଣନା ହୋଇଥିବାରୁ ଏହାର ପଠନ ଓ ଶ୍ରବଣ ହିଁ ଭଗବତ୍ ପ୍ରାପ୍ତିର ପରମ ମାର୍ଗ। ଏହି ବିଶ୍ୱାସ ନେଇ ବ୍ୟକ୍ତିର ଆସନ୍ନ ମୃତ୍ୟୁବେଳେ ତାକୁ ଆତ୍ମୀୟସ୍ୱଜନ ଶୁଣେଇ ଦିଅନ୍ତି ଅଧ୍ୟାୟେ ଭାଗବତ। ଭାଗବତ ପାଠ ହେଲେ ଗ୍ରାମରୁ ଦୂର ହୁଏ କାଳ ଭୟ। ତେଣୁ ଗ୍ରାମରେ ବିସୂଚିକା ବ୍ୟାପିଲେ ଆୟୋଜିତ ହୁଏ ହରିହାଟ ଓ ଭାଗବତ ପାଠ। ଭାଗବତ ଆମ ଜୀବନ ସଂସ୍କାର ଓ ବାସ୍ତବ ଧର୍ମ ସାଧନାର ଏକ ଆଚାର ସଂହିତା। ଗାଁରେ ବାଦ ବିସମ୍ବାଦ ହେଲେ ଭାଗବତ ଟୁଙ୍ଗି ନିର୍ବାହ କରୁଥିଲା ଲୋକ ନ୍ୟାୟାଳୟର ଭୂମିକା। ଲୋକପ୍ରିୟତା ଦୃଷ୍ଟିରୁ ଓଡ଼ିଆ ଭାଗବତ ଥିଲା ଓଡ଼ିଶାର ଭାଷାଭିତ୍ତିକ ନକ୍ସା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳେ ଓଡ଼ିଶାର ସୀମା ନିର୍ଦ୍ଧାରଣ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ଉତ୍କଳଗୌରବ ମଧୁସୂଦନ ଦାସ ଇଂରେଜ ସରକାରଙ୍କୁ କହିଥିଲେ- 'ଯେଉଁ ଅଞ୍ଚଳ ପର୍ଯ୍ୟନ୍ତ ଲୋକେ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ନ୍ତି ସେ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓଡ଼ିଶାର ସୀମା।'

ଓଡ଼ିଆ ଭାଗବତ ଓଡ଼ିଆ ଜନମାନସରେ କେବଳ ଏକ ପବିତ୍ର ଧର୍ମଗ୍ରନ୍ଥ ନୁହେଁ, ଏହା ଓଡ଼ିଆ ଭାବଭୂମି କର୍ଷଣ ତଥା ଓଡ଼ିଆ ଜାତିର ଅସ୍ମିତା ନିର୍ମାଣର ଏକ ନିରବ ବିପ୍ଳବ। ଓଡ଼ିଆ ଜାତିର ଜୀବନ ବେଦ। ଆଧ୍ୟାତ୍ମିକ ଭାବନା, ଜୀବନ ଦର୍ଶନ ଓ କବିତ୍ୱ ସହିତ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହା ଯୋଡ଼ି ଦେଇଛି ଏକ ନୂଆ ଅଧ୍ୟାୟ। ଭାଗବତର ଭାଷା କେବଳ ମାନକ ସିଦ୍ଧ ନୁହେଁ, ତାହା ଆଣବିକ କ୍ଷମତାସମ୍ପନ୍ନ। ଅଳ୍ପ ଶବ୍ଦରେ ଗଭୀର ତତ୍ତ୍ୱ ଚେତନାକୁ ପ୍ରକାଶ କରିବା ହିଁ ତା'ର ବିଶେଷତ୍ୱ। ଅର୍ଥାତ୍ ଓଡ଼ିଆ ଭାଷାକୁ ପରିଚ୍ଛନ୍ନ କରି ଲେଖିବାର ଯେଉଁ ମାର୍ଜିତ ପ୍ରୟାସ ହୋଇଥିଲା, ତା'ର ଅମୃତମୟ ଫଳ ହେଉଛି ଭାଗବତର କାବ୍ୟ ଭାଷା।

ଭାଗବତର ଗଭୀର ତତ୍ତ୍ୱ ଭିତରେ ପ୍ରବେଶ ଅଭିପ୍ରାୟ ନେଇ ଓଡ଼ିଆଙ୍କ ଭିତରେ ପ୍ରକାଶ ପାଇଲା ମାତୃଭାଷା ପଠନର ପ୍ରବଳ ଉତ୍ସାହ। ଗାଁ ଗାଁରେ ଖୋଲିଲା ଚାଟଶାଳୀ। ବଢ଼ିଲା ସାକ୍ଷରତା ହାର। ନାରୀ ଶିକ୍ଷାର ବି ପ୍ରସାର ଘଟିଲା। ଏହି କାରଣରୁ ଏକଦା ଓଡ଼ିଶାର ସାକ୍ଷରତା ହାର ବଙ୍ଗଳାକୁ ଟପିଯାଇଥିବାରୁ ଭାଗବତର ଭୂମିକାକୁ ଭୂୟସୀ ପ୍ରଶଂସା କରିଛନ୍ତି କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ପ୍ରଖ୍ୟାତ ବଙ୍ଗୀୟ ଆଲୋଚକ ଡ. ବିଜୟଚନ୍ଦ୍ର ମଜୁମଦାର। ଭାଗବତ ରଚନା କରି ଅତିବଡ଼ୀ ଜଗନ୍ନାଥ ଦାସ ଦେଶବାସୀଙ୍କର ଅଶେଷ ଉପକାର ସାଧନ କରିଛନ୍ତି ବୋଲି ଏକ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରିଥିଲେ ତଦାନୀନ୍ତନ ବିଦ୍ୟାଳୟ ପରିଦର୍ଶକ ଭୂଦେବ ମୁଖାର୍ଜୀ।

ଏକଦା ଭାଗବତ ଥିଲା ଚାହାଳିର ପ୍ରଧାନ ପାଠ୍ୟ ପୁସ୍ତକ। 'ବିଦ୍ୟା ଭାଗବତା ବଧିଃ' ନ୍ୟାୟରେ ଭାଗବତ ଜ୍ଞାନରୁ ପରୀକ୍ଷିତ ହେଉଥିଲା ଜଣେ ବିଦ୍ୱାନର ବିଦ୍‌ବତ୍ତା। ଭାଗବତ ପଢ଼ି ଶିଖିଲେ ଶେଷ ହେଉଥିଲା ଚାହାଳି ପାଠ। ଭାରତୀୟ ସଂସ୍କୃତିରେ ଯାହା ମୂଳ ବା ମୂଲ୍ୟବାନ, ତାହା ହିଁ ଭାଗବତର ସାର ସଂଗ୍ରହ। ମୁନିଋଷିମାନଙ୍କ ସୂକ୍ଷ୍ମତମ ଚିନ୍ତନର ନିର୍ଯ୍ୟାସ। ତା'ର ପ୍ରତ୍ୟେକଟି ପଦ ଓ ପାଦ ଶୁଦ୍ଧ ଜୀବନବୋଧର ଏକ ଏକ ମନ୍ତ୍ର। ସକଳ ଦେହେ ନାରାୟଣ ଭାବନା ଭିତରେ ତୋଳି ଧରେ ଏକ ବିଶ୍ୱବାଦୀ ଦର୍ଶନର ଫଳକ। ବିଦ୍ୟାର୍ଥୀର ଚରିତ୍ର ଗଠନ ତଥା ଏକ ସୁସ୍ଥ ସୁନ୍ଦର ସମାଜ ନିର୍ମାଣ ନିମନ୍ତେ ଭାଗବତ ଭିତରେ ପୂରିରହିଛି ଅସରନ୍ତି ଉପାଦାନ। ତା'ର ପଦାବଳୀ କେବଳ ସବୁ ଯୁକ୍ତି ଓ ବିତର୍କର ଚରମ ସିଦ୍ଧାନ୍ତ ନୁହେଁ, ସେଥିରେ ନିହିତ ସମସ୍ୟା ସମାଧାନର ସହଜ ପନ୍ଥା। ବିଷାଦରୁ ନିବୃତ୍ତି ପାଇଁ ଠୋସ୍ ଉପଶମ।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ଚାତୁର୍ମାସ୍ୟା ବ୍ରତ



ବ୍ରହ୍ମାନନ୍ଦ ପଣ୍ଡା

ଆଷାଢ଼ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ ଶୟନ କରୁଥିବାରୁ ଏ ସମୟରେ ତାଙ୍କ ଉଦ୍ଦେଶ୍ୟରେ ହେଉଥିବା ବ୍ରତକୁ ଚାତୁର୍ମାସ୍ୟା ବ୍ରତ କୁହାଯାଏ। ଦାନବୀର ବଳି ବିଶ୍ୱଜିତ୍ ଯଜ୍ଞରେ ବାମନରୂପୀ ତ୍ରିବିକ୍ରମ ନାରାୟଣଙ୍କୁ ତ୍ରିପାଦ ଭୂମି ଦାନ ଦେବାକୁ ସତ୍ୟକରି ସତ୍ୟ ରକ୍ଷା ପାଇଁ ଶେଷରେ ମଥାନତ କରି ଆତ୍ମସମର୍ପଣ କରିଥିଲେ। ଏଥିରେ ପ୍ରୀତ ହୋଇ ବାମନରୂପୀ ନାରାୟଣ ବଳିକୁ ବର ଯାଚନ୍ତେ ହରିଭକ୍ତ ବଳି ଭଗବାନଙ୍କୁ ସଦା ନିଜ ରାଜ୍ୟ ପାତାଳପୁରରେ ରହିବାକୁ ପ୍ରାର୍ଥନା କଲେ। ଶ୍ରୀହରି ତଥାସ୍ତୁ କହି ପାତାଳପୁରରେ ରହିଲେ। ସ୍ୱର୍ଗରେ ଭାଳେଣି ପଡ଼ିଲା। ପରେ ମହାଲକ୍ଷ୍ମୀ ରକ୍ଷାସୂତ୍ର (ରାଖୀ) ଦ୍ୱାରା ବଳି ସହ ଭ୍ରାତୃ ସମ୍ପର୍କ ସୃଷ୍ଟି କରି ବର୍ଷରେ ମାତ୍ର ଚାରି ମାସ ପାତାଳପୁରରେ ରହିବାକୁ ବଳିଙ୍କ ସମ୍ମତିରେ ନାରାୟଣଙ୍କୁ ବଚନ ମୁକ୍ତ କରିଥିଲେ। ପାତାଳପୁରରେ ଚାରି ମାସର ରହଣିକୁ ପୃଥିବୀର ଲୋକମାନେ ଶ୍ରୀହରି ଶୟନ ଆଖ୍ୟା ଦେଇ ତାଙ୍କ ପ୍ରୀତି ପାଇଁ ଚାତୁର୍ମାସ୍ୟା ବ୍ରତ ପାଳନ କରନ୍ତି।

ଭକ୍ତି ଓ ନିଷ୍ଠାର ସହ କର୍ତ୍ତବ୍ୟ ପାଳନକୁ ବ୍ରତ କୁହାଯାଏ। ଶୁଦ୍ଧପୂତ ମନ, ଶରୀର କର୍ମଯୁକ୍ତ ହୋଇ ଆମିଷ, କ୍ଷୌର, ମଧୁ, ମୈଥୁନ ବର୍ଜନ କରି ସୂର୍ଯ୍ୟାସ୍ତ ପୂର୍ବରୁ ଏକବାର ହବିଷ ଗ୍ରହଣ କରାଯାଏ। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ -ଏହି ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ଭଗବାନ ସବୁର ବୀଜ ବା କାରଣ। ସେ ହିଁ ସବୁର ସୃଷ୍ଟି, ସ୍ଥିତି ଓ ପ୍ରଳୟକାରକ। ସୂତାରେ ଫୁଲ ଗୁନ୍ଥା ହୋଇ ହାର ହେବା ପରି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତାଙ୍କଠାରେ ଗ୍ରଥିତ। ସର୍ବ ଧର୍ମ, ସର୍ବ ଶ୍ରୁତି ଓ ସ୍ମୃତି ଶାସ୍ତ୍ରର ସାର ଗ୍ରନ୍ଥ, ସବୁ ଉପନିଷଦର ସାର ଭଗବତ୍ ଗୀତା ଭଗବାନଙ୍କର ମହିମା ବର୍ଣ୍ଣନା କରେ। ସେହି ପରମପୁରୁଷଙ୍କୁ ବାଦ ଦେଇ ଜୀବର ସ୍ଥିତି, ଗତି, ସୁଖଦୁଃଖ ଭୋଗ, ପୁରୁଷାର୍ଥିକ ଓ ପାରମାର୍ଥିକ ଜୀବନର ଲକ୍ଷ୍ୟ ପୂରଣ ଅସମ୍ଭବ। ଏହା ହିଁ ଚାତୁର୍ମାସ୍ୟା ବ୍ରତର ମାହାତ୍ମ୍ୟ। ଚାତୁର୍ମାସ୍ୟା ବ୍ରତ ସମୟରେ ସବୁ ପ୍ରକାର ମାଙ୍ଗଳିକ ଅଭ୍ୟୁଦାୟିକ କର୍ମ ସ୍ଥଗିତ ରଖାଯାଇଥାଏ।

ବିଜ୍ଞାନ ମତରେ ଜୁନ୍ ୨୧ ପରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଆରମ୍ଭ ହୁଏ। ଆମେ ରହୁଥିବା ଉତ୍ତର ଗୋଲାର୍ଦ୍ଧରେ ଦିବା କ୍ରମଶଃ କ୍ଷୁଦ୍ର, ରାତ୍ର କ୍ରମଶଃ ବଡ଼ ହୁଏ। ସେପ୍ଟେମ୍ବର ୨୩ରେ ଦିବାରାତ୍ର ସମାନ ହୁଏ। ତା' ପରେ ଦିବସ କ୍ରମଶଃ ଅତି କ୍ଷୁଦ୍ର ଏବଂ ରାତ୍ରି କ୍ରମଶଃ ଅତି ବଡ଼ ଆଡ଼କୁ (ଡିସେମ୍ବର ୨୨) ଗତି କରେ। ଜୁନ୍ ୨୧ ପରଠାରୁ ବର୍ଷାଋତୁ ଆରମ୍ଭ ହୋଇ ମୌସୁମୀ ବାୟୁ ପ୍ରଭାବରେ ଭାରତରେ ପ୍ରଚୁର ବୃଷ୍ଟି ହୋଇଥାଏ। ପ୍ରଚଣ୍ଡ ରୌଦ୍ରତାପ ସହ ପ୍ରବଳ ଜଳ ବର୍ଷଣ ପ୍ରଭାବରେ ଋତୁ ପରିବର୍ତ୍ତନ ଜନିତ ବ୍ୟାଧି, ଶ୍ଳେଷ୍ମାଦୋଷ, ପେଟଦୋଷ, ପାଚନକ୍ରିୟା ସହ ଅନ୍ୟାନ୍ୟ ଶାରୀରିକ କ୍ରିୟାରେ ମାନ୍ଦାଭାବ ଦେଖାଯାଏ। ମାନ୍ଦା ସ୍ୱାସ୍ଥ୍ୟ ବାତାବରଣରେ ଅସ୍ୱସ୍ତି, ରୋଗବାହକ କୃମି, କୀଟ, ସରୀସୃପ ଆଦି ଜୀବମାନଙ୍କର ବଂଶବୃଦ୍ଧି, ବାୟୁ, ଜଳ ଓ ତାପଜନିତ ବ୍ୟାଧି ସୃଷ୍ଟି ହୁଏ। ଏପରିକି ସ୍ୱୟଂ ଜଗନ୍ନାଥ ମଧ୍ୟ ବ୍ୟାଧିଗ୍ରସ୍ତ ହୋଇପଡ଼ନ୍ତି। ଅଣସର ଗୃହରେ ରହି ଔଷଧ ସେବନ କରି ଆରୋଗ୍ୟ ହୁଅନ୍ତି। ତା' ପରେ ଏକାଦଶୀ (ହରିଶୟନ) ଦିନଠାରୁ ଚାରି ମାସ ଦୀର୍ଘ ବିଶ୍ରାମରୂପକ ଶୟନ କରନ୍ତି। ଏସବୁ ସମସ୍ୟାରୁ ମୁକ୍ତି ପାଇଁ ଶୃଙ୍ଖଳିତ ପ୍ରାଣବାୟୁ, ମନ ଶମନ ଓ ଇନ୍ଦ୍ରିୟ ଦମନ ସହ ସଂଯତ ଜୀବନ, ଆହାର ବିହାର ଓ ପାନୀୟ ଆବଶ୍ୟକ ହୋଇପଡ଼େ। ଚାତୁର୍ମାସ୍ୟା ବ୍ରତରେ ସାତ୍ତ୍ୱିକ ଦିନଚର୍ଯ୍ୟାର ପ୍ରେରଣା ମିଳେ। ଏହାଛଡ଼ା ଭଗବାନଙ୍କଠାରୁ ଦୂରେଇଯାଇ କର୍ମଫଳ ହେତୁ ଜନ୍ମମୃତ୍ୟୁ ଚକ୍ରରେ ଅଳୀକ ସୁଖ ଓ ଦୁଃଖ ଭୋଗୁଥିବା ଜୀବକୁ ତତ୍ତ୍ୱଜ୍ଞାନ ଦେଇ ଶାଶ୍ୱତ ସୁଖ, ଶାନ୍ତି, ଜୀବନ ଓ ମୋକ୍ଷ ପଥରେ ପ୍ରେରିତ କରିବା ଏ ବ୍ରତର ମୁଖ୍ୟ ଲକ୍ଷ୍ୟ।

ଜଗତର ନାଥ ପତିତଙ୍କ ପାବନ ଓ କଲ୍ୟାଣ ପାଇଁ ସ୍ନାନ ଓ ଗୁଣ୍ଡିଚା ଯାତ୍ରା କରିବା ପରେ ଓ ଶଙ୍ଖାସୁର ବଧକରି ବେଦ ଉଦ୍ଧାରଣ ପରେ ଚାରି ମାସ ବିଶ୍ରାମ ନେଉଥିବାରୁ ଚାତୁର୍ମାସ୍ୟା ବ୍ରତରେ ପ୍ରାୟ ବସ୍ତୁ ତ୍ୟାଗ ଓ ସ୍ନାନ ଏବଂ ଯାତ୍ରାର ମହତ୍ତ୍ୱ ଅଧିକ। ସାଧାରଣ ଭାବରେ ତୀର୍ଥସ୍ଥଳକୁ ଯାତ୍ରାକରି ସେଠାରେ ସ୍ନାନ କରିବା ଓ ବିଶେଷ ଭାବରେ ଅଯୋଧ୍ୟା, ମଥୁରା, ହରିଦ୍ୱାର, କାଶୀ, କାଞ୍ଚି, ଅବନ୍ତୀ, ଦ୍ୱାରକା ଓ ପୁରୀ ଆଦି ପୁଣ୍ୟ କ୍ଷେତ୍ରରେ ସ୍ନାନ ଓ ଯାତ୍ରା ବିଶେଷ ପୁଣ୍ୟପ୍ରଦ। ଶାସ୍ତ୍ରରେ ଅଷ୍ଟବିଧ ସ୍ନାନ ବ୍ୟବସ୍ଥା ମଧ୍ୟରେ ତୀର୍ଥ ସ୍ନାନ, ମନ୍ତ୍ର ସ୍ନାନ ଓ ବାରୁଣୀ ସ୍ନାନର ମହତ୍ତ୍ୱ ଅଧିକ। ସ୍ନାନ ଦ୍ୱାରା ସତ୍ୟ ଓ ଧର୍ମ ସାଧନ ଏବଂ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ମିଳିଥାଏ। ସ୍ନାନ ପରେ ଦେବତା ଓ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ଚ୍ଚନ ଓ ତର୍ପଣ କର୍ତ୍ତବ୍ୟ। ଭଗବାନ ସର୍ବତ୍ର ବିଦ୍ୟମାନ। ସେ ପତିତପାବନ। ଦରିଦ୍ର ନାରାୟଣଙ୍କୁ, ଅକ୍ଷମ, ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ଅନ୍ନ ଓ ଜଳ ଦାନ ଦେବା ଚାତୁର୍ମାସ୍ୟା ବ୍ରତରେ ବିଧି ଅଛି।

ଚାତୁର୍ମାସ୍ୟା ବ୍ରତରେ ବର୍ଷଣମୁଖର ଶ୍ରାବଣ ମାସରେ ସୋମବାର ଦିନ ଶିବଙ୍କର ଜଳ ଅଭିଷେକ ବହୁଳ ଭାବରେ କରାଯାଏ। ଭକ୍ତମାନେ ସ୍ୱାସ୍ଥ୍ୟବର୍ଦ୍ଧକ ଅଁଳା, ତିଳ, ବିଲ୍ୱପତ୍ର ମିଶ୍ରିତ ଜଳରେ ସ୍ନାନ କରି ବିଷ୍ଣୁଙ୍କ ପାଦନିଃସୃତ ପାବନୀ ଗଙ୍ଗା ଜଳରେ ନିଷ୍ଠାର ସହ ଜଳ ଅଭିଷେକ କରି ସିଦ୍ଧି ଓ ଋଦ୍ଧି କାମନା କରିଥାନ୍ତି। ଭାଦ୍ରବ ମାସରେ ଶ୍ରୀହରି ଶୟନ ଅବସ୍ଥାରେ ପାର୍ଶ୍ୱ ପରିବର୍ତ୍ତନ କରିଥାନ୍ତି। ଭାଦ୍ରବ ମାସରେ ବ୍ୟାପକ ଭାବରେ ଭାଗବତ ଜନ୍ମ ବେଦ-ଭାଗବତର ପ୍ରଚାର, ପ୍ରସାର, ହୋମଯଜ୍ଞ, ପୁରାଣ ପାଠ ଓ ପ୍ରବଚନ ସହ ଆଶ୍ରମ ଜୀବନଚର୍ଯ୍ୟା ପାଳନ କରାଯାଏ। ଚାତୁର୍ମାସ୍ୟା ତଥା ସୂର୍ଯ୍ୟଙ୍କର ଦକ୍ଷିଣାୟନ ସମୟ ପିତୃଲୋକରେ ଦିବସ (ଦେବଲୋକରେ ରାତ୍ର) ହୋଇଥିବାରୁ ବିଶେଷକରି ଆଶ୍ୱିନ ଓ କାର୍ତ୍ତିକ କୃଷ୍ଣପକ୍ଷରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ତର୍ପଣ କରାଯାଏ। ଚାତୁର୍ମାସ୍ୟା ବ୍ରତର ଶେଷ ମାସ କାର୍ତ୍ତିକରେ ଶ୍ରଦ୍ଧା ଓ ଭକ୍ତି ସହ ପୂଜାପାଠ, ଜପ, ମନ୍ତ୍ର, ହବନ, ସେବା ଓ ଧର୍ମ ପାଳନ କରି ବ୍ରତ ଶେଷ କରାଯାଏ।

ଏସ୍.ଆର୍. ରେସିଡେନ୍ସି, ୩ବି/୩୦୨,
ଓରକଲ, ହାଇଟେକ ଛକ, ଭୁବନେଶ୍ୱର,
ମୋ-୮୨୪୯୬୯୭୯୪୪

## ଏଇ ଭାରତରେ

ପୋଲିସ ଆଖିରେ ଧୂଳି ଦେଇ ଅପରାଧୀ ଖସିଯାଉଥିବାବେଳେ ଦୁଇଟି ଛେଳି ପୋଲିସ ହାବୁଡ଼ରେ ପଡ଼ି ଗିରଫ ହୋଇ ଥାନାକୁ ଆସିବା ଖବର ଶୁଣି ଟିକେ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ହେଲେ ଏମିତି ଘଟଣା ଘଟିଛି ତେଲେଙ୍ଗାନାର କରିମନଗର ଜିଲା ହୁଜୁରାବାଦ ସହରରେ। ଦୁଇଟି ଛେଳିଙ୍କ ନାଁରେ ଚାରା ଖାଇଥିବା ଅଭିଯୋଗ ହେବା ପରେ ହୁଜୁରାବାଦ ପୋଲିସ ଛେଳି ଦୁଇଟିକୁ ଗିରଫ କରି ଆଣି ଥାନାରେ ବାନ୍ଧିଛି। ଅଭିଯୋଗ ହେଉଛି ଦୁଇଟିଯାକ ଛେଳି ଚାରା ଖାଇଯାଇଛନ୍ତି। ହୁଜୁରାବାଦ ସହରରେ 'ସେଭ୍ ଦି ଟ୍ରିଜ୍' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଚାରା ରୋପଣ କରିଥିଲା। ସଂଗଠନ ଚାରା ରୋପଣ କରିବା ପରେ ଏହି ଛେଳି ଦୁଇଟି ଚାରା ଖାଇଦେଇଥିଲେ। ଏହାପରେ 'ସେଭ୍ ଦି ଟ୍ରିଜ୍'ର ଦୁଇଜଣ ସଦସ୍ୟ ସଂପୃକ୍ତ ଦୁଇ ଛେଳି ନାଁରେ ବାରମ୍ବାର ଚାରା ଖାଇଯାଉଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସଂଗଠନ ସହରରେ ୯୦୦ ଚାରା ରୋପଣ କରିଥିଲେ ବି ସେଥିରୁ ୨୦୦ ଚାରା ଏମାନେ ଖାଇଦେଇଥିଲେ। ଏହି ଅଭିଯୋଗ ଆସିବା ପରେ ପୋଲିସ ଛେଳି ଦୁଇଟିକୁ ଖୋଜି ଗିରଫ କରିବାକୁ ବାଧ୍ୟ ହୋଇଥିଲା। ଛେଳିର ମାଲିକ ହୁଜୁରାବାଦ ନଗର ନିଗମକୁ ୧ ହଜାର ଟଙ୍କା ଜରିମାନା ଦେବା ପରେ ଥାନାରୁ ଛେଳି ଦୁଇଟି ମୁକୁଳିଛନ୍ତି।

## ଚିରନ୍ତନୀ

ବହି ନେଇ ବିକାଶର ପଥେ ସଦା ଧାଇଁଛି ଏ ସୃଷ୍ଟି,
ତପତ ତଡ଼ାଗ ଜଳ ଫେରିଆସେ ହୋଇ ଶୀତ ବୃଷ୍ଟି,
ଏ ବିରାଟ ବିଶ୍ୱେ କେବେ ନାହିଁ କାର କ୍ଷୟ,
ଚିରଦିନ ଝରଇ ଅଭୟ। (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୪

- ଚିଲିକା ପରିବେଶର ସୁରକ୍ଷା ଲାଗି ତିନୋଟି ଆନ୍ତର୍ଜାତିକ ସଂସ୍ଥାରୁ ଅର୍ଥ ସହାୟତା ପ୍ରସ୍ତାବ।
- ଇମ୍ପା ଗୋଷ୍ଠୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବଂଶୀଧର ପଣ୍ଡାଙ୍କ ଆମନ୍ତ୍ରଣ କ୍ରମେ ବିଶ୍ୱବ୍ୟାଙ୍କର ନିର୍ଦ୍ଦେଶକ ଏବଂ ଭାରତର ବର୍ତ୍ତମାନର ରେସିଡେଣ୍ଟ ଷ୍ଟାଫ କେ.ଜାବେଦ ଶିରାଜି ଓଡିଶା ଗସ୍ତରେ ଆସିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧ କାହିଁକି

ମହାଶୟ,

୩୭୦ ଓ ୩୫(ଏ) ଧାରା ଉଚ୍ଛେଦକୁ ନେଇ ସମଗ୍ର ଦେଶ ଉତ୍ସାହ ଉଦ୍ଦୀପନାରେ ବିଭୋର ହୋଇ ପଡୁଥିବା ବେଳେ ଅଳ୍ପ କେତେକ ବ୍ୟକ୍ତି ବିରୋଧ କରି ପାକିସ୍ତାନକୁ ସୁହାଇଲା ଭଳି ବକ୍ତବ୍ୟ ରଖୁଛନ୍ତି। ଆମ ସମ୍ବିଧାନର ଏହା ଏକ ଅସ୍ଥାୟୀ ଧାରା ଥିଲା, ଯାହାଦ୍ୱାରା ସେଠାକାର ଅଧିବାସୀମାନଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ମିଳୁଥିଲା। ଏହା ଦେଶର ଏକତା, ସଂହତି ଓ ଜାତୀୟତା ପ୍ରତି ବିପଦ ସୃଷ୍ଟି କରୁଥିଲା। ତେଣୁ ଏହାର ଉଚ୍ଛେଦକୁ ନେଇ କିଛି ଲୋକ ଅସନ୍ତୁଷ୍ଟ ହେବା ଓ ବିରୋଧ କରିବାର କାରଣ କ'ଣ ?

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ବଳଦଶୂନ୍ୟ ଗୁହାଳ, ଷଣ୍ଢ ଉପେକ୍ଷିତ

ବ୍ରାହ୍ମଣ ଆଶୀର୍ବାଦ ଦେଇ ଯଜମାନଙ୍କୁ କହିଥାନ୍ତି, ତୋର ଧନଜନଗୋପଲକ୍ଷ୍ମୀ ବୃଦ୍ଧି ହେଉ। ଏ ମଧ୍ୟରୁ ଗୋପ କହିଲେ ଗୋସମ୍ପଦକୁ ବୁଝାଇଥାଏ। ପୂର୍ବରୁ ଓଡ଼ିଆ ଘରେ ସମସ୍ତଙ୍କର ଗୁହାଳ ଓ ଗୋରୁ ଥିଲେ। ବର୍ତ୍ତମାନ ଚାଷ ହେଉଛି ଟ୍ରାକ୍ଟର ଓ ପାୱାରଟିଲର ଦ୍ୱାରା, ମେଶିନ ଦ୍ୱାରା ଅମଳ ହେଉଛି। ବଳଦ ଅଲୋଡ଼ା ହୋଇପଡ଼ିଛନ୍ତି। ଅନେକ ବଳଦ କଂସେଇଖାନାକୁ ଚାଲିଗଲେଣି। କେବଳ ଗାଈ ରହୁଛନ୍ତି। ଦେଶୀ ଗାଈ କମ୍, ସଙ୍କର ଜର୍ସି ଅଧିକ। ବୁଲା ଷଣ୍ଢମାନଙ୍କୁ ଉପେକ୍ଷା କରି ଚାଷୀ କୃତ୍ରିମ ପ୍ରଜନନକୁ ଆପଣାଉଛନ୍ତି। ତା'ହେଲେ ଦେଶୀ ଗୋରୁ ଲୋପ ପାଇଯିବେ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସ୍ୱାଗତ


ପ୍ରଦ୍ୟୁମ୍ନ


ପ୍ରେମାନନ୍ଦ


ବିଶ୍ୱଜିତ


ସନ୍ତୋଷ


ନନ୍ଦି

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ସ୍କୁଲରେ ତାଲା, ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ବାଲେଶ୍ୱର ଅଫିସ,୧୨।୯**

- ଘଣ୍ଟାଏ ପରେ ଉଦ୍ଧାର
- ଭିଡ଼ିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର ସହର ମଠସାହି ମହାବୀର ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟରେ ଜଣେ ପ୍ରଥମଶ୍ରେଣୀ ଛାତ୍ର ଶୌଚାଳୟ ଯାଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଠିକ୍ ଭାବେ ଯାଞ୍ଚ ନ କରି ସ୍କୁଲ ବନ୍ଦ କରି ପଳାଇଯିବା ଘଟଣା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପାଇଛି। ପରେ ଛାତ୍ରଜଣକ ବିଦ୍ୟାଳୟ ଫାଟକ ନିକଟକୁ ଆସି ଜୋରରେ କାନ୍ଦିବାରୁ ତାଙ୍କୁ ୧ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀ(ଡିଇଓ) ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଡିଇଓଙ୍କ ତତ୍ତ୍ୱାବଧାନରେ ସଦର ବ୍ଲକ ଶିକ୍ଷାଧିକାରୀ କବିତାରାଣୀ ଜେନା, ସହ ଶିକ୍ଷାଧିକାରୀ ବିକର୍ତ୍ତନ ନାୟକ ଓ ସିଆର୍‌ସିସି ସଙ୍ଗୀତା ରଥ ମିଳିତ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହାକୁ ଭିତ୍ତି କରି ଜିଲା ଶିକ୍ଷାଧିକାରୀ ଷଡ଼ଙ୍ଗୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ପ୍ରତିମା ମହାପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହାସହ ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଏଭଳି ଘଟଣା ପୁନର୍ବାର ଯେପରି ନ ଘଟେ ସେଥିପ୍ରତି ସଜାଗ ରହିବାକୁ ସତର୍କ କରାଇଛନ୍ତି।

ବୁଧବାର ସ୍କୁଲ ଛୁଟି ହେବାର କିଛି ସମୟ ପୂର୍ବରୁ ଛାତ୍ର ଜଣକ ଶୌଚାଳୟ ଯାଇଥିଲେ। ସମସ୍ତ ଛାତ୍ରୀଛାତ୍ର ପଳାଇବା ପରେ କ୍ଲାସରୁମ୍‌ରେ ଉକ୍ତ ଛାତ୍ରଙ୍କ ସ୍କୁଲ ବ୍ୟାଗ୍ ଥିଲେ ମଧ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଠିକ୍ ଭାବେ ନ ଦେଖି ଶ୍ରେଣୀଗୃହରେ ତାଲ ପକାଇ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯିବା ପରେ କର୍ମଚାରୀଜଣକ ସ୍କୁଲ ଫାଟକରେ ମଧ୍ୟ ତାଲା ପକାଇ ପଳାଇ ଯାଇଥିଲେ। ଛାତ୍ରଜଣକ ଶୌଚାଳୟରୁ ବାହାରି ସବୁଆଡ଼େ ତାଲା ପଡ଼ିଥିବା ଦେଖି କାନ୍ଦିବା ଆରମ୍ଭ କରିଥିଲେ। ପ୍ରାୟ ଘଣ୍ଟାଏ ପରେ ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଖବର ଦେଇଥିଲେ। ଉକ୍ତ କର୍ମଚାରୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ଛାତ୍ରଙ୍କ କହିବାନୁସାରେ ସେ ଶିକ୍ଷୟିତ୍ରୀଙ୍କୁ କହି ଶୌଚାଳୟ ଯାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଦାୟିତ୍ୱହୀନତାକୁ ଅଭିଭାବକମାନେ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ତାଙ୍କର କିଛି ଭୁଲ୍ ନ ଥିଲା ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସଦର ବ୍ଲକ ଶିକ୍ଷାଧିକାରିଣୀ କବିତା ରାଣୀ ଜେନା କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ୩ଜଣିଆ ଟିମ୍ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲା। ଏହାର ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ କହିଛନ୍ତି, ଏଭଳି ଅଭାବନୀୟ ଘଟଣା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦାୟୀ କରାଯାଇ ତାଙ୍କୁ ନିଲମ୍ବିତ କରାଯାଇଛି।

# ସ୍ୱାମୀ ଜୀବିତ ଥାଇ ୧୦ ମହିଳା ପାଉଛନ୍ତି ବିଧବାଭତ୍ତା

**ରାସଗୋବିନ୍ଦପୁର,୧୨।୯ (ଡି.ଏନ୍.ଏ)**

**ରାସଗୋବିନ୍ଦପୁର ବ୍ଲକ**
**ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଲମ୍ବିତ**

ବିଭିନ୍ନ ସମୟରେ ଅର୍ଥ ହେରଫେର ଓ ବିଭିନ୍ନ ଅନିୟମିତତା ନେଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଚର୍ଚ୍ଚାରେ ରହି ଆସିଥିବା ବେଳେ ଏବେ ଏଥିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ଏହି ବ୍ଲକର ସାରୁମଳା ପଞ୍ଚାୟତରେ ୧୦ ଜଣ ମହିଳାଙ୍କୁ ସେମାନଙ୍କ ସ୍ୱାମୀ ଜୀବିତ ଥିବା ସତ୍ତ୍ୱେ ବିଧବା ଭତ୍ତା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ଅଳ୍ପବୟସ୍କଙ୍କୁ ବାର୍ଦ୍ଧକ୍ୟଭତ୍ତା ଓ ସଧବା ମହିଳାଙ୍କୁ ବିଧବାଭତ୍ତା ପ୍ରଦାନ କରାଯାଇଥିବା ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଜିଲାପାଳ ବିନୀତ ଭରଦ୍ୱାଜ ଘଟଣାର ତଦନ୍ତ ପାଇଁ ଜିଲା ସମାଜମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମାଜମଙ୍ଗଳ ଅଧିକାରୀ ନରେନ୍ଦ୍ର ବିନ୍ଧାଣି ସାରୁମଳା ପଞ୍ଚାୟତ ଗସ୍ତରେ ଆସି ଅଭିଯୋଗ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଏହି ତଦନ୍ତରେ ସାରୁମଳା ଗ୍ରାମର ୧୦ଜଣ ସଧବାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା। ଜିଲା ସମାଜମଙ୍ଗଳ ଅଧିକାରୀ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବା ପରେ ଜିଲାପାଳ ଚିଠି ନଂ.୧୮୦୨ ଓ ୧୮୦୩ ଅନୁଯାୟୀ ବୁଧବାର ରାସଗୋବିନ୍ଦପୁର ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜନୀଗନ୍ଧା ସିଂଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ସଧବା ମହିଳାଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ସହଯୋଗ କରିଥିବା ଅନ୍ୟ ସରକାରୀ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହି ପଞ୍ଚାୟତର କେବଳ ସାରୁମଳା ଗ୍ରାମ ନା ଅନ୍ୟ ଗ୍ରାମମାନଙ୍କରେ ଚଞ୍ଚକତା କରି ଏଭଳି ଭତ୍ତା ପ୍ରଦାନ କରାଯାଇଛି ଏହାର ବିଧିବଦ୍ଧ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

# ସଡକ ଦୁର୍ଘଟଣାରେ ଚା' ବିକାଳିଙ୍କ ମୃତ୍ୟୁ

**ବଡବିଲ, ୧୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଗୁରୁଡି ଥାନା ଅନ୍ତର୍ଗତ ନୂଆଗାଁ ଠାରେ ଏକ ସଡକ ଦୁର୍ଘଟଣାରେ ପଶ୍ଚିମବଙ୍ଗ ଅଞ୍ଚଳର ମାଧବ ଦାସ ନାମକ ଚା' ବିକାଳିଙ୍କର ମୃତ୍ୟୁ ଘଟିଛି। ସୁଚନା ଅନୁଯାୟୀ, ଗୁରୁଡି ଥାନାଞ୍ଚଳରେ ବୁଲିବୁଲି ନାଲି ଚା' ବିକ୍ରି କରୁଥିବା ମାଧବ ବୁଧବାର ରାତି ପ୍ରାୟ ସାଢେ ୯ ଟା ବେଳେ ନୂଆଗାଁ ଠାରେ ଜାତୀୟ ରାଜପଥ ଅତିକ୍ରମ କରୁଥିଲେ। ଏହି ସମୟରେ (ଓଡି ୨ ୯ ଇ ୫ ୩ ୫ ୫) ନମ୍ବର ବିଶିଷ୍ଟ ଏକ ଲୁହାପଥର ବୋଝେଇ ୧୨ ଚକିଆ ଟ୍ରକ ମାଧବଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ୧୨ ଚକିଆ ଟ୍ରକ ସହ ଚାଳକ ଅରକ୍ଷିତ ଦାସଙ୍କୁ ପୋଲିସ ଜିମା ଦେବା ସହ ଦୁର୍ଘଟଣାରେ ଗୁରୁତର ମାଧବଙ୍କୁ ତୁରନ୍ତ ଯୋଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ତେବେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଗୁରୁଡି ଥାନା ଇନ୍ସପେକ୍ଟର ମାନସ ବାରିକ କହିଛନ୍ତି ଯେ, ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଛି।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-14, ତା.06.09.2019ରିଖ

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (ସଂକେତ), ସମ୍ବଲପୁର ଏବଂ ସିନିୟର ସେକ୍ସନ ଇଂଜିନିୟର (ସଂକେତ), ରେଢ଼ାଖୋଲ ନିମନ୍ତେ ପିକ୍-ଅପ୍ ଭ୍ୟାନ୍ ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 32,18,472/-, **EMD (ଟଙ୍କାରେ)** : 64,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ସମ୍ବଲପୁର
PR-361/K/19-20



**GOVERNMENT OF ODISHA**
**FOOD SUPPLIES & CONSUMER WELFARE DEPARTMENT**
**ADVERTISEMENT**

In continuation of this Department Advertisement for appointment to the post of whole time Chairperson (One) in the 'Odisha State Food Commission' set up by Government of Odisha under the provisions of the National Food Security Act, 2013 (NFSA) and published on 10.07.2019 and 24.08.2019, the last date of receipt of application from eligible candidates is further extended up to **1.00 PM of 27.09.2019**. Persons who have applied earlier for Chairperson, their applications will be considered for the purpose and hence they need not apply again.

For complete information on qualification, eligibility criteria, application form and other details, the applicants are requested to visit and download the same from the Department's website www.foododisha.in under 'Notification' link.

**AD (FS)-cum-Joint Secretary**



**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳ**
**ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର**
DISTRICT RURAL DEVELOPMENT AGENCY, KANDHAMAL
**PANCHAYATIRAJ DEPARTMENT**
**GOVERNMENT OF ODISHA**
THROUGH FAX/E-Mail/POST
**DRDA, KANDHAMAL Phulbani-762001**
**Tel: 06842 (STD Code) 253696 (Off.) 253709 (Res) 255297, 253905 (Fax)**
**E-mail : ori-dphuibani@nic.in**

**No.3829/2019** **ADVERTISEMENT** **Date : 11.09.2019**

Applications are invited from the eligible candidates to fill up 20 Nos. (Women- 07) post of Gram Rozgar Sevak (GRS) on contractual basis with a consolidated monthly remuneration of Rs.7,000/- in different Gram Panchayat of Kandhamal District, which should reach the Project Director, District Rural Development Agency, Kandhamal on or before 10.10.2019 by Registered Post/Speed Post only and applications received through Courier service, by hand, e-mail and other means shall be rejected.

The details of information regarding eligibility criteria, selection procedure, remuneration, age, application format, etc. are available in the District Website **www.kandhamal.nic.in**

**Sd./- Collector - cum - CEO**
**Zilla Parishad, Kandhamal**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର
ହୁସେନ୍ ହାଉସ୍, ଅଇଁଠାପାଲି, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୪
ଇ-ମେଲ: sbi.18398@sbi.co.in, ଲ୍ୟାଣ୍ଡ ଲାଇନ୍ ନଂ. (ଅଫିସ): ୦୬୬୩-୨୫୪୦୦୨୫

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ : ୩୦.୦୯.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ: ଡ଼ବ୍ଲ୍ୟୁ. ଭି. ଶ୍ରୀନିବାସ ରାଓ, ଇ-ମେଲ: w.rao@sbi.co.in@sbi.co.in, ମୋ.: ୯୪୩୭୪୮୯୫୩୭, ୮୨୪୯୩୫୦୩୩୫**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | ଅତାବିରା ଶାଖା / ଋଣଗ୍ରହୀତା: ଏସ୍.କେ. ଲାଲ ବାବୁ ଏଣ୍ଟରପ୍ରାଇଜ୍ (ଅଂଶୀଦାର ଫାର୍ମ), ଶେକ୍ ଯାକୁବ୍ ବିବି, ଶେକ୍ କାସିମ୍, ବାସସ୍ଥାନ ଠିକଣା- ସା/ପୋ: ନୂଆ ଖଇରାପାଲୀ, ପୋ: ଲରାସରା, ଭାୟା: ଅତାବିରା / ଆକାଉଣ୍ଟ ନଂ.: ୩୫୧୬୨୩୦୪୭୪୩ (ସିସି) | ଜାମିନ୍‌ଦାରମାନେ: ୧) ଶେକ୍ ଅହମ୍ମଦ ଉନିଶା, ୨) ଶେକ୍ ସୁଭନ ସାହେବ, ୩) ଶେକ୍ ଜହରଉନିଶା, ସମସ୍ତଙ୍କ ବାସସ୍ଥାନ ଠିକଣା- ସା/ପୋ: ନୂଆ ଖଇରାପାଲୀ, ପୋ: ଲରାସରା, ଭାୟା: ଅତାବିରା | ଶେକ୍ ସୁଭନ ସାହେବ, ପିତା: ୰ ଶେକ୍ ଲାଲ ସାହେବ | (କ) ଶେକ୍ ସୁଭନ ସାହେବଙ୍କ ନାମରେ ଥିବା ଖୋଲା ବାସପୋଯୋଗୀ ପ୍ଲଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଲରାସରା, ଥାନା/ତହସିଲ: ଅତାବିରା, ଖାତା ନଂ.: ୫୪୬/୨୪୬, ପ୍ଲଟ୍ ନଂ.: ୨୩୦୭, କ୍ଷେତ୍ର: ଏକର୦.୨୬ଡିସିମିଲି, ପ୍ଲଟ୍ ନଂ.: ୨୩୨୧, କ୍ଷେତ୍ର: ଏକର୦.୦୭ଡିସିମିଲି, ପ୍ଲଟ୍ ନଂ.: ୨୩୨୨/୩୬୮୦, କ୍ଷେତ୍ର: ଏକର୦.୭୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୦୮ଡିସିମିଲି।** (ଖ) ଗାରମେଣ୍ଟସ୍ / ଡ୍ରେସ୍ (ପୋଷାକ) ସାମଗ୍ରୀର ଷ୍ଟକ୍ (ଦାବି ଅନୁଯାୟୀ ମିଳିଥିବା ତାଲିକା) |
| ୨. | ଅତାବିରା ଶାଖା / ଋଣଗ୍ରହୀତା: ମେସର୍ସ ଏସ୍.କେ. ବ୍ରଦର୍ସ, ଅଂଶୀଦାରମାନେ: ୧) ଶେକ୍ ଯାକୁବ ସାହେବ, ୨) ଶେକ୍ ସୁଭନ ସାହେବ, ୩) ଶେକ୍ ରହିମ ସାହେବ, ୪) ଶେକ୍ ସତାର ସାହେବ, ୫) ଶେକ୍ ନାଗୁର ସାହେବ, ୬) ଶେକ୍ ଯାକୁବ ବିବି, କ୍ର. ନଂ. ୩, ୪, ୫ ଏବଂ ୬ - ୰ ଶେକ୍ ସୁଭନ ସାହେବ (ମୃତକ ଜାମିନ୍‌ଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ), ସମସ୍ତଙ୍କ ବାସସ୍ଥାନ ଠିକଣା- ସା/ପୋ: ନୂଆ ଖଇରାପାଲୀ, ପୋ: ଲରାସରା, ଭାୟା: ଅତାବିରା / ଆକାଉଣ୍ଟ ନଂ.: ୩୩୮୦୨୪୫୫୮୧୭ | | ୰ ଶେକ୍ ସୁଭନ ସାହେବ (ମୃତକ)ଙ୍କ ଆଇନଗତ ଉତ୍ତରାଧିକାରୀମାନେ- ୧) ଶେକ୍ ସତାର ସାହେବ, ୨) ଶେକ୍ ନାଗୁର ସାହେବ, ୩) ଶେକ୍ ରହିମ୍ ସାହେବ, ୪) ଶେକ୍ ଯାକୁବ ବିବି | ୰ ଶେକ୍ ସୁଭନ ସାହେବଙ୍କ ନାମରେ ଥିବା ଜମି ଏବଂ ଗୃହ ଓ ଫର୍ଣ୍ଣିଚର ଏବଂ ଫିକ୍ସର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଲରାସରା, ଖାତା ନଂ.: ୫୪୬/୦୮, ପ୍ଲଟ୍ ନଂ.: ୩୧୯୬, କ୍ଷେତ୍ର: ଏକର୦.୧୩ଡିସିମିଲି |
| ୩. | ଅତାବିରା ଶାଖା / ଋଣଗ୍ରହୀତା: ମେସର୍ସ ଏସ୍.କେ. ଗାରମେଣ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଶେକ୍ ଅହମ୍ମଦ ଉନିଶା, ସ୍ୱାମୀ: ଶେକ୍ ଯାକୁବ ସାହେବ, ଆନ୍ଧ୍ର ବ୍ୟାଙ୍କ ନିକଟ, ମେନ୍ ରୋଡ଼, ଅତାବିରା / ଆକାଉଣ୍ଟ ନଂ.: ୩୫୦୬୭୪୫୨୮୯୩ (ଟିଏଲ) | ଜାମିନ୍‌ଦାରମାନେ: ୧) ଶେକ୍ ସୁଭନ ସାହେବ, ୨) ଶେକ୍ ଯାକୁବ ବିବି, ୩) ଶେକ୍ ସତାର ସାହେବ, ୪) ଶେକ୍ ନାଗୁର ସାହେବ, ୫) ଶେକ୍ ରହିମ୍ ସାହେବ, ସମସ୍ତଙ୍କ ବାସସ୍ଥାନ ଠିକଣା- ରାମାଲାୟମ ଷ୍ଟ୍ରିଟ୍, ନୂଆ ଖଇରାପାଲୀ, ପୋ: ଲରାସରା, ଜିଲ୍ଲା: ବରଗଡ଼, ପିନ୍-୭୬୮୦୨୭ | | ଇଲେକ୍ଟ୍ରିକ୍ / ଇଲେକ୍ଟ୍ରୋନିକ ଆଇଟମ୍ ସହିତ ଫର୍ଣ୍ଣିଚର ଏବଂ ଫିକ୍ସର (ଦାବି ଅନୁଯାୟୀ ମିଳିଥିବା ତାଲିକା) |
| ୪. | ଏସ୍‌ଏମ୍‌ଇ ଶାଖା, ଝାରସୁଗୁଡ଼ା / ଋଣଗ୍ରହୀତା: ମେସର୍ସ ମମତା ଭିଡିଓ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅମରଜିତ ସିଂହ, ଠିକଣା: ସା: ମେନ୍ ରୋଡ଼, ରେଲୱେ ଷ୍ଟେସନ୍ ସାମ୍ନା, ଝାରସୁଗୁଡ଼ା-୭୬୮୨୦୧, ବାସସ୍ଥାନ: ଦିପୁପଡ଼ା, ଝାରସୁଗୁଡ଼ା, ପିନ୍-୭୬୮୨୦୧ / ଆକାଉଣ୍ଟ ନଂ.: ୩୧୬୫୩୧୮୭୦୧୯(ସିସି), ୩୧୩୨୦୬୫୨୭୭୦(ଟିଏଲ) | ଜାମିନ୍‌ଦାରମାନେ: ୧) ଶ୍ରୀ ଅମରଜିତ ସିଂହ, ୨) ଶ୍ରୀ ପରମଜିତ ସିଂହ, ଉଭୟଙ୍କ ପିତା: ଶ୍ରୀ ଗଣେଶ ପ୍ରସାଦ ସିଂହ, ବାସସ୍ଥାନ ଠିକଣା- ଦିପୁପଡ଼ା, ଝାରସୁଗୁଡ଼ା, ପିନ୍-୭୬୮୨୦୧ | ଶ୍ରୀ ପରମଜିତ ସିଂହ | ଶ୍ରୀ ପରମଜିତ ସିଂହଙ୍କ ନାମରେ ଝାରସୁଗୁଡ଼ା ଠାରେ ଥିବା ସପ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ. ୬, ନିଉ ଝାରସୁଗୁଡ଼ା, ଥାନା/ତହସିଲ/ଜିଲ୍ଲା: ଝାରସୁଗୁଡ଼ା, ଖାତା ନଂ.: ୯୨୯/୫୮୮, ପ୍ଲଟ୍ ନଂ.: ୫୬୮/୪୧୫୫, କ୍ଷେତ୍ର: ଏକର୦.୦୨୦ଡିସିମିଲି (୮୭୨ ବର୍ଗଫୁଟ) ରୁ ଏକର୦.୦୦୪ଡିସିମିଲି (ପରିମିତ ୨୨'X ୯' ସମୁଦାୟ ୧୯୮ ବର୍ଗଫୁଟ) (ସମ୍ପୂର୍ଣ୍ଣ ବିଲ୍ଡିଂର ତଳ ମହଲାର ସପ୍ ନଂ. ୨ ଏବଂ ୩ ଭାବେ ଚିହ୍ନିତ) |
| ୫. | ଡୁଙ୍ଗୁରିପାଲ୍ଲୀ ଏଡିବି / ଋଣଗ୍ରହୀତା: ଲକ୍ଷ୍ମୀ ଫର୍ଟିଲାଇଜର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶ ଏବଂ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶ / ଆକାଉଣ୍ଟ ନଂ.: ୩୫୩୯୪୯୬୪୪୨୨(ସିସି), ୩୦୭୧୫୨୬୫୯୭୪(ଟିଏଲ), ୩୪୭୪୩୧୩୭୦୬୩(ଟିଏଲ) | | ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶ | ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ରାମପୁର, ତହସିଲ/ଥାନା: ବିନିକା, ଜିଲ୍ଲା: ସୁବର୍ଣ୍ଣପୁର, ଖାତା ନଂ.: ୯୨୭/୨୨୦, ପ୍ଲଟ୍ ନଂ.: ୨୨୬/୨୮୮୯, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରି |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|
| ୧(କ). | ଟ.୧୮,୭୦,୦୦୦/- | ଟ.୧,୮୭,୦୦୦/- | ଟ.୧୦,୦୦୦/- | ୦୫.୦୯.୨୦୧୮ ସୁଦ୍ଧା ଟ.୫୧,୦୦,୪୬୦/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୫.୦୯.୨୦୧୮ |
| ୧(ଖ). | ଟ.୨୫,୨୦,୦୦୦/- | ଟ.୨,୫୨,୦୦୦/- | ଟ.୧୦,୦୦୦/- | | |
| ୨. | ଟ.୭୨,୬୮,୦୦୦/- | ଟ.୭,୨୬,୮୦୦/- | ଟ.୧୦,୦୦୦/- | ୦୫.୦୯.୨୦୧୮ ସୁଦ୍ଧା ଟ.୪୨,୭୨,୮୨୦/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୫.୦୯.୨୦୧୮ |
| ୩. | ଟ.୪,୩୩,୮୦୦/- | ଟ.୪୩,୩୮୦/- | ଟ.୧୦,୦୦୦/- | ୦୫.୦୯.୨୦୧୮ ସୁଦ୍ଧା ଟ.୪୧,୪୮,୨୩୦/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୫.୦୯.୨୦୧୮ |
| ୪. | ଟ.୨୬,୨୦,୦୦୦/- | ଟ.୨,୬୨,୦୦୦/- | ଟ.୧୦,୦୦୦/- | ଟ.୩୬,୪୫,୫୪୨/- + ୦୧.୧୦.୨୦୧୭ ଠାରୁ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୭.୧୦.୨୦୧୭ |
| ୫. | ଟ.୧୬,୭୨,୦୦୦/- | ଟ.୧,୬୭,୨୦୦/- | ଟ.୧୦,୦୦୦/- | ୧୨.୧୦.୨୦୧୭ ସୁଦ୍ଧା ଟ.୧୫,୫୨,୦୬୯/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୦.୦୫.୨୦୧୭ |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୨୩.୦୯.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ଘଟିକା**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୨୪.୦୯.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ **ଅନ୍-ଲାଇନ** ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୩୦.୦୯.୨୦୧୯ରିଖରେ** ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 35788260860, Name of the A/C.: SBI, SARB, Sambalpur, Name of the Beneficiary: State Bank of India A/c., IFSC Code No.: SBIN0012079** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ/ତାଲିକାଭୁକ୍ତ ବ୍ୟାଙ୍କରୁ **"State Bank of India, SARB, Sambalpur"**ଙ୍କ ସପକ୍ଷରେ ସମ୍ବଲପୁର ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319, Mr. Rikin - 09978591888 & Land Line No.: 079-61200538/598. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ସମ୍ବଲପୁର**ଙ୍କ ଠାରେ **ତା.୨୪.୦୯.୨୦୧୯ରିଖ ଅପରାହ୍ନ ୦୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡ଼ିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ସମ୍ବଲପୁର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ **ୟୁଜର ଆଇଡି ଏବଂ ପାସୱାର୍ଡ** ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ **Mob.: 9437489537** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୬) ଏହି ବିକ୍ରୟ ନୋଟିସ୍‌ଟି ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ୧୫ ଦିନିଆ ନୋଟିସ୍ ଅଟେ।

**ତାରିଖ : ୧୨.୦୯.୨୦୧୯, ସ୍ଥାନ : ସମ୍ବଲପୁର** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ଆତ୍ମହତ୍ୟା ଉଦ୍ୟମ ବେଳେ ମହିଳା ଉଦ୍ଧାର

**ସୋର, ୧୨।୯(ଡି.ଏନ.ଏ.):** ସୋର ଥାନା ଅଧୀନ ଅନନ୍ତପୁର ପଞ୍ଚାୟତ କାନପୁର ଅଞ୍ଚଳର ଜଣେ ମହିଳା ଗୁରୁବାର ସ୍ୱାମୀଙ୍କ ସହ ମୋବାଇଲରେ ଝଗଡା ହେବା ପରେ ମାନସିକ ଭାରସାମ୍ୟ ହରାଇ ରେଳ ଓଭରବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପୋଲିସ ଜିମା ଦିଆଯାଇଛି।

ଏହି ମହିଳା ଜଣକ ନିଜର ଅସୁସ୍ଥ ପୁଅକୁ ନେଇ ସୋର ଆସିଥିଲେ। ସାଙ୍ଗରେ ପୂର୍ବ ପ୍ରେସ୍କ୍ରିପ୍ସନ ଆଣି ନ ଥିବାରୁ ବାଙ୍ଗାଲୋରରେ ଥିବା ତାଙ୍କ ସ୍ୱାମୀଙ୍କ ସହ ମୋବାଇଲରେ ଝଗଡା ହୋଇଥିଲା। ସମ୍ପୃକ୍ତ ମହିଳା ନିଜ ୧୨ ବର୍ଷର ପୁଅକୁ ଛାଡି ଓଭର ବ୍ରିଜ୍ ଉପରୁ ତଳକୁ ଡେଉଁଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଥାନାକୁ ଖବର ଦେଇଥିଲେ। ପୋଲିସ ମହିଳାଙ୍କୁ ଥାନାକୁ ନେଇ ଘଟଣାର ତଦନ୍ତ କରୁଛି।

ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଲାଇସେନ୍ସ ରଦ୍ଦ ମାମଲା

# ପକ୍ଷ ଶୁଣିବାକୁ ଏନ୍ଏଚ୍ଆର୍ସିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୨।୯**

ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଲାଇସେନ୍ସ ରଦ୍ଦ ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ନିର୍ଦ୍ଦେଶ ଉପରେ ଗୁରୁବାର ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏନ୍ଏଚ୍ଆର୍ସିଙ୍କ ଏହି ନିର୍ଦ୍ଦେଶକୁ ବର୍ତ୍ତମାନ କାର୍ଯ୍ୟକାରୀ ନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜଷ୍ଟିସ୍ ସି.ଆର୍. ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆଗାମୀ ୪ ସପ୍ତାହ ମଧ୍ୟରେ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷ ଏନ୍ଏଚ୍ଆରସିଙ୍କ ନିକଟରେ ନିଜର ପକ୍ଷ ରଖିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଆପୋଲୋ କର୍ତ୍ତୃପକ୍ଷଙ୍କ ପକ୍ଷର ଶୁଣାଣି କରି ପୁନର୍ବାର ନିଷ୍ପତ୍ତି ନେବାକୁ ଏନ୍ଏଚ୍ଆରସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୩ରେ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷ ରାଘବରାମ ଦୋରାଙ୍କ କିଡ୍ନୀ ପ୍ରତ୍ୟାରୋପଣ ପାଇଁ ରାଜ୍ୟ ସରକାରଙ୍କଠାରୁ ଏନ୍ଓସି ପାଇଥିଲେ। ଏଥିରେ ଜୟରାମ ଦୋରା ତାଙ୍କ କିଡ୍ନୀ ଦାନ କରିବେ ବୋଲି ଦର୍ଶାଯାଇଥିଲା। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଜୟରାମଙ୍କ ବଦଳରେ ଅନିଲ କୁମାର ସ୍ୱାମୀଙ୍କ ଶରୀରରୁ କିଡ୍ନୀ କାଢ଼ି ନେଇ ରାଘବରାମଙ୍କ ଶରୀରରେ ପ୍ରତ୍ୟାରୋପଣ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ବେଆଇନ ଭାବେ ଏଭଳି କରିଥିବା ନେଇ ୨୦୧୬ରେ ମାନବାଧିକାର କର୍ମୀ ଅଖଣ୍ଡ ଏନ୍ଏଚ୍ଆର୍ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଟ୍ରାନ୍ସପ୍ଲାଣ୍ଟେଶନ ଅଫ ହ୍ୟୁମ୍ୟାନ ଅର୍ଗାନ୍ସ ଆଣ୍ଡ ଟିସ୍ୟୁ ନିୟମ ୧୯୯୪ର ଉଲ୍ଲଂଘନ କରିଥିବା ନେଇ ଅଭିଯୋଗରେ ଦର୍ଶାଇବା ସହ ଏହି କିଡ୍ନୀ ପ୍ରତ୍ୟାରୋପଣ ବେଆଇନ ବୋଲି ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଏନ୍ଏଚ୍ଆର୍ସି ରବିବାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଥିଲେ। ଏଥିସହ ହସ୍ପିଟାଲର ଲାଇସେନ୍ସ କାହିଁକି ରଦ୍ଦ ନ ହେବ ସେ ସମ୍ପର୍କରେ କାରଣ ଦର୍ଶାଇବା ସହ ୪ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ସେହିପରି ପୀଡ଼ିତ ଅନିଲଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍ଏଚ୍ଆର୍ସିଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହସ୍ପିଟାଲ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ ! ଦହିଭାତ କିଏ ଖାଇବ ?**
**ଦରବୁଢ଼ାଟାକୁ ଟୋକୀ ପରଷିଲା**
**ୟାକି ଏ ଦେହ ସହିବ ।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଅଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ବିଚାରୀ କନ୍ୟା ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦଣ୍ଡେ ରହରେ ପାଟି,**
**ଶାଶୁ ଯିବ ଧାନ କୁଟି**
**ଦଣ୍ଡେ ରହରେ ଜିଭ**
**ଶାଶୁ ତ ଗାଧୋଇ ଯିବ ।**

ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଜିହ୍ୱା ଲାଳସା ସମ୍ବରଣ କରିପାରି ନ ଥାନ୍ତି। ଯେତେ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ଏପରିସ୍ଥଳେ ଶାଶୁ ଡରରେ ଖାଇପାରୁ ନ ଥିବା ବୋହୂ ଶାଶୁର ଯିବା ବାଟକୁ ଚାତକ ପରି ଚାହିଁ ବସିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
—ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସମ୍ବଲପୁର ମଣ୍ଡଳ ରେଳ ସମନ୍ୱୟ ସମିତି ବୈଠକ | ଭିତ୍ତିଭୂମି ବିକାଶ, ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ

**ସମ୍ବଲପୁର, ୧୨।୯ (ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ଅଧୀନ ଅନେକ ଷ୍ଟେଶନରେ ଭିତ୍ତିଭୂମିର ଅଭାବ ରହିଛି। ପ୍ଲାଟଫର୍ମ ଗୁଡ଼ିକରେ ଛାତ ନାହିଁ । ବର୍ଷା, ଖରାରେ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି । ଲାଇଟ୍ ଜଳୁନାହିଁ । ସିଗନାଲ୍ କାମ କରୁନାହିଁ । କୋଚଗୁଡିକ ସଫାସୁତୁରା କରାଯାଉନାହିଁ । ଗୁରୁବାର ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସମ୍ବଲପୁର ରେଳ ମଣ୍ଡଳ ସମନ୍ୱୟ ସମିତି ବୈଠକରେ ଏହି ସବୁ ଅଭିଯୋଗ ଉଠିଛି। ରେଳ ଷ୍ଟେଶନର ଭିତ୍ତିଭୂମି ଓ ଯାତ୍ରୀ ସୁବିଧା ଉପରେ ମୋଟାମୋଟି ଏଥିରେ ଆଲୋଚନା କରାଯାଇଛି। ଏଥିରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ରେଳ ବିଭାଗ ମହାପ୍ରବନ୍ଧକ ଶ୍ରୀବିଦ୍ୟା ଭୂଷଣ, ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ପ୍ରମୁଖ ପରିଚାଳନା ନିର୍ଦ୍ଦେଶକ ଦେବରାଜ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବରଗଡ ଏମ୍ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍ପି ସଙ୍ଗୀତା ସିଂଦେଓ, ସମ୍ବଲପୁର ଏମ୍ପି ନୀତେଶ ଗଙ୍ଗଦେବ, କୋରାପୁଟ ଏମ୍ପି ସପ୍ତଗିରି ଶଙ୍କର ଉଲାକା, ଛତିଶଗଡ ମହାସମୁନ୍ଦ ଏମ୍ପି ଚିନ୍ମୟଲାଲ ସାହୁ, ରାଜ୍ୟ ସଭା ସଦସ୍ୟ ଭାସ୍କର ରାଓ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏମ୍ପିମାନେ ନିଜ ଅଞ୍ଚଳରେ ଥିବା ଷ୍ଟେଶନର ସମସ୍ୟା ଓ ଟ୍ରେନ ସଂପ୍ରସାରଣ ଉପରେ ଦାବି କରିଥିଲେ। ବରଗଡ଼-ନୂଆପଡ଼ା ଜିଲାକୁ ନୂତନ ଟ୍ରେନ ଲାଇନ ବିଛାଇବା, ରେଢ଼ାଖୋଲ ଓ ବରଗଡ଼ ଷ୍ଟେଶନର ଉନ୍ନୟନମୂଳକ କାମ କରିବା, ପ୍ଲାଟଫର୍ମ ନମ୍ବର ୨ରେ ଲାଇଟ, ପାଣି ଓ ଯାତ୍ରୀଙ୍କ ପାଇଁ ଛାତର ସୁବିଧା କରିବାକୁ ରାଜ୍ୟ ସଭା ଏମ୍ପି ପ୍ରସନ୍ନ ଆଚାର୍ଯ୍ୟ ଦାବି କରିଥିଲେ । ସେହିପରି ସମ୍ବଲପୁର-ଶିରିଡି ସାଇନାଥ ଏକ୍ସପ୍ରେସ ରେଢ଼ାଖୋଲଠାରେ ରହଣି କରିବା, ନାଗାବଳୀ ଏକ୍ସପ୍ରେସକୁ ଅତାବିରାରେ ରହଣି କରିବା ସହ ଗୁନୱାନା ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ସଂପ୍ରସାରଣ କରିବାକୁ ସେ ଦାବି କରିଥିଲେ ।



ଗୁରୁବାର ସମ୍ବଲପୁର ରେଳ ମଣ୍ଡଳ ସମନ୍ୱୟ ବୈଠକରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଅଧ୍ୟକ୍ଷତା କରୁଛନ୍ତି ।

## ମହରମରେ ଖଣ୍ଡା ବୁଲାଇ ଚର୍ଚ୍ଚାରେ ରୋହିତ

**ସମ୍ବଲପୁର,୧୨।୯(ବ୍ୟୁରୋ)**

ସମ୍ବଲପୁରରେ ବୁଧବାର ମହରମ ଶୋଭାଯାତ୍ରାରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଖଣ୍ଡା ବୁଲାଇ ଚର୍ଚ୍ଚାରେ ରହିଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ବିଶ୍ୱ ହିନ୍ଦୁ ପରିଷଦ ଓ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି । ତେବେ ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତି ଯେ, ଭାଜପା ତାଙ୍କୁ ଟାର୍ଗେଟ କରୁଛି। ରାଜନୀତି କରି ତାଙ୍କୁ ବଦନାମ କରାଯାଉଛି । ସେ ମହରମ ଶୋଭାଯାତ୍ରାରେ ସାମିଲ ହୋଇ କାଠର ଏକ ଖେଳନା ଖଣ୍ଡା ବୁଲାଇଥିଲେ। ତେବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, କାହାକୁ ଟାର୍ଗେଟ କରାଯାଉ ନାହିଁ । ରୋହିତ ଖଣ୍ଡା ବୁଲାଇବା ଅପରାଧ ନୁହେଁ । ଖଣ୍ଡା ବିଜୟର ପ୍ରତୀକ। ଏଥିପାଇଁ କୌଣସି ଆଇନ ନାହିଁ । ହେଲେ ସେ ଯେବେ ଖଣ୍ଡା ବୁଲାଉଥିଲେ ବିଜେଡି ପକ୍ଷରୁ ତାଙ୍କୁ କେବଳ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଉଥିଲା।

ବ୍ୟାଟେରି ଚୋରି ଘଟଣା

## ୪ ଅଭିଯୁକ୍ତ ଜେଲ ଗଲେ

**ସଜନାଗଡ, ୧୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁରର ଶାନ୍ତନୁ ମହାପାତ୍ରଙ୍କ କ୍ରଶର୍ ଭିତରେ ଥିବା ୩ଟି ଡମ୍ପରରୁ ଗତ ୧୦ତାରିଖ ରାତିରେ ୫ଟି ବ୍ୟାଟେରି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଆଇଆଇସି ନଳିତା ମୋଦି ଏକ ମାମଲା (ନଂ. ୨୧୫/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଗୁରୁବାର ପୋଲିସ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରେମୁଣା ନୂଆପାଢ଼ୀ ଗ୍ରାମର ତପୁ ଓରଫ ଚନ୍ଦନ କୁମାର ଦାସ (୩୧), ଦୀପୁ ଓରଫ ରଞ୍ଜନ ପ୍ରଧାନ (୨୯), ପିଙ୍କୁ ଓରଫ ତନ୍ମୟ ମହାନ୍ତି (୨୬) ଏବଂ ସୁଜିତ କୁମାର ମହଲ। ସେମାନଙ୍କଠାରୁ ଚୋରି ୫ଟି ବ୍ୟାଟେରି ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବିଭୁକଲ୍ୟାଣ ଟୋକିଓ ଅଲିମ୍ପିକ ହକି ଟିମ୍ର ମେଡିକାଲ ଅଫିସର



**ଭଦ୍ରକ ଅଫିସ,୧୨।୯:** ଜାପାନ ରାଜଧାନୀ ଟୋକିଓରେ ୨୦୨୦ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଆନ୍ତର୍ଜାତିକ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେବେ ଏହି କ୍ରୀଡ଼ା ମହାକୁମ୍ଭରେ ଅନୁଷ୍ଠିତ ହେବାକୁ ଥିବା ହକି ପ୍ରତିଯୋଗିତାରେ ଭାରତୀୟ ଦଳ ପୂର୍ବବର୍ଷଗୁଡ଼ିକ ପରି ପ୍ରତିନିଧିତ୍ୱ କରିବ। ଭଦ୍ରକର ଡା. ବିଭୁକଲ୍ୟାଣ ନାୟକ ମେଡିକାଲ ଅଫିସର୍ ଭାବେ ଏହି ଦଳରେ ନିଯୁକ୍ତ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ଭୁବନେଶ୍ୱରରେ ରହୁଥିବା ଡା. ନାୟକଙ୍କ ଘର ଭଦ୍ରକ ଜିଲା ବିଲଣା ଗ୍ରାମରେ। ସେ ୨୦୧୮ ରେ ଓଡ଼ିଶାରେ ଅନୁଷ୍ଠିତ ହୋଇଯାଇଥିବା ବିଶ୍ୱକପ୍ ହକି ପାଇଁ ଭାରତୀୟ ଦଳରେ ସମାନ ପଦବୀରେ ନିଯୁକ୍ତ ହୋଇଥିଲେ। ପ୍ରଥମ ଓଡ଼ିଆ ଭାବେ ଡା. ନାୟକ ଏହି କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କେଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କେଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କେଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କେଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କେଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

BUSINESS

ASTROLOGY

EDUCATION

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କେଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

- ନେପୋଲିୟନ ବୋନାପାର୍ଟ

## ସଂକ୍ଷେପରେ



### ନିଶା ନିବାରଣ ପାଇଁ ୧୧ ମାସ ହେଲା ଏମିତି...

**ସମ୍ବଲପୁର, ୧୨।୯ (ବ୍ୟୁରୋ):** ସମ୍ବଲପୁର ଜିଲାକୁ ସଂପୂର୍ଣ୍ଣ ନିଶା ମୁକ୍ତ କରିବା ନେଇ ପରିଣତ ବୟସରେ ମଧ ଜନାର୍ଦ୍ଦନ ସାହୁ ନାମକ ଜଣେ ବ୍ୟକ୍ତି ଅଣ୍ଟା ଭିଡିଛନ୍ତି । ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେ ୨୦୧୮ ଅକ୍ଟୋବର ୨୯ରୁ ଆନ୍ଦୋଳନ ଜାରି ରଖିଛନ୍ତି । ରବିବାର ବ୍ୟତୀତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରେ ଜିଲାପାଳ ଅଫିସ ପରିସରରେ ପହଞ୍ଚି ଥାନ୍ତି । ମାହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଧୂପ ଦେଇ ଧାରଣାରେ ବସିଥାନ୍ତି । ତାଙ୍କ ଆନ୍ଦୋଳନ ନିଶ୍ଚୟ ସଫଳ ହେବ । ଖରା, ବର୍ଷା, ଶୀତ କାକରକୁ ଖାତିର ନ କରି ଆନ୍ଦୋଳନ ଚାଲୁ ରଖିଛନ୍ତି ବୋଲି ଗୁରୁବାର ସେ କହିଛନ୍ତି । ତାଙ୍କ ପାଖ ଦେଇ ଜିଲାର ବିଭିନ୍ନ ପ୍ରଦାଧିକାରୀ ଯିବା ଆସିବା କରିଥାନ୍ତି। ଅଥଚ କାହାରି ନଜର ତାଙ୍କ ଉପରେ ପଡୁନାହିଁ ।



### ଲେଡି ଲୁଇସ୍ ଗାର୍ଲ୍ସ ସ୍କୁଲରେ ସ୍ୱଚ୍ଛତା ପ୍ରଦର୍ଶନୀ

**ସମ୍ବଲପୁର, ୧୨।୯ (ବ୍ୟୁରୋ):** ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ ପରିସରରେ ଗୁରୁବାର ସ୍ୱଚ୍ଛତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନାରେ ପ୍ରଦର୍ଶନୀ ହୋଇଥିଲା । ବର୍ଜ୍ୟବସ୍ତୁର ବିଭିନ୍ନ ଉପକରଣକୁ ନେଇ ଆକର୍ଷଣୀୟ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ତିଆରି କରି ଛାତ୍ରୀମାନେ ପ୍ରଦର୍ଶନୀରେ ସାମିଲ ହୋଇଥିଲେ । ଶାନ୍ତିଲତା ଦାଶ, ସନତ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ । ସ୍ନେହା ମେହେର ପ୍ରଥମ, ପ୍ରିୟଙ୍କା ଚନ୍ଦନ ଦ୍ୱିତୀୟ ଓ ସର୍ମିଷ୍ଠା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶିକ୍ଷୟିତ୍ରୀ ଦିପ୍ତିମୟୀ ମିଶ୍ର, ଶୁଲଚନା ପଣ୍ଡା, ତାରାବତୀ ବେହେରା, ଶିକ୍ଷକ ହରିହର ମିଶ୍ର କାୟରର୍ୟ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମରଣଯନ୍ତା ପାଲଟିଛି ୧୫ ନଂ ରାଜ୍ୟ ରାଜପଥ

# ସମ୍ବଲପୁରରୁ ସୋନପୁର ଖାଲଖମାରେ ଭରପୂର

ଧମା, ୧୨।୯ (ଡି.ଏନ.ଏ.)

ସମ୍ବଲପୁରରୁ ସୋନପୁରକୁ ଯୋଗାଯୋଗ କରୁଥିବା ୧୫ ନଂ. ରାଜ୍ୟ ରାଜପଥର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ରାସ୍ତା ଦବି ଯାଇ ଖାଲ ହୋଇଛି। ଏହାଦ୍ୱାରା ଦୁର୍ଘଟଣାଘଟି ଧନଜୀବନ ହାନି ଘଟୁଛି। ଏ ବାବଦରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ହେଉନଥିବା ଅଭିଯୋଗ କରିଛନ୍ତି କେତେକ ଗ୍ରାମବାସୀ । ମାନେଶ୍ୱର ବ୍ଲକ ହଳଦୀ ଗ୍ରାମର ଭବାନୀଶଙ୍କର ହୋତାଙ୍କ କହିବା ଅନୁଯାୟୀ ଏହି ରାସ୍ତାର ବରଗାଁ ଛକ କେନାଲ ସମ୍ମୁଖରେ ମୁଖ୍ୟରାସ୍ତା ଦୀର୍ଘ ଦିନରୁ ଦବି ଯାଇଛି। ରାସ୍ତା ମଝାମଝି ଏପରି ଏକ ଖାଲ ସୃଷ୍ଟି ହୋଇଛି ଯେ, ଯାହାକି ସହଜେ ଜଣାପଡେ ନାହିଁ । ନିକଟକୁ ଆସି ଜାଣିଲା ବେଳକୁ ବାଇକ ଚାଳକମାନେ ଦୁର୍ଘଟଣାରୁ ଆଉ ବର୍ତ୍ତି ପାରନ୍ତି ନାହିଁ। ଫଳରେ ଜୀବନ ଯାଏ। ଗତ ୩ବର୍ଷ ମଧରେ ଏଠାରେ ୨ଟି ଦୁର୍ଘଟଣାରେ ନିକଟସ୍ଥ ତେନ୍ତୁଲିକୁର୍ଲାର ନେପାଳ ମନ୍ଦୋଦରୀ ଏବଂ ଛଚାନପାଲି ଗ୍ରାମର ଉଦ୍ଧବ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସେହିପରି ଉକ୍ତ ସ୍ଥାନ ନିକଟରେ କେନାଲ ପାଣି ପ୍ରଭାବିତ ହେଉଥିବାରୁ ରାସ୍ତା କଡ ମାଟି ଦବି ଯାଉଛି। ବର୍ଷା ଦିନେ ସେଠାରେ ପ୍ରଚୁର ପାଣି ଜମା ହୋଇ ରହୁଛି, ଯାହା ଦୁର୍ଘଟଣାକୁ ନିମନ୍ତ୍ରିତ କରୁଛି। ସେହିପରି ବାଲପୁର ଛକରେ ଧୂଳିଯୋର ବ୍ରିଜ ସମ୍ମୁଖରେ ଛୋଟବଡ ପାଞ୍ଚଟି ଗର୍ତ୍ତ ରାସ୍ତା ମଝିରେ ସୃଷ୍ଟି ହୋଇଛି। ତାହା ମଧ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଅନେକ ସମୟରେ ବାଇକ ଚାଳକମାନେ ସେଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆଖାବରା ହେଉଥିବା ନଜର ରହିଛି। ଏହି ରାଜପଥ ବର୍ତ୍ତମାନ ଏକ ବ୍ୟସ୍ତବହୁଳ ପଥ ହୋଇଛି। କାରଣ ଏଥିରେ ସମ୍ବଲପୁରରୁ ବଲାଙ୍ଗୀର, ବୌଦ୍ଧ, କଟକ, ଭୁବନେଶ୍ୱର ସହିତ ଅନେକ ଜିଲାକୁ ରାସ୍ତା ସଂଯୋଗ କରୁଛି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ବାଲପୁର ଛକ ନିକଟରେ ରାସ୍ତାରୁ ପିଚୁ ଉଠିଗଲାଣି।




ଜାତୀୟ କର୍ମନିଯୁକ୍ତି ପରାମର୍ଶ, ପ୍ରଶିକ୍ଷଣ କର୍ମଶାଳାରେ ଅତିଥିମାନେ।

## ଜାତୀୟ କର୍ମନିଯୁକ୍ତି ପରାମର୍ଶ, ପ୍ରଶିକ୍ଷଣ କର୍ମଶାଳା

# 'ନିଜେ ଉଦ୍ୟୋଗୀ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରାଅ'

ନାକଟିଦେଉଳ,୧୨।୯(ଡି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ସମ୍ବଲପୁର ଜିଲା କର୍ମ ନିଯୁକ୍ତି କାର୍ଯ୍ୟାଳୟ ଏବଂ ରେଢାଖୋଲ ଉପଖଣ୍ଡସ୍ଥିତ କୌଶଳ ବିକାଶ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ଜାତୀୟ କର୍ମ ନିଯୁକ୍ତି ପରାମର୍ଶ ଏବଂ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୁଲସନ କୁମାର ରେହିଲା, ବିକାଶ ରଞ୍ଜନ ଦାଶ, ସୋଫିଆ ବେଗମ, ବସନ୍ତ ରାଜ ବିରୋ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିକ୍ଷା ସମାପ୍ତି ପରେ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ଧନ୍ଦା ମୂଳକ କ୍ଷେତ୍ର ସଂପର୍କରେ ଆଲୋଚନା କରି ପରାମର୍ଶ ଦିଆଯାଇଛି। ଶିକ୍ଷିତ ଯୁବତୀଯୁବକମାନେ ପ୍ରଶିକ୍ଷଣ ନେଇ ନିଜେ ଉଦ୍ୟୋଗୀ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ଆଗ୍ରହୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଶେଷରେ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ପ୍ରଶିକ୍ଷକମାନଙ୍କୁ କର୍ମ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକମାନେ ସହଯୋଗ କରିଥିଲେ।

# ସାହେବୀ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ନାକଟିଦେଉଳ,୧୨।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମାର୍ଚ୍ଚ ମାସରେ ପାଳିତ ହେବ। ଏଥିପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜୟଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପାନୀୟ ଜଳ, ଶୌଚାଳୟ, ପ୍ରବେଶ ପଥରେ ତୋରଣ ନିର୍ମାଣ ଆଦି ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଲେ। ସମାରୋହ ପୂର୍ବରୁ ପଦକ୍ଷେପ ନେବାକୁ ବିଧାୟକ କଥା ଦେଇଛନ୍ତି। ପୂର୍ବତନ ସରପଞ୍ଚ ରାମପ୍ରସାଦ ସାହୁ, ବିଜେଡ଼ି ବ୍ଲକ ସଭାପତି ମୁଳିଆ ରାଉଳ, ବାଳକୃଷ୍ଣ ସାହୁ, ପର୍ଶୁରାମ ମାଝି, ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ସମିତିସଭ୍ୟ ବିଦ୍ୟାଧର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ମତାମତ ରଖିଥିଲେ। ପୁରାତନ ଛାତ୍ର ମନୋଜ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।




ସାହେବୀ ହାଇସ୍କୁଲର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକରେ ବିଧାୟକ ଓ ଅନ୍ୟମାନେ।

# ଅଧ୍ୟାପକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

ସମ୍ବଲପୁର/ପଡିଆବାହାଲ, ୧୨।୯ (ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କ ହତ୍ୟା ଘଟଣାରେ ପୋଲିସ ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ମୁରା ଗ୍ରାମର ଦୁଃଖନାଶନ ବାଗଙ୍କୁ ପୋଲିସ ଗିରଫ କରିଛି। ଅଧ୍ୟାପକ ହୃଦାନନ୍ଦଙ୍କୁ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିବା ସହ କିଭଳି ଭାବେ ହତ୍ୟା କରିଥିଲେ ତାହା ମଧ ବୟାନ ଦେଇଛନ୍ତି। ପୋଲିସ କହିବା ଅନୁସାରେ ମୋବାଇଲ ଫୋନ୍ ପାଇଁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଛନ୍ତି। ଘଟଣା ଦିନ ରାତିରେ ଅଭିଯୁକ୍ତ ଦୁଃଖନାଶନ ଅଧ୍ୟାପକଙ୍କ ପାଖକୁ ଆସିଥିଲେ। ଅଧ୍ୟାପକଙ୍କ ଏକ ଦାମୀ ନୂଆ ମୋବାଇଲ ଦେଖି ତାଙ୍କର ଲୋଭ ହୋଇଥିଲା। ଏହାକୁ ନେବାକୁ ହିଁ ସେ ଅଧ୍ୟାପକଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ହେଲେ ପୋଲିସର ଏହି ସଫେଇ ସହଜେ ଗ୍ରହଣୀୟ ହେଉ ନାହିଁ। ନିଶ୍ଚୟ ଏହା ପଛରେ ସଲାସୁତୁରା କରାଯାଇଥିବା ସନ୍ଦେହ ରହୁଛି। ତେବେ ଅଭିଯୁକ୍ତଙ୍କ ନିକଟରୁ ଚୋରି ମୋବାଇଲ ଫୋନ୍ ସହ ସ୍କୁଲରୁ କିଛି ଦୂରରେ ପଡିଥିବା ମୋବାଇଲ ଫୋନ୍ ଖୋଳ ମଧ ଜବତ ହୋଇଛି।



ଧମାସ୍ଥିତ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

# 'ଦୁର୍ନୀତିମୁକ୍ତ ଭାରତ ଗଢ଼ିବାକୁ ବ୍ରତୀ ହୁଅ'

## ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ

ଧମା,୧୨।୯(ଡି.ଏନ.ଏ.)

ସ୍ଥାନୀୟ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଦୁର୍ନୀତିମୁକ୍ତ ଭାରତ ଗଢ଼ିବା ନିମନ୍ତେ ବ୍ରତୀ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଦିଲୀପ ମହାପାତ୍ର, ରବୀନ୍ଦ୍ର ପୃଷ୍ଟି, ପରମାନନ୍ଦ ସିଟ, ଯତୀନ୍ଦ୍ର ସିଂ, ଗୋପରଞ୍ଜନ ବେହେରା, ଶଙ୍କରଲାଲ ଅଗ୍ରୱାଲ, ରମେଶ ପ୍ରଧାନ, ନରେଶ ସେଠ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ନିବେଦିତା ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଧ୍ୟାପକ ସତ୍ୟନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରାମ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟ ରଜତ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଡିସେମ୍ବର ମାସର ପ୍ରଥମ ସପ୍ତାହରେ ରଜତ ଜୟନ୍ତୀ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂସଦର ସଭାପତି କମଳଲୋଚନ ପଣ୍ଡା, ସମ୍ପାଦକ ଅନୀଲ କୁମାର ଦାଶ, କୋଷାଧକ୍ଷ ବଳରାମ ବାଗଙ୍କ ସମେତ ବର୍ଷ୍ଣି ସୁନା, ଅନନ୍ତ ପ୍ରସାଦ କୁମ୍ଭାର, ଅନୁପ ସାହୁ ପ୍ରମୁଖ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ।

# 'ତହସିଲ ଅଫିସରେ ରହିବାକୁ ଅନୁମତି ଦିଅନ୍ତୁ'

ରେଙ୍ଗାଲି, ୧୨।୯ (ଡି.ଏନ.ଏ)

ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଅନ୍ତର୍ଗତ ତଲାବିରାର ବିର୍ଜୁ ସାହୁଙ୍କ ମାଟି ଘର ଗତ ୭ ତାରିଖ ବଳ ବର୍ଷାରେ ଭାଙ୍ଗି ଯାଇଛି। ବିର୍ଜୁ ଏ ନେଇ ରେଙ୍ଗାଲି ତହସିଲଦାର ପ୍ରଫୁଲ୍ଲ ବେହେରା ଓ ଲପଙ୍ଗା ଆରଆଇ ମନୋଜ ମହାନନ୍ଦଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି। କିନ୍ତୁ ୫ ଦିନ ବିତି ଯାଇଥିଲେ ମଧ କୌଣସି ସରକାରୀ ଅଧିକାରୀ ପରିଦର୍ଶନରେ ଆସି ନାହାନ୍ତି। ତହସିଲଦାରଙ୍କୁ ପୁଣି ଗୁରୁବାର ବିର୍ଜୁ ଅଭିଯୋଗ କରିଛନ୍ତି ଯେ, ରହିବାକୁ ଘର ନାହିଁ। ଏଣୁ ତାଙ୍କୁ ତହସିଲ ଅଫିସରେ ରହିବାକୁ ଅନୁମତି ଦିଆଯାଉ। ବିର୍ଜୁଙ୍କ ଅଭିଯୋଗ ଅନୁସାରେ ତାଙ୍କ ମା' ଜଣେ ହୃଦ୍‌ରୋଗ। ନିକଟରେ ତାଙ୍କ ଅସ୍ତ୍ରୋପଚାର ମଧ ହୋଇଛି। ଏବେ ପୁଣି ପାରାଲିସିସ୍ ହୋଇଛି।



ଭଙ୍ଗାଘର ଆଗରେ ବିର୍ଜୁ ସାହୁ।

# '୨୪ ସୁଦ୍ଧା ଫସଲବୀମା ଟଙ୍କା ଦିଅ'

ନାକଟିଦେଉଳ,୧୨।୯(ଡି.ଏନ.ଏ.)

'ଆମକୁ ଆକାଉଣ୍ଟରେ ଫସଲବୀମା ଟଙ୍କା ଦିଅ'। ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାଲେଭଟା ପଞ୍ଚାୟତର ଚାଷୀମାନେ ଗୁରୁବାର ଏଭଳି ଦାବି କରିଛନ୍ତି। ଗତ ଖରିଫ ଚାଷର ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ସେମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନି। ଏଣୁ ବ୍ୟାଙ୍କ ଜମା ଖାତାରେ ସିଧାସଳଖ ଏହି ଟଙ୍କା ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି। ଅଟଳ କୃଷକ ସଂଗଠନ ପକ୍ଷରୁ ଦିବାକର ପ୍ରଧାନ ଏବଂ ପ୍ରଫୁଲ୍ଲ ଶତପଥୀଙ୍କ ନେତୃତ୍ୱରେ ନାକଟିଦେଉଳ ଏସ୍‌ଡିସିସି ବ୍ୟାଙ୍କକୁ ଚାଷୀମାନେ ଘେରାଉ କରିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଶାଖା ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ରେଢାଖୋଲ ଏଆରସିଏସ ରାଧାକ୍ରିଷ୍ଣ ମେହେର ଏବଂ ଶାଖା ପରିଚାଳକ ସେବାରାମ ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ୨୪ତାରିଖ ସୁଦ୍ଧା ଟଙ୍କା ଜମା ନ କଲେ ୨୫ତାରିଖରୁ ରେଢାଖୋଲ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅର୍ଜୁନ ସାହୁ, ସୁରେଶ କିସାନ, ବାବୁଲାଲ ସାହୁ, ମଧୁସୁଦନ ମୁଣ୍ଡା, ମୁରଲୀ ଧର ପ୍ରଧାନ, ଭରତ ଧଳ, ପ୍ରମୋଦ ସାହୁ, ସୁଶାନ୍ତ ବେହେରା, ପର୍ଶୁ ଧଳ, ପୁରୁଷୋତ୍ତମ ବେହେରା, ଗଉ ବେହେରା, ଟୁନା ପ୍ରଧାନ, ପରମାନନ୍ଦ ଗଡ଼ତ୍ୟା ଏବଂ ଟିକେଶ୍ୱର ଗଡ଼ତ୍ୟାଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ବିନୟ ଇଜଲୁସ ଲାକ୍ରା, ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ପ୍ରମୁଖ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ। ସାଲେଭଟା ପଞ୍ଚାୟତର ଚାଷୀ ଗତ ବର୍ଷ ଖରିଫ ଚାଷରେ ସ୍ୱଳ୍ପ ବୃଷ୍ଟିପାତ ତଥା ଫସଲରେ ରୋଗପୋକ ଯୋଗୁ ବିପୁଳ ପରିମାଣରେ କ୍ଷତି ସହିଛନ୍ତି। ଏ ବର୍ଷ ଚାଷୀମାନେ ଆର୍ଥିକ ଅଭାବ ହେତୁ ଜମିରେ ଉପଯୁକ୍ତ ପରିମାଣର ସାର ଏବଂ ରାସାୟନିକ ଔଷଧ କିଣି ପକାଇ ପାରି ନାହାନ୍ତି। ଗତ ଅଗଷ୍ଟ ୨୮ରେ ଏମାନଙ୍କ ପାଇଁ ଫସଲ ବୀମା ଟଙ୍କା ବୀମା କମ୍ପାନୀ ପ୍ରଦାନ କରିଛି। ଏହି ବୀମା ଟଙ୍କା ଯଦି ଚାଷୀଙ୍କ ଆକାଉଣ୍ଟରେ ଜମା ହୋଇଥାନ୍ତା ତାହା ହେଲେ ଚାଷୀ ସାର, ଔଷଧ ଆଦି କିଣି ଚାଷ କାର୍ଯ୍ୟ କରିଥାନ୍ତେ। ହେଲେ ବୀମା ଟଙ୍କା ପ୍ରଦାନରେ ବ୍ୟାଙ୍କ ଅବହେଳା କରିଛି। ଅନ୍ୟପକ୍ଷେ ଏଥିଯୋଗୁ ୯୦ପ୍ରତିଶତ ଚାଷୀଙ୍କ ଋଣ ଖିଲାଫ ହୋଇଛି। ଚାଷୀମାନେ ଅଯଥା ୧୨ପ୍ରତିଶତ ସୁଧ ସମବାୟ ସମିତିକୁ ଦେଇଛନ୍ତି। ସାଲେଭଟା ସେବା ସମବାୟ ସମିତି ଚାଷୀଙ୍କଠାରୁ ୨୦୦୮ରୁ ଏ ପର୍ଯ୍ୟନ୍ତ ଖୋଲା ଚେକ୍‌ରେ ଦସ୍ତଖତ ନେଇ ଋଣ ପାସ ବହି ଲୁଚାଇ ରଖିଛି। ଚାଷୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଋଣ ବୋଝ ଲଦି ଦେଇ କୋଟିକୋଟି ଟଙ୍କା ଆତ୍ମସାତ କରିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ଶୁଣାଣି ପାଇଁ ଗତ ମେ ୨୮ରେ ପଞ୍ଚାୟତର ପ୍ରତି ଗାଁକୁ ସାଲେଭଟା ସେବା ସମବାୟ ସମିତି ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଚାଷୀମାନେ ଅଭିଯୋଗ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।




ଫସଲ ବୀମା ଟଙ୍କା ଦାବିରେ ନାକଟିଦେଉଳରେ ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

- ବ୍ୟାଙ୍କ ସମ୍ମୁଖରେ ଗର୍ଜିଲେ ଚାଷୀ
- ବୀମା କମ୍ପାନୀ ଦେଇ ସାରିଛି
- ବ୍ୟାଙ୍କ ଜମା କରୁନି
- ୨୫ରେ ଆନ୍ଦୋଳନ ଚେତାବନୀ

# ଶବଦାହ ପାଇଁ ରାଜଘାଟରେ କାଠ ଅଭାବ

ସମ୍ବଲପୁର, ୧୨।୯ (ବ୍ୟୁରୋ)

ସମ୍ବଲପୁର କମଲିବଜାର ରାଜଘାଟଠାରେ ଶବ ଦାହ କରିବାକୁ କାଠର ଅଭାବ ଦେଖା ଦେଇଛି। ଫଳରେ ଏଠାକୁ ଶବଦାହ କରିବାକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟାରେ ଅଇଁଠାପାଲି, ବୁର୍ଲା, ପଡିଆବାହାଲରୁ ୩ଟି ପରିବାର ଶବ ଦାହ ପାଇଁ ପହଞ୍ଚିଥିଲେ। କିନ୍ତୁ କାଠ ଅଭାବ ଦେଖା ଦେଇଥିଲା। ଶେଷରେ ସେମାନେ ନିଜ ଉଦ୍ୟମରେ କାଠ ଆଣି ଶବ ଦାହ କରିଥିଲେ। ଏଠାରେ ଥିବା ବିଦ୍ୟୁତ ଚାଳିତ ଶବ ଦାହ ଚୁଲା ମଧ ଦୀର୍ଘ ମାସ ହେବ ଅଚଳ ହୋଇ ପଡିରହିଛି। ଜନସାଧାରଣଙ୍କ ଅଭିଯୋଗ ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପ୍ରକାର ପଦକ୍ଷେପ ନେଉନାହାନ୍ତି। କାଠ ସମସ୍ୟା ନେଇ ସାଲେଗ୍ରାମ ଖୁଣ୍ଟିଆ କହିଛନ୍ତି ଯେ, ମହାନଗର ନିଗମ କର୍ତ୍ତୃପକ୍ଷ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ସମ୍ବଲପୁରରୁ ରେଢ଼ାଖୋଲ ରାସ୍ତା ପ୍ରଶସ୍ତିକରଣ ବେଳେ ପ୍ରାୟ ୩୬ ହଜାର ଗଛ କଟା ଯାଇଛି। ତାହା ମହାନଗର ନିଗମ କର୍ତ୍ତୃପକ୍ଷ ମହଜୁଦ ରଖିଥିଲେ ସୁବିଧା ହୋଇଥାନ୍ତା। ତେବେ ଏ ନେଇ ମହାନଗର ନିଗମ ଡେପୁଟି କମିଶନର ଶୁଭଙ୍କର ମହାନ୍ତି କହିଛନ୍ତି ଯେ, ରାଜ ଘାଟରେ କାଠର ଅଭାବ ରହିଥିଲା। ଜନସାଧାରଣଙ୍କ ଅଭିଯୋଗକ୍ରମେ କାଠ କିଣା ଯାଇଛି। ଆଗାମୀ ୨ ଦିନ ମଧରେ ଅନ୍ୟ ଜିଲାରୁ କାଠ ଅଣାଯିବ। ଏହାପରେ ଶବ ଦାହ ପାଇଁ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ। ଏହା ସହ ବିଦ୍ୟୁତ ଚୁଲା ମରାମତି ଚାଲିଛି। ଗୋଟିଏ ମାସ ଭିତରେ କାର୍ଯ୍ୟକ୍ଷମ ହେବ।



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ମାଳିଙ୍କ ପତ୍ନୀ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୨।୯(ବ୍ୟୁରୋ): ଜାତିର ପିତା ମହାତ୍ମାଗାନ୍ଧୀଙ୍କ କର୍ମସ୍ଥଳୀ ବିର୍ଲା ହାଉସରେ କାର୍ଯ୍ୟରତ ମାଳି ରଘୁ ନାୟକଙ୍କ ପତ୍ନୀ ମନ୍ଦୋଦରୀ ନାୟକଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଟୁଇଟ୍ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମନ୍ଦୋଦରୀ ନାୟକଙ୍କ ଦେହାନ୍ତ ବିଷୟରେ ଜାଣି ସେ ଦୁଃଖିତ। ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

### ଦିଲୀପଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୨।୯(ବ୍ୟୁରୋ): ବରିଷ୍ଠ ଖବରଦାତା ଦିଲୀପ ଶତପଥୀ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। କେବଳ ଖବରଦାତା ନୁହନ୍ତି, ଗଣମାଧ୍ୟମ ଅଧ୍ୟାପକ ଭାବେ ମଧ୍ୟ ସେ ସୁନାମ ଅର୍ଜନ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ସ୍ୱର୍ଗତ ଦିଲୀପଙ୍କ ବିୟୋଗରେ ସ୍ଥାନୀୟ ଉତ୍କଳ ଅଡିଟୋରିୟମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଗ ନେଇ ବକ୍ତାମାନେ ଉପରୋକ୍ତ କଥା କହିଥିଲେ। ଏହି ସଭାରେ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦେଖିବାକୁ ମିଳିଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ ଦିଲୀପ ଅର୍ଥନୀତି ଓ ରାଜନୀତି ବିଶାରଦ ଥିଲେ। ସେ ଦୁରାରୋଗ୍ୟ କ୍ୟାନସରରେ ପୀଡିତ ଥିବା ଜାଣି ନ ଥିବା ସୂର୍ଯ୍ୟ କହିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା କହିଥିଲେ ଯେ ଦିଲୀପଙ୍କ ବିୟୋଗରେ ରାଜ୍ୟ ଗଣମାଧ୍ୟମ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେହିପରି ଗ୍ରାମ ଉନ୍ନୟନ ପ୍ରମୁଖ ସଚିବ ପ୍ରଦୀପ ଜେନା କହିଥିଲେ ଯେ ଦିଲୀପଙ୍କ ସହ ତାଙ୍କର ପାରିବାରିକ ସମ୍ପର୍କ ଗଢି ଉଠିଥିଲା। ଅନେକ ସମୟରେ ଉଭୟ ଏକାଠି ବସି ଅନେକ କଥା ଆଲୋଚନା କରୁଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ଆଇପିଏସ୍ ଅରୁଣ ବୋଥ୍ରା, ନାରାୟଣ ରେଡ୍ଡୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏବଂ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।

### ଝାଡ଼ାବାନ୍ତିରେ ୩୦ ଆକ୍ରାନ୍ତ

ପଦ୍ମପୁର, ୧୨।୯(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ମାରିଗୁଡ଼ା ଓ ବହୁପଦର ଗ୍ରାମରେ ଝାଡାବାନ୍ତି ବ୍ୟାପିଛି। ଗତ ୨ ଦିନ ମଧ୍ୟରେ ଉଭୟ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗୁଣପୁର ପଠାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଦୁଇଟି ଗାଁକୁ ଯାଇ ଜଳ ଓ ମଳ ନମୁନା ସଂଗ୍ରହ କରିଛି। ମେଡିକାଲ ଟିମ୍ ପକ୍ଷରୁ ଉଭୟ ଗ୍ରାମରେ ଓଆର୍ଏସ୍, ଜିଙ୍କ୍ ପାଉଡର ସହ ଔଷଧ ବିତରଣ କରାଯାଇଛି। ଏଥିସହ ଉଭୟ ଗାଁର ସମସ୍ତ କୂଅ ଓ ପୋଖରୀରେ ବ୍ଲିଚିଂ ପାଉଡ଼ର ପକାଯାଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୌମ୍ୟ ରଞ୍ଜନ ପତି, ବିପିଓ ମନୋଜ ପଣ୍ଡା, ସଫରା ରାଇକା, ଏଲ୍ଏଚ୍ଭି ତିଲୋତ୍ତମା ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ଡାଇରିଆ ସମ୍ପର୍କରେ ସଚେତନ କରାଇଛନ୍ତି। ତେବେ ପାଗ ଖରାପ ଥିବାରୁ ରାତି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ସନ୍ଦେହ କରାଯାଉଛି।

## ସରକାରୀ ଯୋଜନାର ସଫଳ ରୂପାୟନ

# ଅଧିକ ଅଫିସରଙ୍କ ରହିଛି ଆବଶ୍ୟକତା

- ଡେପୁଟେଶନରେ ଅଛନ୍ତି ୨୬ ଅଫିସର
- ଅଭିଜ୍ଞଙ୍କୁ ଏକାଧିକ ଦାୟିତ୍ୱ ସପକ୍ଷରେ ସମୀକ୍ଷକ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

କେନ୍ଦ୍ର ହେଉ କି ରାଜ୍ୟ ଶାସନ ବ୍ୟବସ୍ଥା, ସ୍ଥିର ପ୍ରଶାସନର ଅଧିକାରୀଙ୍କ ହାତରେ ହିଁ ରହିଥାଏ। ସେମାନଙ୍କ ଅଧୀନରେ ରାଜ୍ୟ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ ବୈଷୟିକ ବର୍ଗର ଅଧିକାରୀ ଥାଆନ୍ତି। ଅପରପକ୍ଷରେ ଓଡ଼ିଶାରେ ସାମ୍ପ୍ରତିକ ପରିସ୍ଥିତିରେ ଆନୁପାତିକ ହାରରେ ସର୍ବଭାରତୀୟ ସେବା ଅଧିକାରୀ କମ୍ ରହିଛନ୍ତି। ଏହା ଅନେକ ପ୍ରଶାସନିକ ଓ ଶାସନଗତ କାର୍ଯ୍ୟରେ ମନ୍ଥରତାର କାରଣ ହୋଇଛି।

ଓଡ଼ିଶା ପ୍ରଶାସନରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ଅଭାବରୁ କାର୍ଯ୍ୟରତ ଅଫିସରମାନେ ଏକାଧିକ ବିଭାଗ ବା ସଂସ୍ଥାର ଦାୟିତ୍ୱ ସମ୍ଭାଳୁଛନ୍ତି। ଫଳରେ କେତେକ ନିୟମିତ କାର୍ଯ୍ୟ ସାରି ନୂଆ ଯୋଜନା ପାଇଁ ଆନୁପାତିକ ସମୟ ଦେଇ ପାରୁ ନ ଥିବା ପରିଲକ୍ଷିତ ହେଉଛି। କେତେକ କ୍ଷେତ୍ରରେ ନୂଆ ଯୋଜନାକୁ ଧ୍ୟାନ ଦେଲେ ନିୟମିତ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଓଡ଼ିଶାରେ ଆଇଏଏସ୍ କ୍ୟାଡରର ମୋଟ ପଦବୀ ସଂଖ୍ୟା ୨୩୭। ସେଥିମଧ୍ୟରୁ ୧୬୫ ପଦବୀରେ ସିଧାସଳଖ ନୂଆ ଅଧିକାରୀ ଯୋଗ ଦେଇଥାନ୍ତି। ବର୍ତ୍ତମାନ ରାଜ୍ୟ କ୍ୟାଡରରେ ନିୟମିତ ଅଧିକାରୀ (ଆରଆର) ସଂଖ୍ୟା ୧୨୬ ରହିଛି। ସେଥିମଧ୍ୟରୁ ୨୬ ଜଣ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଏତଦ୍ ବ୍ୟତୀତ ୩୯ ପଦବୀ ଖାଲି ପଡିଛି। ଅର୍ଥାତ୍ ମୋଟ୍ ଉପରେ ରାଜ୍ୟରେ ପ୍ରାୟ ୧୦୦ ଆଇଏଏସ(ଆରଆର) କାର୍ଯ୍ୟ କରୁଛନ୍ତି। ଏମାନଙ୍କ ଉପରେ ୪୧ ସରକାରୀ ବିଭାଗ, ୭୦ ନିର୍ଦ୍ଦେଶାଳୟ, ୩୦ ଜିଲା ଏବଂ ଅନ୍ୟାନ୍ୟ ସରକାରୀ ଉଦ୍ୟୋଗ(ପିଏସୟୁ) ଗୁଡିକର ପରିଚାଳନା ଦାୟିତ୍ୱ ଅଛି। ନିୟମିତ ଆଇଏଏସ ଅଧିକାରୀଙ୍କ ସଂଖ୍ୟା କମ୍ ଥିବାରୁ ଅନେକ ଅଧିକାରୀଙ୍କୁ ଏକାଧିକ ବିଭାଗ ଓ ଅନ୍ୟାନ୍ୟ ସଂସ୍ଥାର ଦାୟିତ୍ୱ ଦେବାକୁ ସରକାର ବାଧ୍ୟ ହେଉଛନ୍ତି। ତେଣୁ ଏକାଧିକ ଦାୟିତ୍ୱ ଅଧିକାରୀଙ୍କ ଚାପର କାରଣ ହେଉଛି। କେତେକ କ୍ଷେତ୍ରରେ ଏହିସବୁ କାରଣରୁ ମନ୍ଥରତା ପରିଲକ୍ଷିତ ହେଉଛି। ରାଜ୍ୟରେ ଏପରି ପ୍ରଶାସନିକ ସ୍ଥିତି ଥିଲାବେଳେ ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର କୁମାର, ଜି.ଭି.ଭି. ଶର୍ମା, ରାଜେଶ ବର୍ମା, ଏସ.ଏନ. ଗିରିଶ ଆଦି ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନକୁ ଚାଲିଯାଇଛନ୍ତି। ଅନ୍ୟତମ ବରିଷ୍ଠ ଅଧିକାରୀ ନୀତିନ ଚନ୍ଦ୍ରା କେନ୍ଦ୍ରୀୟ ଡେପୁଟେଶନରେ ଯାଇପାରନ୍ତି ବୋଲି ଆଲୋଚନା ହେଲାଣି। ସେହିଭଳି ଇତିମଧ୍ୟରେ (୨୦୧୮-୧୯) ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଶାନ୍ତ କୁମାର ନାୟକ, ଆର. ବାଲକ୍ରିଷ୍ଣନ, ଡ. ସୁନୀଲ କୁମାର ଭାର୍ଗବ, ସଂଗ୍ରାମ କେଶରୀ ମିଶ୍ର, ବିପିନ କୁମାର ସକ୍ସେନା, ଡି.ଏନ୍. ଗୁପ୍ତା ଏବଂ ଏଲ.ଏନ. ଗୁପ୍ତା ପ୍ରମୁଖ ରାଜ୍ୟରେ କାର୍ଯ୍ୟ କରୁଥିବା ବେଳେ ଅବସର ନେଇଛନ୍ତି। ଏହି କାରଣରୁ ବରିଷ୍ଠ ଅଧିକାରୀ ସ୍ତରରେ ସଂଖ୍ୟା ଅନେକ ମାତ୍ରାରେ ହ୍ରାସ ପାଇଛି। ତେଣୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା, ବିଭାଗ ଦାୟିତ୍ୱ ନେବାରେ ଅଧିକାରୀଙ୍କ ଅଭାବ ପରିଲକ୍ଷିତ ହୋଇଛି। ଅପରପକ୍ଷେ ଅନ୍ୟ ସେବାରୁ ପଦୋନ୍ନତି ଭିତ୍ତିରେ ୭୨ଟି ଓଡ଼ିଶା କ୍ୟାଡର ଆଇଏଏସ ପଦବୀ ପୂରଣ ହେବାର ନିୟମ ରହିଛି। ବର୍ତ୍ତମାନ ସ୍ଥିତିରେ ୬୩ ଜଣ ଏପରି ପଦୋନ୍ନତି ପାଇ ବିଭିନ୍ନ ଦାୟିତ୍ୱରେ କାର୍ଯ୍ୟରତ ଏବଂ ୯ଟି ପଦବୀ ଖାଲି ରହିଛି।

କେତେକ ପୂର୍ବତନ ଅଧିକାରୀ ଓ ପ୍ରଶାସନିକ ବିଶ୍ଳେଷକ ଏହି ସମସ୍ୟାର ସୁଧାର ଆଣିବା ନେଇ କେତେକ ଗଠନଧର୍ମୀ ପ୍ରସ୍ତାବ ସମ୍ପର୍କରେ ମତ ରଖିଛନ୍ତି। ପ୍ରଥମତଃ କେନ୍ଦ୍ରରେ ଥିବା ବରିଷ୍ଠ ଅଧିକାରୀଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ପଡିବ। ଦ୍ୱିତୀୟତଃ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ସ୍ତରର ଅଧିକାରୀଙ୍କୁ ଏକାଧିକ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇପାରିବ। ସେହିପରି ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ସ୍ଥଳ ବିଶେଷରେ ଏକାଧିକ ଦାୟିତ୍ୱ ଦେଇହେବ। ପଦୋନ୍ନତି ଭିତ୍ତିରେ ଆଇଏଏସ ସେବାକୁ ଆସିଥିବା ଅଧିକାରୀଙ୍କୁ ବିଭିନ୍ନ ସଂସ୍ଥାର ଦାୟିତ୍ୱ ଦେଲେ ନିୟମିତ ଆଇଏଏସ ଅଧିକାରୀଙ୍କ ଉପରୁ ଚାପ କମିବ। ସେହିପରି ପିଏସୟୁଗୁଡିକରେ ଆଇଏଏସ ଅଧିକାରୀଙ୍କୁ ନିଯୁକ୍ତି ନ ଦେଇ ବରିଷ୍ଠ ଓଏଏସ/ ବୈଷୟିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇପାରିବ। ଏହାଦ୍ୱାରା କେତେକ ଅଧିକାରୀଙ୍କ ଉପରେ ଚାପ କମିବା ସହ ଶୀର୍ଷ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ହୋଇପାରିବ। ଜିଲାସ୍ତରରେ ବରିଷ୍ଠ ଓଏଏସଙ୍କୁ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଉଛି। ହେଲେ ସେମାନଙ୍କ ପ୍ରଦର୍ଶନ ଏତେଟା ଆଶାନୁରୂପ ହୋଇପାରୁନାହିଁ। ଏହାଦ୍ୱାରା ଅନେକ ଯୋଜନାର ସଫଳ ରୂପାୟନ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏଣୁ ରାଜ୍ୟ ଶୀର୍ଷ ପ୍ରଶାସନରେ ସାମାନ୍ୟ ସଂସ୍କାରର ଆବଶ୍ୟକତା ଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି।

### ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଗଡ଼ିବା ଘଟଣା
## ନିଲମ୍ବିତ ହେଲେ ଶିକ୍ଷକ

ବୁଗୁଡ଼ା,୧୨।୯(ଡି.ଏନ.ଏ.): ଗଞ୍ଜାମ ଜିଲା ବୁଗୁଡ଼ା ପିପୁଲ୍ଲି ହାଇସ୍କୁଲର ସହକାରୀ ଶିକ୍ଷକ କୀର୍ତ୍ତିଚନ୍ଦ୍ର ଭୋଇଙ୍କୁ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଗଡିବା ଅଭିଯୋଗରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଗୁରୁବାର ନିଲମ୍ବିତ କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଫିସ ଅର୍ଡର ନଂ.୧୩୦୬୨ରେ ନିର୍ଦ୍ଦେଶନାମା ବିଇଓ ଓ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଆସିଛି। ବୁଧବାର ଶିକ୍ଷକ ଭୋଇ ସ୍କୁଲକୁ ଯାଇ ଅପରାହ୍ନରେ ଫେରିଥିଲେ। ପରେ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଗଡୁଥିବା ଦେଖାଯାଇଥିଲା। ଏନେଇ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆସିଥିଲା। ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ବୁଗୁଡ଼ା ବିଇଓଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଇଓ ଗୁରୁବାର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ସହ କଥାବାର୍ତ୍ତା ହୋଇ ସ୍କୁଲକୁ ତଦନ୍ତ ପାଇଁ ଯାଇଥିଲେ। ଶିକ୍ଷକ ଭୋଇ ପୂର୍ବରୁ ମଧ୍ୟ ଶ୍ରେଣୀରେ ନିଶାସକ୍ତ ଅବସ୍ଥାରେ ଆସି ପାଟିତୁଣ୍ଡ କରିଥିବା ତଦନ୍ତ ବେଳେ ଜାଣିବାକୁ ପାଇଥିଲେ ।

# ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନକୁ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ

**ଅଧିକାରୀଙ୍କୁ ପଢ଼ାଇଲେ ୫-ଟି ମନ୍ତ୍ର**

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଭାଗ ଅଧୀନ ରାଜସ୍ୱ ଅଧିକାରୀ ତାଲିମ ଅନୁଷ୍ଠାନକୁ ଗୁରୁବାର ଅଚାନକ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ଅବସରରେ ସେ ଅନୁଷ୍ଠାନରେ ଚାଲୁଥିବା ସରକାରଙ୍କର ତାଲିମ ଓ ଦକ୍ଷତା ନିର୍ମାଣ ସମ୍ପର୍କରେ ଅବଗତ ହୋଇଥିଲେ । ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ତଥା ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍) ପ୍ରଶିକ୍ଷାର୍ଥୀମାନଙ୍କ ସହିତ ମନ୍ତ୍ରୀ ମତ ଓ ତଥ୍ୟ ବିନିମୟ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ 'ଟି' ମନ୍ତ୍ର ଆଧାରରେ ନିଷ୍ଠା ଓ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଅଧିକାରୀମାନେ ସେମାନଙ୍କର କାର୍ଯ୍ୟରେ ଦଳଗତ ପରିଚାଳନା, ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପ୍ରୟୋଗ କରି କାର୍ଯ୍ୟଧାରାରେ ଏକ ମାନବିକ ଦୃଷ୍ଟିଭଙ୍ଗୀମୂଳକ ରୂପାନ୍ତରଣ ଆଣିବା ସହିତ ପ୍ରଶାସନ ଓ ସେବା ବିତରଣ ବ୍ୟବସ୍ଥାରେ ୫'ଟି' ମନ୍ତ୍ରକୁ ପ୍ରୟୋଗ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଆପତକାଳୀନ ଆବଶ୍ୟକତା ଯଥା ପ୍ରାକୃତିକ ବିପର୍ଯ୍ୟୟ ଓ ଆଇନଶୃଙ୍ଖଳା ଅବସ୍ଥାର ସୁପରିଚାଳନାରେ ନିଜର ସାମର୍ଥ୍ୟ ପ୍ରମାଣ କରିବା ପାଇଁ ଅଧିକାରୀମାନେ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖିବା ପାଇଁ ମନ୍ତ୍ରୀ ମାର୍ଣ୍ଡି ପରାମର୍ଶ ଦେଇଥିଲେ । ସେହିପରି ବଂଶଧାରା ପ୍ରକଳ୍ପ, ଭୂମି ଅଧିକାର ସମେତ ବିଭିନ୍ନ ପ୍ରମାଣପତ୍ର ଯୋଗାଇଦେବା ନିମନ୍ତେ ଇ-ମ୍ୟୁଟେଶନ୍, ଇ-ରେଜିଷ୍ଟ୍ରେଶନ୍ ଓ ସର୍ଭିସ୍ ପ୍ଲସ୍ ପରି ବୈଷୟିକ ପ୍ରୟୋଗଗୁଡ଼ିକ ଉପରେ ଅଧିକାରୀମାନେ ଗୁରୁତ୍ୱ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

## ଓଡ଼ିଶା କଳା, ସଂସ୍କୃତିର ପ୍ରଶଂସା କଲେ ବ୍ରୁଶ୍



ବ୍ରିଟିଶ୍ ଡେପୁଟି ହାଇକମିଶନର ବ୍ରୁଶ୍ ବକ୍‌ନେଲ୍ ଓ ସଂସ୍କୃତି ବିଭାଗ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ।

ଭୁବନେଶ୍ୱର ୧୨।୯(ବ୍ୟୁରୋ)–ଭାରତରେ ଅବସ୍ଥାପିତ ବ୍ରିଟିଶ୍ ଡେପୁଟି ହାଇକମିଶନର ବ୍ରୁଶ୍ ବକ୍‌ନେଲ୍ ଗୁରୁବାର ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭୁବନେଶ୍ୱରସ୍ଥିତ ଡ. ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ କାର୍ଯ୍ୟ କରୁଥିବା ବ୍ରିଟିଶ୍ ସୂଚନା କେନ୍ଦ୍ରର କାର୍ଯ୍ୟାବଳୀ ଏବଂ ଉନ୍ନତୀକରଣ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା। ଏହି ସୂଚନା କେନ୍ଦ୍ର ବ୍ରିଟେନ୍‌ରେ ଉଚ୍ଚଶିକ୍ଷା, ବୃତ୍ତିଗତ ତାଲିମ ଓ ସାଂସ୍କୃତିକ ବିନିମୟ ସମ୍ପର୍କରେ ସୂଚନା ଦେଉଥିବାବେଳେ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଡେପୁଟି ହାଇକମିଶନର ଏହି ଅବସରରେ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏବଂ ବିପୁଳ ସାଂସ୍କୃତିକ ସମ୍ପଦର ପ୍ରଶଂସା କରିଥିଲେ। ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ ବକ୍‌ନେଲ୍‌ଙ୍କୁ ଓଡ଼ିଶା ଏବଂ ରଥଯାତ୍ରା ସଂପର୍କିତ କେତେକ ତଥ୍ୟ ସମ୍ବଳିତ ପୁସ୍ତକ ଉପହାର ଦେଇଥିଲେ। ଏହି ସାକ୍ଷାତ ସମୟରେ ଓଡ଼ିଶା ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନର ସଚିବ ଡ. ସୁନୀଲ ପଟ୍ଟନାୟକ ଓ ସୂଚନା ତଥା ଲୋକ ବ୍ୟାପାର ଅଧିକାରୀ ସ୍ୱର୍ଣ୍ଣମୟୀ ଶତପଥୀ ଉପସ୍ଥିତ ଥିଲେ।

### ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆ
# ଆଦୃତିକୁ ନେଇ ହେବ ସର୍ଭେ

ଭୁବନେଶ୍ୱର,୧୨।୯(ବ୍ୟୁରୋ)



- ଚଳିତ ବର୍ଷ ୧ ଲକ୍ଷ କୁଇଣ୍ଟାଲ ରାଗି ସଂଗ୍ରହ ଲକ୍ଷ୍ୟ
- ଅଙ୍ଗନୱାଡି, ସ୍କୁଲରେ ପିଲାଙ୍କୁ ଦିଆଯିବ ରାଗିଲଡୁ

ଗରିବ ଆଦିବାସୀମାନେ ଚାଷ କରୁଥିବା ମାଣ୍ଡିଆକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ୨୦୧୯ରେ ମାଣ୍ଡିଆକୁ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ)ରେ ସାମିଲ କରିଛନ୍ତି। ଏହା ଆଦୃତ ହେବା ପରେ ସମସ୍ତ ଜିଲାରେ ଏହାକୁ କାର୍ଯ୍ୟକାରୀ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଏହା ଲୋକମାନଙ୍କ ଦ୍ୱାରା କେତେଦୂର ଆଦୃତ ହେଉଛି ସେ ନେଇ ଏକ ସର୍ଭେ କରାଯିବ। ଲଘୁ ଶସ୍ୟର ଅଧିକ ବ୍ୟବହାର ନିମନ୍ତେ ବିଭିନ୍ନ ସରକାରୀ ଯୋଜନାରେ ଏହାକୁ ସାମିଲ କରାଯିବ। ଗୁରୁବାର ଲୋକସେବା ଭବନଠାରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଶା ମିଲେଟ ମିଶନର ଏକ ଉଚ୍ଚକ୍ଷମତାସମ୍ପନ୍ନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଲେଟ ମିଶନର ବିଭିନ୍ନ ଦିଗ ଓ ଅଗ୍ରଗତି ସହ ଏହାକୁ ସମଗ୍ର ରାଜ୍ୟରେ ବ୍ୟାପକ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲଘୁଶସ୍ୟକୁ ଅଧିକ ସରକାରୀ ଯୋଜନାରେ ବ୍ୟବହାର କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଓର୍ମାସ ଜରିଆରେ ଅନ୍‌ଲାଇନରେ ଲଘୁଶସ୍ୟ ବିକ୍ରି କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଧାନ କ୍ରୟ କେନ୍ଦ୍ର ସହ ଲଘୁ ଶସ୍ୟ ସଂଗ୍ରହ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ଦେଇଥିଲେ।

ଚଳିତ ବର୍ଷ ରାଜ୍ୟ ସରକାର ଖରିଫ ଋତୁରେ ୧ ଲକ୍ଷ କୁଇଣ୍ଟାଲ ରାଗି ସଂଗ୍ରହ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ରାଗିରୁ ପ୍ରସ୍ତୁତ ଲଡୁକୁ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯିବ। ଜିଲା ଖଣିଜ ପାଣ୍ଠି ଅନ୍ତର୍ଗତ ଜିଲାର ସ୍କୁଲଗୁଡିକରେ ମଧ୍ୟାହ୍ନ ଭୋଜନରେ ଲଘୁଶସ୍ୟକୁ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ଅକ୍ଟୋବର ୧୬ ତାରିଖରେ ବିଶ୍ୱ ଖାଦ୍ୟ ଦିବସ ଅବସରରେ କୃଷି ଭବନଠାରେ ପୌଷ୍ଟିକ ଲଘୁ ଶସ୍ୟ ସମ୍ପର୍କରେ ଏକ ଜାତୀୟ କର୍ମଶାଳାର ଆୟୋଜନ କରାଯିବ।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଲଘୁ ଶସ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ୨୦୧୭-୧୮ରେ ଓଡିଶାର ଜନଜାତି ବହୁଳ ୭ଟି ଜିଲାର ୩୦ଟି ବ୍ଲକରେ ଓଡିଶା ମିଲେଟ ମିଶନ ଆରମ୍ଭ କରାଯାଇଥିଲା। ୨୦୧୮-୧୯ରେ ଏହାକୁ ୧୪ଟି ଜିଲାର ୭୨ଟି ବ୍ଲକକୁ ସମ୍ପ୍ରସାରିତ କରାଯାଇଥିଲା। ଏଥି ମଧ୍ୟରୁ ୧୩ଟି ଜିଲାର ୬୫ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରୁ କାର୍ଯ୍ୟକାରୀ ହେଉଥିବା ବେଳେ କେନ୍ଦୁଝର ଜିଲାର ୭ଟି ବ୍ଲକରେ ଜିଲା ଖଣିଜ ପାଣ୍ଠିରୁ କାର୍ଯ୍ୟକାରୀ କରାଯାଇଛି। ଭାରତ ସରକାର ମିଲେଟ ମିଶନକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ କୃଷି ବିଭାଗ ସଚିବ ସୌରଭ ଗର୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ, ଏସସି/ଏସ୍‌ଟି ଉନ୍ନୟନ ବିଭାଗ ସଚିବ ରଞ୍ଜନା ଚୋପ୍ରା, କୃଷି ଓ ଖାଦ୍ୟ ଉତ୍ପାଦନ କମିଶନର ତଥା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଏମ. ମୁଥୁକୁମାର ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ମାଣାଧୀନ କାର୍ଯ୍ୟ ଦେଖିଲେ ଓଏସ୍ଆଇସି ଅଧ୍ୟକ୍ଷ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)–ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍ଆଇସି) ଅଧ୍ୟକ୍ଷ ଚିନ୍ମୟ ସାହୁ ଗୁରୁବାର ଅଚାନକ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଓଏସ୍ଆଇସି ତତ୍ତ୍ୱାବଧାନରେ ନିର୍ମାଣାଧୀନ ଏକାଡେମିକ୍ ବିଲ୍ଡିଂ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ୫-ଟି ମନ୍ତ୍ରର କାର୍ଯ୍ୟକାରିତା ଉପରେ ଚିନ୍ମୟ ଗୁରୁତ୍ୱ ଦେଇଛନ୍ତି। ନିର୍ମାଣାଧୀନ କାର୍ଯ୍ୟର ଗୁଣବତ୍ତା ଦିଗରେ ଦୃଷ୍ଟି ଦେବା ସହ ଚଳିତ ମାସ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଚିନ୍ମୟ ନିର୍ଦ୍ଦେଶ ଦେଇଛନ୍ତି। ନିଗମ ଅଧ୍ୟକ୍ଷ ସହ ଓଏସ୍ଆଇସି ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ପ୍ରଦୀପ୍ତ କୁମାର ସାହାଣୀ, ଓଏସ୍ଆଇସି ରେଜିଷ୍ଟ୍ରାର ଏବଂ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ମଧ୍ୟ ସମୀକ୍ଷା ସମୟରେ ଉପସ୍ଥିତ ରହିଥିଲେ। ପରିଦର୍ଶନ ସମ୍ପର୍କରେ ଚିନ୍ମୟ କହିଛନ୍ତି ଯେ, ସରକାରୀ ନିର୍ମାଣ ସାଧାରଣ ଲୋକ ଦେଉଥିବା ରାଜସ୍ୱ ଓ କରଦାତାଙ୍କ ଅର୍ଥରେ କରାଯାଉଛି। ତେଣୁ ଧାର୍ଯ୍ୟ ସମୟରେ ସରିବା ଦ୍ୱାରା ପୁନଃ ବ୍ୟୟ ଅଟକଳ ଆବଶ୍ୟକତା ରହିବ ନାହିଁ।

### ଦେଶରେ ସର୍ବାଧିକ
# ଟ୍ରକ୍ ଡ୍ରାଇଭରଙ୍କୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା

ନୂଆଦିଲ୍ଲୀ, ୧୨।୯



ହରିୟାଣାରେ ପଞ୍ଜିକୃତ ହୋଇଥିବା ଏକ ନିର୍ମାଣ ସାମଗ୍ରୀ ବୋଝେଇ ଟ୍ରକ ଓଭର ଲୋଡିଂହୋଇ ଦିଲ୍ଲୀକୁ ଆସିଥିବାବେଳେ ଜିଟି ରୋଡ଼ଠାରେ ପ୍ରବର୍ତ୍ତନ ସଂସ୍ଥାର କର୍ମଚାରୀ ଓ ପରିବହନ ବିଭାଗର କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲା। କାଗଜପତ୍ର ଯାଞ୍ଚ ପରେ ଉକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ୨ ଲକ୍ଷ ୫୦୦ ଟଙ୍କାର ଜରିମାନା ଲଗାଯାଇଛି। ଡ୍ରାଇଭର କେବଳ ଓଭରଲୋଡ୍ କରି ଯାଉ ନ ଥିଲା ବରଂ ତାଙ୍କ ପାଖରେ ଗାଡ଼ିର କୌଣସି ଆବଶ୍ୟକୀୟ କାଗଜପତ୍ର ନ ଥିଲା। ଡ୍ରାଇଭିଂ ଲାଇସେନ୍ସ, ଆର୍‌ସି ବୁକ୍, ଫିଟ୍‌ନେସ୍ ସାର୍ଟିଫିକେଟ୍, ପର୍ମିଟ, ଇନ୍ସ୍ୟୁରାନ୍ସ ଓ ପଲ୍ୟୁଶନ୍ ସାର୍ଟିଫିକେଟ୍ କିଛି ବି ନ ଥିଲା। ସଡ଼କ ଯାନ ସଂଶୋଧନ ଆଇନ ଲାଗୁହେବା ପରଠାରୁ ଏହା ସର୍ବାଧିକ ଜରିମାନା ବୋଲି କୁହାଯାଉଛି। ଓଭରଲୋଡିଂ ଲାଗି ୨୦ ହଜାର+ ୩୬ ହଜାର(ଟନ୍ ପିଛା ୨ ହଜାର ଅଧିକ), ଡ୍ରାଇଭିଂ ଲାଇସେନ୍ସ ଲାଗି ୫ ହଜାର, ପଞ୍ଜିକରଣ ସାର୍ଟିଫିକେଟ୍ ନ ଥିବାରୁ ୧୦ ହଜାର, ଫିଟ୍‌ନେସ୍ ସାର୍ଟିଫିକେଟ୍ ନ ଥିବାରୁ ୧୦ ହଜାର, ପର୍ମିଟ୍ ଉଲ୍ଲଂଘନ ଲାଗି ୧୦ ହଜାର, ଇନ୍ସ୍ୟୁରାନ୍ସ ନ ଥିବାରୁ ୪ ହଜାର, ପଲ୍ୟୁସନ୍ ଲାଗି ୧୦ ହଜାର, ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ୧ ହଜାର ଇତ୍ୟାଦି ଜରିମାନା ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଡ୍ରାଇଭରଙ୍କୁ ଚାଲାଣ ଦିଆଯାଇଥିବାବେଳେ ରୋହିଣୀ କୋର୍ଟରେ ଗୁରୁବାର ଟ୍ରକ୍ ମାଲିକ ଏହି ଜରିମାନା ଅର୍ଥ ପୈଠ କରିଛନ୍ତି।

# ଶାଳପତ୍ର ଚଉତିରେ ପରଷା ହେବ ଟିଫିନ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୨।୯



ପତ୍ର ଚଉତିରେ ଟିଫିନ।

- ଲାଭବାନ ହେବେ ମହିଳା ଗୋଷ୍ଠୀ ଓ ବନବାସୀ
- ପେପର ଠୁଙ୍ଗାକୁ ମଧ୍ୟ ପ୍ରୋତ୍ସାହନ ଦେବାକୁ ଦାବି

ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗୁହେବା ପରେ ଜିଲା ପ୍ରଶାସନ ଏଣିକି ସମସ୍ତ ସରକାରୀ ବୈଠକରେ ପ୍ଲାଷ୍ଟିକ, ସିନ୍ଥେଟିକ ବା ଫାଇବର ସାମଗ୍ରୀ ବଦଳରେ ଶାଳପତ୍ରରେ ତିଆରି ପାତ୍ର (ଚଉତି) ଓ ଅନ୍ୟ ପ୍ରକୃତି ଉପଯୋଗୀ ପାତ୍ର ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାକୁ ଅନେକ ସ୍ୱାଗତ କରୁଛନ୍ତି। ଏହି ସାମଗ୍ରୀ ଆଇଟିଡିଏ ସ୍କିମ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରସ୍ତୁତ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ଏହା ଦ୍ୱାରା ଖଲିପତ୍ର ଚଉତି ପ୍ରସ୍ତୁତ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବନବାସୀମାନେ ବହୁ ପରିମାଣରେ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଉଛି।

ଗ୍ରାମାଞ୍ଚଳରେ ଏହି ଶାଳପତ୍ରରେ ପ୍ରେସ ଖଲି ଓ ଚଉତି ପ୍ରସ୍ତୁତ ପାଇଁ ଆଇଟିଡିଏ ପକ୍ଷରୁ ସହାୟତା ଓ ପ୍ରୋତ୍ସାହନ କରିବାକୁ ଦାବି ହେଉଛି। ଏହା ଦ୍ୱାରା ବନବାସୀମାନେ ଉପକୃତ ହୋଇ ପାରିବେ ଏବଂ ଜାଳକାଠ ବିକି ଚଳୁଥିବା ମହିଳାପୁରୁଷମାନେ ଆଉ ଜଙ୍ଗଲ ନ କାଟି ସେହି କାମରେ ଲାଗିପାରିବେ। ଏହା ଦ୍ୱାରା ଜଙ୍ଗଲର ସୁରକ୍ଷା କରିହେବ ବୋଲି କୁହାଯାଉଛି। ଏଭଳି ସମସ୍ତ ସରକାରୀ ଓ ବେସରକାରୀ ସଭାସମିତି ବୈଠକରେ ପ୍ଲାଷ୍ଟିକ ବର୍ଜନ କରି ପିଇବା ପାଇଁ ଶୀଘ୍ର କ୍ଷୟ ହୋଇଯାଉଥିବା ପେପରରେ ନିର୍ମିତ ସାମଗ୍ରୀର ବ୍ୟବହାର ତଥା ପତ୍ରରେ ନିର୍ମିତ ଖଲି, ଚଉତି ଆଦି ବ୍ୟବହାର କରାଗଲେ ପରିବେଶର ସୁରକ୍ଷା ମଧ୍ୟ ହୋଇପାରିବ। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହିତ କରାଗଲେ କାଗଜରେ ପ୍ରସ୍ତୁତ ଠୁଙ୍ଗା ତଥା ଅନ୍ୟ ସାମଗ୍ରୀ ବୋହିବା ପାଇଁ ବିଭିନ୍ନ ପ୍ରକାରର ପ୍ରକୃତି ଉପଯୋଗୀ ପାତ୍ର, ବ୍ୟାଗ ଆଦି ପ୍ରସ୍ତୁତ ହୋଇପାରିବ। ଏହା ଦ୍ୱାରା ବଜାରରେ ଦେଖାଦେଉଥିବା ଅଭାବ ଦୂର ହେବା ସହ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ଏବଂ ଲୋକମାନେ ମଧ୍ୟ ପ୍ଲାଷ୍ଟିକକୁ ନା କହିପାରିବେ ବୋଲି ମତ ପ୍ରକାଶ ପାଉଛି । ଏଠାରେ ସୂଚନାଯୋଗ୍ୟ ଯେ ବହୁ ଆଗରୁ ଏହି ପତ୍ର ଖଲ,ଚଉତି, ପେପର ଠୁଙ୍ଗା, କନା, ଝୋଟରେ ପ୍ରସ୍ତୁତ ବ୍ୟାଗ, ଅଖା ଆଦିର ବହୁଳ ବ୍ୟବହାର ଥିଲା । ଏବେ ମଧ୍ୟ ଏସବୁର ବ୍ୟବହାର ରହିଛି। କିନ୍ତୁ ଚାହିଦା ନ ଥିବାରୁ ଏହାକୁ ପ୍ରସ୍ତୁତ କରି ଗୁଜୁରାଣ ମେଣ୍ଟାଉଥିବା ବହୁ ପରିବାର ଅଭାବ ଅନଟନରେ ରହିଆସୁଥିବା ବେଳେ ଏବେ ପୁଣି ସେସବୁର ବ୍ୟବହାର ହେବା ସେମାନଙ୍କ ମଧ୍ୟରେ ଆଶା ଉଜ୍ଜୀବିତ ହେଉଛି। ପ୍ରକାଶ ଯେ ପ୍ଲାଷ୍ଟିକ ଉପରେ ସରକାର କଟକଣା ଲଗାଇଥିଲେ ହେଁ କେନ୍ଦୁଝର ଜିଲାରେ ଚାଲିଛି ଅବାଧ ପ୍ଲାଷ୍ଟିକ ଜରି, ବୋତଲ ଆଦିର ବ୍ୟବହାର। କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି କାରବାର ପଛରେ ଥିବାରୁ ପ୍ରଶାସନ ଧରପଗଡ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପ୍ଲାଷ୍ଟିକର ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅନ୍ୟ ବଡ଼ି, ପାମ୍ପଡ, ଖଲିପତ୍ର ପ୍ରସ୍ତୁତ କରିବା ଭଳି ରୋଜଗାରକ୍ଷମ ପାଇଁ ତାଲିମ ଦେବା ନେଇ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ



ଦୀପା କିଶାନ ।



ଲଛମନ୍ ଶର୍ମା ।

### ଇଷ୍ଟଜୋନ୍ କ୍ରୀଡା ପ୍ରତିଯୋଗିତାରେ ସମ୍ବଲପୁରର ଦୁଇ କ୍ରୀଡାବିତ

ସମ୍ବଲପୁର,୧୨।୯ (ବ୍ୟୁରୋ) ୨୧ତମ ଇଷ୍ଟଜୋନ କ୍ରୀଡା ପ୍ରତିଯୋଗିତାର ରାଜ୍ୟ ଦଳରେ ସମ୍ବଲପୁରର ଦୁଇ କ୍ରୀଡାବିତ ସାମିଲ ହୋଇଛନ୍ତି । ବାଳକ ୧୮ ବର୍ଷ ବିଭାଗରେ ଲଛମନ୍ ଶର୍ମା ସଟପୁଟ ଓ ଡିସକସ୍ ଥ୍ରୋରେ ଅଂଶ ଗ୍ରହଣ କରିବେ । ସେହିପରି ବାଳିକା ୧୬ ବର୍ଷ ବିଭାଗରେ ଦୀପା କିଶାନ ଉଚ୍ଚଡିଆଁରେ ଭାଗ ନେବେ । ଦୀପା ଫାଶିମାଲ ସରକାରୀ ଏସଏସଡି ହାଇସ୍କୁଲର ଛାତ୍ରୀ ଥିବା ବେଳେ ଲଛମନ୍ ଜମନକିରା କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ବିଭାଗର ଛାତ୍ର । ସୂଚନାଯୋଗ୍ୟ ଯେ, ୬୬ତମ ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍- ୨୦୧୮ରେ ଲଛମନ୍ ସଟପୁଟରେ ନୂଆଁ ରେକର୍ଡ ସୃଷ୍ଟି କରିଥିଲେ । ତେଣୁ ଜୋନସ୍ତରୀୟ ପ୍ରତିଯୋଗିତାରେ ନିଶ୍ଚୟ କୃତକାର୍ଯ୍ୟ ହେବେ ବୋଲି ଆଶା ରହିଛି। ଗୁରୁବାର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଆଥଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ ଶୁଭେଚ୍ଛା ଜଣାଇଛନ୍ତି ।

### ଶହୀଦ ଅଚ୍ୟୁତାନନ୍ଦଙ୍କ ମାତୃ ବିୟୋଗ



**ଲୋଇସିଂହା,୧୨।୯(ଡି.ଏନ.ଏ):** ଦୂରଦର୍ଶନର ଓଡିଆ ଫଟୋ ଖବରଦାତା ଶହୀଦ ଅଚ୍ୟୁତାନନ୍ଦ ସାହୁଙ୍କ ମାତୃ ବିୟୋଗ ଘଟିଛି। ପୁଅ ମୃତ୍ୟୁରେ ଭାଙ୍ଗି ପଡିଥିବା ମା' ତୁଳସୀ ସାହୁ (୬୭)ଙ୍କ ଗତ ମଙ୍ଗଳବାର ରାତିରେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନାକ୍ରମେ, ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା ଗ୍ରାମର ମୂଳବାସିନ୍ଦା ତୁଳସୀ ଓ ନରେନ୍ଦ୍ର ସାହୁଙ୍କ ଚତୁର୍ଥ ସନ୍ତାନ ଅଚ୍ୟୁତାନନ୍ଦ ଦିଲ୍ଲୀ ଦୂରଦର୍ଶନରେ ଫଟୋ ଖବରଦାତା ଭାବେ କାମ କରୁଥିଲେ । ନଭେମ୍ବର ୨୦୧୮ରେ ଛତିଶଗଡ ନିର୍ବାଚନ ପରିସ୍ଥିତିର ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀ ଗୁଳିର ଶିକାର ହୋଇଥିଲେ । ଶହୀଦ ପୂର୍ବରୁ ବୃଦ୍ଧା ମା ତଳସୀଙ୍କ ହୃଦ୍‌ରୋଗଏବଂ କିଡନୀ ବାଧିରେ ପୀଡିତ ଥିଲେ। ପୁଅର ମୃତ୍ୟୁ ପରେ ତୁଳସୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। ପୁଅ ମୃତ୍ୟୁ ପରେ ଚିକିତ୍ସା ସୁବିଧା ନ ପାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡି ଯାଇଥିଲା। ଅଗଷ୍ଟ ୨୯ତାରିଖରେ ତାଙ୍କୁ ବର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

### ବିଧାୟକଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ବେଲପଡା, ୧୨।୯(ଡି.ଏନ.ଏ.):** ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଗୁରୁବାର ବେଲପଡା ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଥିଲେ। ବିଧାୟକ ଡାକ୍ତରଖାନାରେ ରୋଗୀମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କେତେକ ରୋଗୀଙ୍କ ବେଡ ମଇଳା ଥିବା ଦେଖି ବିରକ୍ତ ପ୍ରକାଶ କରିବା ସହ ତୁରନ୍ତ ସଫା କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲେ ।

## ବାମରାରେ ଜିଲାସ୍ତରୀୟ ହକି ଟିମ୍ ଚୟନ ଶିବିର

# ୧୧୦ ପ୍ରତିଯୋଗୀରୁ ୬୦ ଜଣ ଚୟନ



ବାମରାରେ ଜିଲାସ୍ତରୀୟ ହକି ଟିମ୍ ଚୟନ ଶିବିରରେ ଅତିଥି ଓ ଆୟୋଜକ।

**ବାମରା, ୧୨।୯ (ଡି.ଏନ.ଏ.)**

ଭାରତର ଜାତୀୟ କ୍ରୀଡା ହକିର ସର୍ବାଙ୍ଗିନ ବିକାଶ ପାଇଁ ବର୍ତ୍ତମାନ କେନ୍ଦ୍ର ତଥା ରାଜ୍ୟ ସରକାର ତୃଣମୂଳ ସ୍ତରରୁ ବିଭିନ୍ନ ମାଧ୍ୟମରେ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରତି ବ୍ଲକ, ଜିଲା ତଥା ରାଜ୍ୟସ୍ତରୀୟ ଚୟନ କରାଯାଇ ଜାତୀୟ ସ୍ତରରେ ହକି ଟିମ୍ ଚୟନ ଚାଲିଛି। ଏଥିପାଇଁ ବର୍ତ୍ତମାନ ୧୪ ବର୍ଷରୁ କମ୍ ତଥା ୧୭ ବର୍ଷରୁ କମ୍ ବୟସର ବାଳିକା ଓ ବାଳକ ବର୍ଗରେ ହକି ଟିମ୍ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଗୁରୁବାର ସମ୍ବଲପୁର ଜିଲା ବାମରା ସ୍ଥିତ ବାମରା ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ହକି ଟିମ୍ ଗଠନ କରାଯାଇଥିଲା । ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସତ୍ୟନାରାୟଣ ରାୟଗୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଚୟନ ଶିବିରରେ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ହକି ଟିମ୍ ଗଠନ ହୋଇଥିଲା । ବାମରା ବ୍ଲକରୁ ୬୦ଜଣ, କୁଚିଣ୍ଡା ବ୍ଲକରୁ ୨୫ଜଣ, ଯୁଯୁମୁରା ବ୍ଲକରୁ ୮ଜଣ, ରେଢ଼ାଖୋଲ ବ୍ଲକରୁ ୧୨ ଜଣ ଓ ଜମନକିରା ବ୍ଲକରୁ ୫ଜଣଙ୍କୁ ମିଶାଇ ୧୧୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଏହି ଚୟନ ପ୍ରକ୍ରିୟାରେ ଖେଳ ଶିକ୍ଷକ ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, ପ୍ରକାଶ ପଣ୍ଡା, ଟିକେଶ୍ୱର ମାଝୀ, ବିଶେଶ୍ୱର କାଲୋ, ସେନଗୁପ୍ତା ନାଏକ, ଗଗନ ବିହାରୀ ପଟେଲ, ଭାରଜିନା କେର୍କେଟା, ଉମେଶ ପାଣିଗ୍ରାହୀ, ସାଦ୍ରାକ୍ ଡାଙ୍ଗ, ସୁଶାନ୍ତ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ । ଜିଲାସ୍ତରୀୟ ହକି ଟିମ ଶୁକ୍ରବାର ରାଉରକେଲାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟାରେ ଭାଗ ନେବେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୈତାରୀ ନାଏକଙ୍କ ସଂଯୋଜନା ଓ ସଭାପତିତ୍ୱରେ ଆୟୋଜିତ ସଭାରେ ବାମରା ହାଇସ୍କୁଲ ପ୍ରଧାନଶିକ୍ଷକ ମାଳତୀ ସାହୁ, ସୁନୀଲ ବାର୍ଲା, ସରୋଜ କିସାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଗେମ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ପରିଚାଳିତ ଉକ୍ତ ଶିବିରରୁ ବାଳକମାନଙ୍କ ଉଭୟ ବର୍ଗ ଓ ବାଳିକାଙ୍କ ଉଭୟ ବର୍ଗରୁ ମୋଟ ୬୦ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ହକି ଟିମ୍ ପାଇଁ ଚୟନ କରାଯାଇଛି।

# ଟିମା ମିର୍ଦ୍ଧାଙ୍କ ଚିକିତ୍ସା ପାଇଁ ପ୍ରଶାସନ ସାହାଯ୍ୟ କରିବ

**ସମ୍ବଲପୁର,୧୨।୯(ବ୍ୟୁରୋ)**



ମା'ଙ୍କ ସହ ଟିମା ମିର୍ଦ୍ଧା।

ଯୁଯୁମୁରା ବ୍ଲକ ଖଇରମାଳର ଟିମା ମିର୍ଦ୍ଧା (୨୫) ଅଜଣା ରୋଗରେ ପୀଡିତ। ଟଙ୍କା ଅଭାବରୁ ତାଙ୍କ ଚିକିତ୍ସା କରାଯାଇ ପାରୁନି । ଏ ନେଇ ୧୧ ତାରିଖ ଧରିତ୍ରୀରେ 'ରୋଗଣା ପୁଅକୁ ନେଇ ମା' ପ୍ରଶାସନର ଦ୍ୱାରସ୍ଥ' ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ବରଗଡର ବିବାସ ସାହୁ ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ଆକାଉଣ୍ଟରେ ଏହାକୁ ପୋଷ୍ଟ କରିଥିଲେ। ଜିଲାପାଳ ଜିଲାପାଳ ଶୁଭମ ସକସେନା ଏହାର ଉତ୍ତର ଦେଇ ତୁରନ୍ତ ସହଯୋଗ କରାଯିବ ବୋଲି ରିଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୁଅ ଟିମାକୁ ନେଇ ମା' ମିନା ମଙ୍ଗଳବାର ଜିଲାପାଳଙ୍କ ଅଫିସ ଆସିଥିଲେ । ଏକ ମାତ୍ର ପୁଅ ୨ ବର୍ଷ ତଳୁ ଅଜଣା ରୋଗରେ ପୀଡିତ। ଏବେ ସେ ବିଛଣାରେ ପଡି ରହୁଛନ୍ତି। ପୁଅକୁ ଚିକିତ୍ସା କରାଇବା ପାଇଁ ନିଜର ରୋଜଗାର ମଧ୍ୟ ବନ୍ଦ ହୋଇ ଯାଇଛି। ପ୍ରଥମେ ସଦର ଡାକ୍ତରଖାନ ଓ ପରେ ବୁର୍ଲା ମେଡିକାଲରେ ରହି ଚିକିତ୍ସା କରିଥିଲେ। ହଲେ ସେଠାରେ ରହି ପୁଅର ଚିକିତ୍ସା କରାଇବାକୁ ଟଙ୍କା ଅଭାବ ରହିଥିଲା। ଖାଇବା ପିଇବା ଏବଂ ଔଷଧ ଖର୍ଚ୍ଚ ନ ଥିବାରୁ ପୁଅକୁ ନେଇ ଶେଷରେ ସେ ଘରକୁ ଫେରି ଆସିଥିଲେ। ତେଣୁ ପୁଅକୁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ପ୍ରଶାସନକୁ ଅନୁରୋଧ କରିଥିଲେ।

# ଜବାହର ନବୋଦୟ ବିଦ୍ୟାଳୟରେ ପଠନ ସପ୍ତାହ ପାଳିତ



ପଠନ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

**ଦେବଗଡ,୧୨।୯(ଡି.ଏନ.ଏ.)**

କେନ୍ଦ୍ରୀୟମାଧ୍ୟମିକଶିକ୍ଷାବୋର୍ଡ଼,ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶାନୁସାରେ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଚଳିତ ସେପ୍ଟେମ୍ବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ପଠନ ସପ୍ତାହ ପାଳନ ହେବ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସୁନାମୁଣ୍ଡସ୍ଥିତ ନବୋଦୟ ବିଦ୍ୟାଳୟରେ ପଠନ ସପ୍ତାହ ଆରମ୍ଭ ହୋଇଛି । ଗୁରୁବାର ତୃତୀୟ ଦିବସରେ ଗ୍ରନ୍ଥାଗାର ଅଧ୍ୟକ୍ଷା ଗୌରୀନନ୍ଦନୀ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଅଧ୍ୟାପକ ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ ପୁସ୍ତକ ପଠନର ଉପଯୋଗିତା ଏବଂ ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ସେହିପରି ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ପ୍ରସାଦ ପୁସ୍ତକ ପଠନର ଲାଭ ଉଠାଇବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ପଠନ ସପ୍ତାହ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର,ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଟା ଭାଟି ବନ୍ଦ କରିବାକୁ ଦାବି

**ସମ୍ବଲପୁର, ୧୨।୯ (ବ୍ୟୁରୋ)**

ପରିବେଶ ବିଭାଗର ବାରଣ ସତ୍ତ୍ୱେ ସଂପ୍ରତି ସମ୍ବଲପୁର ସହରରେ ଇଟା ଭାଟି ଚାଲୁ ରହିଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି । ତେଣୁ ଇଟା ଭାଟିକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ସମ୍ବଲପୁର ଫ୍ଲାଏ ଆସ ବ୍ରିକ୍ସ ମ୍ୟାନୁଫେକର୍ଚ୍ଚ ଆସୋସିଏଶନ୍ ଦାବି କରିଛି। ଗୁରୁବାର ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଜିଲାପାଳ ଶୁଭମ ସକସେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସଭାପତି ପଞ୍ଚାନନ ତ୍ରିପାଠୀ, ଉପସଭାପତି ଅନୀଲ ଶର୍ମା, ସମ୍ପାଦକ ଆତିଫ ଆଲାମ୍, ଯୁଗ୍ମ ସମ୍ପାଦକ ଚନ୍ଦନ ସାହା, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ଉପଦେଷ୍ଟା ସୁରେନ୍ଦ୍ର କୁମାର ଚୋବେ, ଅଜୟ ମେହେର, ଅଭିନ ଖାତି, ଚିତ୍ତରଞ୍ଜନ ପ୍ରଧାନ, ସୋନୁ ତୁଲଶ୍ୟାନ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।

## ଦେବଗଡ଼ ଜିଲା ଶିଳ୍ପ ସଂଘର ବୈଠକ

# ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ସଦସ୍ୟମାନେ ।

**ଦେବଗଡ଼,୧୧।୯(ଡି.ଏନ.ଏ.)**

ସ୍ଥାନୀୟ ଖପରସାହିସ୍ଥିତ କନଫରେନ୍ସହଲ ଠାରେ ଦେବଗଡ଼ ଜିଲା ଶିଳ୍ପସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶିଳ୍ପସଂଘର ସଦସ୍ୟମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ତା'ର ସମାଧାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଅନ୍ୟ ଜିଲାରୁ ଦେବଗଡ଼କୁ ଆସୁଥିବା କଞ୍ଚାମାଲ ଯାଞ୍ଚ କରାଯିବା, ଯାନବାହାନରେ ବିନା ଟ୍ୟାକ୍ସରେ ଆସୁଥିବା ଓଭରଲୋଡିଂ ସାମଗ୍ରୀ ତନଖି ହେବ, ସରକାରଙ୍କ ନିଷେଧାଦେଶ ପରେ ବି ଜିଲାରେ ମାଟିଇଟାର ପ୍ରସ୍ତୁତି ଓ ବ୍ୟବହାରକୁ ବନ୍ଦ କରାଯିବା, ଜିଲା ବାହାରର ବ୍ୟବସାୟୀ ଧାର୍ଯ୍ୟଦରଠାରୁ କମ ମୂଲ୍ୟରେ ଧାନକ୍ରୟ କରୁଥିବାରୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ,ବିନା ଲାଇସେନ୍ସରେ ରାସ୍ତା କଡରେ ଚିପ୍ସ ଓ ବାଲି ମହଜୁଦ ରଖି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ ଲଗାମ ଲଗାଇବା ଏବଂ ଦେବଗଡ ଜିଲାରେ ଶିଳ୍ପକୁ ପ୍ରୋତ୍ସାହନ ନିମନ୍ତେ ସରକାରଙ୍କ ପକ୍ଷରୁ ସୁଲଭଦରରେ ସରକାରୀ ଜମି ଯୋଗାଇଦେବା ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା । ଏସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।ଏହି ବୈଠକରେ ସଂଘର ଉପସଭାପତି ସଞ୍ଜୀବ କୁମାର ଅଗ୍ରୱାଲା ଓ ଶଙ୍କର ପାଣି, ସମ୍ପାଦକ ଚନ୍ଦ୍ରମା ପ୍ରସାଦ ଜୟସ୍ୱାଲ ଓ କୋଷାଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପଲିଥିନମୁକ୍ତ ସମାଜ ପାଇଁ ପୂର୍ତ୍ତ ବିଭାଗର ଆହ୍ୱାନ

**ରେଢାଖୋଲ,୧୨।୯(ଡି.ଏନ.ଏ.)**

ରେଢାଖୋଲ ପୂର୍ତ୍ତ ବିଭାଗ ଗୁରୁବାର ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ପରିବେଶ ଗଠନ ପାଇଁ ଆହ୍ୱାନ ଦେଇଛି। ଏକ ସଚେତନତା ଶୋଭାଯାତ୍ରା ଷ୍ଟେଟବ୍ୟାଙ୍କ ଛକରୁ ବାହାରି ଥିଲା। ଉପଜିଲାପାଳ ବିଶିକେସନ ଦେହୁରୀ ଏହାକୁ ଶୁଭାରମ୍ଭ କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୀରବର ବେହେରାଙ୍କ ନେତୃତ୍ୱରେ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ବ୍ୟାଙ୍କ ଛକରୁ ବାହାରି ରାମପୁର-ଗିରିଶ୍ଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର କଳିନ୍ଦର, ସହରର ରଥସାହି, ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଜନସାଧାରଣ ଓ ବ୍ୟବସାୟୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବବହାରର କୁପରିଣାମ ଓ ଏଥିପାଇଁ ଥିବା କଟକଣା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କଷ୍ଟୁଚରଣ ସ୍ୱାଇଁ, ଠିକାଦାର ଖଗେଶ୍ୱର ବେହେରା, ସନ୍ନ୍ୟାସୀ ନାଏକ, ରଜତ କୁମାର ହୋତା, ସିନୁ ବୀର, ପିଙ୍କୁ ମିଶ୍ରଙ୍କ ସମେତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ।




ରେଢାଖୋଲରେ ପୂର୍ତ୍ତ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ବାହାରିଛି।

# ବର୍ଷା ଧୋଇନେଲା ପୁରୁଣାଗଡ-ଟାଲ ରାସ୍ତାର ଦୁଇମୁହାଣ ନାଳ ପୋଲ



ପୁରୁଣାଗଡ-ଟାଲ ରାସ୍ତାର ଦୁଇମୁହାଣ ନାଳ ଉପରେ ଥିବା ପୋଲ ଓ ପାର୍ଶ୍ୱ ରାସ୍ତା ବର୍ଷା ଯୋଗୁ ଧୋଇ ଯାଇଛି।

**ରେଢାଖୋଲ,୧୨।୯(ଡି.ଏନ.ଏ.)**

ବୁଧବାର ରାତିରେ ରେଢାଖୋଲ ଓ ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁ କେରାଣ୍ଡି ଜୋର ସହିତ ବିଭିନ୍ନ ନାଳରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଇଥିଲା । ଏଥିଯୋଗୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପୁରୁଣାଗଡ-ଟାଲ ରାସ୍ତାର ଦୁଇମୁହାଣ ନାଳ ଉପରେ ଥିବା ପୋଲ ଓ ପାର୍ଶ୍ୱ ରାସ୍ତା ସମ୍ପୂର୍ଣ୍ଣ ଧୋଇ ନେଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଟାଲ, ବଣିଆବନ୍ଧ, ପାଣ୍ଡୁରୀପଥର, କେନ୍ଦୁମୁଣ୍ଡା, ଝାଙ୍କରପଡା ଆଦି ଗ୍ରାମର ଲୋକେ ସମ୍ମୁଖୀନ ହୋଇଛନ୍ତି । ଏହି ଗ୍ରାମବାସୀଙ୍କ ରେଢାଖୋଲ ସହର ଓ ବଡବାହାଲ ପଞ୍ଚାୟତକୁ ଯିବା ଆସିବା କରିବାକୁ ଏହା ଏକମାତ୍ର ରାସ୍ତା । ଏପରିକି ଚିକିତ୍ସା ପାଇଁ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ମଧ୍ୟ ଆସିବା ସମ୍ଭବ ହୋଇପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଶ୍ୟାମସୁନ୍ଦର ସାଏ କହିଛନ୍ତି ଯେ, ଶୁକ୍ରବାର ଆବଶ୍ୟକ ରାସ୍ତା ନିର୍ମାଣ କରାଯିବ। ସୂଚନାଯୋଗ୍ୟ, ଦୁଇମୁହାଣି ନାଳର ଏହି ପୋଲଟି ଦୀର୍ଘବର୍ଷ ହେବ ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥଲା। ୩ ବର୍ଷ ତଳେ ଏହି ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ନିର୍ମାଣ କରାଯାଇଥଲା। ହେଲେ ପୋଲ ନୂତନ ଭାବେ ନିର୍ମାଣ କରାଯାଇ ନ ଥିଲା।

## ଫଟୋରେ ଖବର





ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ସରକାରୀ ଓ ସାମାଜିକ ସଂଗଠନ ବୈଠକରେ ନିହାଲ ସିଂ ଦିବ୍ୟାଙ୍ଗଙ୍କ ସମସ୍ୟା ଉପସ୍ଥାପନ କରୁଛନ୍ତି (ବାମ)। ବୈଠକରେ ଯୋଗ ଦେଇଥିବା ପ୍ରତିନିଧିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୩ ସେପ୍ଟେମ୍ବର, ୨୦୧୯



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍, ଚାଳକ ମୃତ

**ଝାରସୁଗୁଡା ଅଫିସ୍/ ଲଖନପୁର,୧୨।୯ (ଡି.ଏନ୍.ଏ)**- ଝାରସୁଗୁଡା ଥାନା ଅଧୀନ ପୁର୍ଣ୍ଣା ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରେ ଏକ ଟ୍ରକ୍ ଛିଡା ହୋଇଥିବାବେଳେ ଅନ୍ୟ ଏକ ଟ୍ରକ୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକ୍‌ର ଚାଳକ କ୍ୟାବିନ୍ ଭିତରେ ଚାପିହୋଇ ମୃତ୍ୟୁବରଣ କରିଥିଲେ। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲା ଓ ଗ୍ୟାସ୍ କଟର ସାହାଯ୍ୟରେ ଟ୍ରକ୍ କ୍ୟାବିନ୍ କାଟି ଚାଳକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ଚାଳକ ଜଣକ ହେଲେ ଅନୁଗୋଳ ନିବାସୀ ଗୋପାଳ ନାୟକ ବୋଲି ପୋଲିସ ଜାଣିବାକୁ ପାଇଛି। ଏନେଇ ଝାରସୁଗୁଡା ଥାନାରେ ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ନଂ ଓଡିଶା ଯୁ ୩୧୪୨, ଓଆର୍ ୦୯କେ ୦୩୫୧କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**କିର୍ମିରା, ୧୨।୯ (ଡି.ଏନ.ଏ)**- କିର୍ମିରା ବ୍ଲକ ଲଇକେରା ଥାନା ବାଗଡ଼ିହି ଫାଣ୍ଡି ଅନ୍ତର୍ଗତ ରଙ୍ଗିଆଡିଭ୍ରା ଗ୍ରାମର ମାଧବୀ ପ୍ରଧାନ (୨୯) ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସର ସୂଚନାନୁସାରେ ମାଧବୀ ରଙ୍ଗିଆଡିଭ୍ରା ଗ୍ରାମର ପାର୍ଥ ପ୍ରଧାନଙ୍କ ପତ୍ନୀ ଅଟନ୍ତି। ପାର୍ଥଙ୍କ କହିବା ହେଲା ସେ କିଛି ଦିନ ହେବ ପାରିବାରିକ ସମସ୍ୟାକୁ ନେଇ ଚିନ୍ତିତ ରହୁଥିଲେ। ଗୁରୁବାର ଦିନ ୧୦ଟା ସମୟରେ ଘରେ କେହି ନ ଥିବା ଅବସ୍ଥାରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ପାଖ ପଡୋଶୀଙ୍କଠାରୁ ଖବର ପାଇ ପାର୍ଥ ପ୍ରଥମେ ବାଗଡିହି ଫାଣ୍ଡି ଓ ପରେ ଲଇକେରା ଥାନାକୁ ଖବର ଦେଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ହଷ୍ଟେଲ ଖାଦ୍ୟ ଖାଇ ୬ରୁ ଊର୍ଦ୍ଧ୍ୱ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ

**ରାୟଗଡ଼ା ଅଫିସ,୧୨।୯** - ରାୟଗଡ଼ାସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନର ପ୍ରାୟ ୬ରୁ ଊର୍ଦ୍ଧ୍ୱ ଛାତ୍ର ଗୁରୁବାର ହଷ୍ଟେଲ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ କେ. ମନୋଜ କୁମାର, ଉତ୍ତମ କୁଣ୍ଡୁ, ସୁଧାଂଶୁ କୁମାର ସ୍ୱାଇଁ, ପ୍ରିୟବ୍ରତ ମହାରଣା, ସୁରଜ କୁମାର ମହାନ୍ତି। ସେମାନଙ୍କୁ ରାୟଗଡ଼ାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ବଣ୍ଟି ନାମକ ଜଣେ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଝାରସୁଗୁଡ଼ାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ

# ଅନୁପ ସାଏଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

■ ସଦସ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୨।୯ (ଡି.ଏନ୍.ଏ.)**

ଝାରସୁଗୁଡ଼ା ମଙ୍ଗଳବଜାର ବିଜେଡି କାର୍ଯ୍ୟାଳୟରେ ଗୁରୁବାର ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବିଧାୟକ କିଶୋର ମହାନ୍ତି ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ଏପରି କି ଜିଲାର ବିଭିନ୍ନ ବ୍ଲକ ଏବଂ ପୌରାଞ୍ଚଳ ବିଜେଡି କର୍ମୀ ଉପସ୍ଥିତ ଥିଲେ। ବୈଠକରେ ନେତୃବୃନ୍ଦ ଦଳର ସଦସ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦଳର ସାଂଗଠନିକ ଅଭିବୃଦ୍ଧି ପାଇଁ ତୃଣମୂଳସ୍ତରରୁ ନେତା ଓ କର୍ମୀମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ଜିଲାରେ ବିଜେଡି କାର୍ଯ୍ୟକାରିଣୀ ବୈଠକ ଦଳପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବା ବେଳେ ଏଥିରେ ବିଧାୟକ ତଥା ମନ୍ତ୍ରୀ ନବ କିଶୋର ଦାସ ଏବଂ ବିଧାୟକ କିଶୋର ମହାନ୍ତି ଉପସ୍ଥିତ ରହିଥିଲେ। ହେଲେ ବିଜେଡିର ଟାଣୁଆନେତା ପୂର୍ବତନ ବିଧାୟକ ତଥା ପଣ୍ୟାଗାର ନିଗମ ଅଧ୍ୟକ୍ଷ ଅନୁପ ସାଏଙ୍କୁ ବୈଠକରେ ଦେଖିବାକୁ ମିଳି ନ ଥିଲା । ଏପରି କି ବୈଠକରେ ଲଗାଯାଇଥିବା ବ୍ୟାନରରେ ଅନୁପଙ୍କ ଫଟୋ ଦେଖିବାକୁ ମିଳି ନ ଥିଲା। ଯାହାକି ଅନୁପଙ୍କୁ ସମର୍ଥନ କରୁଥିବା କର୍ମୀଙ୍କ ମନକୁ ଅଧିକ ବ୍ୟଥିତ କରିଥିଲା। ଏନେଇ କର୍ମୀ ମହଲରେ ନାନାକଥା ଚର୍ଚ୍ଚା ଚାଲିଥିବା ବେଳେ ବିଜେଡିର ଜିଲା ରାଜନୀତିକୁ ଅଧିକ ସରଗରମ କରିଛି। ଯାହାକି ଦଳର ସାଂଗଠନିକ ଅଭିବୃଦ୍ଧିକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ଅନୁପଙ୍କୁ ବୈଠକରେ ଡକାଯାଇଥିଲା। କୌଣସି କାରଣବଶତଃ ସେ ଯୋଗଦେଇ ପାରିନାହାନ୍ତି। ସେହିପରି ବିଜେଡି ଜିଲା ସଭାପତି କିଶୋର ମହାନ୍ତିଙ୍କୁ ପଚାରିବାରୁ କାର୍ଯ୍ୟକାରିଣୀ ବୈଠକ ସମ୍ପର୍କରେ ଦଳର ସମସ୍ତ ନେତା ଏବଂ କର୍ମୀଙ୍କୁ ସୂଚନା ଦିଆଯାଇଥିଲା ବୋଲି କହିଛନ୍ତି।




କାର୍ଯ୍ୟକାରିଣୀ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ରାସ୍ତାକଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ଝାରସୁଗୁଡା ଅଫିସ୍/ଲଖନପୁର, ୧୨।୯ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଚନ୍ଦନୀମାଲ ଗ୍ରାମର ଜନୈକ ମହିଳା ଗୁରୁବାର କାମରେ ଯାଉଥିବାବେଳେ ଚିଚିନ୍ଦା ଗ୍ରାମ ବ୍ରିଜ୍ ନିକଟରେ ଏକ ନବଜାତ ଶିଶୁ କାନ୍ଦୁଥିବା ଶୁଣି ପାଖକୁ ଯାଇଥିଲେ। ସେଠାରେ ଏକ ସିମେଣ୍ଟ ବସ୍ତା ଉପରେ ନବଜାତ ଶିଶୁ ଶୋଇଛି ଓ ତା'ଉପରେ ଏକ ଗାମୁଛା ଘୋଡାଯାଇଛି। ଏ ଦୃଶ୍ୟ ଦେଖି ମହିଳା ଜଣକ ପାଟିକରି ଆଖପାଖ ଲୋକଙ୍କୁ ଡାକିଥିଲେ। କେହି ନ ଆସିବାରୁ ମହିଳା ଜଣକ ନବଜାତ ଶିଶୁକୁ ଧରି ଘରକୁ ଆସିଥିଲେ। ଶିଶୁକୁ ନିଜେ ଘରେ ରଖିବା ପାଇଁ ଚାହିଁଥିଲେ କିନ୍ତୁ ଘଟଣା ସମ୍ପର୍କରେ କେହିଜଣେ ବ୍ୟକ୍ତି ଫୋନ୍‌ରେ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଖବରପାଇ ଚାଇଲ୍ଡ ଲାଇନ୍ କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା, ସଦସ୍ୟ ଡୋଳାମଣି ସେଠ୍ ଓ ଝରଣା ଦୀପ୍ ପ୍ରମୁଖ ଅଧିକାରୀମାନେ ଚନ୍ଦନୀମାଲ ଗ୍ରାମରେ ପହଞ୍ଚି ଜନୈକ ମହିଳାଙ୍କଠାରୁ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଚାଇଲ୍ଡ ଲାଇନ୍ ତରଫରୁ ବ୍ରଜରାଜନଗର ପୋଲିସକୁ ଖବର ଦିଆଯାଇଥିଲା। ପରେ ଚାଇଲ୍ଡ ଲାଇନ୍ ତରଫରୁ ନବଜାତ ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍ଏନ୍‌ସିୟୁରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି। ଏବେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ୍‌ଥିବା ଚାଇଲ୍ଡ ଲାଇନ୍ ତରଫରୁ କୁହାଯାଇଛି। ଉଦ୍ଧାର କରାଯାଇଥିବା ଶିଶୁପତ୍ର ଗୋଟିଏ ଦିନ ପୂର୍ବରୁ ଜନ୍ମ ହୋଇଥିବା କୁହାଯାଉଛି।



ଉଦ୍ଧାର ହୋଇଥିବା ନବଜାତ ଶିଶୁପୁତ୍ର।

## ସାହୁପଡ଼ାରେ ଅନନ୍ତନାରାୟଣ ପୂଜା

**ବ୍ରଜରାଜନଗର, ୧୨।୯ (ଡି.ଏନ୍.ଏ.)**

ସ୍ଥାନୀୟ ସାହୁପଡାରେ ଅନନ୍ତନାରାୟଣଙ୍କ ପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ଏହି ପୂଜା ୩୨ ବର୍ଷରେ ପଦାର୍ପଣ କରିଛି। ପୂଜା ତିନି ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପୂଜା କମିଟିର ସଭାପତି ଭାବରେ ଦଶରଥ ସାହୁ, ସମ୍ପାଦକ ଅମୀୟ ଦୁଆନ ଓ କୋଷାଧକ୍ଷ ଭାବରେ ଜତୀନ୍ଦ୍ର ସାହୁ ଦାୟିତ୍ୱରେ ରହିଛନ୍ତି। ଆସନ୍ତା ରବିବାର ଦିନ ବିସର୍ଜନ କରାଯିବା ନେଇ କମିଟି ତରଫରୁ ସୂଚନା ଦିଆଯାଇଛି।

## ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର,୧୨।୯(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ କନକତୋରା ଡିପାପଡାର ଏକ ଘର ଭିତରୁ ପୋଲିସ୍ ଗୁରୁବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବତୀ ଜଣକ ହେଲେ ସ୍ୱର୍ଗତ ଦେବବ୍ରତ ଦାସଙ୍କ ଝିଅ ପ୍ରଗତୀ(୨୧) ବୋଲି ଜଣାପଡିଛି। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ଡାକ୍ତରଖାନାକୁ ପଠାଇଛି । ମୃତ ଯୁବତୀଙ୍କ ବଡବାପା ମୋତିଲାଲଙ୍କ ଅଭିଯୋଗକୁ ଆଧାର କରି ରେଙ୍ଗାଲି ଥାନାରେ ଅପମୃତ୍ୟୁ କେସ୍ (ନଂ.୧୮/୧୯)ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଯୁବତୀଙ୍କ ମାଆ, ବାପା ପୂର୍ବରୁ ମୃତ୍ୟୁବରଣ କରିଥିବାବେଳେ ସେ ବଡବାପା ମୋତିଲାଲ୍‌ଙ୍କ ନିକଟରେ ରହୁଥିଲେ। ବଡବାପା ତାଙ୍କୁ ନିଜ ଝିଅଠାରୁ ଅଧିକ ସ୍ନେହ ଦେଇ କଲେଜ ପର୍ଯ୍ୟନ୍ତ ପଢାଇ ଉଚ୍ଚଶିକ୍ଷିତା କରିଥିଲେ। ଘରେ ସମସ୍ତେ ହସଖୁସିରେ ଚଳୁଥିଲେ। ଏପରି କି ଗୁରୁବାର ସକାଳ ୧୦ଟାରେ ପ୍ରଗତୀ ଘର ନିକଟରେ ଥିବା ପୁରୁଣାଘରକୁ ପାଣିମୋଟର ଚଲାଇବାକୁ ଯାଇଥିଲେ। ପାଣି ଭର୍ତ୍ତି ହେବାପରେ ପ୍ରଗତୀ ମୋଟର ବନ୍ଦ କରିବାକୁ ପୁଣି ପୁରୁଣା ଘରକୁ ଯାଇଥିଲେ, ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ପ୍ରଗତୀଙ୍କୁ ଖୋଜିବା ପାଇଁ ଘରଲୋକେ ପୁରୁଣା ଘରକୁ ଯାଇଥିଲେ। ଦେଖିଲାବେଳକୁ ପ୍ରଗତୀ ଘର ଭିତରେ ନିଜର ଓଢଣି ବେକରେ ବାନ୍ଧି ଝୁଲୁଛି। ଏ ସମ୍ପର୍କରେ ପରିବାର ଲୋକ ନିକଟସ୍ଥ କନକତୋରା ଫାଣ୍ଡିକୁ ସୂଚନା ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୌରଭ ରାଉତ ଘଟଣା ସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଯୁବତୀ ପରିବାରରେ ଖୁସିରେ ଥିଲେ ଓ କୌଣସି ମନୋମାଳିନ୍ୟ ନ ଥିଲା। ଯୁବତୀ ଜଣକ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲେ ଏ ନେଇ ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି।

## ସମସ୍ୟା ସମାଧାନ କରିବେ ୱାର୍ଡ ଅଧିକାରୀ

**ବେଲପାହାଡ଼,୧୨।୯ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଏଣିକି ପୌରାଞ୍ଚଳବାସୀ ସେମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଅଭିଯୋଗ ୱାର୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ। ଏଥିପାଇଁ ସେମାନଙ୍କୁ ଆଉ ପୌର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଭଳି ବ୍ୟବସ୍ଥା ଗତ ୧ ତାରିଖରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି। ପୌରପରିଷଦର ବିଭିନ୍ନ ୱାର୍ଡରେ ରହିଥିବା ଗୋଷ୍ଠୀ କେନ୍ଦ୍ର, ଯଜ୍ଞ ମଣ୍ଡପ ଓ କ୍ଲବ ଗୃହରେ ୱାର୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲାଯାଇଛି। ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ କର୍ମଚାରୀଙ୍କୁ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଏମାନଙ୍କୁ ସହଯୋଗ ପାଇଁ ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏଁ କର୍ମଚାରୀଙ୍କୁ ସହଯୋଗୀ ଭାବେ ନିୟୋଜିତ କରାଯିବ। ଏହାସହିତ ୩ ଜଣ ଲେଖାଏଁ ସଫେଇ କର୍ମଚାରୀ, ଜଣେ ବିଦ୍ୟୁତ ମିସ୍ତ୍ରୀ ଓ ଜଣେ ନଳ ମିସ୍ତ୍ରିଙ୍କୁ ନିୟୋଜିତ କରାଯାଇଛି। ଏହିପରି ଭାବରେ ପରିଷଦର ୧୯ଟି ୱାର୍ଡ କାର୍ଯ୍ୟାଳୟ ପାଇଁ ମୋଟ୍ ୮୪ ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କର୍ମଚାରୀମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ନିୟୋଜିତ ରହିବେ ଏବଂ ୧୨ଟା ପରେ କାର୍ଯ୍ୟାଳୟକୁ ଆସି ନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ କରିବେ।

ଗତ ଅଗଷ୍ଟ ୧୯ ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ପୌରପରିଷଦକୁ ଚିଠି ସଂଖ୍ୟା (୧୪୮୬୫) ଦ୍ୱାରା ପ୍ରତ୍ୟେକ ୱାର୍ଡରେ କାର୍ଯ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ପରିଷଦର ପ୍ରତ୍ୟେକ ୱାର୍ଡରେ କାର୍ଯ୍ୟାଳୟ ଖୋଲିଲା ପରେ ବାସିନ୍ଦାମାନେ ଜଳ, ପରିମଳ ଓ ବିଦ୍ୟୁତ ଭଳି ମୌଳିକ ସମସ୍ୟା ବିଷୟରେ ୱାର୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗ ଦାଖଲ ପରେ ସମସ୍ୟା ସମାଧାନ ପାଇଁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ପ୍ରକାଶ କରିଛନ୍ତି।

## ଗଳାକାଟି ଆତ୍ମହତ୍ୟା କଲେ ଯୁବକ

**ଉଲୁଣ୍ଡା, ୧୨।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମରିଚପୁର ଗ୍ରାମରେ ନିଜ ଗଳାକାଟି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ସୁବାଷ କର୍ମୀ (୨୩) । ସୁବାଷ ଗୁରୁବାର ମଧ୍ୟାହ୍ନରେ ଗାଁ ଦାଣ୍ଡରେ ବୁଲାବୁଲି କରୁଥିଲେ। ପରେ ନିଜ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର ଯୋଗେ ନିଜ ଗଳାକାଟି ଆତ୍ମହତ୍ୟା କରିଥିବା ପରିବାର ତରଫରୁ କୁହାଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲା। ତେବେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ଏନେଇ ହିକୁଡି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଏଏସଆଇ ଶିଶୁପାଲ ନାଗ ପ୍ରକାଶ କରିଛନ୍ତି।



ଡ୍ରେନ ନ ଥିବାରୁ ଗାଁ ଦାଣ୍ଡରେ ବର୍ଷା ଜଳ ପ୍ରବାହିତ ହେଉଛି।

## ବର୍ଷାରେ ଘର ଭାଙ୍ଗିଲା, ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

**କିର୍ମିରା, ୧୨।୯ (ଡି.ଏନ୍.ଏ.)**

ଝାରସୁଗୁଡା ଅନ୍ତର୍ଗତ କିର୍ମିରା ଗ୍ରାମରେ ବୁଧବାର ରାତିରୁ ବର୍ଷା ଲାଗି ରହିଥିବାରୁ ଗ୍ରାମର ଜଞ୍ଜ ନେଟୀ, ରୁକ୍ମଣୀ ଧୁରୁଆ, ଗଙ୍ଗା କଛରିଆଙ୍କ ଘର ଭାଙ୍ଗିଯାଇଛି। ଏହା ପୂର୍ବରୁ ବର୍ଷା ଯୋଗୁଁ ଧନମତୀ ଚାରଦିଆ, ବୁଟରୁ ବାଗଙ୍କ ଘର ମଧ୍ୟ ଭାଙ୍ଗିଯାଇଥିଲା। ଏହାବ୍ୟତୀତ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଗାଁ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିଲା। କିର୍ମିରା ବୁଟୁପାଲି ରାସ୍ତାର ନାଳା ଉପରେ ୫ ଫୁଟ ପାଣି ପ୍ରବାହିତ ହେଉଥିବାରୁ ଦିନତମାମ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କିର୍ମିରା ସରପଞ୍ଚ ରୀନା ନାୟକ ଗ୍ରାମ ପରିଦର୍ଶନରେ ଆସି ଲୋକଙ୍କ ଭଙ୍ଗା ଘର ସବୁ ବୁଲି ଦେଖିଥିଲେ। ରାସ୍ତାରେ ପାଣି ଜମା ହେଉଥିବାରୁ ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରିବା ଏବଂ ଘରଭଙ୍ଗା ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ମାରପିଟ୍ ନେଇ ଥାନାରେ ୨ ମାମଲା

**ଲଖନପୁର,୧୨।୯ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନ୍ଧବାହାଲ ଡେଲିମାର୍କେଟ୍‌ରେ ମାର୍‌ପିଟ୍‌କୁ ନେଇ ବନହରପାଲି ଥାନାରେ ଗୁରୁବାର ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି । ଅଙ୍କିତ କୁମାର ସିଂହଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନା କେସ୍ (୧୧୧/୧୯)ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଅଭୟ କୁମାର ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନା କେସ୍ (୧୧୨/୧୯)ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଉଭୟ ମାମଲାର ତଦନ୍ତ ଚଳାଇଛି। ଅଭିଯୋଗକାରୀ ଅଙ୍କିତ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସେ କଲୋନୀରେ ଛିଡା ହୋଇଥିବାବେଳେ ବନ୍ଧବାହାଲ କଲୋନୀର ୨ଜଣ ଯୁବକ ରାଧେଶ୍ୟାମ ତ୍ରିପାଠୀ ଓ ଅଜିତ କୁମାର ସିଂହ ତାଙ୍କୁ ଗାଳିଗୁଲଜ୍ କରି ମାଡ଼ମାରିଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟିଯିବା ସହ ସେ ଆହତ ହୋଇଛନ୍ତି। ସେହିପରି ଡେଲିମାର୍କେଟ୍‌ରେ ଅଭୟ ଚା ଦୋକାନ କରିଥିବାବେଳେ ଘନଶ୍ୟାମ ସିଂହ ମାର୍କେଟ୍‌କୁ ପନିପରିବା କିଣିବା ପାଇଁ ଯାଇଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଘନଶ୍ୟାମଙ୍କ ସମେତ ଅନ୍ୟ ୨ଜଣ ଯୁବକ ଉତ୍‌କ୍ଷିପ୍ତ ହୋଇ ଅଭୟଙ୍କୁ ମାଡ଼ମାରିଥିବା ଅଭିଯୋଗ ହୋଇଛି।

## ନର୍ଲା ବ୍ଲକରେ ପୋଷାକ ବଣ୍ଟନକୁ ନେଇ ପାଟିତୁଣ୍ଡ

# ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ଦାବି

ଦାବି ପୂରଣ ନ ହେଲେ ରାସ୍ତାରୋକୋ ଚେତାବନୀ

**କେସିଙ୍ଗା,୧୨।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ସ୍କୁଲ ପିଲାମାନଙ୍କୁ ପୋଷାକ ବଣ୍ଟନ ନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ନର୍ଲା ବ୍ଲକରେ ୨୦୬ଟି ବିଦ୍ୟାଳୟରେ ପ୍ରତ୍ୟେକ ବର୍ଷ ମାଗଣାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଉଛି। ହେଲେ ବ୍ଲକରେ ନିମ୍ନମାନର ପୋଷାକ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଥିବା ନେଇ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ସହ ସମସ୍ତ ସମିତି ସଭ୍ୟ, ସରପଞ୍ଚ ବୈଠକରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକଳ ଗୁରୁବାର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ କାର୍ଯ୍ୟାଳୟ ପହଞ୍ଚିଥିଲେ। ପରେ ଅପେକ୍ଷାରେ ଥିବା ବ୍ଲକ ଅଧକ୍ଷ, ଉପାଧକ୍ଷ, ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ ସହ ଏକ ବୈଠକ ହୋଇଥିଲା। ଏଥିରେ ବିଇଓ ରାଗିଯାଇ ଜନପ୍ରତିଧିମାନଙ୍କୁ ପାଟିତୁଣ୍ଡ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ ଅଧକ୍ଷା, ଉପାଧକ୍ଷଙ୍କ ସମେତ ସମିତି ସଭ୍ୟା, ସଭ୍ୟ, ସରପଞ୍ଚ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତିଙ୍କୁ ପଚାରିବାରୁ ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନିତୀ ହେଉଥିବା ପ୍ରକାଶ କରିଛନ୍ତି। ଏନେଇ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନିରୁପମା ଦୋରାଙ୍କୁ ପଚାରିବାରୁ କୌଣସି ମତାମତ ଦେବାକୁ ମନା କରି ଦେଇଥିଲେ।

## ବାଣିଜ୍ୟ, ପରିବହନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୨।୯ (ଡି.ଏନ୍.ଏ.)**

ରାଜ୍ୟ ଯୋଜନା ଓ ସଂଯୋଜନା ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ଦିନିକିଆ ଝାରସୁଗୁଡା ଜିଲା ଗସ୍ତରେ ଆସି ସର୍କିଟ୍ ହାଉସ୍‌ରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶରତ କୁମାର ନାୟକ, ସହକାରୀ ନିର୍ଦ୍ଦେଶକ ଦୁଃଶାସନ ନାୟକ, ପ୍ରକଳ୍ପ ପର୍ଯ୍ୟବେକ୍ଷଣ ୟୁନିଟ୍‌ର ପ୍ରମୁଖ ନଳିନୀ କୁମାର ଦାସ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ବିଭିନ୍ନ ବିଭାଗକୁ ମଞ୍ଜୁର ହୋଇଥିବା ଅର୍ଥର ସଦ୍ ବିନିଯୋଗ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଏହି ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୧୨୪.୭୬ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୨୦୨.୧୭ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି। ଏଥିମଧ୍ୟରେ ବିଶେଷଭାବେ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପାନୀୟଜଳ ଯୋଗାଣ ଆଦି ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ପ୍ରଦାନ କରାଯାଇଥିବାରୁ ମନ୍ତ୍ରୀ ବେହେରା ସନ୍ତୋଷ ବ୍ୟକ୍ତ କରିଥିଲେ। ନିୟମିତ ବ୍ୟବଧାନରେ ଖଣିଜ ପ୍ରତିଷ୍ଠାନ ପାଣ୍ଠିର କାର୍ଯ୍ୟକାରିଣୀ ବୈଠକ ଡାକିବା ସାଙ୍ଗକୁ ପ୍ରକଳ୍ପଗୁଡିକ କାର୍ଯ୍ୟକାରିତା ଓ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ବେହେରା ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ।



ସମୀକ୍ଷା ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହିତ ବିଭାଗୀୟ ଅଧିକାରୀମାନେ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଶାନ୍ତନୁ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା

ପାଇକମାଳ, ୧୨।୯(ଡି.ଏନ.ଏ)
ବରଗଡ ଜିଲା ପାଇକମାଳର ପବିତ୍ର ପୀଠ ନୃସିଂହନାଥ ପରିସରରେ ବିଶିଷ୍ଟ ସାମ୍ବାଦିକ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖବରଦାତା ବଡ ସତପଥୀ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ ପାଇକମାଳ ଅଞ୍ଚଳରେ କରିଥିବା ଉନ୍ନତିମୂଳକ କାମ ଉପରେ ବକ୍ତବ୍ୟ ଦେଇଥିଲେ। ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ବିଷ୍ଣୁ ପ୍ରସାଦ, ସୁରଥ ସାହୁ, ଗୌରାଙ୍ଗ ଚରଣ ଦାସ, ଜେକି ସରାପ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତବ୍ୟକ୍ତ କରିଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୃସିଂହନାଥ ଗେଟ ନିକଟରେ ବୃକ୍ଷରୋପଣ କରାଯାଇଥିଲା।

### ଧାନ ଫସଲରେ କାଣ୍ଡବିନ୍ଧା ପୋକ

ପଦ୍ମପୁର, ୧୨।୯ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡରେ ଚଳିତ ବର୍ଷ ଠିକ୍ ଭାବେ ବର୍ଷା ହୋଇଥିବାରୁ ଧାନ ଫସଲ ଭଲ ହୋଇଛି । ଚାଷୀ ଖୁସି ଥିବାବେଳେ କାଣ୍ଡବିନ୍ଧା ପୋକ ଫସଲ ନଷ୍ଟ କରି ଦେଉଥିବା ଦେଖାଯାଇଛି। ପୋକଦ୍ୱାରା ଫସଲ ନଷ୍ଟ ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଉଛି । ଚାଷୀ ଧାନ ବିହନ ବୁଣିବା ପରଠାରୁ ରୁଆ ବେଉଷୁଣ, ସାର ପ୍ରୟୋଗ ଆଦି ପାଇଁ ଅର୍ଥ ବ୍ୟୟ କରି ସାରିଛି । ପୁଣି କାଣ୍ଡବିନ୍ଧା ପୋକ ଦାଉରୁ ରକ୍ଷା ପାଇବା ପାଇଁ ଆର୍ଥିକ ସମ୍ବଳ ଖୋଜିବାରେ ଲାଗିଛି । ଧାନର ଶେଷ ପର୍ଯ୍ୟାୟରେ ଚାଷୀ ଉପଯୁକ୍ତ ଔଷଧ ନ ଦେଲେ ସବୁ ନଷ୍ଟ ହୋଇଯିବ । ତେଣୁ ଚାଷୀ ମୁଣ୍ଡରେ ଚଡକ ପଡିଛି ।

### ବରପାଲିରେ ଅନନ୍ତପୂଜା ମହୋତ୍ସବ

ବରପାଲି,୧୨।୯ (ଡି.ଏନ.ଏ)
ବରପାଲିର ବିଭିନ୍ନ ସ୍ଥାନରେ ଗୁରୁବାର ଅନନ୍ତ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନନ୍ତ କ୍ଲବ, ଶିବାଜୀ କ୍ଲବ, କୁଲିପଡା, ଓଡିଆପଡା, ରାମଚନ୍ଦ୍ର ମନ୍ଦିର ପରିସରରେ ନିଷ୍ଠାର ସହ ପୂଜାର୍ଚ୍ଚନା କରାଯାଇଛି। ସକାଳେ ପୂଜାକର୍ତ୍ତା ଓ ବ୍ରତଧାରୀମାନେ ମେଡ୍‌କୁ ବରଣ କରି ଶୋଭାଯାତ୍ରାରେ ପୂଜାସ୍ଥଳକୁ ନେଇଥିଲେ। ପରେ ରୀତିନୀତି ଅନୁସାରେ ଆଳତୀ ଓ ହୋମ ହୋଇଥିଲା । ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅନନ୍ତ ପୂଜା ପାଇଁ ସହର ଉତ୍ସବମୁଖର ହୋଇପଡିଛି ।

### ରାଧାକୃଷ୍ଣ ମନ୍ଦିରରେ ଅନ୍ତମୁଖୀ ପାରାୟଣ

ଗାଇସିଲେଟ, ୧୨।୯(ଡି.ଏନ.ଏ)
ଗାଇସିଲେଟ ରାଧାକୃଷ୍ଣ ମନ୍ଦିରରେ ଗୁରୁବାର ଅନ୍ତମୁଖି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରଶାନ୍ତ କୁମାର ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାଇସିଲେଟ କନ୍ଦୁମୁଣ୍ଡା କୁଦଲାର ୨୨ଜଣ ବ୍ରାହ୍ମଣ ଯୋଗ ଦେଇଥିଲେ। ମନ୍ଦିର ପୂଜକ ସନ୍ତୋଷ କୁମାର ପୁରୋହିତଙ୍କ ନେତୃତ୍ୱରେ ପୁରାଣ ପଠନ କରାଯାଇଥିଲା ।

### ଝାରବନ୍ଧ ଡିଗ୍ରୀ କଲେଜର ଗଙ୍ଗାଧର ଜୟନ୍ତୀ ପାଳିତ

ଝାରବନ୍ଧ, ୧୨।୯ (ଡି.ଏନ.ଏ)
ଝାରବନ୍ଧ ଡିଗ୍ରୀ କଲେଜରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ । ଜମଲା କଲେଜ ଓଡିଶା ଅଧାପକ ଦୁର୍ଗାଶିଷ ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରି ଗଙ୍ଗାଧର ସାହିତ୍ୟ ଓ ଆଜିର ସମାଜ ଉପରେ ଆଲୋକପାତ କରିଥିଲେ । ମାଣ୍ଡୋସିଲ କଲେଜର ଓଡିଆ ଅଧାପକ ସନ୍ତୋଷ ସିଂ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ କବିତା ଓ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ହୃଷିକେଶ ବରିହା, ଟିକସ ପ୍ରଧାନ, ସରପଞ୍ଚ ଧନମତୀ ପାଣ୍ଡେ, ମାନଭଞ୍ଜନ ମିର୍ଦ୍ଧା ଉପସ୍ଥିତ ଥିଲେ । ଅଧାପକ ସାର୍ତ୍ତିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ନବୀନ ମେହେର, ଗଗନ ବିହାରୀ ଡନସନା, ଯାଜ୍ଞସେନୀ ନାୟକ, ରଶ୍ମି ମହାଲିଙ୍ଗ, ମମତାମୟୀ ଗୁରୁ, ଖ୍ୟାତିମୟ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଚୋର ଗ୍ୟାଙ୍ଗ୍‌କୁ ଧରିପାରୁନି ପୋଲିସ

# ଏସ୍‌ପିଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବରଗଡ଼ ଅଫିସ୍,୧୨।୯

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମରେ ବାରମ୍ବାର ଚୋରି ଘଟଣା ଘଟୁଛି । ହେଲେ ପୋଲିସ ଚୋରି ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିପାରୁ ନାହିଁ। ଏହାକୁ ନେଇ ଗ୍ରାମବାସୀ ସ୍ଥାନୀୟ ପୋଲିସ ପ୍ରତି ଆସ୍ଥା ହରାଇ ବସିଛନ୍ତି। ଏହି କ୍ରମରେ ଗୁରୁବାର ଗ୍ରାମବାସୀ ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ଏସ୍‌ପି ପଦ୍ମିନୀ ସାହୁଙ୍କୁ ଭେଟି ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜାଣ୍ଡୋଲ ଗ୍ରାମରେ ବିଗତ ଦିନରେ ଘଟିଥିବା ଚୋରି ଘଟଣାର ପର୍ଦ୍ଦାଫାଶ ସହିତ ଅପରାଧ ନିୟନ୍ତ୍ରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।

ଜାଣ୍ଡୋଲ ଗ୍ରାମରେ ଘଟିଥିବା ଚୋରି ଏବଂ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପକୁ ନେଇ ଗତ ୬ତାରିଖରେ ଗ୍ରାମବାସୀଙ୍କର ଏକ ବୈଠକ ବସିଥିଲା। ଗ୍ରାମର ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ଗ୍ରାମରେ ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ସେହିପରି ବିଗତ ଦିନରେ ହୋଇଥିବା ଚୋରି ଘଟଣାକୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ପୂର୍ବରୁ ଗ୍ରାମରେ ଅନେକ ଚୋରି ହୋଇଥିଲେ ସୁଦ୍ଧା ପୋଲିସ ତାର ଟେର୍ ନ ପାଇବା ଏବଂ କେବଳ ମାମଲା ରୁଜୁରେ ତାହା ସୀମିତ ରହିଥିବା ଘଟଣାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ୨୦୧୪ ମସିହାରୁ ପ୍ରାୟ ପ୍ରତିବର୍ଷ ଗ୍ରାମରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ମତପ୍ରକାଶ ପାଇଥିଲା। ୨୦୧୪-୧୫ବର୍ଷରେ ଗ୍ରାମର ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରୁ ବଡ଼ ଘଣ୍ଟି, ଝରି ଗରିଆ, ଘଣ୍ଟ, ମହାଦେବଙ୍କ ପିତ୍ତଳ ଖଟୁଲି, ଛୋଟ ଘଣ୍ଟି, ପିତ୍ତଳ ଆଳତୀ ଚୋରି ହୋଇଥିବାବେଳେ ୨୦୧୭-୧୮ବର୍ଷରେ ଭାବ ମେହେରଙ୍କ ଘରୁ ସୁନା, ନଗଦ ଟଙ୍କା ଚୋରି ହୋଇଥିଲା । ସେହିପରି ୨୦୧୯ ଫେବୃୟାରୀ ମାସରେ ଆନନ୍ଦ ମେହେର ଓ ଶ୍ରୀବସ୍ତ ମେହେରଙ୍କ ଘର ସାମ୍ନାରେ ଥିବା କୂଅରୁ ୨ଟି ମୋଟରପମ୍ପ ଚୋରି ହୋଇଥିଲା । ଏହା ସହିତ କଲ୍ୟାଣ ମଣ୍ଡପର ସମରସେବୁଲ ମୋଟରପମ୍ପ, ସିଲିଂପଙ୍ଖାକୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ ।

୨୦୧୫-୧୬ବର୍ଷରେ ସାହେବ ମେହେର ଓ ୨୦୧୬-୧୭ରେ କଂଗ୍ରେସ ମେହେରଙ୍କ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିଲା । ଚଳିତବର୍ଷ ଅଶୋକ ବେହେରା ଓ ଘାସିରାମ କଲେତଙ୍କ ସାଇକେଲ ଚୋରି ହୋଇଛି । ମାତ୍ର ପୋଲିସ ଚୋରମାନଙ୍କୁ ଗିରଫ କରିବା ତ ଦୂରର କଥା, ଚୋରି ସାମଗ୍ରୀ ଉଦ୍ଧାର କିମ୍ବା ଘଟଣାର ପର୍ଦ୍ଦାଫାଶ କରିବାରେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଚୋରଗ୍ୟାଙ୍ଗକୁ ଧରିବା ଏବଂ ଅପରାଧ ନିୟନ୍ତ୍ରଣ କରିବାକୁ ଗ୍ରାମର ପ୍ରକାଶ କୁମାର ପାତ୍ର, ନୀଳାଞ୍ଚଳ ମେହେର, ଜୟନାରାୟଣ ଭୋଇ, ଘାସିରାମ କର୍ମୀଙ୍କ ସମେତ ବହୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।



ବରଗଡ଼ ଏସପିଙ୍କୁ ଫେରାଦ ହେଇଥିବା ଜାଣ୍ଡୋଲ ଗ୍ରାମବାସୀ ।

## ପୋଷ୍ଟ ଅଫିସରେ ଆଧାର କାମ ବନ୍ଦ, ଲୋକେ ହଇରାଣ

ଜାମଟିକ୍ରା, ୧୨।୯ (ଡି.ଏନ.ଏ)

ଆଧାର ପଞ୍ଜୀକରଣ ଏବଂ ସଂଶୋଧନ କାର୍ଯ୍ୟରେ ଅବ୍ୟବସ୍ଥା ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂତନ ପଞ୍ଜୀକରଣ ଓ ସଂଶୋଧନ ନେଇ ଅନେକ ଆଧାର କେନ୍ଦ୍ରକୁ ଯାଉଥିବା ବେଳେ କେଉଁଠି କର୍ମଚାରୀ ଅଭାବ ତ ଆଉ କେଉଁଠି ମେଶିନ ଚଳାଇବା ପାଇଁ ଯୋଗ୍ୟ ବ୍ୟକ୍ତି ନାହାନ୍ତି। ଅନ୍ୟ କେତେକ ସ୍ଥାନରେ ୨/୩ଶହ ଦରଖାସ୍ତ ପଡିରହିଛି। ତୁମେ ଦରଖାସ୍ତ ଦେଇଯାଅ, ତୁମ ନିକଟକୁ ଫୋନ କଲେ ଆସିବ ବୋଲି ବୋଲି ଉତ୍ତର ମିଳୁଛି । ବରଗଡ ଜିଲା ଅତାବିରା ପୋଷ୍ଟ ଅଫିସକୁ ଆଧାର କାର୍ଡ ସଂଶୋଧନ, ନୂତନ ଆଧାର କାର୍ଡ ତିଆରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ କ୍ରମେ ଏଠାରେ କିଛି ମାସ ଠିକ୍ ଭାବ ଆଧାର କାମ ଚାଲିଲା । କିନ୍ତୁ ଏବେ ପ୍ରାୟ ୬ ମାସ ହେଲାଣି ଏଠାରେ ଆଦୌ ଆଧାର କାମ ହେଉନାହିଁ । ଫଳରେ ଲୋକେ ୩୦ ଟଙ୍କା ଜାଗାରେ ୧୫୦ ଟଙ୍କା ଦେଇ ବହୁ କଷ୍ଟରେ ବାହାରେ ଆଧାର କାର୍ଡ ତିଆରି ଓ ସଂଶୋଧନ କରୁଥିବା ଦେଖିବାକୁ ମିଳୁଛି । ଘରୋଇ କେନ୍ଦ୍ରରେ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେବାରୁ ଲୋକେ ସରକାରୀ କେନ୍ଦ୍ରକୁ ଯାଇ ସେଠାରେ ହଟହଟାର ହେଉଛନ୍ତି । ଅତାବିରା ପୋଷ୍ଟ ଅଫିସରେ ଆଧାର ସଂଶୋଧନ କାମ ବନ୍ଦ ଥିବାରୁ ସେମାନେ ବହୁତ ହଇରାଣ ହେଉଥିବା ମୁକେଶ ସାହୁ, ବିନୋଦ ବିଶି, ରଞ୍ଜୁ ଭୋସାଗରଙ୍କ ସମେତ ଆହୁରି ଅନେକ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତାବିରା ପୋଷ୍ଟମାଷ୍ଟର ଅରୁଣ ବାରିକଙ୍କୁ ପଚାରିବାରୁ ସେ କହିଲେ, କମ୍ପ୍ୟୁଟର ଖରାପ ହୋଇଯାଇଥିବାରୁ ଆଧାର କାମ ବନ୍ଦ ଅଛି । ଆପଣଙ୍କ ଯଦି ଆଧାର ସଂଶୋଧନ କରିବାର ଅଛି ତେବେ ବରଗଡ କିମ୍ବା ସମ୍ବଲପୁର ପୋଷ୍ଟ ଅଫିସକୁ ଯାଆନ୍ତୁ ।

## ଅଭିଭାବକ, ଅଧ୍ୟାପକ ସମ୍ମିଳନୀ

ଭେଡ଼େନ,୧୨।୯(ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜରେ ଗୁରୁବାର କଲେଜରେ ଅଧ୍ୟୟନରତ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଅଧ୍ୟାପକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କଲେଜର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅଧକ୍ଷ ଗଜାନନ ପଣ୍ଡା ଏବଂ ଅଧ୍ୟାପକ ସନ୍ତୋଷ କୁମାର ନାୟାର ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ। ବହୁ ଅଭିଭାବକ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ। ଶେଷରେ ଅଧ୍ୟାପକ ସୁଶୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବସେକେଲାରେ ଅନନ୍ତବ୍ରତ ପାଳିତ

ଭେଡ଼େନ,୧୨।୯(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବସେକେଲା ମନ୍ଦିରପଡ଼ାରେ ୩୮ତମ ଅନନ୍ତ ପୂଜା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ ପ୍ରକାଶ ଭୁଏ ଏବଂ ପୁରୋହିତ ଭାବେ ବିମଳେଶ୍ୱର ପାଣିଗ୍ରାହୀ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି ସିଦ୍ଧେଶ୍ୱର ପାଣିଗ୍ରାହୀ, ସମ୍ପାଦକ ଭଗବାନ ସେଠ ଏବଂ କୋଷାଧ୍ୟକ୍ଷ କମଳେଶ୍ୱର ଧରୁଆଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଣ୍ଡକିଟାଲ ଏବଂ ଜୁଗିପାଲିର ସଂକୀର୍ତ୍ତନ ପରିବେଷିତ ହୋଇଥିଲା।



ବସେକେଲାରେ ଅନନ୍ତ ପୂଜା ଚାଲିଛି ।

## ରାଷ୍ଟ୍ରୀୟ ବିପର୍ଯ୍ୟୟ ସଚେତନତା ଶିବିର

ଭେଡ଼େନ,୧୨।୯(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ଦୁଇମୁହାଣିସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପରିସରରେ ବୁଧବାର ରାଷ୍ଟ୍ରୀୟ ବିପର୍ଯ୍ୟୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଇଂ ବିଦ୍ୟୁତ କୁମାର ପୁରୋହିତଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ବିପର୍ଯ୍ୟୟ ଆପଦ ମୋଚନ ବଳର ଟିମ୍ କମାଣ୍ଡର ଅମରନାଥ ସିଂ, ସବ ଇନ୍ସପେକ୍ଟର ବିବେକ ଯାଦବ ଏବଂ ଅନ୍ୟ ତିନ ଜଣ ସଦସ୍ୟ ଶିକ୍ଷାର୍ଥୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ଏବଂ ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ମକଡ୍ରିଲ ଏବଂ ଭିଡ଼ିଓ ପ୍ରଦର୍ଶନ ମାଧ୍ୟମରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଟିଆଇର ସମସ୍ତ ଛାତ୍ର ଶିକ୍ଷକ ଏବଂ କର୍ମଚାରୀ ଭାଗ ନେଇଥିଲେ। ଶେଷରେ ଟ୍ରେନର ଗୋକୁଳ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କ୍ରୀଡା ଶିକ୍ଷକଙ୍କ ଗହଣରେ ବାଳିକା ଫୁଟବଲ ଖେଳାଳି ।

ବିଜେପୁର,୧୨।୯(ଡି.ଏନ୍.ଏ)

ବିଜେପୁର ବ୍ଲକ ଅନ୍ତର୍ଗତ ଜାରିଂ ହାଇସ୍କୁଲ ପଡିଆରେ ଅଷ୍ଟମ ଜିଲାସ୍ତରୀୟ ସ୍କୁଲ ସମୂହର ଶାରଦୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜିଲାର ୧୨ଟି ବ୍ଲକରୁ ୪୦୦ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି । ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜାରିଂ ସରପଞ୍ଚ ପ୍ରଭାସିନୀ ବିଭାର, ସମିତି ସଭ୍ୟା ଆଦ୍ୟାଶା ସାହୁ, ଖରମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଦାନନ୍ଦ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଛାତ୍ର ଚନ୍ଦ୍ରକାନ୍ତ ଦୀପ ଖେଳାଳିମାନଙ୍କୁ ଶପଥ ପାଠ କରାଇଥିଲେ । ଆଇପି ତ୍ରେଲୋକ୍ୟ ନାଏକ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ବରୁଣ ଭୋଇ ସ୍ୱାଗତ ଭାଷଣ, ସରୋଜ ପୁରୋହିତ ସଭା ସଞ୍ଚାଳନ କରିଥିଲେ । ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏମ୍. ଗଣ୍ଡପାଲି, ଜାରିଂ, ଖରମୁଣ୍ଡା ପଡିଆରେ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଳକ ବିଭାଗରେ ବରପାଲି, ଝାରବନ୍ଧ, ବରଗଡ ଏବଂ ବାଳିକା ବିଭାଗରେ ବରପାଲି ବିଜୟୀ ଘୋଷିତ ହୋଇଥିଲା । ଅଶ୍ୱିନୀ ବରିହା, ସୁବ୍ରତ ଡନସନା, ନରେନ୍ଦ୍ର ସାହୁ, କିଶୋର ପଟେଲ, ନିରଞ୍ଜନ ମହାକୁର, ସଞ୍ଜୀବ ଭୋଇ, ରାଜେନ୍ଦ୍ର ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଜାରିଂରେ ସୁରେନ୍ଦ୍ର ପଧାନ, ଖରମୁଣ୍ଡାରେ ସଚ୍ଚିଦାନନ୍ଦ ପଧାନ, ଏମ. ଗଣ୍ଡପାଲିରେ ଲବ ସାହୁ, ମନୋଜ ସାହୁ, ସମ୍ପୂର୍ଣ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଚର୍ଦ୍ଦାପାଲିର ଦୁଃଖ

# ଚାଉଳ ୫ ଟଙ୍କାକୁ ଡଙ୍ଗା ଭଡ଼ା ୧୦

ପଦ୍ମପୁର, ୧୨।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦ୍ଦାପାଲି ଗ୍ରାମପଞ୍ଚାୟତର ଲୋକମାନେ ବର୍ଷାଋତୁରେ କଷ୍ଟକର ଜୀବନ ବିତେଇଥାନ୍ତି। ଲଖମରା-ଚର୍ଦ୍ଦାପାଲି ମଝିରେ ବହିଯାଇଥିବା ଅଙ୍ଗନଦୀ ଅଞ୍ଚଳର ଦୁଃଖ ପାଲଟିଛି। ବର୍ଷାଦିନରେ ଏହି ଅଞ୍ଚଳ ଓଡିଶାଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଏ। ଚର୍ଦ୍ଦାପାଲି ଗ୍ରାମପଞ୍ଚାୟତର ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଲଖମରାରେ ହୋଇଥାଏ। ଚର୍ଦ୍ଦାପାଲି, ଲୁହୁରାକୋଟ, ଚଙ୍ଗରିଆ, ଗୁଣ୍ଡିଚାଡିହି, ଲହଣ୍ଡିପୁର ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ଚାଉଳ ଆଣିଥାନ୍ତି। ହିତାଧିକାରୀ ଜଣ ପ୍ରତି ୫ କେଜି ଚାଉଳ ମାତ୍ର ୫ ଟଙ୍କାରେ ପାଇଥାନ୍ତି। କିନ୍ତୁ ସେମାନଙ୍କୁ ଡଙ୍ଗା ଭଡା ୧୦ ଟଙ୍କା ଦେବାକୁ ପଡିଥାଏ। ସେମାନେ ଅନ୍ୟାନ୍ୟ କାମ ସବୁ ଛତିଶଗଡରେ କରିବା ପାଇଁ ବାଧ ହୁଅନ୍ତି। ଛାତ୍ରୀଛାତ୍ରଙ୍କ ପାଠ ପଢ଼ିବା ସହ ସମସ୍ତ ସରକାରୀ କାର୍ଯ୍ୟ ଓଡିଶା ସରକାରଙ୍କ ଅଧୀନରେ କରାଯାଇଥାଏ ।



ଲୋକମାନେ ଡଙ୍ଗାରେ ଚାଉଳ ନେଇ ଯାଉଛନ୍ତି ।

## ଫସଲ କ୍ଷତିର ବୀମାଟଙ୍କା ମିଳିନି

# ତହସିଲ ଅଫିସ୍ ଘେରିଲେ ଚାଷୀ

ଝାରବନ୍ଧ, ୧୨।୯ (ଡି.ଏନ.ଏ)

ବରଗଡ ଜିଲା ଝାରବନ୍ଧ ବ୍ଲକ ଚିର ମରୁଡି ପ୍ରପୀଡିତ ଅଞ୍ଚଳ । ଏଠାରେ ଚାଷୀମାନେ ପ୍ରତିବର୍ଷ ମରୁଡିର ସମ୍ମୁଖୀନ ହୋଇଥାନ୍ତି । ସ୍ୱଳ୍ପ ବର୍ଷା ଓ ରୋଗପୋକ ଉପଦ୍ରବରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରାଯାଉନାହିଁ । ଫଳରେ ଝାରବନ୍ଧ ବ୍ଲକର ଚାଷୀ ସଂଘ ଆନ୍ଦୋଳନ ମୁହାଁ ହେବାକୁ ବାଧ ହେଉଛନ୍ତି। ୨୦୧୮ ମସିହାର ଫସଲ କ୍ଷତିପୂରଣ ବାବଦ ବୀମାରାଶି ଚାଷୀମାନଙ୍କୁ ମିଳିନାହିଁ । ବୀମା କମ୍ପାନୀ ଏସିଏଫ ଆଳରେ ଏହି ବ୍ଲକର ଚାଷୀଙ୍କ ଶତକଡା ୨୮.୬୯ ପ୍ରତିଶତ ଟଙ୍କା କାଟିଦେଇଥିବା ଜଣାପଡିଛି। ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ଝାରବନ୍ଧ ମୁଖ୍ୟ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସରେ ପହଞ୍ଚିଥିଲେ । ସେଠାରେ ସେମାନେ ବିଭିନ୍ନ ନାରାବାଜି କରିବା ସହ ଅଫିସ ଗେଟରେ ତାଲା ପକାଇଥିଲେ । ପରେ ଆଞ୍ଚଳିକ ଚାଷୀ ସଙ୍ଗଠନ ସଭାପତି ବିଦ୍ୟୁତ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ଏହା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମବାୟ ମନ୍ତ୍ରୀ, କୃଷିମନ୍ତ୍ରୀ, ବରଗଡ ଜିଲାପାଳ, ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଧାୟକ ଦେବେଶ ଆଚାର୍ଯ୍ୟ ସାମିଲ ହେଇଥିଲେ। ଏହି ନିୟମକୁ ସମୀକ୍ଷା କରି ଝାରବନ୍ଧ ବ୍ଲକରେ ଏସିଏଫ ଲାଗିବ ନାହିଁ ଏବଂ ତାଙ୍କର ସମ୍ପୂର୍ଣ୍ଣ ବୀମା ଟଙ୍କା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜିଲା କୃଷି ଅଧିକାରୀ ସୂଚନା ଦେଇଥିଲେ । ଇତି ମଧ୍ୟରେ ଦେଢ଼ ମାସ ବିତି ଯାଇଥିଲେ ମଧ ଅତିରିକ୍ତ ବୀମା ଟଙ୍କା ଦେଖାନାହିଁ । ଶେଷରେ ବାଧ ହୋଇ କୃଷକ ସଙ୍ଗଠନ ତାଲା ବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲା। ପଦ୍ମପୁର ଜୟକିଶାନ ଚାଷୀ ସଙ୍ଗଠନ, ପାଇକମାଳ ଚାଷୀ ସଙ୍ଗଠନ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏହି ଆନ୍ଦୋଳନରେ କୃଷକ ସଙ୍ଗଠନର ସନ୍ତୋଷ ବେହେରା, ବିନୋଦ ବିହାରୀ ବାଗ, ନିରାକାର ପ୍ରଧାନ, ତୁଳାରାମ ଭୋଇ, ଅଶୋକ ସାହୁ, ପଦ୍ମପୁର ଚାଷୀ ସଙ୍ଗଠନର ରମେଶ ମହାପାତ୍ର, ରୋହିତ ପ୍ରଧାନ, ବାଞ୍ଛାନିଧି ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଝାରବନ୍ଧ ତହସିଲଦାର ରୁନୁ ଲାକ୍ରା ଆନ୍ଦୋଳନସ୍ଥଳକୁ ଆସି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ୧୫ ଦିନ ମଧରେ ସମସ୍ୟା ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ତେବେ ଟଙ୍କା ନ ପାଇବା ପର୍ଯ୍ୟନ୍ତ ସମସ୍ତ ଅଫିସରେ ତାଲା ଝୁଲିବ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଥିବା କହିଛନ୍ତି ।




ଚାଷୀମାନେ ତହସିଲ ଅଫିସ୍ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।



"ଯେଉଁଠି ପ୍ରତିଭା ଦେଖିବାକୁ ମିଳୁଛି, ତାକୁ ପ୍ରୋତ୍ସାହନ ଦିଆଯିବା ଉଚିତ।
-ହିମେଶ ରେସମିଆ,
ସଙ୍ଗୀତ ନିର୍ଦ୍ଦେଶକ

# ଜାତୀୟ ସ୍ୱର୍ଣ୍ଣବିଜେତା ଏବେ ଦିନ ମଜୁରିଆ

କାନପୁର




ନିୟତିର ଗତି ବଡ଼ ବିଚିତ୍ର। ପରିସ୍ଥିତି କେତେବେଳେ ବଦଳିଯାଏ ତାହା କହିହେବନି। ସଫଳତାର ପାହାଚ ଚଢ଼ି ଉପରକୁ ଯାଇଥିବା ଜଣେ ଖେଳାଳି ଏକ ସୁନ୍ଦର ଭବିଷ୍ୟତ ଆଶା କରୁଥିବାବେଳେ ଦିନ ମଜୁରିଆ ହେବା ଯେ କେତେ ପୀଡ଼ାଦାୟକ ତାହା ଅନୁଭବୀ ହିଁ କହିପାରିବେ। ଏମିତି ଏକ ପରିସ୍ଥିତିକୁ ସାମନା କରିବାକୁ ପଡିଛି ଜାତୀୟସ୍ତରର ଉଦୀୟମାନ ଖେଳାଳି ବିପିନ ସେନ୍‌ଙ୍କୁ। ଉତ୍ତରପ୍ରଦେଶ କାନ୍‌ପୁରର ଅର୍ମାପୁର ବାସିନ୍ଦା ବିପିନ। ଦିନ ମଜୁରିଆ ଭାବେ ତାଙ୍କ ଦୀନ ବିତୁଛି। ଯେଉଁ ପଡ଼ିଆରେ ସେ ଖେଳ ପ୍ରଦର୍ଶନ କରିବାବେଳେ ଦର୍ଶକଙ୍କ ତାଳିରେ ପୂରା ପଡ଼ିଆ ଫାଟିପଡୁଥିଲା ସେହି ପଡ଼ିଆରେ ଘାସ କାଟୁଛନ୍ତି ଅର୍ମାପୁର ବାସିନ୍ଦା ୨୧ ବର୍ଷୀୟ ବିପିନ। ୨୦୧୬ରେ ରାଜ୍ୟସ୍ତରୀୟ କୁମ୍ଫୁ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୧୬-୧୭ରେ ରାଜ୍ୟସ୍ତରରେ କିକ୍ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିବା ସହ ସେହି ବର୍ଷ ହରିୟାଣା କୁରୁକ୍ଷେତ୍ରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ତାଙ୍କୁ ମିଳିଥିଲା ସ୍ୱର୍ଣ୍ଣ ପଦକ । ଏହି ସଫଳତା ପାଇବା ପରେ ସେ ଏସିଆଡ୍ ଓ ଅଲିମ୍ପିକ୍‌ରେ ପଦକ ଜିତିବାର ଲକ୍ଷ୍ୟ ରଖିଛନ୍ତି, କିନ୍ତୁ ଏଥିରେ ବାଧକ ସାଜିଛି ଅର୍ଥ। ତଥାପି ତାଙ୍କ ମନବଳ ଭାଙ୍ଗିଯାଇନି। ସେ ଦିନରେ ଗ୍ରୀନ୍‌ପାର୍କର ଘାସ କାଟୁଛନ୍ତି ଓ ରାତିରେ କିକ୍ ବକ୍ସିଂ ଅଭ୍ୟାସ କରୁଛନ୍ତି। ୨୦୧୬ରେ ବିପିନଙ୍କ ପିତାଙ୍କ ଦେହାନ୍ତ ହେବା ପରେ ପରିବାରର ଦାୟିତ୍ୱ ପଡିଥିଲା ତାଙ୍କ ଉପରେ। ମା' ରାମଲଲିଙ୍କୁ ସାହାଯ୍ୟ କରିବା ତଥା ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ତାଙ୍କୁ ମଜୁରି ଲାଗିବାକୁ ପଡିଛି। ଗ୍ରୀନ ପାର୍କରେ ଘାସ କାଟିବା କାମ କଲେ ସେଠାରେ ତାଙ୍କୁ ଅଭ୍ୟାସର ସୁଯୋଗ ମିଳୁଛି ବୋଲି ବିପିନ କହିଛନ୍ତି। ସାହାସ, ମନବଳ ଓ ଏକାଗ୍ରତା ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିବ ବୋଲି ସେ ଦୃଢ ନିଶ୍ଚିତ।

## ୧୨ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ମେଡାଲ

# ଲକ୍ଷ୍ୟ ଆଇଆଇଟି ଇଞ୍ଜିନିୟର, ସଫଳ ମଡେଲ


ପ୍ରତ୍ୟାଶା ପରିଜା

ବାଲେଶ୍ୱର ସହରର ଝିଅ ପ୍ରତ୍ୟାଶା ପରିଜା। ମାତ୍ର ୧୨ବର୍ଷ ବୟସରୁ ସେ ପାଇସାରିଲେଣି ୭୦ରୁ ଊର୍ଦ୍ଧ୍ୱ ପୁରସ୍କାର। ମଡେଲିଂ ହେଉ କି ଡ୍ୟାନ୍ସ, ଚିତ୍ରାଙ୍କନ, ବକ୍ତୃତା, ରଚନା ସେ ସବୁଥିରେ ନିଜର ପ୍ରତିଭା ଦେଖାଇ ସାରିଛନ୍ତି। ଚଳିତବର୍ଷ ସେ ମଡେଲିଂରେ ସ୍କୁଲ ପକ୍ଷରୁ ଶ୍ରେଷ୍ଠ ବିବେଚିତ ହୋଇ ଭୁବନେଶ୍ୱରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଫଳରେ ସେ 'ଓଡ଼ିଶା ଜୁନିୟର ଟପ୍ ମଡେଲ ପ୍ରତିଯୋଗିତା' ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କେରଳରେ ଜେଏମ୍‌ଆଇ (ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ) ପ୍ରତିଯୋଗିତାରେ ସେ ଭାଗ ନେବାକୁ ସୁଯୋଗ ପାଇଛନ୍ତି। ସହରର ଶ୍ରୀକଣ୍ଠପୁର ବିବେକାନନ୍ଦ ମାର୍ଗ ଅଞ୍ଚଳର ସୁସ୍ମିତା ଓ ତନ୍ମୟ ପରିଜାଙ୍କ ଝିଅ ପ୍ରତ୍ୟାଶା। ସେ ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ସେ ଏକ ଚ୍ୟାନେଲରେ ପ୍ରସାରିତ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ଖୁବ୍ ଚର୍ଚ୍ଚାକୁ ଆସିଥିଲେ। ସେହିପରି ପର୍ଯ୍ୟଟନ ବିଭାଗ ସହଯୋଗରେ ଭୁବନେଶ୍ୱରରେ ଆୟୋଜିତ 'କଳିଙ୍ଗ କନ୍ୟା ରନ୍-୨୦୧୮' ଭାବେ ଶ୍ରେଷ୍ଠ ଜୁନିୟର ମଡେଲ ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ 'ମିସ୍ ଚନ୍ଦ୍ରଭାଗା ୨୦୧୮' ଟାଇଟଲ ମଧ୍ୟ ଜିତିଥିଲେ। ୨୦୧୭ରେ ବାଲେଶ୍ୱର ମଡର୍ନ ଇଞ୍ଜିନିୟରିଂ କଲେଜରେ 'ଇସ୍ରୋ' ପକ୍ଷରୁ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ସେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପ୍ରତିଭାଧାରୀ ପ୍ରତ୍ୟାଶା ପାଠପଢ଼ାରେ ମଧ୍ୟ ପଛରେ ନାହାନ୍ତି। ପ୍ରଥମରୁ ସେ ଲଗାତର ପ୍ରଥମ ସ୍ଥାନ ଅଧିକାର କରି ଆସୁଛନ୍ତି। ସେ ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବା ସହ ସଫଳ ମଡେଲ ହେବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି।

ମାନସ ବିଶ୍ୱାଳ, ବାଲେଶ୍ୱର ଅଫିସ୍

# ଜରିମାନା ଜାଲରେ ପୋଲିସ




**ପାଟନା:** ମୋଟର ଯାନ ଆଇନ ସେପ୍ଟେମ୍ବର ୧ରୁ ସାରା ଦେଶରେ ଲାଗୁ ହେବା ପରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଯେଭଳି ଜରିମାନା କରାଯାଉଛି ତାହା ଭାବିହେଉନି। ଅତ୍ୟଧିକ ଜରିମାନାକୁ ନେଇ କେତେକ ରାଜ୍ୟ ଏହାକୁ ଲାଗୁ କରିବା ନିର୍ଦ୍ଦେଶକୁ ଫେରାଇନେବା ଓ କିଛି ରାଜ୍ୟ ଏହା ଉପରେ ବିଚାର କରୁଥିବାବେଳେ ବିହାର ଆଉ ପାଦେ ଆଗେଇଯାଇଛି। କଥାରେ କହନ୍ତି ପୋଲିସ ଯଦି ଚୋରି କରିବ ତାକୁ ଧରିବ କିଏ। କିନ୍ତୁ ଏବେ ବିହାରରେ ପୋଲିସକୁ ପୋଲିସ ଧରିବ। ସେଠାରେ ଲୋକମାନେ ଜରିମାନ ଦେଉଛନ୍ତି , ପୋଲିସ ଆଦାୟ କରୁଛନ୍ତି। ଏହି ଆଳରେ ସେମାନେ ଯଦି ଜରିମାନା ଜାଲରେ ପଡୁଛନ୍ତି ପଦ ଉପଯୋଗ କରି ଖସିଯାଉଛନ୍ତି। କିନ୍ତୁ ଏବେ ଖସିବାର ବାଟ ପୂରା ବନ୍ଦ। ପୋଲିସ ନିୟମ ଫାଶରେ ଛନ୍ଦି ହୋଇଯାଇଛି । ଟ୍ରାଫିକ ନିୟମ ଭଙ୍ଗ କଲେ ସେମାନେ ଜରିମାନା ଦେବେ, ତାହା ପୁଣି ଧାର୍ଯ୍ୟ ରାଶିର ଦୁଇଗୁଣ ଗଣିବେ। ବିହାର ପୋଲିସ ପରିବହନ ମୁଖ୍ୟାଳୟ ପକ୍ଷରୁ ଏଭଳି ନିର୍ଦ୍ଦେଶ ଜାରି କରାଯାଇଛି। ଟ୍ରାଫିକ ନିୟମ ସମସ୍ତଙ୍କ ଲାଗି ଲାଗୁ ହୋଇଛି ଓ ତାହାକୁ ଭଙ୍ଗ କଲେ କେହି ବି ସେଥିରୁ ଖସି ଯାଇପାରିବେନାହିଁ । ଏବେ ପୋଲିସ ପଦ ଆଉ କାମ କରିବନାହିଁ, ଜରିମାନା ଦେବାକୁ ହିଁ ପଡିବ। ଜରିମାନା ସେମାନଙ୍କ ଦରମାରୁ କଟିବ ବୋଲି ନିର୍ଦ୍ଦେଶରେ କୁହାଯାଇଛି।

# ବାଘ ଏମାନଙ୍କ ପାଇଁ ଭାଇ

**ଭୋପାଳ:** କାହ୍ନା ଅଭୟାରଣ୍ୟ ବାହାରେ ରହିଥିବା ବଇଗା ସମ୍ପ୍ରଦାୟ ଆଦିବାସୀଙ୍କର ବାଘ ଓ ମଣିଷ ଏକାଠି ରହିବାର ଏକ ଅଜବ ବିଶ୍ୱାସ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ । ଆମେ ବାଘ ମାମୁ ବୋଲି ସମ୍ବୋଧନ କରୁ , କିନ୍ତୁ ଏହି ଆଦିବାସୀମାନେ ବାଘକୁ ପରିବାରର ସଦସ୍ୟ ଭାବେ ଦେଖନ୍ତି ଓ ବାଘକୁ ଭାଇ ବୋଲି ମାନନ୍ତି। । ବାଲାଘାଟ ଜିଲା କାହ୍ନା ଅଭୟାରଣ୍ୟର ପାଖ ମାଣ୍ଡାଲାରେ ବ । ଇ ଗ । ସମ୍ପ୍ରଦାୟ ଆଦିବାସୀ ରହନ୍ତି। ଏମାନଙ୍କୁ ଜଙ୍ଗଲ ଓ ବ୍ୟାଘ୍ର ସଂରକ୍ଷଣ ନାମରେ ଜଙ୍ଗଲରୁ ଉଚ୍ଛେଦ କରାଯାଇଛି। ବାଘ ଜଙ୍ଗଲ ଓ ଚାଷ ଜମିକୁ ସୁରକ୍ଷା ଦିଅନ୍ତି ବୋଲି ସେମାନଙ୍କର ବିଶ୍ୱାସ। ଗୃହପାଳିତ ପଶୁଙ୍କୁ ଶିକାର କରିବାର ଅଧିକାର ସେମାନେ ବାଘକୁ ଦେଇଛନ୍ତି। ସେମାନେ ବାଘେଶ୍ୱର ଦେବତାଙ୍କୁ ବାଘ ରୂପରେ ପୂଜା କରନ୍ତି। ବାହାଘର,ଚାଷ କାମ କିମ୍ବା ପିଲାଜନ୍ମ ହେବା ପୂର୍ବରୁ ବାଘେଶ୍ୱରଙ୍କୁ ପୂଜା କରିଥାନ୍ତି। ଏମିତିକି ବାଘ ଆଦିବାସୀଙ୍କୁ ମାରିବାର ଉଦାହରଣ ରହିଥିଲେ ମଧ୍ୟ ବଇଗାମାନେ କେବେ ବି ବାଘକୁ ମାରନ୍ତି ନାହିଁ। ସେମାନେ ଏକ ଭିନ୍ନ ପରମ୍ପରା ବି ପାଳନ କରନ୍ତି ଯେଉଁଥିରେ ଏକ ବାଘର ପ୍ରତିକୃତିକୁ ବଳି ଦିଅନ୍ତି। ଏହା ମଣିଷଖିଆ ବାଘକୁ ଶାନ୍ତ କରିବା ପାଇଁ କରାଯାଏ। ବାଘ ଅସ୍ୱଚ୍ଛ ମଣିଷକୁ ଆକ୍ରମଣ କରେନି। ଏଣୁ ମୋନେ ଦୁଇ କି ତିନି ମାସଧରି ଗାଧାନ୍ତି ନାହିଁ। ବଇଗାଙ୍କର ବାଘ ଉପରେ ଏତେ ବିଶ୍ୱାସ ଯେ, ସେମାନେ ଘର କାନ୍ଥ, କାଠ ଆସବାବପତ୍ର ସବୁଠି ବାଘ ଚିତ୍ର ଆଙ୍କିଥାନ୍ତି।



# କମରୁନାଗ ହ୍ରଦ: ଯକ୍ଷ ଜଗିଛନ୍ତି ଧନରତ୍ନ

ଦୁନିଆର କେତେକ ବିସ୍ମୟକର ସ୍ଥାନ ମଧ୍ୟରେ ହିମାଚଳପ୍ରଦେଶରେ ଅବସ୍ଥିତ କମରୁନାଗ ହ୍ରଦ ଅନ୍ୟତମ। ମଣ୍ଡି ଜିଲାସ୍ଥିତ ବାହ୍ଲା ଘାଟି ଓ ଧୁଲଧର ରେଞ୍ଜ ମଧ୍ୟରେ ଥିବା ଏହି ହ୍ରଦ ସମୁଦ୍ର ପତ୍ତନଠାରୁ ୩,୩୩୪ ମିଟର ଉଚ୍ଚତାରେ ରହିଛି। ଏହି ସ୍ଥାନଟି ଟ୍ରାକିଂ ଓ କ୍ୟାମ୍ପେନିଂ ପାଇଁ ବେଶ୍ ଜଣାଶୁଣା। ଯକ୍ଷ ରାଜାଙ୍କ ଉଦ୍ଦେଶ୍ୟରେ ଭୀମ ଏହି ହ୍ରଦ ଖୋଳାଇ ଥିଲେ ବୋଲି କୁହାଯାଏ। ମହାଭାରତରେ ମଧ୍ୟ ଏ ସମ୍ପର୍କରେ ସମ୍ୟକ ସୂଚନା ଦିଆଯାଇଛି। କୁହାଯାଏ ଯେ, ପୃଥିବୀର ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ଧନର ସୁରକ୍ଷା ପାଇଁ ଯକ୍ଷମାନେ ନିୟୋଜିତ ହୋଇଥାନ୍ତି। ଏହି ହ୍ରଦକୁ ଯକ୍ଷଙ୍କ ନିବାସ କୁହାଯାଏ।



ଏହାର ପବିତ୍ର ପାଣିରେ ସୁନା, ରୁପା ପକାଇ ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହୁଏ। ଏହି ବିଶ୍ୱାସରେ ପ୍ରତିବର୍ଷ ଲକ୍ଷାଧିକ ଲୋକ ଏଠାକୁ ଯାଇ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଧନରତ୍ନ ଦାନ କରିଥାନ୍ତି। ସମୟକ୍ରମେ ଏହି ହ୍ରଦ ଭିତରେ ବହୁ ଧନରତ୍ନ ଭର୍ତ୍ତି ହୋଇରହିଛି। ହେଲେ ପ୍ରକୃତରେ କେତେ ଧନରତ୍ନ ରହିଛି ତାହା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ଦୁଃସାହସ କରିନାହାନ୍ତି। ସ୍ଥାନୀୟ ଲୋକେ କୁହନ୍ତି, ଏହି ହ୍ରଦ ଦୀର୍ଘ ଦଶନ୍ଧି ଧରି ରହସ୍ୟମୟ ଭାବେ ରହିଛି। ସ୍ୱୟଂ ଭଗବାନ ଏହାର ରକ୍ଷକ ଥିବାରୁ ଏହା ଭିତରୁ ଚୋରି କରିବା ପାଇଁ ଚୋରଙ୍କ ପ୍ରୟାସ ବିଫଳ ହୋଇଛି। ପ୍ରତିବର୍ଷ ଜୁନ୍ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏଠାରେ ସରନହୁଲି ମେଳା ଆୟୋଜିତ ହୁଏ। ମଣ୍ଡି ସମେତ ହିମାଚଳପ୍ରଦେଶର ଅନ୍ୟ ଜିଲାର ବହୁ ଲୋକ ଏଥିରେ ସାମିଲ ହୋଇଥାନ୍ତି। ସ୍ଥାନୀୟ ଲୋକେ କମରୁନାଗ ଦେବତାଙ୍କୁ ବର୍ଷାର ଦେବତା ଭାବେ ପୂଜା କରିଥାନ୍ତି। ଏଥିପାଇଁ ହ୍ରଦ ପାର୍ଶ୍ୱରେ ଏକ ମନ୍ଦିର ନିର୍ମାଣ କରାଯାଇଛି। କମରୁନାଗ ମନ୍ଦିର ପାର୍ଶ୍ୱରେ ଥିବାରୁ ହ୍ରଦର ନାମ ସେହି ଅନୁସାରେ କାମରୁନାଗ ରଖାଯାଇଛି।

## ପ୍ରଦୂଷଣ ରୋକୁଛନ୍ତି ଗଣେଶ

**ଅକୋଲା:** ଗଣେଶ ବିସର୍ଜନ ଏବେ ଦେଶରେ ଧୁମଧାମରେ ଚାଲିଛି। ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରିବା ପରେ ଜଳ ପ୍ରଦୂଷଣ ବୃଦ୍ଧି ହେଉଥିବାରୁ ଏଥିପାଇଁ ସବୁ ସ୍ତରରେ ଚିନ୍ତାପ୍ରକଟ କରାଯାଉଛି। କିନ୍ତୁ ଏହି ସମସ୍ୟା ସମାଧାନ କରିବାର ବାଟ ଦେଖାଇଛନ୍ତି ମହାରାଷ୍ଟ୍ର ଅକୋଲର ଭଗତ ସିଂ ଗଣେଶ ଉତ୍ସବ ମଣ୍ଡପ। ଏଠାରେ ଗଣେଶଙ୍କ ପ୍ରତିମା ବିସର୍ଜନ କରାଯିବ ନାହିଁ। ଏହି ମୂର୍ତ୍ତିରେ ୨୧ ଲକ୍ଷ ଟଙ୍କାର ନୋଟ୍ ଲାଗିଛି। ୧୨ ଫୁଟ ଉଚ୍ଚାର ଏହି ପ୍ରତିମାରେ ୧ ଟଙ୍କାରୁ ଆରମ୍ଭ କରି ୧୦, ୧୦୦,୨୦୦,୫୦୦ ଓ ୨୦୦୦ ଟଙ୍କାର ଅସଲି ନୋଟ୍ ଲଗାଯାଇଛି।



# ରେଳଯାତ୍ରୀଙ୍କୁ ମାଟିପାତ୍ରରେ ମିଳିବ ଚା', ଜଳଖିଆ




**ନୂଆଦିଲ୍ଲୀ:** ଏଣିକି ରେଳଯାତ୍ରୀମାନଙ୍କୁ ମାଟି ପାତ୍ରରେ ଖାଦ୍ୟ, ପାନୀୟ ପରଷାଯିବ। ଦେଶର ୪୦୦ ରେଳଷ୍ଟେସନରେ ଯାତ୍ରୀଙ୍କୁ ମାଟି ନିର୍ମିତ ପାତ୍ରରେ ଖାଦ୍ୟ, ପାନୀୟ ଯୋଗାଇଦେବାକୁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଗୁରୁବାର ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ସୂଚନା ଦେଇଛି। ପ୍ରଧାନମନ୍ତ୍ରୀଙ୍କ ଅଭିଯାନ ଦେଶକୁ ଥରେ ମାତ୍ର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ମୁକ୍ତ କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। କେଭିଆଇସିର ଅଧ୍ୟକ୍ଷ ବିନୟ କୁମାର ସକ୍‌ସେନା ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ କୁମ୍ଭାରମାନଙ୍କୁ ୩୦ହଜାର ବିଦ୍ୟୁତ୍ ଚାଳିତ କୁମ୍ଭାର ଚକ(ଇଲେକ୍ଟ୍ରିକ୍ ପୋଟର୍ ହ୍ୱିଲ୍‌ସ୍) ଏବଂ ମାଟି ପାତ୍ରଗୁଡ଼ିକୁ ନଷ୍ଟ କରି ପୁନଃବ୍ୟବହାରଯୋଗ୍ୟ କରିବାକୁ ଗ୍ରାଇଣ୍ଡିଂ ମେଶିନ୍ ଯୋଗାଇଦିଆଯିବ। ତେବେ ଆସନ୍ତା ୧୫ଦିନ ମଧ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନା ଯେ, ଏହି ୩୦ହଜାର ବିଦ୍ୟୁତ୍ ଚାଳିତ କୁମ୍ଭାର ଚକ ମାଧ୍ୟମରେ ଦୈନିକ ୨କୋଟି ମାଟି ନିର୍ମିତ କପ୍, ଗ୍ଲାସ୍ ଓ ଅନ୍ୟାନ୍ୟ ପାତ୍ର ତିଆରି କରାଯାଇପାରିବ। ସୂଚନା ଥାଉ କି, ଚଳିତ ବର୍ଷ ଜାନୁୟାରୀରୁ ହିଁ ଉତ୍ତରପ୍ରଦେଶର ବାରାଣସୀ ଓ ରାୟବରେଲୀର ରେଳଷ୍ଟେସନଗୁଡ଼ିକରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଯାହା ଫଳରେ ପ୍ଲାଷ୍ଟିକ୍ ସମସ୍ୟାର କିଛି ମାତ୍ରାରେ ସମାଧାନ ସମ୍ଭବ ହୋଇଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ କେଭିଆଇସିର ଏହି ପ୍ରସ୍ତାବକୁ ସ୍ୱୀକାର କରି ରେଳୱେ ପକ୍ଷରୁ ନିଜର ବିଭିନ୍ନ ରେଳପଥଗୁଡ଼ିକର ମୁଖ୍ୟଙ୍କୁ ଏନେଇ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୩ର ପ୍ରମୁଖ ଘଟଣା

୧୯୪୮ ସେପ୍ଟେମ୍ବର ୧୩ରେ ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ବଲ୍ଲଭ ଭାଇ ପଟେଲ ହାଇଦ୍ରାବାଦକୁ ଭାରତରେ ମିଶାଇବା ଲାଗି ସେଠାକୁ ସେନା ପ୍ରେରଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ହାଇଦ୍ରାବାଦ ନିଜାମ ମିର ଓସ୍‌ମାନ ଅଲୀ ସ୍ୱାଧୀନ ଭାବେ ରହିବା ସହ ପାକିସ୍ତାନ ପଟକୁ ଢ଼ଳୁଥିବାବେଳେ ନେହେରୁ ଆଲୋଚନା କରିବା ଲାଗି ପ୍ରସ୍ତାବ ଦେଇଥିଲେ। ପଟେଲଙ୍କ ସେନା ପ୍ରେରଣ ଭାରତକୁ ସଫଳତା ଆଣି ଦେଇଥିଲା।

୨୦୦୮ ସେପ୍ଟେମ୍ବର ୧୩ରେ ଦିଲ୍ଲୀରେ ମାତ୍ର ୩୧ ମିନିଟ ମଧ୍ୟରେ ବିଭିନ୍ନ ସ୍ଥାନରେ ୫ଟି ବୋମା ବିସ୍ଫୋରଣ ହେବା ଫଳରେ ୩୦ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୧୦୦ ବ୍ୟକ୍ତି ଏଥିରେ ଆହତ ମଧ୍ୟ ହୋଇଥିଲେ। ପ୍ରଥମଟି ବ୍ୟସ୍ତବହୁଳ ଗଫର ବଜାରରେ ବିସ୍ଫୋରଣ କରାଯାଇଥିଲା। ପରେ କନ୍ନଟ୍ ପ୍ଲେସ୍, ଗ୍ରେଟର କୈଳାସ, ଇଣ୍ଡିଆ ଗେଟ୍, ପାର୍ଲାମେଣ୍ଟ ଷ୍ଟ୍ରିଟ୍‌ରେ କରାଯାଇଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବା ସହ କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୨ | ୨୩.୪ |
| ଚାନ୍ଦବାଲି | ୨୮.୪ | ୨୫.୪ |
| କଟକ | ୨୯.୦ | ୨୨.୫ |
| ପାରାଦ୍ୱୀପ | ୨୯.୦ | ୨୬.୩ |
| ଭୁବନେଶ୍ୱର | ୨୮.୯ | ୨୪.୦ |
| ଗୋପାଳପୁର | ୨୯.୮ | ୨୬.୩ |
| ପୁରୀ | ୩୦.୦ | ୨୬.୪ |
| ଅନୁଗୋଳ | ୨୮.୭ | ୨୧.୬ |
| ବାରିପଦା | ୨୬.୬ | ୨୫.୦ |
| ଝାରସୁଗୁଡ଼ା | ୨୭.୨ | ୨୪.୮ |
| କେନ୍ଦୁଝର | ୨୬.୪ | ୨୩.୫ |
| ସମ୍ବଲପୁର | ୨୮.୨ | ୨୪.୨ |
| ସୁନ୍ଦରଗଡ଼ | ୨୯.୦ | ୨୦.୦ |
| ହୀରାକୁଦ | ୨୭.୭ | ୨୬.୬ |
| ତାଳଚେର | ୩୦.୧ | ୨୪.୩ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୨୯.୫ | ୨୪.୫ |
| କୋରାପୁଟ | -- | ୨୦.୦ |
| ଫୁଲବାଣୀ | ୨୮.୫ | ୨୪.୦ |
| ଟିଟିଲାଗଡ଼ | ୩୧.୫ | ୨୨.୦ |
| ମାଲକାନଗିରି | ୨୬.୦ | -- |
| ସୋନପୁର | ୨୯.୨ | ୨୧.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## ତହସିଲଦାର ମାଗିଲେ ୨୫ହଜାର ଟଙ୍କା ଲାଞ୍ଚ

# ନିଜ ମଇଁଷିକୁ କାର୍‌ରେ ବାନ୍ଧିଲେ ଚାଷୀ




**ଭୋପାଳ:** ପ୍ରତିଦିନ ଦେଶର କୋଣାନୁକୋଣରୁ ଭ୍ରଷ୍ଟାଚାରର ଅଭିଯୋଗ ସାମ୍ନାକୁ ଆସୁଛି। ଏହି କ୍ରମରେ ମଧ୍ୟପ୍ରଦେଶର ବିଦିଶାସ୍ଥିତ ସିରୋଜ ଅଞ୍ଚଳରୁ ଚକିତ କରିଦେବା ଭଳି ଏକ ଖବର ସାମ୍ନାକୁ ଆସିଛି। ଜଣେ ତହସିଲଦାର ଲାଞ୍ଚ ମାଗିବାରୁ ଗରିବ ଚାଷୀ ନିଜ ମଇଁଶିକୁ ଲାଞ୍ଚ ବାବଦରେ ଦେଇ ତାଙ୍କ କାର୍‌ରେ ବାନ୍ଧି ଦେଇଛନ୍ତି। ଚାଷୀଙ୍କ ଏଭଳି ଅଭିନବ ପ୍ରୟାସ ଏବେ ସବୁଆଡ଼େ ଚର୍ଚ୍ଚାର ବିଷୟ ସାଜିଛି।

ଘଟଣାଟି ଏପରି, ଗରିବ ଚାଷୀ ଭୂପତ ରଘୁବଂଶୀ ଗତ କିଛି ମାସ ହେବ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଚିନ୍ତିତ ଥିଲେ। ସେ ନିଜ ଜମିର ନାମ ଚିହ୍ନ କରିବାକୁ ଆବେଦନ କରିଥିଲେ ମଧ୍ୟ ବିନା ଲାଞ୍ଚରେ ତାଙ୍କ କାମ ହୋଇପାରୁ ନ ଥିଲା। ତହସିଲଦାର ୨୫ହଜାର ଲାଞ୍ଚ ମାଗିବାରୁ ଜମି ନାମ ଚିହ୍ନଟ କାମ ଅଟକି ରହିଥିଲା। ଶେଷରେ ଅର୍ଥାଭାବରୁ ଗରିବ ଚାଷୀ ଭୂପତ ନିଜ ମଇଁଶିକୁ ନେଇ ଲାଞ୍ଚ ବାବଦରେ ତହସିଲଦାର ସିଦ୍ଧାନ୍ତ ସିଙ୍ଗ୍‌ଲାଙ୍କ କାର୍‌ରେ ବାନ୍ଧି ଦେଇଥିଲେ। ତେବେ ଏହି ଘଟଣାଟି ପ୍ରଘଟ ହେବାପରେ ମଧ୍ୟପ୍ରଦେଶ ଭାଜପା ଉପାଧ୍ୟକ୍ଷ ବିଜେଶ ଲୁନାୱତ ପ୍ରଥମେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟ୍ୟାଗ୍ କରିଦେଇଥିଲେ। ପରେ ପରେ ଘଟଣାଟି ସୋସିଆଲ ମିଡିଆରେ ଭାଇରାଲ ହେବାସହ ଅନେକ ନିନ୍ଦା କରାଯାଇଥିଲା।

### ଅନ୍ତିମ ଦିନରେ କାତାର ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

# 'ହାଇଡ୍ରୋକାର୍ବନ ସମ୍ପର୍କ ମଜଭୁତ ହେବ'

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ବିଭିନ୍ନ କ୍ଷେତ୍ର ବିଶେଷଭାବେ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଭାରତ ଓ କାତାର ମଧ୍ୟରେ ପାରସ୍ପରିକ ସହଯୋଗକୁ ମଜଭୁତ କରିବା ପାଇଁ ଭାରତ ପ୍ରୟାସ ଆରମ୍ଭ କରିଛି। କାତାର ପ୍ରଧାନମନ୍ତ୍ରୀ ଏନେଇ ସମ୍ମତି ଜଣାଇବା ଫଳରେ ବର୍ତ୍ତମାନ ଭାରତ ଓ କାତାର ମଧ୍ୟରେ ହାଇଡ୍ରୋକାର୍ବନ ସମ୍ପର୍କ ଆହୁରି ମଜଭୁତ ହେବ ବୋଲି ପାଞ୍ଚଦିନିଆ ତ୍ରିରାଷ୍ଟ୍ରୀୟ ବିଦେଶ ଗସ୍ତରେ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କାତାର ପ୍ରଧାନମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ନାଜିର୍ ବିନ୍‌ଙ୍କ ସହ ଆଲୋଚନା ପରେ ଧର୍ମେନ୍ଦ୍ର ଏହା କହିଛନ୍ତି। କାତାର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କାଳରେ ଦୁଇଦେଶ କ୍ରେତା-ବିକ୍ରେତା ସମ୍ପର୍କ ମାଧ୍ୟମରେ ହାଇଡ୍ରୋକାର୍ବନ କ୍ଷେତ୍ର ସମ୍ବନ୍ଧିତ କାର୍ଯ୍ୟକୁ ବୃଦ୍ଧି କରିବା ଦିଗରେ ଆଲୋଚନା କରିଛନ୍ତି। ଭାରତରେ ବୃଦ୍ଧି ପାଉଥିବା ଗ୍ୟାସ ଭିତ୍ତିଭୂମି ଉପରେ କାତାରର ପୁଞ୍ଜିନିବେଶ କରିବା ଦିଗରେ ଗୁରୁତ୍ୱାରୋପ କରିବା ସହ ସେଠାରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଭାରତୀୟ କମ୍ପାନୀର ଭାଗୀଦାରି ଉପରେ ମଧ୍ୟ ଆଲୋଚନା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ସେଠାକାର ଅନ୍ୟ ପ୍ରତିନିଧିମାନଙ୍କୁ ଭେଟି ଆଲୋଚନା କରିଛନ୍ତି। କାତାର ଶକ୍ତିମନ୍ତ୍ରୀ ତଥା ପେଟ୍ରୋଲିୟମ ବିଭାଗର ଅଧ୍ୟକ୍ଷ ସାଦ୍ ଶେରୀଦା ଅଲ୍‌କାବୀଙ୍କୁ ଭେଟି ଭାରତ ଓ କାତାର ମଧ୍ୟରେ ହାଇଡ୍ରୋକାର୍ବନ କ୍ଷେତ୍ରକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଭାରତ ପାଇଁ ଦୀର୍ଘ ସମୟ ଧରି କାତାର ଉର୍ଜା କ୍ଷେତ୍ରରେ ସହଯୋଗୀ ହୋଇରହିଛି। ଏହାସହ ଭାରତକୁ ଏଲ୍‌ଏନ୍‌ଜି ଏବଂ ଏଲପିଜି ଯୋଗାଣ କରିବାରେ କାତାର ସର୍ବବୃହତ ଦେଶ ବୋଲି ବୈଠକ ପରେ ଧର୍ମେନ୍ଦ୍ର କହିଛନ୍ତି। କାତାରଠାରୁ ଏଲଏନଜି କ୍ରୟ କରିବା ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିବା ଜଣାପଡିଛି। ହାଇଡ୍ରୋକାର୍ବନ କ୍ଷେତ୍ରରେ କ୍ରେତା-ବିକ୍ରେତା ସମ୍ବନ୍ଧରେ କାର୍ଯ୍ୟ କରିବା ନେଇ ଉଭୟ ମନ୍ତ୍ରୀ ସହମତି ଜଣାଇଛନ୍ତି। ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରିବା ଲାଗି କେନ୍ଦ୍ରମନ୍ତ୍ରୀ କାତାରର ସହଯୋଗ ଲୋଡିଛନ୍ତି। ଏହାବ୍ୟତୀତ ଗ୍ୟାସ ରପ୍ତାନି ଦେଶ ଫୋରମ(ଜିଇସିଏଫ୍)ର ସାଧାରଣ ସଚିବଙ୍କ ସହ ଅନ୍ତଃରାଷ୍ଟ୍ରୀୟ ଗ୍ୟାସ ବଜାରର ସ୍ଥିତି ଏବଂ ଉର୍ଜା ଉପରେ ଆଲୋଚନା କରିଥିଲେ। ଭାରତରେ ଗ୍ୟାସ ବଜାରରେ ଅଧିକ ଅନୁଧ୍ୟାନ କରିବା ପାଇଁ ଧର୍ମେନ୍ଦ୍ର ଜିଇସିଏଫ୍‌ର ସହଯୋଗ ଲୋଡିଛନ୍ତି।



କତାର ପ୍ରଧାନମନ୍ତ୍ରୀ ଶେଖ୍ ଅବଦୁଲା ବିନ୍ ନାଜିର୍ ବିନ୍‌ଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଲୋଚନା।

# ହୀରାକୁଦ ଡ୍ୟାମର ୫ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୧୨।୯ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ୫ଟି ଗେଟରୁ ଗୁରୁବାର ବନ୍ୟାଜଳ ନିଷ୍କାସନ କରାଯାଇଛି । ରାତି ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୧ଲକ୍ଷ ୧ ହଜାର ୮୯୨ କ୍ୟୁସେକ ପାଣି ଡ୍ୟାମରୁ ନିଷ୍କାସନ ହେଉଥିବାବେଳେ ପ୍ରତି ସେକେଣ୍ଡରେ ଡ୍ୟାମକୁ ୨ଲକ୍ଷ ୪୮ ହଜାର ୧୨ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୮ ହଜାର ୨୭୬ କ୍ୟୁସେକ, ବିଭିନ୍ନ କେନାଲରେ ୨ହଜାର ୩୩୬ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୨୧ ହଜାର, ପର୍ଥଲାରେ ୯୬ ହଜାର ୧୦୦, ଖଇରମାଲରେ ୨ଲକ୍ଷ ୧୦ ହଜାର, ବଡମୂଳରେ ୨ଲକ୍ଷ ୯୩ ହଜାର ଓ ମୁଣ୍ଡଳିରେ ୫ଲକ୍ଷ ୩୦ ହଜାର ୬୨୯ କ୍ୟୁସେକ ଜଳ ପ୍ରବାହିତ ହେଉଛି । ଡ୍ୟାମରେ ଜଳସ୍ତର ୬୨୭. ୨୭ ଫୁଟ ରହିଛି।

# 'ଖାଲି ପିଲି'ରେ ଅନନ୍ୟା ପାଣ୍ଡେ

ମୁମ୍ବାଇ: ଇଶାନ୍ ଓ ଅନନ୍ୟା ପାଣ୍ଡେ ଅଭିନୀତ ଫିଲ୍ମ 'ଖାଲି ପିଲି'ର ଶୁଟିଂ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଘୋଷଣା କରି ଫିଲ୍ମର ସଫଳତା ନେଇ ନିର୍ମାତା ଅଲି ଆବାସ୍ ଜାଫର୍ ବେଶ୍ ଆଶାବାଦୀ ଥିବା କହିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଖବର ସେ ଶେୟାର୍ କରିଥିବା କହିଛନ୍ତି। ମକ୍‌ବୁଲ ଖାନ୍ ନିର୍ଦ୍ଦେଶିତ ଓ ଅଲି ଆବାସ ଜାଫର୍ ପ୍ରଯୋଜିତ ଏହି ଫିଲ୍ମରେ ଅନନ୍ୟାଙ୍କ ଅଭିନୟ ଲୋକଙ୍କ ମନ ଜିଣିବ ବୋଲି କୁହାଯାଇଛି। 'ସୁଲ୍‌ତାନ', 'ଟାଇଗର୍ ଜିନ୍ଦା ହୈ' ଓ 'ଭାରତ' ଭଳି ହିଟ୍ ଫିଲ୍ମ ଦେଇଥିବା ଅଲି ଜି ଷ୍ଟୁଡିଓ ସହ ହାତ ମିଳାଇ ଫିଲ୍ମକୁ ଆଗେଇ ନେଇଛନ୍ତି। ଏହି ଫିଲ୍ମରେ ଜୟଦୀପ ଅହ୍ଲାୱତ୍ ମଧ୍ୟ ଅଭିନୟ କରୁଛନ୍ତି। ୨୦୨୦ ଜୁନ୍ ୧୨ରେ ଏହି ଫିଲ୍ମଟି ମୁକ୍ତିଲାଭ କରିବ ବୋଲି କୁହାଯାଇଛି।



ପସନ୍ଦର ଖାଇବା କରି ନ ଥିବାରୁ ରାଗିଗଲେ ଯୁବକ

# ମା'ଙ୍କୁ କୋଦାଳରେ ପିଟି ହତ୍ୟା

କୋରାପୁଟ,୧୨।୯(ସ୍ୱ.ପ୍ର.): କ୍ରୋଧ ବ୍ରହ୍ମ ଚଣ୍ଡାଳ। ଏହି କ୍ରୋଧର ବଶବର୍ତ୍ତୀ ହୋଇ ଜଣେ ଯୁବକ ମା' ପସନ୍ଦ ମୁତାବକ ଖାଇବା କରି ନଥିବାରୁ ତାଙ୍କୁ କୋଦାଳରେ ପିଟି ହତ୍ୟା କରିଛନ୍ତି। କୋରାପୁଟ ସହରର ଓଏମ୍‌ପି ନିକଟବର୍ତ୍ତୀ ସୁନାପୁର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ କାଣ୍ଡ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ସୁନାପୁର ଅଞ୍ଚଳରେ ରହୁଥିବା ମନୋଜ ପରଜା (୨୫) ବୁଧବାର ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ପସନ୍ଦର ଖାଦ୍ୟ ହୋଇ ନ ଥିବାରୁ ସେ ନିଜ ମାଆ ଓ ବାପାଙ୍କୁ ଗାଳି କରିଥିଲେ। ଏଥିରୁ ପାଟିତୁଣ୍ଡ ଆରମ୍ଭ ହୋଇ ଉଗ୍ରରୂପ ନେବା ପରେ ମନୋଜ ଉତ୍ତ୍ୟକ୍ତ ହୋଇ କୋଦାଳରେ ମାଆଙ୍କୁ ପିଟିପିଟି ମାରି ଦେଇଥିଲେ। ଘରେ ମା' ଡମୁଣୀ ପରଜାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ଗୁରୁବାର ସକାଳୁ କୋରାପୁଟ ଟାଉନଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି। କୋରାପୁଟ ଟାଉନ ଥାନା ପୋଲିସ ସନ୍ଧ୍ୟାରେ ହତ୍ୟା ଅଭିଯୁକ୍ତ ମନୋଜଙ୍କୁ ଗିରଫ କରି ଏକ ହତ୍ୟା ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।


**ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME**
(ST & SC Development Department), SOURA DEVELOPMENT AGENCY, CHANDRAGIRI
Letter No.499 **TENDER CALL NOTICE** Date : 10.09.2019
Sealed tenders are invited from authorized suppliers for supply of office appliance meant for OPELIP, SDA, Chandragiri, Gajapati. The eligible Suppliers may visit the set of terms and condition of contract and other necessary documents in the website www.opelip.org and www. gajapati.nic.in. 1. Name of the works: Supply of office appliance meant for OPELIP, SDA, Chandragiri, Gajapati. Total cost : Rs. 740000/-( Seven Lakhs Forty Thousand) only., 2. Nature of work:- Supply of office appliance, 3. Date and time of availability of BID: 10.09.2019 to 23.09.2019 (During office hour), 4. Last date & time for receipt of BIDs : On or before 24.09.2019 at 4.00 PM at SDA, Chandragiri., 5. BIDs received shall be opened on: 11.00 AM 25.09.2019 in the office of Project Administrator, ITDA, Paralakhemundi., 6. Name and address of the officer: Special Officer, OPELIP, SDA, Chandragiri., 7. Bidders are strictly instructed to submit their bid through i.e hard copy by registered post/speed post only. Sealed bid must be delivered on or before 24.09.2019 at 4.00 PM at office of the Special Officer, OPELIP, SDA, Chandragiri. The Special Officer reserves the right to accept or reject any or all bid without assigning any reason thereof. **Sd./- Special Officer, OPELIP, SDA, Chandragiri**

**OFFICE OF THE PURI MUNICIPALITY, PURI**
**Phone : 06752-222122, e-mail : purim.hud@nic.in**
**No. 7411/ Dt. 12.09.2019**
Sealed quotations are invited from the intending agencies / firms having experience in sanitation activities for "Management & maintenance of cleaning activity at Swargadwar as per the terms & conditions available in the website : www.purimunicipality.nic.in
The quotation paper along with terms and conditions shall be submitted to the Office of the Executive Officer, Puri Municipality, Puri on or before 23.09.2019 at 5P.M. through Speed post / Regd. Post only.
The authority reserves the right to reject any or all the tenders without assigning any reason thereof.
**Sd./- Executive Officer, Puri Municipality, Puri**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No.HO/CIV/T&E/E/4481/01/2019/15679 Date : 11.09.2019
**EXPRESSION OF INTEREST**
Expression of Interest is invited from renowed Architects for rendering Architectural Planning & Design Services for Up gradation of existing Govt. ITI at Barbil.
Interested Architectural firms can see the detail EOI notice in our website **www.idco.in** (Tender / EOI / RFP others) The Bid Document can be downloaded from the above website from **16.09.2019**. The Technical bid will be opened on **01.10.2019**.
For Details EOI notice and future corrigendum (if any) please visit our website **www.idco.in** (Tender/Quotation) - EOI/RFP/OTHER. For the Corrigendum Notice (if any), please visit the above website.
**Sd/- Chief General Manager (Civil), IDCO, Bhubaneswar**

**OFFICE OF THE PROJECT ADMINISTRATOR, ITDA, BARIPADA**
**e-Procurement Bid Identification No. ITDABPD-01/2019-20**
**Notice No.- 3370/ITDA** **Dt.11.09.19**
No.: CAD-380: The Project Administrator, ITDA, Baripada on behalf of Governor of Odisha invites Percentage Rate Bids through e-procurement to be received in online mode only for the works as details in the table below.
1. Nature of the Work : Construction of Producer Group Working Shed
2. Total No. of Work : 01 (One)
3. Estimated Cost : 30.00 Lakhs
4. Class of Contractor : "C" & "B" Class
5. Period of Completion : Six Calendar Months
6. Other details :

| Name of the Procurement Officer | Bid Identification No. | Online availability of Bid | Last date of Receipt of Bid Online | Date of Opening of Bid |
|---|---|---|---|---|
| Project Administrator, ITDA, Baripada | ITDABPD-01/2019-20 | From 10.00 A.M. of 16.09.2019 to 5.00 P.M. of 26.09.2019 | Till 5.00 P.M. of 26.09.2019 | On 11.00 A.M. on 27.09.2019 |

7. The bid documents will be available in the website **https://tendersodisha.gov.in** from 16.09.2019, 10.00 A.M. to 26.09.2019 upto 5.00 P.M.
8. The bidder must possess compatible Digital Signature Certificate (DSC) of Class-II or Class-III.
9. Bids received online shall be opened in the Office of the Project Administrator, ITDA, Baripada, **Ph. No./ Fax No.- 06792-260250**.
10. Other details can be seen in the bidding documents.
11. Any addendum/corrigendum/cancellation of above tender will be published in the website **https://tendersodisha.gov.in** and in the notice board.
26033/11/0004/1920 **Sd./- Project Administrator, ITDA, Baripada**

**GOVERNMENT OF ODISHA** **E-mail: serw_kpd@yahoo.com**
**OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA-JAJPUR**
**No.: Tender Online RCK-21/19** **Letter No.- 1818** **Date: 12.09.2019**
**No.: 345-O**
**e-Procurement NOTICE**
1. Name of the Work : Construction of Roads & CD works including maintenance for 5 years under **PMGSY-II Batch-I (2018-19) and PMGSY (2018-19) Batch-I** packages in the District of Kendrapara and Jajpur.
2. Class of Contractor : As specified in the Column - 10 of the Annexure.
3. Time for Completion : As specified in the Column - 08 of the Annexure.
4. Estimated Cost : As per annexure Column - 7 attached.
5. Detail Projects : As per annexure attached
6. Other Details :

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rual Works Circle, Kendrapara-Jajpur | Tender Online RCK-21/19 | 20.09.2019 at 11.00 A.M. | 11.10.2019 upto 5.00 P.M. | 09.10.2019 upto 2.00 P.M. | 17.10.2019 at 11.30 A.M. | Will be intimated later |

The Original EMD & DD towards paper cost and affidavit regarding correctness of information furnished with Bid documents shall be physically furnished by the bidder in original before the concerned Division/Circle offices within the specified period as mentioned in the NIT, otherwise his bid will be treated as invalid and rejected. Further details can be seen from the website **www.pmgsytenders.gov.in**.
25129/11/0008/1920 **Sd./- Superintending Engineer, Rural Works Circle, Kendrapara-Jajpur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B)**
**NIRMAN SOUDHA, PHASE-II, 2ND FLOOR, BHUBANESWAR**
**Mail i.d.: seccbbsr@gmail.com**
**E-Procurement Tender Call Notice No. 4 of 2019-20**
**No.: 2540 (Estg.) Bhubaneswar the 11th Sept. 2019**
No.: 170-B: The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for one number of composite building work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 19.09.2019 to 5.00 P.M. of 03.10.2019. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 04.10.2019 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal **www.tendersorissa.gov.in**
Addendum/Corrigendum, if required, will be available only in the website.
**Sd./- Er. R.K. Sahu, Superintending Engineer, Central Circle (R&B) Bhubaneswar**
34005/11/0003/1920

**OFFICE OF THE CHIEF DISTRICT MEDICAL OFFICER, KALAHANDI**
**(DISTRICT PROGRAMME MANAGEMENT UNIT)**
**PHONE/FAX: 06670-230998, EMAIL: dpmukalahandi@gmail.com**
**ZILLA SWASTHYA SAMITI, KALAHANDI**
**Adv. No.: 2365/DPMU/NHM/19** **Date: 12.09.2019**
**QUOTATION CALL NOTICE FOR HIRING OF VEHICLE**
No.: 326-E: Sealed quotations are invited from the interested Firm/Agency/Parties/Tour Operators for hiring of vehicle (Bolero/Scorpio etc.) for DPMU-NHM, Kalahandi on monthly basis (2 Nos.). Details eligibility criteria, TOR, format for submission of bid etc. are available in district office/DPMU-NHM, Kalahandi during office hour.
Interested firm/agency/parties/tour operators may apply to the undersigned in the prescribed format with required documents for engagement of vehicle on monthly basis to DPMU-NHM, Kalahandi. The last date of submission of application is 20.09.2019 upto 5.00 P.M. only. Incomplete/delay receipt proposals will be rejected. The district authority having the right to cancel/reject all or any proposals without assigning any reason thereof.
**Sd./- Chief District Medical Officer, Kalahandi**
10076/11/0007/1920

**ZILLA SWASTHYA SAMITI, KANDHAMAL**
**Office of the CDMO & PHO- cum- Dist. Mission Director, Kandhamal, Odisha- 762001**
**Advt. No.10564/NHM/19** **Dt : 12.09.2019**
**TENDER CALL NOTICE**
Sealed tenders are invited from the interested eligible bidders for providing food for various trainings, meetings & Contingency items to ZSS, Kandhamal. The eligible criteria, the terms of reference and the formats for submission of bid as set forth in tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD & document as per tender notice. The eligible bidders may submit their tender papers on or before 25.09.2019 by 05.00 P.M. through Registered Post Speed Post/Courier only to the undersigned. The tender documents will be opened on the next day i.e. 26.09.2019 at 11.00 A.M. in the office chamber of the undersigned in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof.
**Sd./- CDM & Public Health Officer Kandhamal**

**NOTIFIED AREA COUNCIL, PATNAGARH**
**"e" - Procurement Notice**
**BID REFERENCE NAC (PTG) NO. 01/2019-20**
**TENDER CALL NOTICE NO. 1676/DT. 12.09.2019**
1. Name of the Work : Civil construction work as mentioned in website.
2. No. of Works : 1 No.
3. Bid Value : Rs.44,56,409/-
4. Period of Completion : 45 Days
5. Date & time of availability of the bid documents in the portal : From Dt.12.09.2019 at 5.00 P.M. to Dt.24.09.2019 upto 5.00 P.M.
6. Last date/time for receipt of bids in the portal : Dt. 24.09.2019 upto 5.00 P.M.
7. Last date and time of receiving the original documents through : Dropping in Box/Regd. Post/ Speed Post from Dt. 25.09.2019 to Dt.26.09.2019 upto 5.00 P.M.
8. Bids receipt online shall be opened : On Dt.27.09.2019 at 11.00 A.M.
9. Name & address of the Officer Inviting Bid : Executive Officer, N.A.C., Patnagarh
10. Further details can be seen from the procurement portal: **www.tendersorissa.gov.in**.
**Sd./- Executive Officer N.A.C., Patnagarh**

**ODISHA RURAL DEVELOPMENT & MARKETING SOCIETY (ORMAS), GANJAM**
**Notice No.377/ORMAS** **Date: 12.09.2019**
**TENDER CALL NOTICE**
Sealed tenders are invited by **Odisha Rural Development & Marketing Society (ORMAS), Ganjam,** from interested reputed printing press/parties for printing & installation of Hoardings at the block offices of Ganjam District and printing of Sun boards, Success story Booklets, Resource books, Application forms, Banners, Pamphlets and Tool Kits for DDU-GKY Campaign. The detailed tender document may be downloaded from the district website www.ganjam.nic.in.
The last date of receiving the tender is 25.09.2019 by 3:00 P.M.
The tender will be opened at 4:00 PM on 25.09.2019. The undersigned reserves the right to reject any or all the tenders without assigning any reason thereof.
**Sd./- Dy. Chief Executive Officer ORMAS, Ganjam**

**ବିଜ୍ଞାପନ**
No.: 19-RR: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୨୦୧୯-୨୦ ଆର୍ଥିକ ବର୍ଷରେ ଗ୍ରନ୍ଥାଗାର ପାଇଁ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଚାହୁଁଅଛି। ପୁସ୍ତକ ଓ ପତ୍ରିକାଗୁଡ଼ିକ ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଚାରୁକଳା ଓ ସ୍ଥାପତ୍ୟ, ଇତିହାସ, ହିନ୍ଦୁଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ, ଓଡ଼ିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ, ଇଂରାଜୀ ସାହିତ୍ୟ, କଳାତ୍ମକ ଛବିର ଅଧ୍ୟୟନ, ସଂଗ୍ରହାଳୟ ସମ୍ବନ୍ଧୀୟ ପୁସ୍ତକ, ପୁରାଣ ଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ତାଳପତ୍ର ପୋଥି, ଜଗନ୍ନାଥ ସଂସ୍କୃତି, ଭୌଗୋଳିକ ସୂଚୀପତ୍ର ଉପରେ ପର୍ଯ୍ୟବସିତ ହୋଇଥିବା ଆବଶ୍ୟକ। ଇଚ୍ଛୁକ ପ୍ରକାଶକ/ପୁସ୍ତକ ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଅଛି କି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୂତନ ପୁସ୍ତକ ତାଲିକା/ନମୁନା ପଇଠ କରିବେ। ପ୍ରକାଶକ, ପ୍ରକାଶନ ସମୟ ଓ ରିହାତିର ପ୍ରତିଶତ ଉଲ୍ଲେଖ ରହିବା ଆବଶ୍ୟକ।
ସ୍ୱା./- ଅଧୀକ୍ଷକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର
03015/11/0002/1920

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: 21002/ଭୁ.ଉ.କ., ଭୁବନେଶ୍ୱର ତା.07.09.2019ରିଖ
MB - 6/78
**ନୋଟିସ୍**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନୟାପଲ୍ଲୀ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ.MB-28 କୁ ଶ୍ରୀ ଜି.ଭେଙ୍କେଟେଶ୍ୱର ରାଓ, ପିତା-ସ୍ୱର୍ଗତ ଜି. ନାରାୟଣ ମୁର୍ତ୍ତି, ଗ୍ରାମ/ପୋଅ/ଥାନା-ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଜି.ଭେଙ୍କେଟେଶ୍ୱର ରାଓ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମେନକା ସିଂହ, ସ୍ୱାମୀ-ସନ୍ତୋଷ କୁମାର ସିଂହ, ଗ୍ରାମ/ପୋଅ-ଲଳିତଗିରି, ଥାନ-ମାହାଙ୍ଗା, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ODISHA UNIVERSITY OF AGRICULTURE & TECHNOLOGY**
**Bhubaneswar-751003, Odisha**
**Website: www.ouat.nic.in E-Mail: registrarouat@gmail.com**
**Tele Phone - 0674-2397424, Fax: 0674-2397424**
**F. No.EII-I-11/2018/15095/UAT, Dated : 12.09.19**
**INDICATIVE ADVERTISEMENT**
Applications are invited from the eligible candidates for the following post under this University in the prescribed form. The retired persons in the rank of Professor/equivalent fulfilling the required eligibility may also apply for the said position.

| Sl. No. | Name of the Post | Number of vacancy |
|---|---|---|
| 1 | 2 | 3 |
| 1 | Professor, BPCL Bio-fuel Chair | 01 |

The prescribed application form, information sheet containing the details of qualification, experience, scale of pay and other required conditions in respect of the above post, general information and instruction to the candidates can be downloaded from the OUAT website: ouat.nic.in. The application form complete in all respect along with self attested, copies of all certificates, mark sheets of all examination passed, experience certificate and research publications in the field is to be- sent by Speed Post/ Registered Post to the Registrar, OUAT, Bhubaneswar-751003 within the last date of application i.e. on 10.10.2019 at 5.00 P.M. The candidates, who had applied in response to the Advertisement No.15055 dt.05.07.2018, need not apply again. Their cases will be considered along with fresh applicants.
**By order of the Vice-Chancellor Sd./- S. Devi, 12.09.2019 REGISTRAR**

**Government of Odisha**
**PARLIAMENTARY AFFAIRS DEPARTMENT**
**No. 6512 / PAD** **Dated: 11.09.2019**
**ME/4 - 30/2014 (29321600502014)**
**TENDER CALL NOTICE**
No.: 05-QQ: Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Godrej make Office furniture's (such as- EncardoAnnexe3StrSlthrCappuccino sofa set- 2 nos., Carbo sofa set- 1 no.) for official use in the Parliamentary Affairs Department(o/o ministers).
The intending firms/suppliers should have Govt. registered/ proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.
The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the tenderers whose tenders are not accepted. The Tenders should reach the undersigned by 19.09.2019 up to 12.30 P.M. at the latest and shall be opened on the same day at 01:00 P.M. in the presence of tenderers or their authorized representatives.
The authority reserves the right to reject all or any Tender/ Tenders without assigning any reason thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted tender will be valid for one year i.e. 18.09.2020.
42001/11/0006/1920 **Joint Secretary to Government**



ନିର୍ମଳ କୁମାର ମିଶ୍ର



# ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ

**ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଟେନିସ୍ ଶେଷ ହୋଇଛି। ଟୁର୍ନାମେଣ୍ଟର ଏହି ୧୩୯ତମ ସଂସ୍କରଣରେ ସ୍ପେନର ରାଫାଲ ନାଡାଲ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି । ମହିଳା ସିଙ୍ଗଲ୍ସ ଫାଇନାଲରେ ପରାସ୍ତ ହୋଇ ସେରେନା ୱିଲିୟମ୍ସ ବିଶ୍ୱ ରେକର୍ଡର ସମକକ୍ଷ ହେବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି।**

ଚଳିତ ବର୍ଷ ୨୦୧୯ର ସମସ୍ତ ୪ଟି ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ନାମେଣ୍ଟର ସଫଳ ପରିସମାପ୍ତି ଘଟିଛି। ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଛି। ୧୮୮୧ ମସିହାରେ ପ୍ରତିଷ୍ଠିତ ଏବଂ ୧୩୮ ବର୍ଷରେ ପଦାର୍ପଣ କରିଥିବା ବିଶ୍ୱର ଏହି ସର୍ବପୁରାତନ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟର ୧୩୯ ତମ ସଂସ୍କରଣର ସଫଳ ପରିସମାପ୍ତି ଘଟିଛି। ଗ୍ରାସ୍‌କୋର୍ଟରୁ ଆରମ୍ଭ ହୋଇଥିବା ଏହି ମେଗା ଟେନିସ୍ ପ୍ରତିଯୋଗିତା ମାତ୍ର ୨ଟି ସଂସ୍କରଣ ପାଇଁ କ୍ଲେ କୋର୍ଟରେ ଖେଳାଯାଇଥିବାବେଳେ ୧୯୭୮ ମସିହାରୁ ଆଉଟ୍ ଡୋର ହାର୍ଡକୋର୍ଟରେ ଖେଳାଯାଇଆସୁଛି। ୧୯୮୭ ମସିହାରୁ ବର୍ଷର ୪ର୍ଥ ଗ୍ରାଣ୍ଡସ୍ଲାମ୍ ରୂପେ ୟୁଏସ୍ ଓପନ୍ ଅଷ୍ଟ୍ରେଲିଆନ ଓପନ୍, ଫ୍ରେଞ୍ଚ୍ ଓପନ୍ ଏବଂ ୱିମ୍ବଲଡନ୍ ଟେନିସ୍ ପରେ ଖେଳାଯାଇଆସୁଛି। ଲୋକପ୍ରିୟତାର ଶୀର୍ଷରେ ଥିବା ଏହି ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟର ୧୩୯ ତମ ସଂସ୍କରଣ ଅଗଷ୍ଟ ମାସ ୨୬ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ମାସ ୮ତାରିଖରେ ସମାପ୍ତ ହୋଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ୍ ଏବଂ ୟୁଏସ୍ ଟେନିସ୍ ଆସୋସିଏଶନ୍ ଦ୍ୱାରା ନ୍ୟୁୟର୍କ ସିଟିର ନ୍ୟାଶନାଲ ଟେନିସ୍ ସେଣ୍ଟର ୧୪ଟି ଡୋକୋ ହାର୍ଡ କୋର୍ଟରେ ଟୁର୍ନାମେଣ୍ଟର ବିଭିନ୍ନ ବର୍ଗର ମ୍ୟାଚ ଖେଳାଯାଉଥିବା ବେଳେ ୫୭ ମିଲିୟନ ଆମେରିକୀୟ ଡଲାରର ପୁରସ୍କାର ରାଶି ଟେନିସ୍ ଜଗତର ଉଭୟ ମହିଳା ଏବଂ ପୁରୁଷ ବିଭାଗର ନାମୀଦାମୀ ଖେଳାଳିମାନଙ୍କୁ ଆକର୍ଷିତ କରିଥିଲା। ଉଭୟ ମହିଳା ଏବଂ ପୁରୁଷ ବିଭାଗରେ ବିଶ୍ୱର ଟେନିସ୍ ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଅନେକ ର୍ୟାଙ୍କିଙ୍ଗ ଖେଳାଳି ଶେଷ ମୁହୂର୍ତ୍ତରେ ଏହି ଶ୍ରେଷ୍ଠ ପ୍ରତିଯୋଗିତାରୁ ବ୍ୟକ୍ତିଗତ କାରଣ ଯୋଗୁ ଓହରି ଯାଇଥିଲେ। ମାତ୍ର ତାହାର ପ୍ରଭାବ ଆଦୌ ଟୁର୍ନାମେଣ୍ଟର ଗ୍ଲାମରକୁ ପ୍ରଭାବିତ କରି ନ ଥିଲା। ବିଶ୍ୱର ଯେଉଁ ଶ୍ରେଷ୍ଠ ଟେନିସ୍ ଖେଳାଳିମାନଙ୍କ ଚଳିତ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍‌ରେ ସମାଗମ ହୋଇଥିଲା ସେମାନଙ୍କ ମଧ୍ୟରେ ଥିଲେ ନୋଭାକ ଜୋକୋଭିଚ୍, ରାଫାଲ ନାଡାଲ୍, ରୋଜର ଫେଡେରର, ଡୋମିନିକ୍ ଥିମ୍, ଡାନିଲ ମେଡ୍‌ଡେଡେଭ, ଏଡ୍‌ମଣ୍ଡ କାଇଲ, ଡଙ୍ଗ୍ ଚେନ୍, ଗ୍ରିଗୋର ଡିମିଟ୍ରୋଭ୍, ଡି.ଏନ୍. ଗାବ୍ରିଏଲ୍, ଫାବିଆନୋ ଥୋମାସ୍, ଡାରସିସ୍ ଷ୍ଟିଭ, ଡାନିଏଲ୍ ମାର୍କସ୍, ବର୍ନା କୋରିକ। ସେହିପରି ମହିଳା ବିଭାଗରେ ନାଓମି ଓସାକା, ଆଶଲେ ବାର୍ଟି, କାରୋଲିନା ପ୍ଲିସ୍କୋଭା, ସିମୋନା ହାଲେପ୍, ଏଲିନା ଭିଟୋଲିନା, ସେରେନା ୱିଲିୟମ୍ସ, ମାଡିସନ୍ କେଜ। ୟୁଏସ୍ ଓପନ୍‌ରେ ଏଥର ଭାରତୀୟ ଟେନିସ୍ ଖେଳାଳିଙ୍କ ଚମକ ଦେଖିବାକୁ ମିଳିନାହିଁ। ଭାରତର ସୁମିତ ନାଗାଲ ଓ ପ୍ରଜନେସ ଗୁଣେଶ୍ୱରନ ଖେଳିଥିଲେ ମଧ୍ୟ ପୁରୁଷ ସିଙ୍ଗିଲ୍ସ ପ୍ରଥମ ରାଉଣ୍ଡ ପାର କରି ନଥିଲେ। ପୁରୁଷ ବିଭାଗର ଏଥର ଜୋକୋଭିଚ୍ ନାଡାଲ ଏବଂ ଫେଡେରର ଟାଇଟଲ୍ ଦୌଡ଼ରେ ରହିଥିଲେ। ମହିଳା ସିଙ୍ଗଲସ୍‌ରେ ନାଓମି ଓସାକା, ସେରେନା ୱିଲିୟମସ, ଏଲିନା ଭିଟୋଲିନା, ସିମୋନା ହାଲେପ୍, କାରୋଲିନା ପ୍ଲିସ୍କୋଭା ଓ ଆଲେକ୍ସ ବାର୍ଟିଙ୍କ ପରି ଟାଇଟଲ ଦୃଢ ଦାବିଦାର ଖେଳାଳିମାନେ ରହିଥିଲେ। ମାତ୍ର ଅଧିକାଂଶ ଖେଳାଳିଙ୍କ ଫିଟନେସ୍ ସମସ୍ୟା ଯୋଗୁଁ ଅସୁବିଧାରେ ରହିଥିବାର ଦେଖାଯାଇଥିଲା।

ମାତ୍ର ଚଳିତ ୟୁଏସ୍ ଗ୍ରାଣ୍ଡସ୍ଲାମ୍‌ରେ ଅନେକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅନେକ ଅଭିଜ୍ଞ ପୁରୁଷ ଏବଂ ମହିଳା ଖେଳାଳି ଫିଟ୍‌ନେସ୍ ସମସ୍ୟା ଯୋଗୁ ଅସୁବିଧାରେ ରହିଥିବାବେଳେ ତାହାର ସୁଯୋଗ ଅନେକ ଯୁବ ଖେଳାଳି ନେବାର ସମ୍ଭାବନା ଯାହା ରହିଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି। ମହିଳା ସିଙ୍ଗଲ୍ସ ଫାଇନାଲରେ କାନାଡାର ୧୯ ବର୍ଷୀୟା ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ଐତିହାସିକ ସଫଳତା ମିଳିବା ସହିତ ଏହି ଚାମ୍ପିୟନ ମୁକୁଟ ପିନ୍ଧିବାକୁ ସକ୍ଷମ ହୋଇଛନ୍ତି। ଏଥି ସହିତ ୩୫ ବର୍ଷୀୟା ଭେଟେରାନ୍ ଆମେରିକୀୟ ଟେନିସ୍ ଖେଳାଳି ସେରେନା ୱିଲିୟମସ୍‌ଙ୍କ ୨୪ତମ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଜିତିବାର ସ୍ୱପ୍ନ ଅଧୁରା ରହିଗଲା। ୨୩ଥର ଗ୍ରାଣ୍ଡସ୍ଲାମ୍ ଜିତିବା ପରେ ୨ଥର ୱିମ୍ବଲଡନ୍ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଚାମ୍ପିୟନ ହେବାର ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଅନଭିଜ୍ଞ ଆଣ୍ଡ୍ରେସ୍କୁଙ୍କୁ ହରାଇଥିଲେ ସେରେନା କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ୨୪ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହୋଇ ପାରିଥାନ୍ତେ। ଗତବର୍ଷ ବିଶ୍ୱ ମାନ୍ୟତାରେ ୧୭୮ ତମ ସ୍ଥାନରେ ଥିବା ଆଣ୍ଡ୍ରେସ୍କୁ ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଜିତିବା ପରେ ଏବେ ଏଟିପି ର୍ୟାଙ୍କିଙ୍ଗର ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ୨୦୦୯ ମସିହା ପରେ ୟୁଏସ୍ ଫାଇନାଲ ଖେଳିବାରେ ସେ ଥିଲେ ସର୍ବକନିଷ୍ଠ ଟେନିସ୍ ମହିଳା ଖେଳାଳି। ତାଙ୍କର ଏହି ସଫଳତା ନିଶ୍ଚିତ ଭାବେ ଯୁବ ଟେନିସ୍ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପ୍ରେରଣା ମଧ୍ୟ ଦେବ। ସେହିପରି ପୁରୁଷ ବିଭାଗରେ ଏକ ରୋମାଞ୍ଚକର ଫାଇନାଲର ମାରାଥନ ରେସ୍‌ରେ ସ୍ପେନର ତାରକା ଟେନିସ୍ ଖେଳାଳି ୩୩ ବର୍ଷୀୟ ରାଫାଲ ନାଡାଲ ରୁଷିଆର ଡାନିଲ୍ ମେଡ୍‌ଭେଡେଭଙ୍କୁ ଦୀର୍ଘ ୪ଘଣ୍ଟା ୫୦ମିନିଟ୍‌ର କଡ଼ା ସଂଘର୍ଷ ପରେ ହରାଇ ନିଜ ଟେନିସ୍ ଜୀବନର ୧୯ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ୫ସେଟ୍ ବିଶିଷ୍ଟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚରେ ୩-୨ ସେଟ୍‌ରେ ଜିତି ବାଜି ମାରିଥିଲେ। ନାଡାଲଙ୍କ କ୍ୟାରିୟରର ଏହାଥିଲା ଅନ୍ୟତମ ଶ୍ରେଷ୍ଠ ମ୍ୟାଚ। ଆଉ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କଲେ ସେ ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହେବେ। ୨୪ହଜାର ଦର୍ଶକଙ୍କ ଉପସ୍ଥିତିରେ ନାଡାଲ ତାଙ୍କ କ୍ୟାରିୟରର ୪ର୍ଥ ୟୁଏସ୍ ଗ୍ରାଣ୍ଡସ୍ଲାମ୍ ଟ୍ରଫି ହାସଲ କରିବା ସମୟରେ ସଂପୂର୍ଣ୍ଣ ଷ୍ଟାଡିୟମ ତାଙ୍କୁ ସମର୍ଥନ କରିଥିଲା।

ବର୍ତ୍ତମାନ ରୋଜର ଫେଡେରର ସର୍ବାଧିକ ୨୦ଟି ଗ୍ରାଣ୍ଡସ୍ଲାମ୍ ଜିତି ସର୍ବାଗ୍ରେ ରହିଥିବା ବେଳେ, ରାଫାଲ ନାଡାଲ୍ ୧୯ଟି, ନୋଭାକ ଜୋକୋଭିଚ୍ ୧୬ଟି, ପିଟ୍ ସାମ୍ପ୍ରାସ୍ ୧୪ଟି ଏବଂ ରୟ ଇମରସନ୍ ୧୨ଟି ଟାଇଟଲ ଜିତି ଆଗରେ ରହିଛନ୍ତି। ୨୦୦୫ ମସିହାରୁ ରୋଜର ଫେଡରର, ରାଫାଲ ନାଡାଲ ଏବଂ ନୋଭାକ ଜୋକୋଭିଚ୍ କ୍ରମାଗତ ଭାବେ ୧୨ଟି ଗ୍ରାଣ୍ଡସ୍ଲାମ୍ ଜିତିବାକୁ ସକ୍ଷମ ହୋଇଛନ୍ତି। ଯାହାକି ଅନ୍ୟ ତାରକାମାନଙ୍କୁ ବେଶ୍ ଚିନ୍ତାରେ ପକାଇଛି।

୨୦୧୮ ନୋଭାକ ଜୋକୋଭିଚ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ମହିଳା ସିଙ୍ଗଲସ୍‌ରେ ନାଓମି ଓସାକା ଚାମ୍ପିୟନ ହେବାର ଗୌରବ ହାସଲ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନରେ ପୁରୁଷ ବିଭାଗରେ ଜୋକୋଭିଚ୍ ଚାମ୍ପିୟନ ହୋଇଥିବାବେଳେ ମହିଳା ସିଙ୍ଗଲସ୍‌ରେ ନାଓମି ଓସାକା ଟାଇଟଲ ହାସଲ କରିଥିଲେ। ସେହିପରି ଫ୍ରେଞ୍ଚ୍ ଓପନ୍ ଟୁର୍ନାମେଣ୍ଟରେ ପୁରୁଷ ବିଭାଗରେ ନାଡାଲ ଏବଂ ମହିଳା ବିଭାଗ ସିଙ୍ଗଲ୍ସରେ ଆସଲେ ବାର୍ଟି ଏବଂ ୱିମ୍ବଲଡନ୍‌ରେ ପୁରୁଷ ବିଭାଗରେ ଜୋକୋଭିକ୍ ଏବଂ ମହିଳା ସିଙ୍ଗଲ୍ସରେ ସିମୋନା ହାଲେପ୍ ଚାମ୍ପିୟନ ହୋଇଛନ୍ତି।

**ଟୁର୍ନାମେଣ୍ଟ**

ସଂସ୍କରଣ: ୧୩୯
**ଚାମ୍ପିୟନ**
ପୁରୁଷ ସିଙ୍ଗଲ୍ସ: ରାଫାଲ ନାଡ଼ାଲ
ମହିଳା ସିଙ୍ଗଲ୍ସ: ବାଏଙ୍କା ଆଣ୍ଡ୍ରେସ୍କୁ
ପୁରୁଷ ଡବଲ୍ସ:
ଜୁଆନ ସେବାଷ୍ଟିଆନ
କାବେଲ/ ରବର୍ଟ ଫରହା
ମହିଳା ଡବଲ୍ସ:
ଏଲିସ୍ ମାର୍ଟେନ୍ସ/ଅରିନା ସାବାଲେଙ୍କା
ମିକ୍ସଡ ଡବଲ୍ସ:
ବେଥାନି ମାଟେକ ସାଣ୍ଡ୍ସ/ଜେମି ମୁରେ

# କାନାଡାର ପ୍ରଥମ ବିଜେତା

**ଫାଇନାଲରେ ସେରେନାଙ୍କୁ ହରାଇ କାନାଡ଼ାର ବାଏଙ୍କା ଆଣ୍ଡ୍ରେସ୍କୁ ୟୁଏସ୍ ଓପନ୍ ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ କାନାଡ଼ା ପାଇଁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବାରୁ ବିଶ୍ୱ ଟେନିସ୍‌ରେ ଆଣ୍ଡ୍ରେସ୍କୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି।**

କାନାଡା ପାଇଁ ଇତିହାସ ସୃଷ୍ଟି କରିଛନ୍ତି ୧୯ ବର୍ଷୀୟା ମହିଳା ଟେନିସ ଖେଳାଳି ବାଏଙ୍କା ଆଣ୍ଡ୍ରେସ୍କୁ। ସେ ୟୁଏସ୍ ଓପନ୍ ଟାଇଟଲ ହାସଲ କରି କାନାଡ଼ାର ପ୍ରଥମ ଖେଳାଳିଭାବେ କୌଣସି ମେଜର ତଥା ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ଅଭିଜ୍ଞ ଆମେରିକୀୟ ତାରକା ସେରେନା ୱିଲିୟମ୍ସଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଜୟ ଆଣ୍ଡ୍ରେସ୍କୁଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। ସେହିପରି ଏହି ପରାଜୟ ସେରେନାଙ୍କ ପାଇଁ ବିଶେଷ ମହଙ୍ଗା ସାବ୍ୟସ୍ତ ହୋଇଛି।

ବାଏଙ୍କା ଚତୁର୍ଥ ଖେଳାଳିଭାବେ ପଦାର୍ପଣରେ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରି ଓପନ୍ ଏରାରେ ଉଦାହରଣ ସୃଷ୍ଟି କରିଛନ୍ତି। ପୁଣି ୨୦୦୯ ପରେ ସେ ପ୍ରଥମ ସ୍ୱଳ୍ପ ବୟସ୍କା ଖେଳାଳିଭାବେ ସେମିରେ ପ୍ରବେଶ କରିଛନ୍ତି। ରୁଷିଆର ମାରିଆ ସାରାପୋଭାଙ୍କ ପରେ ସେ ଦୀର୍ଘ ୧୩ ବର୍ଷ ପରେ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସାରାପୋଭା ୨୦୦୬ରେ ସର୍ବ କନିଷ୍ଠ ଖେଳାଳିଭାବେ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ।

୧୯୯୪ରେ ବାଏଙ୍କାଙ୍କ ମାତାପିତା ରୋମାନିଆରୁ ଆସି କାନାଡ଼ାରେ ଅବସ୍ଥାପିତ ହୋଇଥିଲେ। ଏତେ କମ୍ ବୟସରୁ ହାସଲ କରିଥିବାର ସଫଳତାର ଶ୍ରେୟ ସେ ନିଜ ମାତାପିତାଙ୍କୁ ଦେଇଛନ୍ତି। ୫ ଫୁଟ ୭ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ବାଏଙ୍କା କାନାଡ଼ାର ଓଣ୍ଟାରିଓସ୍ଥିତ ମିସିସାଉଗାରେ ଜନ୍ମ ଗ୍ରହଣ କରିଥିଲେ। ଅଳ୍ପ ଦିନର ଛୋଟିଆ କ୍ୟାରିୟରରେ ୩ଟି ଡବ୍ଲ୍ୟୁଟିଏ ଓ ଗୋଟିଏ ଆଇଟିଏଫ୍ ଟାଇଟଲ ହାସଲ କରିଛନ୍ତି। ମାତ୍ର ୭ ବର୍ଷରୁ ଟେନିସ୍ ଖେଳିବା ଆରମ୍ଭ କରିଥିଲେ ଆଣ୍ଡ୍ରେସ୍କୁ। ମିସିସାଗୁଆସ୍ଥିତ ଓଣ୍ଟାରିଓ ର୍ୟାକେଟ କ୍ଲବ୍‌ରେ ସେ ଟେନିସ୍‌ରେ ପ୍ରଶିକ୍ଷଣ ନେଇଥିଲେ। ୧୧ ବର୍ଷ ହେବା ପରେ ସେ ଟରୋଣ୍ଟୋର ଟେନିସ୍ କାନାଡ଼ାର ଜାତୀୟ ଟ୍ରେନିଂ ପ୍ରୋଗ୍ରାମରେ ସାମିଲ ହୋଇଥିଲେ। ଏହାପରେ ଟେନିସ୍‌କୁ ସେ ଗୁରୁତର ଭାବେ ଗ୍ରହଣ କରିଥିଲେ। ବେଲଜିୟମ କିମ୍ବଦନ୍ତୀ ଖେଳାଳି କିମ୍ କ୍ଲିଷ୍ଟର୍ସଙ୍କୁ ସେ ପିଲାଟି ବେଳୁ ନିଜର ଆଦର୍ଶ ମାନୁଥିଲେ। ପରେ ସେ ସିମୋନ ହାଲେପଙ୍କୁ ନିଜର ଫେଭରାଇଟ ଖେଳାଳି ଭାବେ ସମ୍ମାନ ଦେଉଥିଲେ। ସେରେନା ଓ ଭେନସ ୱିଲିୟମ୍ସଙ୍କୁ ମଧ୍ୟ ସେ ପ୍ରଶଂସା କରିଥାନ୍ତି। ୨୦୧୬ ରୋଜର୍ସ କପ୍ ଅବସରରେ ହାଲେପ ତାଙ୍କୁ ପେସାଦାର ହେବାକୁ ପରାମର୍ଶ ଦେଇଥିଲେ ଓ ଏହା ଶେଷରେ କାମରେ ଆସିଛି।

ଜୁନିୟରସ୍ତରରେ ସେ ବେଶ୍ ସଫଳତା ଲାଭ କରିଥିଲେ। ବିଶ୍ୱର ଶ୍ରେଷ୍ଠ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଲେସ୍ ପେଟିସ ଆଜ୍ ଟାଇଟଲ ଜିତିଥିଲେ। ଏହାପରେ ସେ ହାଭାନାରେ ଗ୍ରେଡ୍- ୫ ଟୁର୍ନାମେଣ୍ଟରେ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ୨୦୧୫ରେ ସେ ଆଇଟିଏଫ୍‌ରେ ପଦାର୍ପଣ କରିଥିଲେ। ଏହାପରେ ଗୋଟିଏ ବର୍ଷ ପରେ ସେ କ୍ୟାରିୟରର ପ୍ରଥମ ଆଇଟିଏଫ୍ ଟାଇଟଲ ଜିତିଥିଲେ। ୨୦୧୭ରେ ସେ ଡବ୍ଲ୍ୟୁଟିଏ ଓ ଜୁନିୟର ଗ୍ରାଣ୍ଡସ୍ଲାମ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିଥିଲେ। ୨୦୧୮ରେ ଆଘାତ ସମସ୍ୟା ସତ୍ତ୍ୱେ ସେ ସ୍ଥିର ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲେ।

୨୦୧୯ରେ ୟୁଏସ୍ ଓପନ୍‌କୁ ବାଦ୍ ଦେଲେ ସେ ଇଣ୍ଡିଆନ ୱେଲ୍ସ ଓ କାନାଡିଆନ ଓପନ୍ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଆଞ୍ଜେଲିକ୍ କର୍ବର ଓ ସେରେନା ୱିଲିୟମ୍ସଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇ ସେ ଏହି ସଫଳତା ପାଇଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ ଓ ଫ୍ରେଞ୍ଚ୍ ଓପନ୍‌ରେ ସେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିପରି ୨୦୧୭ରେ ୱିମ୍ବଲଡ଼ନରେ ଆଣ୍ଡ୍ରେସ୍କୁ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଡବଲ୍ସ ଇଭେଣ୍ଟରେ ସେ ଦୁଇଟି ଆଇଟିଏଫ୍ ଟାଇଟଲ ଜିତିଥିଲେ। ସିଙ୍ଗଲ୍ସରେ ତାଙ୍କର ସଫଳତା ହାର ବା କ୍ୟାରିୟର ରେକର୍ଡ ୭୪ ପ୍ରତିଶତ ରହିଛି। ସେହିପରି ଡବଲ୍ସରେ ତାଙ୍କର କ୍ୟାରିୟର ରେକର୍ଡ ରହିଛି ୬୫.୯ ପ୍ରତିଶତ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ସେ ଏବେ ୫ ନମ୍ବର ସ୍ଥାନରେ ରହିଛନ୍ତି। ଏହା ତାଙ୍କ ପାଇଁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ସାବ୍ୟସ୍ତ ହୋଇଛି। ମାତ୍ର ୧୯ ବର୍ଷ ବୟସରେ ବିଶ୍ୱର ଆଗଧାଡିର ଖେଳାଳିଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଗ୍ରାଣ୍ଡସ୍ଲାମ ବିଜେତା ହୋଇଥିବରୁ ଆଣ୍ଡ୍ରେସ୍କୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି।



**ବାଏଙ୍କା ଆଣ୍ଡ୍ରେସ୍କୁ**

ଦେଶ: କାନାଡା
ଜନ୍ମ: ଜୁନ ୧୬, ୨୦୦୦
ବୟସ: ୧୯
ଉଚ୍ଚତା: ୫ ଫୁଟ୍ ୭ ଇଞ୍ଚ୍
ବିଶ୍ୱ ର୍ୟାଙ୍କିଙ୍ଗ୍: ପଞ୍ଚମ ସ୍ଥାନ
କୋଚ୍: ସିଲଭେନ ବ୍ରୁନେଉ
**କ୍ୟାରିୟର ସିଙ୍ଗଲ୍ସ ଟାଇଟଲ:**
୩ ଡବ୍ଲ୍ୟୁଟିଏ, ୧ ଆଇଟିଏଫ୍
**ଡବଲ୍ସ ଟାଇଟଲ:**
୨ ଆଇଟିଏଫ୍
ଖେଳିବା ଶୈଳୀ: ଡାହାଣ ହାତୀ
(ଟୁ – ହାଣ୍ଡେଡ୍ ବ୍ୟାକ୍‌ହ୍ୟାଣ୍ଡ)

# ଫ୍ରିଡମ୍ ଟ୍ରଫି ପାଇଁ ଲଢେଇ

**ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅକ୍ଟୋବର ୨ ତାରିଖରୁ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ଘରୋଇ ପରିବେଶରୁ ଫାଇଦା ଉଠାଇ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ସିରିଜ ଜିତି ଆଇସିସି ର୍ୟାଙ୍କିଙ୍ଗ୍‌ରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିବା ସହ ଫ୍ରିଡମ୍ ଟ୍ରଫି ହାସଲ କରିବା ଲକ୍ଷ୍ୟରେ ରହିଛି।**

ଫ୍ରିଡମ୍ ଟ୍ରଫି ଟେଷ୍ଟ ସିରିଜ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଦଳ ଫାଫ ଡୁପ୍ଲେସିସ୍‌ଙ୍କ ନେତୃତ୍ୱରେ ଭାରତ ଗସ୍ତରେ ଆସୁଛି। ଗତବର୍ଷ ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲା। ଏହି ଗସ୍ତରେ ଯାଇ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ୩ଟି ଟେଷ୍ଟ ମ୍ୟାଚ ଖେଳିବା ସହିତ ୩ଟି ଏକଦିବସୀୟ ମ୍ୟାଚ ଏବଂ ୩ଟି ଟି୨୦ ମ୍ୟାଚ ଖେଳିଥିଲା। ଟେଷ୍ଟ ସିରିଜରେ ୨-୧ରେ ବିଜୟୀ ହେବା ପରେ ଦକ୍ଷିଣ ଆଫ୍ରିକା ଫ୍ରିଡମ୍ ଟ୍ରଫିର ଅଧିକାରୀ ହୋଇଥିଲା। ବିଶ୍ୱକପରେ ଦୁର୍ବଳ ପ୍ରଦର୍ଶନ କରିବା ପରେ ବେଶ୍ ସମାଲୋଚିତ ହେବାକୁ ପଡିଛି ଦକ୍ଷିଣ ଆଫ୍ରିକା ଦଳକୁ। ପୁନର୍ଗଠନ ପ୍ରକ୍ରିୟା ମାଧ୍ୟମରେ ଦଳକୁ ଶକ୍ତିଶାଳୀ କରିବା ପାଇଁ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ବୋର୍ଡ। ହାସିମ ଅମଲା, ଜେପି ଡୁମିନି, ଏବି ଡିଭିଲିର୍ସ, କ୍ରିସ୍ ମୋରିସ୍, ଡେଲ୍ ଷ୍ଟେଇନ, ମର୍ନ ମୋର୍କେଲଙ୍କ ପରି ଅଭିଜ୍ଞ ଖେଳାଳିମାନେ ଅବସର ନେବା କିମ୍ବା ଆହତ ହେବା କାରଣରୁ ଏହି ଗସ୍ତରୁ ଓହରିଯିବା ଫଳରେ ବେଶ୍ ଦୁର୍ବଳ ହୋଇପଡିଛି ଦକ୍ଷିଣ ଆଫ୍ରିକା ଦଳ। ଟେଷ୍ଟ ମ୍ୟାଚ ଆରମ୍ଭ ପୂର୍ବରୁ ଦଳ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରଥମ ଟି୨୦ ମ୍ୟାଚ ସେପ୍ଟେମ୍ବର ୧୫ତାରିଖରେ ଧର୍ମଶାଳାଠାରେ, ଦ୍ୱିତୀୟ ଟି୨୦ ମ୍ୟାଚ୍ ସେପ୍ଟେମ୍ବର ୧୮ତାରିଖରେ ମୋହାଲିଠାରେ ଏବଂ ୩ୟ ଟି୨୦ ମ୍ୟାଚ୍ ସେପ୍ଟେମ୍ବର ୨୨ତାରିଖରେ ବେଙ୍ଗାଲୁରୁଠାରେ ଖେଳାଯିବ। ଉଭୟ ଦଳରେ ଯୁବ ଖେଳାଳିମାନଙ୍କୁ ବେଶ୍ ପ୍ରାଧାନ୍ୟ ଦିଆଯାଇଛି। ଦକ୍ଷିଣ ଆଫ୍ରିକା ଦଳରେ ଟେମ୍ବା ବଭୁମା, ଡି ବ୍ରୁଏନ୍, ଡିନ୍ ଏଲଗାର, ଯୁବେର ହାମଜା, ହେନେରିଚ୍ କ୍ଲାସେନ୍, କେଶବ ମହାରାଜ, ଏସ୍. ମୁଥୁସାମି, ଡେନ୍ ପେଟ୍‌ଙ୍କ ପରି ଯୁବ ଖେଳାଳିରହିଥିବା ବେଳେ ଫାଫ୍ ଡୁପ୍ଲେସି, କ୍ୱିଣ୍ଟନ ଡିକକ୍, ଲୁଙ୍ଗି ଏନ୍‌ଗିଡି, କାଗିସୋ ରାବାଡା, ଭର୍ନନ ଫିଲାଣ୍ଡରଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି।

ଖଲିଲ ଅହମ୍ମଦ, ଦୀପକ ଚହର, ରାହୁଲ ଚହର, ଶ୍ରେୟାସ ଆୟାର, ନବଦୀପ ସଇନି ଏବଂ ୱାଶିଂଟନ ସୁନ୍ଦରଙ୍କୁ ଟି୨୦ ପାଇଁ ସୁଯୋଗ ମିଳିବ। ହ୍ୱାଇଟ ବଲ୍ ସ୍ପେଶିଆଲିଷ୍ଟ ରୋହିତ ଶର୍ମା, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଆଇପିଏଲ୍ ଷ୍ଟାର କ୍ରୁନାଲ ପାଣ୍ଡ୍ୟା ଏବଂ ଷ୍ଟାଇଲିସ୍ ଓପନର ଶିଖର ଧାୱନ, ବିଚକ୍ଷଣ ଅଧିନାୟକ ବିରାଟ କୋହଲି ଏବଂ ବିଶ୍ୱର ଶ୍ରେଷ୍ଠ ଉଇକେଟକିପର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଥିବା ଯୁବ ଉଇକେଟକିପର ରିଷଭ ପନ୍ତଙ୍କ ଉପରେ ସିଲେକଶନ୍ କମିଟି ଆସ୍ଥା ପ୍ରକଟ କରିଛି।

ଗତ ଶୃଙ୍ଖଳାରେ ଭାରତ ୨-୧ରେ ଟି୨୦ ସିରିଜରେ ବିଜୟୀ ହୋଇଥିଲା। ପ୍ରଥମ ଟି୨୦ ମ୍ୟାଚରେ ଭାରତ ୨୦୩ ରନ୍ କରିଥିବା ବେଳେ ଶିଖର ଧାୱନ ସର୍ବାଧିକ ୭୩ ରନ୍ କରି ଅପରାଜିତ ରହିଥିଲେ। ଭୁବନେଶ୍ୱର କୁମାର ୨୪ ରନ୍ ଦେଇ ୫ଟି ଉଇକେଟ ନେଇ ଭାରତକୁ ବିଜୟୀ କରାଇଥିଲେ। ସେହି ଦ୍ୱିତୀୟ ଟି୨୦ ମ୍ୟାଚରେ ୧୮୮ରନ୍‌ର ଟାର୍ଗେଟକୁ ଦକ୍ଷିଣ ଆଫ୍ରିକା ଶେଷ ଓଭରରେ ହାସଲ କରିଥିଲା ଏବଂ ରୋମାଞ୍ଚକର ୩ୟ ଟି୨୦ ମ୍ୟାଚରେ ଭାରତ ୧୭୨ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୬୫ ରନ୍‌ରେ ସୀମିତ ରହିଥିଲା।

୨୦୦୬ରୁ ୨୦୧୮ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୧୩ଟି ଟି୨୦ ମ୍ୟାଚ ମଧ୍ୟରୁ ୮ଟିରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୫ଟିରେ ବିଜୟୀ ହୋଇ ପଛରେ ରହିଛି। ଫ୍ରିଡମ ଟ୍ରଫି ପାଇଁ ଲଢେଇ ଜୋରଦାର ହେବ। ଘରୋଇ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜରେ ଟିମ୍ ଇଣ୍ଡିଆର ପଲା ଭାରି ରହିବ। ଘରୋଇ ମାଟିରେ ଟିମ୍ ଇଣ୍ଡିଆକୁ ହରାଇବା ଏତେ ସହଜ ହେବ ନାହିଁ। କାରିବିୟାନ ଟୁର୍‌ର ସଫଳତା ଘରୋଇ ଦଳକୁ ବେଶ୍ ଉତ୍ସାହିତ କରିଛି। ଯଦିଓ ଟିମ୍ ଇଣ୍ଡିଆ ବର୍ତ୍ତମାନ ଓପନର ସମସ୍ୟା ମଧ୍ୟ ଦେଇ ଗତି କରୁଛି ତଥାପି ଘରୋଇ କ୍ରିକେଟ୍‌ରେ ବେଶ୍ ସଫଳତା ପାଇଥିବା ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ହନୁମା ବିହାରୀ ଏବଂ ବେଙ୍ଗଲର ସଫଳ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ୍‌ଙ୍କ ଉପରେ ନଜର ରହିବ।

ଟେଷ୍ଟ ରେକର୍ଡକୁ ଦେଖିବାକୁ ଗଲେ ଉଭୟ ଦେଶ ମଧ୍ୟରେ ୧୯୯୨ରୁ ୨୦୧୮ ମଧ୍ୟରେ ମୋଟ ୩୬ଟି ଟେଷ୍ଟ ମ୍ୟାଚ୍ ମୋଟ ୧୩ଟି ସିରିଜ ମାଧ୍ୟମରେ ଖେଳାଯାଇଛି। ଏଥି ମଧ୍ୟରୁ ୧୧ଟି ଟେଷ୍ଟ ମ୍ୟାଚ୍ ଟିମ୍ ଇଣ୍ଡିଆ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୫ଟି ଟେଷ୍ଟ ମ୍ୟାଚ୍ ଜିତିଛି ଏବଂ ୧୦ଟି ଟେଷ୍ଟ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି। ଦକ୍ଷିଣ ଆଫ୍ରିକା ୭ଟି ଟେଷ୍ଟ ସିରିଜରେ ବିଜୟୀ ହୋଇଛି ଏବଂ ଭାରତ ୩ଟି ଜିତିଥିବା ବେଳେ ୩ଟି ସିରିଜ ଡ୍ର ରେ ସମାପ୍ତ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବାଧିକ ଟେଷ୍ଟ ସ୍କୋର ୬୪୩ ରନ୍ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର ସର୍ବାଧିକ ସ୍କୋର ୬୨୦ ରନ୍ ରହିଛି। ଉଭୟ ଦଳ ୯ଥର ୫ଶହରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୫ଥର ଏବଂ ଭାରତ ୨ଥର ଏହି ଅଙ୍କ ଛୁଇଁଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବନିମ୍ନ ସ୍କୋର ୬୬ ରନ୍ ୧୯୯୬ରେ ଡର୍ବାନ ଟେଷ୍ଟରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର ଭାରତ ବିପକ୍ଷରେ ୨୦୧୫ରେ ନାଗପୁର ଟେଷ୍ଟରେ ୭୯ ରନ୍ ରହିଛି।

ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ଉଭୟ ଦେଶ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୯ଟି ଟେଷ୍ଟ ମ୍ୟାଚ୍ ଖେଳି ୭୫୮ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୫୩ ରହିଛି ଏବଂ ଏଥିମଧ୍ୟରେ ୨ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ରହିଛି। ସେହିପରି ଚେତେଶ୍ୱର ପୂଜାରା ୧୧ଟି ମ୍ୟାଚରୁ ୬୧୩ ରନ୍ (୧ଟି ଶତକ/୩ଟି ଅର୍ଦ୍ଧଶତକ), ଅଜିଙ୍କ୍ୟ ରାହାନେ ୭ଟି ଟେଷ୍ଟ ମ୍ୟାଚରୁ ୫୩୨ ରନ୍ (୨ଟି ଶତକ/୨ଟି ଅର୍ଦ୍ଧଶତକ) ଏବଂ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁପ୍ଲେସି ୭ଟି ମ୍ୟାଚରୁ ୩୪୪ ରନ୍ (୨ଟି ଅର୍ଦ୍ଧଶତକ) କରି ସଫଳ ରହିଛନ୍ତି। ବୋଲିଂରେ ଇଶାନ୍ତ ଶର୍ମା ୧୩ଟି ମ୍ୟାଚରେ ୨୯ଟି ଉଇକେଟ୍, ମହମ୍ମଦ ସାମି ୫ଟି ମ୍ୟାଚରୁ ୨୧ଟି, ଯଶପ୍ରୀତ ବୁମରା ୩ଟି ମ୍ୟାଚରୁ ୧୪ଟି, ଭୁବନେଶ୍ୱର କୁମାର ୨ଟି ମ୍ୟାଚରୁ ୧୦ଟି ଉଇକେଟ ଏବଂ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କେ. ରାବାଡା ୬ଟି ମ୍ୟାଚରୁ ୧୭ଟି ଉଇକେଟ୍ ଭି.ଡି ଫିଲେଣ୍ଡର ୬ଟି ମ୍ୟାଚରୁ ୨୮ଟି ଉଇକେଟ ନେଇଛନ୍ତି।

**ଟେଷ୍ଟ କାର୍ଯ୍ୟସୂଚୀ**

| | |
|---|---|
| ପ୍ରଥମ ଟେଷ୍ଟ | – ୨ରୁ ୬ ଅକ୍ଟୋବର, ବିଶାଖାପାଟଣା |
| ଦ୍ୱିତୀୟ ଟେଷ୍ଟ | – ୧୦ରୁ ୧୪ ଅକ୍ଟୋବର, ପୁନେ |
| ତୃତୀୟ ଟେଷ୍ଟ | – ୧୯ରୁ ୨୩ ଅକ୍ଟୋବର, ରାଞ୍ଚି |



ବିରାଟ କୋହଲି



ଫାଫ୍ ଡୁପ୍ଲେସି

| Dollar | Sensex | Nifty | Gold | Silver |
|---|---|---|---|---|
| 71.14 (52) | 37,104.28 (166.54) | 10,982.80 (52.92) | 38,775.00 (₹74) | 48,590.00 (₹10) |



" ସରକାରୀ ସ୍ତରରେ ଡାଟା ଶେୟାର ପାଇଁ ସଂସ୍ଥାଗୁଡ଼ିକ ନିଜ ନିଜ ମଧ୍ୟରେ ଚୁକ୍ତି କରିବା ଆବଶ୍ୟକ। ଏହାଦ୍ୱାରା ଭାରତୀୟଙ୍କ ଡାଟା ସୁରକ୍ଷିତ ରହିପାରିବ। **-ନିକ୍ କ୍ଲେଗ୍, ଫେସ୍‌ବୁକ୍ ଗ୍ଲୋବାଲ ଆଫାୟାର୍ସ ଭାଇସ ପ୍ରେସିଡେଣ୍ଟ**



" ଚାଇନାରେ ୩ ଜେନେରିକ ଔଷଧର ପ୍ରଚାର ପ୍ରସାର ଲାଗି ବାୟୋକନ ସହ ଚାଇନା ମେଡିକାଲ ସିଷ୍ଟମ ହୋଲ୍ଡିଂସର ଚୁକ୍ତି ହୋଇଛି। ଏହାଦ୍ୱାରା ବାୟୋକନ ଚାଇନା ବଜାରରେ ଆମେରିକା ଦ୍ୱାରା ଅନୁମୋଦିତ ଔଷଧକୁ ବିକ୍ରି କରିପାରିବ । **-ଅରୁଣ ଚନ୍ଦାଭାରକର, ବାୟୋକନ ସିଇଓ ତଥା ଯୁଗ୍ମ ଏମ୍‌ଡି**

## ସଂକ୍ଷେପରେ

### ଜାଲ୍ ଜିଏସ୍‌ଟି ଇନ୍‌ଭଏସ

## ଦେଶର ୩୩୬ ସ୍ଥାନରେ ଚଢ଼ାଉ

**ନୂଆଦିଲ୍ଲୀ,୧୨-୯:** ଦେଶରେ ଜିଏସ୍‌ଟି ଲାଗୁ ହେବାର ୨ ବର୍ଷ ପରେ ମୋଦି ସରକାର ଜିଏସ୍‌ଟି ଫାଙ୍କି ବିରୋଧରେ ଦେଶବ୍ୟାପୀ ଚଢ଼ାଉ ଅଭିଯାନ କରିଛନ୍ତି। ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ(ଡିଜିଜିଆଇ) ଏବଂ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ପକ୍ଷରୁ ମିଳିତ ଭାବେ ଦେଶର ୩୩୬ ସ୍ଥାନରେ ବୁଧବାର ଏକାସାଙ୍ଗରେ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନ ଏତେ ବିଶାଳ ଥିଲା ଯେ, ଏଥିରେ ପ୍ରାୟ ୧୨୦୦ ଆୟକର ଅଧିକାରୀ ସାମିଲ ହୋଇଥିଲେ। ଉଭୟ ସଂସ୍ଥାର ଗୋଇନ୍ଦା ତଥ୍ୟରୁ ଜଣାପଡିଛି ଯେ, ବହୁ ରପ୍ତାନିକାରୀ ଆଇଜିଏସ୍‌ଟି ପ୍ରଦାନ କରି ବିଦେଶକୁ ସାମଗ୍ରୀ ରପ୍ତାନି କରୁଛନ୍ତି। ଜାଲ୍ କାଗଜପତ୍ର ଜରିଆରେ ସେମାନେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ହାସଲ କରି ଏଭଳି ରପ୍ତାନି କରାଯାଇଛି। ପରେ ଏହି ଆଇଜିଏସ୍‌ଟି ବାବଦରେ ରିଫଣ୍ଡ ଦାବି କରାଯାଇଛି। ପ୍ରାରମ୍ଭିକ ତଥ୍ୟରୁ ଜଣାପଡିଛି ଯେ, ଏଭଳି ୪୫୦ କୋଟି ଟଙ୍କାର ଏଭଳି ଆଇଜିଏସ୍‌ଟି ଜାଲ୍ କାରବାର ଧରାପଡିଛି।

### ବ୍ୟାଙ୍କ ମିଶ୍ରଣକୁ ବିରୋଧ

## ୨୬ରୁ ଦୁଇଦିନିଆ ବ୍ୟାଙ୍କ ୟୁନିୟନ ଧର୍ମଘଟ

**ନୂଆଦିଲ୍ଲୀ,୧୨-୯:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ବ୍ୟାଙ୍କ ଅଧିକାରୀଙ୍କ ୟୁନିୟନ ପକ୍ଷରୁ ଚଳିତ ମାସ ୨୬ରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଆହ୍ୱାନ ଦିଆଯାଇଛି। ସରକାର ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରିବାକୁ ନିକଟରେ ଘୋଷଣା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ୍ସ ଆସୋସିଏଶନ(ଆଇବିଏ) ପକ୍ଷରୁ ସରକାରଙ୍କ ନିକଟକୁ ପଠାଯାଇଥିବା ନୋଟିସରେ ପ୍ରସ୍ତାବିତ ଧର୍ମଘଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସରକାର ବ୍ୟାଙ୍କ ମିଶ୍ରଣରୁ ନ ଓହରିଲେ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟରେ ସାମିଲ ହେବେ ବୋଲି ଚେତାବନୀ ଦିଆଯାଇଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ(ଏଆଇବିଓସି), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇବିଓଏ), ଇଣ୍ଡିଆନ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ କଂଗ୍ରେସ(ଆଇଏନ୍‌ବିଓସି) ଓ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ଅଫିସର୍ସ(ଏନ୍‌ଓବିଓ) ପକ୍ଷରୁ ଯୁଗ୍ମ ଭାବେ ଏହି ନୋଟିସ ଦିଆଯାଇଛି।

### ମାଧ୍ୟାକର୍ଷଣ ଶକ୍ତିର ଆବିଷ୍କାରକ ଆଇନଷ୍ଟାଇନ୍

## ସୋସିଆଲ ମିଡିଆରେ ଟ୍ରୋଲ୍ ହେଲେ ଗୋୟଲ

**ନୂଆଦିଲ୍ଲୀ,୧୨-୯:** ମହାନ୍ ବୈଜ୍ଞାନିକ ସାର୍ ଆଇଜାକ୍ ନ୍ୟୁଟନ୍ ମାଧ୍ୟାକର୍ଷଣ ଶକ୍ତିକୁ ଖୋଜି ବାହାର କରିଥିଲେ ବୋଲି ସମସ୍ତେ ଜାଣନ୍ତି। ତେବେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଏହାର ଆବିଷ୍କାରକ ଆଇନ୍‌ଷ୍ଟାଇନ୍ ବୋଲି ଅଭିହିତ କରିଛନ୍ତି। ଗୋୟଲଙ୍କ ଏହି ଟିପ୍ପଣୀ ଇଣ୍ଟରନେଟ୍‌ରେ ହସର ଖୋରାକ୍ ଯୋଗାଇଛି। ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଉଛି ଓ ୟୁଜରମାନେ ତାଙ୍କୁ ଏଥିନେଇ ସମାଲୋଚନା କରିଛନ୍ତି। ଇଣ୍ଟରନେଟ ୟୁଜର ମିମ୍ସ ତିଆରି କରି ଗୋୟଲଙ୍କୁ ପରିହାସ କରିବାକୁ ପଛାଇ ନାହାନ୍ତି। ଗୁରୁବାର ବୋର୍ଡ ଅଫ୍ ଟ୍ରେଡ୍‌ର ବୈଠକରେ ଯୋଗଦେଇ ଗୋୟଲ ଅର୍ଥନୀତି ଉପରେ ନିଜର ମତ ରଖିବା ବେଳେ ଆଇନଷ୍ଟାଇନ୍‌ଙ୍କୁ ମାଧ୍ୟାକର୍ଷଣ ଶକ୍ତି ଖୋଜିବା ବେଳେ ଗଣିତ ସହାୟତା କରି ନ ଥିଲା ବୋଲି କହିଛନ୍ତି। ଏଣୁ ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପରିଣତ କରିବା ଲକ୍ଷ୍ୟକୁ ଗାଣିତିକ ନଜରରେ ଦେଖିବା ଅନୁଚିତ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ତାଙ୍କର ଏହି ଟିପ୍ପଣୀ ପରେ ୟୁଜରମାନେ ଟୁଇଟର ଓ ଫେସ୍‌ବୁକ୍‌ରେ ମାଧ୍ୟାକର୍ଷଣ ଶକ୍ତିର ଆବିଷ୍କାରକ ନ୍ୟୁଟନ ବୋଲି ଉଲ୍ଲେଖ କରି ଗୋୟଲଙ୍କୁ ତାଚ୍ଛଲ୍ୟ କରିବା ଆରମ୍ଭ କରିଦେଇଛନ୍ତି। ଏଥିପୂର୍ବରୁ ଓଲା, ଉବରକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ମଧ୍ୟ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଇଥିଲା। କିଛି ୟୁଜର ସୀତାରାମନ୍ ଓ ଗୋୟଲଙ୍କ ମନ୍ତବ୍ୟକୁ ମିଶାଇ ମଜା ଉଠାଉଥିବାର ଦେଖାଯାଇଛି। ଜଣେ ୟୁଜର ଲେଖିଛନ୍ତି ଯେ, ଭାରତର ଜିଡିପି ହ୍ରାସ ପାଉଛି କାରଣ ଯୁବବର୍ଗ ଏବେ ଜିଡିପିର ଗଣିତକୁ ଦେଖୁନାହାନ୍ତି।

### ■ ମାନ୍ଦାବସ୍ଥା ଲାଗି ବିମୁଦ୍ରୀକରଣ, ଜିଏସ୍‌ଟି ଦାୟୀ:ମନମୋହନ

# ଅର୍ଥନୀତି ସଜାଡ଼ିବାକୁ ଦେଲେ ଉପାୟ

**ନୂଆଦିଲ୍ଲୀ,୧୨-୯**

ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ପାଇଁ ବିମୁଦ୍ରୀକରଣ ଓ ତରବରିଆ ଭାବେ ଲାଗୁ କରାଯାଇଥିବା ଜିଏସ୍‌ଟି ଦାୟୀ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂ ପ୍ରକାଶ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଉଭୟ ଢ଼ାଞ୍ଚାଗତ ଏବଂ ଚକ୍ରିୟ ବୋଲି ଉଲ୍ଲେଖ କରି ମନମୋହନ ଏଥିରୁ ବାହାରି ଆସିବା ଲାଗି ମୋଦି ସରକାର ୬ ସୂତ୍ରୀ ଉପାୟ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ଏକ ଖବରକାଗଜକୁ ଦେଇଥିବା ସାକ୍ଷାତକାର ଦେଇ ମନମୋହନ କହିଛନ୍ତି ଯେ, ମୋଦି ସରକାର ତାଙ୍କ ଦ୍ୱାରା ପ୍ରଦତ୍ତ ୬ଉପାୟ ଲାଗୁ କରିବା ପୂର୍ବରୁ ଦେଶ ଭୟଙ୍କର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତିକରୁଛି ବୋଲି ପ୍ରଥମେ ସ୍ୱୀକାର କରନ୍ତୁ। ବିଶେଷଜ୍ଞ ଏବଂ ହିତାକାଂକ୍ଷୀଙ୍କ ପରାମର୍ଶକୁ ସରକାର ଖୋଲା ମନରେ ଶୁଣନ୍ତୁ। ତେବେ ଏକ୍ଷେତ୍ରରେ ମୋଦି ସରକାରଙ୍କ ଦୃଷ୍ଟିକୋଣରେ କୌଣସି ପରିବର୍ତ୍ତନ ହେଲା ଭଳି ସେ ଦେଖୁ ନଥିବା ଡ.ସିଂ କହିଛନ୍ତି।

ମନମୋହନ କହିଛନ୍ତି ଯେ, ମୋଦି ସରକାରଙ୍କୁ ପ୍ରଥମେ ହେଡ୍‌ଲାଇନ ମ୍ୟାନେଜମେଣ୍ଟ କରିବାର ଅଭ୍ୟାସ ଛାଡିବାକୁ ହେବ। ସେ କହିଛନ୍ତି ଯେ, ଅର୍ଥନୀତି ସଜାଡିବା ଲାଗି ବହୁ ସମୟ ବରବାଦ ହୋଇସାରିଛି। ଗୋଟିଏ ଗୋଟିଏ ସେକ୍ଟର ପାଇଁ ସହାୟତା ଘୋଷଣା କରିବା ପରିବର୍ତ୍ତେ ସରକାର ସମ୍ପୂର୍ଣ୍ଣ ଆର୍ଥିକ ଢ଼ାଞ୍ଚାକୁ ଏକାଠି ଆଗକୁ ବଢ଼ାଇବା ଲାଗି ପ୍ରୟାସ କରନ୍ତୁ। ତାଙ୍କ ମତରେ ଏବେ ନିଯୁକ୍ତି ସୃଷ୍ଟି କରୁଥିବା ସେକ୍ଟରକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ବିମୁଦ୍ରୀକରଣ ଯୋଗୁ ଅର୍ଥନୀତିର ଯେଉଁ କ୍ଷତି ହୋଇଛି, ତାହାକୁ ସଜାଡିବା ଲାଗି ସରକାର ପରବର୍ତ୍ତୀ ପିଢ଼ିର ଢ଼ାଞ୍ଚାଗତ ସଂସ୍କାର କରନ୍ତୁ। ତାଙ୍କ ମତରେ ପ୍ରଥମତଃ ଜିଏସ୍‌ଟିକୁ ତର୍କସଙ୍ଗତ କରିବାକୁ ହେବ। ଏଥିଲାଗି ଟିକସ ହ୍ରାସଜନିତ କ୍ଷତିକୁ ସହିବାକୁ ହେବ। ଦ୍ୱିତୀୟରେ ଗ୍ରାମାଞ୍ଚଳରେ ଖର୍ଚ୍ଚ ବଢ଼ାଇବା ଏବଂ କୃଷିକୁ ପୁନରୁଜ୍ଜୀବିତ କରିବା ଲାଗି ନୂଆ ପନ୍ଥାପଦ୍ଧତି ସରକାର ଖୋଜନ୍ତୁ। ସରକାର ଚାହିଁଲେ କଂଗ୍ରେସର ଘୋଷଣାପତ୍ରରୁ ଉପାୟ ଖୋଜି ପାରିବେ। ସେ କହିଛନ୍ତି ଯେ, କୃଷି ବଜାରକୁ ମୁକ୍ତ କରିବା ଦ୍ୱାରା ଲୋକଙ୍କ ନିକଟରେ ପର୍ଯ୍ୟାପ୍ତ ନଗଦ ପହଞ୍ଚାଇବା ଲାଗି କଂଗ୍ରେସ ଘୋଷଣାପତ୍ରରେ ଉଲ୍ଲେଖ ରହିଛି। ତାଙ୍କ ମତରେ ଅର୍ଥନୀତିରେ ସୃଷ୍ଟି ହୋଇଥିବା ନଗଦ ସଙ୍କଟ ଦୂର କରିବାକୁ ହେବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ଏନ୍‌ବିଏଫ୍‌ସିଗୁଡ଼ିକ ମଧ୍ୟ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଉଲ୍ଲେଖ କରି ମନମୋହନ



ତାଙ୍କର ତୃତୀୟ ବିକଳ୍ପ ଭାବେ ପୁଞ୍ଜି ନିର୍ମାଣ ଲାଗି ଋଣ ସଙ୍କଟକୁ ଦୂର କରିବା ଉପରେ ଜୋର୍ ଦେଇଛନ୍ତି। ବୟନଶିଳ୍ପ, ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଏବଂ ଶସ୍ତା ଘର ନିର୍ମାଣ ଭଳି ପ୍ରମୁଖ ରୋଜଗାର ସୃଷ୍ଟିକାରୀ କ୍ଷେତ୍ରଗୁଡ଼ିକୁ ପୁନରୁଜ୍ଜୀବିତ କରିବାକୁ ମନମୋହନ ତାଙ୍କ ଚତୁର୍ଥ ଉପାୟ ସ୍ୱରୂପ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସହଜ ଋଣ ଉପଲବ୍ଧ କରାଇବାକୁ ହେବ। ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ଟାରିଫ ଯୁଦ୍ଧ କାରଣରୁ ନୂଆକରି ବାହାରି ଆସୁଥିବା ବଜାରଗୁଡ଼ିକୁ ଚିହ୍ନଟ କରିବା ପଞ୍ଚମ ଉପାୟ ହେବ। ଏଥିସହ ଢ଼ାଞ୍ଚାଗତ ନିବେଶ ବୃଦ୍ଧି କରିବାକୁ ହେବ ବୋଲି ସେ ତାଙ୍କର ୬ଷ୍ଠ ଉପାୟରେ କହିଛନ୍ତି। ଏ ଦିଗରେ ଘରୋଇ ନିବେଶ ବୃଦ୍ଧି ଉପରେ ଜୋର୍ ଦେବାକୁ ହେବ ବୋଲି ତାଙ୍କର ମତ ରହିଛି। ସେ କହିଛନ୍ତି ଯେ, ଉଭୟ ଢ଼ାଞ୍ଚାଗତ ଏବଂ ଚକ୍ରିୟ ସମସ୍ୟାକୁ ଦୂର କରିବା ଅତ୍ୟନ୍ତ ଜରୁରୀ। ଏହିସବୁ ପଦକ୍ଷେପ ଗ୍ରହଣ କରାଗଲେ ଆସନ୍ତା ୩-୪ ବର୍ଷ ମଧ୍ୟରେ ଦେଶ ପୁଣିଥରେ ଉଚ୍ଚ ବିକାଶ ହାର ହାସଲ କରିପାରିବ ବୋଲି ମନମୋହନ କହିଛନ୍ତି।

ଦେଶର ଅର୍ଥନୀତିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ମନ୍ତବ୍ୟ ଦେଇ ଡ.ସିଂ କହିଛନ୍ତି ଯେ, ସରକାର ପ୍ରତ୍ୟାଖ୍ୟାନ ମୁଦ୍ରାରେ ବେଶି ଦିନ ରହିପାରିବେ ନାହିଁ। ଦେଶର ଅର୍ଥନୀତି ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛି ବୋଲି ଉଲ୍ଲେଖ କରି ମନମୋହନ କହିଛନ୍ତି ଯେ, ଗତ ତ୍ରୈମାସରେ ଜିଡିପି ହାର ୫%କୁ ଖସି ଆସିଛି, ଯାହା କି ୬ ବର୍ଷରେ ସର୍ବନିମ୍ନ। ଅର୍ଥନୀତିର କେତେକ ପ୍ରମୁଖ କ୍ଷେତ୍ର ପ୍ରଭାବିତ ହୋଇଛି। ଅଟୋମୋବାଇଲ କ୍ଷେତ୍ରରେ ଉତ୍ପାଦନ ହ୍ରାସ ଯୋଗୁ ଏବେ ଭାରି ସଙ୍କଟ ଦେଇ ଗତି କରୁଛି। ଏ କ୍ଷେତ୍ରରେ ପ୍ରାୟ ସାଢ଼େ ୩ ଲକ୍ଷରୁ ଅଧିକ କର୍ମଚାରୀ ଇତିମଧ୍ୟରେ ନିଯୁକ୍ତି ହରାଇସାରିଲେଣି। ମାନେସର, ପିମ୍ପରୀ-ଚିଞ୍ଚବଡ଼ ଓ ଚେନ୍ନାଇ ଭଳି ଅଟୋମୋଟିଭ ହବ୍‌ର ଅବସ୍ଥା ସାଂଘାତିକ। ଏହାର ପ୍ରଭାବ ଏସମ୍ପର୍କିତ ଉଦ୍ୟୋଗଗୁଡ଼ିକ ଉପରେ ପଡିଛି।

## ବିଏସ୍-୬ ଇଞ୍ଜିନ ସହ ନୂଆ ହୋଣ୍ଡା ଆକ୍ଟିଭା



**ନୂଆଦିଲ୍ଲୀ, ୧୨-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ବିଏସ୍-୬ ଇଞ୍ଜିନ ଯୁକ୍ତ ନୂଆ ଆକ୍ଟିଭା ବଜାରକୁ ଆସିଛି। ୨୦୨୦ ଏପ୍ରିଲରୁ ବିଏସ୍-୬ ନିୟମ ଲାଗୁ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ହୋଣ୍ଡା ଉକ୍ତ ନିୟମକୁ ଧ୍ୟାନରେ ରଖି ନୂଆ ମାନକ ଯୁକ୍ତ ଯାନ ବଜାରକୁ ଛାଡିଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଡକ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୂଷଣ ହ୍ରାସ କରିବା ଲାଗି ବିଏସ୍-୬ ନିୟମକୁ ଲାଗୁ କରିବା ଲାଗି ନିଷ୍ପତ୍ତି ହୋଇଥିବା ଗଡକରୀ କହିଛନ୍ତି। ନୂଆ ଆକ୍ଟିଭାର ଉନ୍ମୋଚନ ସବୁଜ ପରିବେଶ ଦିଗରେ ଏକ ପଦକ୍ଷେପ। ସମୟ ଆଗରୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ହୋଣ୍ଡା ଟୁହ୍ୱିଲର୍ସକୁ ସେ ଅଭିନନ୍ଦନ ଜଣାଇଛନ୍ତି। ନୂଆ ମାନକଯୁକ୍ତ ଯାନ ବଜାରକୁ ଛାଡି ପରିବର୍ତ୍ତିତ ବିପ୍ଳବରେ ଅଗ୍ରଣୀ ରହିଛୁ ବୋଲି ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆର ଏମ୍‌ଡି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ନୂଆ ଯାନର ଷ୍ଟାଣ୍ଡାର୍ଡ ଭାରିଆଣ୍ଟ ବଜାର ଦର ୬୭,୪୯୦ ଟଙ୍କା ରହିଛି।





ଏଲ୍‌ଜି ପକ୍ଷରୁ ଏହାର ଡିଲରଶିପଗୁଡିକୁ ନେଇ ଟାଇଟାନ୍ସ ଅଫ୍ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରାଞ୍ଚ ସ୍ତରରେ ଲିଗ୍ ଅଫ୍ ଟାଇଟାନକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଠାରେ ଏଲ୍‌ଜିର ନୂଆ ପ୍ରଡକ୍ଟ ଲାଇନ ଅପ୍ ଏବଂ ବାଣିଜ୍ୟ ନେଇ ଆଲୋଚନା କରାଯାଇଛି। ଏଠାରେ କମ୍ପାନୀର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଲ ସକ୍ସେନାଙ୍କ ସମେତ ବିଭିନ୍ନ ଡିଲରଶିପ ମୁଖ୍ୟ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୀତାରାମନ୍‌ଙ୍କ ଯୁକ୍ତି ସହ ଏକମତ ନୁହେଁ ମାରୁତି

**ନୂଆଦିଲ୍ଲୀ,୧୨-୯**

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓଲା ଓ ଉବର ଭଳି ଟ୍ୟାକ୍ସି ଏଗ୍ରିଗେଟର୍ସକୁ ଦାୟୀ କରିଛନ୍ତି। କିନ୍ତୁ ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ଏଥିରେ ସହମତ ନୁହେଁ। କମ୍ପାନୀର ଜଣେ ଶୀର୍ଷ ଅଧିକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବଙ୍କ ମତରେ ଯୁବବର୍ଗଙ୍କ ମଧ୍ୟରେ ଓଲା, ଉବର ବ୍ୟବହାର ପ୍ରତି ଆକର୍ଷଣ ବଢ଼ିବା ଆର୍ଥିକ ମାନ୍ଦାବସ୍ଥାର କାରଣ ହୋଇ ନ ପାରେ। ସେ କହିଛନ୍ତି ଯେ, କ୍ୟାବ୍ ସେବା ଦେଶରେ ୬-୭ ବର୍ଷ ହେଲା ଚାଲୁଛି। ଏହି ସମୟରେ ଅଟୋ ଶିଳ୍ପରେ ଭଲ ଅଭିବୃଦ୍ଧି ଦେଖାଯାଇଥିଲା। ଗତ କିଛି ମାସ ହେଲା ଗାଡ଼ି ବିକ୍ରି ଦ୍ରୁତଗତିରେ କାହିଁକି ହ୍ରାସ ପାଇଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଅଧ୍ୟୟନର ଆବଶ୍ୟକତା ରହିଛି ବୋଲି ଶ୍ରୀବାସ୍ତବ କହିଛନ୍ତି। ମାନ୍ଦାବସ୍ଥା ଦୂର କରିବା ଲାଗି ସରକାରଙ୍କ ଦ୍ୱାରା ଘୋଷିତ ଉପାୟ ପର୍ଯ୍ୟାପ୍ତ ନୁହେଁ ବୋଲି ସେ କହିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, କାର୍ କିଣିବାକୁ ନେଇ ଏବେ ମଧ୍ୟ ଭାରତୀୟଙ୍କ ଧାରଣାରେ କୌଣସି ପରିବର୍ତ୍ତନ ହୋଇନି। ଲୋକେ ନିଜର ଆବଶ୍ୟକତା ଅନୁଯାୟୀ ଏବଂ ସଉକ ପୂର୍ଣ୍ଣ କରିବା ଲାଗି କାର୍ କିଣିବାକୁ ଚିନ୍ତା କରନ୍ତି। ସୂଚନାଥାଉ କି, ଅର୍ଥମନ୍ତ୍ରୀ ସୀତାରାମନ୍ କହିଥିଲେ ଯେ, ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି। ଇଏମ୍‌ଆଇ ଦେଇ କାର୍ କିଣିବା ବଦଳରେ ଲୋକେ ଏବେ ଓଲା, ଉବର ଭଳି କ୍ୟାବ୍ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି।

ଶ୍ରୀବାସ୍ତବଙ୍କ ମତରେ ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ପାଇଁ ଓଲା,ଉବର ଦାୟୀ ନୁହେଁ। ପ୍ରକୃତ କାରଣ ସମ୍ପର୍କରେ ଏକ ସିଦ୍ଧାନ୍ତରେ ପହଞ୍ଚିବାକୁ ହେଲେ ଏ ସଂକ୍ରାନ୍ତରେ ଗଭୀର ଅଧ୍ୟୟନ ହେବା ଆବଶ୍ୟକ।

## ୨୫ ଲକ୍ଷ ପର୍ଯ୍ୟନ୍ତ ଟିଡିଏସ୍ ଦାଖଲ ନ କଲେ ହେବ ନାହିଁ ଫୌଜଦାରୀ ମାମଲା

**ନୂଆଦିଲ୍ଲୀ,୧୨-୯**

ଟିକସ ପ୍ରଦାନକାରୀଙ୍କୁ ଆଶ୍ୱସ୍ତ କରି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଏକ ସର୍କୁଲାର ଜାରି କରିଛି। ଏଣିକି ଜାଣିଶୁଣି ଟିକସ ଫାଙ୍କିବାର ପ୍ରୟାସ, ଆୟକର ରିଟର୍ନ ଦାଖଲ ନ କରିବା ମାମଲାରେ ଏବଂ ସରକାରୀ ରାଜକୋଷରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିଡିଏସ୍(ସ୍ରୋତରୁ ଟିକସ କାଟିବା) ଜମା ନ କରିବା କ୍ଷେତ୍ରରେ ଟିକସଦାତାଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ଦାଏର କରାଯିବ ନାହିଁ ବୋଲି ସିବିଡିଟି ସର୍କୁଲାରରେ ସ୍ପଷ୍ଟ କରାଯାଇଛି। ଏହାର ଅର୍ଥ ଏଣିକି ଏଭଳି ମାମଲାଗୁଡ଼ିକ ଆଉ କୋର୍ଟକୁ ଯିବ ନାହିଁ। ସିବିଡିଟିର ଏହି ନିଷ୍ପତ୍ତି କାରଣରୁ ବହୁ ସଂଖ୍ୟାରେ ଟିକସଦାତାଙ୍କୁ ଆଇନଗତ ଝାମେଲାରୁ ମୁକ୍ତି ମିଳିବ। ଟିକସଦାତାଙ୍କ ବିରୋଧରେ କଠୋର ମନୋଭାବ ପୋଷଣ ନ କରିବାକୁ ନିକଟ ଅତୀତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆୟକର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସର୍କୁଲାରରେ କୁହାଯାଇଛି ଯେ, ବାରମ୍ବାର ଦାଖଲ କରିବାରେ ହେଳା କରିବା କ୍ଷେତ୍ରରେ ଦୁଇଜଣିଆ ମୁଖ୍ୟ କମିଶନରଙ୍କ କଲେଜିୟମ କିମ୍ବା ଆୟକର ବିଭାଗର ମହାନିର୍ଦ୍ଦେଶକଙ୍କ ଅନୁମତି ନେବା ପରେ ଯାଇ ମାମଲା ଦାଏର କରାଯାଇପାରିବ।

## ପଓ୍ୱନ ମୁଞ୍ଜାଲଙ୍କୁ ଏସିଆ ପାସିଫିକ ଗଲ୍ଫ ହଲ ଅଫ୍ ଫେମ୍ ସମ୍ମାନ

**ନୂଆଦିଲ୍ଲୀ, ୧୨-୯**



ହିରୋ ମୋଟୋକର୍ପ ଲିମିଟେଡର ଅଧ୍ୟକ୍ଷ,ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଓ୍ୱନ ମୁଞ୍ଜାଲଙ୍କୁ ଏସିଆ ପାସିଫିକ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନିତ କରାଯାଇଛି। ଗଲ୍ଫ କ୍ରୀଡାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ମୁଞ୍ଜାଲଙ୍କୁ ଏହି ସମ୍ମାନ ମିଳିଛି। ବାହାମାସସ୍ଥିତ ଆଲବାନିଠାରେ ହିରୋ ୱାର୍ଲଡ ଚ୍ୟାଲେଞ୍ଜ ଅବସରରେ ଟାଇଗର ଉଡ୍‌ସଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ ସେଠାରେ ଯୋଗ ଦେଇଥିଲେ। ଏଠାରେ ଗଲ୍ଫର ଜ୍ୟାକ୍ ନିକୋଲାସ, ଗ୍ରେ ପ୍ଲେୟାର, ଡ.ଡେଭିଡ ଚୁ ଯୋଗ ଦେଇଥିଲେ। ଗତ ୨୦ ବର୍ଷ ଧରି ଗଲ୍ଫ କ୍ରୀଡାର ବିକାଶ ଲାଗି ମୁଞ୍ଜାଲ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି। ମୁଞ୍ଜାଲ ଏକ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ବୋଲି ଏସିଆ ପାସିଫିକ ଗଲ୍ଫ ଗ୍ରୁପର ସିଇଓ ମାଇକ ସେବାଷ୍ଟିଆନ କହିଛନ୍ତି। ଗଲ୍ଫକୁ ପରିଚିତ କରାଇବା ଦିଗରେ ଯୋଗଦାନ ରଖିବା ସହ ସାମାଜିକ ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ସେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ପଓ୍ୱନ ମୁଞ୍ଜାଲ ଫୁଟବଲ, ଗଲ୍ଫ ଏବଂ କ୍ରିକେଟର ବିକାଶ ଲାଗି କାର୍ଯ୍ୟ ଜାରି ରଖିଛନ୍ତି।

## ସ୍ୱଚ୍ଛତା କ୍ଷେତ୍ରରେ ଯୋଗଦାନ ଲାଗି ପାଓ୍ୱାରଗ୍ରୀଡ ସମ୍ମାନିତ

**ନୂଆଦିଲ୍ଲୀ, ୧୨-୯**

ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ପାଓ୍ୱାର ଗ୍ରୀଡ ପୁରସ୍କାର ଲାଭ କରିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କମ୍ପାନୀକୁ ପୁରସ୍କୃତ କରିଛନ୍ତି। ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଓ୍ୱାର ଗ୍ରୀଡ କର୍ପୋରେଶନ ଲିମିଟେଡର ସିଏମ୍‌ଡି କେ. ଶ୍ରୀକାନ୍ତ ରାଷ୍ଟ୍ରପତିଙ୍କଠାରୁ ଉକ୍ତ ପୁରସ୍କାର ଲାଭ କରିଥିଲେ। ପିଏସ୍‌ୟୁ କର୍ପୋରେଟ ବର୍ଗରେ କମ୍ପାନୀ ସ୍ୱଚ୍ଛ ଭାରତ ଆଓ୍ୱାର୍ଡ ଲାଭ କରିବାକୁ ସକ୍ଷମ ହୋଇଛି। ସ୍ୱଚ୍ଛ ଆଇକନିକ ପ୍ଲେସେସ ଏବଂ ସ୍ୱଚ୍ଛ ଭାରତ କୋଷକୁ ସିଏସ୍‌ଆରରେ କମ୍ପାନୀ ଯୋଗଦାନ ଜାରି ରଖିଛି।

### ଅଜିମ ପ୍ରେମଜୀଙ୍କ ବଦାନ୍ୟତା



ଅଜୀମ ପ୍ରେମଜୀ

# ପରୋପକାର ଲାଗି ବିକିଲେ ୭,୩୦୦ କୋଟିର ଶେୟାର

**ନୂଆଦିଲ୍ଲୀ, ୧୨-୯**

ନିଜ ସମ୍ପତ୍ତିର ଏକ ବୃହତ୍ ଅଂଶକୁ ପରୋପକାର କାର୍ଯ୍ୟ ଲାଗି ଖର୍ଚ୍ଚ କରିବାକୁ ବିଶିଷ୍ଟ ଶିଳ୍ପପତି ଅଜିମ ପ୍ରେମଜୀ ଚଳିତ ବର୍ଷ ଘୋଷଣା କରିଥିଲେ। ଏହି ଧାରାରେ ସେ ୱିପ୍ରୋର ୭,୩୦୦ କୋଟି ଟଙ୍କାର ଅଂଶଧନକୁ ବିକ୍ରି କରିଥିବା ଜଣାପଡ଼ିଛି। ବାଏବ୍ୟାକ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରେମଜୀ ପ୍ରମୋଟରଙ୍କୁ ଏହି ଶେୟାର ବିକ୍ରି କରିଛନ୍ତି। ୨୧ ଜୁନରେ ଶେୟାର ପିଛା ୩୨୫ ଟଙ୍କା ମୂଲ୍ୟରେ ୩୨ କୋଟି ପୂର୍ଣ୍ଣ ପେଡ୍ ଅପ୍ ଇକ୍ୱିଟି ଶେୟାର ଲାଗି ପୋଷ୍ଟବାଏ ବ୍ୟାକ୍ ଅଫର ଘୋଷଣା କରାଯାଇଥିଲା ବୋଲି ଷ୍ଟକ ଏକ୍ସଚେଞ୍ଜକୁ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଫର ଗତ ମାସରେ ଶେଷ ହୋଇଥିବା ବେଳେ ଶେୟାର ବ୍ୟାଏବ୍ୟାକ ନେଇ ୱିପ୍ରୋ ବୋର୍ଡ ପକ୍ଷରୁ ଚଳିତ ବର୍ଷ ଏପ୍ରିଲରେ ଘୋଷଣା କରାଯାଇଥିଲା। ଶେୟାର ବାଏବ୍ୟାକରୁ ମିଳୁଥିବା ଅର୍ଥ ମଧ୍ୟରୁ ସିଂହଭାଗ ଅଂଶ ଅଜିମ ପ୍ରେମଜୀ ଫାଉଣ୍ଡେଶନ ଦ୍ୱାରା ଜନ କଲ୍ୟାଣକାରୀ କାର୍ଯ୍ୟରେ ଖର୍ଚ୍ଚ କରାଯିବ। ଏହି ଫାଉଣ୍ଡେଶନ ଦୁନିଆର ପଞ୍ଚମ ବୃହତ୍ତ ଏବଂ ଏସିଆର ସବୁଠାରୁ ବୃହତ୍ତ ଦାତବ୍ୟ ଅନୁଷ୍ଠାନ।

ଅଜୀମ ପ୍ରେମଜୀ ଚଳିତ ବର୍ଷ ଜୁଲାଇରେ ୱିପ୍ରୋର କାର୍ଯ୍ୟନିର୍ବାହି ଅଧ୍ୟକ୍ଷ ପଦବୀରୁ ଅବସର ନେଇଛନ୍ତି। ଏହାପରେ କମ୍ପାନୀର ତାଙ୍କ ପୁତ୍ର ରିଷଦ ପ୍ରେମଜୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ବ୍ଲୁମବର୍ଗ ବିଲିୟନାରୀ ସୂଚୀ ମୁତାବକ ଅଜିମ ପ୍ରେମଜୀଙ୍କ ନିକଟରେ ମୋଟ ୧୮ ବିଲିୟନ ଡଲାରର ସମ୍ପତ୍ତି ରହିଛି। ଚଳିତ ବର୍ଷ ମାର୍ଚ୍ଚରେ ୱିପ୍ରୋରେ ଥିବା ନିଜର ଅଂଶଧନରୁ ଆସିଥିବା ଲାଭକୁ ଅଜିମ ପ୍ରେମଜୀ ଫାଉଣ୍ଡେଶନକୁ ଦେବା ଲାଗି ଘୋଷଣା କରିଥିଲେ। ବର୍ତ୍ତମାନ ଏହାର ଭାଲ୍ୟୁ ୧.୪୫ ଲକ୍ଷ କୋଟି ଟଙ୍କା ହେବ। ସମାଜ କଲ୍ୟାଣ ଲାଗି ବୃହତ୍ ପରିମାଣର ସମ୍ପତ୍ତି ଦାନ କରିଥିବା ବିଶ୍ୱର ପ୍ରମୁଖ ବ୍ୟକ୍ତି ଯଥା-ବିଲ୍ ଗେଟ୍‌ସ, ୱାରେନ ବଫେଟ ଏବଂ ଜର୍ଜ ସୋରସଙ୍କ ଭଳି ବ୍ୟକ୍ତିଙ୍କ ସହ ପ୍ରେମଜୀଙ୍କ ନାମକୁ ସମକକ୍ଷ ମାନାଯାଇଥାଏ। ପ୍ରେମଜୀ ଫାଉଣ୍ଡେଶନ ଏକ ଚାରିଟେବୁଲ ଟ୍ରଷ୍ଟ ହୋଇଥିବା ବେଳେ ସରକାରଙ୍କ ସହ ମିଳିତ ହୋଇ ବିଭିନ୍ନ ରାଜ୍ୟରେ ପ୍ରାଥମିକ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଦିଗରେ କାର୍ଯ୍ୟ କରୁଛି। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ପଛୁଆ ଅଞ୍ଚଳରେ ଏହା ଅନେକ କାମ କରିଛି। ବାଙ୍ଗାଲୋରଠାରେ ଫାଉଣ୍ଡେଶନ ପକ୍ଷରୁ ପ୍ରେମଜୀ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯାଇଛି। ଦେଶ ବିଭାଜନ ସମୟରେ ପ୍ରେମଜୀଙ୍କ ପରିବାର ଭାରତ ଚାଲି ଆସିଥିଲେ। ପାକିସ୍ତାନରେ ରହିବା ନେଇ ଏହାର ପ୍ରତିଷ୍ଠାତା ମହମ୍ମଦ ଅଲ୍ଲି ଜିନ୍ନାଙ୍କ ପ୍ରସ୍ତାବକୁ ପ୍ରେମଜୀଙ୍କ ପରିବାର ଅଗ୍ରାହ୍ୟ କରି ଭାରତରେ ରହିବାକୁ ପସନ୍ଦ କରିଥିଲେ। ଅଜିମ ପ୍ରେମଜୀଙ୍କ ବାପା ମହମ୍ମଦ ହାସିନ ପ୍ରେମଜୀଙ୍କୁ ଜିନ୍ନା ପାକିସ୍ତାନର ଅର୍ଥମନ୍ତ୍ରୀ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ମାତ୍ର ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରି ସେ ପରିବାର ସହ ଭାରତ ଚାଲି ଆସିଥିଲେ।



“ଏମ୍.ଏସ୍. ଧୋନୀ ତାଙ୍କ କ୍ରିକେଟ କ୍ୟାରିୟରରେ ସବୁକିଛି ହାସଲ କରିସାରିଛନ୍ତି । ସେ କେତେବେଳେ ଅବସର ନେବା ଉଚିତ ତାହା ତାଙ୍କୁ ଜଣା ।

–ବିଶ୍ୱନାଥନ ଆନନ୍ଦ, ବିଶିଷ୍ଟ ଚେସ୍ ଖେଳାଳି



“‘ଦଙ୍ଗଲ’ ଚଳଚ୍ଚିତ୍ର ଦ୍ୱାରା ମୁଁ ପ୍ରଭାବିତ। ବୈଜ୍ଞାନିକ ପଦ୍ଧତିରେ ଭାରତକୁ ଏକ ରେସ୍‌ଲିଂ ପାୱାର ହାଉସ୍‌ରେ ପରିଣତ କରିବା ମୋର ଲକ୍ଷ୍ୟ ରହିଛି ।

–ଆଣ୍ଡ୍ରୁ କୁକ୍, ଭାରତୀୟ ମହିଳା ରେସ୍‌ଲିଂର ବିଦେଶୀ କୋଚ୍

## ସଂକ୍ଷେପରେ

### ୩ ହଜାର ଛାତ୍ରୀଛାତ୍ର ଦେଖିବେ ଦେଶର ପ୍ରଥମ ଏନ୍‌ବିଏ ମ୍ୟାଚ୍

ମୁମ୍ବାଇ,୧୨।୯(ପିଟି): ଆସନ୍ତା ମାସରେ ଦେଶରେ ପ୍ରଥମ ଥର ପାଇଁ ଏନ୍‌ବିଏ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଉପଭୋଗ କରିବା ଲାଗି ୭୦ ସ୍କୁଲର ୩ ହଜାର ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରାଯିବ ବୋଲି ଜାତୀୟ ବାସ୍କେଟବଲ ଆସୋସିଏଶନ ପକ୍ଷରୁ ଗୁରୁବାର କୁହାଯାଇଛି। ଆସନ୍ତା ୪ ଓ ୫ ତାରିଖରେ ସାକ୍ରାମେଣ୍ଟୋ କିଙ୍ଗ୍ସ ଓ ଇଣ୍ଡିଆନ୍ ପେସର୍ସ ଦୁଇଟି ଅଭ୍ୟାସମୂଳକ ଗେମ୍ ଖେଳିବେ। ପ୍ରଥମ ଦିନର ମ୍ୟାଚ୍‌କୁ ରିଲିଆନ୍ସ ଫାଉଣ୍ଡେଶନର ଜୁନିୟର ଏନ୍‌ବିଏ ପ୍ରୋଗ୍ରାମ ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରାଯିବ। ୫ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଗେମ୍‌କୁ ପ୍ରଶଂସକମାନେ ଉପଭୋଗ କରିପାରିବେ। ଦେଶର ବାଳିକା ଓ ବାଳକଙ୍କୁ ଏନ୍‌ବିଏ ମ୍ୟାଚ୍‌ର ଅଭିଜ୍ଞତା ନେବାର ସୁଯୋଗ ଦେଇପାରିଥିବାରୁ ଆମେ ଗର୍ବିତ ବୋଲି ଏନ୍‌ବିଏ ଡେପୁଟି କମିଶନର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ମାର୍କ ଟାଟୁମ କହିଛନ୍ତି।

### ଭଲିବଲ ରେଫରି କ୍ଲିନିକ୍ ୨୧ରୁ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ ଖେଳର ନୀତିନିୟମ ଉପରେ ଏକ ରେଫରି କ୍ଲିନିକ୍ ଚଳିତମାସ ୨୧ ଓ ୨୨ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ୧୫-ବି'ଠାରେ ଅନୁଷ୍ଠିତ ହେବ। ଓଡ଼ିଶା ଭଲିବଲ ଆସୋସିଏଶନ ନିକଟରେ ପଞ୍ଜୀକୃତ ହୋଇଥିବା ସମସ୍ତ ଜାତୀୟ ଓ ରାଜ୍ୟ ଭଲିବଲ ରେଫରିମାନେ ଏଥିରେ ଭାଗ ନେଇପାରିବେ। କ୍ଲିନିକ୍ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ରେଫରିମାନଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଜିଲା ଆସୋସିଏଶନ ସମ୍ପାଦକମାନେ ସହଯୋଗ କରିବାକୁ ରାଜ୍ୟ ଆସୋସିଏଶନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଓଭିଏ ପକ୍ଷରୁ ସମସ୍ତଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରାଯିବ। ରାଜ୍ୟର ସକ୍ରିୟ ରେଫରିମାନେ ସେମାନଙ୍କର ନାମ ହ୍ୱାଟ୍ସଆପ୍ କିମ୍ବା ଇମେଲ ଯୋଗେ ଆସନ୍ତା ୧୬ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ କୁହାଯାଇଛି। ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ ଓ ଜାତୀୟ ରେଫରି ପ୍ରମୋଦ କୁମାର ବେହେରା ଯଥାକ୍ରମେ କ୍ଲିନିକ୍ ଇନ୍‌ଷ୍ଟ୍ରକ୍ଟର ଓ ନିର୍ଦ୍ଦେଶକ ଦାୟିତ୍ୱ ନିର୍ବାହ କରିବେ ବୋଲି ଓଭିଏ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାସ ପ୍ରକାଶ କରିଛନ୍ତି। ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଆସନ୍ତା ଅକ୍ଟୋବରରେ କନ୍ଧମାଳରେ ଏବଂ ଜାତୀୟ ସିନିୟର ଭଲିବଲ ପ୍ରତିଯୋଗିତା ଡିସେମ୍ବରରେ କିଟ୍‌ରେ ଅନୁଷ୍ଠିତ ହେବ। ଏହି ୨ଟି ପ୍ରତିଯୋଗିତା ପୂର୍ବରୁ ରେଫରି କ୍ଲିନିକ୍ ବେଶ୍ ଉପାଦେୟ ହେବ ବୋଲି ଆଶା ପ୍ରକାଶ କରାଯାଇଛି। କ୍ଲିନିକ୍ ପାଇଁ ସୁଯୋଗ ଦେଇଥିବାରୁ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ରାଜ୍ୟ ଭଲିବଲ ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ଦଳ ଘୋଷିତ

## ରାହୁଲ ବାଦ୍, ଶୁବମନ ସାମିଲ, ରୋହିତ୍ ଓପନର

ନୂଆଦିଲ୍ଲୀ,୧୨।୯(ପି.ଟି.)

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଭାରତୀୟ ଟେଷ୍ଟ ଦଳ ଘୋଷଣା ହୋଇଛି। ଦଳରେ ଏକାଧିକ ଅଦଳବଦଳ କରାଯାଇ। ଖରାପ୍ ଫର୍ମ ପାଇଁ ଓପନର ଲୋକେଶ ରାହୁଲଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଫଳରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଇନିଂସ ଓପନ କରିବାର ପଥ ପରିଷ୍କାର ହୋଇଛି। ଉଦୀୟମାନ ଯୁବ ପଞ୍ଜାବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍‌ଙ୍କୁ ପ୍ରଥମଥର ପାଇଁ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଶୁବମନ ଉଭୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଓ ଓପନର ହିସାବରେ ବ୍ୟାଟିଂ କରିବାର କ୍ଷମତା ରଖୁଥିବାରୁ ଦଳରେ ବ୍ୟାକ୍‌ଅପ୍ ଭୂମିକା ନିଭାଇବେ।

ରୋହିତଙ୍କୁ ଇନିଂସ ଓପନ କରିବାର ସୁଯୋଗ ଦେବାକୁ ଆମେ ଚାହୁଁଛୁ। କେବଳ ଚୟନ କମିଟି ନୁହଁ ଟିମ୍ ମ୍ୟାନେଜମେଣ୍ଟରେ ସମସ୍ତେ ଏ ନେଇ ସମାନ ମତ ପୋଷଣ କରିଥିଲେ ବୋଲି ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ସେହିପରି ଶୁବମନଙ୍କୁ ଜଣେ ଓପନର ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ଦଳରେ ସାମିଲ କରାଯାଇଛି। ଦୁଇଟି ସ୍ଥାନ ପାଇଁ ସେ ବ୍ୟାକ୍‌ଅପ୍ ଖେଳାଳି ଭାବେ ଦାୟିତ୍ୱ ନିର୍ବାହ କରିବେ। ଖେଳ ଜାରି ରଖିଲେ ତାଙ୍କୁ ଅଧିକରୁ ଅଧିକ ସୁଯୋଗ ମିଳିବ। ସେ ୩ଟି ଯାକ ଫର୍ମାଟରେ ଖେଳିବାର ଦକ୍ଷତା ରଖୁଛନ୍ତି ବୋଲି ପ୍ରସାଦ କହିଛନ୍ତି। ସେହିପରି ଯୁବ ଉଇକେଟକିପର ରିଷଭ ପନ୍ତ ଦଳରେ

| ଭାରତୀୟ ଟେଷ୍ଟ ଦଳ | ବୋର୍ଡ ସଭାପତି ଏକାଦଶ |
|---|---|
| ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ- ଅଧିନାୟକ), ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ- କିପର), ଋଦ୍ଧିମାନ ଶାହ (ଉଇକେଟ- କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ଶୁବମନ ଗିଲ। | ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, କରୁଣ ନାୟାର, ସିଦ୍ଧେଶ ଲାଡ, କେ.ଏସ୍. ଭରତ (ଉଇକେଟ କିପର), ଜଲାଜ ସାକସେନା, ଧର୍ମେନ୍ଦ୍ରସିନ ଜାଡେଜା, ଅଭେଶ ଖାଁ, ଈଶାନ ପୋରେଲ, ଶାର୍ଦ୍ଦୁଳ ଠାକୁର ଓ ଉମେଶ ଯାଦବ। |

ସ୍ଥାନ ବଜାୟ ରଖିଥିଲେ ମଧ୍ୟ ଅନ୍ତିମ ଏକାଦଶରେ ତାଙ୍କୁ ସ୍ଥାନ ନ ମିଳିପାରେ। ତାଙ୍କ ବଦଳରେ ଅଭିଜ୍ଞ ଋଦ୍ଧିମାନ ଶାହଙ୍କୁ ସୁଯୋଗ ମିଳିପାରେ।

ଅକ୍ଟୋବର ୨ ତାରିଖରୁ ବିଶାଖାପାଟଣାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ଯଥାକ୍ରମେ ପୁଣେରେ ୧୦ ଓ ରାଞ୍ଚିରେ ୧୯ ତାରିଖରୁ ଆରମ୍ଭ ହେବ। ଘରୋଇ ପରିବେଶ କାରଣରୁ ଉମେଶ ଯାଦବଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଭାରତୀୟ ପିଚ୍‌ରେ ସାଧାରଣତଃ ୨ଜଣ ଦ୍ରୁତ ବୋଲରଙ୍କୁ ଖେଳାଯାଇଥାଏ। ଏପରିସ୍ଥଳେ ଦଳରେ ୪ଜଣ ଦ୍ରୁତ ବୋଲରଙ୍କୁ ସାମିଲ ନ କରିବାକୁ ଚୟନ କମିଟି ନିଷ୍ପତ୍ତି ନେଇଛି।

ସେପ୍ଟେମ୍ବର ୨୬ ତାରିଖରୁ ବିଜୟନଗରମରେ ଆରମ୍ଭ ହେବାକୁ ଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ରୋହିତ ବୋର୍ଡ ସଭାପତି ଏକାଦଶର ନେତୃତ୍ୱ ନେବେ। ଓପନର ହିସାବରେ ସେ ଏହି ମ୍ୟାଚ୍‌ରେ ନିଜର ପରୀକ୍ଷା କରାଇବେ। ଦିନିକିଆ କ୍ରିକେଟରେ ଅତ୍ୟନ୍ତ ସଫଳ ପ୍ରଦର୍ଶନ କରିଥିବାରୁ ରୋହିତଙ୍କୁ ଟେଷ୍ଟରେ ମଧ୍ୟ ଓପନର ଦାୟିତ୍ୱ ଦେବାକୁ ଚୟନକର୍ତ୍ତା ନିଷ୍ପତ୍ତି ନେଇଛନ୍ତି। ଓପନର ହିସାବରେ ସେ ସଫଳ ହେବେ ବୋଲି ପ୍ରସାଦ ଆଶା ପ୍ରକାଶ କରିଛନ୍ତି। ଅନ୍ୟପଟେ ରାହୁଲ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ହୋଇଥିବାରୁ ତାଙ୍କ ଉପରେ ଆମର ଭରସା ଅଛି। ତେବେ ଦୁର୍ବଳ ଫର୍ମ କାରଣରୁ ତାଙ୍କୁ ଦଳରୁ ବାଦ୍ ଦେବାକୁ



ଶୁବମନ ଗିଲ

ପଡ଼ିଲା। ପର୍ଯ୍ୟାପ୍ତ ସୁଯୋଗ ମିଳିଥିଲେ ମଧ୍ୟ ସେ ଏହାର ଫାଇଦା ଉଠାଇ ପାରି ନ ଥିଲେ। ରାହୁଲ୍ ଏବେ ଘରୋଇ କ୍ରିକେଟ ଉପରେ ଧ୍ୟାନ ଦେଇ ଫର୍ମକୁ ଫେରିବାକୁ ପ୍ରୟାସ କରିବା ଉଚିତ। ପୂର୍ବରୁ ଜାତୀୟ ଦଳରୁ ବାଦ୍ ପଡିବା ପରେ ଭିଭିଏସ୍ ଲକ୍ଷ୍ମଣ ରଣଜୀ ଟ୍ରଫିରେ ୧୪୦୦ ରନ କରି ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ତେଣୁ ରାହୁଲ ଲକ୍ଷ୍ମଣଙ୍କ ପଥ ଅନୁସରଣ କରିବା ଉଚିତ ବୋଲି ସେ କହିଛନ୍ତି। ଟେଷ୍ଟ ଦଳ ସହ ଅଭ୍ୟାସ ମ୍ୟାଚ୍ ପାଇଁ ଚୟନ କମିଟି ବୋର୍ଡ ସଭାପତି ଏକାଦଶ ଦଳ ମଧ୍ୟ ଘୋଷଣା କରିଛି। ରୋହିତ ଏହି ଦଳରେ ନେତୃତ୍ୱ ନେବେ।

### ଅଷ୍ଟ୍ରେଲୀୟ ବୋଲର ମେଗାନଙ୍କ ବିରଳ ରେକର୍ଡ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୧୨।୯ (ପି.ଟି.)

ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମେଗାନ ସ୍କଟ୍ ମହିଳା କ୍ରିକେଟ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ସୀମିତ ଓଭର ଫର୍ମାଟ୍‌ରେ ୨ଟି ହ୍ୟାଟ୍ରିକ ଉଇକେଟ୍ ନେବାର ରେକର୍ଡ ସ୍ଥାପନ କରିଛନ୍ତି। ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍ ଅବସରରେ ୨୬ ବର୍ଷୀୟା ସ୍କଟ୍ ଏହି ସଫଳତା ପାଇଛନ୍ତି। ଏଥିସହ ପ୍ରଥମ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ଭାବେ ଦିନିକିଆ କ୍ରିକେଟ୍‌ରେ ହ୍ୟାଟ୍ରିକ ଉଇକେଟ୍ ତାଙ୍କ ନାମରେ ମଧ୍ୟ ଲିପିବଦ୍ଧ ହୋଇଛି। ଏହି ମ୍ୟାଚ୍‌ରେ ସ୍କଟ୍ ୯ ଓଭର ବୋଲିଂ କରିଥିଲେ ମଧ୍ୟ ଉଇକେଟ୍‌ଶୂନ୍ୟ ରହିଥିଲେ। ତେବେ ନିଜର ୧୦ମ ତଥା ୱେଷ୍ଟଇଣ୍ଡିଜ ଇନିଂସ ୫୦ତମ ଓଭର ବୋଲିଂ କରିବାକୁ ଆସିଥିବା ମେଗାନ ଶେଷ ୩ ବଲରେ ଉଇକେଟ୍ ହାସଲ କରି ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ସେ ଯଥାକ୍ରମେ ସିନେଲ ହେନରୀ, କରିଶ୍ମା ରାମହରକ ଓ ଏଫି ଫ୍ଲେଚରଙ୍କୁ ତାଙ୍କ ଶିକାର ବନାଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୧୮୦ରେ ଅଲ୍‌ଆଉଟ୍ ହୋଇଥିବାବେଳେ ଅଷ୍ଟ୍ରେଲିଆ ୮ ଉଇକେଟ୍‌ରେ ଜିତି ସିରିଜକୁ ୩–୦ରେ କ୍ଲିନ ସୁଇପ୍ କରିଥିଲା। ଏହି ଡାହାଣହାତୀ ଦ୍ରୁତ ବୋଲର ପୂର୍ବରୁ ଗତବର୍ଷ ମାର୍ଚ୍ଚରେ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ଭାରତ ବିପକ୍ଷ ଏକ ଟି୨୦ ମ୍ୟାଚ୍‌ରେ ହ୍ୟାଟ୍ରିକ ନେଇଥିଲେ। ସେତେବେଳେ ଓପନର୍ ସ୍ମୃତି ମନ୍ଧାନା, ଅଧିନାୟିକା ମିଥାଲି ରାଜ ଓ ଦୀପ୍ତି ଶର୍ମାଙ୍କ ଉଇକେଟ୍ ନେଇ ସେ ହ୍ୟାଟ୍ରିକ ସଫଳତା ପାଇଥିଲେ।

## ଜାତୀୟ ଜୁନିୟର ଟେନିସ କ୍ରିକେଟ

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୬ରୁ ୧୯ ପର୍ଯ୍ୟନ୍ତ ଜାତୀୟ ଜୁନିୟର ଟେନିସ କ୍ରିକେଟ ପ୍ରତିଯୋଗିତା ଉତ୍ତର ପ୍ରଦେଶର ମଥୁରାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ନହରକଣ୍ଟାସ୍ଥିତ ଜୟଦେବ କଲେଜ ପରିସରରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ମୋଟ ୮୦ ଖେଳାଳି ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୭ ଜଣିଆ ଓଡ଼ିଶା ଦଳ ଚୟନ କରାଯାଇଛି। ଓଡ଼ିଶା ଦଳ ଶୁକ୍ରବାର ମଥୁରା ଯାତ୍ରା କରିବ ବୋଲି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ମନୋନୀତ ଦଳର ସଦସ୍ୟମାନଙ୍କୁ ଜୟଦେବ କଲେଜ ପକ୍ଷରୁ ସନ୍ଧ୍ୟାରାଣୀ ଦାସ, ଆସୋସିଏଶନ ସଭାପତି ଅବିନାଶ ସାହୁ, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, କୋଷାଧ୍ୟକ୍ଷ ରାଗିଣୀ ମିତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ବିଶାଲ ବିଶ୍ୱଜିତ (ଅଧିନାୟକ), ପ୍ରସାଦ ଖୁଣ୍ଟିଆ(ଉପ–ଅଧିନାୟକ), ବିକ୍ରମ କୁମାର ଦାସ, ଜଗମୋହନ ସ୍ୱାଇଁ, ସ୍ମୃତିଚନ୍ଦନ ଦାସ, ପରମେଶ୍ୱର ଦାସ, ବର୍ଷ୍ଣି ସାମନ୍ତରାୟ, ଶ୍ରୀମନ୍ତ ସାହୁ, ପବିତ୍ର ଜାଲି, କରଣ ନାୟକ, ହିତେଶ ରାଉତ, ଅନସର ବେଗ୍, ଅଜିତ ଦାସ, ବଳଦେବ ସାହୁ, ସତ୍ୟରଞ୍ଜନ ଭୂୟାଁ, କିଶୋର ନାୟକ, ଜ୍ଞାନରଞ୍ଜନ ସାମଲ। କୋଚ: ଏମ୍ ରାଜା, ମ୍ୟାନେଜର: ବାସୁଦେବ ଓଝା।



ଜାତୀୟ ଜୁନିୟର ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ଭାରତ ପକ୍ଷରୁ ଖେଳିବା ଅଂଶୁମାନଙ୍କ ଲକ୍ଷ୍ୟ

ନୂଆଦିଲ୍ଲୀ, ୧୨।୯



- ହଂକଂ ଅଧିନାୟକ ପଦ ଛାଡ଼ିଲେ
- ଓଡ଼ିଶାରୁ ଘରୋଇ କ୍ରିକେଟ ଖେଳିବା ସମ୍ଭାବନା

ଭାରତ ପକ୍ଷରୁ ଖେଳିବା ସ୍ୱପ୍ନରେ ଓଡ଼ିଆ ପୁଅ ଅଂଶୁମାନ ରଥ ଗୁରୁବାର ହଂକଂ ଜାତୀୟ କ୍ରିକେଟ୍ ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ଆଗାମୀ ଦିନରେ ଭାରତରେ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବାକୁ ଯୋଜନା ରଖିଥିବା ଅଂଶୁମାନ ଏଥିସହ ହଂକଂ ଜାତୀୟ ଦଳ ସିଲେକ୍ସନ ପ୍ରକ୍ରିୟାରୁ ମଧ୍ୟ ନିଜକୁ ଦୂରେଇ ନେଇଛନ୍ତି। ‘ଗତ କିଛି ବର୍ଷ ହେବ ମୋତେ ସମସ୍ତ ପ୍ରକାର ସମର୍ଥନ ଓ ସହଯୋଗ କରିଥିବାରୁ କ୍ରିକେଟ୍ ହଂକଂକୁ ଧନ୍ୟବାଦ ଦେବାକୁ ଚାହୁଁଛି। ୧୨ବର୍ଷ ବୟସରୁ ହଂକଂ କ୍ରିକେଟ୍ ସହ ଜଡ଼ିତ ହୋଇଆସିଛି, ଯାହାକି ବହୁତ ସ୍ମରଣୀୟ ରହିବ। ଏବେ କିନ୍ତୁ ପରିବର୍ତ୍ତନର ସମୟ ଆସିଛି ବୋଲି ଭାବୁଛି। ସମସ୍ତ ସାଥୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଧନ୍ୟବାଦ୍ ଦେବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା’ ବୋଲି ଭୁବନେଶ୍ୱର ନିବାସୀ ଅଂଶୁମାନ ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି। ରଥ ହଂକଂ ପକ୍ଷରୁ ୧୮ ଦିନିକିଆ ମ୍ୟାଚ୍ ଖେଳି ଗୋଟିଏ ଶତକ ଓ ୭ ଅର୍ଦ୍ଧଶତକ ସହ ୮୨୪ ରନ୍ ସଂଗ୍ରହ କରିଛନ୍ତି। ୧୪୩ ରନର ଅପରାଜିତ ଶତକୀୟ ଇନିଂସ ତାଙ୍କର ଶ୍ରେଷ୍ଠ ସ୍କୋର ରହିଛି। ସେହିଭଳି ୨୦ ଟି୨୦ ମ୍ୟାଚ୍‌ରୁ ସେ ୧୮.୯ ଆଭରେଜରେ ୩୨୧ରନ୍ କରିଛନ୍ତି। ସେହିଭଳି ଦିନିକିଆ ଓ ଟି୨୦ରେ ସେ ଯଥାକ୍ରମେ ୧୪ ଓ ୫ ଉଇକେଟ୍ ହାସଲ କରିଛନ୍ତି। ଭାରତୀୟ ପାର୍ସପୋର୍ଟର ଅଧିକାରୀ ଥିବା ଅଂଶୁମାନ ସ୍ଥାନୀୟ ‘ଅନ୍‌କ୍ୟାପଡ୍’ ଖେଳାଳି ଭାବେ ଆଇପିଏଲ୍ ୨୦୨୦ ଖେଳାଳି ନିଲାମିରେ ସାମିଲ ହେବାର ମଧ୍ୟ ସମ୍ଭାବନା ସୃଷ୍ଟି ହୋଇଛି। ଭାରତ ପକ୍ଷରୁ ଖେଳିବା ଲକ୍ଷ୍ୟ ରହିଛି ବୋଲି ଏହି ବାମହାତୀ ଓପନର୍ ବ୍ୟାଟ୍ସମ୍ୟାନ ସାକ୍ଷାତ୍‌କାର ଅବସରରେ କହିଛନ୍ତି। ଅଂଶୁମାନ ଓଡ଼ିଶା ପକ୍ଷରୁ ଘରୋଇ କ୍ରିକେଟ ମଧ୍ୟ ଖେଳିବାକୁ ଲକ୍ଷ୍ୟ ରଖିଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ କରାଯାଇଛି।

# ଏଲିସେ ପେରୀଙ୍କ ସଫଳତା

ଆଣ୍ଟିଗୁଆ, ୧୨।୯

ବିଶ୍ୱର ତୃତୀୟ ମହିଳା କ୍ରିକେଟର୍ ଭାବେ ଅଷ୍ଟ୍ରେଲିଆର ଷ୍ଟାର୍ ଅଲ୍‌ରାଉଣ୍ଡର ଏଲିସେ ପେରୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ୧୫୦ ଉଇକେଟ୍ ଅକ୍ତିଆର କରିଛନ୍ତି। ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ପେରୀ ଏହି ସଫଳତା ପାଇଛନ୍ତି। ୱେଷ୍ଟଇଣ୍ଡିର ଓପନର୍ ତଥା ଉଇକେଟ୍‌କିପର ରେନିସେ ବୋଏସ୍‌ଙ୍କୁ ଆଉଟ୍ କରି ୨୮ ବର୍ଷୀୟା ଏହି ଡାହାଣହାତୀ ଦ୍ରୁତ ବୋଲର ଦିନିକିଆ କ୍ୟାରିୟରରେ ୧୫୦ତମ ଉଇକେଟ୍ ହାସଲ କରିଥିଲେ। ଏହି ତାଲିକାରେ ଭାରତର ଝୁଲଣ ଗୋସ୍ୱାମୀ ଶୀର୍ଷରେ ରହିଛନ୍ତି। ଝୁଲଣ ୧୭୭ ମ୍ୟାଚ୍‌ରୁ ୨୧୮ ଉଇକେଟ୍ ନେଇଥିବାବେଳେ ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର୍ କାର୍ଥିନ ଫିଜପାଟ୍ରିକ (୧୮୦) ୨ୟ ସ୍ଥାନରେ ରହିଛନ୍ତି। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ପେରୀ ଦ୍ୱିତୀୟ ଦ୍ରୁତତମ ଖେଳାଳି ହୋଇଛନ୍ତି। ଫିଜ୍‌ପାଟ୍ରିକ ୧୫୦ ଉଇକେଟ୍ ହାସଲ ପାଇଁ ୯୧ ଇନିଂସର ସହାୟତା ନେଇଥିବାବେଳେ ପେରୀ ଏଥିପାଇଁ ୧୦୭ ଇନିଂସ ଖେଳିଛନ୍ତି। ଭାରତର ଗୋସ୍ୱାମୀ ୧୨୮ତମ ଇନିଂସ ଅବସରରେ ଏହି ସଫଳତା ପାଇଥିଲେ।

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳ ୮ ଉଇକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୩–୦ରେ କ୍ଲିନସୁଇପ୍ କରିନେଇଛି। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ବାର୍ବାଡୋସରେ ଶନିବାରଠାରୁ ଆରମ୍ଭ ହେବ।



ଏଲିସେ ପେରୀ

# ପଦ୍ମ ବିଭୂଷଣ ପାଇଁ ମେରିକମ୍‌ଙ୍କ ନାମ ସୁପାରିସ

ନୂଆଦିଲ୍ଲୀ, ୧୨।୯

ଛ'ଥର ବିଶ୍ୱ ବିଜୟିନୀ କିମ୍ବଦନ୍ତୀ ବକ୍ସର ଏମ୍.ସି. ମେରିକମ୍‌ଙ୍କ ନାମକୁ ଦେଶର ୨ୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ପାଇଁ ଗୁରୁବାର କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ସୁପାରିସ କରାଯାଇଛି। ପ୍ରଥମଥର ଲାଗି କ୍ରୀଡ଼ା ବିଭାଗ ପକ୍ଷରୁ ଜଣେ ମହିଳା ଆଥ୍‌ଲେଟ୍‌ଙ୍କ ନାମକୁ ଏହି ସମ୍ମାନଜନକ ପୁରସ୍କାର ଲାଗି ସୁପାରିସ କରିବା ପ୍ରଥମ ଘଟଣା। ଭାରତରତ୍ନ ପରେ ପଦ୍ମ ବିଭୂଷଣ ଦେଶର ୨ୟ ସର୍ବୋଚ୍ଚ ନାଗରିକ ସମ୍ମାନ। ସେହିଭଳି ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁଙ୍କ ନାମକୁ ପଦ୍ମ ଭୂଷଣ ପାଇଁ ସୁପାରିସ କରାଯାଇଛି। ଅପରପକ୍ଷରେ ପଦ୍ମଶ୍ରୀ ତାଲିକାରେ ୭ଜଣ ମହିଳା କ୍ରୀଡ଼ାବିତ୍‌ଙ୍କ ସମେତ ତୀରନ୍ଦାଜ ତରୁଣଦୀପ ରାଇ ଓ ହକି ଅଲିମ୍ପିଆନ ଏମ୍.ପି. ଗଣେଶ ସ୍ଥାନ ପାଇଛନ୍ତି। ପ୍ରଥମେ ପଦ୍ମଶ୍ରୀ ସୁପାରିସ ତାଲିକାରେ ୭ ମହିଳା କ୍ରୀଡ଼ାବିତ୍‌ଙ୍କ ନାମ ରହିଥିବାବେଳେ ବିଳମ୍ବରେ ତରୁଣଦୀପ୍ ଓ ଗଣେଶଙ୍କ ନାମକୁ ଏଥିରେ ଯୋଡ଼ା ଯାଇଥିଲା।

ମଣିପୁର ଜନ୍ମିତ ୩୬ ବର୍ଷୀୟା ମେରିକମ୍ ଏକମାତ୍ର ମହିଳା ବକ୍ସର ଭାବେ ରେକର୍ଡ ୬ଥର ଲାଗି ଆମେଚର ବକ୍ସିଂ ଚାମ୍ପିୟନ ହେବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିସହ ଏକମାତ୍ର ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିୟନଶିପ୍‌ର ୭ଟି ଯାକ ସଂସ୍କରଣରେ ପଦକ ଜିତିବାର ରେକର୍ଡ ତାଙ୍କ ନାମରେ ରହିଛି। ପଦ୍ମ ଇତିହାସରେ ୪ର୍ଥ କ୍ରୀଡ଼ାବିତ୍ ଭାବେ ମେରିକମ୍ ପଦ୍ମ ବିଭୂଷଣ ପୁରସ୍କାର ହାସଲ କରିବେ। ତାଙ୍କ ପୂର୍ବରୁ ଚେସ୍ ତାରକା ବିଶ୍ୱନାଥନ ଆନନ୍ଦ (୨୦୦୭), କ୍ରିକେଟ୍ ଲିଜେଣ୍ଡ ସଚିନ ତେନ୍ଦୁଲକର (୨୦୦୮) ଓ ପର୍ବତାରୋହୀ ସାର୍ ଏଡ୍‌ମୁଣ୍ଡ ହିଲାରୀ (୨୦୦୮) ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଏଥିପୂର୍ବରୁ ମେରିକମ୍ ୨୦୦୬ରେ ପଦ୍ମଶ୍ରୀ ଓ ୨୦୧୩ରେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି।

ସେହିଭଳି ପ୍ରଥମ ଭାରତୀୟ ଭାବେ ଗତ ଅଗଷ୍ଟରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ସିନ୍ଧୁଙ୍କ ନାମ ପଦ୍ମ ଭୂଷଣ ପାଇଁ



ଏମ୍.ସି. ମେରିକମ୍

ସୁପାରିସ ହୋଇଛି। ୨୪ ବର୍ଷୀୟା ଏହି ହାଇଦ୍ରାବାଦ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଥିପୂର୍ବରୁ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ପାଇସାରିଛନ୍ତି। ୨୦୧୭ରେ ସିନ୍ଧୁଙ୍କ ନାମକୁ ପଦ୍ମଭୂଷଣ ପାଇଁ ସୁପାରିସ କରାଯାଇଥିଲେ ମଧ୍ୟ ଚୂଡ଼ାନ୍ତ ତାଲିକାରୁ ସେ ବାଦ୍ ପଡ଼ିଥିଲେ। ଅପରପକ୍ଷରେ ପଦ୍ମଶ୍ରୀ ପାଇଁ ନାମ ଘୋଷଣା ହୋଇଥିବା ଅନ୍ୟ ୭ ଜଣ ମହିଳା କ୍ରୀଡ଼ାବିତ୍ ହେଲେ ଭିନେଶ ପୋଗତ୍ (ରେସଲର୍), ମନିକା ବାତ୍ରା (ଟେବୁଲ ଟେନିସ), ହର୍‌ମନପ୍ରୀତ୍ କୌର (ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା), ରାଣୀ ରାମପାଲ (ଭାରତୀୟ ମହିଳା ହକି ଅଧିନାୟିକା), ସୁମା ଶିରୁର (ଶୁଟର୍) ଓ ଦୁଇ ଭଉଣୀ ତାଶୀ ଓ ନୁଙ୍ଗଶି ମଲିକ (ଉଭୟ ପର୍ବତାରୋହୀ)। ବିଳମ୍ବରେ ପଦ୍ମଶ୍ରୀ ତାଲିକାରେ ସ୍ଥାନ ପାଇଥିବା ତୀରନ୍ଦାଜ ରାଇ ଚଳିତ ବର୍ଷ ନେଦରଲାଣ୍ଡ୍ସରରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେ ଟିମ୍ ଇଭେଣ୍ଟ ବ୍ୟତୀତ ପୁରୁଷ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ଅଲିମ୍ପିକକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅପରପକ୍ଷରେ ଗଣେଶ ୧୯୭୨ ମ୍ୟୁନିକ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ସେହିଭଳି ୧୯୭୧ରେ ବାର୍ସେଲୋନା ଓ ୧୯୭୩ରେ ଆର୍ମଷ୍ଟରଡାମ ବିଶ୍ୱକପ୍‌ରେ ଯଥାକ୍ରମେ ବ୍ରୋଞ୍ଜ ଓ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ଏହି ୯ କ୍ରୀଡ଼ାବିତ୍‌ଙ୍କ ନାମକୁ କ୍ରୀଡ଼ା ବିଭାଗ ପଦ୍ମ ପୁରସ୍କାର କମିଟି ନିକଟକୁ ପଠାଇ ସୁପାରିସ କରିଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ମନୋନୀତ୍ କ୍ରୀଡ଼ାବିତ୍‌ଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯିବ।

## ସଂକ୍ଷେପରେ

### ଭାରତ-ବାଂଲାଦେଶ ଫାଇନାଲ

କଲମ୍ବୋ, ୧୨।୯: ଶ୍ରୀଲଙ୍କାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଭାରତ ଓ ବାଂଲାଦେଶ ପରସ୍ପରକୁ ଫାଇନାଲରେ ଭେଟିବେ। ଆସନ୍ତା ଶନିବାର ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଗୁରୁବାର ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ବର୍ଷା ଓ ଓଦା ପଡ଼ିଆ ଲାଗି ବାତିଲ ହୋଇଯାଇଛି। ଭାରତ ଓ ଆୟୋଜକ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବାକୁ ଥିଲା। କିନ୍ତୁ ପ୍ରବଳ ବର୍ଷା ଲାଗି ରହିବାରୁ ମ୍ୟାଚ୍‌ର ଟସ୍ ପକାଇବା ମଧ୍ୟ ସମ୍ଭବପର ହୋଇପାରି ନ ଥିଲା। ଶେଷରେ ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ତେବେ ଲିଗ୍ ପର୍ଯ୍ୟାୟରେ ୩ ମ୍ୟାଚ୍ ଖେଳି ଅପରାଜେୟ ରହିଥିବା ଦୃଷ୍ଟିରୁ ଭାରତକୁ ଏଥିରେ ବିଜେତା ଘୋଷଣା କରାଯାଇଥିଲା। ସେହିଭଳି ଟେୟରୋନ ଫର୍ନାଣ୍ଡୋ ଷ୍ଟାଡିୟମରେ ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବାତିଲ ହୋଇଥିଲା। ଏଠାରେ ବର୍ଷା ଛାଡ଼ି ଯାଇଥିଲେ ମଧ୍ୟ ଗ୍ରାଉଣ୍ଡ ଖେଳ ଅନୁପଯୋଗୀ ଥିବାରୁ ମ୍ୟାଚ୍ ସମ୍ଭବପର ହୋଇପାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ ୩ ମ୍ୟାଚ୍‌ରେ ଅପରାଜେୟ ରହିଥିବାରୁ ଏହି ମ୍ୟାଚ୍‌ରେ ମଧ୍ୟ ବାଂଲାଦେଶକୁ ବିଜୟୀ ଘୋଷିତ କରାଯାଇଥିଲା।

### ଇରାନ ଗସ୍ତ କରିବେ ଫିଫା ପ୍ରତିନିଧି

ଲାଉସାନ୍ନେ,୧୨।୯(ଏଏଫ୍‌ପି): ଇରାନରେ ମହିଳା ପ୍ରଶଂସକଙ୍କ ଫୁଟ୍‌ବଲ ଷ୍ଟାଡିୟମ ମଧ୍ୟକୁ ପ୍ରବେଶକୁ ବାରଣ ରହିଛି। ଏହି ନିୟମରେ ପରିବର୍ତ୍ତନ କରିବା ପାଇଁ ଫିଫା ପକ୍ଷରୁ ପ୍ରତିନିଧି ମଣ୍ଡଳୀ ପଠାଯିବ। ଗତ ସପ୍ତାହରେ ଇରାନିଆନ ମହିଳା ପ୍ରଶଂସକ କୋର୍ଟ ବାହାରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ପରେ ଫିଫା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଉକ୍ତ ପ୍ରଶଂସିକା ଗତବର୍ଷ ପୁରୁଷଙ୍କ ଭଳି ପୋଷାକ ପିନ୍ଧି ତେହେରାନ ଷ୍ଟାଡିୟମ୍ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବାବେଳେ ଗିରଫ ହୋଇଥିଲେ। ତାଙ୍କୁ କୋର୍ଟ ୬ ମାସ ପାଇଁ ଜେଲ ଦଣ୍ଡ ଦେଇଥିଲେ। ତେବେ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା କେବେ ପ୍ରତିନିଧି ମଣ୍ଡଳୀ ପଠାଇବ, ତାହା ସ୍ପଷ୍ଟ କରିନାହିଁ। ୨୦୧୮ ବିଶ୍ୱକପ୍ ମୁଖ୍ୟ ପର୍ଯ୍ୟାୟରେ ଖେଳିଥିବା ଇରାନ ଅକ୍ଟୋବର ୧୦ ତାରିଖରେ କାମ୍ବୋଡିଆ ବିପକ୍ଷରେ ପରବର୍ତ୍ତୀ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ମହିଳା ଫ୍ୟାନ୍‌ମାନେ ଉପଭୋଗ କରିପାରିବେ ବୋଲି ଦେଶର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗତ ଅଗଷ୍ଟରେ ଘୋଷଣା କରାଯାଇଥିଲା। ତେବେ ଫିଫା ପକ୍ଷରୁ ଚାପ ପ୍ରୟୋଗ କରାଯାଇଥିଲା। ଏଥିନେଇ ହୋଇଥିବା ପ୍ରସ୍ତୁତିକୁ ୩ ଜଣିଆ ପ୍ରତିନିଧି ମଣ୍ଡଳୀ ଯାଞ୍ଚ କରିବା ସହ ଇରାନ ଫୁଟ୍‌ବଲ ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି।

### କ୍ୱାର୍ଟରରେ ସୌରଭ

ହୋ ଚି ମିନ୍ ସିଟି (ଭିଏତନାମ), ୧୨।୯(ପିଟି): ଭାରତୀୟ ଶଟଲର ସୌରଭ ବର୍ମା ଏଠାରେ ଚାଲିଥିବା ଭିଏତନାମ ଓପନ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଜାପାନର ୟୁ ଇଗାରାଶିଙ୍କୁ ୨୫-୨୩, ୨୪-୨୨ ଗେମ୍‌ରେ ହରାଇ ଦେଇଛନ୍ତି। ସେ କ୍ୱାର୍ଟର ଫାଇନାଲରେ ଘରୋଇ ଫେଭରାଇଟ ତିଏନ ମିନ୍ ଏନ୍‌ଗୁୟେନଙ୍କୁ ଭେଟିବେ। ସିରିଲ ବର୍ମା ଓ ଶୁଭଙ୍କର ଦେ ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ମଧ ଭାରତୀୟ ଯୋଡ଼ି ଅରୁନ ଜର୍ଜ ଓ ସାନ୍ୟାମ ଶୁକ୍ଲା ପରାଜିତ ହୋଇସାରିଛନ୍ତି।

## ଓସିଏ ନିର୍ବାଚନ: ଚିନ୍ତା ବଢ଼ାଇଲା ଆବେଦନ

# ୭୩ ୟୁନିଟ୍‌ରୁ ୧୩୮ ପ୍ରତିନିଧି

**କଟକ ଅଫିସ,୧୨।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ ପାଇଁ ଅନୁବନ୍ଧିତ ୟୁନିଟ୍ ଗୁଡ଼ିକ ପ୍ରତିନିଧିଙ୍କ ନାମ ପଠାଇବା ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ଗତ ୨୯ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଖବର ମୁତାବକ ପ୍ରତିନିଧିଙ୍କ ନାମ ସମ୍ବଳିତ ୧୩୮ଟି ଆବେଦନ ଓସିଏର ହସ୍ତଗତ ହୋଇଛି। ଓସିଏର ନୂତନ ସମ୍ବିଧାନରେ ସଦସ୍ୟ ସଂଖ୍ୟା ହେଉଛି ୭୩। ଲୋଧା କମିଟିର ସୁପାରିସ ଅନୁଯାୟୀ ଗୋଟିଏ ୟୁନିଟ ଗୋଟିଏ ଭୋଟ ନିୟମରେ ପ୍ରତିନିଧି ସଂଖ୍ୟା ମଧ୍ୟ ୭୩ ହେବା ଆବଶ୍ୟକ। ତିନି ଜଣ ଅନ୍ତର୍ଜାତୀୟ ଖେଳାଳିଙ୍କୁ ବାଦ୍ ଦେଇ ମୋଟ ୭୦ ଅନୁବନ୍ଧିତ ୟୁନିଟରୁ ୧୩୫ଜଣ ପ୍ରତିନିଧି ଆବେଦନ କରିଥିବା ଜଣାପଡ଼ିଛି। ଅନେକ ଅନୁବନ୍ଧିତ ୟୁନିଟରୁ ଦୁଇରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରତିନିଧି ହେବାକୁ ଆଶା ପ୍ରକଟ କରିଛନ୍ତି। ଯାହା ଫଳରେ ଓସିଏ ନିମନ୍ତେ ଏବେ କାମ ବଢ଼ିଯାଇଛି। ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାରଙ୍କ ତତ୍ତ୍ୱାବଧାନରେ ଆସନ୍ତା ଶୁକ୍ରବାର ଓ ଶନିବାର ଆବେଦନ ପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ଓ ରବିବାର ଚୂଡ଼ାନ୍ତ ଭୋଟର ତାଲିକା ଘୋଷଣା କରାଯିବ। ସ୍କୁଲ ଗୁଡ଼ିକରୁ ପ୍ରଧାନ ଶିକ୍ଷକମାନେ ପ୍ରତିନିଧି ଭାବେ ଆସିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରୁ କ୍ରୀଡ଼ା ଶିକ୍ଷକଙ୍କ ନାମ ପ୍ରତିନିଧି ଭାବେ ପଠାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପଦବୀ ନିମନ୍ତେ ଆଶାୟୀ ପଙ୍କଜଲୋଚନ ମହାନ୍ତି ବୌଦ୍ଧ ଜିଲାରୁ, ସଞ୍ଜୟ ବେହେରା କଟକ ଜିଲାରୁ, ନବକିଶୋର ପଟ୍ଟନାୟକ ମଙ୍ଗଳା କ୍ଲବରୁ ଓ ପ୍ରଦୀପ ଚୌହ୍ୱାନ ୟୁନିୟନ ସ୍ପୋର୍ଟିଂ କ୍ଲବରୁ ପ୍ରତିନିଧି ଭାବେ ନାମ ପଠାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ଗୁରୁବାର ପ୍ରକାଶ ପାଇଛି ପ୍ରାର୍ଥିପତ୍ର ଦାଖଲ ଫର୍ମ। ଆସନ୍ତା ୨୦ ତାରିଖ ସକାଳ ୧୦.୩୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ୨୧ ତାରିଖ ଦିନ ୧୨ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ସମ୍ପର୍କିତ କୌଣସି ଅଭିଯୋଗ ଗ୍ରହଣ କରାଯିବ। ପରେ ଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ଅପରାହ୍ନ ୧ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ରହିଥିବା ବେଳେ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ମାଖନଲାଲ ସୂଚନା ଦେଇଛନ୍ତି।




### ଅଧିକ ଆବେଦନକୁ ନେଇ ଚର୍ଚ୍ଚା

ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଆବେଦନ ୧୩୮ ହୋଇଥିବାକୁ ସାଧାରଣରେ ବିଶ୍ୱାସ କରାଯାଇ ପାରୁନାହିଁ। ଅନେକ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ମଧ୍ୟ ଏ ସମ୍ପର୍କରେ ମତ ରଖିବାକୁ ମନା କରି ଦେଇଛନ୍ତି। ତେବେ ଆବଶ୍ୟକଠାରୁ ଅଧିକ ଆବେଦନ ମତଭେଦକୁ ଦର୍ଶାଉଛି ବୋଲି କୁହାଯାଉଛି। ଯେଉଁ ୟୁନିଟରୁ ଦୁଇ କିମ୍ବା ଅଧିକ ନାମ ଆସିଛି ସେ ୟୁନିଟରେ ଫାଟ ଥିବା ନିଶ୍ଚିତ ବୋଲି କୁହାଯାଇପାରେ। ଏହି ଫାଟ ହିଁ ଭୋଟକୁ ନେଇ ଅଙ୍କକଷାରେ ବଡ଼ ଧରଣର ପ୍ରଭାବ ପକାଇବ।

### ତୃତୀୟ ସମୀକରଣ ସମ୍ଭାବନା

କଟକର ଜୟଦୁର୍ଗା କ୍ଲବରୁ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ଅସିତ ପଟ୍ଟନାୟକଙ୍କ ନାମ ପ୍ରତିନିଧି ଭାବେ ପଠାଯାଇଛି। ଅସିତ ରାଜନୀତିରେ ମଧ୍ୟ ବେଶ୍ ସକ୍ରିୟ। ଏବେ ସୁଦ୍ଧା ଓସିଏ ନିର୍ବାଚନକୁ ନେଇ ଯେଉଁ ଆକଳନ କରାଯାଇଛି ସେଥିରେ ଦୁଇ ପକ୍ଷ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଆଶା କରାଯାଉଥିଲା। ତେବେ ଅସିତଙ୍କୁ ପ୍ରତିନିଧିଭାବେ ପଠାଯିବାପରେ ଓସିଏ ନିର୍ବାଚନରେ ଏବେ ତୃତୀୟ ସମୀକରଣର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କ୍ରୀଡ଼ା ମହଲରେ ଆଲୋଚନା ହେଉଛି।

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



ଦେବେଶ କର୍ମୀ
ବ୍ରହ୍ମେଶ୍ୱର ପାଟଣା, ଟଙ୍କପାଣି ରୋଡ, (ଭୁବନେଶ୍ୱର)
ଆଜି ତୋର ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା ଜଣାଉଛୁ। ତୋର ଭବିଷ୍ୟତ କୁସୁମିତ ଓ ଦୀର୍ଘାୟୁ ହେଉ, ଏହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛାସହ:
ବାପା- କୁଶ କର୍ମୀ, ମା'- ହିମାଦ୍ରୀ କର୍ମୀ, ଜେଜେ- ସୁକାନ୍ତ ସାମନ୍ତରାୟ ଓ ପରିବାରବର୍ଗ
ଧ-୧୪୩୨୦

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧ ଶ୍ରୀୟାନ (ରିଓ)
ପ୍ରଭୁ ଶ୍ରୀଜଗନ୍ନାଥ ତାକୁ ଭଲରେ ରଖନ୍ତୁ ଏତିକି କାମନା।
ଶୁଭେଚ୍ଛା ସହ
ଅଜାଭାଇ, ଆଈ, ଅପା, ପିଉସା, ମଉସା, ମାଉସୀ, ମାମୁ, ମାଈଁ, ଓମ୍ ଭାଇ, ରନି ଦାଦା, ବୁନି ଦିଦି, ନିଧି, ରିଷି, ବାବା, ମାମା, ଦେହୁରୀ ଓ ସାହୁ ପରିବାରବର୍ଗ।
ଧ-୬୬୮୧୮

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଲକ୍‌ସିତା ପରିଡ଼ା (ଗେଲୁ)
ନୟାସିଙ୍ଗଡ଼ା, ନାଉଗାଁ, ଜଗତସିଂହପୁର
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭ ସମସ୍ତଙ୍କର ପ୍ରାର୍ଥନା। ତୋର ଚଲାପଥ କୁସୁମିତ ହଉ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ : ବନ୍ଧୁ ଏବଂ ପରିବାରବର୍ଗ
ଧ-୧୪୩୦୧

# ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୂତୀ ଭାଗନେବେ

## ଆଇଏଏଏଫ୍ ଆମନ୍ତ୍ରଣକୁ ଗ୍ରହଣ କଲା ଏଏଫ୍‌ଆଇ

**ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦଙ୍କ ପାଇଁ ଆସିଛି ଆଉ ଏକ ବଡ଼ ସୁଯୋଗ। ଦୋହାରେ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଅଂଶଗ୍ରହଣ କରିବେ। ମହିଳା ୧୦୦ ମିଟର ଇଭେଣ୍ଟ ପାଇଁ ଯୋଗ୍ୟତା ଟାଇମିଂ (୧୧.୨୪ ସେକେଣ୍ଡ) ସ୍ପର୍ଶ କରିପାରି ନ ଥିଲେ ହେଁ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଏବଂ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ଚାମ୍ପିୟନ ହୋଇଥିବାରୁ ଦୂତୀଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ ମିଳିଯାଇଛି। ଦୋହା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ୪୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏତେ ସଂଖ୍ୟକ ପ୍ରତିଯୋଗୀ ଯୋଗ୍ୟତା ଟାଇମିଂ ଛୁଇଁପାରି ନ ଥିବାରୁ ପରବର୍ତ୍ତୀ ଶ୍ରେଷ୍ଠ ଟାଇମିଂ ଏବଂ ପ୍ରଦର୍ଶନ ଭିତ୍ତିରେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶନ୍ସ (ଆଇଏଏଏଫ୍) ପକ୍ଷରୁ ଦୂତୀଙ୍କୁ ଆମନ୍ତ୍ରଣ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)କୁ ଜଣାଇ ଦିଆଯାଇଥିଲା। ଆଇଏଏଏଫ ଆମନ୍ତ୍ରଣକୁ ଏଏଫଆଇ ଗ୍ରହଣ କରିଥିବାରୁ ଦୂତୀ ଦୋହାରେ ନିଜ ଦକ୍ଷତା ପ୍ରତିପାଦନର ସୁଯୋଗ ପାଇଛନ୍ତି। ସେପ୍ଟେମ୍ବର ୯ ତାରିଖରେ ଏଏଫଆଇ ପକ୍ଷରୁ ପ୍ରକାଶିତ ୨୫ ଜଣିଆ ଆଥଲେଟ୍ ତାଲିକାରେ ଦୂତୀଙ୍କ ନାମ ନ ଥିଲା। ତେବେ ସେ ଯାହା ହେଉନା କାହିଁକି ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଦୂତୀ ଭାଗନେବା ସ୍ପଷ୍ଟ ହୋଇଯାଇଛି। ଏଏଫଆଇ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି।



# ରୁଟ୍, ବଟଲରଙ୍କ ଅର୍ଦ୍ଧଶତକ



ଇଂଲଣ୍ଡର ରୋରି ବର୍ନ୍ସଙ୍କ ଉଇକେଟ ଅକ୍ତିଆର କରିବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଅଷ୍ଟ୍ରେଲୀୟ ବୋଲର ଜୋସ୍ ହାଜେଲଉଡ୍ (ମଝି)।

**ଲଣ୍ଡନ, ୧୨।୯**

ସ୍ଥାନୀୟ କେନିଙ୍ଗଟନ୍ ଓଭାଲଠାରେ ୫ମ ଆଶେସ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ ନିଷ୍ପତ୍ତି ନେଇଛି। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳ ଜୋସ୍ ବଟଲର (୬୪*) ଏବଂ ଅଧିନାୟକ ଜୋ ରୁଟ୍(୫୭)ଙ୍କ ଅର୍ଦ୍ଧ ଶତକ ସହାୟତାରେ ପ୍ରଥମ ଦିନ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୮ ଉଇକେଟ ବିନିମୟରେ ୨୭୧ରନ କରିଛି। ଅନ୍ୟତମ ବ୍ୟାଟ୍ସମ୍ୟାନ ରୋରି ବର୍ନ୍ସ ୪୭ ରନ କରିଥିବାବେଳେ ଜନି ବେୟାରଷ୍ଟୋ (୨୨) ଏବଂ ବେନ୍ ଷ୍ଟୋକ୍ସ (୨୦) ଶୀଘ୍ର ପ୍ୟାଭିଲିୟନ ଫେରିଛନ୍ତି। ବଟଲରଙ୍କ ସହିତ ଜ୍ୟାକ୍ ଲିଚ୍ ୧୦ ରନ କରି ଅପରାଜିତ ଅଛନ୍ତି। ଭ୍ରମଣକାରୀ ଦଳ ପକ୍ଷରୁ ସଫଳ ବୋଲର ମିଚେଲ ମାର୍ଶ ୪ ଏବଂ ପ୍ୟାଟ୍ କୁମିନ୍ସ ଓ ଜୋଶ ହାଜ୍‌ଲେଉଡ ୨ଟି ଲେଖାଏଁ ଉଇକେଟ ନେଇଛନ୍ତି। ୨୦୦୧ ପରେ ଇଂଲଣ୍ଡରେ ପ୍ରଥମ ସିରିଜ ବିଜୟ ଲକ୍ଷ୍ୟରେ ରହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍। ଅନ୍ୟପକ୍ଷରେ ନିକଟରେ ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ସିରିଜକୁ ୨-୨ରେ ବରାବର ଭାବେ ଶେଷ କରିବା ଯୋଜନାରେ ରହିଛି। ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିବା ଘରୋଇ ଦଳର ଅଧିନାୟକ ରୁଟ୍ ତାଙ୍କ ପୂର୍ବ ୫ଟି ଇନିଂସରେ ୩ ଥର ବିନା କୌଣସି ରନରେ ଆଉଟ ହୋଇଥିଲେ। ଗତ ଇନିଂସରେ ମାତ୍ର ୫ରନ କରିଥିଲେ। ଗୁରୁବାର ଏଠାରେ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ସେ ୩ ଥର ଜୀବନଦାନ ପାଇଥିଲେ। ସେ ୨୪ ରନ କରି ଖେଳୁଥିବାବେଳେ ପ୍ୟାଟ କୁମିନ୍ସଙ୍କ ଏକ ବଲ୍ ତାଙ୍କ ବ୍ୟାଟ୍ ଧାରରେ ବାଜି ଡିପ୍ ଫାଇନ୍‌ଲେଗ୍ ଅଞ୍ଚଳକୁ ଚାଲିଯାଇଥିଲା। ସେଠାରେ ପିଟର ସିଡଲ ଏକ ସହଜ କ୍ୟାଚ ହାତଛଡ଼ା କରିଥିଲେ। କୁମିନ୍ସଙ୍କ ପରବର୍ତ୍ତୀ ଓଭରରେ ରୁଟ୍ ପୁଣି ଏକ ବିପଦରୁ ବର୍ତ୍ତିଯାଇଥିଲେ। ପ୍ରଥମ ସ୍ଲିପ୍‌ରେ ଫିଲ୍ଡିଂ କରୁଥିବା ଡେଭିଡ୍ ୱାର୍ନରଙ୍କ ସାମ୍ନାରେ ଉଇକେଟକିପର ପେନ୍ ଗୋଟିଏ ହାତରେ କ୍ୟାଚ ଧରିବା ଲାଗି ଉଦ୍ୟମ କରି ବିଫଳ ହୋଇଥିଲେ। ମଧ୍ୟାହ୍ନଭୋଜନର ଅଳ୍ପ ସମୟ ପରେ ଇଂଲଣ୍ଡ ଅଧିନାୟକ ଆଉ ଏକ ଜୀବନଦାନ ପାଇଥିଲେ। ସିଡଲଙ୍କ ବୋଲିଂରେ ଷ୍ଟିଭ୍ ସ୍ମିଥ୍ ଦ୍ୱିତୀୟ ସ୍ଲିପ୍‌ରେ ଡାଇଭ ମାରି ଏକ କ୍ୟାଚ ଧରିବାକୁ ଉଦ୍ୟମ କରି ଫେଲ୍ ହୋଇଥିଲେ। ତେବେ ଜୋସ୍ ହାଜଲେଉଡ୍‌ଙ୍କ ବଲ୍‌ରେ ରୁଟ୍ ଏକ ସ୍କୋୟାର ଡ୍ରାଇଭ୍ ଖେଳି ସହ ୧୫୮ତମ ଇନିଂସରେ ୭,୦୦୦ ଟେଷ୍ଟ ରନ ପୂରଣ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ଦେଶର ତୃତୀୟ ଖେଳାଳି। ଏହି ମ୍ୟାଚ ପାଇଁ ଅଷ୍ଟ୍ରେଲିଆ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି। ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ୍ ଏବଂ ପେସ୍ ବୋଲର ମିଚେଲ ଷ୍ଟାର୍କଙ୍କ ସ୍ଥାନରେ ଅଲରାଉଣ୍ଡର ମାର୍ଶ ଏବଂ ସିମର ସିଡଲଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଇଂଲଣ୍ଡ ଦଳରେ କାନ୍ଧରେ ଯନ୍ତ୍ରଣା ଯୋଗୁ ବେନ୍ ଷ୍ଟୋକ୍ସ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଖେଳୁଛନ୍ତି। ଜାସନ ରୟ ଏବଂ କ୍ରେଗ୍ ଓଭରଟନଙ୍କ ସ୍ଥାନରେ କ୍ରିସ୍ ଓକ୍ସ ଏବଂ ଅଲରାଉଣ୍ଡର ସାମ୍ କୁରାନଙ୍କୁ ସାମିଲ କରାଯାଇଛି।

**ପଞ୍ଚମ ଆଶେସ ଟେଷ୍ଟ**

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୭୧/୮ (ଜୋ ରୁଟ୍-୫୭, ରୋରି ବର୍ନ୍ସ-୪୭, ଜୋସ୍ ବଟଲର-୬୪*, ମିଚେଲ ମାର୍ଶ-୪/୩୫, ପ୍ୟାଟ୍ କୁମିନ୍ସ-୨/୭୩, ଜୋସ୍ ହାଜ୍‌ଲେଉଡ୍-୨/୭୬, )।

# ଭାରତ-ଏ ୭ ଉଇକେଟ୍‌ରେ ବିଜୟୀ

**ଥିରୁଭାନନ୍ତପୁରମ, ୧୨।୯**

**ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ**

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ଭାରତ-ଏ ୭ ଉଇକେଟ୍‌ରେ ଜିତିନେଇଛି। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଧାର୍ଯ୍ୟ ୪୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଘରୋଇ ଭାରତ-ଏ ଦ୍ୱିତୀୟ ଇନିଂସରେ ଗୁରୁବାର ଅନ୍ତିମ ତଥା ୪ର୍ଥ ଦିବସରେ ୯.୪ ଓଭରରେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ମୁମ୍ବାଇ ଅଲ୍‌ରାଉଣ୍ଡର ଶୁଭମ ଦୁବେ ଲଗାତର ୨ ବଲରେ ଛକା ମାରି ଦଳକୁ ଏହି ସହଜୟ ବିଜୟ ଭେଟି ଦେଇଥିଲେ। ଓପନର ରିକି ଭୁଇ ୨୦ ଓ ଦୁବେ ୧୨ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ ୫, ଅଙ୍କିତ ବାଓ୍ୱନେ ୬ ଓ ଉଇକେଟ୍‌କିପର ଶ୍ରୀକର ଭରତ ୫ ରନ୍ କରି ଆଉଟ୍ ହୋଇଥିଲେ। ପ୍ରତିପକ୍ଷ ଦଳ ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ୨ ଓ ଡେନ୍ ପିଏଡେଟ୍ ଗୋଟିଏ ଉଇକେଟ୍ ହାସଲ କରିଥିଲେ। ଏହି ବିଜୟ ସହ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ-ଏ ୨ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୧୭ରୁ ମହୀଶୂରରେ ଆରମ୍ଭ ହେବ।

୧୩୯ ରନ୍ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ବୁଧବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୯ ଉଇକେଟ୍ ହରାଇ ୧୭୯ ରନ କରିଥିଲା। ଏହି ଅସମାପ୍ତ ୨ୟ ଇନିଂସ ସ୍କୋରରେ ଗୁରୁବାର ଆଉ ୭ ରନ ଯୋଡ଼ି ଦଳ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଭାରତ-ଏ ସମ୍ମୁଖରେ ୪୮ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପୂର୍ବରୁ ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୧୬୪ ରନର ଜବାବରେ ଭାରତ-ଏ ଗିଲ୍ (୯୦) ଓ ଜଲାଜ ସକ୍ସେନା (୬୦*)ଙ୍କ ଅର୍ଦ୍ଧଶତକ ବଳରେ ୩୦୩ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୧୬୪/୧୦, ୫୧.୫ ଓଭର। ଭାରତ-ଏ ପ୍ରଥମ ଇନିଂସ- ୩୦୩/୧୦, ୮୭.୫ ଓଭର। ଦକ୍ଷିଣ ଆଫ୍ରିକ-ଏ ୨ୟ ଇନିଂସ- ୧୮୬/୧୦, ୫୮.୫ ଓଭର। ଭାରତ-ଏ ୨ୟ ଇନିଂସ- ୪୯/୩, ୯.୪ ଓଭର।

### ହିମା ଦାସ ଗେଟୋରେଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୧୨।୯(ପିଟି): ଦେଶର ଆଗଧାଡ଼ିର ସ୍ପ୍ରିଣ୍ଟର ହିମା ଦାସଙ୍କୁ ଗୁରୁବାର ଗେଟୋରେଡ୍ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ଏଥିଯୋଗୁ ଆସାମର ଏହି ୧୯ ବର୍ଷୀୟା ଧାବିକା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ପି.ଭି. ସିନ୍ଧୁ ଓ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ଭଳି ଦେଶର ଷ୍ଟାର ଆଥ୍‌ଲେଟଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଉପରୋକ୍ତ ଦୁଇ ଆଥ୍‌ଲେଟଙ୍କୁ ପୂର୍ବରୁ ଦେଶର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଥିଲା। ଗେଟୋରେଡ୍ ପରିବାରର ସଦସ୍ୟ ହୋଇ ମୁଁ ବହୁତ ଗର୍ବ ଅନୁଭବ କରୁଛି। ଏଥିରେ ବିଶ୍ୱର ବହୁ କିମ୍ବଦନ୍ତୀ ଖେଳାଳି ରହିଛନ୍ତି ବୋଲି ଏସିଆନ୍ ଗେମ୍ସରେ ୪ ଗୁଣା ୪୦୦ ମିଟର ମହିଳା ଓ ମିକ୍ସଡ୍ ଇଭେଣ୍ଟରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଥିବା ଦାସ କହିଛନ୍ତି। ଏବେଠାରୁ ହିମାଙ୍କ ଟ୍ରେନିଂ ଓ ରେସ୍‌ରେ ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଗେଟୋରେଡ୍ ପ୍ରୟାସ କରିବ। ଉଲ୍ଲେଖଥାଉ କି, ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ର ୪୦୦ ମି. ଦୌଡ଼ ଇଭେଣ୍ଟରେ ହିମା ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲେ।



କଟକରେ ଅନୁଷ୍ଠିତ ପ୍ରଥମ ଡିଭିଜନ ଫୁଟବଲର ଗୋଲ୍ଡେନ ଲିଗ ଚାମ୍ପିଅନ ରୋଭର୍ସ କ୍ଲବ ଦଳ।

### ରୋଭର୍ସ ଜିତିଲା ଫାଓ ଗୋଲ୍ଡେନ ଲିଗ୍

**କଟକ ଅଫିସ,୧୨।୯**

ଫାଓ ପ୍ରଥମ ଡିଭିଜନ ଗୋଲ୍ଡେନ ଲିଗରେ ରୋଭର୍ସ କ୍ଲବ ଚାମ୍ପିୟନ ହୋଇଛି। ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନରେ ରହି ରୋଭର୍ସ ଏହି ଟାଇଟଲ ବିଜୟୀ ହୋଇଛି। ଗୁରୁବାର ଏହି ଲିଗର ଅନ୍ତିମ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା। ରାଧାଗୋବିନ୍ଦ କ୍ଲବ ଓ ବିଡ଼ାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ଉକ୍ତ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ରାଧାଗୋବିନ୍ଦ ପକ୍ଷରୁ ସଞ୍ଜିତ ଖୋରା ଓ ବିଡ଼ାନାସୀ ପକ୍ଷରୁ ମନୋଜ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଅଧିକ ପଏଣ୍ଟ ପାଇଥିବାରୁ ରୋଭର୍ସ ବିଜୟ ମୁକୁଟ ପିନ୍ଧିଥିଲା।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଲୋକନାଥ ବେହେରା
(ବାବୁଲା)
ଧରାବତରଣ: ୧୫।୦୬।୧୯୬୬
ସ୍ୱର୍ଗାରୋହଣ: ୨୪।୦୯।୨୦୧୮
ଏକବର୍ଷ ହେଲା ଚାଲିଗଲ ତୁମେ, ଆମ ସଭିଙ୍କୁ ପର କରି!
ଅନେକ ଅନେକ ସୁଖର ସ୍ମୃତି ଦେଇଗଲ ଭରି, ଯେଉଁଠାରେ କି ଦୁଃଖର ନଥିଲା ଭାରି।।
ମନରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ପରୋପକାର ଦେଇଥିଲ ଭରି,
ତୁମର ସ୍ମୃତିରେ ପ୍ରତିଟି ମୁହୂର୍ତ୍ତ ଯାଉଥିବ ସରି।।
ଲାଗୁନି ତୁମେ ନାହଁ ବୋଲି ସବୁଠି ତୁମର ମୁହଁ,
ବିଧିର ବିଧାନ ମାନିବାକୁ ହେବ ସ୍ମୃତିରେ ତୁମ ସ୍ନେହ।।
ପ୍ରତିଟି ମୁହୂର୍ତ୍ତରେ ତୁମର ସ୍ମୃତିରେ ଲୁହ ସିନା ଝରାଇବୁ, ଏ ଜୀବନରେ ତୁମର ପରଶ ଆଉକି ପାଇ ପାରିବୁ...
ହେ ଆତ୍ମନ୍ ଯେଉଁଠି ଥାଅ ଭଲରେ ଥାଅ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କରଯୋଡ଼ି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସମସ୍ତ ବେହେରା ପରିବାରର ସଦସ୍ୟ, ବେଣୁପୁର, ବାଲିଅନ୍ତା, ଖୋର୍ଦ୍ଧା।
ଧ-୧୪୩୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସ୍ୱର୍ଣ୍ଣପ୍ରଭା ବାରିକ
(ସ୍ୱାମୀ: ପର୍ଶୁରାମ ବାରିକ)
ନୂଆପାଢ଼ୀ, ମିତ୍ରପୁର, ବାଲେଶ୍ୱର
ଆବିର୍ଭାବ: ୧୮।୦୪।୧୯୫୧
ତିରୋଧାନ: ୧୩।୦୯।୨୦୧୮
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସ୍ନେହ, ଭଲପାଇବା, ତ୍ୟାଗ, ନିଷ୍ଠା, ଶ୍ରଦ୍ଧାଭାବ ଅତୁଳନୀୟ। ତୋର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଠାକୁର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ: ପର୍ଶୁରାମ ବାରିକ, ଭାଇ, ଭାଉଜ, ପୁଅ, ବୋହୂମାନେ।
ଧ-୧୪୨୪୯

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବିଜୟ କୁମାର ପାତ୍ର
ତର୍କଣୀଗଡ଼, ଆଳିପିଙ୍ଗଳ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୧୦।୧୯୩୩
ତିରୋଧାନ: ୦୩।୦୯।୨୦୧୯
ତୁମର ଆଶିଷ ଆମ୍ଭମାନଙ୍କ ଉପରେ ସଦାସର୍ବଦା ରହିଥାଉ। ତୁମ ଅମର ଆତ୍ମାର ଶାନ୍ତି, ସଦ୍‌ଗତି ପାଇଁ ଶ୍ରୀଗୋପାଳଜୀଉଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସହଧର୍ମିଣୀ: ଶକୁନ୍ତଳା ପାତ୍ର, ପୁତ୍ର: ଦୀପୁ, ବାପୁ, ତପୁ, ସିପୁ, ପୁତ୍ରବଧୂ: ଶିଖା, ଶିବା, ଶୁଭା, ଝୁନା, ନାତିନାତୁଣୀ: ମିକି, ରିକି, ଗୁଗୁ, ସିଦ୍ଧି, ରିଦ୍ଧି, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୩୨୧

## ସଂକ୍ଷେପରେ

### ରେଳ ଧାରଣା ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେନ୍ଦୁଝର,୧୨।୯ (ସ୍ୱ.ପ୍ର.):** କେନ୍ଦୁଝର ଟାଉନ ଥାନା ହରିତାଗୋଠ ନିକଟସ୍ଥ ରେଳ ଧାରଣା ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏଥିସହ ଟ୍ରେନ ଲାଇନ ମଧରେ ଉକ୍ତ ଯୁବକଙ୍କ ଗୋଟିଏ ପାଦ କଟି ପଡିଥିବା ସହ ତାଙ୍କ ମୁଣ୍ଡରେ କ୍ଷତ ଥିବା ଦେଖିବାକୁ ମିଳିଛି । ଯୁବକ ଜଣଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ

**ଯୋଡ଼ା, ୧୨।୯ (ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ରୁଗୁଡି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଉତ୍ପାତ କରି ଜଣଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଦେଇଥିବା ସୂଚନା ମିଳିଛି। ସୂଚନାରୁ ଜଣାପଡ଼ିଛି ଯେ, ଦନ୍ତା ହାତୀଟି ଗୋଠଛଡା ହୋଇ ଗ୍ରାମ ଭିତରକୁ ପଶି ଆସିଥିଲା। ଉକ୍ତ ଗ୍ରାମରେ ଥିବା ବୈରାଗୀ ସେଠୀଙ୍କ ଘର ଭାଙ୍ଗି ଆସବାବପତ୍ର ନଷ୍ଟ କରି ଦେଇଥିଲା ଏବଂ ଘରେ ରଖାଯାଇଥିବା ଧାନ, ଚାଉଳ ଖାଇବା ସହିତ ଦଳି ଚକଟି ନଷ୍ଟ କରିଦେଇଥଲା। ବନବିଭାଗ କର୍ମଚାରୀ ପହଞ୍ଚି ଥିଲେ ହେଁ ହାତୀର ଉତ୍ପାତକୁ ରୋକି ପାରିନଥିଲେ। ଗୁରୁବାର ମଧ ହାତୀଟି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

■ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ସମବାୟ ବ୍ୟାଙ୍କ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ, ୧୨।୯**

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଟିମ୍ ଗୁରୁବାର ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅଶୋକ କୁମାର ମହାପାତ୍ରଙ୍କ ଘରେ ଚଢ଼ାଉ କରିଛି। ସମ୍ବଲପୁର ଓ ବଲାଙ୍ଗୀର ଭିଜିଲାନ୍ସ ଟିମ୍‌ର ସଦସ୍ୟମାନେ ସମବାୟ ବ୍ୟାଙ୍କ ଅଧିକାରୀ ମହାପାତ୍ରଙ୍କ ଦଶମତିପଡାସ୍ଥିତ ଘର ସମେତ ମାଲପଡାର ପୈତୃକ ଘର, କେନ୍ଦ୍ର ସମବାୟ ବ୍ୟାଙ୍କ ଅଫିସ୍, କଳାହାଣ୍ଡି ଜିଲା ଭବାନୀପାଟଣା କନ୍ଧପଡାଠାରେ ଥିବା ତାଙ୍କ ଶ୍ୱାଇଁଙ୍କ ଘରେ ଏକକାଳୀନ ଚଢ଼ାଉ କରିଥିଲେ । ଚଢ଼ାଉ ପରେ ସମବାୟ ବ୍ୟାଙ୍କ ଅଧିକାରୀ ମହାପାତ୍ରଙ୍କ ୧କୋଟି ୧୮ ଲକ୍ଷ ୨୪ ହଜାର ୬୯୯ ଟଙ୍କାର ସମ୍ପତ୍ତି ଥିବା ଜଣାପଡିଛି । ମହାପାତ୍ରଙ୍କ ଘରର ମୂଲ୍ୟ ପ୍ରାୟ ୯୦ ଲକ୍ଷ । ମହାପାତ୍ର ଓ ତାଙ୍କ


ବଲାଙ୍ଗୀର ଦଶମତିପଡାରେ ଥିବା ଅଶୋକଙ୍କ ଘର ।


ଭିଜିଲାନ୍ସ ଅଧିକାରୀମାନେ ଅଶୋକ ମହାପାତ୍ରଙ୍କ ଘରେ ଯାଞ୍ଚ କରୁଛନ୍ତି ।

**୧ କୋଟି ୧୮ ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ଜଣାପଡିଲା**

ପରିବାର ସଦସ୍ୟଙ୍କ ନାଁରେ ପ୍ରାୟ ୧୩ ଲକ୍ଷ ଟଙ୍କାର ୭ଟି ପ୍ଲଟ୍ ରହିଛି । ପ୍ରାୟ ୨ ଲକ୍ଷ ୬୦ ହଜାର ଟଙ୍କାର ଆସବାବପତ୍ର, ସୁନା, ରୁପା ଅଳଙ୍କାର, ବୁଲେଟ୍ ସମେତ ତିନୋଟି ବାଇକ୍ ରହିଛି। ବିଭିନ୍ନ ବ୍ୟାଙ୍କରେ ୨ ଲକ୍ଷ ୪୩ ହଜାର ଟଙ୍କାର ଜମା ଟଙ୍କା ରହିଛି । ଏହା ସହିତ ମହାପାତ୍ରଙ୍କ ଘରୁ ୧ ଲକ୍ଷ ୬୪ ହଜାର ଟଙ୍କାର ନଗଦ ଟଙ୍କା ଜବତ୍ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର, ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ସମବାୟ ବ୍ୟାଙ୍କ ଅଧିକାରୀ ମହାପାତ୍ରଙ୍କ ବିରୋଧରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ଟିମ୍ ଗୁରୁବାର ଚଢ଼ାଉ କରିଥିଲେ ।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ପ୍ରେମିକ ଗିରଫ

**ଢେଙ୍କିକୋଟ, ୧୨।୯(ଡି.ଏନ୍.ଏ.)**

ପଣ୍ଡାପଡ଼ା ଥାନା ଅନ୍ତର୍ଗତ କମାରନାଳି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଘଟଗାଁ ଫରେଷ୍ଟ ଅଫିସ୍‌ରେ କାର୍ଯ୍ୟରତ ଓ୍ୱାଚମ୍ୟାନ୍ ବାଇଗଣପାଳ ଗ୍ରାମର ସଞ୍ଜିତ ନାୟକ(୨୫) ଦୀର୍ଘ ଦୁଇ ବର୍ଷ ହେଲା ଭଲପାଇ ଆସୁଥଲେ। ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ମଧ ଥିଲା। ମାତ୍ର ପ୍ରେମିକା ଜଣଙ୍କ ପ୍ରେମିକ ସଞ୍ଜିତକୁ ଚଳିତ ବର୍ଷ ବିବାହ କରିବା ପାଇଁ ଜିଦ୍ କରିବାରୁ ସେ ଧରାଛୁଆଁ ଦେଇ ନ ଥିଲେ। ଏମିତିକି ତାଙ୍କର ଫୋନ୍ ମଧ ଉଠାଇ ନ ଥିଲେ। ଫଳରେ ନିରାଶ ପ୍ରେମିକା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ଘଟଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ସଞ୍ଜିତଙ୍କୁ ଗିରଫ କରିଛନ୍ତି। ପଣ୍ଡାପଡ଼ା ଥାନାରେ ଏକ ବଳାତ୍କାର ମାମଲା (ନଂ.୬୯/୧୯) ରୁଜୁ କରି ଦଫା ୩୭୬୨ ଏନ୍ ଲଗାଇ ବୁଧବାର ଅପରାହ୍ନରେ ଉଭୟ ପ୍ରେମିକ ପ୍ରେମିକାଙ୍କୁ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରିବା ପରେ ସଞ୍ଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଝିଅର ପରକୀୟା ପ୍ରୀତି ମା'ବାପାଙ୍କ ଜୀବନ ନେଲା

**ପାଟଣା,୧୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣିଘାଟି ପଞ୍ଚାୟତ ଗୁଧିରାମ ପଡା ଗ୍ରାମରେ ଗତ ଶନିବାର ବିଳମ୍ବିତ ରାତିରେ ବୃଦ୍ଧ ଦମ୍ପତି ରାମାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ଚମ୍ପା ମୁଣ୍ଡାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ଘଟଗାଁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପାଟଣା ଥାନା ସରାସ କୋଲା ପଞ୍ଚାୟତ ଖମୁଆଁ ଗ୍ରାମ କୁସୁମପଶି ସାହିର ଦନାର ମୁଣ୍ଡା। ଏନେଇ ଘଟଗାଁ ଥାନାରେ ଏକ ହତ୍ୟା ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି। ପୋଲିସ ତନାଘନା ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ ରାମାଇଙ୍କ ଦ୍ୱିତୀୟ ଝିଅ କାଂଶଲା ମହୁଲଡିହା ଗ୍ରାମ ଦଲକୀ ସାହିର ମାଟାଇ ମୁଣ୍ଡାଙ୍କୁ ବିବାହ କରିଥିଲେ। ତାଙ୍କର ୪ ସନ୍ତାନ ଅଛନ୍ତି। କିନ୍ତୁ ଉପରୋକ୍ତ ଘଟଣା ଘଟିବାର ୨୫ଦିନ ପୂର୍ବରୁ କୁସୁମପଶି ସାହିର ରାଜମିସ୍ତ୍ରି ଦନାରଙ୍କ ସହ କାଂଶଲା କେଉଁ ଆଡ଼େ ଚାଲିଯାଇଥିଲେ। ତାଙ୍କର କୌଣସି ଖୋଜ୍ ଖବର ପରିବାର ଲୋକଙ୍କୁ ମିଳି ନ ଥିଲା। ଦନାରଙ୍କ ପାଖରେ ୨୫ ଦିନ ରହିବା ପରେ କାଂଶଲା ତାଙ୍କ ପ୍ରଥମ ସ୍ୱାମୀ ମାଟାଇଙ୍କ ପାଖକୁ ଫେରିବାକୁ ଚାହିଁଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ପ୍ରସ୍ତାବରେ କାଂଶଲାଙ୍କ ମା'ବାପାଙ୍କ ସହ ଶ୍ୱାଇଁ ମାଟାଇ ମଧ ରାଜି ହୋଇ ନ ଥିଲେ। ଝିଅକୁ ଛାଡି ଦେଲେ ଦନାରଙ୍କୁ ଗୁଣିଗାରେଡି କରି ଜୀବନରୁ ମାରିଦେବି ବୋଲି ରାମାଇ ଧମକ ଦେଇଥିଲେ। ଏହାପରେ ଦନାର ପ୍ରତିଶୋଧ ନେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ଶନିବାର ରାତିରେ ଦନାର ସ୍କୁଟିରେ ଘରୁ ଏକ ଘାନା(ବଡ଼ ପଥର) ନେଇ ଘଟଣାସ୍ଥଳକୁ ଯାଇଥିଲେ। ସେତେବେଳେ ଘର ବାରଣ୍ଡାରେ ବୃଦ୍ଧ ଦମ୍ପତି ରାମାଇ ଓ ଚମ୍ପା ଶୋଇଥିଲେ। ଏହାକୁ ସୁଯୋଗ ଭାବି ଦନାର ସେହି ପଥରରେ ବୃଦ୍ଧ ଦମ୍ପତିଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଗିରଫ ପରେ ଦନାର ଏହି କଥାକୁ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତଦନ୍ତକାରୀ ଥାନା ଅଧିକାରୀ ବନ୍ଦନା ପାତ୍ର ହତ୍ୟାକାଣ୍ଡରେ ବ୍ୟବହୃତ ଘାନା, ରକ୍ତ ଲଗା ପ୍ୟାଣ୍ଟ ଶାର୍ଟ ଓ ଏକ ସ୍କୁଟିକୁ ଜବତ କରିଛନ୍ତି। ହତ୍ୟାକାଣ୍ଡରେ ଆହୁରି ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରି ଏସ୍‌ଡିପିଓ ରବୀନ୍ଦ୍ର ମଳିକ ତଦନ୍ତକୁ ବ୍ୟାପକ କରାଯିବ ବୋଲି କହିଛନ୍ତି।

**ବୃଦ୍ଧ ଦମ୍ପତି ହତ୍ୟା ଘଟଣାର ପର୍ଦ୍ଦାଫାଶ**
■ ମୁଖ୍ୟ ଅଭିଯୁକ୍ତ ଗିରଫ

# ଶ୍ରୀଗଣେଶଙ୍କ ଲଡୁ ଗ୍ରହଣ କଲେ ହୃଦାନନ୍ଦ

**ଦେବଗଡ଼,୧୨।୯(ଡି.ଏନ.ଏ.)**

ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ଗତ ୮ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗଣେଶ ମେଳା କମିଟି ପକ୍ଷରୁ ପ୍ରସ୍ତୁତ ବହୁ ପ୍ରତୀକ୍ଷିତ ପ୍ରସିଦ୍ଧ ୧୦ ଗ୍ରାମର ସୁନା ଏବଂ 'ଶ୍ରୀଗଣେଶଙ୍କ ଲଡୁ କା ଭାଗ୍ୟରେ' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାଗ୍ୟଶାଳୀ ବିଜେତା ଭାବେ ଦେବଗଡ଼ ପୌରାଞ୍ଚଳ ଅଧୀନ ମହୁଲଡିପା ସାହିର ହୃଦାନନ୍ଦ ପ୍ରଧାନ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ସ୍ଥାନୀୟ ଗୋପବନ୍ଧୁ ଛକସ୍ଥିତ ସାଂସ୍କୃତିକ ମଣ୍ଡପଠାରେ ଆୟୋଜିତ ଏହି ଉଠାଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବ୍ୟବସାୟୀ ଅଲେଖ ଚନ୍ଦ୍ର ସାହୁ ଯୋଗଦେଇ ଭାଗ୍ୟଶାଳୀ ବିଜେତା ପ୍ରଧାନଙ୍କୁ 'ଶ୍ରୀଗଣେଶ ଲଡୁ' ପ୍ରଦାନ କରିଥିଲେ । ଏହି ଅବସରରେ ଗଣେଶ ମେଳା କମିଟି ସଭାପତି ଶମ୍ଭୁନାଥ ଗୋଏଲ,ଆଇନ ପରାମର୍ଶଦାତା ଆଲୋକ କୁମାର ବେହେରା ଓ ସାଂସ୍କୃତିକ ସଂଯୋଜକ ଜନ୍ମେଜୟ ନାୟକଙ୍କୁ କମିଟି ପକ୍ଷରୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘୋଷକ ଜନ୍ମେଜୟ ନାୟକ ଓ ଉପେନ୍ଦ୍ର ଭଞ୍ଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କମିଟିର ଉପ ସଭାପତି ସୁଶୀଲ କୁମାର ଭୋଇ,ସମ୍ପାଦକ ଶୁକଦେବ ଭଞ୍ଜ,ସହ ସମ୍ପାଦକ ଅରୁଣ ଗୋଏଲ, କୋଷାଧକ୍ଷ ଅଜୟ ମିଶ୍ର,ଉପଦେଷ୍ଟା ପତିତପାବନ ସାହୁ,ପବନ ଅଗ୍ରୱାଲା,ହରେକୃଷ୍ଣ ସାହୁ,ସଞ୍ଜୀବ ଅଗ୍ରୱାଲ, ଓ ପୂଜକ ମନୋରଞ୍ଜନ ଶତପଥୀଙ୍କ ସମେତ ବହୁ ସଦସ୍ୟ,ବ୍ୟବସାୟୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ସୋନପୁରରୁ ଆସିଥିବା ସମ୍ବଲପୁରୀ ମେଲୋଡିର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।


ଅତିଥିମାନେ ହୃଦାନନ୍ଦ ପ୍ରଧାନଙ୍କୁ ଶ୍ରୀଗଣେଶ ଲଡୁ ପ୍ରଦାନ କରୁଛନ୍ତି ।

■ଅଭିଶାପ୍ ପାଲଟିଛେ ଜୀବନ୍

# ମୁରତ୍ତୁ ସଂଗେ ଯୁଝୁଛନ୍ ଏଚ୍.ଆଇ.ଭି. ପୀଡ଼ିତା

**ସୁବାସ ଚନ୍ଦ୍ର ବାଗ**
**ପର୍ଲା, ୧୨।୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଧୀନ ଛଞ୍ଚାଣବାହାଲି ପଁଚେତ୍‌ର ଝନେ ବିଧବା ମହିଲା ଏଚ୍.ଆଇ.ଭି.ରେ ପୀଡ଼ିତ ହେଇ ବଡ଼ାଦୁଖେ ଜୀବନ୍ ବିତଉଛନ୍। ସେନ୍‌ତାଥି ସେ ଅନେକ୍‌ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଛଞ୍ଚାଣବାହାଲି ପଁଚେତ୍ ଅଧୀନ ପୀଡ଼ିତା ବିଧବା ମହିଲାକଁର ଆପ୍‌ନେ କୁଟୁମ୍ ପୁଷ୍‌ବାର ଲାଗି ୨୦୦୬ ସାଲେ ଦଦନ୍ ଯାଇଥିଲେ। ହେଲେ କେହେନ୍‌ସି କାରନ୍‌ରୁ ସେଠାନେ ସେ ଏଡ୍‌ସ ରୋଗ୍‌ର ଶିକାର ହେଇ ମୁରତ୍ତୁବରନ୍ କରିଥିଲେ। ଆପ୍‌ନେ ଚାଲିଗଲା ଉତାରୁ ପୀଡ଼ିତା ଭାଂଗି ପଡ଼ିଥିଲେ। ହେଲେ ପଛେ ସାହାସ୍ ଯୁଟେଇ ନିଜର ୧୨ ବଛର୍‌ର ଝିଁକେ ପାଠ୍‌ପଢ଼େଇ ମୁନୁଷ୍ କରବାର ନିଷ୍‌ପତି ନେଇଥିଲେ। ଇଥିରଲାଗି ସେ ପସରା ଧରି ଗାଁ ଗାଁ ବୁଲି ଚୁଡ଼ି ବିକି ପେଟ୍‌ପାଲବାର ସଂଗେ ଝିଁର ପାଠ୍‌ପଢ଼ା ଖରଚ୍ ତୁଲଉଥିଲେ। ହଠାତ୍ ଦିନେ ତାକର ଦିହିପା ଖରାପ ହେଲା, ଧର୍ମଗଡ଼ ଡାକ୍‌ତରଖାନାରେ ଭରତି ହେଇ ଚିକିତ୍ସା କଲେ। ସେଠାନେ ପରୀକ୍ଷା ନିରୀକ୍ଷାରୁ ତାକର ବି ଏଚ୍.ଆଇ.ଭି ଥିବାର ଜନା ପଡ଼ିଥିଲା। ଏନ୍‌ତାଥି ସେ ଅନେକ୍ ଥର ଜୀବନ୍ ହାରିଦେବାର ଲାଗି ଚେଷ୍‌ଟା କରିଛନ୍, ହେଲେ ଝିଁର ଭବିଷତ୍ କଥା ଭାବି ଅଟ୍‌କି ଯାଇଛନ୍। ଏହେଦେ ମା'ଝି ଗୁଟେ କୁରିଆରେ ରହୁଛନ୍। ହେଲେ ଲୋକ୍ ତାହାକୁ ସବୁବେଲେ ଟେଢ଼ା ନଜରରେ ଦେଖୁଛନ୍। ମୁଇଁ ଇ ଅମାନ୍‌ତିଆ ରୋଗ୍‌ର ଶିକାର ହେଇଛେଁ, ହେଲେ ମୋର ଝିଁ ବି ଇଥିରଲାଗି ଦୁଖ୍ ଭୁଗୁଛେ। ତାର ସାଂଗ୍‌ସାଥି ବି ତାହାକେ ସବୁବେଲେ ବାରନ୍ କରୁଛନ୍ ବଲି ପୀଡ଼ିତା କହିଛନ୍। ଇଆଡ଼େ ଗଲା ବଛରେ ହେଲା ପୀଡ଼ିତାକଁର ପାଦେ ଗୁଟେ ଘା' ହେଇଛେ, ଛାଡ଼୍‌ବାର ନାଁ ନାଇଁଧରବାର। ଦିନୁଦିନ୍‌କେ ଘା' ବଢ଼ି ବଢ଼ି ଗଲାବେଲେ ସେ ଚାଲବୁଲ କରି ନାଇଁପାରବାର। ଉଷୋକଷା ତ ଦୂରର କଥା ପାଖ୍‌ପଡ଼ିଶା ହେକି ଢୁଂଗି ନାଇଁ ଦେଖିବାର ବଲି ସେ କହିଛନ୍। ଏହେଦେ ପୀଡ଼ିତା ଚିକିତ୍ସା ଅଭାବୁ ଜୀବନ୍ ମରନ୍ ସଂଗେ ଯୁଝୁଛନ୍। ଇଆଡ଼େ ଯେ ରାଏଜ୍ ସରକାର ଏଚ୍.ଆଇ.ଭି/ଏଡ୍‌ସ ରୁଗୀମାନକର ଲାଗି ମୋ କୁଡ଼ିଆ, ମଧୁବାବୁ ପେନ୍‌ସନ, ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରବାର ସଂଗେ ମାହାଲି ଚିକିତ୍ସା ସୁବିଧା ଯୁଗେଇ ଦେଉଛନ୍। ହେଲେ ଦୁଖର କଥା ଇ ନିସାହା ବିଧବା ମହିଲା ଅନେକ୍ ସରକାରୀ ସୁବିଧା ସୁଯୋଗ୍‌ରୁ ବଁଚିତ୍ ହେଇ ରହିଛନ୍। ସରକାରୀ ସୁବିଧା କହେଲେ ପଁଚେତ୍‌ରୁ ଫିମାସ ମିଳୁଥିବାର ୩୫ କେ.ଜି. ଚାଉଳ ନ ମା'ଝିଁର ସାହାଭରସା ପାଲ୍‌ଟିଛେ। ଇଆଡ଼େ ପୀଡ଼ିତା ଝିଁର ପାଠ୍‌ପଢ଼ା, ଭବିଷତ୍ କଥା ଚିନ୍‌ତା କରି ହରମେଶା ଆଁଖିରୁ ଲହ ଗଡ଼ଉଛନ୍। ଇ ଦିଗେ ଜିଲା ପରଶାସନ, ଜିଲା ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ପୀଡ଼ିତା ଆର ତାକର ଝିଁକେ ସବୁ ପରକାର ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ସଞ୍ଜିବ କୁମାର ନାଏକକୁଁ ପଚରାଲାରୁ ଯେତେ ଜଲ୍‌ଦି ହେବା ପୀଡ଼ିତାକୁଁ ଚିକିତ୍ସା ସାହାଯ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ। ସେନ୍‌ତା ଧର୍ମଗଡ଼ ବିଡିଓକୁଁ ପଚରାଲାରୁ ପୀଡ଼ିତାକୁଁ ସରକାରୀ ସାହାଯ୍ ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍



# ଶୈବ, ଶାକ୍ତ ପୂଜାର ଚିନ୍ହାଁ: ନାଗ୍‌ବାଚା

ବିନିକା,୧୨।୯(ଡି.ଏନ୍.ଏ.)

ଆମର ପୁରାଣ, ଶାସ୍ତ୍ରମାନକେ ଅନେକ ପୂଜାପାଠ୍, ତନ୍ତ୍ରମନ୍ତ୍ର ବାବ୍‌ଦେ ବରନନ୍ ରହିଛେ। ସେନ୍‌ତା ଆୟୁର୍ବେଦରେ ଅନେକ ରୋଗ୍‌ର ନିଦାନ୍ ସଂଗେ ସାଁପ୍, କଁଟିଆ, ବିଷାନ୍ ପୋକ୍ ଚାବ୍‌ଲେ ତାର ପରତିକାର ଲାଗି ଚେରମୂଳିର ବାବ୍‌ଦେ ବରନନ୍ ରହିଛେ। ଆଘୋ କାଲେ ଲୋକ୍ ରୋଗ୍ ଲାଗି ଆୟୁର୍ବେଦ୍, ସଁପ୍, କଁଟିଆ ଚାବ୍‌ଲେ ଫୁକାଝରା, ଗୁନିଗାରେଡ଼ି, ଚେରମୂଳିର ସାହାଯ୍ ନେଉଥିଲେ। ହେଲେ ଆଏଜ୍‌କାଲି ଇ ବୈଜ୍ଞାନିକ ଯୁଗେ ଇ ସବୁର ଗୁରୁତ୍ କମିଗଲାନ। ଗାଁ ଭାଁ ଗାଁଗଁଡ଼ାମାନକେ ଚେରମୂଳି ଚିକିତ୍ସା, ଫୁକାଝରା, ଗୁନିଗାରେଡ଼ି ଦେଖିବାକେ ମିଲୁଛେ। ନାଗ୍‌ବାଚା ପୂଜା ହେଉଛେ ଇ ପରମ୍ପରାର ଗୁଟେ ଚିନ୍ହାଁ ଆଏ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ବାଙ୍କିଘିର୍ଡି ଗାଁରେ ଆଏଜ୍‌କେ ୬୦ ବଛର ହେଲା ନାଗ୍‌ବାଚା ପୂଜା ହେଇଆସୁଛେ। ଫିଂବଛର ଲେଖେଁ ଗଲା ବୁଧୁବାର ଇ ପୂଜାର ମୂଳ ହେଇଛେ। ଇ ପରମ୍ପରାଟା ଶୈବ ଆର ଶାକ୍ତ ଉପାଶନାର ଆଧାରଥି ରହିଛେ। ନାଗ୍‌ବାଚା ପୂଜା କଡ଼ା ନୀତିନିୟମଥି ପାଲନ୍ ହେସି। ପୂଜା ମୂଳ କରବାର ଆଗ୍‌ରୁ ଭକତ୍‌ମାନେ ବଜାଗଜା ବଜେଇ ବୁଧୁବାର ଗୁରୁ ବରନ୍ କରିଥିଲେ। ଗୁରୁବରନ ଉତାରୁ ନାଗବାଚା ଦେଉଲ ଆଘେ ଭକତ୍‌ମାନେ ପହେଲା ଗୁରୁକଁର ଗୋଡ଼ ଧୁଇ ପୂଜା କରିଥିଲେ। ପଛେ ଗୁରୁ ସମଲେଇକଁର ଶାଲକା ବାଡ଼ିର ପୂଜା କରବାର ସଂଗେ ଶିବ ବରନ୍ ଲାଗି ସିଂଘିଯୁବା ପଁଚେତ୍‌ର ଖଇରମାଲ ଗାଁର ମନ୍ଦିରକେ ଯାଇଥିଲେ। ବରନ୍ ହେଇ ଆସିଥିବାର ଶିବକୁଁ ପହେଲା ଗାଁ ଖୁଲିରେ ପୂଜା କରାଯାଇଥିଲା। ଯେନ୍‌ଟାକେ ଦେଶୀ ଭାଷାରେ ଡାଁଡ୍ ପୂଜା ବଲି କୁହାଯାଏସି। ପଛେ ଶିବକୁଁ ନାଗ୍‌ବାଚା ଦେଉଲେ ବିଜେ କରି ପୂଜାପାଠ୍ କରାଯାଇଥିଲା। ଗୁରୁ ଉପାସୀ ଭକତ୍‌ମାନକୁ ଥାଲ ଧରେଇ ମନ୍ତ୍ର ପଢ଼ି ତାକର ଦିହେ ଦେବ୍‌ତା ଭରେଇଥିଲେ। ଇ ସମିଆରେ ଗାଁର ଅନେକ ଲୋକ୍ ନିଜର ମାନ୍‌ସିକ୍ ପୂରନ୍ ଲାଗି ଦେବ୍‌ତା ଭରିଥିବାର ଭକତ୍‌ମାନକର ଆଘେ ପାଲ୍ ପଡ଼ିଥିଲେ। ସେନ୍‌ତା ଗୁରୁବାର ଝାରପୂଜା ହେଇଥିଲା। ଇ ପୂଜାର ଲାଗି ଗୁରୁକଁର ସଂଗେ ଭକତ୍‌ମାନେ ଜଂଗଲକେ ଯାଇ ଶିବ, ଗଣେଶ ଆର ଚଉଷଠି ଯୋଗିନୀକଁର ପୂଜା କରବେ। ସେଠାନେ ପୂଜା ଉତାରୁ ଗୁରୁ ଭକତ୍‌ମାନକୁ ସାଁପ୍ ଗରଲ ଖୁଆବାର ସଂଗେ ଯୋଗିନୀମାନକରନେ କୁକ୍‌ରା, ବୁକାଗର୍‌ରା ବଲି ଦେବେ। ସଭେ ରସାଦ ସେବନ କରି ଜଂଗ୍‌ଲେ ରାଏତ୍ କଟାବାର କାୟ୍‌କରମ ରହିଛେ। ଇ ପୂଜା ସମିଆରେ ଭକତ୍‌ମାନେ ତଲେ ଶୁଇବାର ସଂଗେ ଝାରପୂଜା ନାଇଁ ସରବାର ତକ୍ ଉପାସେ ରହେବାର କଡ଼ା ନିୟମ ରହିଛେ। ଚଲ୍‌ତି ବଛର ଇ ପୂଜାରେ ଗୁରୁ ହିସାବେ ରୁଦ୍ର ଘିବିଲା, ପୂଜା ପରିଚାଲକ୍ ହିସାବେ ଟିକେଶ୍ୱର ପୁଟେଲ, ହୃଷୀକେଶ ସେଠ୍, ତଷୋବନ୍ତ ପୁଟେଲ ପରମୁଖ ରହିଥିଲେ। ସେନ୍‌ତା ଉପାସୀ ଭକତ୍ ହିସାବେ ଟିହିଲୁ ଭୁଏ, ଠିବୁ ପୁଟେଲ, ବୁଟୁରୁ ଯୁଆଡ଼ି, କୀର୍ତ୍ତନ୍ୟ ନାଗ୍, ବାବାଜୀ ଦାସ, ନିର୍ମଳ ସେଠ୍ ଆର ଘନ ପୁଟେଲ ପରମୁଖ ୧୦୦ରୁ ଅଧିକା ଭକତ୍ ରହିଥିଲେ।


ଶିବ ବରନ୍ ଉତାରୁ ଡାଁଡ୍ ପୂଜା କରାଯାଉଛେ।

## ସଂକ୍ଷେପରେ

### ଅମରପାଲି ହାଇସ୍କୁଲରେ ଅଭିଭାବକ ସମ୍ମିଳନୀ

ଅମରପାଲି, ୧୨।୯(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଚଳିତ ବର୍ଷର ପ୍ରଥମ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଶ୍ୟାମସୁନ୍ଦର ସେଠୀ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାରେ ଶିକ୍ଷକ ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, କହ୍ନେଇଚରଣ ପଧାନ, ବିଷ୍ଣୁଚରଣ ଧଳ, ମାଧବ ନାଏକ, ନଟବର ରଣା, ସମିତି ସଭ୍ୟ ପୀତାମ୍ବର ସାହୁ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ଗ୍ରାମ୍ୟ ପରିଚାଳନା କମିଟି, ସମସ୍ତ ଅବିଭାବକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନଟିଆ ସାହୁ, ଜଗନ୍ନାଥ ସାହୁ, ଗୋବର୍ଦ୍ଧନ ନାଏକ ସହଯୋଗ କରିଥିଲେ। ଶେଷରେ ବ୍ରାହ୍ମାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆଁଖାଇ ଭେଟ୍‌ଘାଟ୍

ଡୁଙ୍ଗୁରିପାଲି, ୧୨।୯(ଡି.ଏନ.ଏ.)

ଡୁଙ୍ଗୁରିପାଲି ମା' ସମଲାଇ ସାଂସ୍କୃତିକ ସଂଘ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଦ୍ଯୁଦତ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଡିସିସି ବ୍ୟାଙ୍କ ଅଫିସର ରବିନ୍ଦ୍ର ସାହୁ, ଭାଜପା ବ୍ଲକ ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ଅଧ୍ୟାପକ ମକରଧ୍ୱଜ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇର ପରମ୍ପରା, ପଶ୍ଚିମ ଓଡିଶାର ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପରେ ବିରଞ୍ଚି ବରିହାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଚାଷୀ ଚଣ୍ଡାଳ ସାହୁ ଓ ଯୁବଚାଷୀ ବିଜୟ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରଦର୍ଶିତା ଲାଭ କରିଥିବା ସମୀକ୍ଷା ପଧାନ, ସ୍ୱୀକୃତି ତ୍ରିପାଠୀ, ଶକ୍ତି ବିଶ୍ୱାଳ, ଆକାଂକ୍ଷା ବିଶ୍ୱାଳ, ରାଜା ବଗାରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ଉପସଭାପତି ସଞ୍ଜୀବ ସାହୁ, ସମ୍ପାଦକ ସୁରେନ ବିଶ୍ୱାଳ, ସହସମ୍ପାଦକ ଦିଲୀପ ବିଶ୍ୱାଳ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ସଭ୍ୟମାନେ ସହଯୋଗ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଜିଲାପାଳ ଓ ଅତିରିକ୍ତ ଜିଲାପାଳ।

ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା

## ବିପର୍ଯ୍ୟୟ ମୁକାବିଲାରେ ଜନସାଧାରଣଙ୍କ ଭୂମିକା ଉପରେ ଗୁରୁତ୍ୱ

ସୋନପୁର,୧୨।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ତରଭା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନାଲ, ଡ୍ୟାମ୍ ଓ ନଦୀବନ୍ଧ ଜଳ ପରିଚାଳନା ଉପରେ ଏକ କର୍ମଶାଳା ଆୟୋଜନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଜିଲାରେ ପ୍ରଥମ ଥର ପାଇଁ ୧୨୦ ଗୋଟି ଗ୍ରାମରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତ କରିବାର କାର୍ଯ୍ୟ ହାତକୁ ନିଆଯାଇଥିବା ପ୍ରକାଶ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ଜନସାଧାରଣଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯାହାକି ଗ୍ରାମବାସୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନା ମାଧ୍ୟମରେ କିପରି ବିପର୍ଯ୍ୟୟ ପରିଚାଳନା କରାଯାଇ ପାରିବ ତାର ସିଦ୍ଧାନ୍ତ ଗ୍ରାମବାସୀ ନେଇପାରିବେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଭୁବନେଶ୍ୱରର ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉପସ୍ଥିତ ରହି ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଜିଲାସ୍ତରୀୟ ସମସ୍ତ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ କର୍ମଶାଳାରେ ଯୋଗ ଦେଇଥିଲେ। ଡିପିଓ ବିଶ୍ୱନାଥ ନାୟକ, ବରିଷ୍ଠ ରାଜସ୍ୱ ସହାୟକ ଦୀନେଶ ରଞ୍ଜନ ମିଶ୍ର, କନିଷ୍ଠ ରାଜସ୍ୱ ସହାୟକ ଆଲୋକ କୁମାର ଦାସ ଓ ପ୍ରଶାନ୍ତ କୁମାର କବି ଶତପଥୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

## ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା

ଅମରପାଲି, ୧୨।୯ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଲୁଙ୍ଗା ଉପ୍ରା ସ୍କୁଲ, କୃଷ୍ଣପାଲି ପ୍ରାଥମିକ ବିଦ୍ୟାଳୟ, ଚକାବର ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେଉଳମୁଣ୍ଡା ପ୍ରାଥମିକ ବିଦ୍ୟାଳୟ, ମାଲିଦାଦର ସ୍କୁଲ, ପୁଲଚରା ପ୍ରାଥମିକ ବିଦ୍ୟାଳୟ, ବାଗବର ୟୁପି ସ୍କୁଲ, ବୁଠୀପଦର ସ୍କୁଲ, ଯୁବରାଣୀ ସୀତାପୁର, ପିତାମହୁଲ କ୍ଲଷ୍ଟରର ସମସ୍ତ ସ୍କୁଲ, ଅମରପାଲି ୟୁପି ସ୍କୁଲ, ଗୁଦଗୁଦା ୟୁପି ସ୍କୁଲ, ବହଲପଦର ସ୍କୁଲ, କଦଳୀପାଲି ସ୍କୁଲ, ଖଇରମାଲ ସ୍କୁଲ, ମୁର୍ଷୁଣ୍ଡୀ ସ୍କୁଲରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ସଭା କରି ନିଜେ ସଫାସୁତରା ରହିବା ସହିତ ନିଜ ନିଜ ପରିବେଶକୁ ସ୍ୱଚ୍ଛ ରଖିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଥିଲା। ଏପରିକି ପଲିଥିନ ବ୍ୟବହାର ନିଜେ ନକରିବା ସହିତ ଅନ୍ୟମାନଙ୍କୁ ମଧ ବ୍ୟବହାର ନ କରିବାକୁ କହିବା ପାଇଁ କୁହାଯାଇଛି। ସଭାପରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଅନୁରୋଧ କରାଯାଇଥିଲା। ସୂଚନାଯୋଗ୍ୟ ଯେ, କ୍ଲିନ ବୀରମହାରାଜପୁର ପାଇଁ ଗତ ସେପ୍ଟେମ୍ବର ୫ରୁ ପ୍ରୟାସ କରାଯାଇଛି।



ବୀରମହାରାଜପୁର ବାଳିକା ହାଇସ୍କୁଲର ଛାତ୍ରୀମାନଙ୍କର ସଚେତନତା ଶୋଭାଯାତ୍ରା।

## ଗଳାକାଟି ଆତ୍ମହତ୍ୟା କଲେ ଯୁବକ

ଉଲୁଣ୍ଡା, ୧୨।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମରିଚପୁର ଗ୍ରାମରେ ନିଜ ଗଳାକାଟି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ସୁବାଷ କର୍ମୀ (୨୩)। ସୁବାଷ ଗୁରୁବାର ମଧ୍ୟାହ୍ନରେ ଗାଁ ଦାଣ୍ଡରେ ବୁଲାବୁଲି କରୁଥିଲେ। ପରେ ନିଜ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର ଯୋଗେ ନିଜ ଗଳାକାଟି ଆତ୍ମହତ୍ୟା କରିଥିବା ପରିବାର ତରଫରୁ କୁହାଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲା। ତେବେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ଏନେଇ ହିକୁଡି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଏଏସଆଇ ଶିଶୁପାଲ ନାଗ ପ୍ରକାଶ କରିଛନ୍ତି।



ବୈଠକରେ ମଞ୍ଚାସୀନ ଜିଲାପାଳ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ବୃନ୍ଦ।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ

ସୋନପୁର,୧୨।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ସମିତିର ଆୟ ବ୍ୟୟ, ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନତି, ପରିମଳ ବ୍ୟବସ୍ଥା ଓ ଆଟେଣ୍ଡାଣ୍ଟ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଛାତର ସୁରକ୍ଷା ପାଇଁ ନିର୍ମିତ ଟିଣ ଛପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରୋଗୀ କଲ୍ୟାଣ ସମିତିର ୫ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟ ହୋଇଥିବା ବେଳେ ଆକାଉଣ୍ଟରେ ୩୭ ଲକ୍ଷ ୬୮ ହଜାର ଟଙ୍କା ଗଚ୍ଛିତ ରହିଛି। ସେହିପରି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିକାଶ ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନାରେ ୧୬ ଲକ୍ଷ ୫ ହଜାର ୫୯୮ଟଙ୍କା ବ୍ୟୟ ହୋଇଥିବା ବେଳେ ଆକାଉଣ୍ଟରେ ୬୯ ଲକ୍ଷ ୬ ହଜାର ୩୮୫ ଟଙ୍କା ଗଚ୍ଛିତ ଥିବା ହିସାବ ରକ୍ଷକ ଅବିନାଶ ହୋତା ସୂଚନା ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷର ଅଗଷ୍ଟ ୩୧ ତାରିଖ ସୁଦ୍ଧା ବିଜୁ କୃଷକ କଲ୍ୟାଣ ଯୋଜନାରେ ୯୬ ଜଣ ରୋଗୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଜନନୀ ସୁରକ୍ଷା ଯୋଜନାରେ ଗ୍ରାମାଞ୍ଚଳର ୭୯୫ ଜଣ ପ୍ରସୂତି ମହିଳା ଓ ୩୪ ଜଣ ସହରାଞ୍ଚଳର ମହିଳାଙ୍କୁ ସହାୟତା ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡାକ୍ତର ନବକିଶୋର ବେହେରା, ଡାକ୍ତର ଦୈତ୍ୟନାରାୟଣ ପାଢୀ, ଡାକ୍ତର ପ୍ରକାଶ ଡନସେନା, ଡାକ୍ତର ପଦ୍ମହଂସା ଦୋରା, ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ଡାକ୍ତର ଦିଲ୍ଲିପ କୁମାର ପୁରୋହିତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଗ୍ନେରିଆ କେର୍କେଟା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ଆରଡି ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା, ଏନଏଚଏମ ଡିପିଏମ ମନୋରଞ୍ଜନ ସାହୁ, ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ଗୋପାଳ ପଟ୍ଟନାୟକ, ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ପ୍ରଦ୍ୟୁମ୍ନ ସାହୁ, ସମିତିର ସଭ୍ୟ ଗୋବିନ୍ଦ ମହାରଣା, ସ୍ୱାଧୀନ ମେହେର, ବିବେକାନନ୍ଦ ମାହାର୍ଣ୍ଣା, ପ୍ରକାଶ ମିଶ୍ର ଓ ତାରିଣୀ ପାତ୍ର ବୈଠକରେ ଅଂଶଗ୍ରହଣ କରିଥିଲେ।

## ବିଜୁ ଯୁବ ବାହିନୀର ନୂତନ କର୍ମକର୍ତ୍ତା ଚୟନ, ଚାରାରୋପଣ

ଅମରପାଲି, ୧୨।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ବିଜୁ ଯୁବ ବାହିନୀର କର୍ମକର୍ତ୍ତା ପରିବର୍ତ୍ତନ କରାଯାଇଛି। ପୂର୍ବତନ ସମ୍ପାଦକ ଚନ୍ଦ୍ରଶେଖର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ବିଜୁ ଯୁବ ବାହିନୀର ସଂଯୋଜକ ମିତ୍ରଭାନୁ ମିଶ୍ର ଓ ବ୍ଲକ ସଂଯୋଜକ ଦେବରାଜ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିଲେ। ବନମାଳୀ ଗୌନ୍ତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ବାସୁଦେବ ପଧାନଙ୍କୁ ସଭାପତି, ସୁଶୀଲ କୁମାର ସାହୁ ସମ୍ପାଦକ ଓ ତଥାଗତ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଶେଷରେ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା ଅମରପାଲିର ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ଶେଷରେ ଅମରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅମରପାଲିଠାରେ ବିଜୁ ଯୁବବାହିନୀ ଦ୍ୱାରା ଚାରାରୋପଣ।

## ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ପଞ୍ଚାୟତସ୍ତରୀୟ ପ୍ରସ୍ତୁତି

ଉଲୁଣ୍ଡା, ୧୨।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସ୍ୱଚ୍ଛ ସର୍ବେକ୍ଷଣ- ୧୯ ପାଇଁ ଏକ ପ୍ରସ୍ତୁତି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ମାଧ୍ୟମରେ ଜିଲାର ସ୍ୱଚ୍ଛତା, ପରିଷ୍କାର ଓ ପରିଚ୍ଛନ୍ନତାର ମାନ ନିର୍ଦ୍ଧାରଣ ନିମନ୍ତେ ଗତ ଅଗଷ୍ଟ ୧୪ ତାରିଖରୁ ସର୍ବେକ୍ଷଣ କାର୍ଯ୍ୟ ଚାଲୁଛି। ତେବେ ମାନ ନିର୍ଦ୍ଧାରଣରେ ସୁବର୍ଣ୍ଣପୁର ଜିଲା କିପରି ଆଗରେ ରହିବ ସେ ଉପରେ ଉକ୍ତ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏଥିରେ ସରପଞ୍ଚ ସନ୍ତୋଷିନୀ ଭୋଇ, ଆଇସିଡିଏସ ସୁପରଭାଇଜର ଶ୍ରୀମତି ପଣ୍ଡା, ପିଇଓ ଶରତ କୁମାର ମିଶ୍ର, ବ୍ଲକ ସଂଯୋଜକ ପ୍ରଦୀପ କୁମାର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯକ୍ରମର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ।

ବୀରମହାରାଜପୁର କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

## ମାର୍ଜିତ, ଶୃଙ୍ଖଳିତ ହେବା ଦ୍ୱାରା ସଫଳତା ମିଳିଥାଏ

ଅମରପାଲି, ୧୨।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ କଲେଜ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ମଧୁସ୍ମିତା ଦାଶ, କମଳଲୋଚନ ଭଞ୍ଜ, ନିତେଶ ତାଣ୍ଡିଆ, ବଲ୍ଲବ ମେହେର, ନୂତନ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ବିଷୟରେ କହିବା ସହିତ ଶୃଙ୍ଖଳିତ ଓ ମାର୍ଜିତ ହେବାକୁ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ କଲ୍ୟାଣୀ ମିଶ୍ର ଏହି ଅବସରରେ ନିଜ ବକ୍ତବ୍ୟ ପ୍ରଦାନ କରିବା ସହିତ କଲେଜର ନୀତି ନିୟମ ମାନି ଚଳିବାକୁ ସମ୍ମତି ପ୍ରଦାନ କରିଥିଲେ। କଲେଜର ଅର୍ଥନୀତି ବିଭାଗର ଅଧାପକ ଦୀନବନ୍ଧୁ ମେହେର, ଇତିହାସ ବିଭାଗର ଅଧାପିକା ବନ୍ଦିତା ବିଶ୍ୱାଳ, ଯୁକ୍ତ ୩ର ପାଠ୍ୟଖସଡା ତଥା ପରୀକ୍ଷା ପ୍ରଣାଳୀ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ଅଧାପକ କୁଞ୍ଜବନ ମେହେର, ସୁଦାମ ସାହୁ, ଇତିହାସ ବିଭାଗ ଅଧାପକ ହିମାଂଶୁ ଶେଖର ପାଢ଼ୀ, ଶିକ୍ଷା ବିଭାଗର ଅଧାପକ ବିନୟ କୁମାର ପଧାନ, ଓଡିଆ ଅଧାପକ ପ୍ରକାଶ ସେଠ, ରାଜନୀତି ବିଜ୍ଞାନ ବିଭାଗ ଅଧାପକ ନରେନ୍ଦ୍ର ଝା, ଓଡିଆ ଅଧାପିକା ଯାମିନୀ ଦାଶ, ଅଧାପକ ଶିଶିର ବଗ୍ତିଆ, ସୁବାଷ ଶତପଥୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସହିତ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଶୃଙ୍ଖଳିତ ଓ ମାର୍ଜିତ ହେବା ଦ୍ୱାର ସଫଳତା ମିଳିଥାଏ ବୋଲି ମତପ୍ରକାଶ କରିଥିଲେ। ଏହା ସହିତ ଭଲପାଠ ପଢ଼ି ଭଲ ମଣିଷଟିଏ ହେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ଛାତ୍ର ସଦାଶିବ ଚାନ୍ଦ ସଭାକାର୍ଯ୍ୟ ସଂଯୋଜନା କରିଥିଲେ।



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟଶୂନ୍ୟ ନିର୍ଭୀକ।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଘର କାନ୍ଥ ଭୁଶୁଡ଼ି ବୃଦ୍ଧା ଗୁରୁତର

**ଲୋଇସିଂହା,୧୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମରେ ଘରକାନ୍ଥ ଭୁଶୁଡି ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ବୁଇ ନନ୍ଦ (୬୫)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାମତେ, ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଗର୍ଜିଭଟା ଗ୍ରାମର ଧର୍ମ ନନ୍ଦଙ୍କ ପରିବାର ବୁଧବାର ରାତିରେ ଘରେ ଶୋଇଥିଲେ । ରାତି ପ୍ରାୟ ୩ଟାରେ ଦୁର୍ବଳ ଅବସ୍ଥାରେ ଥିବା ତାଙ୍କ ଘର ହଠାତ ଭୁଶୁଡି ପଡିଥିଲା । ଧର୍ମ ଶୋଇଥିବା ସ୍ଥାନର କାନ୍ଥ ବାହାର ପଟକୁ ଢଳି ପଡିଥିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ତାଙ୍କ ସ୍ତ୍ରୀ ବୁଇ ଶୋଇଥିବା ସ୍ଥାନର କାନ୍ଥ ଭୁଶୁଡି ପଡିଥିଲା। ମାଟିତଳେ ଚାପି ହୋଇ ଯାଇ ସେ ଚିତ୍କାର କରିଥିଲେ। ସାହିପଡିଶା ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ବୁଇଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ଏହି ଗରିବ ପରିବାରର ଦୁଃଖ ବୁଝି ଅବିଳମ୍ବେ ସହାୟତା ପ୍ରଦାନ ସହ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଅଟକ

**ଦେଓଗାଁ,୧୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଗାଇବାହାଲ-ଦେଓଗାଁ ରାସ୍ତା ଜୁର୍ଲାକାନୀ ନିକଟରେ ଗୁରୁବାର ଅପରାହ୍ନରେ ଜନୈକା କଲେଜ ଛାତ୍ରୀ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି । ଅଟକ ଯୁବକ ହେଉଛନ୍ତି ତୁଷୁରା ଥାନା ଅନ୍ତର୍ଗତ ନରସିଂହପୁରର କାହ୍ନା ବେହେରା। ଏ ସଂକ୍ରାନ୍ତରେ ଥାନାରେ ଦଫା ୩୪୧, ୩୫୪(ବି)ରେ ଏକ ମାମଲା (ନଂ. ୫୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ସୂଚନା ଅନୁସାରେ ଛାତ୍ରୀ ଜଣକ ସ୍ଥାନୀୟ ଏକ କଲେଜରୁ ସହପାଠୀ ସହ ସାଇକେଲରେ ଘରକୁ ଫେରୁଥିଲେ। ଜୁର୍ଲାକାନୀ ନିକଟରେ କାହ୍ନା ଏକ ବାଇକରେ ଆସି ଉକ୍ତ ଛାତ୍ରୀଙ୍କୁ ଅଟକାଇ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରିବା ସହ ଛାତ୍ରୀ ଜଣକ ଚିତ୍କାର କରିବାରୁ ପାଖରେ ଥିବା କେତେକ ଲୋକ ଘଟଣାସ୍ଥଳକୁ ଆସି ସମ୍ପୃକ୍ତ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଦେଓଗାଁ ପୋଲିସ ଜିମା ଦେଇଥିଲେ।

### ବସୁନ୍ଧରା ଯୋଜନାରେ ୬୬ଜଣଙ୍କୁ ପଟ୍ଟା ବଣ୍ଟନ

**ବେଲପଡା, ୧୨।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ବେଲପଡା ତହସିଲ କାର୍ଯ୍ୟାଳୟଠାରେ ଗୁରୁବାର ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ପ୍ରିୟ ରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣାଗଡ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬୬ଜଣଙ୍କୁ ୪ଡେସିମିଲ ଲେଖାଏଁ ପଟ୍ଟା ବଣ୍ଟନ କରିଥିଲେ । ବେଲପଡା ସମିତି ସଭ୍ୟ ଆଲୋକ ବେହେରା, ବିଧାୟକ ପ୍ରତିନିଧି ଗଣେଶ କୁମ୍ଭାର, ଯୁବ ବିଜେଡି ନେତା ଦୁର୍ଯ୍ୟୋଧନ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ପାଟଣାଗଡ ବିଧାୟକ ସରୋଜ ମେହେର ଜଣେ ମହିଳାଙ୍କୁ ଜମି ପଟ୍ଟା ବଣ୍ଟନ କରୁଛନ୍ତି।

### ବିଧାୟକଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ବେଲପଡା, ୧୨।୯(ଡି.ଏନ.ଏ.):** ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଗୁରୁବାର ବେଲପଡା ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଥିଲେ। ବିଧାୟକ ଡାକ୍ତରଖାନାରେ ରୋଗୀମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କ ରେ ପଚାରି ବୁଝିଥିଲେ। କେତେକ ରୋଗୀଙ୍କ ବେଡ ମଇଳା ଥିବା ଦେଖି ବିରକ୍ତ ପ୍ରକାଶ କରିବା ସହ ତୁରନ୍ତ ସଫା କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲେ ।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ଲୋଇସିଂହା,୧୨।୯(ଡି.ଏନ.ଏ.):** ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ ମେଳାରେ ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଡିଓ ଖାଡିଆ ପଞ୍ଚାୟତର ୩୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ପିଇଓ ପ୍ରେମାନନ୍ଦ ମହାଲିଙ୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ ନୂଆଁଖାଇ ଭେଟ୍‌ଘାଟ୍ ପରବ ସମ୍ପନ୍ନ

# ଭାଇଚାରାକୁ ସୁଦୃଢ଼ ରଖେ ନୂଆଁଖାଇ

**ଉଲୁଣ୍ଡା, ୧୨।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ ରଘୁନାଥ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପରବ ତିହାର ବୁଧବାର ରାତିରେ ସମ୍ପନ୍ନ ହୋଇଯାଇଛି । କ୍ଲବ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ ଏବଂ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲୋକକଳା ଓ ସଂସ୍କୃତି ସମନ୍ୱୟର ଏହି ଭେଟ୍‌ଘାଟ ଭାଇଚାରାକୁ ସୁଦୃଢ ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ପଶ୍ଚିମ ଓଡିଶାର ଇ ସିଘା ତିହାର କେବଳ ଦେଶେ ନୁହେଁ ବିଦେଶେ ଭି ଆଦୃତ ହେଇସାଇଲାନ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଫେସର ନୀଳାମ୍ବର ଶତପଥୀ, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ରେବତୀ ବିଶ୍ୱାଳ, ପଞ୍ଚମହଲା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ବାଘ, ଯୁବ ସମାଜସେବୀ ବିହାରିଲାଲ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥଇଲେ। ସାମ୍ପ୍ରତିକ ସମୟରେ ନୂଆଁଖାଇ ଭେଟଘାଟ ପାଳନର ମହତ୍ୱ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅୟୋଜକ ଅନୁଷ୍ଠାନ ତରଫରୁ ପଦ୍ମଶ୍ରୀ ହଳଧର ନାଗ ସମେତ ଗୌନ୍ତିଆ ବି. ପୁରୋହିତ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ବ୍ୟାସଦେବ ପୁରୋହିତ, ମଞ୍ଚ କଳାକାର ଗୋପାଳ ଚରଣ ପଣ୍ଡା, ଲେଖକ ଶ୍ରୀଧର ବାଘ, କଥାବାଚକ ଅଇଁଠୁ ସାହୁ, ସାମାଜିକ କର୍ମୀ ରବିନ୍ଦ୍ର ହୋତା, ଉରୁକ୍ରମ ପାଣ୍ଡିଆ, କୃତି ଛାତ୍ର ଭରତ କୁମାର ସାହୁ ଏବଂ ଉଲୁଣ୍ଡା ଥାନା ଅଧିକାରୀ ବିଦ୍ଦୁ ଭୁଷଣ ପୁଟାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଅନନ୍ତ ନାରାୟଣ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଦିତ୍ୟ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାର ସମ୍ପାଦକ ତ୍ରିବିକ୍ରମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର ଶିଶୁ କଳାକାରମାନଙ୍କ ସମେତ ଗୋପାଳ ପଣ୍ଡା ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କୁକିଆ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

## ବ୍ଲକସ୍ତରୀୟ କରମା ଏକଦଶୀ ମହୋତ୍ସବ

**ଝାରବନ୍ଧ, ୧୨।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ସଲଡିହିଠାରେ ଷଷ୍ଠ ବାର୍ଷିକୀ କରମସାନୀ କରମା ଏକାଦଶୀ ମହୋତ୍ସବ ଗୁରୁବାର ସମାପନ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ବ୍ଲକର ୭୨ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରି କରମା କଳା ପରିବେଷଣ କରିଥିଲେ । ପ୍ରଥମ ଦିନ କରମା ଡାଳ ପୂଜାର୍ଚ୍ଚନା କରି ଗାଁରେ ପରିକ୍ରମା କରି ପୀଠରେ ସ୍ଥାପନ କରାଯାଇଥିଲା । ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚଣ୍ଡିଭଟା ସରପଞ୍ଚ ଜବାହାର ଲାଲ ସିଂ ବରିହା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଇଁଠା ପ୍ରଧାନ, ପ୍ରିତମ ନାଏକ ଯୋଗଦାନ କରି ପ୍ରକୃତିର ପ୍ରଥମ ଦେବତା କରମସାନୀ ଉପରେ ଆଲୋକପାତ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ମୁଖ୍ୟବକ୍ତା ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ବିଞ୍ଝାଳ ସମାଜର ଲାଟ ସଭାପତି ହୃଷିକେଶ ବରିହା, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଂଶଗ୍ରହଣ କରି ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରିଥିଲେ । କରମା କଳା ପରିଷଦ ସମ୍ପାଦକ ତ୍ରିଲୋଚନ ବରିହା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଂଘ ସଭାପତି ଅଇତରାମ ବରିହା ଧନ୍ୟବାଦ ଅର୍ପଣ କରିଥିଲେ । ପୂଜାକର୍ତ୍ତା ଭାବେ ଭିକାରୀ ବରିହା ଏବଂ ତାଙ୍କ ସ୍ତ୍ରୀ ସିଡିଆ ବରିହା ପୂଜାର୍ଚ୍ଚନା କରିଥିଲେ ।

## ନିଶାସକ୍ତ ଡ୍ରାଇଭରଙ୍କୁ ଧରିଲା ପୋଲିସ

**ବରଗଡ଼ ଅଫିସ୍,୧୨।୯**

ନୂତନ ମୋଟରଯାନ ଆଇନ ଲାଗୁ ହେବା ପରେ ବରଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ଧରପଗଡ଼ ଚାଲିଛି । ପୋଲିସ ମୁଖ୍ୟତଃ ନିଶାସକ୍ତ ଡ୍ରାଇଭରଙ୍କ ଉପରେ ନଜର ରଖିଛି । ସହର ଉପକଣ୍ଠ ବରାହଗୋଡ଼ା ଟୋଲଗେଟ୍‌ରେ ଯାଞ୍ଚ କରି ସ୍ଥାନୀୟ ଟାଉନ ଥାନା ପୋଲିସ ପୁଣି ୩ ଜଣ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ଦୀପକ କୁମାର, ରାମ କେବଳ ଚୌହାନ ଏବଂ ବଲୱାନ ସିଂ । ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି । ପ୍ରକାଶଥାଉକି, ଏହାପୂର୍ବରୁ ୬ଜଣ ନିଶାସକ୍ତ ଡ୍ରାଇଭରଙ୍କୁ ବରଗଡ଼ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରି ସାରିଛି ।

■ ସମୟ ନିର୍ଘଣ୍ଟକୁ ନେଇ ବିବାଦ

## ଚାରି ଦିନ ହେଲା ଘରୋଇ ବସ୍ ଚଳାଚଳ ବନ୍ଦ

**ବୌଦ୍ଧ,୧୨।୯(ସ୍ୱ.ପ୍ର)**

ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଘରୋଇ ବସ ଚଳାଚଳ ସମୟ ନିର୍ଘଣ୍ଟକୁ ନେଇ ବିବାଦ ଦେଖାଦେବା ପରେ ଗତ ସୋମବାରଠାରୁ ସମସ୍ତ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ହୋଇଛି । ୪ ଦିନ ହେଲା ବସ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବୌଦ୍ଧ ଜିଲାର ଲୋକମାନେ ବୁର୍ଲା ମେଡିକାଲ ଉପରେ ନିର୍ଭର କରୁଥିବା ବେଳେ ପିଲାମାନେ ପାଠ ପଢିବା ପାଇଁ ମଧ୍ୟ ସମ୍ବଲପୁର ଯାଇଥାନ୍ତି । ବସ ବନ୍ଦ ଯୋଗୁ ଲୋକମାନେ ଅଧିକ ପଇସା ଦେଇ ଟ୍ୟାକ୍ସି କିମ୍ବା ଅଟୋରେ ବାଧ୍ୟ ହୋଇ ଯିବା ଆସିବା କରୁଛନ୍ତି । ତୁରନ୍ତ ପ୍ରଶାସନ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି । ଏ ନେଇ ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାଏକଙ୍କୁ ପଚାରିବାରୁ ଚନ୍ଦନ ନାମକ ଏକମାତ୍ର ବସ୍ ଚଳାଚଳ କରୁଛି । ଉଭୟ ପକ୍ଷକୁ ନେଇ ଏକ ବୈଠକ କରାଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ବୌଦ୍ଧ ବସ୍ ମାଲିକ ସଂଘର ସୁଧୀର କୁମାର ମହାପାତ୍ର ସମ୍ବଲପୁରରୁ ଫୁଲବାଣୀ ବସ୍ ଚଳାଚଳ କରିବାକୁ ୨୦୧୭ ମସିହା ଠାରୁ ପରମିଟ କରିଛନ୍ତି । ପରମିଟ ଅନୁଯାୟୀ ବସ୍‌ଟି ସକାଳୁ ସମ୍ବଲପୁରରୁ ବାହାରି ଫୁଲବାଣୀ ଯିବ ଓ ଅପରାହ୍ନରେ ସମ୍ବଲପୁର ଫେରିବ। ବସ୍ ଚଳାଇବାକୁ ମହାପାତ୍ର ଦୀର୍ଘ ୨ ବର୍ଷ ହେବ ସମ୍ବଲପୁର ଘରୋଇ ବସ୍ ସଂଘକୁ ସମୟ ଦେବାକୁ ଆବେଦନ କରିଥିଲେ । ସମ୍ବଲପୁର ସଂଘ ପକ୍ଷରୁ କୁଆଡେ ସମୟ ଦିଆଯାଉ ନ ଥିଲା। ଏଥିପାଇଁ ବହୁବାର ବୌଦ୍ଧ ଘରୋଇ ବସ୍ ମାଲିକ ସଂଘ ସମ୍ବଲପୁର ସଂଘର ସମସ୍ତ ବସକୁ ମଧ୍ୟ ବୌଦ୍ଧକୁ ଆସିବା ପାଇଁ ମନା କରିଦେଇଛନ୍ତି । ସୋମବାର ଗାଡି ଚଳାଚଳ ବନ୍ଦ ରହିଥିବା ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହୋଇଛନ୍ତି ।

## ବିକାଶ ହସ୍ପିଟାଲରେ ହାର୍ଟ ଭାଲ୍‌ବ ପ୍ରତିରୋପଣ

**ବରଗଡ଼ ଅଫିସ୍,୧୨।୯**

ବରଗଡ଼ସ୍ଥିତ ବିକାଶ ମଲ୍ଟି ହସ୍ପିଟାଲରେ ହାର୍ଟ ଭାଲ୍‌ବ ପ୍ରତ୍ୟାରୋପଣ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏ ନେଇ ହସ୍‌ପିଟାଲ କର୍ତ୍ତୃପକ୍ଷ ଏକ ବିବୃତିରେ ଜଣାଇଛନ୍ତି, ଗତ ଅଗଷ୍ଟ ୨୭ ତାରିଖରେ ଜଣେ ରୋଗୀ ଏହି ହସପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ହାର୍ଟ ଭାଲ୍‌ବରେ ଲିକେଜ୍ ହେଉଥିବା ଜଣାପଡ଼ିଥିଲା। ଉକ୍ତ ହସ୍‌ପିଟାଲର ଡା. ନିମାଇଁ ଚରଣ ବେହେରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜରୁରୀକାଳୀନ ହାର୍ଟ ଭାଲ୍‌ବ ରିପ୍ଲେସମେଣ୍ଟ ପାଇଁ ପରାମର୍ଶ ଦେଇଥିଲେ। ପରେ ରୋଗୀଙ୍କ ହାର୍ଟ ଭାଲ୍‌ବ ରିପ୍ଲେସମେଣ୍ଟ ହୋଇଥିଲା ଏବଂ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏହି ବିବୃତିରେ ଉଲ୍ଲେଖ ରହିଛି । ଡା. ବେହେରାଙ୍କ ସମେତ ୧୫ଜଣିଆ ଡାକ୍ତରୀ ଟିମ୍ ପ୍ରତ୍ୟାରୋପଣ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ସଫଳତା ଯୋଗୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ହାର୍ଟ ଭାଲ୍‌ବ ରିପ୍ଲେସମେଣ୍ଟ କରିଥିବା ଡାକ୍ତରୀ ଟିମ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## କଳାକାର ସମାବେଶ ପ୍ରସ୍ତୁତି ବୈଠକ

**ବରଗଡ଼ ଅଫିସ୍,୧୨।୯**

ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲା ମିଳିତ କଳାକାର ମଞ୍ଚ ଓ ରାଜ୍ୟ କଳାକାର ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ମିଳିତ କଳାକାର ମଞ୍ଚର ସମ୍ପାଦକ ତଥା ସଙ୍ଗୀତ ନାଟକ ଏକାଡ଼େମୀ ସଭ୍ୟ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କଳାକାର ସମନ୍ୱୟ ସମିତି ସଂଯୋଜକ ପ୍ରବୀର ମହାନ୍ତି ଯୋଗଦେଇ ବରଗଡ଼ରେ ହେବାକୁ ଥିବା କଳାକାର ସମାବେଶ ପ୍ରସ୍ତୁତି ଉପରେ ଅବଗତ ହୋଇଥିଲେ । ଏହି ଅବସରରେ ମହାନ୍ତି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅନୁରୋଧ, ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶରେ କଳାକାରଙ୍କ ସମନ୍ୱୟକୁ ସଂଯୋଜନା କରିବା ପାଇଁ ଆସିଥିବା ସୂଚନା ଦେଇଥିଲେ । ଏହାସହିତ ବିଭିନ୍ନ ବିଭାଗର କଳାକାରମାନେ କିଭଳି ଏହି ସମାବେଶରେ ଯୋଗଦେଇ ଚିହ୍ନଟ ହୋଇପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ ପାଇଁ ମତ ଉପସ୍ଥାପନ କରିଥିଲେ। ଏହି ଅବସରରରେ ମିଳିତ କଳାକାର ମଞ୍ଚର ସଭାପତି ଗୋପାଳ ଦାଶ କଳାକାର ସମାବେଶ ଉପରେ ସମନ୍ୱୟ ସମିତି ବୈଠକରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନେହେରୁ ସରାଫ, ସହ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଜିତେନ୍ଦ୍ରୀୟ ସାହୁ, ରାଜେଶ ବାରିକ, ପ୍ରମୋଦ କୁମାର ଦାଶ, ପଞ୍ଚାନନ ମହାପାତ୍ର, ତୁଳାରାମ ମହାନନ୍ଦ, ଭାଗ୍ୟବାନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କଳାକାର ସଂଘ କର୍ମକର୍ତ୍ତାବୃନ୍ଦ ।

## ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସ୍କୁଲ କିଟ୍ ପ୍ରଦାନ

**ସୋନପୁର,୧୨।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନର ଉଦ୍ୟମ କ୍ରମେ ବିଦ୍ୟାଳୟରେ ନାମ ଲେଖାଇ ଥିବା ବିନିକା ବ୍ଲକ ବାଉଁଶୁଣୀ ଗ୍ରାମର କ୍ଷେତି ପଡାରେ ରହୁଥିବା ୨୫ ଜଣ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍କୁଲ କିଟ୍ ପ୍ରଦାନ କରାଯାଇଛି । ଏହି ଶିଶୁମାନେ ପାଠ ପଢା ଛାଡି ଦେଇଥିଲେ। ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରଚେଷ୍ଟା ଫଳରେ ଅଗଷ୍ଟ ୧ତାରିଖରେ ସମସ୍ତ ଶିଶୁଙ୍କ ନାମ ବିଦ୍ୟାଳୟରେ ଲେଖା ଯାଇଥିଲା। ଛାତ୍ରୀଛାତ୍ରମାନେ ଏବେ ନିୟମିତ ବିଦ୍ୟାଳୟକୁ ପାଠ ପଢିବାକୁ ଆସୁଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ବିଦ୍ୟାଳୟକୁ ଯାଇ ଉକ୍ତ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ୍, ଖାତା, ସ୍ଲେଟ୍, ପେନ୍ ଚକ, ରବର, ପେନସିଲ ଓ କିଟ୍ ଆଦି ପ୍ରଦାନ କରିଥିଲେ। ବିନିକା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ୱାର୍ଡ ସଭ୍ୟ ଶକୁନ୍ତଳା ଦିଶ୍ରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଘୁମଣି ବେହେରା, ସହକାରୀ ଶିକ୍ଷକ ଅଖିଳ କୁମାର ସାହୁ, ସାମାଜିକକର୍ମୀ ରୁଦ୍ରପ୍ରସନ୍ନ ମିଶ, ସୁରକ୍ଷା ଅଧିକାରୀ ଥବିର କାଲସାଏ, ବିଶେଶ୍ୱର ହୋତା, ପ୍ରତିଭାରାଣୀ ହୋତା, ଗଦାଧର ବରଡ, ବବିତା ବେହେରା, ଯତିଶ ପ୍ରଦାନ ଓ ବିଶ୍ୱନାଥ ସେଠୀ ଉପସ୍ଥିତ ଥିଲେ ।




ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ ପ୍ରଦାନ କରାଯାଉଛି ।

ଅଧ୍ୟାପକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

## ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ସମ୍ବଲପୁର/ପଡିଆବାହାଲ, ୧୨।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କ ହତ୍ୟା ଘଟଣାରେ ପୋଲିସ ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ମୁରା ଗ୍ରାମର ଦୁଃଖନାଶନ ବାଗଙ୍କୁ ପୋଲିସ ଗିରଫ କରିଛି। ଅଧ୍ୟାପକ ହୃଦାନନ୍ଦଙ୍କୁ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିବା ସହ କିଭଳି ଭାବେ ହତ୍ୟା କରିଥିଲେ ତାହା ମଧ୍ୟ ବୟାନ ଦେଇଛନ୍ତି। ପୋଲିସ କହିବା ଅନୁସାରେ ମୋବାଇଲ ଫୋନ୍ ପାଇଁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଛନ୍ତି। ଘଟଣା ଦିନ ରାତିରେ ଅଭିଯୁକ୍ତ ଦୁଃଖନାଶନ ଅଧ୍ୟାପକଙ୍କ ପାଖକୁ ଆସିଥିଲେ। ଅଧ୍ୟାପକଙ୍କ ଏକ ଦାମୀ ନୂଆ ମୋବାଇଲ ଦେଖି ତାଙ୍କର ଲୋଭ ହୋଇଥିଲା। ଏହାକୁ ନେବାକୁ ହିଁ ସେ ଅଧ୍ୟାପକଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ହେଲେ ପୋଲିସର ଏହି ସଫେଇ ସହଜେ ଗ୍ରହଣୀୟ ହେଉ ନାହିଁ। ନିଶ୍ଚୟ ଏହା ପଛରେ ସଲାସୁତୁରା କରାଯାଇଥିବା ସନ୍ଦେହ ରହୁଛି। ତେବେ ଅଭିଯୁକ୍ତଙ୍କ ନିକଟରୁ ଚୋରି ମୋବାଇଲ ଫୋନ୍ ସହ ସ୍କୁଲରୁ କିଛି ଦୂରରେ ପଡିଥିବା ମୋବାଇଲ ଫୋନ୍ ଖୋଳ ମଧ୍ୟ ଜବତ ହୋଇଛି।

## ପ୍ରତିଛବି ଆଙ୍କି ବହୁମୁଖୀ ପ୍ରତିଭାଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୧୨।୯**

ବରଗଡ଼ର ବହୁମୁଖ୍ୟ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଜିଲାର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ପ୍ରାୟ ୧୧ଟାରେ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ତଥା ଶାରୀରିକ ଭିନ୍ନକ୍ଷମ ସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ବରଗଡ଼ ସାମ୍ବାଦିକ ସଂଘର ଉପସଭାପତି ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାକୁ ସଂଘର ସମ୍ପାଦକ ରବି ନାରାୟଣ ପଣ୍ଡା ସଂଯୋଜନା କରିଥିଲେ । ସଭାରେ ଡଃ ଜୟଦେବ ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସୁରେଶ୍ୱର ଶତପଥୀ, ବରିଷ୍ଠ ଖବରଦାତା ପ୍ରସନ୍ନ ମିଶ୍ର, ଲକ୍ଷ୍ମୀ ହୋତା ପ୍ରମୁଖ ମଞ୍ଚାସୀନ ରହି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଞ୍ଚଳର ଖବରଦାତା ଯୋଗଦେଇ ଥିବାବେଳେ ଦୁଃଖିସେବକ ସାହୁ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିଛବି ଆଙ୍କି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିରେ ବୃକ୍ଷରୋପଣ କରାଯାଇଥିଲା । ସନ୍ଧ୍ୟାରେ ସଂସ୍କାର ଭାରତୀ ପକ୍ଷରୁ ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଅଧ୍ୟାପକ ମୋହନ ସାହୁ, ବରିଷ୍ଠ ଖବରଦାତା ପ୍ରସନ୍ନ ମିଶ୍ର, ଆଡ଼ଭୋକେଟ୍ କିରଣ ମିଶ୍ର, ସଂସ୍କାର ଭାରତୀର ଗଣେଶ ଦାଶ, ଜୟନ୍ତ ମହାରଣା, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଡଃ ଡୋଲାମଣି ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ସାମିଲ ହୋଇଥିଲେ ।



ପ୍ରତିଛବି ଆଙ୍କି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### କେନାଲରେ ବୁଡ଼ି ମହିଳା ମୃତ

ବରଗଡ଼ ଅଫିସ୍/ବରପାଲି,୧୨।୯

ବରଗଡ଼ ଜିଲା ବରପାଲି ଥାନା ଆମପତ୍ରା ଗ୍ରାମର ଜଣେ ମହିଳା କେନାଲକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ମୃତା ମହିଳା ହେଲେ ଆମପତ୍ରା ଗ୍ରାମର ବିଳାସିନୀ ଭୁଏ(୩୫) । ବରପାଲି ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ ହେବା ସହିତ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ପ୍ରକାଶ ଯେ, ବିଳାସିନୀ ଗୁରୁବାର ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିଲେ ଏବଂ ପାଣିରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବରପାଲି ଡାକ୍ତରଖାନାକୁ ଆଣିଥିଲେ। ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଆଜିଠୁ ବୌଦ୍ଧରେ ତୀରନ୍ଦାଜୀ ପ୍ରତିଯୋଗିତା

ବୌଦ୍ଧ,୧୨।୯(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ତୀରନ୍ଦାଜ୍ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ବୌଦ୍ଧ କଚେରୀ ଖେଳ ପଡିଆରେ ଏହି ପ୍ରତିଯୋଗିତା ହେବାକୁ ଥିବା ବେଳେ ରାଜ୍ୟର ୧୮ଟି ଜିଲାର ୧୪୪ଜଣ ପୁରୁଷ ଓ ୪୩ଜଣ ମହିଳା ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ନିର୍ଦ୍ଦେଶକ ରାଜେଶ ହାନ୍ସଦାକ, ମୁଖ୍ୟ ବିଚାରକ ରୂପେଶ କୁମାର ସିଂହ, ମୁଖ୍ୟ ସ୍କୋରର ଅଶୋକ ଘୋଷ, ଟେକଲାଲ ପୁରେ, ସୁଟିଂ ନିର୍ଦ୍ଦେଶକ ସୁଧନ୍ୟା ପ୍ରଧାନ ଓ ନାରାୟଣ ବାନାରା ଏବଂ ଜଜ୍ ଭାବେ ଗଣେଶ୍ୱର ମୁଣ୍ଡା, ଗଙ୍ଗାଧର ମାଢ଼ୀ, ଜବାହାରଲାଲ, ଆଶାରାମ, ଭଗତରାମ, ବୁଧୁ ହେମ୍ବ୍ରମ୍, ମଣ୍ଟୁ ସୋରେନ୍, ବିକାଶ ପାଣ୍ଡେ ପ୍ରମୁଖ ଯୋଗଦାନ କରିବେ । ୧୭ଜଣ କାର୍ଯ୍ୟକର୍ତ୍ତା ପ୍ରତିଯୋଗିତାକୁ ପରିଚାଳନା କରିବେ । ଏଥିରେ ବିଭିନ୍ନ ଗ୍ରୁପର ପ୍ରତିଯୋଗିତା ଅନୁଷ୍ଠିତ ହେବ । ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନେ ଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇପାରିବେ ବୋଲି ଆସୋସିଏଶନର ସଭାପତି ସୂର୍ଯ୍ୟକାନ୍ତ ଦଳବେହେରା, ସମ୍ପାଦକ ଅର୍ଜୁନ କଅଁର ଓ କୋଚ୍ କୃଷ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

### ବିଜେପୁରରେ ଅନନ୍ତବ୍ରତ ମହୋତ୍ସବ ଆରମ୍ଭ

ବିଜେପୁର,୧୨।୯(ଡି.ଏନ୍.ଏ)

ବିଜେପୁରର ପ୍ରସିଦ୍ଧ ଅନନ୍ତବ୍ରତ ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି । ଏହି ଅବସରରେ ମଧପଡା, ତଳିପଡା, ଉପରପଡା, ମାଳପଡା, ଗାନ୍ଧୀପଡା, ଭୁଏପଡା ବୀରବଜରଙ୍ଗ ଛକ ପୂଜା ମଣ୍ଡପର ଶୋଭାଯାତ୍ରା ଦାମୋଦର କଟାରେ ପହଞ୍ଚିଥିଲା। ଅଭିମନ୍ତ୍ରିତ ଜଳପୂର୍ଣ୍ଣ କଳସକୁ ଯଜ୍ଞ କର୍ତ୍ତା ଧାରଣ କରିବା ସହ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଯଜ୍ଞ ମଣ୍ଡପରେ ଅଧିବାସ କର୍ମ କରି ରୀତିନୀତି ସହକାରେ ପୂଜାର୍ଚ୍ଚନା ହୋଇଥିଲା। ମଧପଡାରେ ଶମ୍ଭୁ ମେହେର କର୍ତ୍ତା ଓ କିଶୋର ଚନ୍ଦ୍ର ପୂଜାରୀ ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶୁକ୍ରବାର ଉପରପଡା ପୂଜା ମଣ୍ଡପରେ ୧୪ପ୍ରକାରର ମିଷ୍ଟାନ୍ନ ବଣ୍ଟନ ଓ ବିଭିନ୍ନ ପୂଜା ମଣ୍ଡପରେ ଅନ୍ନଭୋଗ ପ୍ରଦାନ କରାଯିବ । ସେହିପରି ପଡା, ଜାଲପାଲି, ବାଞ୍ଜିଡୁଙ୍ଗୁରିରେ ଅନନ୍ତବ୍ରତ ମହୋତ୍ସବ ପାଳନ ହୋଇଯାଇଛି ।

## ■ ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗରେ ବଦଳି ଚଞ୍ଚକତା ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବଙ୍କୁ ଟୁଇଟ୍

ବରଗଡ଼ ଅଫିସ୍,୧୨।୯

ମୁଖ୍ୟମନ୍ତ୍ରୀ ୫-ଟି ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି । ପ୍ରାୟତଃ ପ୍ରତି ସରକାରୀ ଅଫିସ କାନ୍ଥରେ ଏଭଳି ଫଳକ ମଧ୍ୟ ଲାଗିଛି । ମାତ୍ର ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଚାଲିଥିବା କିଛି କାର୍ଯ୍ୟକଳାପରୁ ଏଠାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନାକୁ କିଭଳି ପାଳନ କରାଯାଉଛି, ତାହା ଦିନକୁ ଦିନ ସ୍ପଷ୍ଟ ହେବାରେ ଲାଗିଛି। କର୍ମଚାରୀଙ୍କ ବଦଳିରେ ଚଞ୍ଚକତା ଅଭିଯୋଗ ଏଠାରେ ସାଧାରଣରେ ପରିଣତ ହୋଇଛି । ଏଥିରେ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷା ହସ୍ତକ୍ଷେପ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ବଦଳରେ ନାନା ଆଳ ଦେଖାଇ ସେଥିରୁ ଖସିଯିବା ଭଳି ପ୍ରୟାସ ଚାଲିଛି । ଅନ୍ୟପଟେ ସେଥିରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ସନ୍ଦେହ କରି ସାମାଜିକ କର୍ମୀମାନେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ଟୁଇଟ୍ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିବେଦନ କରିଥିବା ଜଣାପଡ଼ିଛି ।

ଗୁରୁବାର ଏଭଳି ବଦଳି ଚଞ୍ଚକତାକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଉକ୍ତ ଖବର କ୍ଲିପିଂକୁ ଜିଲାର ଜଣେ ସାମାଜିକ କର୍ମୀ ଦୀପକ କୁମାର ବାରିକ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ଟୁଇଟ୍ କରିବା ସହିତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଘଟୁଥିବା ଦୁର୍ନୀତି ବିଷୟରେ ଅବଗତ ହୋଇ ନିଦାବିଷ୍ଟୁ ସାଜିବାର କାରଣ ଅସ୍ପଷ୍ଟ ବୋଲି ଟୁଇଟ୍‌ରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ଭ୍ରଷ୍ଟାଚାର ନୀତିକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି । ଉଲ୍ଲେଖନୀୟ, ଜିଲା ମୁଖ୍ୟ ଡାକ୍ତରଖାନାରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଜନୈକା ଷ୍ଟାଫନର୍ସଙ୍କୁ ବଦଳି କରାଯିବା ଏବଂ ବଦଳି ପରେ ମାସେ ନ ପୂରୁଣୁ ପୁଣି ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଡେପୁଟେଶନରେ ଆଣି ଅବସ୍ଥାପିତ କରାଯିବା, ଜଣେ ଡ୍ରାଇଭରଙ୍କ କ୍ଷେତ୍ରରେ ମଧ୍ୟ ସେଭଳି କରାଯିବା ଭଳି ଅଭିଯୋଗ ହୋଇଛି । ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ମଧ୍ୟ ହସ୍ତକ୍ଷେପ କରିଥିବାବେଳେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଚଞ୍ଚକତା ଅଭିଯୋଗ ହୋଇଥିଲା । ଏହାସତ୍ତ୍ୱେ ସେଥିପ୍ରତି କିଛି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣାରୁ ଏଠାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନା ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ଚାଲିଛି ।



Deepa Barik
@CharubalaB

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଘଟୁଥିବା ଏହିସବୁ ଦୁର୍ନୀତି ବିଷୟରେ ଅବଗତହୋଇ ମଧ @HFWOdisha ନିଦା ବିଷ୍ଟୁ ସାଜିବାର କାରଣ ଅସ୍ୱଷ୍ଟ.ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ @nabadasjsg ଏବଂ ସ୍ୱାସ୍ଥ୍ୟ ସଚିବ @meherda_pramod ମୁଖ୍ୟମନ୍ତ୍ରୀଙ୍କ ଶୁନ୍ୟ ଭ୍ରଷ୍ଟାଚାର ନୀତିଙ୍କୁ ଅନୁସରଣ କରିବା ନିମନ୍ତେ ଅନୁରୋଧ 🙏

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ

ବଦଳି ଚଞ୍ଚକତାକୁ ନେଇ ଥମୁନି ଚର୍ଚ୍ଚା

ବରଗଡ଼ ଅଫିସ୍,୧୨।୯

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ବଦଳିରେ ଚଞ୍ଚକତାକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ । କିଛି ମାସ ତଳେ ଜଣେ ମୃତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ନାମରେ ବଦଳି ଆଦେଶ ବାହାରି ଥିବାବେଳେ ଅନ୍ତୁଳିଛି ... ବିଭାଗରେ କାର୍ଯ୍ୟରତ ଅନ୍ୟ ଜଣେ ଡ୍ରାଇଭର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଇ-ମେଲ ଦ୍ୱାରା ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଚର୍ଚ୍ଚା ଲାଗି ରହିଥିବାବେଳେ ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର

ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ସାମାଜିକ କର୍ମୀ କରିଥିବା ଟୁଇଟ୍‌ର ନକଲ ।

## ଘେଁସ ଦୁର୍ଗାପୂଜା ଲାଗି କଳାକାର ବରଣ

ଘେଁସ,୧୨।୯(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ ଘେଁସଠାରେ ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜା ଲାଗି ବୁଧବାର କଳାକାର ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଣ୍ଡିତ ଟଙ୍କଧର ସାବତ, ଶୁଶାନ୍ତ ମିଶ୍ର, ସଦାଶିବ ମିଶ୍ର, ମଣ୍ଟୁ ସାବତ, ହେମନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ପୂଜା କମିଟି କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କ ସମେତ କଳାକାରବୃନ୍ଦ ଉପସ୍ଥିତ ଥିଲେ। ରାବଣ ଭୂମିକାରେ କଳାକାହ୍ନୁ ଚୌହାନ, ରାମ ପ୍ରଦୀପ ମେହେର, ଲଙ୍କେଶ୍ୱରୀ ପଦ୍ମଶ୍ରୀ ହଳଧର ନାଗ ଏବଂ ହନୁମାନ ଭୂମିକାରେ ଅଶୋକ କର୍ରି ଅଭିନୟ କରିବାକୁ ବାବା ସ୍ୱପ୍ନେଶ୍ୱରଙ୍କ ଠାରେ ସଂକଳ୍ପ ନେଇଥିଲେ । ପରେ ପୂଜା କମିଟି ପକ୍ଷରୁ କଳାକାରମାନଙ୍କୁ ଫୁଲ, ଚନ୍ଦନ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୂଜା କମିଟି ସଭାପତି କ୍ଷିରୋଦ୍ର ସାହୁ, ପ୍ରମୋଦ ସାହୁ, ଦୟାନିଧି ପଟେଲ, କୁଞ୍ଜ ବିହାରୀ ସାହୁ, ଷଷ୍ଠୀ ବାରିକ, ଶିବ ପଣ୍ଡା, ତୁଳସୀ ବାରିକ, ଡଃ ସୁବାଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଘେଁସ ଦୁର୍ଗାପୂଜା କମିଟି ପକ୍ଷରୁ କଳାକାର ବରଣ କରାଯାଉଛି ।

## କନ୍ଧମାଳ ସଦର ମହକୁମା ରାସ୍ତା କର୍ଦ୍ଦମାକ୍ତ

ମନମୁଣ୍ଡା, ୧୨।୯ (ଡି.ଏନ.ଏ)

କନ୍ଧମାଳ ସଦର ମହକୁମା ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି । ଏହି ରାସ୍ତାରେ ମେଟାଲ ତ ଦୂର କଥା ସାମାନ୍ୟ ମୁରୁମ ଟିକିଏ ମଧ୍ୟ ପଡିନାହିଁ । ଉକ୍ତ ରାସ୍ତା ଦେଇ ସାହିର ଲୋକମାନେ ମୁଖ୍ୟ ବଜାରକୁ ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପଢ଼ିବାକୁ ଆସିବା ବେଳେ ୟୁନିଫର୍ମ କର୍ଦ୍ଦମାକ୍ତ ହୋଇଯାଉଛି। ସେଥିରୁ ରକ୍ଷା ପାଇବା ପାଇଁ ସେମାନେ ଚପଲକୁ ହାତରେ ଧରି ଯାଉଥିବା ଦେଖିବାକୁ ମିଳିଛି । ତୁରନ୍ତ ଉକ୍ତ ରାସ୍ତା କଂକ୍ରିଟ କରାଯିବାକୁ ପ୍ରଶାସନଠାରେ ମାନବାଧିକାର କର୍ମୀ ମୁକେଶ ପାଢ଼ୀ ଦାବି ଜଣାଇଛନ୍ତି ।



କର୍ଦ୍ଦମାକ୍ତ ହୋଇପଡିଥିବା ସଦର ମହକୁମା ରାସ୍ତା ।

## ରାସ୍ତା ଉପରେ ଯାନବାହନ ପାର୍କିଂ

ବରପାଲି, ୧୨।୯ (ଡି.ଏନ.ଏ)

ବରପାଲି ସହରର ଗାନ୍ଧୀଛକ, ଶ୍ୟାମାଛକ, କଲେଜଛକ ଓ ଡାକ୍ତରଖାନା ଛକ ମାନଙ୍କରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ନେଉଛି । ଏହା ଜନସାଧାରଣଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ଫଳରେ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଜବରଦଖଲ ସହ ରାସ୍ତା ଉପରେ ଯାନବାହନ, ରିକ୍ସା ଷ୍ଟାଣ୍ଡ ଓ ଦୋକାନ ସାମ୍ନାରେ ବାଇକ ରଖି ଲୋକଙ୍କ ବଜାର ହାଟ କରିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ପୋଲିସ ଗାନ୍ଧୀଛକରେ ଡ୍ୟୁଟି କରୁଥିବା ସତ୍ତ୍ୱେ ଟ୍ରାଫିକ ସମସ୍ୟା ଲାଗି ରହୁଛି। ସେହିପରି ଡାକ୍ତରଖାନା ଛକ ରାସ୍ତାରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି। ଅଣଓସାରିଆ ରାସ୍ତା ଉପରେ ଦୋକାନର ଉଠା ସାଇନବୋର୍ଡ ରଖିବା ଯୋଗୁ ଯାତାୟାତରେ ବାଧକ ସାଜିଛି। ଏ ଦିଗରେ ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଡାକ୍ତରଖାନା ଛକ ରାସ୍ତାରେ ପୋଲିସ ବ୍ୟବସ୍ଥା କରି ଟ୍ରାଫିକ ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏନଏସି ଓ ପୋଲିସ ଅଧିକାରୀଙ୍କ ମତାମତ ମିଳିନାହିଁ ।

## ଅନନ୍ତ ନାରାୟଣ ବ୍ରତ ପାଳିତ

ଘଣ୍ଟାପଡା, ୧୨।୯ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରହ୍ମ ସମାଜ ଗୁଣ୍ଡୁଚିତରା ପକ୍ଷରୁ ଅନନ୍ତ ନାରାୟଣ ବ୍ରତ ପାଳିତ ହୋଇଯାଇଛି । ଆଚାର୍ଯ୍ୟ ଭୀକରାମ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ନାରାୟଣ ଗୁରୁ ଓ ସାବିତ୍ରୀ ଗୁରୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବ୍ରାହ୍ମଣମାନେ ଦ୍ୱାଦଶସ୍କନ୍ଦ ପାଠ, ଗୀତା ପାଠ ଓ ବିଷ୍ଣୁସହସ୍ର ନାମ ପାଠ କରିଥିଲେ । ଯଜ୍ଞକାର୍ଯ୍ୟ ସମାପ୍ତ ପରେ ସଭାପତି ବଳରାମ ଦାଶଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରେମରାଜ ରଣା, ପ୍ରକାଶ ମେହେର, କାର୍ତ୍ତିକେଶ୍ୱର ବେହେରା ଓ ଖମନମୁଣ୍ଡା ସରପଞ୍ଚ ପ୍ରତିନିଧି ଗୋବର୍ଦ୍ଧନ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟଅତିଥି ରଣା ନିଜ ବକ୍ତବ୍ୟରେ ବ୍ରାହ୍ମଣମାନେ ସମାଜର ସଂସ୍କାରକ ଏବଂ ପ୍ରତ୍ୟେକ ଶୁଭକର୍ମ ସମ୍ପାଦନ ନିମନ୍ତେ ତାଙ୍କର କର୍ମନିଷ୍ଠା ରହିଛି ବୋଲି କହିଥିଲେ । ସମ୍ପାଦକ ଦୁର୍ଯ୍ୟୋଧନ ଶତପଥି, କୋଷାଧ୍ୟକ୍ଷ ଯାଜ୍ଞସେନ ମିଶ୍ର, କନ୍ଧମାଳ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ସନତ ମିଶ୍ର, ସଦସ୍ୟ ରଘୁନାଥ ପାଣିଗ୍ରାହୀ, ବଲାଙ୍ଗୀର ଜିଲାର ଧବଳେଶ୍ୱର ମିଶ୍ର ଓ ଶ୍ରୀନିବାସ ମିଶ୍ର, କନ୍ଧମାଳ ଜିଲାର ଲଳିତ ମିଶ୍ର ଏବଂ ବ୍ରାହ୍ମଣ ସମାଜର ୬୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗ ଦେଇଥିଲେ ।



ସଭାରେ ବିଧାୟକ ମହୀଧର ରଣା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ■ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶେଷ

# ୭୪୭ରୁ ୧୪ ଶିକ୍ଷକ ଅନୁପସ୍ଥିତ

ବୌଦ୍ଧ,୧୨।୯(ସ୍ୱ.ପ୍ର)

ବୌଦ୍ଧରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଚାଲିଥିଲା । ଏଥିରେ ୨୦୧୧ ମସିହାରୁ ଠାରୁ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ ହୋଇଥିଲା । ଯାଞ୍ଚରେ ମୋଟ ୭୪୭ ଶିକ୍ଷକଙ୍କ ମଧ୍ୟରୁ ୭୩୩ ଜଣ ଆସି ନିଜ ନିଜର ମୂଳ ପ୍ରମାଣପତ୍ର ଯାଞ୍ଚ କରାଇଥିବାବେଳେ ୧୪ଜଣ ଅନୁପସ୍ଥିତ ରହିଛନ୍ତି । ବିଶେଷକରି ବାହାର ରାଜ୍ୟରେ ଥିବା ଅନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟ ମାନଙ୍କରୁ ସିଟି ଓ ବିଇଡି କରି ଶିକ୍ଷକତା କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ସାର୍ଟିଫିକେଟର ନକଲ ଗୁଡିକୁ ସେହି ଅନୁଷ୍ଠାନକୁ ପଠାଇବା ସହ ଏହା ବୈଧ କି ନୁହେଁ, ଆଫିଲିଏସନ ପାଇଛି ନା ନାହିଁ, ଉକ୍ତ ଡିଗ୍ରୀର ସମତୁଲ୍ୟତା ପ୍ରମାଣପତ୍ର, ଦେଶାନ୍ତରଣ ପ୍ରମାଣପତ୍ର ଆଦି ପତ୍ରାଳାପ ମାଧ୍ୟମରେ ମଗାଯିବ ବୋଲି ଜିଲା ପ୍ରକଳ୍ପ କାର୍ଯ୍ୟାଳୟରୁ ଜଣାପଡିଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାର୍ଟିଫିକେଟ ଗୁଡିକର ଯାଞ୍ଚ କରାଯିବ ଓ ଜାଲ୍ ପ୍ରମାଣପତ୍ର ଦେଇ ଚାକିରୀ ହାତେଇଥିବା ସମସ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁର ଜଣାଇଛନ୍ତି । ଜିଲା ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲାପ୍ରକଳ୍ପ କାର୍ଯ୍ୟାଳୟ, ଜିଲା ଶିକ୍ଷା ଅଧିକାରୀ ଓ କର୍ମଚାରୀ, ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମନୋନୀତ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସାର୍ଟିଫିକେଟ ଯାଞ୍ଚ କରିଥିଲେ । ଏ ନେଇ ଜିଲା ପ୍ରକଳ୍ପ ସଂଯୋଜକ କୁଜୁରଙ୍କୁ ପଚାରିବାରୁ ସେ କିଲେ, ୧୪ ଜଣ ଅନୁପସ୍ଥିତ ଥିବା ଶିକ୍ଷକଙ୍କୁ ନୋଟିସ କରାଯିବ । ଯଦି ସେମାନେ ନୋଟିସ ପାଇବା ପରେ ମଧ୍ୟ କିଛି ଉତ୍ତର ନ ଦିଅନ୍ତି, ତାପରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ । ଏହାସହ ବାହାର ରାଜ୍ୟର ସାର୍ଟିଫିକେଟ ବୈଧ କି ନୁହେଁ ଓ ସନ୍ଦେହ ଥିବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ସମ୍ପୃକ୍ତ ଅନୁଷ୍ଠାନକୁ ରିପୋର୍ଟ ମଗାଯିବ ବୋଲି ସେ ପ୍ରକାଶ କରିଥିଲେ ।

## ଆଜି ପଦ୍ମପୁର ଆସିବେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗୱତ

ପଦ୍ମପୁର, ୧୨।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ନୂଆପାଲିରେ ଥିବା ନବପ୍ରଭାତ ଆଶ୍ରମକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଖ୍ୟ ମୋହନ ଭାଗୱତଙ୍କ ଗସ୍ତ ନେଇ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ଆଶ୍ରମ ପରିସରକୁ ପ୍ରଶାସନିକ, ପୋଲିସ ଅଧିକାରୀମାନେ ବାରମ୍ବାର ଗସ୍ତ କରି ସମୀକ୍ଷା କରୁଛନ୍ତି। ଭାଗୱତ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ଛତିଶଗଡ ରାଜ୍ୟ ରାୟପୁରରୁ ନବ ପ୍ରଭାତ ଆଶ୍ରମକୁ ଆସିବେ ଏବଂ ସେଠାରେ ଏକ କନ୍ୟା ଗୁରୁକୂଳର ଉଦଘାଟନ କରିବେ । ଏହାସହ ସେ ପ୍ରମୁଖ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ୧୫ ତାରିଖ ଅପରାହ୍ନ ୩ଟାରେ ଆଶ୍ରମରୁ ବିଦାୟ ନେଇ ସମ୍ବଲପୁର ବୈଦିକ ଇଣ୍ଟରନ୍ୟାଶନାଲ କଲେଜରେ ପହଞ୍ଚିବେ । ୧୬ ତାରିଖରେ ସମ୍ବଲପୁରରୁ ଭୁବନେଶ୍ୱର ଯାଇ ୧୭ରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ପ୍ରଶାସନ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ ଯେ, ନବପ୍ରଭାତ ଆଶ୍ରମ ପ୍ରତିଷ୍ଠା ଉତ୍ସବରେ ଯୋଗଗୁରୁ ରାମଦେବ ବାବା ଆସିଥିବା ବେଳେ କନ୍ୟା ଗୁରୁକୂଳ ପ୍ରତିଷ୍ଠା ଉତ୍ସବରେ ଆରଏସଏସ ମୁଖ୍ୟ ମୋହନ ରାଓ ଭାଗୱତ ଯୋଗଦାନ କରୁଛନ୍ତି ।





ବରଗଡ଼ ଜିଲା ବିଜେପୁରରେ ଗୁରୁବାର ଆରମ୍ଭ ହୋଇଥିବା ପ୍ରସିଦ୍ଧ ଅନନ୍ତବ୍ରତ ମହୋତ୍ସବ ଉପଲକ୍ଷେ ଗାନ୍ଧୀପଡାର ସୁଦୃଶ୍ୟ ତୋରଣ (ବାମ) । ମଧପଡାର ସୁଦୃଶ୍ୟ ଆଲୋକ ତୋରଣ ।

## ବରଗଡ଼ ଜିଲା ଗ୍ରାମରକ୍ଷୀ ସଂଘର ନୂତନ କର୍ମକର୍ତ୍ତା

ପଦ୍ମପୁର, ୧୨।୯ (ଡି.ଏନ.ଏ)

ବରଗଡ ଜିଲା ଗ୍ରାମରକ୍ଷୀ ସଂଘର ଏକ ସାଧାରଣ ସଭା ପଦ୍ମପୁର ଥାନା ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି କ୍ଷୀରୋଦ୍ର ମହାନନ୍ଦ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଗ୍ରାମରକ୍ଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗ୍ରାମରକ୍ଷୀମାନଙ୍କ ଦରମା ବୃଦ୍ଧି, ଆନୁସଙ୍ଗିକ ଭତ୍ତା ପ୍ରଦାନ, ଥାନା ଗୁଡିକରେ ଖାଲି ପଡିଥିବା ସ୍ଥାନରେ ନୂତନ ଗ୍ରାମରକ୍ଷୀ ନିଯୁକ୍ତି ଆଦି ଦାବି ଗୁଡିକର ସମୀକ୍ଷା କରାଯାଇଥିଲା। ଦାବି ଗୁଡିକ ପୂରଣ ପାଇଁ ବରଗଡ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇବା ପାଇଁ ପ୍ରସ୍ତାବ ଗୃହୀତ ହେଲା । ଏଥିରେ ଶ୍ୟାମସୁନ୍ଦର କୁମ୍ଭାର ସଭାପତି, ଦୁର୍ଜନ ବେଣ୍ଟକାର ସମ୍ପାଦକ, ବିଦ୍ୟାଧର ତାଣ୍ଡି କୋଷାଧ୍ୟକ୍ଷ, ସୁବାଷ ଦୀପ ଉପସଭାପତି, ଜଗନ୍ନାଥ ଲୁହାର ସହ ସମ୍ପାଦକ, ଗଣେଷ ମହାନନ୍ଦ, ହରିହର ସେଠ, ସୌରଭ ପ୍ରଧାନ, ରାମ ସୁନାନୀ କାର୍ଯ୍ୟକାରୀ ସଦସ୍ୟ ଏବଂ ଉପଦେଷ୍ଟା ମଣ୍ଡଳୀରେ କ୍ଷୀରୋଦ୍ର ମହାନନ୍ଦ, ଈଶ୍ୱର ମଲ୍ଲିକ, କୁଶ ଦୀପ ରହିଛନ୍ତି ।



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯିଏ ସଂଗ୍ରହ କରେ ସେ ଚୋର ହୋଇଥାଏ।
-ବ୍ୟାସଦେବ



**ସଂକ୍ଷେପରେ**

## କ୍ଷୁଦ୍ରଶିଳ୍ପ ତାଲିମ ଶିବିର ଉଦ୍‌ଘାଟିତ

**ଲୋଇସିଂହା,୧୨।୯(ଡି.ଏନ.ଏ.):** ଲୋଇସିଂହା ବ୍ଲକ ସଭାଗୃହଠାରେ କ୍ଷୁଦ୍ର ଶିଳ୍ପ ଉପରେ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମ ଗ୍ରହଣ କରି ସଫଳତା ହାସଲ କରିବାକୁ ସେ ଏହି ଅବସରରେ ଯୁବ ଉଦ୍ୟୋଗୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ମଧ୍ୟ ଓ କ୍ଷୁଦ୍ର ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତାଲିମ ଶିବିରକୁ ବ୍ଲକ ଆଇପିଓ ରଞ୍ଜିତ କୁମାର ଦଲାଇ ସଂଯୋଜନା କରିଥିଲେ। ତାଲିମଦାତାଭାବେ ମନୋଜ କୁମାରମିଶ୍ର ଯୋଗଦେଇ ୩୦ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ଜଣେ ଜଣେ ତାଲିମଦତା ଯୋଗଦେଇ ୪ ଘଣ୍ଟାକାଳ ତାଲିମ ଦେବାର କାର୍ଯ୍ୟକ୍ରମ ରହିଥିବା ବ୍ଲକ ଆଇପିଓ ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ

# ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଯୁଗେ ଯୁଗେ ରହିବ

**ବଲାଙ୍ଗୀର ଅଫିସ, ୧୨।୯**



ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଗାନ୍ଧୀ ଦର୍ଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବକ୍ତା।

- ଆଧୁନିକ ଯୁଗରେ ବେଗ ବଢ଼ିଛି, ଆବେଗ କମୁଛି
- ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଦେଲେ ବକ୍ତବ୍ୟ

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ୍ ହଲଠାରେ ଗୁରୁବାର ଅପରାହ୍ଣରେ ଜାତିରପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା । ଏହି ଅବସରରେ ଗାନ୍ଧୀ ଦର୍ଶନ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ଆଲୋଚକଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ ମଧୁସୂଦନ ପତି, ଐତିହାସିକ ପ୍ରଫେସର ଡ, ଶିବପ୍ରସାଦ ନନ୍ଦ, ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ମୃତିରଞ୍ଜନ ଧଳ, ରାଜେନ୍ଦ୍ର କଲେଜର ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ, ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ମଞ୍ଚାସୀନ ହୋଇଥିଲେ । ସଭାକୁ କବି ଆନନ୍ଦ କୁମାର ସାହୁ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଆଇଡିଏମ୍ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରମାନେ ଗାନ୍ଧୀ ଦର୍ଶନ ଆଧାରିତ ଏକ ନାଟକ ପରିବେଷଣ କରିଥିଲେ । ସଭାରେ ବକ୍ତବ୍ୟ ରଖି ଜିଲାପାଳ ଡାକୁଆ ଆଧୁନିକ ସମାଜର ବେଗ ବଢ଼ିଛି ଓ ଆବେଗ କମୁଛି ବୋଲି କହିଥିଲେ। ଗାନ୍ଧିଜୀ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଯେତିକି ଗୁରୁତ୍ୱ ଦେଇଥିଲେ ତା ଠୁ ଢ଼େର ଅଧିକ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ ବୋଲି କହିଥିଲେ । ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଗାନ୍ଧୀ ବିଚାର ଉପରେ କହିଥିଲେ । ବୌଦ୍ଧିକତାଠାରୁ ହୃଦୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ତେବେ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ଗାନ୍ଧୀଙ୍କୁ ଅଧିକ ଆଲୋଚନାର ସାମଗ୍ରୀ ନକରି ତାଙ୍କ ବିଚାର ଅନୁଯାୟୀ କାର୍ଯ୍ୟ କଲେ ହିଁ ତାଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ଗୁଜରାଟରୁ ଆସିଥିବା ପ୍ରଫେସର ଧଳ ଗାନ୍ଧୀଙ୍କ ଜୀବନଯାତ୍ରା, ସ୍ୱାଧୀନତା ଆନ୍ଦୋଳନ, ଅର୍ଥନୈତିକ ସ୍ୱାଧୀନତା, ମହିଳା ସଶକ୍ତିକରଣ ଉପରେ କହିଥିଲେ। ଚମ୍ପାରନ୍ ଆନ୍ଦୋଳନର ଗାନ୍ଧୀ, ହିନ୍ଦ୍‌ସ୍ୱରାଜ ଉପରେ ଆଲୋଚନା କରିଥିଲେ । ଇଂରେଜଙ୍କ ଆଧୁନିକ ଯନ୍ତ୍ର ଓ ବସ୍ତୁବାଦୀ ସଭ୍ୟତା ଓ ଗାନ୍ଧୀଙ୍କ ସତ୍ୟାଗ୍ରହ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚକ ପଣ୍ଡା ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ଗୀତା ଦର୍ଶନ ଓ ଅହିଂସା ଉପରେ ଆଲୋଚନା କରିଥିଲେ। ଆଲୋଚକ ପାଣ୍ଡିଆ ଗାନ୍ଧୀ ବିଚାରଧାରା ଓ ସାମ୍ପ୍ରତିକ ସମାଜ ଏବଂ ଆଲୋଚକ ପ୍ରଫେସର ଡ. ନନ୍ଦ ଗାନ୍ଧୀଙ୍କ ଶିକ୍ଷା ଓ ସମାଜବାଦୀ ଚିନ୍ତନ ଉପରେ ଆଲୋଚନା କରିଥିଲେ । ଏହି ସଭାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ଗାନ୍ଧୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ଶେଷରେ ଜିଲା ସଂସ୍କୃତି ଅଧିକାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀ ଶିକ୍ଷା ସଚେତନତା ଶିବିର

**କଣ୍ଟାବାଞ୍ଜି, ୧୨।୯(ଡି.ଏନ.ଏ.)**

କଣ୍ଟାବାଞ୍ଜି ଆରଏମସି.ମୁଖ୍ୟ ବଜାରସ୍ଥିତ ସଭାଗୃହରେ ଚାଷୀ ଶିକ୍ଷା ଓ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି । ଆରଏମସି କଣ୍ଟାବାଞ୍ଜି ଓ ଇ-ନାମର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ଚାଷୀମାନଙ୍କୁ କପା କିପରି ଆଧୁନିକ ପ୍ରଣାଳୀରେ ଚାଷ କରି କିପରି ଅଧିକ ଉତ୍ପାଦନ କରାଯାଇ ପାରିବ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଇ-ନାମ (ନ୍ୟାଶନାଲ ଏଗ୍ରିକଲଚ୍‌ରାଲ ମାର୍କେଟିଂ) ଜରିଆରେ ବିକ୍ରୟ କଲେ ଚାଷୀ ଶୋଷଣର ଶିକାର ନ ହୋଇ ଉଚିତ ମୂଲ୍ୟ ପାଇ ପାରିବ ସେ ନେଇ ତାଲିମ ଦିଆଯାଇଛି । ଶିବିରରେ ସ୍ଥାନୀୟ ଆରଏମସି ସମ୍ପାଦକ ତୁଷାରକାନ୍ତ ସେଠୀ, ତୁରେକେଲା ସହକାରୀ କୃଷି ଅଧିକାରୀ ରତିକାନ୍ତ ସେଠୀ, ମଣ୍ଡି ଏନାଲିଷ୍ଟ ବିଦ୍ୟାଧର ସାହୁ, ଭିଏଡବ୍ଲୁ ଜୟଦେବ ଖାଡୁଆ ଓ ରବିନ୍ଦ୍ର କୁମାର ସେଠୀ ତାଲିମ ଦେଇଥିଲେ । ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତର ଶତାଧିକ ଚାଷୀ ଶିବିରରେ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ । କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସଚ୍ଚିକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସରକାରୀ ଯୋଜନାର ସଫଳ ରୂପାୟନ

# ଅଧିକ ଅଫିସରଙ୍କ ରହିଛି ଆବଶ୍ୟକତା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

କେନ୍ଦ୍ର ହେଉ କି ରାଜ୍ୟ ଶାସନ ବ୍ୟବସ୍ଥା, ସ୍ଥିର ପ୍ରଶାସନର ଅଧିକାରୀଙ୍କ ହାତରେ ହିଁ ରହିଥାଏ। ସେମାନଙ୍କ ଅଧୀନରେ ରାଜ୍ୟ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ ବୈଷୟିକ ବର୍ଗର ଅଧିକାରୀ ଥାଆନ୍ତି। ଓଡ଼ିଶାରେ ସାମ୍ପ୍ରତିକ ପରିସ୍ଥିତିରେ ଆନୁପାତିକ ହାରରେ ସର୍ବଭାରତୀୟ ସେବା ଅଧିକାରୀ କମ୍ ରହିଛନ୍ତି। ଏହା ଅନେକ ପ୍ରଶାସନିକ ଓ ଶାସନଗତ କାର୍ଯ୍ୟରେ ମନ୍ଥରତାର କାରଣ ହୋଇଛି।

ଓଡ଼ିଶା ପ୍ରଶାସନରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ଅଭାବରୁ କାର୍ଯ୍ୟରତ ଅଫିସରମାନେ ଏକାଧିକ ବିଭାଗ ବା ସଂସ୍ଥାର ଦାୟିତ୍ୱ ସମ୍ଭାଳୁଛନ୍ତି। ଫଳରେ କେତେକ ନିୟମିତ କାର୍ଯ୍ୟ ସାରି ନୂଆ ଯୋଜନା ପାଇଁ ଆନୁପାତିକ ସମୟ ଦେଇ ପାରୁ ନ ଥିବା ପରିଲକ୍ଷିତ ହେଉଛି। କେତେକ କ୍ଷେତ୍ରରେ ନୂଆ ଯୋଜନାକୁ ଧ୍ୟାନ ଦେଲେ ନିୟମିତ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଓଡ଼ିଶାରେ ଆଇଏଏସ୍ କ୍ୟାଡରରେ ମୋଟ ପଦବୀ ସଂଖ୍ୟା ୨୩୭। ସେଥିମଧ୍ୟରୁ ୧୬୫ ପଦବୀରେ ସିଧାସଳଖ ନୂଆ ଅଧିକାରୀ ଯୋଗ ଦେଇଥାନ୍ତି। ବର୍ତ୍ତମାନ ରାଜ୍ୟ କ୍ୟାଡରରେ ନିୟମିତ ଅଧିକାରୀ (ଆରଆର) ସଂଖ୍ୟା ୧୨୬ ରହିଛି। ସେଥିମଧ୍ୟରୁ ୨୬ ଜଣ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଏତଦ୍ ବ୍ୟତୀତ ୩୯ ପଦବୀ ଖାଲି ପଡିଛି। ଅର୍ଥାତ୍ ମୋଟ୍ ଉପରେ ରାଜ୍ୟରେ ପ୍ରାୟ ୧୦୦ ଆଇଏଏସ(ଆରଆର) କାର୍ଯ୍ୟ କରୁଛନ୍ତି। ଏମାନଙ୍କ ଉପରେ ୪୧ ସରକାରୀ ବିଭାଗ, ୭୦ ନିର୍ଦ୍ଦେଶାଳୟ, ୩୦ ଜିଲା ଏବଂ ଅନ୍ୟାନ୍ୟ ସରକାରୀ ଉଦ୍ୟୋଗ(ପିଏସୟୁ) ଗୁଡିକର ପରିଚାଳନା ଦାୟିତ୍ୱ ଅଛି। ନିୟମିତ ଆଇଏଏସ ଅଧିକାରୀଙ୍କ ସଂଖ୍ୟା କମ୍ ଥିବାରୁ ଅନେକ ଅଧିକାରୀଙ୍କୁ ଏକାଧିକ ବିଭାଗ ଓ ଅନ୍ୟାନ୍ୟ ସଂସ୍ଥାର ଦାୟିତ୍ୱ ଦେବାକୁ ସରକାର ବାଧ୍ୟ ହେଉଛନ୍ତି। ତେଣୁ ଏକାଧିକ ଦାୟିତ୍ୱ ଅଧିକାରୀଙ୍କ ଚାପର କାରଣ ହେଉଛି। କେତେକ କ୍ଷେତ୍ରରେ ଏହିସବୁ କାରଣରୁ ମନ୍ଥରତା ପରିଲକ୍ଷିତ ହେଉଛି। ରାଜ୍ୟରେ ଏପରି ପ୍ରଶାସନିକ ସ୍ଥିତି ଥିଲାବେଳେ ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର କୁମାର, ଜି.ଭି.ଭି. ଶର୍ମା, ରାଜେଶ ବର୍ମା, ଏସ.ଏନ. ଗିରିଶ ଆଦି ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନକୁ ଚାଲିଯାଇଛନ୍ତି। ଅନ୍ୟତମ ବରିଷ୍ଠ ଅଧିକାରୀ ନୀତିନ ଚନ୍ଦ୍ରା କେନ୍ଦ୍ରୀୟ ଡେପୁଟେଶନରେ ଯାଇପାରନ୍ତି ବୋଲି ଆଲୋଚନା ହେଲାଣି। ସେହିଭଳି ଇତିମଧ୍ୟରେ (୨୦୧୮-୧୯) ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଶାନ୍ତ କୁମାର ନାୟକ, ଆର. ବାଲକ୍ରିଷ୍ଣନ, ଡ. ସୁନୀଲ କୁମାର ଭାର୍ଗବ, ସଂଗ୍ରାମ କେଶରୀ ମିଶ୍ର, ବିପିନ କୁମାର ସକ୍ସେନା, ଡି.ଏନ୍. ଗୁପ୍ତା ଏବଂ ଏଲ.ଏନ. ଗୁପ୍ତା ପ୍ରମୁଖ ରାଜ୍ୟରେ କାର୍ଯ୍ୟ କରୁଥିବା ବେଳେ ଅବସର ନେଇଛନ୍ତି। ଏହି କାରଣରୁ ବରିଷ୍ଠ ଅଧିକାରୀ ସ୍ତରରେ ସଂଖ୍ୟା ଅନେକ ମାତ୍ରାରେ ହ୍ରାସ ପାଇଛି। ତେଣୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା, ବିଭାଗ ଦାୟିତ୍ୱ ନେବାରେ ଅଧିକାରୀଙ୍କ ଅଭାବ ପରିଲକ୍ଷିତ ହୋଇଛି। ଅନ୍ୟ ସେବାରୁ ପଦୋନ୍ନତି ଭିତ୍ତିରେ ୭୨ଟି ଓଡ଼ିଶା କ୍ୟାଡର ଆଇଏଏସ ପଦବୀ ପୂରଣ ହେବାର ନିୟମ ରହିଛି। ବର୍ତ୍ତମାନ ସ୍ଥିତିରେ ୬୩ ଜଣ ଏପରି ପଦୋନ୍ନତି ପାଇ ବିଭିନ୍ନ ଦାୟିତ୍ୱରେ କାର୍ଯ୍ୟରତ ଏବଂ ୯ଟି ପଦବୀ ଖାଲି ରହିଛି।

କେତେକ ପୂର୍ବତନ ଅଧିକାରୀ ଓ ପ୍ରଶାସନିକ ବିଶ୍ଳେଷକ ଏହି ସମସ୍ୟାର ସୁଧାର ଆଣିବା ନେଇ କେତେକ ଗଠନଧର୍ମୀ ପ୍ରସ୍ତାବ ସମ୍ପର୍କରେ ମତ ରଖିଛନ୍ତି। ପ୍ରଥମତଃ କେନ୍ଦ୍ରରେ ଥିବା ବରିଷ୍ଠ ଅଧିକାରୀଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ପଡିବ। ଦ୍ୱିତୀୟତଃ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ସ୍ତରର ଅଧିକାରୀଙ୍କୁ ଏକାଧିକ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇପାରିବ। ସେହିପରି ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ସ୍ଥଳ ବିଶେଷରେ ଏକାଧିକ ଦାୟିତ୍ୱ ଦେଇହେବ। ପଦୋନ୍ନତି ଭିତ୍ତିରେ ଆଇଏଏସ ସେବାକୁ ଆସିଥିବା ଅଧିକାରୀଙ୍କୁ ବିଭିନ୍ନ ସଂସ୍ଥାର ଦାୟିତ୍ୱ ଦେଲେ ନିୟମିତ ଆଇଏଏସ ଅଧିକାରୀଙ୍କ ଉପରୁ ଚାପ କମିବ। ସେହିପରି ପିଏସୟୁଗୁଡିକରେ ଆଇଏଏସ ଅଧିକାରୀଙ୍କୁ ନିଯୁକ୍ତି ନ ଦେଇ ବରିଷ୍ଠ ଓଏଏସ/ ବୈଷୟିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇପାରିବ। ଏହାଦ୍ୱାରା କେତେକ ଅଧିକାରୀଙ୍କ ଉପରେ ଚାପ କମିବା ସହ ଶୀର୍ଷ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ହୋଇପାରିବ। ଜିଲାସ୍ତରରେ ବରିଷ୍ଠ ଓଏଏସଙ୍କୁ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଉଛି। ହେଲେ ସେମାନଙ୍କ ପ୍ରଦର୍ଶନ ଏତେଟା ଆଶାନୁରୂପ ହୋଇପାରୁନାହିଁ। ଏହାଦ୍ୱାରା ଅନେକ ଯୋଜନାର ସଫଳ ରୂପାୟନ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ଗାନ୍ଧୀ ବିଚାର ଉପରେ ଆଲୋଚନା

# ମହିଳା ସଶକ୍ତୀକରଣ, ସ୍ୱାଧୀନତାର ଥିଲେ ବାର୍ତ୍ତାବହ

**ବଲାଙ୍ଗୀର ଅଫିସ, ୧୨।୯**



ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଗାନ୍ଧୀ ବିଚାର କାର୍ଯ୍ୟକ୍ରମରେ ଗୁଜରାଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ସ୍ମୃତିରଞ୍ଜନ ଧଳ ବକ୍ତବ୍ୟ ରଖୁଛନ୍ତି।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁରୁବାର ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ଓ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜରେ ଗାନ୍ଧୀ ବିଚାର ଉପରେ ଦୁଇଟି ପୃଥକ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହିଳା ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ମୃତିରଞ୍ଜନ ଧଳ ଆଲୋଚକଭାବେ ଯୋଗଦାନ କରି ଗାନ୍ଧୀଙ୍କ ବିଚାରଧାରା ଉପରେ ଆଲୋଚନା କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ଯୋଗଦାନ ସମୟରେ ଭାରତୀୟ ମହିଳାମାନଙ୍କ ଦୁଃସ୍ଥିତି ଉପରେ ସେ ଅଧିକ ଚିନ୍ତିତ ହୋଇପଡିଥିଲେ । ଚମ୍ପାରନ୍ ଆନ୍ଦୋଳନ ସମୟରେ କସ୍ତୁରବା ଗାନ୍ଧୀଙ୍କୁ ଯେତେବେଳେ ମହିଳାମାନଙ୍କ ସକ୍ରିୟ ଯୋଗଦାନ ପାଇଁ ଉଦ୍ୟମ କରିବାକୁ କହିଲେ ବସ୍ତ୍ର ଅଭାବରୁ ମହିଳାମାନେ ଘରୁ ବାହାରି ପାରୁ ନ ଥିବା ଜାଣି ଗାନ୍ଧୀ ସଶକ୍ତିକରଣ ଓ ବିଶେଷକରି ଖଦୀ ଆନ୍ଦୋଳନ ଉପରେ ଜୋର ଦେଇଥିବା ସୂଚନା ଦେଇଥିଲେ । ଇଂରେଜମାନଙ୍କ ଗଣତନ୍ତ୍ର ଶାସନ, ଅର୍ଥନୈତିକ ବ୍ୟବସ୍ଥା ଲାଗୁ କରିବା, ବସ୍ତୁବାଦୀ ଚିନ୍ତନ ପଛରେ ଧାଇଁବାକୁ ଗାନ୍ଧିଜୀ ପସନ୍ଦ କରୁ ନ ଥିଲେ । ସେ ବ୍ୟକ୍ତି ସ୍ୱାବଲମ୍ବନ ଓ ଗ୍ରାମସ୍ୱରାଜ ଉପରେ ଗୁରୁତ୍ୱ ଦେଉଥିବା ଉପରେ ପ୍ରଫେସର ଧଳ କହିଥିଲେ । ଆଲୋଚନାରେ ପରାଧିନ ଭାରତର ନାରୀ ଓ ସାମ୍ପ୍ରତିକ ମହିଳାଙ୍କ ସ୍ଥିତିକୁ ନେଇ ଆଲୋଚନା କରିଥିଲେ । ସଭାରେ ଇଂଲିଶ ବିଭାଗ ଅଧ୍ୟାପିକା ଅନୁରାଧା ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ ମନୋଜ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ ଅଧ୍ୟକ୍ଷ ବିନୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ୧୫୦ ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ବିଚାର ଓ ସଂକଳ୍ପ ଉପରେ ଆଲୋଚନା ହୋଇଥିଲା । ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଧଳ ଏଠାରେ ମଧ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ । ଏଠାରେ ପ୍ରଫେସର ଧଳ ଗାନ୍ଧୀ ବିଚାରରେ ଶିକ୍ଷା ଓ ସମାଜ ନିର୍ମାଣ ଉପରେ ଆଲୋଚନା କରିଥିଲେ। ସଭାରେ ପ୍ରାଧ୍ୟାପକ ପବିତ୍ର ମୋହନ ଦେବତା ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ କହିଥିଲେ । ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଏଠାରେ ମଧ୍ୟ ଛାତ୍ରୀଛାତ୍ରମାନେ ଏହି ଗାନ୍ଧୀ ଆଲୋଚନା ସଭାରେ ସକ୍ରିୟ ଭାଗ ନେଇଥିଲେ ।

## ଲେଡି ଲୁଇସ୍ ଗାର୍ଲ୍ସ ସ୍କୁଲରେ ସ୍ୱଚ୍ଛତା ପ୍ରଦର୍ଶନୀ

**ସମ୍ବଲପୁର, ୧୨।୯ (ବ୍ୟୁରୋ)**

ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ ପରିସରରେ ଗୁରୁବାର ସ୍ୱଚ୍ଛତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନାରେ ପ୍ରଦର୍ଶନୀ ହୋଇଥିଲା ।

# ବେଲପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

**ବେଲପଡା, ୧୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ୭୬ ତମ ଦୁର୍ଗାପୂଜା ପାଇଁ ଦୁର୍ଗାମଣ୍ଡପଠାରେ ଏକ ବୈଠକ ବସି ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ଚଳିତ ବର୍ଷ ପଜାକୁ ଆକର୍ଷଣୀୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଭାବେଶଙ୍କରପ୍ରସାଦଜୈନ, ଉପସଭାପତି ଆଲୋକ ବେହେରା, ପ୍ରଦୀପ ସାହୁ , ପ୍ରଦୀପ କୁମାର ବୁଡେକ, ପ୍ରେମ ଚାନ୍ଦ ପୁଟେଲ, ସମ୍ପାଦକ ପୃଥ୍ୱୀରାଜ ଜୈନ, ସହ ସମ୍ପାଦକଭାବେ ପିଣ୍ଟୁ ଜୈନ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟିରେ ରାକେଶ ବାହୁକ, ବନମାଳୀ ହଂସ, ମାଟୁ ମେହେର, ହରିଶ ବୁଡେକ, ଜନାର୍ଦ୍ଦନ ସିଂ, ଡମନା ନାଏକ, କୈଳାସ ମେହେର, ଯୁଗଳ ବିଶି, ସଦାଶିବ ମେହେର, ଅରକ୍ଷିତ ସାହୁଙ୍କୁ ରଖାଯାଇଛି।

# ସ୍ୱାସ୍ଥ୍ୟ ଶିବିର: ୧୨୯ ମାନସିକ ରୋଗୀ ଚିହ୍ନଟ

**ଖପ୍ରାଖୋଲ, ୧୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାନସିକ ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲା ମାନସିକ ରୋଗୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା.ସୁଖଶ୍ୟାମ ତ୍ରିପାଠୀ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ମନୋବିଜ୍ଞାନ ଆସିଷ୍ଟାଣ୍ଟ ପ୍ରଫେସର ଡା. ଆଶୀର୍ବାଦ ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଉତ୍କଳମଣି ମେହେର ପ୍ରମୁଖ ରୋଗୀଙ୍କ ମାନସିକ, ଶାରୀରିକ ପରୀକ୍ଷା କରିବା ସହିତ ପରାମର୍ଶ ଏବଂ ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି ଅବସରରେ ୧୭୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୧୨୯ ଜଣ ମାନସିକ ଦୁର୍ବଳ ରୋଗୀ ଚିହ୍ନଟ ହୋଇଥିବା ଜଣାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ, ଡା.ମୀନତୀ ହେମ୍ରମ୍, ଫାର୍ମାଶିଷ୍ଟ ମନୋରଞ୍ଜନ ସାହୁ, ଶ୍ରୀଧର ନାଗ, ଏନସିଡି ପରାମର୍ଶଦାତା ମିତାରାଣୀ ଦାଶ, ହେଲ୍‌ଥ ସୁପରଭାଇଜର ନାରାୟଣ ପଧାନୀ,ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ଭୋଇ, ଅମିତାଭ ଠାକୁର, ବୁଲୁ ପଣ୍ଡା ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶା କର୍ମୀ ସହଯୋଗ କରିଥିଲେ।


ଶିବିରରେ ରୋଗୀସେବା କରାଯାଉଛି।

ଶ୍ରମ କମିଶନରଙ୍କ ବଲାଙ୍ଗୀର ଜିଲା ଗସ୍ତ

# ଯୋଜନା ସମନ୍ୱୟରେ ଦାଦନ ରୋକିବାକୁ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୧୨।୯**



ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସମସ୍ୟା ବୈଠକରେ ଶ୍ରମ କମିଶନର ନିରଞ୍ଜନ ସାହୁ ସମୀକ୍ଷା କରୁଛନ୍ତି।

ଶ୍ରମ କମିଶନର ନିରଞ୍ଜନ ସାହୁ ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ଆନ୍ତଃ ରାଜ୍ୟ ଦୁଃସ୍ଥ ପ୍ରବାସୀ ଶ୍ରମିକ ସମସ୍ୟା ଉପରେ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପ୍ରଥମେ ଡିଆରଡିଏ ସମ୍ମିଳନୀ କକ୍ଷରେ ପ୍ରବାସୀ ଶ୍ରମିକ ସମସ୍ୟା ନେଇ ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡିଶା ଜୀବିକା ମିଶନର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପଧାନ, ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ମାଡକର ସନ୍ଦୀପ ସମ୍ପତ୍, ବୈଷୟିକ ପରାମର୍ଶଦାତା ଡ ବି. ବି. ପଟେଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଏସପି ଦିଲୀପ କୁମାର ପଟେଲ, ଶ୍ରମ ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକ୍‌ର ବିଡିଓ ଓ ଟାଟା ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲାପାଳ ଡାକୁଆ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜିଲାର ୬ଟି ବ୍ଲକ ବେଲପଡା, ଖପ୍ରାଖୋଲ, ମୁରୁବାହାଲ, ତୁରେକେଲା, ବଙ୍ଗୋମୁଣ୍ଡା ଓ ଟିଟିଲାଗଡ ବ୍ଲକରେ ଆନ୍ତଃ ରାଜ୍ୟ ଶ୍ରମିକମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ବେଲପଡା ଓ ଖପ୍ରାଖୋଲ ବ୍ଲକ୍‌ର ୨୦ଟି ଗ୍ରାମପଞ୍ଚାୟତରେ ଏହି ସମସ୍ୟା ଉପରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଶ୍ରମ କମିଶନର ସାହୁ ସରକାରଙ୍କ ବିଭିନ୍ନ ଯୋଜନାର ସମନ୍ୱୟ କରି ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ଚାଲାଣକୁ କିଭଳି ରୋକାଯାଇ ପାରିବ ସେ ଉପରେ ବିଶଦ୍ ଆଲୋଚନା କରିଥିଲେ । ଏନ୍‌ଆରଇଜିଏସ୍‌ର କାର୍ଯ୍ୟ ଖସଡା, ଜୀବିକା ସୁଯୋଗ ସୃଷ୍ଟି ଓ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଖୋଲାଯାଉଥିବା ଋତୁକାଳୀନ ହଷ୍ଟେଲର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ।

ଓଡିଶା ଜୀବିକା ମିଶନ୍‌ର ନିର୍ଦ୍ଦେଶକ ପ୍ରଧାନ ବିଭିନ୍ନ ବ୍ଲକରେ ଜୀବିକା ମିଶନର କାର୍ଯ୍ୟ ସମୀକ୍ଷା କରିଥିଲେ । ଜିଲାର ଏହି ୬ଟି ବ୍ଲକ୍‌ରେ ବିଭିନ୍ନ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଓ ଏହା ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଜୋର ଦେବାକୁ କହିଥିଲେ। ଏସ୍‌ଏଚ୍‌ଜି ମାଧ୍ୟମରେ ଏବଂ ବିଭିନ୍ନ ଯୋଜନା ସମନ୍ୱୟ ମାଧ୍ୟମରେ ପ୍ରବାସୀ ଶ୍ରମିକ ଚାଲାଣ ରୋକାଯାଇପାରିବ ବୋଲି କହିଥିଲେ । ଆଗକୁ ପୁସ୍ ମାଇଗ୍ରେସନ୍‌କୁ ନିରୁତ୍ସାହିତ କରିବା ପାଇଁ ପୁଲ ମାଇଗ୍ରେସନ୍ ପାଇଁ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଯେଉଁ ଗାଁର ଯୁବତୀ, ଯୁବକମାନେ ବାହାର ରାଜ୍ୟରେ ଚାକିରି କରିବାକୁ ଚାହିଁବେ ସେମାନଙ୍କ ପାଇଁ ପ୍ଲେସମେଣ୍ଟର ବ୍ୟବସ୍ଥା କରାଯିବ ବୋଲି ନିର୍ଦ୍ଦେଶକ ପଧାନ କହିଥିଲେ । ଏହି ଅବସରରେ ଜିଲାର ଖପ୍ରାଖୋଲ ଓ ବେଲପଡା ବ୍ଲକ୍‌ରେ ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟ କରୁଥିବା ଟାଟା ଟ୍ରଷ୍ଟର କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଶ୍ରମ କମିଶନର, ଓଡିଶା ଜୀବୀକା ମିଶନ୍ ନିର୍ଦ୍ଦେଶକ, ଜିଲାପାଳ ବିଡିଓଙ୍କୁ ଏହି ଯୋଜନାଗୁଡିକର ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏସପି ସମ୍ପତ୍ ଜିଲାରେ ପ୍ରବାସୀ ଶ୍ରମିକ ଚାଲାଣ ରୋକିବା ଦିଗରେ ପୋଲିସ ସହାୟତା ଓ ଯୋଜନା ସମନ୍ୱୟ ଉପରେ କହିଥିଲେ । ସଭାରେ ଓଡିଶା ଜୀବିକା ମିଶନ୍‌ର ଜିଲା ଅଧିକାରୀ କମଳେନ୍ଦୁ ପଲ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ସଭା ପରେ ଶ୍ରମ କମିଶନର, ଜୀବିକା ମିଶନ୍ ନିର୍ଦ୍ଦେଶକ, ଡିଆରଡିଏ ପିଡି ଡ ସ୍ୱାଇଁ, ସହକାରୀ ଶ୍ରମ କମିଶନର ସରୋଜ ରଞ୍ଜିତ, ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା ଓ ଅନ୍ୟମାନେ ବେଲପଡା ବ୍ଲକ୍‌କୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।



ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ,
ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ଘର କାନ୍ଥ ଭୁଶୁଡ଼ି ବୃଦ୍ଧା ଗୁରୁତର

**ଲୋଇସିଂହା,୧୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମରେ ଘରକାନ୍ଥ ଭୁଶୁଡି ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ବୁଇ ନନ୍ଦ (୬୫)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାମତେ, ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଗର୍ଜିଭଟା ଗ୍ରାମର ଧର୍ମ ନନ୍ଦଙ୍କ ପରିବାର ବୁଧବାର ରାତିରେ ଘରେ ଶୋଇଥିଲେ । ରାତି ପ୍ରାୟ ୩ଟାରେ ଦୁର୍ବଳ ଅବସ୍ଥାରେ ଥିବା ତାଙ୍କ ଘର ହଠାତ ଭୁଶୁଡି ପଡିଥିଲା । ଧର୍ମ ଶୋଇଥିବା ସ୍ଥାନର କାନ୍ଥ ବାହାର ପଟକୁ ଢଳି ପଡିଥିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ତାଙ୍କ ସ୍ତ୍ରୀ ବୁଇ ଶୋଇଥିବା ସ୍ଥାନର କାନ୍ଥ ଭୁଶୁଡି ପଡିଥିଲା। ମାଟିତଳେ ଚାପି ହୋଇ ଯାଇ ସେ ଚିତ୍କାର କରିଥିଲେ। ସାହିପଡିଶା ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ବୁଇଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ଏହି ଗରିବ ପରିବାରର ଦୁଃଖ ବୁଝି ଅବିଳମ୍ବେ ସହାୟତା ପ୍ରଦାନ ସହ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯୁବକ ଅଟକ

**ଦେଓଗାଁ,୧୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଗାଇବାହାଲ-ଦେଓଗାଁ ରାସ୍ତା ଜୁର୍ଲାକାନୀ ନିକଟରେ ଗୁରୁବାର ଅପରାହ୍ଣରେ ଜନୈକା କଲେଜ ଛାତ୍ରୀ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି । ଅଟକ ଯୁବକ ହେଉଛନ୍ତି ତୁଷୁରା ଥାନା ଅନ୍ତର୍ଗତ ନରସିଂହପୁରର କାହ୍ନା ବେହେରା। ଏ ସଂକ୍ରାନ୍ତରେ ଥାନାରେ ଦଫା ୩୪୧, ୩୫୪(ବି)ରେ ଏକ ମାମଲା (ନଂ. ୫୫/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ସୂଚନା ଅନୁସାରେ ଛାତ୍ରୀ ଜଣକ ସ୍ଥାନୀୟ ଏକ କଲେଜରୁ ସହପାଠୀ ସହ ସାଇକେଲରେ ଘରକୁ ଫେରୁଥିଲେ। ଜୁର୍ଲାକାନୀ ନିକଟରେ କାହ୍ନା ଏକ ବାଇକରେ ଆସି ଉକ୍ତ ଛାତ୍ରୀଙ୍କୁ ଅଟକାଇ ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରିବା ସହ ଛାତ୍ରୀ ଜଣକ ଚିତ୍କାର କରିବାରୁ ପାଖରେ ଥିବା କେତେକ ଲୋକ ଘଟଣାସ୍ଥଳକୁ ଆସି ସମ୍ପୃକ୍ତ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଦେଓଗାଁ ପୋଲିସ ଜିମା ଦେଇଥିଲେ।

### ବସୁନ୍ଧରା ଯୋଜନାରେ ୬୬ଜଣଙ୍କୁ ପଟ୍ଟା ବଣ୍ଟନ

**ବେଲପଡା, ୧୨।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ବେଲପଡା ତହସିଲ କାର୍ଯ୍ୟାଳୟଠାରେ ଗୁରୁବାର ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ପ୍ରିୟ ରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣାଗଡ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬୬ଜଣଙ୍କୁ ୪ଡେସିମିଲ ଲେଖାଏଁ ପଟ୍ଟା ବଣ୍ଟନ କରିଥିଲେ । ବେଲପଡା ସମିତି ସଭ୍ୟ ଆଲୋକ ବେହେରା, ବିଧାୟକ ପ୍ରତିନିଧି ଗଣେଶ କୁମ୍ଭାର, ଯୁବ ବିଜେଡି ନେତା ଦୁର୍ଯ୍ୟୋଧନ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ପାଟଣାଗଡ ବିଧାୟକ ସରୋଜ ମେହେର ଜଣେ ମହିଳାଙ୍କୁ ଜମି ପଟ୍ଟା ବଣ୍ଟନ କରୁଛନ୍ତି।

### ବିଧାୟକଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ବେଲପଡା, ୧୨।୯(ଡି.ଏନ.ଏ.):** ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଗୁରୁବାର ବେଲପଡା ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଥିଲେ। ବିଧାୟକ ଡାକ୍ତରଖାନାରେ ରୋଗୀମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କ ରେ ପଚାରି ବୁଝିଥିଲେ। କେତେକ ରୋଗୀଙ୍କ ବେଡ ମଇଳା ଥିବା ଦେଖି ବିରକ୍ତ ପ୍ରକାଶ କରିବା ସହ ତୁରନ୍ତ ସଫା କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲେ ।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ଲୋଇସିଂହା,୧୨।୯(ଡି.ଏନ.ଏ.):** ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ ମେଳାରେ ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଡିଓ ଖାଡିଆ ପଞ୍ଚାୟତର ୩୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ପିଇଓ ପ୍ରେମାନନ୍ଦ ମହାଲିଙ୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଶ୍ରମ କମିଶନରଙ୍କ ବଲାଙ୍ଗୀର ଜିଲା ଗସ୍ତ

# ଯୋଜନା ସମନ୍ୱୟରେ ଦାଦନ ରୋକିବାକୁ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୧୨।୯**

ଶ୍ରମ କମିଶନର ନିରଞ୍ଜନ ସାହୁ ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ଆନ୍ତଃ ରାଜ୍ୟ ଦୁଃସ୍ଥ ପ୍ରବାସୀ ଶ୍ରମିକ ସମସ୍ୟା ଉପରେ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପ୍ରଥମେ ଡିଆରଡିଏ ସମ୍ମିଳନୀ କକ୍ଷରେ ପ୍ରବାସୀ ଶ୍ରମିକ ସମସ୍ୟା ନେଇ ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡିଶା ଜୀବିକା ମିଶନର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପଧାନ, ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ମାଡକର ସନ୍ଦୀପ ସମ୍ପତ୍, ବୈଷୟିକ ପରାମର୍ଶଦାତା ଡ ବି. ବି. ପଟେଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଏସପି ଦିଲୀପ କୁମାର ପଟେଲ, ଶ୍ରମ ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକ୍‌ର ବିଡିଓ ଓ ଟାଟା ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲାପାଳ ଡାକୁଆ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜିଲାର ୬ଟି ବ୍ଲକ ବେଲପଡା, ଖପ୍ରାଖୋଲ, ମୁରୁବାହାଲ, ତୁରେକେଲା, ବଙ୍ଗୋମୁଣ୍ଡା ଓ ଟିଟିଲାଗଡ ବ୍ଲକରେ ଆନ୍ତଃ ରାଜ୍ୟ ଶ୍ରମିକମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ବେଲପଡା ଓ ଖପ୍ରାଖୋଲ ବ୍ଲକ୍‌ର ୨୦ଟି ଗ୍ରାମପଞ୍ଚାୟତରେ ଏହି ସମସ୍ୟା ଉପରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଶ୍ରମ କମିଶନର ସାହୁ ସରକାରଙ୍କ ବିଭିନ୍ନ ଯୋଜନାର ସମନ୍ୱୟ କରି ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ଚାଲାଣକୁ କିଭଳି ରୋକାଯାଇ ପାରିବ ସେ ଉପରେ ବିଶଦ୍ ଆଲୋଚନା କରିଥିଲେ । ଏନ୍‌ଆରଇଜିଏସ୍‌ର କାର୍ଯ୍ୟ ଖସଡା, ଜୀବିକା ସୁଯୋଗ ସୃଷ୍ଟି ଓ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଖୋଲାଯାଉଥିବା ଋତୁକାଳୀନ ହଷ୍ଟେଲର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ।

ଓଡିଶା ଜୀବିକା ମିଶନ୍‌ର ନିର୍ଦ୍ଦେଶକ ପ୍ରଧାନ ବିଭିନ୍ନ ବ୍ଲକରେ ଜୀବିକା ମିଶନର କାର୍ଯ୍ୟ ସମୀକ୍ଷା କରିଥିଲେ । ଜିଲାର ଏହି ୬ଟି ବ୍ଲକ୍‌ରେ ବିଭିନ୍ନ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଓ ଏହା ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଜୋର ଦେବାକୁ କହିଥିଲେ। ଏସ୍‌ଏଚ୍‌ଜି ମାଧ୍ୟମରେ ଏବଂ ବିଭିନ୍ନ ଯୋଜନା ସମନ୍ୱୟ ମାଧ୍ୟମରେ ପ୍ରବାସୀ ଶ୍ରମିକ ଚାଲାଣ ରୋକାଯାଇପାରିବ ବୋଲି କହିଥିଲେ । ଆଗକୁ ପୁସ୍ ମାଇଗ୍ରେସନ୍‌କୁ ନିରୁତ୍ସାହିତ କରିବା ପାଇଁ ପୁଲ ମାଇଗ୍ରେସନ୍ ପାଇଁ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଯେଉଁ ଗାଁର ଯୁବତୀ, ଯୁବକମାନେ




ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସମସ୍ୟା ବୈଠକରେ ଶ୍ରମ କମିଶନର ନିରଞ୍ଜନ ସାହୁ ସମୀକ୍ଷା କରୁଛନ୍ତି ।

**ଦାଦନ ନୁହେଁ, ଆଗକୁ ଚାକିରିରେ ଯିବେ**

ବାହାର ରାଜ୍ୟରେ ଚାକିରି କରିବାକୁ ଚାହିଁବେ ସେମାନଙ୍କ ପାଇଁ ପ୍ଲେସମେଣ୍ଟର ବ୍ୟବସ୍ଥା କରାଯିବ ବୋଲି ନିର୍ଦ୍ଦେଶକ ପଧାନ କହିଥିଲେ । ଏହି ଅବସରରେ ଜିଲାର ଖପ୍ରାଖୋଲ ଓ ବେଲପଡା ବ୍ଲକ୍‌ରେ ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟ କରୁଥିବା ଟାଟା ଟ୍ରଷ୍ଟର କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଶ୍ରମ କମିଶନର, ଓଡିଶା ଜୀବୀକା ମିଶନ୍ ନିର୍ଦ୍ଦେଶକ, ଜିଲାପାଳ ବିଡିଓଙ୍କୁ ଏହି ଯୋଜନାଗୁଡିକର ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏସପି ସମ୍ପତ୍ ଜିଲାରେ ପ୍ରବାସୀ ଶ୍ରମିକ ଚାଲାଣ ରୋକିବା ଦିଗରେ ପୋଲିସ ସହାୟତା ଓ ଯୋଜନା ସମନ୍ୱୟ ଉପରେ କହିଥିଲେ । ସଭାରେ ଓଡିଶା ଜୀବିକା ମିଶନ୍‌ର ଜିଲା ଅଧିକାରୀ କମଲେନ୍ଦୁ ପଲ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ସଭା ପରେ ଶ୍ରମ କମିଶନର, ଜୀବିକା ମିଶନ୍ ନିର୍ଦ୍ଦେଶକ, ଡିଆରଡିଏ ପିଡି ଡ ସ୍ୱାଇଁ, ସହକାରୀ ଶ୍ରମ କମିଶନର ସରୋଜ ରଞ୍ଜିତ, ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା ଓ ଅନ୍ୟମାନେ ବେଲପଡା ବ୍ଲକ୍‌କୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।

## ଅଭିଯୋଗ ଶୁଣିଲେ, ସମାଧାନ ପ୍ରତିଶ୍ରୁତି ଦେଲେ

**ବେଲପଡା, ୧୨।୯(ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ ମେହେର ବେଲପଡା ବ୍ଲକ ସଲଣ୍ଡି ପଞ୍ଚାୟତର ସଦର ଗାଁ ସଲଣ୍ଡିକୁ ଯାଇ ଗୁରୁବାର ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି। ମେହେର ସଲଣ୍ଡି ୟୁପି ସ୍କୁଲ, ହାଇସ୍କୁଲରେ ପହଞ୍ଚିବା ପରେ ଗ୍ରାମବାସୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ କୋଠା ବିପଜ୍ଜନକ ଅବସ୍ଥାରେ ଥିବା ଦେଖିଥିଲେ। ଗ୍ରାମରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଯୋଗୁ କିଡନୀ ବେମାରୀ ଦେଖାଯାଉଛି। ଏହି ବେମାରୀରେ ୨୫ରୁ ଊର୍ଦ୍ଧ୍ୱ ଲୋକେ ବିଗତ ଦିନମାନଙ୍କରେ ମୃତ୍ୟୁମୁଖରେ ପଡିଥିବା ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟେଲିଫୋନ ନେଟୱାର୍କିଂ ସମସ୍ୟା, ଲଥାକେନ୍ଦ-କଣ୍ଟାବାଞ୍ଜି ଓ ଆମପଡା-ଡୁଙ୍ଗୁରିପାଲି ରାସ୍ତା ଶୋଚନୀୟ ହୋଇଥିବା ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗାଁ ଶିବମନ୍ଦିର ପୁନରୁଦ୍ଧାର ପାଇଁ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ସମସ୍ତ ଆପତ୍ତି ଅଭିଯୋଗ ଶୁଣିବା ପରେ ତୁରନ୍ତ ଏସବୁର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ପଞ୍ଚାୟତ ମହାସଂଘର ବୈଠକ

# ଗୋଷ୍ଠୀ ପରିଚାଳନା ଉପରେ ଗୁରୁତ୍ୱ

**ଲାଠୋର, ୧୨।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତ ମହାସଂଘ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଖପ୍ରାଖୋଲ ବ୍ଲକ ସଂଯୋଜିକା ପଙ୍କଜିନୀ ମିଶ୍ରଙ୍କ ଆବାହକତ୍ୱରେ ହୋଇଥିବା ଉକ୍ତ ବୈଠକରେ ବରିଷ୍ଠ ପରାମର୍ଶଦାତା ଆର.କେ. ବସ୍ତିଆ, ସହ ପରାମର୍ଶଦାତା ପି.ଗଣେଶ, ବିଏଲସି ପ୍ରଶାନ୍ତ କୁମାର ନନ୍ଦି ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ଅଧିନ ୫ ଖଣ୍ଡ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳାମାନଙ୍କୁ ଗୋଷ୍ଠୀ ପରିଚାଳନା, ଖାତାପତ୍ର ନିୟମିତ ଲେଖିବା, ବ୍ୟାଙ୍କ ଲିଙ୍କେଜ, ବ୍ୟାଙ୍କରୁ ଋଣ ଅଣାଯିବା, ସଦସ୍ୟାମାନଙ୍କର ଜୀବନ ବୀମା ଉପରେ ଆଲୋଚନା କରାଯାଇଥିଲା । ଉପସ୍ଥିତ ମହିଳାମାନେ ମଧ୍ୟ ବିଭିନ୍ନ ପ୍ରଶ୍ନ ପଚାରି ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିଥିଲେ। ସେହିପରି ଲାଠୋର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ମହାସଂଘ ବୈଠକରେ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଉପସ୍ଥିତ ରହି ସରକାରଙ୍କ ଯୋଜନାରୁ ମହିଳାମାନେ କିପରି ଲାଭ ଉଠାଇ ପାରିବେ ତାହା ଉପରେ କହିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ପଞ୍ଚାୟତରାଜ ବିଭାଗ ଏବଂ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।



କରୁଆଁଝର ମହାସଂଘ ବୈଠକରେ ଯୋଗଦେଇଥିବା ପରାମର୍ଶଦାତା ବୃନ୍ଦ।

## ଲୋଇସିଂହା, ବୁର୍ଡା ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ଲୋଇସିଂହା,୧୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ବଳରାମ ସିଂରାଏଙ୍କ ଅଧ୍ୟକ୍ଷତାରେ ଲୋଇସିଂହା ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତିକ୍ରମେ ବଳରାମସିଂ ରାଏ ସଭାପତି ମନୋନୀତ ହୋଇଛନ୍ତି। ଭୂତନାଥ ନାଏକ କାର୍ଯ୍ୟକାରୀ ସଭାପତି, ଉପସଭାପତି ସରୋଜ ସାହୁ ଓ ନବକିଶୋର ନାଏକ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପୁଟେଲ, କୋଷାଧ୍ୟକ୍ଷଭାବେ ରଞ୍ଜିତ ରାଏ ଦାୟିତ୍ୱ ତୁଲାଇବେ। ଉପଦେଷ୍ଟାଭାବେ ବିଭୂତି ପଧାନ, ପ୍ରଶାନ୍ତ ପାତ୍ର, ଶଙ୍କର ସାହୁ, ପ୍ରମୋଦ ସାହୁ, ଅଭିଳାଷ ହୋତା, ଟିଙ୍କୁ ପାଣ୍ଡିଆ, ଜିତୁ ସରାଫ, ପ୍ରକାଶ ମହାରଣା, ବଜରଙ୍ଗ ସେଠଙ୍କୁ ରଖାଯାଇଛି।
ସେହିପରି ବୁର୍ଡା ୨୨ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଓମପ୍ରକାଶ ସାହୁ ସଭାପତି,ଉପସଭାପତି ରାଜେଶ ସାହୁ, ସମ୍ପାଦକ ଆର୍ତ୍ତତ୍ରାଣ ସା, ସହସମ୍ପାଦକ ବାବୁଲୁ ସାହୁ, କୋଷାଧ୍ୟକ୍ଷ ରାମ ସାହୁ ମନୋନୀତ ହୋଇଛନ୍ତି। ଯୋଗୀସର୍ଡା ଏବଂ ବାଦିବାହାଲ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ପାଇଁ ମାଟି ସଂଗ୍ରହ ହୋଇଯାଇଛି। ଏ ସମସ୍ତ ସ୍ଥାନରେ କମିଟି ସଦସ୍ୟମାନେ ଚଳିତ ବର୍ଷ ପୂଜା କିପରି ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ସେ ନେଇ ପ୍ରସ୍ତୁତି ଜୋରଦାର ଚଲାଇଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଲାଠୋର, ୧୨।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ପିପଲବାହାଲ ବାଗପଡାର ମାନସିକ ରୋଗୀ ହେମନ୍ତ ବାଗ (୩୫)ଙ୍କ ଘର ଲଘୁଚାପଜନିତ ଲଗାଣ ବର୍ଷାରେ ମଙ୍ଗଳବାର ରାତରେ ଭାଙ୍ଗି ଯାଇଛି। ଫଳରେ ସେ ଏବେ ଖୋଲା ଆକାଶ ତଳକୁ ଚାଲି ଆସିଛନ୍ତି। ସ୍ତ୍ରୀ ଭାମା, ଝିଅ କେତକୀ(୮), ପୁଅ ବିଜୟ(୬) ଓ ବୃଦ୍ଧା ମା' ନୁରା(୬୫)ଙ୍କୁ ନେଇ ହେମନ୍ତଙ୍କ ପରିବାର। ସମ୍ପତି କହିଲେ ଏକ ଏକର ପଡିଆ ଜମି। ସ୍ତ୍ରୀ ଭାମା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ସାହାଯ୍ୟକାରିଣୀ ଭାବରେ କାର୍ଯ୍ୟକରି ଯାହା ରୋଜଗାର କରନ୍ତି ସେଥିରୁ ତାଙ୍କ ପରିବାର ଚଳେ। ତିନିବର୍ଷତଳେ ହେମନ୍ତ ହଠାତ ମାନସିକ ରୋଗରେ ଆକ୍ରାନ୍ତ ହେବାରୁ ସମସ୍ତ ଘରର ବୋଝ ଭାମାଙ୍କ ଉପରେ ପଡିଲା। ସାଇତି ରଖିଥିବା ଅର୍ଥ ଏବଂ ଧାରକରଜ କରି ଖରିଆର ମିଶନ ହସ୍‌ପିଟାଲରେ ଭାମା ସ୍ୱାମୀଙ୍କ ଚିକିତ୍ସା କରାଇଲେ ବି କୌଣସି ସୁଫଳ ମିଳିଲା ନାହିଁ। ଏବେ ଅର୍ଥାଭାବ ଯୋଗୁଁ ଚିକିତ୍ସା ସୁବିଧା ନ ପାଇ ହେମନ୍ତ ସାନଭାଇଙ୍କ ଏକ ବନ୍ଦ କୋଠାରିରେ ରହିଛନ୍ତି। ଲୋକଙ୍କୁ ଦେଖିଲେ ଭୟ କରି ପଦାକୁ ବାହାରୁ ନାହାନ୍ତି। ଏହିପରି ସ୍ଥିତିରେ ଭାମାଙ୍କ ଇଟା ଖପର ଘର ଲଗାଣ ବର୍ଷାରେ ଭାଙ୍ଗି ଯିବା ବେଡି ଉପରେ କୋରଡା ମାଡ ପରି ହୋଇଛି। ହେମନ୍ତଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରହିଥିଲେ ହେଁ ସେମାନେ ଘର ଏ ଯାଏ ପାଇ ପାରିନାହାନ୍ତି। ପଡୋଶୀ ରଘୁ ବାଗ କୁହନ୍ତି, ତାଙ୍କ ନାମରେ ଯେଉଁ ଆବାସ ଯୋଜନା ରହିଛି ତାକୁ ତାଙ୍କ ସ୍ତ୍ରୀ ନାମରେ ପରିବର୍ତ୍ତନ କରିଦେଲେ ପରିବାର ବର୍ଗ ଉପକୃତ ହୋଇପାରନ୍ତେ। ସେହିପରି ଅନ୍ୟ ଜଣେ ଘନଶ୍ୟାମ ମେହେର କୁହନ୍ତି, ହେମନ୍ତଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇବା ସ୍ଥିତିରେ ନାହାନ୍ତି। ପ୍ରଶାସନ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇବାର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ନିଜ ଭଙ୍ଗାଘରେ ପିଲାମାନଙ୍କ ସହ ଭାମା।

## କ୍ଷୁଦ୍ରଶିଳ୍ପ ତାଲିମ ଶିବିର ଉଦ୍‌ଘାଟିତ

**ଲୋଇସିଂହା,୧୨।୯(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ସଭାଗୃହଠାରେ କ୍ଷୁଦ୍ର ଶିଳ୍ପ ଉପରେ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ତାଲିମ ଗ୍ରହଣ କରି ସଫଳତା ହାସଲ କରିବାକୁ ସେ ଏହି ଅବସରରେ ଯୁବ ଉଦ୍ୟୋଗୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ମଧ୍ୟ ଓ କ୍ଷୁଦ୍ର ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତାଲିମ ଶିବିରକୁ ବ୍ଲକ ଆଇପିଓ ରଞ୍ଜିତ କୁମାର ଦଲାଇ ସଂଯୋଜନା କରିଥିଲେ। ତାଲିମଦାତାଭାବେ ମନୋଜ କୁମାରମିଶ୍ର ଯୋଗଦେଇ ୩୦ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ଜଣେ ଜଣେ ତାଲିମଦତା ଯୋଗଦେଇ ୪ ଘଣ୍ଟାକାଳ ତାଲିମ ଦେବାର କାର୍ଯ୍ୟକ୍ରମ ରହିଥିବା ବ୍ଲକ ଆଇପିଓ ସୂଚନା ଦେଇଛନ୍ତି।




ମୁଖ୍ୟ ଅତିଥି ବିଡିଓ ରାମଚନ୍ଦ୍ର ଖାଡିଆ ଯୁବ ଉଦ୍ୟୋଗୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ଅବ୍ୟବସ୍ଥା ଘେରରେ ରାମଚନ୍ଦ୍ରପୁର କନ୍ୟାଶ୍ରମ

# ନାହାନ୍ତି ଆବଶ୍ୟକ ଶିକ୍ଷକ, ପାଠପଢ଼ା ବାଧାପ୍ରାପ୍ତ

**ଦେଓଗାଁ,୧୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉଦ୍ଦିଷ୍ଟ କନ୍ୟାଶ୍ରମ ଏବେ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି । ଏହି କନ୍ୟାଶ୍ରମରେ ୫୬୩ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ସହ ସ୍ଥାନୀୟ ୬୭ଜଣ ଛାତ୍ରୀଙ୍କୁ ମିଶାଇ ୬୩୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏମାନଙ୍କ ପାଇଁ କନ୍ୟାଶ୍ରମରେ ୪ଟି ହଷ୍ଟେଲ ରହିଛନ୍ତି। ହେଲେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଠିକ୍‌ରୂପେ ଶିକ୍ଷାଦାନ ହୋଇପାରୁ ନ ଥିବା ଛାତ୍ରୀ ତଥା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ୧୧ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଥିବା ବେଳେ ଆହୁରି ୪ରୁ ୫ଜଣ ଶିକ୍ଷୟତ୍ରୀଶିକ୍ଷକଙ୍କ ଆବଶ୍ୟକତା ଥିବା ଅଭିଭାବକବୃନ୍ଦ ଦାବି କରିଛନ୍ତି । ଏଥିସହ ଏଠାରେ ବିଏ ବିଇଡି, ମାଟ୍ରିକ ସିଟି ଶିକ୍ଷକ ନ ଥିବାରୁ ବାଧହୋଇ ଜଣେ ଜଣେ ଶିକ୍ଷୟିତ୍ରୀ ୪/୫ଟି ବିଷୟରେ ମଧ୍ୟ ଶିକ୍ଷାଦାନ କରୁଥିବା ଛାତ୍ରୀମାନେ ଅଭିଯୋଗ ଉଠାଇଛନ୍ତି । ଆଜକୁ ୬ରୁ ୭ ମାସ ହେଲା ଡାଇନିଂ ହଲ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ କୌଣସି କାରଣରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଏହି କନ୍ୟାଶ୍ରମରେ ଆଜକୁ ପ୍ରାୟ ୬ ବର୍ଷ ହେଲା ପରିଚାଳନା କମିଟି ବୈଠକ କରାଯାଇ ନ ଥିବାରୁ ସମସ୍ୟାଗୁଡିକର ସମାଧାନ ହୋଇପାରୁ ନ ଥିବା ଅଭିଭାବକମାନେ କହିଛନ୍ତି। ସେହିପରି ରାମଚନ୍ଦ୍ରପୁର ଛକଠାରୁ କନ୍ୟାଶ୍ରମକୁ ଯିବା ରାସ୍ତା ଅସରାଏ ବର୍ଷାରେ କାଦୁଅ ହୋଇଯାଉଥିବାରୁ ଯାତାୟାତରେ ଛାତ୍ରୀମାନେ ହଟହଟା ହେଉଛନ୍ତି । ବର୍ତ୍ତମାନ କନ୍ୟାଶ୍ରମରେ ଯୁକ୍ତ ଦୁଇ ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଯୋଗୁଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କୋଠା ନିର୍ମାଣ ଆରମ୍ଭ ହୋଇଛି । ହେଲେ ନିର୍ମାଣର ମାନ ଓ ସମୟ ସୀମା ଉପରେ ପରିଚାଳନା କମିଟି ଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧି ସମସ୍ତେ ଅଜ୍ଞ ରହିଛନ୍ତି। ଏଣୁ ଏ ଦିଗରେ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶଯୋଗ୍ୟ ଯେ, ସୋମବାର ବ୍ଲକ ଅଧ୍ୟକ୍ଷା ରୀନା ମେହେର କନ୍ୟାଶ୍ରମ ପରିଦର୍ଶନ ବେଳେ ଉକ୍ତ ଅବ୍ୟବସ୍ଥା ଉପରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ସହ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ ।



ରାମଚନ୍ଦ୍ରପୁର କନ୍ୟାଶ୍ରମରେ ଥିବା ଛାତ୍ରୀ ନିବାସ ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ହଷ୍ଟେଲ ଖାଦ୍ୟ ଖାଇ ୬ରୁ ଉର୍ଦ୍ଧ୍ୱ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ

ରାୟଗଡ଼ା ଅଫିସ,୧୨।୯ - ରାୟଗଡ଼ାସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନର ପ୍ରାୟ ୬ରୁ ଉର୍ଦ୍ଧ୍ୱ ଛାତ୍ର ଗୁରୁବାର ହଷ୍ଟେଲ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ କେ. ମନୋଜ କୁମାର, ଉତ୍ତମ କୁଣ୍ଡୁ, ସୁଧାଂଶୁ କୁମାର ସ୍ୱାଇଁ, ପ୍ରିୟବ୍ରତ ମହାରଣା, ସୁରଜ କୁମାର ମହାନ୍ତି ସେମାନଙ୍କୁ ରାୟଗଡ଼ାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ବଷ୍ଟି ନାମକ ଜଣେ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ଉକ୍ତ ଛାତ୍ରମାନେ ଭାତ,ଡ଼ାଲି ଓ ଚିକେନ ଖାଇଥିଲେ। କିଛି ସମୟ ପରେ ସେମାନେ ଅସୁସ୍ଥ ହେବା ସହ ଝାଡ଼ାବାନ୍ତି ହୋଇଥିଲା। ଏନେଇ ସହରାଞ୍ଚଳ ମେଡ଼ିକାଲ ଅଫିସର ସନ୍ଦୀପ ମହାନ୍ତିଙ୍କୁ ପଚାରିବାରୁ,ହଷ୍ଟେଲରେ ଖାଦ୍ୟ ଖାଇ ପିଲାଙ୍କର ଏପରି ଅବସ୍ଥା ହୋଇଛି। ଶୁକ୍ରବାର ଏକ ଟିମ୍ ହଷ୍ଟେଲ ଯାଇ ତଦନ୍ତ କରିବ ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ପି.ଆର ମହାନ୍ତିଙ୍କୁ ପଚାରିବାରୁ, ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଛାତ୍ରମାନେ ମୋ ପାଖରେ ବାରମ୍ବାର ଅଭିଯୋଗ କରିଛନ୍ତି। ଏଥିଲାଗି ମୁଁ ରୋଷେଇ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ତାଗିଦ୍ ମଧ୍ୟ କରିଛି। ଏନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଭତ୍ତା ବଣ୍ଟନରେ ସାମିଲ ହେବେ ନାହିଁ ସରପଞ୍ଚ

ନୂଆପଡ଼ା ଅଫିସ,୧୨।୯



ପିଡିଡିଆର୍‌ଡିଏଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସରପଞ୍ଚ ସଂଘର ପ୍ରତିନିଧିମାନେ।

- ସରପଞ୍ଚ ସଂଘ ଜିଲାପାଳଙ୍କୁ ଫେରାଦ
- ପେନସନ ଟଙ୍କା ଉଠାଇବେ ନାହିଁ

ସରକାର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସମସ୍ତ ପ୍ରକାର ଦାୟିତ୍ୱ ଏବଂ କ୍ଷମତା ଦିଆଯାଇଥିବା କହୁଥିବା ବେଳେ ପ୍ରକୃତ ପକ୍ଷେ ଏହା କରୁନାହାନ୍ତି। କଥାରେ ଗୋଟିଏ ଏବଂ କାମରେ ଅନ୍ୟପ୍ରକାର ହେଉଥିବା ନୂଆପଡ଼ା ଜିଲା ସରପଞ୍ଚ ସଂଘ ଅଭିଯୋଗ କରିଛି। ଏଣିକି ପ୍ରଶାସନର କୌଣସି କାମରେ ସହଯୋଗ କରିବେ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗକୁ ହେବାକୁ ଥିବା ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ନାହିଁ ବୋଲି ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ଏନେଇ ଟଙ୍କା ଉଠାଣ ପ୍ରକ୍ରିୟା ଚାଲିଥିବାରୁ ଏଥିରୁ ସଂଘ ଦୂରେଇ ରହିବ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

ସୂଚନାଯୋଗ୍ୟ, ସରକାରଙ୍କ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କୁ ୨୯ଟି ଅଧିକାର ଦେଇଥିବା ବେଳେ ତାଙ୍କୁ କୌଣସି ଅଧିକାର ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ପଞ୍ଚାୟତରେ ବିଭିନ୍ନ ସମୟରେ ଗ୍ରାମସଭା, ପଲ୍ଲିସଭା ଜରିଆରେ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ ପ୍ରସ୍ତାବ ଆଣୁଛନ୍ତି। ହେଲେ ତାହା ପରବର୍ତ୍ତି ସମୟରେ କାର୍ଯ୍ୟକୁ ଆସୁନାହିଁ। ପ୍ରଶାସନିକ ଅଧିକାରୀମାନେ ପ୍ରତିନିଧିମାନଙ୍କୁ କାଠ ପିତୁଳା ଭଳି ବ୍ୟବହାର କରୁଛନ୍ତି। ରାଜ୍ୟର କୌଣସି ଜିଲାରେ ପଞ୍ଚାୟତର ପାଣ୍ଠି ଉଠାଣ ସକାଶେ ବିଡିଓଙ୍କ ଦସ୍ତଖତ ଦରକାର ପଡୁ ନ ଥିବା ବେଳେ ଜିଲାର ନୂଆପଡ଼ା ଏବଂ ସିନାପାଲି ବ୍ଲକରେ ଏହା କରାଯାଇଥିଲା। ଏହାକୁ ବିରୋଧ କରି ସଂଘ ପକ୍ଷରୁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରାଯାଇଛି। ହେଲେ ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ଏହା ଉଠାଇବା ବଦଳରେ ଜିଲାର ବାକି ୩ଟି ବ୍ଲକରେ ଲାଗୁ କରିବାକୁ ଚିଠି କରାଯାଇଛି। ଏହା ପ୍ରତିନିଧିମାନଙ୍କୁ ଶକ୍ତ ଧକ୍କା ଦେଇଛି। ଆଗକୁ ପ୍ରଶାସନର କୌଣସି କାର୍ଯ୍ୟରେ ସାମିଲ ନ ହେବାକୁ ସଂଘ ପକ୍ଷରୁ ରୋକ୍‌ଠୋକ୍ ଶୁଣାଇ ଦିଆଯାଇଛି। ଉଲ୍ଲେଖ ଯୋଗ୍ୟ, ଭତ୍ତା ବଣ୍ଟନ ବେଳେ ବ୍ୟାଙ୍କରୁ ଟଙ୍କା ଉଠାଣ ପ୍ରକ୍ରିୟାରେ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କ ଯୁଗ୍ମ ଦସ୍ତଖତ ରହୁଥିବାବେଳେ ଏଥର ଭତ୍ତା ଟଙ୍କା ଉଠାଣ ବେଳେ ଦସ୍ତଖତ କରିବେ ନାହିଁ। ଏପରି କି ଭତା ବଣ୍ଟନ ବେଳେ ସାମିଲ ରହିବେ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଜିଲା ସରପଞ୍ଚ ସଂଘ ସମ୍ପାଦକ ଭରତଲାଲ ରାଉତ, ଉପସଭାପତି ଓମ୍‌ପ୍ରକାଶ କଳାର, ଜଗଦୀଶ ସାହୁ, କାନ୍ତିଲାଲ ସାହୁ, ତିରତରାମ ମାଝି, ଅସିତ କୁମାର ପୁଞ୍ଜି ପ୍ରମୁଖ ଜିଲାପାଳ ମଧୁସ୍ମିତା ସାହୁ, ପିଡି ଡିଆର୍‌ଡିଏ ବୃଷଭ ଚନ୍ଦ୍ର ନାଏକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ କିଭଳି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଛି।

### ନର୍ଲା ବ୍ଲକରେ ପୋଷାକ ବଣ୍ଟନକୁ ନେଇ ପାଟିତୁଣ୍ଡ

# ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ଦାବି

### ଦାବି ପୂରଣ ନ ହେଲେ ରାସ୍ତାରୋକୋ ଚେତାବନୀ

କେସିଙ୍ଗା,୧୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ସ୍କୁଲ ପିଲାମାନଙ୍କୁ ପୋଷାକ ବଣ୍ଟନ ନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ପାଟିତୁଣ୍ଡ ହୋଇଥିବା ଜଣାପଡିଛି। ନର୍ଲା ବ୍ଲକରେ ୨୦୬ଟି ବିଦ୍ୟାଳୟରେ ପ୍ରତ୍ୟେକ ବର୍ଷ ମାଗଣାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଉଛି। ହେଲେ ବ୍ଲକରେ ନିମ୍ନମାନର ପୋଷାକ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଥିବା ନେଇ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ସହ ସମସ୍ତ ସମିତି ସଭ୍ୟ, ସରପଞ୍ଚ ବୈଠକରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ ଗୁରୁବାର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ କାର୍ଯ୍ୟାଳୟ ପହଞ୍ଚିଥିଲେ। ପରେ ଅପେକ୍ଷାରେ ଥିବା ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ ସହ ଏକ ବୈଠକ ହୋଇଥିଲା। ଏଥିରେ ବିଇଓ ରାଗିଯାଇ ଜନପ୍ରତିନିଧିମାନଙ୍କୁ ପାଟିତୁଣ୍ଡ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ସମିତି ସଭ୍ୟା, ସଭ୍ୟ, ସରପଞ୍ଚ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତିଙ୍କୁ ପଚାରିବାରୁ ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନୀତି ହେଉଥିବା ପ୍ରକାଶ କରିଛନ୍ତି। ଏନେଇ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନିରୁପମା ଦୋରାଙ୍କୁ ପଚାରିବାରୁ କୌଣସି ମତାମତ ଦେବାକୁ ମନା କରି ଦେଇଥିଲେ।

# ବିଜୁ ଯୁବବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା (ଡି.ଏନ.ଏ) ୧୨।୯

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜ୍ଞାନ ଭାରତୀ ଆବାସିକ ବିଦ୍ୟାଳୟ ପରିସରରେ ବିଜୁ ଯୁବବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂ, କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଦେବେନ୍ଦ୍ର କୁମାର, ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, ଜ୍ଞାନ ଭାରତୀ ପରିଚାଳନା ନିର୍ଦ୍ଦେଶକ କୋଦଣ୍ଡ ସାହୁ, ବିଜେଡି ନେତା ଗୌର କିଶୋର ରଣା, ପର୍ଶୁରାମ ସାହୁ ପ୍ରମୁଖ ଯୋଗଦେଇ ସବୁଜବନାନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ଏଥିରେ ସରଗୁଲ, ମାଳପଡ଼ା ପଞ୍ଚାୟତ ବିଜୁ ଯୁବବାହିନୀର ପଞ୍ଚାୟତ ସଭାପତି ବିକ୍ରମ ସାହୁ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ ସବୁଜବନାନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

## ପଲିଥିନମୁକ୍ତ ସମାଜ ପାଇଁ ପୂର୍ତ୍ତ ବିଭାଗର ଆହ୍ୱାନ

ରେଢ଼ାଖୋଲ,୧୨।୯(ଡି.ଏନ.ଏ.)

ରେଢ଼ାଖୋଲ ପୂର୍ତ୍ତ ବିଭାଗ ଗୁରୁବାର ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ପରିବେଶ ଗଠନ ପାଇଁ ଆହ୍ୱାନ ଦେଇଛି। ଏକ ସଚେତନତା ଶୋଭାଯାତ୍ରା ଷ୍ଟେଟବ୍ୟାଙ୍କ ଛକରୁ ବାହାରି ଥିଲା। ଉପଜିଲାପାଳ ବିଶିକେସନ ଦେହୁରୀ ଏହାକୁ ଶୁଭାରମ୍ଭ କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୀରବର ବେହେରାଙ୍କ ନେତୃତ୍ୱରେ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ବ୍ୟାଙ୍କ ଛକରୁ ବାହାରି ରାମପୁର-ଗିରିଶ୍ଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର କଳିନ୍ଦର, ସହରର ରଥସାହି, ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଜନସାଧାରଣ ଓ ବ୍ୟବସାୟୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବବହାରର କୁପରିଣାମ ଓ ଏଥିପାଇଁ ଥିବା କଟକଣା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କଷ୍ଟଚରଣ ସ୍ୱାଇଁ, ଠିକାଦାର ଖଗେଶ୍ୱର ବେହେରା, ସନ୍ନ୍ୟାସୀ ନାଏକ, ରଜତ କୁମାର ହୋତା, ସିନୁ ବୀର, ପିଙ୍କୁ ମିଶ୍ରଙ୍କ ସମେତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ।




ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ

# ସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ

ଜୁନାଗଡ଼,୧୨।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ହିଞ୍ଜିଲିବାହାଲି ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ସ୍ଥାନୀୟ ଲୋକଙ୍କୁ ଚାରାରୋପଣର ମହତ୍ତ୍ୱ ଉପରେ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଖୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ମୁକେଶ ଅଗ୍ରୱାଲ, କୁମର ମଣି ଦୁର୍ଗା, ଉତ୍ତମ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ବିଭୁତିଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ଶିକ୍ଷକ ଯଶୋବନ୍ତ ରାଉତ, ମଳୟ ପଟ୍ଟନାୟକ, ସଞ୍ଜୁଲତା ସାହୁ, ବନ୍ଦନା ପାତ୍ର, ଇପ୍‌ସିତା ବେହେରା, ନିକିତା ସାହୁ, ସୁଚିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପଟ୍ଟାମୁଣ୍ଡାଇ ପରିମଳ ବ୍ୟବସ୍ଥାର ପୁନରୁଦ୍ଧାର

# ଖର୍ଚ୍ଚ ହେବ ୧୦ କୋଟି ଟଙ୍କା

ଭୁବନେଶ୍ୱର,୧୨।୯ (ବ୍ୟୁରୋ)

- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା
- ମାର୍ଶାଘାଇରେ ଡ୍ରେନେଜ ଡିଭିଜନ ପ୍ରତିଷ୍ଠା ହେବ

ପଟ୍ଟାମୁଣ୍ଡାଇ ପୌରପରିଷଦ ଅଞ୍ଚଳରେ ପରିମଳ ବ୍ୟବସ୍ଥାର ପୁନରୁଦ୍ଧାର କରାଯିବ। ଏଥିପାଇଁ ରୂପରେଖ ପ୍ରସ୍ତୁତ ହୋଇସାରିଛି। ଏହି ପ୍ରସ୍ତାବିତ ପ୍ରକଳ୍ପରେ ୧୦ କୋଟି ଟଙ୍କା ବିନିମୟରେ ମାର୍ଶାଘାଇ ଡ୍ରେନେଜ୍ ଡିଭିଜନ୍ କରାଯିବ। ଏହା ଦ୍ୱାରା ଗୋବରୀ ଡ୍ରେନେଜ୍ କଟ୍‌ର ପୁନରୁଦ୍ଧାର ହୋଇପାରିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏ ସମ୍ପର୍କିତ ଗୁରୁବାର ଲୋକସେବା ଭବନରେ ହୋଇଥିବା ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ କହିଥିଲେ, ପଟ୍ଟାମୁଣ୍ଡାଇ ବଜାରସ୍ଥିତ ପୋଲଠାରୁ ବକ୍ତାରପୁର ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ୍‌ଟି କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ କରାଯିବ । ଏଥିସହ ୨୦ଟି ୱାର୍ଡରେ ଥିବା ସଂଯୋଗୀକରଣ ଡ୍ରେନ୍‌ଗୁଡ଼ିକ ପୌରପରିଷଦ ଜରିଆରେ ହେବ । ପଟ୍ଟାମୁଣ୍ଡାଇ ଐତିହ୍ୟସଂପନ୍ନ କଚେରି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଓୟୁଡ଼ିଆଇ(ଓଡ଼ିଶା ଅର୍ବାନ୍ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପ୍) ଫଣ୍ଡରୁ ୧.୫ କୋଟି ମଞ୍ଜୁର କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିଭଳି ଯଜ୍ଞ ପଡ଼ିଆରେ ବହୁତଳ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ୩ କୋଟି, ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ୧.୫ କୋଟି, ସ୍ମାର୍ଟ ଶ୍ମଶାନ ପାଇଁ ୭୫ ଲକ୍ଷ ଟଙ୍କା ମଞ୍ଜୁର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୌର ପରିଷଦର ନୂଆ ଗୃହ ନିର୍ମାଣ, ବସ୍ତି ନିକଟରେ ପରେଡ୍ ପଡ଼ିଆର ଉନ୍ନତୀକରଣ, ପଟ୍ଟାମୁଣ୍ଡାଇ ବଜାର ଚତୁଃପାର୍ଶ୍ୱରେ ରିଙ୍ଗରୋଡ୍ ନିର୍ମାଣ, ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଓ ୨୦ଟି ଯାକ ୱାର୍ଡରେ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହେବା ସହ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ମାସ ଶେଷ ସୁଦ୍ଧା ଅଳଭା ଜଳ ବିଶୋଧନାଗାର ପ୍ରକଳ୍ପର ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରି ଅକ୍ଟୋବର ପ୍ରଥମ ସପ୍ତାହରେ ମନ୍ତ୍ରୀ ଲୋକାର୍ପଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଫଟୋରେ ଖବର



୨୬ ନମ୍ବର ଜାତୀୟ ରାଜପଥ କଳାହାଣ୍ଡି ଜିଲା କେସିଙ୍ଗା ସହର ରେଲୱେ ଫାଟକ ସମ୍ମୁଖରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର

# ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନକୁ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

**ଅଧିକାରୀଙ୍କୁ ପଢ଼ାଇଲେ ୫-ଟି ମନ୍ତ୍ର**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଭାଗ ଅଧୀନ ରାଜସ୍ୱ ଅଧିକାରୀ ତାଲିମ ଅନୁଷ୍ଠାନକୁ ଗୁରୁବାର ଅଚାନକ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ଅବସରରେ ସେ ଅନୁଷ୍ଠାନରେ ଚାଲୁଥିବା ସରକାରଙ୍କର ତାଲିମ ଓ ଦକ୍ଷତା ନିର୍ମାଣ ସମ୍ପର୍କରେ ଅବଗତ ହୋଇଥିଲେ । ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ତଥା ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍) ପ୍ରଶିକ୍ଷାର୍ଥୀମାନଙ୍କ ସହିତ ମନ୍ତ୍ରୀ ମତ ଓ ତଥ୍ୟ ବିନିମୟ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ 'ଟି' ମନ୍ତ୍ର ଆଧାରରେ ନିଷ୍ଠା ଓ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଅଧିକାରୀମାନେ ସେମାନଙ୍କର କାର୍ଯ୍ୟରେ ଦଳଗତ ପରିଚାଳନା, ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପ୍ରୟୋଗ କରି କାର୍ଯ୍ୟଧାରାରେ ଏକ ମାନବିକ ଦୃଷ୍ଟିଭଙ୍ଗୀମୂଳକ ରୂପାନ୍ତରଣ ଆଣିବା ସହିତ ପ୍ରଶାସନ ଓ ସେବା ବିତରଣ ବ୍ୟବସ୍ଥାରେ ୫'ଟି' ମନ୍ତ୍ରକୁ ପ୍ରୟୋଗ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଆପତକାଳୀନ ଆବଶ୍ୟକତା ଯଥା ପ୍ରାକୃତିକ ବିପର୍ଯ୍ୟୟ ଓ ଆଇନଶୃଙ୍ଖଳା ଅବସ୍ଥାର ସୁପରିଚାଳନାରେ ନିଜର ସାମର୍ଥ୍ୟ ପ୍ରମାଣ କରିବା ପାଇଁ ଅଧିକାରୀମାନେ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖିବା ପାଇଁ ମନ୍ତ୍ରୀ ମାର୍ଣ୍ଡି ପରାମର୍ଶ ଦେଇଥିଲେ । ସେହିପରି ବଂଶଧାରା ପ୍ରକଳ୍ପ, ଭୂମି ଅଧିକାର ସମେତ ବିଭିନ୍ନ ପ୍ରମାଣପତ୍ର ଯୋଗାଇଦେବା ନିମନ୍ତେ ଇ-ମ୍ୟୁଟେଶନ୍, ଇ-ରେଜିଷ୍ଟ୍ରେଶନ୍ ଓ ସର୍ଭିସ୍ ପ୍ଲସ୍ ପରି ବୈଷୟିକ ପ୍ରୟୋଗଗୁଡ଼ିକ ଉପରେ ଅଧିକାରୀମାନେ ଗୁରୁତ୍ୱ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

# ଜିଲା ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ତୁଣ୍ଡଲା,୧୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ସରକାରୀ ଉଚ୍ଚ ବିଦ୍ୟାଳୟରେ କଳାହାଣ୍ଡି ଜିଲା ବିଦ୍ୟାଳୟସ୍ତରୀୟ ଭଲିବଲ, ଯୋଗାସନ ସହ ବିଭିନ୍ନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଡିଇଓ ବିଜୟ କୁମାର ସିଂ, ମୁଖ୍ୟବକ୍ତା ଜିଲା ଶିକ୍ଷା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଏବିଇଓ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଗୌରାଙ୍ଗ ଚନ୍ଦ୍ର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରତିଯୋଗିତାରେ ଜିଲାର ୧୩ଟି ବ୍ଲକର ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗିତା ସମାପ୍ତ ପରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ମୁଖ୍ୟବକ୍ତା ଏଡିଇଓ ବିଜୟ କୁମାର ସିଂ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡିଆଇ ସୁଶାନ୍ତ କୁମାର ଦେବ, ଜିଲା ଶିକ୍ଷା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା ସଭାରେ ସଭାପତିତ୍ୱ କରିଥିବା ବେଳେ ଅଶ୍ୱିନୀ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରସିଂହ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ପଞ୍ଚମ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



କଳାହାଣ୍ଡି ଜିଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅତିଥିଙ୍କ ସହ ଛାତ୍ରମାନେ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।

- ଭଲ୍ଟାୟାର



# ମିଳୁନି ୟୁରିଆ ସାର, ଚିନ୍ତାରେ ଚାଷୀ

କୋକସରା,୧୨।୯ (ଡି.ଏନ.ଏ.)



କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ହୋଇଥିବା ଧାନଚାଷ।

**କୋକସରା ବ୍ଲକ**

- ଧାନ ଗଛ ବୃଦ୍ଧି ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୟୁରିଆ ସାର ନିତାନ୍ତ ଆବଶ୍ୟକ
- ଚାଷୀ ଚଢ଼ା ଦରରେ ସାର କିଣୁଥିବା ଅଭିଯୋଗ
- ବ୍ଲକର ୬ ପ୍ୟାକ୍ସକୁ ଆସିବ ୟୁରିଆ ସାର

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସ୍ୱାଭାବିକ ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଅଞ୍ଚଳରେ ଧାନ ଫସଲ ସହ ଅନ୍ୟାନ୍ୟ ଫସଲ ଭଲ ହୋଇଛି। ଗୋଟିଏ ପକ୍ଷେ ଚାଷୀ ଫସଲକୁ ଦେଖି ଖୁସି ପ୍ରକାଶ କରୁଥିବା ବେଳେ ଅନ୍ୟପକ୍ଷେ ଚାଷୀଙ୍କୁ ଆବଶ୍ୟକ ସାର ମିଳୁ ନ ଥିବା ଜଣାପଡିଛି। ଅଞ୍ଚଳରେ ୟୁରିୟା ସାରର ଅଭାବ ଦେଖାଦେଇଥିବା ବେଳେ ଚାଷୀମାନେ ଚିନ୍ତା ପଡିଛନ୍ତି। କୋକସରା ବ୍ଲକରେ କୃଷି ବିଭାଗ ପକ୍ଷରୁ ସାର ଓ କୀଟନାଶକ ବିକ୍ରି କରିବା ପାଇଁ କେତେଜଣ ବ୍ୟବସାୟୀଙ୍କୁ ଅନୁମତି ଦିଆଯାଇଛି। ହେଲେ ବ୍ୟବସାୟୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହୁ ନାହିଁ। ଏଭଳିସ୍ଥିତିରେ ବ୍ଲକର ୬ଟି ସମବାୟ ସମିତି ପ୍ୟାକ୍ସ ଜରିଆରେ ଚାଷୀଙ୍କୁ ସାର ବଣ୍ଟନ ପାଇଁ ସୁବିଧା ରହିଛି। ହେଲେ କେଉଠି ହେଲେ ଚାଷୀ ୟୁରିଆ ସାର ପାଉ ନାହାନ୍ତି। ଫଳରେ ଚାଷୀମାନେ ହତାଶ ହୋଇପଡିଛନ୍ତି।

କୃଷି ବିଭାଗର ସୂଚନା ମୁତାବକ, ଚଳିତ ବର୍ଷ କୋକସରା ବ୍ଲକରେ ୨୩୩୩୭ ହେକ୍ଟର ଜିମିରେ ଧାନ ଚାଷ, ୨୫୦୫ ହେକ୍ଟର ଜମିରେ ପନିପରିବା ଚାଷ, ୩୨୦୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୫୫୦ ହେକ୍ଟର ଜମିରେ ମକାଚାଷ ଏବଂ ୫୯୧ ହେକ୍ଟର ଜମିରେ ତୈଳ ବୀଜ ଫସଲ ହୋଇଛି । ବର୍ତ୍ତମାନ ଚାଷୀ ଜମିରୁ ଅନାବନା ଘାସ ସଫା କରି ଦ୍ୱିତୀୟ ପର୍ଯ୍ୟାୟରେ ଧାନଗଛ ବୃଦ୍ଧି ପାଇଁ ୟୁରିଆ ସାର ଦେବାନେଇ ପ୍ରସ୍ତୁତି ଚଳାଇଛି। ହେଲେ ବଜାରରେ ୟୁରିଆ ସାର ମିଳୁ ନ ଥିବାରୁ ଚାଷୀଙ୍କୁ ନିରାଶ ହେବାକୁ ପଡୁଛି। କିଛିଦିନ ତଳେ ଅଳ୍ପ ପରିମାଣରେ କେତେ ଜଣ ବ୍ୟବସାୟୀ ୟୁରିଆ ସାର ଆଣି ବିକ୍ରି କରିଥିଲେ। ହେଲେ ଚାଷୀ ଚଢା ଦରର ସାର କିଣିଥିବା ଅଭିଯୋଗ କରିଛନ୍ତି। ଏନେଇ ବ୍ୟବସାୟୀଙ୍କୁ ପଚାରିବାରୁ ଚାଷୀ ୟୁରିଆ ସହିତ ଜିଙ୍କ ସାର ନେଇଛନ୍ତି। ଫଳରେ ଏହି ବାବଦକୁ ଅଧିକ ଟଙ୍କା ନିଆଯାଉଛି। ବଜାରରେ କୌଣସି ସାର କଳା ବଜାରି ହେଉ ନ ଥିବା ବ୍ୟବସାୟୀମାନେ କହିଛନ୍ତି। ସରକାରୀ ନିୟମ ମୁତାବକ ୟୁରିଆ ସାର ସହ ଅନ୍ୟ କୌଣସି ସାର ଦେବାର ନିୟମ ନ ଥିଲେ ମଧ୍ୟ ବ୍ୟବସାୟୀମାନେ ଚାଷୀମାନଙ୍କୁ ବାଧ୍ୟକରି ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏନେଇ କୋକସରା ବ୍ଲକ କୃଷୀ ଅଧିକାରୀ ଘନଶ୍ୟାମ ଦେହୁରିଙ୍କୁ ପଚାରିବାରୁ ୟୁରିଆ ସାରର ଅଭାବ ରହିଥିବା ଘଟଣାକୁ ସ୍ୱୀକାର କରିବା ସହ କିଛି ଦିନ ମଧ୍ୟରେ ବ୍ଲକର ୬ଟି ପ୍ୟାକ୍ସକୁ ୟୁରିଆ ସାର ଆସିବ ବୋଲି କହିଛନ୍ତି। ସପ୍ତାହ ମଧ୍ୟରେ ୟୁରିଆ ସାର ନ ମିଳିଲେ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

**ସଂକ୍ଷେପରେ**

## ମା' ଡୁକ୍ରୀ ବୁଢ୍ୀଙ୍କ ଛତରଯାତ୍ରା ପ୍ରସ୍ତୁତି

ଭବାନୀପାଟଣା, ୧୨।୯ (ଡି.ଏନ୍.ଏ.)- ଭବାନୀପାଟଣା ସଦର ବ୍ଲକ ଅଧୀନ ବୋର୍ଡା ମିଲକୀ ପ୍ରଗଣାର ଅଧିଷ୍ଠାତ୍ରୀ ଦେବୀ ମା' ଡୁକ୍ରୀ ବୁଢ଼ୀଙ୍କ ଛତର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ତରଣୀସେନ ମାଝିଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରାଯାଇଥିଲା। ପବିତ୍ର ବିଜୟା ଦଶମୀ ତିଥିରେ ଅନୁଷ୍ଠିତ ହେଉଥିବା ମା'ଙ୍କ ବିଜୟ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ସହ ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଦଳ ଭାଗ ନେଉଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ମନ୍ଦିର ପୂଜକ ଜିତେନ୍ଦ୍ର ସାହାଣୀ, ଝାଙ୍କର ସେବକ ରାଜକୁମର ମାଝି, ଲମ୍ବୋଦର ନାଏକ, ବିଦ୍ୟାଧର ପଧାନ, ନାରାୟଣ ଭୋଇ, ମନୁରାଜ ନାଏକ, ରମେଶ ଛୁରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅଶ୍ୱିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ମୃତଦେହ ଗାଁକୁ ଆଣିବାକୁ ନିବେଦନ

ଭବାନୀପାଟଣା,୧୨।୯ (ଡି.ଏନ୍.ଏ.)

କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲା ସଦର ବ୍ଲକ ର ଘାସିରାମ ତାଣ୍ଡିଙ୍କ କେରଳରେ ମୃତ୍ୟୁ ଘଟିଛି। ଘାସିରାମ କେରଳର ଏକ କମ୍ପାନୀରେ କାମ କରୁଥିବା ବେଳେ ମେଶିନରେ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଘାସିରାମଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଘାସିରାମଙ୍କ ପରିବାର ଲୋକେ ଗରିବ ଶ୍ରେଣୀର ହୋଇଥିବା ବେଳେ ପୁଅର ମୃତଦେହ ଗାଁକୁ ଆଣିବାକୁ ସକ୍ଷମ ନୁହନ୍ତି। ଅନ୍ୟପକ୍ଷେ ମୃତକଙ୍କ ବାପା କୌଣସି ଉପାୟ ନ ପାଇ ପୁଅର ମୃତଦେହ ଗାଁ ଫେରାଇ ଆଣିବା ନେଇ କଳାହାଣ୍ଡି ଜିଲାପାଳ, ସଦର ଏସ୍‌ଡିପିଓ ଏବଂ ସଦର ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମାଜର କର୍ମକର୍ତ୍ତା।

## ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ଭବାନୀପାଟଣା, ୧୨।୯ (ଡି.ଏନ୍.ଏ.)

ନିଖିଳ ଉତ୍କଳ ବାରିକ ସମିତି କଳାହାଣ୍ଡି ଜିଲା ପୁରୁଣାପଡ଼ା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ପୁରୁଣାପଡ଼ା ଗୋଷ୍ଠୀ ଗୃହରେ ପାଳିତହୋଇଯାଇଛି।ଆଞ୍ଚଳିକସଭାପତି ଘାସିରାମ ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ କମ୍ଭୁପାଣି ପରିଚ୍ଛା ଯୋଗଦେଇଥିଲେ। ନୂଆଁଖାଇ ଏକ ଭାଇଚାରାର ପର୍ବ, ତେଣୁ ସାମାଜିକସ୍ତରରେ ସମସ୍ତେ ଏକତାବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭବାନୀ ଶଙ୍କର ପରିଚ୍ଛା, ଭଗବାନ ବିଶୋଇ, ଅଜୟ ଡାକୁଆ, ନରେନ୍ଦ୍ର ଡାକୁଆ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କାଳୀପ୍ରସାଦ ଡାକୁଆ, ଚନ୍ଦ୍ର ଶେଖର ଡାକୁଆ, କୁଳମଣି ଡାକୁଆ ପ୍ରମୁଖ ସହଯୋଗ କରିଥିଲେ।

**ଥୁ.ରାମପୁର ବ୍ଲକ**

## ୫ ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ସେବା ଆରମ୍ଭ

ଭବାନୀପାଟଣା, ୧୨।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ବଣପାହାଡ ଘେରା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁ.ରାମପୁର ବ୍ଲକର ୫ଟି ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବୁଧବାର ବିଏସ୍‌ଏନ୍‌ଏଲ୍‌ର ଟିଡିଏମ୍ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଏସ୍‌ଏନ୍‌ଏଲ୍ ମୋବାଇଲ ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ବିଏସ୍‌ଏନ୍‌ଏଲ୍‌ର ଜେଟିଓ ଜୟନ୍ତ କୁମାର ଦାସ, ରମାକାନ୍ତ ପରମାଣିକ, ସବ୍ୟସାଚୀ ଦାସ, ଏସ୍‌ଡିଇ ତାରଣୀ ପ୍ରତାପ ତ୍ରିପାଠୀ, ଜିଲା ପରିଷଦ ମୁରଲୀଧର ନାଏକ ପ୍ରମୁଖ ଯୋଗଦେଇଥିଲେ। ସୂଚନା ଯୋଗ୍ୟ ଥୁ.ରାମପୁର ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ମୋବାଇଲ ୨ସେବା ପାଇବାରୁ ବଞ୍ଚିତ ହେଉଥିଲେ। ଏନେଇ ଜିଲା ପରିଷଦ ମୁରଲିଧର ନାଏକ ଥୁ.ରାମପୁର ବ୍ଲକର ପ୍ରତ୍ୟେକ ଗ୍ରାମରେ ମୋବାଇଲ ସେବା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ୫ଟି ପଞ୍ଚାୟତ ଯଥା ମହୁଲପାଟଣା, ବଡଛତରନ୍, ଗୋପୀନାଥପୁର, ଅଡ୍ରି ଓ ଗୋପାଳପୁରରେ ବିଏ୍‌ଏନ୍‌ଏଲ୍ ଟାୱାର ଉଦ୍‌ଘାଟିତ ହୋଇଯାଇଛି। ଏନେଇ ଅଞ୍ଚଳବାସୀ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହେଲେ ନୀଳୋତ୍ପଳ

ଭବାନୀପାଟଣା, ୧୨।୯ (ଡି.ଏନ୍.ଏ.)



ଛାତ୍ର ନୀଳୋତ୍ପଳ ପ୍ରହରାଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଜୟପାଟଣାରେ ଶିକ୍ଷା ବିକାଶ ସମିତି ପକ୍ଷରୁ ଆୟୋଜିତ କଳାହାଣ୍ଡି ବିଭାଗ ଜ୍ଞାନ ବିଜ୍ଞାନ ମେଳାରେ ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଏଥିରେ ଷଷ୍ଠ ଶ୍ରେଣୀ ଛାତ୍ର ନୀଳୋତ୍ପଳ ପ୍ରହରାଜ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରୁ ୧୨ଜଣ ଛାତ୍ରୀଛାତ୍ର ଯୋଗାଦେଇ କୃତିତ୍ୱ ହାସଲ କରିଛନ୍ତି। ସ୍ନେହା ରଣା, ରୋଶନ ପଟ୍ଟନାୟକ, ମୌସୁମୀ ବାଗ, ତେଜସ୍ୱିନୀ ବାଗ, ମନୋରଞ୍ଜନ ରଣା, ସାର୍ଥକ ମିଶ୍ର, ଖଗେଶ୍ୱର ଭୋଇ, ଶ୍ରୀତମ ଗୌଡ, ଅଖିଳେଶ ବରର୍ତ୍ତୀ, ସ୍ମୃତିରଞ୍ଜନ ଦାସ ବିଭିନ୍ନ ପ୍ରକଳ୍ପରେ ଦ୍ୱିତୀୟସ୍ଥାନ ହାସଲ କରିଛନ୍ତି। ନୀଳୋତ୍ପଳ ପ୍ରହରାଜ ବିଜ୍ଞାନ ପ୍ରକଳ୍ପରେ ପ୍ରଥମ ଏବଂ ପ୍ରତୀକ ବାଣୁଆ ବିଜ୍ଞାନ ପତ୍ରବାଚନରେ ପ୍ରଥମସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ସମସ୍ତ ଗୁରୁମା, ଗୁରୁଜୀ, ପ୍ରଧାନ ଆଚାର୍ଯ୍ୟ, ପରିଚାଳନା କମିଟି ସଦସ୍ୟ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇବା ସହ ରାଜ୍ୟସ୍ତରୀୟ ମେଳାରେ ନୀଳୋତ୍ପଳଙ୍କ କୃତିତ୍ୱ କାମନା କରିଛନ୍ତି। ଆସନ୍ତା ଅକ୍ଟୋବର ୧ ଓ ୨ ତାରିଖ ରାଉରକେଲାଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଜୁନାଗଡ଼,୧୨।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନକଟିଗୁଡ଼ା ପଞ୍ଚାୟତରେ ବୁଧବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୭୦ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନକଟିଗୁଡ଼ା ସରପଞ୍ଚ ଯମୁନା ମେହେର, ପିଇଓ ଆରତୀ ମାଝି, ସମିତିସଭ୍ୟ ବିକାଶ ରଞ୍ଜନ ସରାଫଙ୍କ ସହ ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।



ଅତିଥିମାନେ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

## ଯୁବ ପାର୍ଲାମେଣ୍ଟରେ ଛାତ୍ରୀ ସୁହାନୀଙ୍କ କୃତିତ୍ୱ

ଭବାନୀପାଟଣା,୧୨।୯ (ଡି.ଏନ୍.ଏ.)

ଓଡିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ଭବାନୀପାଟଣା ସିଟିଜେନ ମଡେଲ ସ୍କୁଲ ଛାତ୍ରୀ ସୁହାନୀ ନାଏକ ଭାଗ ନେଇ କୃତିତ୍ୱ ହାସଲ କରି ଜଲାକୁ ଗୌରବାନ୍ୱିତ କରିଛନ୍ତି। ରଞ୍ଜନ କୁମାର ନାଏକ ଏବଂ ଜ୍ୟୋତ୍ସ୍ନାରାଣୀ ନାଏକଙ୍କ ଝିଅ ସୁହାନୀ। କିଛିଦିନ ତଳେ ଭବାନୀପାଟଣା ସହରସ୍ଥିତ ବ୍ରଜ ମୋହନ ହାଇସ୍କୁଲଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରି ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତାରେ କଳାହାଣ୍ଡି ଜଲା ପାଇଁ ପ୍ରତିନିଧିତ୍ୱ କରିଥିଲେ।



ଅତିଥିମାନେ କୃତୀ ଛାତ୍ରୀ ସୁହାନୀ ନାଏକଙ୍କୁ ପୁରସ୍କୃତ କରୁଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଘଟଣା: ୩ ଗିରଫ

ଭବାନୀପାଟଣା, ୧୨।୯(ଡି.ଏନ୍.ଏ.)

ଭବାନୀପାଟଣା ସହର ଦମକଳ କେନ୍ଦ୍ର ନିକଟରେ ରହୁଥିବା ସଲମାନ ଖାନ କିଛି ଦିନ ତଳେ ଆତ୍ମହତ୍ୟା କରିଥିଲେ। ଏନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ସଲମାନଙ୍କ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ଗିରିଫ କରିଥିଲା। ସେମାନେ ହେଲେ ମୃତ ସଲମାନଙ୍କ ସ୍ତ୍ରୀ ସରିଫା ବାନୋ(୨୫), ଶ୍ୱଶୁର ହାକିମ ମହମ୍ମଦ(୪୮) ଏବଂ ସମ୍ପର୍କୀୟ ରମଜାନ ଅଲ୍ଲୀ(୨୫)। ପୋଲିସ ଗିରଫ ୩ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଏଏସ୍‌ଆଇ ଦିଗାମ୍ବର ସାହୁ କହିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଜୁନାଗଡ,୧୨।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଇଣ୍ଟରନ୍ୟାସନାଲ ଫିଟନେସ ତାଲିମ କେନ୍ଦ୍ରଠାରେ ଗୁରୁବାର ସ୍ଥାନୀୟ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବର୍ଷର ୧୫୦ଜଣ ଛାତ୍ରୀ ଭାଗ ନେଇଛନ୍ତି। ପ୍ରଶିକ୍ଷିକା ଭାବେ ଜଲି ପରାଭୋଇ, ଅଞ୍ଜନା ବିଶି, ଧନୀକ ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିବେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତିଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଲେଇ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ଅଧ୍ୟାପକ ସରୋଜ କୁମାର ଠାକୁର, ଅରୁପାନନ୍ଦ ନାଗ, ସୁବ୍ରତ ପାଣିଗ୍ରାହୀ, କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସନ୍ଦୀପ କୁମାର ସାହୁ, ଉତ୍ତମ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମମୁଖ ଚଳାନ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାଣୁଆ ଧନ୍ୟବାଦ ଦେଇଥିଲେ। ସେହିପରି ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜକ ସମୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ଆସନ୍ତା ୩୦ତାରିଖ ପ୍ରର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ସମୀର ସାହୁ ପ୍ରକାଶ କରିଛନ୍ତି।




ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ସ୍ୱତନ୍ତ୍ର ରାଜ୍ୟ ରାଜପଥ କରାଯିବାକୁ ଦାବି

ନୂଆପଡ଼ା ଅଫିସ,୧୨।୯




ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକାଠି ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନେ।

- ପ୍ରତୀକାତ୍ମକ ଆନ୍ଦୋଳନ ପ୍ରସ୍ତୁତି
- ଅଣ୍ଟା ଭିଡ଼ିଲେ ଗଣମାଧ୍ୟମ ପ୍ରତିନିଧି
- ୩୫୩ ଜାତୀୟ ରାଜପଥ ଦୁରବସ୍ଥା

ନୂଆପଡ଼ା ଜିଲାର ଲାଇଫଲାଇନ କୁହାଯାଉଥିବା ୩୫୩ ଜାତୀୟ ରାଜପଥ ନିର୍ମାଣ କାମ ଦୀର୍ଘ ୬ବର୍ଷ ହେଲା ଶେଷ ହୋଇପାରୁନାହିଁ। ବର୍ତ୍ତମାନ ରାସ୍ତା ମରଣଯନ୍ତା ପାଲଟିଯାଇଛି। ଏ ନେଇ ଲୋକେ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ହେଲେ କୌଣସି ସୁଫଳ ମିଳିପାରୁ ନାହିଁ। ଶେଷରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତୀକାତ୍ମକ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଆନ୍ଦୋଳନରେ ରାସ୍ତାରୋକୋ କରି ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଫୁଲମାଳ ସହ ଦାବିପତ୍ର ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି।

ବୁଧବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି ମାୟାଧର ସରାଫଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଜିଲାର ନୂଆପଡ଼ା–ଖଡିଆଳ ଦେଇ ୩୫୩ ଜାତୀୟ ରାଜପଥ ଯାଇଛି। ଏହାର ନିର୍ମାଣ କାମ ୫ବର୍ଷରୁ ଊର୍ଦ୍ଧ୍ୱ ହେଲା ଚାଲିଛି । ହେଲେ ଜଣକ ପରେ ଜଣେ ଠିକାଦାର ଚମ୍ପଟ ମାରୁଥିବା ବେଳେ ନିର୍ମାଣ କାମ ଶେଷ ହୋଇପାରୁ ନାହିଁ। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଛି। ହେଲେ କୌଣସି ସୁଫଳ ମିଳିପାରୁନାହିଁ। ବର୍ତ୍ତମାନ ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ଘଟୁଛି। ଶେଷରେ ଗଣମାଧ୍ୟମ ପ୍ରତିନିଧି କଲମ ଛାଡି ଆନ୍ଦୋଳନ କରିବା ପାଇଁ ଆଲୋଚନା କରିଛନ୍ତି। ପ୍ରସ୍ତାବ ଅନୁଯାୟୀ ଆସନ୍ତା ସୋମବାର କୋମନାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ରହିଛି। ଏହାକୁ ଦୃଷ୍ଟିରେ ରଖି କୋମନା ସୁନ୍ଦର ପୋଲ ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ କିଛି ସମୟ ପାଇଁ ପ୍ରତୀକାତ୍ମକ ରାସ୍ତାରୋକୋ କରିବେ। ଏହି ରାସ୍ତାଦେଇ ଯିବାକୁ ଥିବା ଜିଲାପାଳ ଏବଂ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଫୁଲତୋଡା ପ୍ରଦାନ କରିବେ। ଆନ୍ଦୋଳନରେ ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେବାକୁ ନିବେଦନ କରାଯାଇଛି।

## ସଂକ୍ଷେପରେ




### ବିଜୁ ଯୁବ ବାହିନୀର ନୂତନ କର୍ମକର୍ତ୍ତା ଚୟନ, ବୃକ୍ଷରୋପଣ

ଅମରପାଲି, ୧୨।୯ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ବିଜୁ ଯୁବ ବାହିନୀର କର୍ମକର୍ତ୍ତା ପରିବର୍ତ୍ତନ କରାଯାଇଛି। ପୂର୍ବତନ ସମ୍ପାଦକ ଚନ୍ଦ୍ରଶେଖର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ବିଜୁ ଯୁବ ବାହିନୀର ସଂଯୋଜକ ମିତ୍ରଭାନୁ ମିଶ୍ର ଓ ବ୍ଲକ ସଂଯୋଜକ ଦେବରାଜ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିଲେ । ବନମାଳୀ ଗୌନ୍ତିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ବାସୁଦେବ ପଧାନଙ୍କୁ ସଭାପତି, ସୁଶୀଲ କୁମାର ସାହୁ ସମ୍ପାଦକ ଓ ତଥାଗତ ସାହୁଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। ଶେଷରେ ବିଜୁ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା ଅମରପାଲିର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଶେଷରେ ଅମରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶହୀଦ ଅଚ୍ୟୁତାନନ୍ଦଙ୍କ ମାତୃ ବିୟୋଗ



ଲୋଇସିଂହା,୧୨।୯(ଡି.ଏନ.ଏ): ଦୂରଦର୍ଶନର ଓଡିଆ ଫଟୋ ଖବରଦାତା ଶହୀଦ ଅଚ୍ୟୁତାନନ୍ଦ ସାହୁଙ୍କ ମାତୃ ବିୟୋଗ ଘଟିଛି। ପୁଅ ମୃତ୍ୟୁରେ ଭାଙ୍ଗି ପଡିଥିବା ମା' ତୁଳସୀ ସାହୁ (୬୭)ଙ୍କ ଗତ ମଙ୍ଗଳବାର ରାତିରେ ବୁର୍ଲା ମେଡିକାଲରେ ଚିକତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନାକ୍ରମେ, ବଲାଙ୍ଗୀରେ ଜିଲା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା ଗ୍ରାମର ମୂଳବାସିନ୍ଦା ତୁଳସୀ ଓ ନରେନ୍ଦ୍ର ସାହୁଙ୍କ ଚତୁର୍ଥ ସନ୍ତାନ ଅଚ୍ୟୁତାନନ୍ଦ ଦିଲ୍ଲୀ ଦୂରଦର୍ଶନରେ ଫଟୋ ଖବରଦାତା ଭାବେ କାମ କରୁଥିଲେ । ନଭେମ୍ବର ୨୦୧୮ରେ ଛତିଶଗଡ ନିର୍ବାଚନ ପରିସ୍ଥିତିର ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀ ଗୁଳିର ଶିକାର ହୋଇଥିଲେ । ଶହୀଦ ପୂର୍ବରୁ ବୃଦ୍ଧା ମା ତଳସୀଙ୍କ ହୃଦ୍‌ରୋଗଏବଂ କିଡନୀ ବାଧିରେ ପୀଡିତ ଥିଲେ। ପୁଅର ମୃତ୍ୟୁ ପରେ ତୁଳସୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। ପୁଅ ମୃତ୍ୟୁ ପରେ ଚିକିତ୍ସା ସୁବିଧା ନ ପାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡି ଯାଇଥିଲା। ଅଗଷ୍ଟ ୨୯ତାରିଖରେ ତାଙ୍କୁ ବର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ

# ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଯୁଗେ ଯୁଗେ ରହିବ

- ଆଧୁନିକ ଯୁଗରେ ବେଗ ବଢ଼ିଛି, ଆବେଗ କମୁଛି
- ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଦେଲେ ବକ୍ତବ୍ୟ

ବଲାଙ୍ଗୀର ଅଫିସ, ୧୨।୯

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ୍ ହଲଠାରେ ଗୁରୁବାର ଅପରାହ୍ଣରେ ଜାତିରପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା । ଏହି ଅବସରରେ ଗାନ୍ଧୀ ଦର୍ଶନ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ଆଲୋଚକଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ ମଧୁସୂଦନ ପତି, ଐତିହାସିକ ପ୍ରଫେସର ଡ, ଶିବପ୍ରସାଦ ନନ୍ଦ, ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ମୃତିରଞ୍ଜନ ଧଳ, ରାଜେନ୍ଦ୍ର କଲେଜର ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ, ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ମଞ୍ଚାସୀନ ହୋଇଥିଲେ । ସଭାକୁ କବି ଆନନ୍ଦ କୁମାର ସାହୁ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଆଇଡିଏମ୍ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରମାନେ ଗାନ୍ଧୀ ଦର୍ଶନ ଆଧାରିତ ଏକ ନାଟକ ପରିବେଷଣ କରିଥିଲେ । ସଭାରେ ବକ୍ତବ୍ୟ ରଖି ଜିଲାପାଳ ଡାକୁଆ ଆଧୁନିକ ସମାଜର ବେଗ ବଢ଼ିଛି ଓ ଆବେଗ କମୁଛି ବୋଲି କହିଥିଲେ। ଗାନ୍ଧିଜୀ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଯେତିକି ଗୁରୁତ୍ୱ ଦେଇଥିଲେ ତା ଠୁ ଢ଼େର ଅଧିକ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ ବୋଲି କହିଥିଲେ । ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଗାନ୍ଧୀ ବିଚାର ଉପରେ କହିଥିଲେ । ବୌଦ୍ଧିକତାଠାରୁ ହୃଦୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ତେବେ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ଗାନ୍ଧୀଙ୍କୁ ଅଧିକ ଆଲୋଚନାର ସାମଗ୍ରୀ ନକରି ତାଙ୍କ ବିଚାର ଅନୁଯାୟୀ କାର୍ଯ୍ୟ କଲେ ହିଁ ତାଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ଗୁଜରାଟରୁ ଆସିଥିବା ପ୍ରଫେସର ଧଳ ଗାନ୍ଧୀଙ୍କ ଜୀବନଯାତ୍ରା, ସ୍ୱାଧୀନତା ଆନ୍ଦୋଳନ, ଅର୍ଥନୈତିକ ସ୍ୱାଧୀନତା, ମହିଳା ସଶକ୍ତିକରଣ ଉପରେ କହିଥିଲେ। ଚମ୍ପାରନ୍ ଆନ୍ଦୋଳନର ଗାନ୍ଧୀ, ହିନ୍ଦ୍‌ସ୍ୱରାଜ ଉପରେ ଆଲୋଚନା କରିଥିଲେ । ଇଂରେଜଙ୍କ ଆଧୁନିକ ଯନ୍ତ୍ର ଓ ବସ୍ତୁବାଦୀ ସଭ୍ୟତା ଓ ଗାନ୍ଧୀଙ୍କ ସତ୍ୟାଗ୍ରହ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚକ ପଣ୍ଡା ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ଗୀତା ଦର୍ଶନ ଓ ଅହିଂସା ଉପରେ ଆଲୋଚନା କରିଥିଲେ। ଆଲୋଚକ ପାଣ୍ଡିଆ ଗାନ୍ଧୀ ବିଚାରଧାରା ଓ ସାମ୍ପ୍ରତିକ ସମାଜ ଏବଂ ଆଲୋଚକ ପ୍ରଫେସର ଡ. ନନ୍ଦ ଗାନ୍ଧୀଙ୍କ ଶିକ୍ଷା ଓ ସମାଜବାଦୀ ଚିନ୍ତନ ଉପରେ ଆଲୋଚନା କରିଥିଲେ । ଏହି ସଭାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ମଧ ଗାନ୍ଧୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ଶେଷରେ ଜିଲା ସଂସ୍କୃତି ଅଧିକାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।




ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଗାନ୍ଧୀ ଦର୍ଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବକ୍ତା ।

### ଚାଷୀ ଶିକ୍ଷା ସଚେତନତା ଶିବିର

କଣ୍ଟାବାଞ୍ଜି, ୧୨।୯(ଡି.ଏନ.ଏ.)

କଣ୍ଟାବାଞ୍ଜି ଆରଏମସି.ମୁଖ୍ୟ ବଜାରସ୍ଥିତ ସଭାଗୃହରେ ଚାଷୀ ଶିକ୍ଷା ଓ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି । ଆରଏମସି କଣ୍ଟାବାଞ୍ଜି ଓ ଇ-ନାମର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ଚାଷୀମାନଙ୍କୁ କପା କିପରି ଆଧୁନିକ ପ୍ରଣାଳୀରେ ଚାଷ କରି କିପରି ଅଧିକ ଉତ୍ପାଦନ କରାଯାଇ ପାରିବ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଇ-ନାମ (ନ୍ୟାଶନାଲ ଏଗ୍ରିକଲଚ୍ରାଲ ମାର୍କେଟିଂ) ଜରିଆରେ ବିକ୍ରୟ କଲେ ଚାଷୀ ଶୋଷଣର ଶିକାର ନ ହୋଇ ଉଚିତ ମୂଲ୍ୟ ପାଇ ପାରିବ ସେ ନେଇ ତାଲିମ ଦିଆଯାଇଛି । ଶିବିରରେ ସ୍ଥାନୀୟ ଆରଏମସି ସମ୍ପାଦକ ତୁଷାରକାନ୍ତ ସେଠୀ, ତୁରେକେଲା ସହକାରୀ କୃଷି ଅଧିକାରୀ ରତିକାନ୍ତ ସେଠୀ, ମଣ୍ଡି ଏନାଲିଷ୍ଟ ବିଦ୍ୟାଧର ସାହୁ, ଭିଏଡବ୍ଲୁ ଜୟଦେବ ଖାଣ୍ଡୁଆ ଓ ରବିନ୍ଦ୍ର କୁମାର ସେଠୀ ତାଲିମ ଦେଇଥିଲେ । ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତର ଶତାଧିକ ଚାଷୀ ଶିବିରରେ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ । କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସଚ୍ଚିକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଗଲାପାଲି-ଛେଲବାହାଲ ରାସ୍ତାରେ ଗର୍ତ୍ତ

ଲୋଇସିଂହା,୧୨।୯(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଗଲାପାଲି-ଛେଲବାହାଲ ମୋରୁମ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି । ଏଥିପ୍ରତି ବାଦିବାହାଲ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଏହି ରାସ୍ତାରେ ରାତ୍ରି ସମୟରେ ଯାତାୟାତବେଳେ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି । ସୂଚନାମତେ, ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଆଗଲାପାଲି ହରିଜପଡାରୁ ଛେଲବାହାଲକୁ ଏକ ମୋରୁରମ ରାସ୍ତା ସଂଯୋଗ ରହିଛି। ଆଗଲାପାଲି ହରିଜନପଡାଠାରୁ ମାତ୍ର ଏକଶହ ମିଟର ଦୂରରେ ରାସ୍ତା ଦବି ଯାଇ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଗତ ଅଗଷ୍ଟ ମାସ ୧୨ ଏବଂ ୧୩ ତାରିଖ ଲଗାଣ ବର୍ଷା ହୋଇଥିଲା । ଏହି ସମୟରେ ଉକ୍ତ ରାସ୍ତା ଉପରେ ପାଣି ପ୍ରବାହିତ ହୋଇଥିଲା । ଏବେ ନିୟମିତ ଭାବେ ବର୍ଷା ଲାଗି ରହିଛି। ବୁଧବାର ସକାଳେ ଏହି ସ୍ଥାନାରେ ସାମାନ୍ୟ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଗୁରୁବାର ସେହି ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଦବି ଯାଇ ଦେଢଫୁଟ ଚଉଡା ଏବଂ ଅଢେଇ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଛି। ଦିନବେଳା ମଧ୍ୟ ଦୂରରୁ ଏହି ଗର୍ତ୍ତ ଦେଖାଯାଉ ନାହିଁ। ଗର୍ତ୍ତ ହୋଇଥିଲେ ବି ଏଠାରେ କୌଣସି ସାଙ୍କେତିକ ଚିହ୍ନ ଦିଆଯାଇନାହିଁ । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା କୁମୁଣ୍ଡେ, ରାଣୀସର୍ଡା, ମେଣ୍ଡା, ବିଲେଇସର୍ଡା ଗ୍ରାମର ଲୋକେ ରାତ୍ରି ସମୟରେ ଗଲାବେଳେ ଉକ୍ତ ଗର୍ତ୍ତରେ ପଡିବାର ଆଶଙ୍କା ଏଡାଇ ଦିଆଯାଇ ପାରିବ ନାହିଁ । ଏ ସମ୍ପର୍କରେ ସରପଞ୍ଚ ଉର୍ଦ୍ଦୁଲୀ ଧରୁଆଙ୍କୁ ପଚାରିବାରୁ ଗର୍ତ୍ତ ସଂକ୍ରାନ୍ତରେ ଜାଣି ନ ଥିଲା। ତୁରନ୍ତ ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନିଆଯିବ। ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା କହିଥିଲେ।



ଅଗଲାପାଲି-ଛେଲବାହାଲ ରାସ୍ତାରେ ହୋଇଥିବା ଗର୍ତ୍ତ।

ଗାନ୍ଧୀ ବିଚାର ଉପରେ ଆଲୋଚନା

## ମହିଳା ସଶକ୍ତୀକରଣ, ସ୍ୱାଧୀନତାର ଥିଲେ ବାର୍ତ୍ତାବହ

ବଲାଙ୍ଗୀର ଅଫିସ, ୧୨।୯

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁରୁବାର ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ଓ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜରେ ଗାନ୍ଧୀ ବିଚାର ଉପରେ ଦୁଇଟି ପୃଥକ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହିଳା ମହାବିଦ୍ୟାଳୟରେ କଲେଜ ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ମୃତିରଞ୍ଜନ ଧଳ ଆଲୋଚକଭାବେ ଯୋଗଦାନ କରି ଗାନ୍ଧୀଙ୍କ ବିଚାରଧାରା ଉପରେ ଆଲୋଚନା କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ଯୋଗଦାନ ସମୟରେ ଭାରତୀୟ ମହିଳାମାନଙ୍କ ଦୁଃସ୍ଥିତି ଉପରେ ସେ ଅଧିକ ଚିନ୍ତିତ ହୋଇପଡିଥିଲେ । ଚମ୍ପାରନ୍ ଆନ୍ଦୋଳନ ସମୟରେ କସ୍ତୁରବା ଗାନ୍ଧୀଙ୍କୁ ଯେତେବେଳେ ମହିଳାମାନଙ୍କ ସକ୍ରିୟ ଯୋଗଦାନ ପାଇଁ ଉଦ୍ୟମ କରିବାକୁ କହିଲେ ବସ୍ତ୍ର ଅଭାବରୁ ମହିଳାମାନେ ଘରୁ ବାହାରି ପାରୁ ନ ଥିବା ଜାଣି ଗାନ୍ଧୀ ସଶକ୍ତିକରଣ ଓ ବିଶେଷକରି ଖଦୀ ଆନ୍ଦୋଳନ ଉପରେ ଜୋର ଦେଇଥିବା ସୂଚନା ଦେଇଥିଲେ । ଇଂରେଜମାନଙ୍କ ଗଣତନ୍ତ୍ର ଶାସନ, ଅର୍ଥନୈତିକ ବ୍ୟବସ୍ଥା ଲାଗୁ କରିବା, ବସ୍ତୁବାଦୀ ଚିନ୍ତନ ପଛରେ ଧାଇଁବାକୁ ଗାନ୍ଧିଜୀ ପସନ୍ଦ କରୁ ନ ଥିଲେ । ସେ ବ୍ୟକ୍ତି ସ୍ୱାବଲମ୍ବନ ଓ ଗ୍ରାମସ୍ୱରାଜ ଉପରେ ଗୁରୁତ୍ୱ ଦେଉଥିବା ଉପରେ ପ୍ରଫେସର ଧଳ କହିଥିଲେ । ଆଲୋଚନାରେ ପରାଧିନ ଭାରତର ନାରୀ ଓ ସାମ୍ପ୍ରତିକ ମହିଳାଙ୍କ ସ୍ଥିତିକୁ ନେଇ ଆଲୋଚନା କରିଥିଲେ । ସଭାରେ ଇଂଲିଶ ବିଭାଗ ଅଧାପିକା ଅନୁରାଧା ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ଡ ମନୋଜ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ ଅଧକ୍ଷ ବିନୟ କୁମାର ଜେନାଙ୍କ ଅଧକ୍ଷତାରେ ୧୫୦ ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ବିଚାର ଓ ସଂକଳ୍ପ ଉପରେ ଆଲୋଚନା ହୋଇଥିଲା । ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଧଳ ଏଠାରେ ମଧ ଆଲୋଚକ ଭାବେ ଯୋଗଦାନ କରିଥିଲେ । ଏଠାରେ ପ୍ରଫେସର ଧଳ ଗାନ୍ଧୀ ବିଚାରରେ ଶିକ୍ଷା ଓ ସମାଜ ନିର୍ମାଣ ଉପରେ ଆଲୋଚନା କରିଥିଲେ। ସଭାରେ ପ୍ରାଧ୍ୟାପକ ପବିତ୍ର ମୋହନ ଦେବତା ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ କହିଥିଲେ । ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଏଠାରେ ମଧ ଛାତ୍ରୀଛାତ୍ରମାନେ ଏହି ଗାନ୍ଧୀ ଆଲୋଚନା ସଭାରେ ସକ୍ରିୟ ଭାଗ ନେଇଥିଲେ ।




ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଗାନ୍ଧୀ ବିଚାର କାର୍ଯ୍ୟକ୍ରମରେ ଗୁଜରାଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ସ୍ମୃତିରଞ୍ଜନ ଧଳ ବକ୍ତବ୍ୟ ରଖୁଛନ୍ତି ।

### ଲେଡି ଲୁଇସ୍ ଗାର୍ଲ୍ସ ସ୍କୁଲରେ ସ୍ୱଚ୍ଛତା ପ୍ରଦର୍ଶନୀ

ସମ୍ବଲପୁର, ୧୨।୯ (ବ୍ୟୁରୋ)

ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ ପରିସରରେ ଗୁରୁବାର ସ୍ୱଚ୍ଛତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନାରେ ପ୍ରଦର୍ଶନୀ ହୋଇଥିଲା ।

## ବେଲପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ବେଲପଡା, ୧୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ୭୬ ତମ ଦୁର୍ଗାପୂଜା ପାଇଁ ଦୁର୍ଗାମଣ୍ଡପଠାରେ ଏକ ବୈଠକ ବସି ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ଚଳିତ ବର୍ଷ ପଜାକୁ ଆକର୍ଷଣୀୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଭାବେଶଙ୍କରପ୍ରସାଦଜୈନ,ଉପସଭାପତି ଆଲୋକ ବେହେରା, ପ୍ରଦୀପ ସାହୁ , ପ୍ରଦୀପ କୁମାର ବୁଡେକ, ପ୍ରେମ ଚାନ୍ଦ ପୁଟେଲ, ସମ୍ପାଦକ ପୃଥ୍ୱୀରାଜ ଜୈନ, ସହ ସମ୍ପାଦକଭାବେ ପିଣ୍ଟୁ ଜୈନ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟିରେ ରାକେଶ ବାହୁକ, ବନମାଳୀ ହଂସ, ମାଟୁ ମେହେର, ହରିଶ ବୁଡେକ, ଜନାର୍ଦ୍ଦନ ସିଂ, ଡମନା ନାଏକ, କୈଳାସ ମେହେର, ଯୁଗଳ ବିଶି, ସଦାଶିବ ମେହେର, ଅରକ୍ଷିତ ସାହୁଙ୍କୁ ରଖାଯାଇଛି।

## ସ୍ୱାସ୍ଥ୍ୟ ଶିବିର: ୧୨୯ ମାନସିକ ରୋଗୀ ଚିହ୍ନଟ

ଖପ୍ରାଖୋଲ, ୧୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାନସିକ ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲା ମାନସିକ ରୋଗୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା.ସୁଖିଶ୍ୟାମ ତ୍ରିପାଠୀ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ମନୋବିଜ୍ଞାନ ଆସିଷ୍ଟାଣ୍ଡ ପ୍ରଫେସର ଡା. ଆଶୀର୍ବାଦ ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଉତ୍କଳମଣି ମେହେର ପ୍ରମୁଖ ରୋଗୀଙ୍କ ମାନସିକ, ଶାରୀରିକ ପରୀକ୍ଷା କରିବା ସହିତ ପରାମର୍ଶ ଏବଂ ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି ଅବସରରେ ୧୭୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୧୨୯ ଜଣ ମାନସିକ ଦୁର୍ବଳ ରୋଗୀ ଚିହ୍ନଟ ହୋଇଥିବା ଜଣାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ, ଡା.ମୀନତୀ ହେମ୍ବ୍ରମ୍, ଫାର୍ମାଶିଷ୍ଟ ମନୋରଞ୍ଜନ ସାହୁ, ଶ୍ରୀଧର ନାଗ, ଏନସିଡି ପରାମର୍ଶଦାତା ମିତାରାଣୀ ଦାଶ, ହେଲ୍‌ଥ ସୁପରଭାଇଜର ନାରାୟଣ ପଧାନୀ,ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ଭୋଇ, ଅମିତାଭ ଠାକୁର, ବୁଲୁ ପଣ୍ଡା ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ , ଆଶା କର୍ମୀ ସହଯୋଗ କରିଥିଲେ।



ଶିବିରରେ ରୋଗୀସେବା କରାଯାଉଛି।

## ଶୈବ, ଶାକ୍ତ ପୂଜାର ଚିନ୍‌ହାଁ: ନାଗ୍‌ବାଚା

ବିନିକା,୧୨।୯(ଡି.ଏନ୍.ଏ.)

ଆମର ପୁରାଣ, ଶାସ୍ତ୍ରମାନକେ ଅନେକ ପୂଜାପାଠ୍, ତନ୍ତ୍ରମନ୍ତ୍ର ବାବ୍‌ଦେ ବରନନ୍ ରହିଛେ। ସେନ୍‌ତା ଆୟୁର୍ବେଦରେ ଅନେକ ରୋଗ୍‌ର ନିଦାନ୍ ସଂଗେ ସାଁପ୍, କଁଟିଆ, ବିଷାନ୍ ପୋକ୍ ଚାବ୍‌ଲେ ତାର ପରତିକାର ଲାଗି ଚେରମୂଳିର ବାବ୍‌ଦେ ବରନନ୍ ରହିଛେ। ଆଘୋ କାଲେ ଲୋକ୍ ରୋଗ୍ ଲାଗି ଆୟୁର୍ବେଦ୍, ସଁପ୍, କଁଟିଆ ଚାବ୍‌ଲେ ଫୁକାଝରା, ଗୁନିଗାରେଡି, ଚେରମୂଳିର ସାହାଯ୍ ନେଉଥିଲେ। ହେଲେ ଆଏଜ୍‌କାଲି ଇ ବୈଜ୍ଞାନିକ ଯୁଗେ ଇ ସବୁର ଗୁରୁତ୍ କମିଗଲାନ। କାଁ ଭାଁ ଗାଁଗଁଡ଼ାମାନକେ ଚେରମୂଳି ଚିକିଛା, ଫୁକାଝରା, ଗୁନିଗାରେଡି ଦେଖିବାକେ ମିଲୁଛେ। ନାଗ୍‌ବାଚା ପୂଜା ହେଉଛେ ଇ ପରମ୍ପରାର ଗୁଟେ ଚିନ୍‌ହାଁ ଆଏ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ବାଙ୍କିଘିର୍ଡି ଗାଁରେ ଆଏଜ୍‌କେ ୬୦ ବଛର ହେଲା ନାଗ୍‌ବାଚା ପୂଜା ହେଇଆସୁଛେ। ଫିବଛର ଲେଖେଁ ଗଲା ବୁଧୁବାର ଇ ପୂଜାର ମୂଳ ହେଇଛେ। ଇ ପରମ୍ପରାଟା ଶୈବ ଆର ଶାକ୍ତ ଉପାଶନାର ଆଧାରଥି ରହିଛେ। ନାଗ୍‌ବାଚା ପୂଜା କଡ଼ା ନୀତିନିୟମଥି ପାଲନ୍ ହେସି। ପୂଜା ମୂଳ କରବାର ଆଗରୁ ଭକତ୍‌ମାନେ ବଜାଗଜା ବଜେଇ ବୁଧୁବାର ଗୁରୁ ବରନ୍ କରିଥିଲେ। ଗୁରୁବରନ ଉତାରୁ ନାଗବାଚା ଦେଉଲ ଆଘେ ଭକତ୍‌ମାନେ ପହେଲା ଗୁରୁଙ୍କର ଗୋଡ଼ ଧୁଇ ପୂଜା କରିଥିଲେ। ପଛେ ଗୁରୁ ସମଲେଇଙ୍କର ଶାଲକା ବାଡ଼ିର ପୂଜା କରବାର ସଂଗେ ଶିବ ବରନ୍ ଲାଗି ସିଂଘିଯୁବା ପଁଚେତ୍‌ର ଖଇରମାଲ ଗାଁର ମନ୍ଦିରକେ ଯାଇଥିଲେ। ବରନ୍ ହେଇ ଆସିଥିବାର ଶିବକୁଁ ପହେଲା ଗାଁ ଖୁଲିରେ ପୂଜା କରାଯାଇଥିଲା। ଯେନ୍‌ଟାକେ ଦେଶୀ ଭାଷାରେ ଡାଁଡ୍ ପୂଜା ବଲି କୁହାଯାଏସି। ପଛେ ଶିବକୁଁ ନାଗ୍‌ବାଚା ଦେଉଲେ ବିଜେ କରି ପୂଜାପାଠ୍ କରାଯାଇଥିଲା। ଗୁରୁ ଉପାସୀ ଭକତ୍‌ମାନକୁ ଥାଲ ଧରେଇ ମନ୍ତ୍ର ପଢ଼ି ତାକର ଦିହେ ଦେବ୍‌ତା ଭରେଇଥିଲେ। ଇ ସମିଆରେ ଗାଁର ଅନେକ ଲୋକ୍ ନିଜର ମାନ୍‌ସିକ୍ ପୂରନ୍ ଲାଗି ଦେବ୍‌ତା ଭରିଥିବାର ଭକତ୍‌ମାନକର ଆଘେ ପାଲ୍ ପଡ଼ିଥିଲେ। ସେନ୍‌ତା ଗୁରୁବାର ଝାରପୂଜା ହେଇଥିଲା। ଇ ପୂଜାର ଲାଗି ଗୁରୁଙ୍କର ସଂଗେ ଭକତ୍‌ମାନେ ଜଂଗଲକେ ଯାଇ ଶିବ, ଗଣେଶ ଆର ଚଉଷଠି ଯୋଗିନୀଙ୍କର ପୂଜା କରବେ। ସେଠାନେ ପୂଜା ଉତାରୁ ଗୁରୁ ଭକତ୍‌ମାନକୁ ସାଁପ୍ ଗରଲ ଖୁଆବାର ସଂଗେ ଯୋଗିନୀମାନକରନେ କୁକ୍‌ରା, ବୁକାଗର୍‌ରା ବଲି ଦେବେ। ସଭେ ରସାଦ ସେବନ କରି ଜଂଗ୍‌ଲେ ରାଏତ୍ କଟାବାର କାୟକରମ ରହିଛେ। ଇ ପୂଜା ସମିଆରେ ଭକତ୍‌ମାନେ ତଲେ ଶୁଇବାର ସଂଗେ ଝାରପୂଜା ନାଇଁ ସରବାର ତକ୍ ଉପାସେ ରହେବାର କଡ଼ା ନିୟମ ରହିଛେ। ଚଲ୍‌ତି ବଛର ଇ ପୂଜାରେ ଗୁରୁ ହିସାବେ ରୁଦ୍ର ଘିବିଲା, ପୂଜା ପରିଚାଲକ୍ ହିସାବେ ଟିକେଶ୍ୱର ପୁଟେଲ, ହୃଷୀକେଶ ସେଠ୍, ତଷୋବନ୍ତ ପୁଟେଲ ପରମୁଖ ରହିଥିଲେ। ସେନ୍‌ତା ଉପାସୀ ଭକତ୍ ହିସାବେ ଟିହିଲୁ ଭୁଏ, ଠିବୁ ପୁଟେଲ, ବୁଟୁରୁ ଯୁଆଡ଼ି, କୀର୍ତ୍ତନ୍ୟ ନାଗ୍, ବାବାଜୀ ଦାସ, ନିର୍ମଳ ସେଠ୍ ଆର ଘନ ପୁଟେଲ ପରମୁଖ ୧୦୦ରୁ ଅଧିକା ଭକତ୍ ରହିଥିଲେ।



ଶିବ ବରନ୍ ଉତାରୁ ଡାଁଡ୍ ପୂଜା କରାଯାଉଛେ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

■ ଅଧ୍ୟାପକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

### ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ସମ୍ବଲପୁର/ପଡିଆବାହାଲ, ୧୨।୯ (ବ୍ୟୁରୋ):** ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜର ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କ ହତ୍ୟା ଘଟଣାରେ ପୋଲିସ ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ମୁରା ଗ୍ରାମର ଦୁଃଖନାଶନ ବାଗଙ୍କୁ ପୋଲିସ ଗିରଫ କରିଛି। ଅଧ୍ୟାପକ ହୃଦାନନ୍ଦଙ୍କୁ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିବା ସହ କିଭଳି ଭାବେ ହତ୍ୟା କରିଥିଲେ ତାହା ମଧ ବୟାନ ଦେଇଛନ୍ତି। ପୋଲିସ କହିବା ଅନୁସାରେ ମୋବାଇଲ ଫୋନ୍ ପାଇଁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଛନ୍ତି। ଘଟଣା ଦିନ ରାତିରେ ଅଭିଯୁକ୍ତ ଦୁଃଖନାଶନ ଅଧ୍ୟାପକଙ୍କ ପାଖକୁ ଆସିଥିଲେ। ଅଧ୍ୟାପକଙ୍କ ଏକ ଦାମୀ ନୂଆ ମୋବାଇଲ ଦେଖି ତାଙ୍କର ଲୋଭ ହୋଇଥିଲା। ଏହାକୁ ନେବାକୁ ହିଁ ସେ ଅଧ୍ୟାପକଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ହେଲେ ପୋଲିସର ଏହି ସଫେଇ ସହଜେ ଗ୍ରହଣୀୟ ହେଉ ନାହିଁ। ନିଶ୍ଚୟ ଏହା ପଛରେ ସଲାସୁତୁରା କରାଯାଇଥିବା ସନ୍ଦେହ ରହୁଛି। ତେବେ ଅଭିଯୁକ୍ତଙ୍କ ନିକଟରୁ ଚୋରି ମୋବାଇଲ ଫୋନ୍ ସହ ସ୍କୁଲରୁ କିଛି ଦୂରରେ ପଡିଥିବା ମୋବାଇଲ ଫୋନ୍ ଖୋଳ ମଧ ଜବତ ହୋଇଛି।

■ ଆର୍‌ଜିଏଚ୍ ପ୍ରତି ସରକାରୀ ଅବହେଳାକୁ ନେଇ ଅସନ୍ତୋଷ

# ଛାତ୍ର କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ, ୧୨।୯**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପ୍ରତି ରାଜ୍ୟ ସରକାରଙ୍କ ବାରମ୍ବାର ଅବହେଳା ପ୍ରଦର୍ଶନକୁ ନେଇ ଜାତୀୟ ଛାତ୍ର କଂଗ୍ରେସ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ସ୍ଥାନୀୟ ଏସ୍‌ଟିଆଇ ଛକ ଠାରେ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଏକ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦୀର୍ଘ ଦିନ ହେଲା ରାଉରକେଲା ସରକାରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲେ ମଧ ଆଜି ପର୍ଯ୍ୟନ୍ତ ରାଜ୍ୟର ନବୀନ ସରକାର କୌଣସି ସମସ୍ୟାର ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହି ଡାକ୍ତରଖାନା ଉପରେ ରାଉରକେଲା, ସୁନ୍ଦରଗଡ଼ ଏବଂ ଝାଡ଼ଖଣ୍ଡର ବହୁ ଗରିବ ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ। ତେବେ ଉନ୍ନତ ସେବା ମିଳୁ ନ ଥିବାରୁ ନିରାଶ ହୋଇ ଫେରିଯାଉଛନ୍ତି। ଡାକ୍ତରଖାନାରେ ୭୪ ଡାକ୍ତର ପଦବୀ ଥିବା ବେଳେ ବର୍ତ୍ତମାନ ୩୪ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କ ଅଭାବରୁ ରୋଗୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ତୁରନ୍ତ ଡାକ୍ତରଖାନାରେ ଖାଲିଥିବା ସମସ୍ତ ପଦବୀ ପୂରଣ ପାଇଁ ଛାତ୍ରକଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ମାତୃଶିଶୁ କେୟାର ହସପିଟାଲ ପାଇଁ ଆସିଥିବା ୧୫କୋଟି ଟଙ୍କା ବିନିଯୋଗରେ ନିର୍ମିତ ହୋଇଥିବା ୫ମହଲା କୋଠା ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଗତ ୨୦୦୦ ମସିହା ପୂର୍ବରୁ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୧୨୮କୁ ବୃଦ୍ଧି କରାଯାଇଥିବାବେଳେ ଗତ ୧୯ବର୍ଷ ଧରି ରାଜ୍ୟକୁ ଶାସନ କରୁଥିବା ବିଜେଡି ସରକାର ଗୋଟିଏ ହେଲେ ଶଯ୍ୟା ବୃଦ୍ଧି କରିନାହାନ୍ତି। ଏହା ସହ ଏହି ଡାକ୍ତରଖାନାରେ ସିଟି ସ୍କାନ, ଏମ୍‌ଆର୍‌ଆଇ, ଅଲଟ୍ରା ସାଉଣ୍ଡ ଇତ୍ୟାଦି ସୁବିଧା ଉପଲବ୍ଧ ହେଉନାହିଁ। ସରକାରଙ୍କ ମହାପ୍ରଣାୟ ହସପିଟାଲରେ ପରିସର ଭିତରେ ବ୍ୟାଟେରି ଚାଳିତ ଆମ୍ବୁଲାନ୍ସ ସେବା ପ୍ରହସନରେ ପରିଣତ ହୋଇଛି। ଏହାସହ ପାଥୋଲୋଜି ପରୀକ୍ଷା, ସଫେଇ ଓ ସୁରକ୍ଷା ଇତ୍ୟାଦିକୁ ସରକାର ଘରୋଇକରଣ କରିବା ମସୁଧା କରୁଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଏଥିସହିତ ଡାକ୍ତରଖାନାରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀମାନେ ଗତ ୩ମାସ ହେଲା ଦରମା ନ ପାଇ ଆନ୍ଦୋଳନ କରୁଛନ୍ତି। ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ନାୟକ ଡାକ୍ତରଖାନା ତଥା କର୍ମଚାରୀଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରିବା, ଅନ୍ୟତ୍ର ବଦଳି କରିବା ଧମକ ଦେବା ଏବଂ ଡ୍ରେସିଂ ରୁମରେ ପଶି ରୋଗୀଙ୍କୁ ଡ୍ରେସିଂ କରିବା ଘଟଣାକୁ ଛାତ୍ର କଂଗ୍ରେସ ଦୃଢ଼ ନିନ୍ଦା କରିଛି। ତେବେ ରାଉରକେଲା ଡାକ୍ତରଖାନାର ସମସ୍ୟା ଗୁଡ଼ିକର ସମାଧାନ କରା ନ ଗଲେ ନିୟମିତ ବ୍ୟବଧାନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଏହାସହ ଡାକ୍ତରଖାନା ପ୍ରତି ଚରମ ଅବହେଳା ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରି, ସନ୍ତୋଷ ବିଶ୍ୱାଳ, ଶଙ୍କର ଅଗ୍ରୱାଲ, ଯୁବନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିୟାର ସିଂ, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି, ସେବାଦଳ ସଙ୍ଗଠନ ବିନୋଦ ରାଉତ, ପିସିସି ସଭ୍ୟା ଜ୍ୟୋତି ଡୁଙ୍ଗଡୁଙ୍ଗ, ଜିଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ପ୍ରମୋଦ ପ୍ରଧାନ, କୈଳାସ ସାହୁ, ଦୀପକ ବନାଇକ, ଦେବାଶିଷ ଖଟେଇ, ବାବୁ ବିଶ୍ୱାଳ, ସାକିର ହୁସେନ, ଛାତ୍ରନେତା ସଦାବ ଅହମଦ, ଟିଙ୍କୁ ସାହୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।



ଛାତ୍ର କଂଗ୍ରେସ ପକ୍ଷରୁ ଏସ୍‌ଟିଆଇ ଛକରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କଂଗ୍ରେସ ନେତୃବୃନ୍ଦ।

## ସାମାଜିକ ଗଣମାଧ୍ୟମରେ ପ୍ରଭାତଙ୍କ ମନ୍ତବ୍ୟ ନେଇ ପରିସ୍ଥିତି ସରଗରମ

**ରାଉରକେଲା ଅଫିସ, ୧୨।୯**

ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ସମସ୍ୟା ନେଇ ଗୁରୁବାର ଛାତ୍ର କଂଗ୍ରେସ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ବୀରମିତ୍ରପୁର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ଓ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଉପସ୍ଥିତ ଥିଲେ। ଏଥିରେ ସରକାରୀ ଡାକ୍ତରଖାନା ସମମ୍ୟା ନେଇ ସରକାର, ବିଭାଗୀୟ ମନ୍ତ୍ରୀ, ବିଧାୟକଙ୍କୁ ସମାଲୋଚନା କରାଯାଇ ଥିଲା। ଏପଟେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ)ରେ ଯେଉଁ ଭଳି ବିରୋଧିଙ୍କୁ ସମାଲୋଚନା କରିଛନ୍ତି ତାହା ସରଗରମ ପରିସ୍ଥିତି ସୃଷ୍ଟି କରିଛି। ସେ କହିଛନ୍ତି ଯେ, ଯେଉଁମାନେ ଏଭଳି ବିରୋଧରେ ମାତିଛନ୍ତି ସେମାନେ ସମାଜ ବିରୋଧି, ପେଶାଦାର ଅପରାଧି। ନିଜ ସ୍ଥିତି ବଞ୍ଚାଇବାକୁ ଏମାନେ ଏଭଳି ଆନ୍ଦୋଳନ କରୁଛନ୍ତି ବୋଲି ମହାପାତ୍ର ସୋସିଆଲ ମିଡିଆରେ ମତ ଦେଇଛନ୍ତି। ସାଧାରଣରେ ନିଜ ଭାବମୂର୍ତ୍ତି ବଞ୍ଚାଇ ରଖିବାକୁ ଏହା ଏକ ହୀନ ପ୍ରୟାସ ମାତ୍ର। ଏହା ଦ୍ୱାରା ରାଉରକେଲା ସରକାରୀ ଡାକ୍ତରଖାନାର ଉନ୍ନତି ହେବ ନାହିଁ । କେବଳ ନେତା ଏହାର ଫାଇଦା ନେଉଛନ୍ତି। ଅଫିସରଙ୍କୁ ମୁହଁ ଦେଖାଇବା, ନିଜ ପ୍ରତିଷ୍ଠା ପ୍ରତିପାଦନ କରିବା ବ୍ୟତିରେକ ଅନ୍ୟ କିଛି ମୂଲ୍ୟ ନାହିଁ ବୋଲି ମହାପାତ୍ର ସୋସିଆଲ ମିଡିଆରେ ନିଜ ରାଗ ଉଖାଳିଛନ୍ତି। ତେବେ ଏହା ସେ କାହାକୁ ଇଙ୍ଗିତ କରି କହିଛନ୍ତି, ସେକଥା ସ୍ପଷ୍ଟ କରି ନ ଥିଲେ ବି ତାଙ୍କ ମନକଥା ଲୋକେ ସହଜରେ ବୁଝି ପାରୁଛନ୍ତି। ଆଗକୁ ଏହା କଂଗ୍ରେସ ଦଳ ଭିତରେ କେଉଁ ରୂପ ନେବ ତାହା ଖୁବ ଶିଘ୍ର ଜଣାପଡିବ ଏମିତି ଆଲୋଚନା ଶୁଣାଯାଇଛି।



ଭାରତୀୟ ଯୁବ ସଂଘ ପକ୍ଷରୁ ନୂତନ ଏସ୍‌ପିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

# ବିଭିନ୍ନ ପ୍ରସଙ୍ଗରେ ଯୁବସଂଘ ନେତାଙ୍କ ସହ ଆରକ୍ଷୀ ଅଧୀକ୍ଷକଙ୍କ ଆଲୋଚନା

**ରାଉରକେଲା ଅଫିସ, ୧୨।୯**

ଅଖିଳ ଭାରତୀୟ ଯୁବ ସଂଘ ପକ୍ଷରୁ ଗୁରୁବାର ନୂଆ ଆରକ୍ଷୀ ଅଧୀକ୍ଷକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ପ୍ରଥମେ ଭାରତୀୟ ଯୁବ ସଂଘ ପକ୍ଷରୁ ନୂତନ ଏସ୍‌ପିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଯୁବ ସଂଘର ରାଜ୍ୟ ସଭାପତି ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ଏସପି କେ.ଶିବା ସୁବ୍ରମଣିଙ୍କ ଦୃଷ୍ଟି ଆକର୍ଷଣ କରି ରାଉରକେଲାର ଟ୍ରାଫିକ ସମସ୍ୟା ଓ ଷ୍ଟ୍ରିଟ ରୋମିଓଙ୍କ ଉତ୍ପାତ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ମହିଳା ସୁରକ୍ଷା ପ୍ରସଙ୍ଗ ଉଠିବା ସହ ବେଆଇନ ମଦ କାରବାର ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ସରକାରୀ ମଦ ଦୋକାନ ବ୍ୟତୀତ ସହରର ଅନେକ ସ୍ଥାନରେ ବେଆଇନ ମଦ ବିକ୍ରି ଯୁବ ଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରୁଛି ବୋଲି ଏଥିରେ କୁହାଯାଇଥିଲା। ସେହିଭଳି ବିଦ୍ୟାଳୟ ଯିବା ସମୟରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିବାକୁ ଅନୁରୋଧ କରାଯାଇ ଥିଲା। ଏ ଦିଗରେ ନିଶ୍ଚିତ ଭାବେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ସୁବ୍ରମଣି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ସାହୁଙ୍କ ବ୍ୟତୀତ ଭାଗ୍ୟଧର ରାଉତ, ପଚାନନ ସୁନା, ବାପି ବେହେରା, ଜେପି ମୁର୍ମୁ, ଛାୟାକାନ୍ତ ସେନାପତି, ଗୁରୁଚରଣ ଖୁଣ୍ଟିଆ, କାର୍ତ୍ତିକ ନାୟକ ଓ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷେଧକ ଟିକା ନେଇ ଛାତ୍ର ମୃତ୍ୟୁ ଅଭିଯୋଗ

**ରାଉରକେଲା ଅଫିସ, ୧୨।୯**

ଡିପଥେରିଆ ଇଞ୍ଜେକ୍‌ସନ ନେଇ ଗୁରୁବାର ସେକ୍ଟର-୬ କଲ୍ୟାଣୀ ବସ୍ତି ଅଞ୍ଚଳର ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କ ନାଁ ଶୁମନଜିତ ପ୍ରଧାନ(୧୦)। ସେ ସ୍ଥାନୀୟ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ବୋଲି କୁହାଯାଇଛି। ସେକ୍ଟର-୭ ଥାନା କର୍ତ୍ତୃପକ୍ଷ ଏନେଇ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ ଶରୀର ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଶୁଣିବାକୁ ମିଳିଛି ଯେଉଁ ଗୁରୁବାର ସକାଳେ ଛାତ୍ର ଜଣଙ୍କୁ ବିଦ୍ୟାଳୟରେ ଏହି ଇଞ୍ଜେକ୍‌ସନ ଦିଆଯାଇଥିଲା। ସନ୍ଧ୍ୟାରେ ସେ ଅସୁସ୍ଥ ହୋଇପଡିଥିଲେ। ପରେ ତାଙ୍କୁ ଆଇଜିଏଚ ନେବା ବାଟରେ ମୃତ୍ୟୁ ଘଟିଥିଲା। ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ଶୁମନଜିତକୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ମୃତ ଶରୀର ଗ୍ରହଣ କରାଯାଇ ନ ଥିବା ଜଣାଯାଇଛି।

■ ସୁନ୍ଦରଗଡ଼ ଜିଲା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ଏଜେଣ୍ଟଙ୍କ କଳାକାରନାମା

# ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କା ହଡ଼ପ

**ରାଉରକେଲା ଅଫିସ, ୧୨।୯**

ସୁନ୍ଦରଗଡ଼ ଜିଲା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ସେକ୍ଟର -୧୬ ଓ ୧୮ର ପ୍ରାୟ ୧୬ଜଣ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି। ଏ ନେଇ ସ୍ଥାନୀୟ ବ୍ୟବସାୟୀ ରାଜେଶ ପ୍ରସାଦ ଓ ଅନ୍ୟମାନେ ସେକ୍ଟର-୧୫ରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ସୁନ୍ଦରଗଡ ଜିଲା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଏକ ଶାଖା ଉଦିତନଗରଠାରେ ରହିଛି। ଏହି ଶାଖାରେ ବାସନ୍ତୀ କଲୋନୀରେ ରହୁଥିବା ରାଜେନ୍ଦ୍ର ଲେଙ୍କା ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ତେବେ ରାଜେନ୍ଦ୍ର ସେକ୍ଟର-୨୦ ଆଜାଦ ବସ୍ତିରେ ରହୁଥିବା ଧୀରେନ ମହାନ୍ତିଙ୍କୁ ଦୈନିକ କଲେକ୍ସନ ପାଇଁ ନିୟୋଜିତ କରିଥିଲେ। ଯାହାଫଳରେ ସେକ୍ଟର-୨୦ ଓ ୧୬ ଡେଲି ମାର୍କେଟରେ ଦୋକାନ କରିଥିବା

**ଥାନାରେ ଅଭିଯୋଗ**

ବ୍ୟବସାୟୀମାନେ ଧିରେନଙ୍କୁ ଦୀର୍ଘ ୧୨ମାସ ହେଲା କଲେକ୍ସନ ଦେଉଥିଲେ। ତେବେ ୧୨ ମାସ ବିତିବା ପରେ ବ୍ୟବସାୟୀମାନେ ଧିରେନଙ୍କୁ ଜମାଖାତା ବନ୍ଦ କରିବା ସହ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଠିକ ସେହିଦିନ ଠାରୁ ଧିରେନ କୁଆଡେ ଫେରାର ହୋଇଯାଇଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ପରେ ବ୍ୟବସାୟୀମାନେ ଧିରେନ ବିଷୟରେ ଅନୁସନ୍ଧାନ କରିଥିଲେ। ପରେ ଜାଣିବାକୁ ପାଇଥିଲେ ଯେ ସେ ପ୍ରକୃତରେ ଏଜେଣ୍ଟ ନୁହଁନ୍ତି। ସେ ରାଜେନ୍ଦ୍ର ଲେଙ୍କା ନାମକ ଜଣେ ଏଜେଣ୍ଟଙ୍କ ଅଧିନରେ କାର୍ଯ୍ୟକରୁଥିବା ଜାଣିବାକୁ ପାଇଥିଲେ। ଏଥିସହିତ ଧିରେନ ସେକ୍ଟର-୧୮ର ବ୍ୟବସାୟୀ ରାଜେନ୍ଦ୍ର ପ୍ରସାଦଙ୍କ ଠାରୁ ୭୨ହଜାର, ସୀମା ଚୌଧୁରୀ ୬ହଜାର, ତାପସ ଘୋଷଙ୍କ ଠାରୁ ୩୫ଶହ, ସଞ୍ଜୟ ଦାସ ୫୩ଶହ, ରାମଚନ୍ଦ୍ର ନାୟକ ୧୮ହଜାର, ଶିବପ୍ରସାଦ ପ୍ରଧାନ ୮ଶହ, ଜୟଦେବ ମହାରଣା ୨୦ହଜାର ୭ଶହ, କବୀର ପଣ୍ଡା ୨୬ହଜାର, ବିଶାଳ ସାଣ୍ଡିଲ ୬ହଜାର, ଲକ୍ଷ୍ମୀଧର ସାହୁ ୭ହଜାର ୫ଶହ, ଶମ୍ଭୁ ସିଂ ୯ହଜାର ୨ଶହ, ସେକ୍ଟର-୧୬ର ଶଙ୍କର ଇଣ୍ଡୱାର ୧୩ହଜାର ଟଙ୍କା, ଅଞ୍ଜନ ବାରିକ ୬ହଜାର ଟଙ୍କା ସହ ଅନ୍ୟ ବ୍ୟବସାୟୀମାନଙ୍କ ଠାରୁ ମଧ ସଂଗ୍ରହ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସେକ୍ଟର-୧୫ରେ ବ୍ୟବସାୟୀମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ହେଲେ ମାମଲା ରୁଜୁ ହୋଇନାହିଁ। ସୁନ୍ଦରଗଡ଼ ଜିଲା ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ) ସୁରେଶ ଦାସ କହିଛନ୍ତି, ଧୀରେନ ମହାନ୍ତି ନାମକ କୌଣସି ଏଜେଣ୍ଟ ବ୍ୟାଙ୍କ ତରଫରୁ ନାହାନ୍ତି। ବ୍ୟାଙ୍କରେ ଥିବା ଏଜେଣ୍ଟମାନଙ୍କ ଜରିଆରେ ଜମା ସଂଗ୍ରହ ବ୍ୟବସ୍ଥା ଓ ସଙ୍ଗେ ସଙ୍ଗେ ମେଶିନରୁ ବାହାରୁ ଥିବା ରସିଦ ପାଇବାର ବ୍ୟବସ୍ଥା କରାଯାଇଛି।

## ଅପରାହ୍ନରେ ବିଜୁଳିର ଲୁଚକାଳି ଖେଳ

**ରାଉରକେଲା ଅଫିସ,୧୨। ୯-୨:** ସେକ୍ଟର-୩ ଅଞ୍ଚଳରେ ଗତ କିଛି ଦିନ ହେବ ବିଜୁଳିର ଲୁଚକାଳି ଖେଳ ସ୍ଥାନୀୟ ବାସିନ୍ଦାଙ୍କୁ ଅତିଷ୍ଠ କରିଛି। ବୁଧବାର ଓ ଗୁରୁବାର ଅପରାହ୍ନରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରିବା ଅଭିଯୋଗ ହୋଇଛି। ଅପରାହ୍ନ ୨ଟାରୁ ଏହି ଲୁଚକାଳି ଖେଳ ରାତି ୮ଟା ପର୍ଯ୍ୟନ୍ତ ଜାରି ରହୁଛି। ଏପରିକି ଏହି ସମୟ ମଧ୍ୟରେ ୧୦ଥର ବିଜୁଳିର ଲୁଚକାଳି ଖେଳ ଦେଖିବାକୁ ମିଳିଛି। ଲୋକେ ପ୍ରବଳ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ବି ଉତ୍ତର ମିଳୁନି। କେବେ ସୁଦ୍ଧା ଏହି ସମସ୍ୟା ସୁଧୁରିବ ସେନେଇ କାହା ପାଖରେ ଉତ୍ତର ନାହିଁ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଫୋନ ଉଠାଇବାକୁ ଡରିଲେଣି ଅଧିକାରୀ

**ରାଉରକେଲା ଅଫିସ,୧୨।୯**

ଦରକାର ବେଳେ ଫୋନ ଉଠାଉ ନାହାଁନ୍ତି ସରକାରୀ ଅଧିକାରୀ। ଅଭିଯୋଗର ଉତ୍ତର ଦେବାକୁ ଡରୁଛନ୍ତି। ଏହି ରୋଗ କେବଳ ଗୋଟିଏ ବିଭାଗରେ ସୀମିତ ହୋଇ ରହି ନାହିଁ। ସାଧାରଣ ପ୍ରଶାସନ ଠୁ ନେଇ ପୋଲିସ ବିଭାଗ ପର୍ଯ୍ୟନ୍ତ ସବୁଠି ଏକା ପ୍ରକାର ସମସ୍ୟା। କୌଣସି ସୂଚନା ପାଇବାକୁ ଆଗ୍ରହ ପ୍ରକାଶ କଲେ ବିଫଳ ହେବାକୁ ପଡୁଛି। ପରିସ୍ଥିତି ଏମିତି ହୋଇଛି ଯେ ସୂଚନା ଦେଇ ଅଡୁଆରେ ଫସିବାକୁ ଚାହୁଁନାହାଁନ୍ତି ଅଧିକାରୀ। ଯଦି କେହି ଫୋନ ଉଠାଉଛନ୍ତି, ସେ ନିଜେ ଉତ୍ତର ନ ଦେଇ ଉପରିସ୍ଥ ଅଧିକାରୀଙ୍କ ଉପରେ ବୋଝ ଲଦିବାକୁ ପରୋକ୍ଷରେ ଇଙ୍ଗିତ କରୁଛନ୍ତି। ଏହା କେବଳ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ରରେ ସୀମିତି ହୋଇ ରହି ନାହିଁ। ଏହି ବେମାର ଉଣା ଅଧିକ ରାଜନେତାଙ୍କ ଠି ଦେଖିବାକୁ ମିଳୁଛି। ସନ୍ଧ୍ୟାରେ ଏମାନଙ୍କୁ ଫୋନ କଲେ ରାତି ୧୧ଟା ପରେ ଉତ୍ତର ମିଳୁଛି। ରାଉରକେଲା ସହରର ଅଧିକାଂଶ ଥାନା ଅଧିକାରୀ ଅପରାଧ ସଂକ୍ରାନ୍ତୀୟ କୌଣସି ଉତ୍ତର ଦେଉ ନାହାଁନ୍ତି। ସବୁ କଥାରେ ଉପରିସ୍ଥ ଅଧିରୀଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ବ୍ୟସ୍ତତା ଭିତରେ ରହୁଥିବା ସମ୍ପୃକ୍ତ ଅଧିକାରୀ ସବୁବେଳେ ସମୟ ଦେବା ସମ୍ଭବ ନୁହେଁ। ଯେଉଁମାନେ ଫୁରସତରେ ରହୁଛନ୍ତି ସେମାନେ ବି ପ୍ରଶ୍ନର ଉତ୍ତର ଦେବାକୁ କୁନ୍ଥ କୁନ୍ଥ ହେଉଛନ୍ତି। ଏହା କେବଳ ଗୋଟିଏ କି ଦୁଇଟି ଦପ୍ତର ଭିତରେ ସୀମିତ ହୋଇ ରହିନାହିଁ। ଆର୍‌ଏମସି କାର୍ଯ୍ୟାଳୟଠୁ ନେଇ ବହୁ ସରକାରୀ କାର୍ଯ୍ୟାଳୟ ଅଧିକାରୀଙ୍କ କ୍ଷେତ୍ରରେ ଏହି ଅବସ୍ଥା ପରିଲକ୍ଷିତ ହେଉଛି। ଯାହା ଅନ୍ୟ କୌଣସି ଜିଲାରେ ଦେଖିବାକୁ ମିଳେନା ବୋଲି ଶୁଣାଯାଇଛି। ଏଥିରୁ ସାବ୍ୟସ୍ତ ହେଉଛି ଯେ, ମୁଖ୍ୟମନ୍ତ୍ରୀ ନବୀନବାବୁ ଯେଉଁ ପ୍ରଶାସନିକ ସ୍ୱଚ୍ଛତାର ଦ୍ୱାହି ଦେଉଛନ୍ତି ତାହା ରାଉରକେଲାରେ ଠିକ ଭାବେ ପାଳନ କରାଯାଉନି।

■ ରାଜ୍ୟସ୍ତରୀୟ ନେହେରୁ କପ ହକି ଚାମ୍ପିୟନଶିପ

# ସୁନ୍ଦରଗଡ଼ ଚାମ୍ପିୟନ

**ରାଉରକେଲା ଅଫିସ, ୧୨।୯**

ସହରର ପାନପୋଷ ସ୍ଥିତ ସ୍ପୋର୍ଟସ ହଷ୍ଟେଲ ଷ୍ଟାଡିୟମରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ନେହେରୁ କପ ହକି ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଏହି ଚାମ୍ପିୟନଶିପରେ ସୁନ୍ଦରଗଡ଼ ପ୍ରତ୍ୟେକ ବର୍ଗରେ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଦକ୍ଷିଣ ପୂର୍ବ ରେଳପଥର ଏଆର୍‌ଏମ୍ ଶ୍ରିନିବାସ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆନ୍ତର୍ଜାତିକ ଭାରୋତ୍ତଳନ ଖେଳାଳି ବିକ୍ରମ ସ୍ୱାଇଁ ଓ ଆର୍ନ୍ତଜାତୀୟ ମହିଳା ହକି ଖେଳାଳି ସୁରଭି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ଅନୁଷ୍ଠିତ ପ୍ରଥମ ଫାଇନାଲ ମ୍ୟାଚ ୧୭ବର୍ଷରୁ କମ ବାଳିକା ବର୍ଗରେ ବିର୍ସା ମୁଣ୍ଡା ବିଦ୍ୟାପୀଠ ରାଉରକେଲା ଓ ଟାଉନ ହାଇସ୍କୁଲ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ସୁନ୍ଦରଗଡ଼ ୫-୧ରେ ଜିଣିଥିଲା। ସେହିପରି ୧୫ବର୍ଷରୁ କମ ବାଳକ ବର୍ଗରେ ବିର୍ସାମୁଣ୍ଡା ବିଦ୍ୟାପୀଠ ରାଉରକେଲା ଓ ଟାଉନ ହାଇସ୍କୁଲ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମଧ ସୁନ୍ଦରଗଡ଼ ଦଳ ୨-୧ରେ ବିଜୟୀ ହୋଇଥିଲା। ଅନୁରୂପ ଭାବେ ୧୭ବର୍ଷରୁ କମ ବାଳକ ବର୍ଗରେ ମଧ ସୁନ୍ଦରଗଡ଼ ଦଳ ବିର୍ସାମୁଣ୍ଡା ବିଦ୍ୟାପୀଠ ରାଉରକେଲାକୁ ୪-୧ ଗୋଲରେ ପରାସ୍ତ କରି ସମସ୍ତ ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉତ୍ସବରେ ଉପସ୍ଥିତ ଥିବା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠିତ ଏହି ଚାମ୍ପିୟନଶିପରେ ନୋଡାଲ ଅଫିସର ଭାବେ ପାନପୋଷ ସ୍ପୋର୍ଟସ ହଷ୍ଟେଲର ପ୍ରଶିକ୍ଷକ ଅମୂଲ୍ୟାନନ୍ଦ ବିହାରି ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରେଫରୀ ଭାବେ ବର୍ଣ୍ଣାଡ ଲାକ୍ରା, ଅନୀଲ କୁଲୁ, ଜେ.କେରକେଟା, ରାଜନ ଏକ୍କା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ସୁନ୍ଦରଗଡ଼ର ଖେଳାଳିମାନେ।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଇବ୍ ନଗର ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼, ୧୨।୯ (ଡି.ଏନ୍.ଏ): ଚଳିତବର୍ଷ ସ୍ଥାନୀୟ ଇବ୍ ନଗର (ଆର୍‌ଆଇଇଟି କଲୋନୀ)ରେ ଷୋଡଶ ଦୁର୍ଗାପୂଜା ମହାଆଡମ୍ବରରେ ପାଳନ କରିବା ପାଇଁ ପ୍ରସ୍ତୁତି ହୋଇଛି। ଇବ୍ ନଗର ଦୁର୍ଗାପୂଜା କମିଟି ଓ ସ୍ଥାନୀୟ ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ବାବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତା ଦେବଦତ୍ତ ଚାନ୍ଦ, ଅଶୋକ ସାହୁ, ସାଧାରଣ ସମ୍ପାଦକ ରାଜୀବ ଆଚାର୍ଯ୍ୟ, ସହସମ୍ପାଦକ ବିଭୂତି ବେହେରା, କୋଷାଧ୍ୟକ୍ଷ ରଶ୍ମି ମହାନ୍ତି, କ୍ରୀଡା ସମ୍ପାଦକ ବିଭୂତି ନାଏକ, ସାଂସ୍କୃତିକ ସମ୍ପାଦକ ଦିବାକର ଭୋଇ, ଅଜିତ୍ ପ୍ରସାଦ, ପ୍ରଫୁଲ୍ଲ ସୁନାନୀଙ୍କ ସମେତ ସ୍ଥାନୀୟ ବହୁ ବ୍ୟକ୍ତି ଉପସ୍ଥିତ ରହି ବୈଠକରେ ନିଜର ମତ ରଖିଥିଲେ। ଚଳିତବର୍ଷ ମେଢ ସାଜସଜ୍ଜା ପାଇଁ ଭଣ୍ଡାରି ଶଙ୍କରାର ସୁଶାନ୍ତ ବାରିକ, ମୂର୍ତ୍ତି ନିର୍ମାଣ ଯାଜପୁରର ଶିଳ୍ପୀ ସଞ୍ଜୟ ବେହେରାଙ୍କ ଦ୍ୱାରା କରାଯିବା ପାଇଁ ସ୍ଥିର ହୋଇଛି।

### ଟ୍ରକ୍ ପଛରେ ପିଟିଲା ଟ୍ରକ: ଡ୍ରାଇଭର ମୃତ

ବଡ଼ଗାଁ, ୧୨।୯ (ଡି.ଏନ.ଏ): ବଡ଼ଗାଁ ଥାନା ଅନ୍ତର୍ଗତ ଜାମବାହାଲ ରାଜ୍ୟ ରାଜପଥ-୧୦ ବସଷ୍ଟପ୍‌ଠାରେ ଗୁରୁବାର ରାତି ସାଢ଼େ ୮ଟାରେ ଦୁର୍ଘଟଣା ଘଟିଛି। ଅଟକି ରହିଥିବା ଟ୍ରକ ଓଡ଼ି ୧୬ ଏଫ-୪୯୭୧ ପଛରେ ସୁନ୍ଦରଗଡ ପଟକୁ ଯାଉଥିବା ଟ୍ରକ ସିଜି ୦୪ ଏଲକେ-୩୨୧୭ ଧକ୍କା ଦେଇଥିଲା। ଫଳରେ ଟ୍ରକର ଚାଳକ ଝାଡଖଣ୍ଡ ରାଜ୍ୟର ପପୁ ଯାଦବ (୩୪)ଙ୍କ ମୃତ୍ୟୁ ହୋଇଛି।

## ■ ଉଜ୍ଜ୍ୱଳା ଯୋଜନାର ଗ୍ୟାସ ମିଳିବା ପରେ ଗ୍ରାମାଞ୍ଚଳରେ ପ୍ରଭାବ

# ଗଛକଟା କମିଛି, ଜଙ୍ଗଲ ବଢୁଛି

ଅଶୋକ କୁମାର ଷଡ଼ଙ୍ଗୀ
ବଡ଼ଗାଁ, ୧୨।୯ (ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମୀଣ ମହିଳାଙ୍କୁ ସୁଲଭ ମୂଲ୍ୟରେ ଉଜ୍ଜଳା ଯୋଜନାର ରୋଷେଇ ଗ୍ୟାସ ମିଳିବା ପରେ ଗଛକଟା କମିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲାରେ ଜଙ୍ଗଲରୁ ଗଛ କଟା କମିବା ଦ୍ୱାରା ଜଙ୍ଗଲ ବଢୁଛି ବୋଲି ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ମହାବୀର ପର୍ବତ ତଳି ଗ୍ରାମର ମହିଳା ଓ ଗ୍ରାମବାସୀଙ୍କଠାରୁ ଜଣାପଡିଛି। ପର୍ବତ ତଳି କୁରେଇବଗା, ଛାମୁଣ୍ଡା, ସାଲେପାଲି, ବିର୍ସୁ, ଲାଖପଡା ଆଦି ଗ୍ରାମର ଲୋକେ ମହାବୀର ପର୍ବତରୁ ଜାଳେଣି କାଠ ଆଣୁଥିଲେ। ଜାଳେଣି କାଠ ପାଇଁ ବିଶାଳ ବୃକ୍ଷ ହେବାକୁ ଥିବା ଶାଳ, ବିଜା, କରଞ୍ଜ ଆଦି ବିଭିନ୍ନ ବୃକ୍ଷକୁ ଛୋଟ ଥିବା ଅବସ୍ଥାରେ କାଟି ଦେଉଥିଲେ। ଫଳରେ ଦୈନନ୍ଦିନ ଶହଶହ ପରିବାରର ଜାଳେଣି ଆବଶ୍ୟକତା ପୂରଣ ହେଉଥିଲେ ମଧ୍ୟ ଜଙ୍ଗଲ ବଢ଼ିପାରୁ ନ ଥିଲା। ଗଛକୁ ଛୋଟ ଅବସ୍ଥାରେ କାଟିବା ଦ୍ୱାରା ତାହା ସମ୍ପୂର୍ଣ୍ଣ ଭାବେ ମରିଯାଉଥିଲା। କିନ୍ତୁ ସରକାର ଗ୍ରାମୀଣ ମହିଳାଙ୍କୁ ଜାଳେଣି ଗ୍ୟାସ ଯୋଗାଇଦେବା ପରେ ସେମାନେ ଜଙ୍ଗଲରୁ ଗଛ କାଟୁ ନାହାନ୍ତି। ଏହା ସହ ଧୂଆଁ ଓ ସମୟ ଅପଚୟରୁ ମୁକ୍ତି ପାଇଥିବାରୁ ସେମାନଙ୍କ ମୁହଁରେ ହସ ଫୁଟିଛି। ସେହିପରି ଏହି ଯୋଜନା ଦ୍ୱାରା ଜଙ୍ଗଲ ବୃଦ୍ଧିରେ ସହାୟକ ଭୂମିକା ନେଇଥିବାରୁ ପ୍ରକୃତିପ୍ରେମୀମାନେ ସରକାରଙ୍କୁ ପ୍ରଶଂସା କରିଛନ୍ତି। ସାଲେପାଲି ଗ୍ରାମର ବାସିନ୍ଦା ତଥା ଫୁଲବାରୀ ପଞ୍ଚାୟତର ନାଏବ ସରପଞ୍ଚ ନିଳକଣ୍ଠ ସାହୁ, ଗୌଟିଆ ଦେବେନ୍ଦ୍ର ସାହୁ, ପୁଷ୍ପଲତା ନିଖଣ୍ଡିଆ, ଛାମୁଣ୍ଡା ଗ୍ରାମର ବାସନ୍ତୀ କିଷାନ, ନିଳାମ୍ବର ନାଏକ, ପେଟିସନ ବରିହା, କୁରେଇବଗା ଗ୍ରାମର ବଳରାମ ପୃଷେଟ, ରାଜ କୁମାର ପୃଷେଟ, ଶକୁନ୍ତଳା କିଷାନ, ସୁରେଖା ନାଏକ, ମଞ୍ଜୁଲତା କୁଆଙ୍କ ଭଳି ବହୁ ସଂଖ୍ୟକ ଗ୍ରାମବାସୀ, ଯୁବକ ସଂଘ ଓ ଜଙ୍ଗଲ କମିଟି ସଦସ୍ୟଙ୍କୁ ସାକ୍ଷାତକରି


ମହାବୀର ପର୍ବତର ଜଙ୍ଗଲ ବଢ଼ି ସବୁଜିମା ଦେଖାଯାଉଛି।

ଗ୍ୟାସ ମିଳିବାର ପୂର୍ବ ଏବଂ ପରବର୍ତ୍ତି ସ୍ଥିତି ଉପରେ ପଚାରି ବୁଝିବାରେ ଏହା ଜଣାପଡ଼ିଥିଲା। କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନାର ଗ୍ୟାସ ମିଳିବା ପରେ ଲୋକେ ଜାଳେଣି କାଠ ପାଇଁ ଜଙ୍ଗଲକୁ ପ୍ରାୟ ଯାଉନାହାନ୍ତି। ଜଙ୍ଗଲରୁ ପ୍ରତିଦିନ ଶହଶହ ମହିଳା ପୁରୁଷ ଜାଳେଣି କାଠ କାଟିବା ଦ୍ୱାରା ଜଙ୍ଗଲ କ୍ଷୟ ହେଉଥିଲା। ବର୍ତ୍ତମାନ କାଠକଟା ବନ୍ଦ ହେବାରୁ ଜଙ୍ଗଲ ବଢ଼ି ଚାଲିଛି। ଅଞ୍ଚଳରେ ଥିବା ମହାବୀର ପର୍ବତର ଜଙ୍ଗଲ ବଢ଼ିଛି। ଫଳରେ ପର୍ବତ ସବୁଜିମା ଦେଖାଯାଉଛି। ଏହି ଯୋଜନା ଦ୍ୱାରା ମହିଳାମାନେ ଧୂଆଁରୁ ମୁକ୍ତି ପାଇବା ସହ କମ୍ ସମୟରେ ରୋଷେଇ କରିପାରୁଥିବା କହିଛନ୍ତି। ଗ୍ରାମବାସୀଙ୍କଠାରୁ ପ୍ରକାଶ, ଜାଳେଣି ପାଇଁ ଛୋଟ ଗଛକୁ ଲୋକେ କାଟି ଦେଉଥିଲେ। ଫଳରେ ଏହା ଜଙ୍ଗଲ ହାନୀରେ ଅଧିକ ପ୍ରଭାବ ପକାଉଥିଲା।

### ସେମାନେ ଯାହା କହନ୍ତି.....


ଉଜ୍ଜଳା ଯୋଜନାର ଜାଳେଣି ଗ୍ୟାସ ପାଇବା ପରେ କାଠ ଚୁଲି ବ୍ୟବହାର କରୁନି। ଘଣ୍ଟାଏ ଭିତରେ ଖାଦ୍ୟ ପ୍ରସ୍ତୁତ କରିପାରିବା ଦ୍ୱାରା ଅନ୍ୟ କାମ କରିପାରୁଛି। ଗାଁରେ ମହିଳାମାନେ ଗ୍ୟାସ ବ୍ୟବହାର କରିବାରୁ ଜଙ୍ଗଲ ଯିବାକୁ ପଡୁନି। ତେଣୁ ଗଛକଟା କମିଯାଇଛି।

ଗୀତା ନାଏକ, ଗୃହିଣୀ, କୁରେଇବଗା


ଗ୍ୟାସ ବ୍ୟବହାର ଧୂଆଁରୁ ମୁକ୍ତି ଦେଇଛି। ଆମେ ଜଙ୍ଗଲରୁ କାଠ ଆଣି ଜାଳୁଥିଲୁ। ଆଉ ଜଙ୍ଗଲରେ ଗଛ କାଟିବାକୁ ପଡୁନି। ଆମ ଗାଁପାଖ ଜଙ୍ଗଲ ବଢୁଥିବାର କାରଣ କେହି ଜାଳେଣି ପାଇଁ ଗଛ ନ କାଟିବା। କିନ୍ତୁ ଗ୍ୟାସର ଦରକୁ ସରକାର ହ୍ରାସ କଲେ ଭଲ ହୁଅନ୍ତା।

ରତନି କିଷାନ, ଛାମୁଣ୍ଡା


ଗ୍ୟାସ ମିଳିବା ପରେ ଜଙ୍ଗଲ, ପର୍ବତରୁ ଗଛ କଟା କମିଛି । କାଠ କାଟି ବିକିବା ପ୍ରାୟତଃ କମିଗଲାଣି । ଏଥିଯୋଗୁଁ ଜଙ୍ଗଲ ବଢୁଛି । ସରକାରଙ୍କ ଏହି ଯୋଜନା ଗୃହିଣୀଙ୍କୁ ସୁବିଧା ମିଳିବା ସହ ଜଙ୍ଗଲ ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିଛି। ପରିବେଶ ସୁରକ୍ଷା ହେଉଛି।

ହେମନ୍ତ ସୁନ୍ୟାନୀ, ଯୁବକ ସଂଘ ସଭାପତି


ଆଗରୁ କାଠ କିଣି ଜାଳୁଥିଲୁ। ଏବେ କିଣିବାକୁ ପଡୁନି। ଶୀଘ୍ର ରୋଷେଇ ମଧ୍ୟ ହୋଇପାରୁଛି। ଧୂଆଁରୁ ମଧ୍ୟ ତ୍ରାହୀ ମିଳିଛି। କେବଳ ଜଙ୍ଗଲ ନୁହେଁ, ଘରବାଡ଼ି ବଗିଚାରେ ଥିବା ଗଛ ମଧ୍ୟ କଟା ଯାଉନି। ଫଳରେ ବୃକ୍ଷର ସୁରକ୍ଷା ହୋଇ ପରିବେଶ ଠିକ୍ ରହୁଛି।

ଉଲ୍ଲାଷ ପୃଷେଟ, ସାଲେପାଲି

### କବାଟ ଭାଙ୍ଗି ଦୁଇଟି ଦୋକାନରୁ ଚୋରି

ଲହୁଣୀପଡା, ୧୨।୯ (ଡି.ଏନ.ଏ)– ଲହୁଣୀପଡା ଥାନା ଅନ୍ତର୍ଗତ ମୁଖ୍ୟ ବଜାରରେ ଥିବା ପାନ ଦୋକାନର କବାଟ ଭାଙ୍ଗି ନଗଦ ଟଙ୍କା ଓ ଜିନିଷ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଲହୁଣୀପଡା ବସଷ୍ଟାଣ୍ଡ ଶୌଚାଳୟ ନିକଟରେ ଥିବା ସନ୍ତୋଷ ପଣ୍ଡାଙ୍କ ଦୋକାନ ରହିଛି। ବୁଧବାର ରାତି ୯ଟା ବେଳେ ସନ୍ତୋଷ ପଣ୍ଡା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଭୋର ପାଞ୍ଚଟା ବେଳେ ପଡୋଶୀ ଦୋକାନି ଫୋନ କରି କହିଲେ, ତମ ଦୋକାନ କବାଟ ଭାଙ୍ଗି ପଡିଛି। ସେ ଆସି ଦେଖିଲା ବେଳକୁ ଦୋକାନର କବାଟ ତାଡି ଦେଇ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ଭିତରେ ଥିବା ଖାଇବା ଜିନିଷ ଖାଇବା ସହିତ ବାହାରେ ପକାଇ ନଷ୍ଟ କରି ଦେଇଥିବା ବେଳେ ଦୋକନରେ ଥିବା ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ସାମଗ୍ରୀ ନେଇ ଫେରାର ହୋଇ ଯାଇଥିବା ଲହଣୀପଡା ଥାନାରେ ଅଭିଯୋଗ ହୋଇଛି । ସେହିଭଳି ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁର ଏକ ଔଷଧ ଦୋକାନରୁ ମଧ୍ୟ ସୋମବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି କମ୍ପ୍ୟୁଟର ଏବଂ ନଗଦ ପ୍ରାୟ ପାଞ୍ଚ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ କୌଣସି ଚୋରଙ୍କର ସନ୍ଧାନ ପାଇ ପାରି ନାହାନ୍ତି। ଅଞ୍ଚଳରେ ବାରମ୍ବାର ଚୋରି ବୃଦ୍ଧି ପାଉଥିବାରୁ ଓ ଗୋଟିଏ ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ତୁରନ୍ତ ଚୋର ମାନଙ୍କୁ ଧରିବା ପାଇଁ ଦାବି ହେଉଛି।

## ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲହୁଣୀପଡା, ୧୨।୯ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଭିନ୍ନକ୍ଷମ ସାମର୍ଥ ଶିବିରରେ କୁର୍ଡା, ତାଲବାହାଲି, କୁଲିପୋଷ, କୁଡେଇକେଲା ପଞ୍ଚାୟତର ଲୋକମାନେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁର୍ଡା ସରପଞ୍ଚ ଡିଳେଶ୍ୱର କିଷାନ, କୁଡେଇକେଲା ସରପଞ୍ଚ ଇଲିଶା ମୁଣ୍ଡା, କୁଲିପୋଷ ସରପଞ୍ଚ ତ୍ରୈଲୋଚନ ନାଏକ, ତାଲବାହାଲି ସରପଞ୍ଚ ବୁଧୁ ନାଏକ ଯୋଗଦେଇଥିଲେ। ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସିଡିପିଓ ମୀନାକ୍ଷୀ ନାଏକ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଜିପିଓ ସାରିଆ ଲାକ୍ରା, ଏବିଇଓ ନରହରି କିଷାନ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିବିରରେ ଶିଶୁ, ଭେଷଜ, କାନ, ଚକ୍ଷୁ ବିଭାଗର ଚିକିତ୍ସକମାନେ ଯୋଗଦେଇ


ବ୍ଲକ ଅଧ୍ୟକ୍ଷ ପଣ୍ଡିତଚରଣ ମୁଣ୍ଡା ଶିବିର ଉଦ୍‌ଘାଟନ କରୁଛନ୍ତି।

ପରୀକ୍ଷା କରିଥିଲେ। ଚିକିତ୍ସକମାନେ ରାଉରକେଲା ସରକାରୀ ଡାକ୍ତରଖାନା ଅଧିକାରୀ ଡା. କବି ଶତପଥିଙ୍କ ନେତୃତ୍ୱରେ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ମୋଟ ୨୧୦ଜଣ ନାମ ପଞ୍ଜିକରଣ କରିଥିବାବେଳେ ସେଥିମଧ୍ୟରୁ ୧୯୬ ଜଣଙ୍କ ପରୀକ୍ଷା କରିଥିଲେ। ସୁନ୍ଦରଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨୧ଜଣ ଭିନ୍ନକ୍ଷମଙ୍କୁ ତତ୍କାଳ ୟୁଡିଆଇଡି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତତ୍କାଳୀନ ପ୍ରମାଣପତ୍ର ପ୍ରଦାନ ପାଇଁ ବ୍ଲକ କମ୍ପ୍ୟୁଟର ବିଭାଗର ସିପି ଅମରେନ୍ଦ୍ର ସାଣ୍ଡିଲ ଓ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଗ୍ରାମରପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗବତ ଟୁଡୁଙ୍କ ତତ୍ତ୍ୱାବଧାନରେ ତଥା କୁର୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୀବନଲାଲ ମାହାନ୍ତ, ରବୀନ୍ଦ୍ର କୁମାର ସାହୁ, ଜଗଦିଶ ମାହାନ୍ତ, ପ୍ରସନ୍ନ କୁମାର ମାହାନ୍ତ ସମେତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବ୍ଲକ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ବଣାଇ ସାର୍ବଜନୀନ ଦୁର୍ଗାପୂଜା କମିଟିର ବୈଠକ

ବଣାଇ, ୧୨।୯(ସ୍ୱ.ପ୍ର.)

ସ୍ଥାନୀୟ ବଣାଇଗଡ଼ ବସଷ୍ଟାଣ୍ଡ ନିକଟରେ ବଣାଇ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଦିଲ୍ଲୀପ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଚଳିତବର୍ଷ ସାର୍ବଜନୀନ ଦୁର୍ଗପୂଜାକୁ କିପରି ସମସ୍ତଙ୍କର ସହଯୋଗରେ କରାଯିବ ସେ ଉପରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଗତବର୍ଷର ଆୟବ୍ୟୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ପରେ ଚଳିତବର୍ଷ କମିଟିର ନୂତନ କର୍ମକର୍ତ୍ତା ମନୋନିତ କରାଯାଇଥିଲା। ଏଥିରେ କମିଟିର ଉପଦେଷ୍ଟା ଭାବେ କମଳଲୋଚନ ସାହୁ ଏବଂ ହରିଶଙ୍କର ସାହୁଙ୍କୁ ମନୋନିତ କରାଯାଇଛି। ରାହାସ ବିହାରୀ ପ୍ରଧାନଙ୍କୁ ସଂଯୋଜକ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି। ସେହିପରି କମିଟିର ସଭାପତି ଭାବେ ଦିଲ୍ଲୀପ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ଉପସଭାପତି ରଣଜିତ ଚୌଧୁରୀ, ସମ୍ପାଦକ



ଦୁର୍ଗାପୂଜା କମିଟିର ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସଚିଦାନନ୍ଦ ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ କମିଟିର ସଦସ୍ୟ ଲିଙ୍ଗରାଜ ସାହୁ, ପ୍ରଦୀପ ଜୀତ, ଭୁବନେଶ୍ୱର ସାହୁ, ଅନିରୁଦ୍ଧ ତ୍ରିପାଠୀ, ସୁନ୍ଦରମଣି ପ୍ରଧାନ, ବାଣେଶ୍ୱର ସାହୁ, ସତ୍ୟନାରାୟଣ ମିଶ୍ର, ବିରଜା ପ୍ରସାଦ ମାହାନ୍ତ, ରାଜେନ୍ଦ୍ର ପ୍ରଧାନ, ହବିବ୍ ଖାନ (ଜବର), ଗିରେନ୍ଦ୍ର ସାହୁ, ଫଣିଭୂଷଣ ପ୍ରଧାନ, ନାରାୟଣ ବେହେରା, ମହମ୍ମଦ ହବିବ୍ ଖାନ, ବିକ୍ରମ ଦାଶ, ପ୍ରଦୀପ ସାହୁ, କ୍ଷିରୋଦ ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ପୂଜକ ଭାବେ ଅଜୟ ମିଶ୍ର, ମାଗୁଣି ମିଶ୍ର, ଅଜୟ ପ୍ରହରାଜ, ଚିନ୍ମୟ ତ୍ରିପାଠୀ(ଲକି) ଏବଂ ପୂଜାର କର୍ତ୍ତା ଭାବେ ସତ୍ୟନାରାୟଣ ମିଶ୍ର ଦାୟୀତ୍ୱ ତୁଲାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଶେଷରେ ଉପସଭାପତି ରଣଜିତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ସରପଗଡ଼ ଡ୍ୟାମ୍‌ରେ ୨ଟି ଗେଟ୍ ଦ୍ୱାରା ଜଳ ନିଷ୍କାସିତ

ଲେଫ୍ରିପଡା,୧୨।୯(ଡି.ଏନ.ଏ)

ଲଘୁଚାପଜନିତ ବର୍ଷାରେ ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସରପଗଡ ଡ୍ୟାମ୍‌ରେ ପାଣି ଭର୍ତ୍ତି ହୋଇଛି। ଫଳରେ ଗୁରୁବାର ସକାଳେ ଦୁଇଗୋଟି ଗେଟ୍ ଖୋଲାଯାଇ ଇଛାନଦୀ ଦ୍ୱାରା ଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୩୦୭.୫୦ମିଟର ରହିଥିବା ବେଳେ ବର୍ତ୍ତମାନ ୩୦୭.୪୮ମିଟରରେ ଜଳ ସ୍ଥିର ରଖାଯାଇଛି। ଡ୍ୟାମ୍‌ର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଉପରମୁଣ୍ଡରୁ ଡ୍ୟାମ୍ ଭିତରକୁ ୭.୯୪ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାରୁ ଅତ୍ୟଧିକ ପାଣି ହେବାରୁ ସୁରକ୍ଷାକୁ ନେଇ ନଦୀଦ୍ୱାରା ୭.୯୪ କ୍ୟୁସେକ୍ ଜଳ ନିଷ୍କାସିତ କରାଯାଉଛି। ଯେତିକି ପାଣି ପ୍ରବେଶ କରୁଛି, ସେତିକି ବାହାର କରାଯାଉଥିବାରୁ ଜଳଭଣ୍ଡାର ଜଳସ୍ଥିର ରହିଛି ବୋଲି ସୁନ୍ଦରଗଡ ଜଳସମ୍ପଦ ବିଭାଗର ବିଭାଗୀୟ ଯନ୍ତ୍ରୀ ଅଶ୍ୱିନୀ କୁମାର ପଟେଲ ସୂଚନା ପ୍ରଦାନ କରିଛନ୍ତି। ବିଭାଗ ପକ୍ଷରୁ ପୂର୍ବରୁ ତଳିଆ ଅଞ୍ଚଳର ଜନସାଧାରଣଙ୍କୁ ସତର୍କ, ସଚେତନ କରାଯାଇ ଗେଟ୍ ଖୋଲାଯାଇଥିଲା। ଡ୍ୟାମ୍‌ରୁ ଜଳ ଛଡାଯିବା ଦୃଶ୍ୟ ଦେଖିବା ପାଇଁ ଅଞ୍ଚଳର ଜନସାଧାରଣଙ୍କ ବେଶ୍ ଗହଳି ଲାଗି ରହିଥିଲା। ଜଳ ନିୟନ୍ତ୍ରଣ ସକାଶେ ଜଳସମ୍ପଦ ବିଭାଗର ଉପନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ପଟେଲ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ସା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରୁଛନ୍ତି।


ସରପଗଡ଼ ଡ୍ୟାମ୍‌ରୁ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି।

## ■ ବିଦ୍ୟୁତ୍ ଆଘାତରେ ଗୁରୁତର ଅସୀତ ଚିକିତ୍ସାଧୀନ

# ସହଯୋଗର ହାତ ବଢ଼ାଇଲେ ପ୍ରଶାସନ, ସାମାଜିକ ଅନୁଷ୍ଠାନ

ସୁନ୍ଦରଗଡ଼,୧୨।୯ (ଡି.ଏନ୍.ଏ)

ବିଦ୍ୟୁତ୍ ଆଘାତରେ ଗୁରୁତର ଭାବେ ଆହତ ହୋଇ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିବା ସୁନ୍ଦରଗଡର ଅସୀତ ପ୍ରସାଦ ୨ଗୋଡକୁ ହରାଇ ମରଣମୁହଁରୁ ବର୍ତ୍ତି ଯାଇଛନ୍ତି। ଏବେ ତାଙ୍କ ପାଇଁ ଜିଲା ପ୍ରଶାସନ ଏବଂ ବିଭିନ୍ନ ସାମାଜିକ କର୍ମୀ ଓ ବ୍ୟକ୍ତି ବିଶେଷ ସହାୟତାର ହାତ ବଢାଇଛନ୍ତି। ଅସୀତ ଏବେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଜରୁରିକାଳୀନ ବିଭାଗର ୮ନଂ ବେଡରେ ଚିକିତ୍ସିତ ହେଉଛନ୍ତି। ସାମାଜିକ କର୍ମୀ ଶାନ୍ତନୁ କୁସୁମ ସୋମବାର ଆଇଜିଏଚ୍ ଯାଇ ଅସୀତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଅନୁଧ୍ୟାନ କରିଛନ୍ତି। ଅସୀତ ଓ ତାଙ୍କ ପରିବାର ଲୋକଙ୍କ ସହ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଅସୀତଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଆଉ ୧୫ଦିନ ସମୟ ଲାଗିବ ବୋଲି ଆଇଜିଏଚ୍ ପକ୍ଷରୁ କୁହାଯାଇଛି। ଅସୀତ ବର୍ତ୍ତମାନ ସ୍ୱାଭାବିକ ଭାବେ ଖିଆପିଆ କରୁଥିବା ବେଳେ ବିନା ସାହାରାରେ ହାତଥାପି ଉଠାବସା କରିପାରୁଛନ୍ତି। ଶରୀରୁ ଗୋଡ ଦୁଇଟା କଟା ଯିବା ପରେ ଅସୀତ୍ ଓ ପରିବାର ଲୋକେ ମାନସିକସ୍ତରରେ ଭାଙ୍ଗିପଡିଥିଲେ ମଧ୍ୟ ସରକାରଙ୍କ ସହାୟତାରେ କୃତ୍ରିମ ଗୋଡ ଲଗାଇ ଅସୀତ୍ ସ୍ୱାଭାବିକ ଜୀବନ ବିତାଇପାରିବେ ବୋଲି ସାମାଜିକ କର୍ମୀ କୁସୁମ ଆଶ୍ୱାସନା ଦେଇଛନ୍ତି। ଅସୀତଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ନିବେଦନ କରାଯାଇଥିବା ବେଳେ ଏହା ମଧ୍ୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସାମାଜିକ କର୍ମୀ ଓ ସହୃଦୟ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ୧ଲକ୍ଷ ୯୫ହଜାର ଟଙ୍କା ଅସୀତଙ୍କ ଚିକିତ୍ସା ପାଇଁ ମିଳିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସର୍ବମୋଟ ଅସୀତଙ୍କ ଚିକିତ୍ସା ପାଇଁ ୨ଲକ୍ଷ ୧୫ହଜାର ଟଙ୍କା ମିଳିଛି। ଅସୀତଙ୍କ ଚିକିତ୍ସା ବାବଦରେ ବର୍ତ୍ତମାନ ସୁଦ୍ଧା ଅଢେଇ ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇ ସାରିଛି।


ଆଇଜିଏଚ୍‌ରେ ଚିକିତ୍ସିତ ଅସୀତ ଓ ପରିବାରବର୍ଗଙ୍କୁ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଆଶ୍ୱାସନା ଦେଉଛନ୍ତି।



“ ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଷାକ୍ତ ସାପ କାମୁଡାରେ ଯୁବକ ମୃତ

**ଲହୁଣୀପଡା, ୧୨।୯ (ଡି.ଏନ.ଏ)** ଲହୁଣୀପଡା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ଟାଙ୍ଗଯୋଡା ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ ଟାଙ୍ଗଯୋଡା ଗ୍ରାମର ପାର୍ଥବ ମୁଣ୍ଡା (୩୦) ବୁଧବାର ରାତିରେ ଖାଇପିଇ ସାରି ଶୋଇଥିଲେ। ରାତି ପ୍ରାୟ ୧୨ଟା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେବା ଜାଣିପାରି ଚିତ୍କାର କରିଥିଲେ। ଫଳରେ ପରିବାର ଲୋକ ପାର୍ଥବଙ୍କୁ ରାତି ପ୍ରାୟ ୨ରୁ ୩ଟା ବେଳେ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୋର ପ୍ରାୟ ୫ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲାରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମା’ ଡୁକ୍ରୀ ବୁଢ଼ୀଙ୍କ ଛତରଯାତ୍ରା ପ୍ରସ୍ତୁତି

**ଭବାନୀପାଟଣା, ୧୨।୯ (ଡି.ଏନ୍.ଏ.)-** ଭବାନୀପାଟଣା ସଦର ବ୍ଲକ ଅଧୀନ ବୋର୍ଡା ମିଲକୀ ପ୍ରଗଣାର ଅଧିଷ୍ଠାତ୍ରୀ ଦେବୀ ମା’ ଡୁକ୍ରୀ ବୁଢ଼ୀଙ୍କ ଛତର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟି ସଭାପତି ତରଣୀସେନ ମାଝିଙ୍କ ସଭାପତିତ୍ୱ କରିଥିଲେ।

■ ଲଘୁଚାପଜନିତ ବର୍ଷା ବିପ୍ଳାତ

# ଭାଙ୍ଗିଲା ବହୁ ମାଟିଘର, ଲୋକେ ହଇରାଣ

**ସୁନ୍ଦରଗଡ଼, ୧୨।୯ (ଡି.ଏନ୍.ଏ)**




ବିଧାୟିକା କୁସୁମ ଟେଟେ ଓ ଅନ୍ୟମାନେ ବର୍ଷାଜନିତ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।

ସୁନ୍ଦରଗଡ ଜିଲାରେ ବୁଧବାର ରାତିରୁ ଲଘୁଚାପଜନିତ ଅବିଶ୍ରାନ୍ତ ବର୍ଷା ଲାଗି ରହିବା ଫଳରେ ଜନଜୀବନ ବାଧାପ୍ରାପ୍ତ ହୋଇଛି। ବର୍ଷା ବିପ୍ଳାତ ଯୋଗୁ ସୁନ୍ଦରଗଡ ସମେତ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଜଳାର୍ଣ୍ଣବ ହେବା ସହ ବହୁ ଗରିବ ଲୋକଙ୍କ କଚ୍ଚାଘର ଭାଙ୍ଗିଯାଇଛି। ଫଳରେ ଲୋକେ ହଇରାଣ ହୋଇଛନ୍ତି। ଗୁରୁବାର ସକାଳେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ପୌରନିର୍ବାହୀ ଅଧିକାରୀ ଅଶୋକ ମିଶ୍ର, ସଦର ତହସିଲଦାର ବର୍ଷାଜନିତ ବିଭିନ୍ନ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଗୁରୁବାର ସକାଳ ୯ଟା ସୁଦ୍ଧା ରେକର୍ଡ ହୋଇଥିବା ବର୍ଷାର ପରିମାଣ ଅନୁସାରେ ଜିଲାର ହେମଗିର ବ୍ଲକରେ ସର୍ବାଧିକ ୧୫୬.୨ ମିମି ବର୍ଷା ରେକର୍ଡ କରାଯାଇଛି। ନୂଆଁଗାଁ ବ୍ଲକରେ ୧୦୮.୬, ସୁନ୍ଦରଗଡ ସଦର ବ୍ଲକରେ ୯୯.୨, ଟାଙ୍ଗରପାଲି ବ୍ଲକରେ ୯୫.୬, ଲେଫ୍ରିପଡା ବ୍ଲକରେ ୮୦, ବାଲିଶଙ୍କରା ବ୍ଲକରେ ୭୪.୪, ବଣାଇ ବ୍ଲକରେ ୫୪, ସବଡେଗା ବ୍ଲକରେ ୫୩ ମିମି ବର୍ଷା ହୋଇଥିବା ବେଳେ ବିଶ୍ରା ବ୍ଲକରେ ସର୍ବନିମ୍ନ ୫.୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ହେମଗିର ବ୍ଲକରେ ୧୩ଟି ଘର ଭାଙ୍ଗିଥିବା ବେଳେ ସୁନ୍ଦରଗଡ ପୌରପାଳିକାର ବିଭିନ୍ନ ୱାର୍ଡରେ ୧୦ରୁ ଉର୍ଦ୍ଧ ଘର ଭାଙ୍ଗିଛି। ହେଲେ ଭାଙ୍ଗିଥିବା ଘରଗୁଡିକ ସରକାରୀ ଜମିରେ ଥିବାରୁ ସେମାନଙ୍କୁ କୌଣସି ସରକାରୀ ସହାୟତା ବ୍ୟବସ୍ଥା ନ ଥିବା ଯୋଗୁ ବିଧାୟିକାଙ୍କ ଅନୁରୋଧ କ୍ରମେ ସହରର ରାଣୀବଗିଚା, ଖମାରିପଡା, ଶ୍ରୀରାମନଗର, ନିରଞ୍ଜନ ନଗର କ୍ଷତିଗ୍ରସ୍ତ ପରିବାରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ତାରପୋଲିନ୍ ଯୋଗାଇ ଦିଆଯାଇଛି। ବର୍ଷାଯୋଗୁ ସୁନ୍ଦରଗଡ-ଝାରସୁଗଡା ରାସ୍ତାର ବଡବାହାଲ ଠାରେ ବିଜୁ ଏକ୍ସପ୍ରେସ ୱେର ଡ୍ରେନ୍‌ରେ ବର୍ଷାଜଳ ନିଷ୍କାସିତ ନ ହୋଇ ଗ୍ରାମର ଅନେକ ଲୋକଙ୍କ ଘର ଭିତରେ ପଶିଯାଇ ଘରର କାନ୍ଥ ଭାଙ୍ଗି ଯାଇଥିଲା। ବିଧାୟିକା ଓ ସଦର ତହସିଲଦାର ସେଠାରେ ପହଞ୍ଚି ଏଲଆଣ୍ଡଟି ରାସ୍ତା ନିର୍ମାଣକାରୀ ସଂସ୍ଥାର ରକ୍ଷଣାବେକ୍ଷଣ ବିଭାଗର ଅଧିକାରୀମାନଙ୍କୁ ଡକାଇ ଜେସିବି ମେସିନ୍ ଜରିଆରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରାଇଥିଲେ।

# ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ଜୁନାଗଡ଼,୧୨।୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନକଟିଗୁଡ଼ା ପଞ୍ଚାୟତରେ ବୁଧବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୭୦ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନକଟିଗୁଡ଼ା ସରପଞ୍ଚ ଯମୁନା ମେହେର, ପିଇଓ ଆରତୀ ମାଝି, ସମିତିସଭ୍ୟ ବିକାଶ ରଞ୍ଜନ ସରାଫଙ୍କ ସହ ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।



ଅତିଥିମାନେ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା ଘଟଣା: ୩ ଗିରଫ

**ଭବାନୀପାଟଣା, ୧୨।୯(ଡି.ଏନ୍.ଏ.)**

ଭବାନୀପାଟଣା ସହର ଦମକଳ କେନ୍ଦ୍ର ନିକଟରେ ରହୁଥିବା ସଲମାନ ଖାନ କିଛି ଦିନ ତଳେ ଆତ୍ମହତ୍ୟା କରିଥିଲେ। ଏନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ସଲମାନଙ୍କ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମୃତ ସଲମାନଙ୍କ ସ୍ତ୍ରୀ ସରିଫା ବାନୋ(୨୫), ଶ୍ୱଶୁର ହାକିମ ମହମ୍ମଦ(୪୮) ଏବଂ ସମ୍ପର୍କୀୟ ରମଜାନ ଅଲ୍ଲୀ(୨୫)। ପୋଲିସ ଗିରଫ ୩ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଏଏସ୍‌ଆଇ ଦିଗାମ୍ବର ସାହୁ କହିଛନ୍ତି।

# ସ୍ୱତନ୍ତ୍ର ରାଜ୍ୟ ରାଜପଥ କରାଯିବାକୁ ଦାବି

**ନୂଆପଡ଼ା ଅଫିସ,୧୨।୯**

ନୂଆପଡ଼ା ଜିଲାର ଲାଇଫଲାଇନ କୁହାଯାଉଥିବା ୩୫୩ ଜାତୀୟ ରାଜପଥ ନିର୍ମାଣ କାମ ଦୀର୍ଘ ୬ବର୍ଷ ହେଲା ଶେଷ ହୋଇପାରୁନାହିଁ। ବର୍ତ୍ତମାନ ରାସ୍ତା ମରଣଯନ୍ତା ପାଲଟିଯାଇଛି। ଏ ନେଇ ଲୋକେ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ହେଲେ କୌଣସି ସୁଫଳ ମିଳିପାରୁ ନାହିଁ। ଶେଷରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତୀକାତ୍ମକ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଆନ୍ଦୋଳନରେ ରାସ୍ତାରୋକୋ କରି ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଫୁଲମାଲ ସହ ଦାବିପତ୍ର ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୁଧବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି ମାୟାଧର ସରାଫଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଜିଲାର ନୂଆପଡ଼ା-ଖଡିଆଳ ଦେଇ ୩୫୩ ଜାତୀୟ ରାଜପଥ ଯାଇଛି। ଏହାର ନିର୍ମାଣ କାମ ୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଚାଲିଛି। ହେଲେ ଜଣକ ପରେ ଜଣେ ଠିକାଦାର ଚମ୍ପଟ ମାରୁଥିବା ବେଳେ ନିର୍ମାଣ କାମ ଶେଷ ହୋଇପାରୁ ନାହିଁ। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଛି। ହେଲେ କୌଣସି ସୁଫଳ ମିଳିପାରୁନାହିଁ । ବର୍ତ୍ତମାନ ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ଘଟୁଛି। ଶେଷରେ ଗଣମାଧ୍ୟମ ପ୍ରତିନିଧି କଲମ ଛାଡି ଆନ୍ଦୋଳନ କରିବା ପାଇଁ ଆଲୋଚନା କରିଛନ୍ତି। ପ୍ରସ୍ତାବ ଅନୁଯାୟୀ ଆସନ୍ତା ସୋମବାର କୋମନାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ରହିଛି। ଏହାକୁ ଦୃଷ୍ଟିରେ ରଖି କୋମନା ସୁନ୍ଦର ପୋଲ ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ କିଛି ସମୟ ପାଇଁ ପ୍ରତୀକାତ୍ମକ ରାସ୍ତାରୋକୋ କରିବେ। ଏହି ରାସ୍ତାଦେଇ ଯିବାକୁ ଥିବା ଜିଲାପାଳ ଏବଂ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଫୁଲତୋଡା ପ୍ରଦାନ କରିବେ। ଆନ୍ଦୋଳନରେ ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେବାକୁ ନିବେଦନ କରାଯାଇଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକାଠି ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନେ।



ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀ।

■ ଜାତୀୟ ଫାଟୁଆ ବ୍ରୁସେଲୋସିସ୍ ପଶୁରୋଗ ନିୟନ୍ତ୍ରଣ ଏବଂ କୃତ୍ରିମ ପ୍ରଜନନ

# କର୍ମଶାଳାର ସିଧା ପ୍ରସାରଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୧୧।୯ (ଡି.ଏନ୍.ଏ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବୁଧବାର ନୂଆଦିଲ୍ଲୀ ଠାରେ ଉଦ୍‌ଘାଟିତ ରାଷ୍ଟ୍ରୀୟ ପଶୁରୋଗ ନିରାକରଣ ଓ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ -୧ ଓ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପଶୁସମ୍ପଦ ବିଭାଗ ସମ୍ମିଳନୀ କକ୍ଷ ଠାରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ କରାଯାଇଥିଲା। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନେ ପଶୁ ସମ୍ପଦର ସୁରକ୍ଷା ଓ ପାଳନ ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଥିବା ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଜିଲା ପ୍ରାଣୀ ଚିକିତ୍ସା ଉପନିର୍ଦ୍ଦେଶକ ଡ. ଗିରିଜା ପ୍ରସାଦ ପଟ୍ଟନାୟକ, ରାଉରକେଲା କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ମାନସୀ ଭୋଳ, ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର, ଜିଲା ସ୍ୱଚ୍ଛ ଭରତ ମିଶନର ସଙ୍ଗଠକ ସୁରେନ୍ଦ୍ର ସ୍ୱର୍ଣ୍ଣକାରଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୁନ୍ଦରଗଡ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀ ପ୍ରିୟା ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ପରେ ଉପସ୍ଥିତ ଚାଷୀ ଓ କୃଷି ବୈଜ୍ଞାନିକ ତଥା ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଣୀ ଚିକିତ୍ସା ଉପନିର୍ଦ୍ଦେଶକ ପଟ୍ଟନାୟକ, ପ୍ରାଣୀ ଚିକିତ୍ସକ ଡ. ଧଳ ଓ ଅନ୍ୟାନ୍ୟ ବିଶେଷଜ୍ଞମାନେ ଚାଷୀମାନଙ୍କ ସହିତ ଗାଈ, ଗୋରୁ ତଥା ଗୃହପାଳିତ ପଶୁମାନଙ୍କର ବିଭିନ୍ନ ରୋଗ ଓ ଏହାର ନିରାକର ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଉପଜିଲା ପ୍ରାଣୀ ଚିକିତ୍ସାଧାରୀ ଡ. ନାଏକ ଧନ୍ୟବାଦ ଦେଇଥିଲେ।

# ‘ଦୁର୍ନୀତିମୁକ୍ତ ଭାରତ ଗଢ଼ିବାକୁ ବ୍ରତୀ ହୁଅ’

■ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ

**ଧମା,୧୨।୯(ଡି.ଏନ.ଏ.)**

ସ୍ଥାନୀୟ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଦୁର୍ନୀତିମୁକ୍ତ ଭାରତ ଗଢ଼ିବା ନିମନ୍ତେ ବ୍ରତୀ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଦିଲୀପ ମହାପାତ୍ର, ରବୀନ୍ଦ୍ର ପୃଷ୍ଟି, ପରମାନନ୍ଦ ସିଟ, ଯତୀନ୍ଦ୍ର ସିଂ, ଗୋପରଞ୍ଜନ ବେହେରା, ଶଙ୍କରଲାଲ ଅଗ୍ରୱାଲ, ରମେଶ ପ୍ରଧାନ, ନରେଶ ସେଠ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ଅଧାପିକା ନିବେଦିତା ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଧାପକ ସତ୍ୟନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରାମ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟ ରଜତ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଡିସେମ୍ବର ମାସର ପ୍ରଥମ ସପ୍ତାହରେ ରଜତ ଜୟନ୍ତୀ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂସଦର ସଭାପତି କମଳଲୋଚନ ପଣ୍ଡା, ସମ୍ପାଦକ ଅନୀଲ କୁମାର ଦାଶ, କୋଷାଧକ୍ଷ ବଳରାମ ବାଗଙ୍କ ସମେତ ବର୍ଣ୍ଣି ସୁନା, ଅନନ୍ତ ପ୍ରସାଦ କୁମ୍ଭାର, ଅନୁପ ସାହୁ ପ୍ରମୁଖ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ।

# ନିଶା ନିବାରଣ ପାଇଁ ୧୧ ମାସ ହେଲା ଏମିତି...

**ସମ୍ବଲପୁର, ୧୨।୯ (ବ୍ୟୁରୋ):** ସମ୍ବଲପୁର ଜିଲାକୁ ସଂପୂର୍ଣ୍ଣ ନିଶା ମୁକ୍ତ କରିବା ନେଇ ପରିଣତ ବୟସରେ ମଧ ଜନାର୍ଦ୍ଦନ ସାହୁ ନାମକ ଜଣେ ବ୍ୟକ୍ତି ଅଣ୍ଟା ଭିଡିଛନ୍ତି । ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେ ୨୦୧୮ ଅକ୍ଟୋବର ୨୯ରୁ ଆନ୍ଦୋଳନ ଜାରି ରଖିଛନ୍ତି । ରବିବାର ବ୍ୟତୀତ ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୦ଟାରେ ଜିଲାପାଳ ଅଫିସ ପରିସରରେ ପହଞ୍ଚି ଥାନ୍ତି । ମାହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଧୂପ ଦେଇ ଧାରଣାରେ ବସିଥାନ୍ତି । ତାଙ୍କ ଆନ୍ଦୋଳନ ନିଶ୍ଚୟ ସଫଳ ହେବ । ଖରା, ବର୍ଷା, ଶୀତ କାକରକୁ ଖାତିର ନ କରି ଆନ୍ଦୋଳନ ଚାଲୁ ରଖିଛନ୍ତି ବୋଲି ଗୁରୁବାର ସେ କହିଛନ୍ତି । ତାଙ୍କ ପାଖ ଦେଇ ଜିଲାର ବିଭିନ୍ନ ପ୍ରଦାଧିକାରୀ ଯିବା ଆସିବା କରିଥାନ୍ତି। ଅଥଚ କାହାରି ନଜର ତାଙ୍କ ଉପରେ ପଡୁନାହିଁ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଜୁନାଗଡ,୧୨।୯(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଇଣ୍ଟରନ୍ୟାସନାଲ ଫିଟନେସ ତାଲିମ କେନ୍ଦ୍ରଠାରେ ଗୁରୁବାର ସ୍ଥାନୀୟ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବର୍ଷର ୧୫୦ଜଣ ଛାତ୍ରୀ ଭାଗ ନେଇଛନ୍ତି। ପ୍ରଶିକ୍ଷିକା ଭାବେ ଜଲି ପରାଭୋଇ, ଅଞ୍ଜନା ବିଶି, ଧନୀକ ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିବେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତିଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଲେଇ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ଅଧାପକ ସରୋଜ କୁମାର ଠାକୁର, ଅରୁପାନନ୍ଦ ନାଗ, ସୁବ୍ରତ ପାଣିଗ୍ରାହୀ, କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସନ୍ଦୀପ କୁମାର ସାହୁ, ଉତ୍ତମ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମମୁଖ ଚଳାନ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାଣୁଆ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଲଗାଣ ବର୍ଷା ଯୋଗୁ ସୁନ୍ଦରଗଡ କଲେଜ ବାଇପାସ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି।

# କୁତ୍ରା ତହସିଲରେ ହେଉନି ଲୋକଙ୍କ କାମ

■ ଅଡୁଆରେ ଲୋକ, ଅଧିକାରୀଙ୍କଠାରୁ ଶୁଣିବାକୁ ମିଳୁଛି ପ୍ରଥମେ ଆମ କାମ

**କୁତ୍ରା, ୧୨।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟରେ ସାଲତମାମି (ବିଭାଗୀୟ ବାର୍ଷିକ ହିସାବ)ପାଇଁ ଲୋକଙ୍କ କାମ ହେଉ ନ ଥିବା ବେଳେ ସାଧାରଣ ଲୋକେ ଅଡୁଆରେ ପଡି ଯାଇଛନ୍ତି। ପଚାରିଲେ ଆମ କାମ ପ୍ରଥମେ ବୋଲି ଅଧିକାରୀଙ୍କଠାରୁ ଶୁଣିବାକୁ ମିଳୁଛି। ଦୀର୍ଘ ଦୁଇ ମାସ ହେବ କୁତ୍ରା ତହସିଲ କାର୍ଯ୍ୟାଳୟରେ ଜମି ଓ ପ୍ଲଟ ଭଳି ବିଭିନ୍ନ କାମ ହୋଇପାରୁନାହିଁ। ସାଧାରଣ ଜନତା ଦୂରଦୂରାନ୍ତରୁ ନିଜ କାମ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସୁଥିବାବେଳେ ସାଲତମାମି କାମ ପାଇଁ ରାଜସ୍ୱ ନିରୀକ୍ଷକମାନେ ତଥା କାର୍ଯ୍ୟାଳୟର କର୍ମଚାରୀମାନେ ବ୍ୟସ୍ତ ରହୁଥିବା କଥା କହି ଲୋକଙ୍କ କାମ କରାଯାଉ ନ ଥିବା ଅଭିଯୋଗ ହେଉଅଛି । ଏହାଛଡା ମ୍ୟୁଟେସନ ପାଇଁ ମଧ ଲୋକଙ୍କୁ ସମୟ ସୀମା ଭିତରେ ସେବା ଯୋଗାଇ ଦେଉ ନ ଥିବା ଅଭିଯୋଗ ହେଉଅଛି। ଦୀର୍ଘ ୨ମାସ ହେବ ତହସିଲରେ ଜମି ଚିହ୍ନଟ ସାଙ୍ଗକୁ ବହୁ କାମ ହୋଇ ପାରୁନାହିଁ । ଫଳରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏବାବଦରେ କିଛି ତହସିଲ କର୍ମଚାରୀଙ୍କୁ ପଚାରିବାରୁ ବର୍ଷା ଏବଂ ସାଲତମାମି କାର୍ଯ୍ୟ ପାଇଁ ଜମି ଚିହ୍ନଟ ଭଳି କାମ ଗୁଡିକ ବନ୍ଦ ରଖିବା ପାଇଁ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି । ଏବାବଦରେ କୁତ୍ରା ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ସାଲତମାମି ପାଇଁ ସମସ୍ତ ରାଜସ୍ୱ ନିରୀକ୍ଷକ ବ୍ୟସ୍ତ ରହୁଥିବାରୁ ସାଧାରଣ ଜନତାଙ୍କ ପାଇଁ ଜମି ଚିହ୍ନଟ ଭଳି କାମ ଗୁଡିକ ଦୁଇ ମାସ ପାଇଁ ବନ୍ଦ ରଖିଛୁ ବୋଲି ଉତ୍ତର ଦେଇଛନ୍ତି । ହେଲେ ସାଧାରଣ ଜନତା ଏହି ନିର୍ଦ୍ଦେଶ ଯୋଗୁଁ ଅସୁବିଧାରେ ପଡୁଥିବାରୁ କିଛି ମାତ୍ରାରେ କୋହଳ କରି ନିତାନ୍ତ ଜରୁରୀ ଥିବା ବ୍ୟକ୍ତିଙ୍କ କାମ ପାଇଁ ପଦକ୍ଷେପ ନେବା କଥା ବୋଲି ପଚାରିବାରୁ ପ୍ରଥମେ ଆମକାମ ପରେ ସାଧାରଣ ବର୍ଗ ବୋଲି ତହସିଲଦାର ମତ ଦେଇଥିଲେ । କୁତ୍ରା ତହସିଲରେ ଜମି ଚିହ୍ନଟ, ମ୍ୟୁଟେସନ ବିଭିନ୍ନ କାମ ହୋଇ ପାରୁନଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସାଧାରଣ ଜନତାଙ୍କୁ ସୁହାଇଲା ଭଳି ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।